# ଦିଗନ୍ତ

## ଜୁଲାଇ ୨୦୨୨



Photo by Dr Ranjit R Sahu, USA

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଜଗନ୍ନାଥଙ୍କ ସବୁ ଯାତ୍ରା ମଧ୍ୟରୁ ରଥଯାତ୍ରା ସର୍ବଶ୍ରେଷ୍ଠ । ଏହି ସମୟରେ ଶ୍ରୀ ଜଗନ୍ନାଥ ତାଙ୍କର ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ଗୁଣ୍ଡିଚା ମନ୍ଦିରରେ ରହନ୍ତି । ଶ୍ରୀ ଜଗନ୍ନାଥଙ୍କ ଫେରନ୍ତା ଯାତ୍ରାକୁ ବାହୁଡା ଯାତ୍ରା କୁହାଯାଇଥାଏ । ଶ୍ରୀ ଜଗନ୍ନାଥଙ୍କ ରଥକୁ ନନ୍ଦୀଘୋଷ, ବଳଭଦ୍ରଙ୍କ ରଥକୁ ତାଳଧ୍ଵଜ, ସୁଭଦ୍ରାଙ୍କ ରଥକୁ ଦେବ ଦଳନ କୁହାଯାଏ । ସୁଭଦ୍ରାଙ୍କ ରଥରେ ସୁଦର୍ଶନ ମଧ୍ୟ ବିଜେ କରନ୍ତି । ଜଗନ୍ନାଥଙ୍କ ରଥକୁ ହଳଦିଆ କପଡାରେ, ବଳଭଦ୍ରଙ୍କ ରଥକୁ ନୀଳ କପଡାରେ ଓ ସୁଭଦ୍ରାଙ୍କ ରଥକୁ କଳା କପଡାରେ ଆବୃତ କରାଯାଇଥାଏ । ଏହି ତିନି ରଥରେ ଯଥାକ୍ରମେ ୧୬, ୧୪, ୧୨ ଟି ଚକ ଲାଗେ । ପ୍ରତି ରଥର ଚାରିପଟେ ପାର୍ଶ୍ଵ ଦେବତା, ଉପରେ ଋଷି, ମଧ୍ୟରେ ଗନ୍ଧର୍ବ ଏବଂ ଅପସରାମାନେ ରହନ୍ତି । ମୂର୍ତ୍ତି ଗୁଡିକୁ ରଥ ଉପରକୁ ବୋହି ଆଣିବା ପରମ୍ପରାକୁ ପହଣ୍ଡି କୁହନ୍ତି । ପହଣ୍ଡି ପରେ ପୁରୀ ଗଜପତି ମହାରାଜା ରଥକୁ ସୁନା ଝାଡୁରେ ଓଳାଇ ଚନ୍ଦନ ଛିଞ୍ଚନ୍ତି । ତା ପରେ ଭକ୍ତମାନେ ମହା ଆନନ୍ଦରେ ରଥରେ ବସିଥିବା ତିନି ମୂର୍ତ୍ତିକୁ ଗୁଣ୍ଡିଚା ମନ୍ଦିରକୁ ଟାଣି ଟାଣି ନେଇଯାନ୍ତି ।

ଏହି ଅବସରରେ ଭାରତ ତଥା ଭାରତ ବାହାରର ବିଭିନ୍ନ ଅଞ୍ଚଳର ଲୋକେ ଶ୍ରୀକ୍ଷେତ୍ରରେ ରଥାରୂଢ ଶ୍ରୀ ଜଗନ୍ନାଥଙ୍କ ଦର୍ଶନଲାଭ କରି ପବିତ୍ର ହେବା ସଙ୍ଗେ ସଙ୍ଗେ ମୋକ୍ଷ ଲାଭ କରନ୍ତି । ଏଥିପାଇଁ ଏହି ଯାତ୍ରାକୁ ପତିତପାବନ ମହୋତ୍ସବ ମଧ୍ୟ କୁହାଯାଏ । ଶ୍ରୀ ଜଗନ୍ନାଥ ଜଗତର ପ୍ରସିଦ୍ଧ ଠାକୁର । ତାଙ୍କର ଦୈନଦିନ ରୀତି ଅନୁସାରେ ଶ୍ରୀ ଜଗନ୍ନାଥଙ୍କୁ ବିଭିନ୍ନ

ISSN NO.
2582-208X


ପ୍ରକାର ଭୋଗ ଅର୍ପଣ କରାଯାଇଥାଏ । ଅନ୍ୟ ଦେବତାଙ୍କୁ ସର୍ମପିତ ଭୋଗକୁ ପ୍ରସାଦ କୁହାଯାଉଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ଭୋଗକୁ ମହାପ୍ରସାଦ କୁହାଯାଏ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ବିମଳାଦେବୀଙ୍କ ଠାରେ ସମର୍ପଣ କରାଯିବାରେ ତାହାକୁ ମହାପ୍ରସାଦ କୁହାଯାଏ । ଶ୍ରୀମନ୍ଦିରର ବାହାର ବେଢାରେ ଏକ ବିଶାଳ ପାକଶାଳା ଅଛି । ଏହାକୁ ପୃଥିବୀର ବୃହତ୍ତମ ପାକଶାଳା କୁହାଯାଇପାରେ । ସୁଆର ମାନେ ପ୍ରତିଦିନ ଯଜ୍ଞ କାର୍ଯ୍ୟ ପରେ ସେହି ଯଜ୍ଞର ଅଗ୍ନିକୁ ନେଇ ସେହି ଚୁଲିରେ ବ୍ୟବହାର କରନ୍ତି । ଭୋଗ ପାଇଁ ଅନ୍ନ ବ୍ୟଞ୍ଜନାଦି ମାଟି ପାତ୍ରରେ ରନ୍ଧାଯାଏ । ଏଥିପାଇଁ ଏହି ଅନ୍ନକୁ ଅଭଡା କୁହାଯାଏ । ଶ୍ରୀଜଗନ୍ନାଥଙ୍କ ପାଖରେ ଏହି ଅନ୍ନ ବ୍ୟଞ୍ଜନାଦି ସମର୍ପିତ ହେଲାପରେ ଶହ ଶହ ଲୋକ ତାହା କିଣି ଆନନ୍ଦ ମନରେ ଆନନ୍ଦବଜାରରେ ଖାଆନ୍ତି ।

ସ୍ୱୟଂ ଭଗବାନ ଶ୍ରୀ ପୁରୁଷୋତ୍ତମ ମା ଲକ୍ଷ୍ମୀଙ୍କ ସହିତ ଦିବ୍ୟକ୍ଷେତ୍ର ଶ୍ରୀକ୍ଷେତ୍ରରେ ଅବସ୍ଥାନ ପୂର୍ବକ ମାନୁଷୀ ଲୀଳା ପ୍ରକାଶ କରୁଥିବା ସ୍କନ୍ଦ ପୁରାଣରୁ ଜଣାଯାଏ । ଶ୍ରୀ ଜଗନ୍ନାଥଙ୍କ ବିଗ୍ରହକୁ ପ୍ରତିମାରୂପେ ଗ୍ରହଣ କରାଯାଇଥିଲେ ହେଁ, ତାହା ପ୍ରତୀକ ରୂପ ଅଟେ । ଶ୍ରୀ ବିଗ୍ରହଙ୍କର ପ୍ରତୀକତା ତାଙ୍କୁ ବିଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପ୍ରତିମା ରୂପରେ ପ୍ରକଟିତ ହେବାକୁ ସହାୟତା କରେ ।

ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ପାଠକବୃନ୍ଦଙ୍କୁ ଅନେକ ଅନେକ ଶୁଭେଚ୍ଛା । ଆସନ୍ତୁ ଜଗତର ମଙ୍ଗଳ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିବା ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୧ |
| ସୂର୍ଯ୍ୟୋଦୟ ! | ପ୍ରଫେସର ସୁଶାନ୍ତ କିଶୋର ବଳ | ୨୦ |
| ମୁଁ ବଦଳୁଛି | ସସ୍ମିତା ପଟ୍ଟନାୟକ | ୨୩ |
| ହଇହେ ଶୁଣୁଛ | ଡଃ ମାଙ୍ଗଳିକା ମହାପାତ୍ର | ୨୫ |
| ସ୍ମୃତି ଓ ଦ୍ୱିତୀୟ ଭେଟ | ଡକ୍ଟର ବିଜ୍ଞାନୀ ଦାସ | ୨୬ |
| ସମୟ ଚକ୍ରର ଗୋଧୂଳି ବେଳାରେ | ଡ. ମମତା ଏକ୍କା | ୩୭ |
| ଜହ୍ନ ମାମୁଁ | ଡ. ପ୍ରସନ୍ନ କୁମାର ବଳ | ୩୮ |
| ଆହେ ଜଗନ୍ନାଥ ! | ଶଶଧର ମହାପାତ୍ର | ୪୦ |
| ମୁକ୍ତ ସ୍ନାନ | ପୁଷ୍ପାଞ୍ଜଳି ପଣ୍ଡା | ୪୩ |
| ଅଦେଖା ସଂପର୍କ | ଶାନ୍ତିଲତା ମିଶ୍ର | ୪୫ |
| ଭବ ସାଗରକୁ ସେ ଏକା ନାଉରୀ | ଜୟନ୍ତୀ ଦେବୀ | ୫୦ |
| ରାଧାମୋହନ ଚଉତିଶା | ଡ. ଅର୍ଜୁନ ଚରଣ ବାରିକ୍ | ୫୨ |
| ସଜ ସକାଳ | ସଂଯୁକ୍ତା ସାହୁ | ୫୫ |
| ପାରିଜାତ | ଡକ୍ଟର ମଧୁସ୍ମିତା ମିଶ୍ର | ୫୬ |
| ବିଜୁ ପଟ୍ଟନାୟକ | କୁଞ୍ଜବିହାରୀ ରାଉତ | ୬୩ |
| ଜଣେ ବୃଦ୍ଧ ପିତାଙ୍କ ଉବାଚ | ଡ. ଜ୍ଞାନେଶ୍ୱର ମିଶ୍ର | ୬୬ |
| ଅପେକ୍ଷାର ଅନ୍ତ | ପଲିମର ଦାଶ | ୬୮ |
| କୁନ୍ତଳା କୁମାରୀ ସାବତ | ବରଦା ପ୍ରସନ୍ନ ଦାସ | ୭୦ |
| କରୋନା | କୀର୍ତ୍ତି ଦେବୀ | ୭୨ |
| ଶ୍ରୀଭୁଜେଦୟଣା ତୁଳସୀର ମାଳ | ଡଃ ଅଭିମନ୍ୟୁ କାନୁନଗୋ | ୭୩ |
| ମା | ଦଣ୍ଡାସି ପ୍ରଧାନ | ୭୫ |

ISSN NO.
2582-208X


| | | |
|---|---|---|
| ଅପେକ୍ଷା | ଅଳକା ମହାନ୍ତି | ୭୯ |
| କୃଷକ | ବାସନ୍ତୀ ଲତା ଜେନା | ୮୩ |
| ଆମେ ଅଛୁଁ, ନାହିଁ ତ ଜନନୀ | ଗୁରୁକଲ୍ୟାଣ ମହାପାତ୍ର | ୮୫ |
| ଦୀପ୍ତି | ସତ୍ୟନାରାୟଣ ପ୍ରସାଦ ନାୟକ | ୮୮ |
| ଲଳତ ନବନ୍ଧ-ଚଠି | ବଦ୍ରୀ ମହାନ୍ତି | ୯୦ |
| ରଖିବା ଉତ୍କଳ ଟାଣ... | ସସ୍ମିତା ପ୍ରଧାନ | ୯୪ |
| କାଳକା କମଳା ବିମଳା ଶାରଳା | ଅଧ୍ୟାପକ ଅବିନାଶ ବାରିକ୍ | ୯୭ |
| ଉପହାରେ ଦିଅ ଖଣ୍ଡେ ବହି | ଅମୃତନାରାୟଣ ଶତପଥୀ | ୯୯ |
| କୁହୁ ଆଉ ମୋ ଭିତରେ ଅନାବିଳ ପ୍ରେମ | ଅମ୍ବିକା ସ୍ୱାଇଁ | ୧୦୧ |
| ସହାୟତା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୦୩ |
| ହେ ବସନ୍ତ | ରଘୁନାଥ ତ୍ରିପାଠୀ | ୧୦୫ |
| ନାରୀ | ଲୀଳାବତୀ ପରିଡ଼ା | ୧୦୭ |
| ଜୀବନ କ'ଣ ? | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୦୯ |
| ରଜ | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୧୧୧ |
| ପ୍ରତିହିଂସା | ବୈଷ୍ଣବ ମେହେର | ୧୧୨ |
| କହି ସତ୍ୟ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୧୪ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୧୭ |
| ଜୀବନ ର ବାସ | ଆଶୁତୋଷ ମେହେର | ୧୨୨ |
| ସର୍ବଂସହା ଧରିତ୍ରୀ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୨୩ |
| ପରିତ୍ୟକ୍ତା ପାଇଁ ସବୁ  ଛଳନା | ଛବି ରାଣୀ ପତି | ୧୨୭ |
| ରଜ ପର୍ବ ପାଳନର ମହନୀୟତା | ଜୟଶ୍ରୀ ପଟ୍ଟନାୟକ | ୧୨୯ |
| ସିନ୍ଦୁର | ତ୍ରିପତି ପ୍ରଧାନ | ୧୩୪ |

ISSN NO.
2582-208X


| | | |
|---|---|---|
| ବୋଧେ ତୁମ ହୃଦୟରେ<br>ମିଶୁଛି ହୃଦୟ ମୋର | ପ୍ରଣତୀ ରଥ | ୧୩୬ |
| ଭାବ କଳ୍ପରେ କବି | ବେଣୁଧର ସୂତାର | ୧୩୮ |
| ଅମୃତ ମହୋତ୍ସବ, ଭାରତୀୟ<br>ସମ୍ବିଧାନର ଧାରା 348 ଓ ଆମେ | ଗଜାନନ ମିଶ୍ର | ୧୪୦ |
| ମୁଁ ଏକ ଆତ୍ମା | ବିନୋଦିନୀ ଦାଶ | ୧୪୪ |
| ଭଲଲାଗେ | ସୁମିତ୍ରା ପଣ୍ଡା | ୧୪୬ |
| ମହାମନ୍ତ୍ର | ତରୁଣ କୁମାର ଦାସ | ୧୪୯ |
| ଜଗନ୍ନାଥ ଓ ପଶୁପତିନାଥ<br>ଓଡିଶା ଓ ନେପାଳର ସମନ୍ୱୟ | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୧୫୧ |
| ପରୀଟିଏ ହୋଇ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୬ |
| ନାଆଁ ସଙ୍କଟମୋଚନ | ରାଜକିଶୋର ସାଇଁ | ୧୫୮ |
| ହାରିବାନ କେବେ | ଝରଣା ବାରିକ | ୧୬୦ |
| ଉଚ୍ଚ ଗୁଣ ସମ୍ପନ୍ନ ମହିଳା<br>ହେଲେନ କେଲର୍ | ଅସିତ ମହାନ୍ତି | ୧୬୨ |
| ଅଧର୍ମ କରେ ରାଜୁତି | ଅଲେଖ ମେହେର | ୧୬୬ |
| ମୁଉଁ ରହିବିନ ଗାଆଁରେ | ଶିଶିର କୁମାର ପଣ୍ଡା | ୧୬୮ |
| ପରିବେଶ ଦିବସ କବିତା | ଦୀନବନ୍ଧୁ ବେଜ | ୧୭୦ |
| ନାଟକ<br>ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୨ |
| ତୁମ ଚିଠି | ସିଦ୍ଧେଶ୍ୱର ତ୍ରିପାଠୀ | ୧୭୮ |
| ମୋ ବାପା ପରି ସିଏ | ନନ୍ଦିନୀ ରାଉତ | ୧୭୯ |
| ସମ୍ବିଧାନ ପ୍ରଣେତା ଆମ୍ବେଦକର | ଶେଷଦେବ ପଣ୍ଡା | ୧୮୧ |
| ଗୁମ୍ଫା ଗହ୍ୱରର ଗାଥା : ଏଲୋରା | ପ୍ରିୟବ୍ରତ ପାତ୍ର | ୧୮୪ |

ISSN NO.
2582-208X


| | | |
|---|---|---|
| ଅଳପ ପାଠ, ବହୁତ ହାଟ | ଜୟ କୁମାର ମିଶ୍ର | ୧୮୯ |
| ବନୌଷଧି | ଅମରନାଥ ବାରିକ | ୧୯୨ |
| ମା' ଆଙ୍କୁଡାଗୁଣି | ସରୋଜଲକ୍ଷ୍ମୀ ମହାନ୍ତି | ୧୯୭ |
| ମାଆ ତୋ କରୁଣା କରିବୁନ ଊଣା | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୨୦୦ |
| ଜେଜେ | ଅଧର ବିଶ୍ୱାଳ | ୨୦୨ |
| ଦୁହିତା | ଡ. ପ୍ରିୟମ୍ବଦା ସାମଲ | ୨୦୪ |
| ଚର ସ୍ଥାୟୀ ନୁହେଁ କଛି | ପୁଷ୍ପାଞ୍ଜଳି ମିଶ୍ର | ୨୦୬ |
| ମୋ ମା | ପୂର୍ଣ୍ଣିମା ଗୋଛାୟତ | ୨୦୮ |
| ସୁନ୍ଦର ଅକ୍ଷରର ଡାଏରୀ | କୁଞ୍ଜ ବିହାରୀ ସାହୁ | ୨୧୦ |
| ପଙ୍କଜ | ରଶ୍ମିତା ସାହୁ | ୨୧୮ |
| ମଶାଣି | ତପନ ଦୀକ୍ଷିତ (ବେଳାଭୂମି) | ୨୧୯ |
| ମଧୁମୟ ଭାବତତ୍ତ୍ୱ | ସ୍ନିଗ୍ଧା ସାମନ୍ତରାୟ | ୨୨୦ |
| ଧାରେ ହସ | ସୀତାରାମ ଦାଶ | ୨୨୨ |
| ମିଶ୍ରିତ ଶବ୍ଦର ଭାବ ଟିଏ | ଅଜିତ ପାଢ଼ି | ୨୨୮ |
| ମତ୍ସ୍ୟାବତାର | କୃଷ୍ଣ ଚନ୍ଦ୍ର ବାରିକ | ୨୩୦ |
| ଆସ କରିବା ଗୃଷ | ଜୟନ୍ତ କୁମାର ମଲ୍ଲିକ୍ | ୨୩୨ |
| ଅଚହ୍ନା ବନ୍ଧନ (ଧାର୍ବାହିକ) | ଜୟଲକ୍ଷ୍ମୀ ସେଠୀ | ୨୩୩ |
| ଅସମ୍ପୂର୍ଣ୍ଣ | ତପନ କୁମାର ସାହୁ | ୨୩୮ |
| ଫୁଲ | ଦେବାର୍ଚ୍ଚନ ମେହେର | ୨୪୦ |
| ଗ୍ରାମ ପରିକ୍ରମା | ଭବାନୀ ଶଙ୍କର ଦାଶ | ୨୪୨ |
| ଛୋଟ ମୋର ନାଆଟି (ଧାର୍ବାହିକ) | ପ୍ରଫେସର ଅନିତା ପଣ୍ଡା | ୨୪୩ |
| ତୁ ଆଉ ମୁଁ | ଜନ୍ମେଜୟ ନାୟକ | ୨୫୪ |
| କବିତାରେ ତୁମେ | ନିରଞ୍ଜନ ସାହୁ | ୨୫୬ |

ISSN NO.
2582-208X


| | | |
|---|---|---|
| ବର୍ଷା ଯେବେ ଆସେ | ବିଜୟ କୁମାର ସାହୁ | ୨୫୭ |
| ମାଆ ବାପା | ପ୍ରଶାନ୍ତ କୁମାର ନାଥ | ୨୬୦ |
| ଅଜଣା ପଥ | ଦୁଷ୍ମନ୍ତ ବେହେରା | ୨୬୧ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୬୩ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୬୬ |
| ପଥର ବାଣୀ | ନିଲେଶ କୁମାର ଭୋଇ | ୨୬୮ |
| ଇନ୍ଦ୍ର ଦେବତାମାନଙ୍କ ମଧ୍ୟରେ କପରି ଶ୍ରେଷ୍ଠ ସ୍ଥାନ ଅଧିକାର କଲେ | ନରେନ୍ଦ୍ର ପ୍ରସାଦ ବେହେରା | ୨୭୦ |
| ମହୁ | ଅଳକା ବାରିକ୍ | ୨୭୩ |
| ମୋ ମନ କହୁଛି | ସଙ୍ଗୀତା ମହାନ୍ତି | ୨୭୫ |
| ଶାନ୍ତ, ଏକ ପର୍ବ | ଧୀରେନ୍ଦ୍ର କୁମାର ପ୍ରଧାନ | ୨୭୬ |
| ଜୀବନ | ଅନନ୍ତ କୁମାର | ୨୮୦ |
| ପାହାନ୍ତ ପ୍ରେମର ବିଳାପ | ବିଜ୍ଞାନ ରଞ୍ଜନ ସାହୁ | ୨୮୧ |
| ଦୂତୀ ଗ୍ରନ୍ଥ | ରାମ ଚନ୍ଦ୍ର ପ୍ରଧାନ | ୨୮୩ |
| ଟ୍ରେନ ଯାତ୍ରା | ସନ୍ତୋଷ କୁମାର ବେହେରା | ୨୮୫ |
| ହଁ କଛି କଥା ଥିଲା | ଶ୍ରୀ ସତ୍ୟରଞ୍ଜନ ଘିଓ୍ୱାଲା | ୨୮୭ |
| ଅମାନଆ ପ୍ରଶ୍ନ ? | ଚୈତନ୍ୟ ବାଗ | ୨୮୯ |
| ନରୁଦ୍ଦିଷ୍ଟ ଶାନ୍ତ | ଶୁଭ ପଧାନ୍ | ୨୯୧ |
| ମୁଁ ମଲାପରେ | ଶୁଭ୍ରାଂଶୁ ଶେଖର ପାଢ଼ୀ | ୨୯୩ |
| କଠଉ | ସୁବ୍ରତ କୁମାର ପ୍ରଧାନ | ୨୯୫ |
| ରତ୍ନ ବେଦୀ ରୁ ଜନ୍ମ ବେଦୀ– ଦୀର୍ଘ ଦିନର ଯାତ୍ରା | ପ୍ରତାପ ଚନ୍ଦ୍ର ସାହୁ | ୨୯୭ |
| ପୃଥିବୀ | ସୁଜ୍ଞାନ ବାଘ | ୩୦୦ |

ISSN NO.
2582-208X


| | | |
|---|---|---|
| ଗଜଲ୍-ଦିନେ ହୋଇଗଲୁ ମୁହାଁମୁହିଁ | ତାରାପ୍ରସାଦ ଜେନା | ୩୦୨ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୩୦୪ |
| ମାୟା ସଂସାର | ସୁରେଶ କୁମାର ସାହୁ | ୩୦୭ |
| କଲପୁ ଅଛି ମୋ ହୃଦୟ | କୁମର ଲାଲ ରଣା | ୩୦୯ |
| ସ୍ୱପ୍ନ | ଟଙ୍କଧର ସାହୁ (ବବ୍ଲୁ) | ୩୧୦ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ସ୍ୱାସ୍ଥ୍ୟ ପାଇଁ ହିତକାରକ "ଯୋଗ" | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୧୩ |
| **ଆମ ହାଣ୍ଡିଶାଳ** | | |
| ସାହି ମୁଂଗ୍ ଡାଲ୍ | ଦେବଯାନୀ ସ୍ୱାଇଁ | ୩୧୮ |
| କେକ୍ | ଜୟନ୍ତୀ ଦେବୀ | ୩୨୦ |
| ଚଣା ସୁନ୍ଦଲ | ଅଧ୍ୟାପିକା ରୋଜାଲିନ୍ ବା | ୩୨୧ |
| ପଞ୍ଜାବି କଢି | ଅଳକା ବାରିକ୍ | ୩୨୨ |
| **ଆଞ୍ଚଳିକ** | | |
| ଚଇତି ମିଲନ୍ | ସତ୍ୟନାରାୟଣ ମିଶ୍ର | ୩୨୪ |
| ମୋର୍ ମାତୃଭଷା | ଶ୍ୟାମସୁନ୍ଦର କୁମ୍ଭାର | ୩୨୭ |
| ମୋର୍ ଗାଁ ର୍ ନାଁ ଟେମ୍‌ଗ୍ରି | ଚନ୍ଦ୍ରହାସ୍ୟ ସତ୍‌ନାମୀ | ୩୨୯ |
| ଆଏତା କାଏଁ ଫିରି | ବାଙ୍କାବିହାରୀ ମହାକୁର | ୩୩୨ |
| ଶିକ୍ଷା ଆର୍ ସାହିତ୍ୟ | ସୁନୀଲ କୁମାର ଅଗସ୍ତି | ୩୩୫" |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ପଦ୍ମପୋଖରୀର ସଂରକ୍ଷଣ | ଡ଼ଃ ରଞ୍ଜିତ କୁମାର ସାହୁ | ୩୩୭ |
| ଏକ ନଆଁ ମଧ୍ୟାହ୍ନ ଭୋଜନ | ନୀଳମାଧବ ସାହୁ | ୩୪୦ |
| ଟିକେ ହସ କଥା | ଅମରନାଥ ବାରିକ | ୩୪୪ |
| ଗାଆଁକୁ ଯିବା ବୁଲି | ନୀଳମଣି ଚାନ୍ଦ | ୩୪୬ |
| ପ୍ରାକୃତିକ ଥର୍ମୋମିଟର | ରାଧାମୋହନ ପୂଜାହାରୀ | ୩୪୮ |
| ଲଗାଅ ଗଛ | ବିଜୟ କୁମାର ଛାଟୋଇ | ୩୫୧ |
| ବ୍ୟଞ୍ଜନ ବର୍ଣ୍ଣମାଳା | ମୀନାକ୍ଷି ପାଢ଼ୀ | ୩୫୫ |
| କହିଲ ଦେଖି ? | ଦୀନବନ୍ଧୁ ପୋଇ | ୩୫୭ |
| ଚନ୍ଦ୍ର | ଆଦବିକା ପଟ୍ଟନାୟକ | ୩୫୯ |
| ମତାମତ/ସମୀକ୍ଷା | ବେଦାନ୍ତୀ ପରିବାର | ୩୬୦ |
| ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୬୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୬୬ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ

ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ଇ-ପତ୍ରିକା...

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧–ଅଜଣା ଅଞ୍ଚଳର ଡାକ

"ଆପଣଙ୍କର କ୍ୟାମ୍ପବେଲ ବେ ପୋଷ୍ଟିଙ୍ଗ ଆସିଯାଇଛି ।"–ଏ କଥା ଅସୀମଙ୍କୁ ଏକ ନୁଆଁଣିଆ ଅଫିସର କରିଡୋରରେ କୁହାଗଲା । କ୍ୟାମ୍ପବେଲ ବେ ଉପରେ ତାଙ୍କର ଭୌଗଳିକ ଜ୍ଞାନ ସାମାନ୍ୟ ଥିଲା । ସେ କ୍ୟାମ୍ପବେଲ ବେ କୁ ଭଲପାଇବେ । ନୀଳ ଆକାଶ ତଳେ ଆଖି ପାଉନଥିବା ସୁନୀଳ ସମୁଦ୍ର ଆଉ ଗାଢ ସବୁଜ ଅରଣ୍ୟାନୀର ସୌନ୍ଦର୍ଯ୍ୟରେ ବହୁତ କିଛି ଭୁଲି ନିଜକୁ ନୂଆ ଭାବେ ଖୋଜିପାଇବେ–ଏଇଟା ଯୁକ୍ତିଥିଲା ଅନେକଙ୍କର । ଏମିତିଆ ଦାର୍ଶନିକ ଯୁକ୍ତିରେ, ଅବଶ୍ୟ ତାଙ୍କ ଅନୁପସ୍ଥିତିରେ ହୋଇଥିବ, ତାଙ୍କୁ ଖରାପ ଲାଗିବାର ନଥିଲା । ଯାହା ଏ ଭିତରେ ଅନେକ ଅନେକ ଦୂର ହୋଇଯାଇଛି । କେବେ ଭାବିନଥିଲେ ସମୁଦ୍ର ପାର ହୋଇ ଏକ ନୂଆ ଦୁନିଆରେ ପହଞ୍ଚିବେ । ତେଣୁ ଯେତେବେଳେ ଏତେ ଦୂର ଆସିଲେଣି ଆଉ କିଛି ଦୂର ଚାଲିଯିବେ । ଅସୁବିଧା କ'ଣ ଅଛି । ପ୍ରଥମେ ଗାଁରେ ପୋଖରୀ ଆଖି ପାଉନଥିଲା, ପରେ ଚିଲିକା ହ୍ରଦ ଆଖି ପାଇଲାନି, ଆଉ ଏବେ ମହାସାଗର ଆଖି ପାଉନି । ପଛକୁ ଅନାଇଲେ ଚିଲିକା ଏତେ ଛୋଟ ଲାଗୁଛି ଆଉ ଗାଁର ପୋଖରୀ ନଖ ଭଳି ଦେଖାଯାଉଛି । ତେଣୁ ଆଖି ନପାଉଥିବା ମହାସାଗର ଦେଖିଲେ ପରେ ସାଗର ସବୁ ଛୋଟ ଲାଗିବ । ମନ ଭିତରେ ଏଇ ଯୁକ୍ତି ଥିଲା । ତେଣୁ ସେ ମୋଟେ ନିରୁତ୍ସାହିତ ହେଲେନାହିଁ । ଜାହାଜରେ ଶୋଇ ଶୋଇ ତୁମେ କ୍ୟାମ୍ପବେଲ ବେ ପହଞ୍ଚିଯିବ। ଚଅର ଅପ ।

ISSN NO.
2582-208X

"କ୍ୟାମ୍ପବେଲ ବେ ଶେଷ ସୀମା । ଜାଣିଛନ୍ତି ତ । ତା'ପରେ ସାଗର ଆଉ ସାଗର । ଭାରତ ମହାସାଗର ଲମ୍ବିଯାଇଛି ଆଫ୍ରିକାକୁ । ତା'ପରେ ବାଟ ନମିଳଲେ ପାଣି ଗ୍ଭଲିଯାଇଛି ଆଣ୍ଟାର୍କଟିକାକୁ ।"

"ଶେଷ ସୀମା । ପୃଥିବୀ ସରିଗଲା ନା କ'ଣ ?"

"ଭାରତର ଶେଷ ସୀମା । ସମୁଦ୍ର ଭିତରେ ଶେଷରେ ଗୋଟାଏ ଛୋଟ ଦ୍ୱୀପ ମୁଣ୍ଡ ଟେକଛି । ସେଇଟା ଗ୍ରେଟ ନକୋବର ।"

"ମଣିଷ ତ ରହୁଛନ୍ତି । ଅସୁବିଧା ହେବନ ।"

"କିନ୍ତୁ ବହୁତ ବହୁତ କମ । ତୁମେ ଭାବି ନହେଉଥିବା ଭଳି କମ । କିଛି ସେଟଲର । ଆଉ କିଛି ସରକାରୀ ଅଫିସ । ବାସ୍ ସେତିକି ହେଉଛି କ୍ୟାମ୍ପବେଲ ବେ । କୋଷ୍ଟ ଗାର୍ଡର ଏକ ଅଫିସ ତ ଅଛି ଜେଟି କୂଳରେ । ସେଇମାନଙ୍କୁ ନେଇ ଜୀବନ କାଟିବେ ।"

"ଆଉ ଗ୍ଭହିଁଲେ କୁଆଡେ ଯାଇପାରିବେନ ।"

ତାଙ୍କୁ କିନ୍ତୁ କିଛି ଅସୁବିଧା ଲାଗିଲାନ । ସେମାନେ ଯେଉଁଠାକୁ ପଠାଇ ଦିଅନ୍ତୁ । ସେଇଥି ପାଇଁ ସେ ମାନସିକ ସ୍ତରରେ ପ୍ରସ୍ତୁତ ଥିଲେ । କିଛି ବାଧା ନଥିବ । କିଛି ବନ୍ଧନ ନଥିବ । କିଏ ସବୁବେଳେ ସବୁକାମକୁ ଦେଖୁନଥିବ । ଏକ ସ୍ୱାଧିନ, ମୁକ୍ତ ଜୀବନ । ସବୁକିଛି ସମ୍ଭବ କ୍ୟାମ୍ପବେଲ ବେରେ ।

ସେ ଏ ଭିତରେ ଚିଲ୍‌କୁ ଆବିଷ୍କାର କରିଥିଲେ ନିଜ ଭିତରେ । ତାଙ୍କ ନାମିତ ଚିଲ୍ ଏକ ପକ୍ଷୀ ନୁହେଁ । ସେଇଟା ସେ ନିଜ ମନ ପାଇଁ ଆବିଷ୍କାର କରିଥିଲେ । ଗ୍ଭଇଲଡ୍ ଇନ ଲିବରେସନ । ସବୁ ପ୍ରକାରର ବନ୍ଧନରୁ ମୁକ୍ତ ଏକ ଶିଶୁ । କେହି ତା'କୁ ଅଟକାଇ ପାରିବେନ, କେହି ତା'କୁ କିଛି କହିପାରିବେନ । ତା'କୁ କେହି କେବେ ଅଟକାଇବାକୁ ଭାବିପାରିବେନ । ସବୁ ସମ୍ଭବ, ତା' ପାଇଁ ଦୁନିଆ ସବୁବେଳେ ନୂଆ ଦିଶୁଥିବ ।

ISSN NO.
2582-208X

ଆକାଶରେ ବନ୍ଧନହୀନ ହୋଇ ଉଡୁଥିବା ଏକ ପକ୍ଷୀ । କାହାକୁ ଡରିବାର ନାହିଁ । ଏମିତିଆ ନାମ ସେ ନିଜ ପାଇଁ ଭାବି ନେଇଥିଲେ । ତଣ୍ଣେ ଏକ ଉଚ୍ଚ ଆକାଶରେ ଉଡୁଥିବା ପକ୍ଷୀକୁ ଦେଖିନେବା ପରେ କ'ଣ ପାଇଁ ଆଉ କିଛି ଆଶଙ୍କା କରିଥାନ୍ତେ । ସବୁକିଛି ତାଙ୍କ ପାଇଁ ତଳେ ଛୋଟ ହୋଇଯାଇଛି । ସମୁଦ୍ରର ଉତ୍ତୁଙ୍ଗ ଲହଡି ଏକ ଧଳା ରେଖା ହୋଇଯାଇଛି ।

"ଆପଣ କ'ଣ ପାଇଁ ଏଇଠି ରହିଯାଉନାହାନ୍ତି ।"–ଆଉ ଏକ ଯୁକ୍ତି ଥିଲା ।

କଥାଟା କିଛି ଲଜିକାଲି ବା ଯୁକ୍ତି ହିସାବରେ ମୋଟେ ଭୁଲ ନଥିଲା । ସବୁଜିମା ଆକର୍ଷଣ କରିବ । କିନ୍ତୁ ସେ ଚିଲ୍, ଗୁଇଲଡ୍ ଇନ ଲିବରେସନ । ସେ କିଛି ଅନ୍ୟ କଥା ଭାବିପାରିବେନି । ଚିଲ ବା ଇଗଲ, ନାଁ ହିସାବରେ ଏକ ସ୍ୱତନ୍ତ୍ର ପକ୍ଷୀ । ସବୁଠାରୁ ଉଚ୍ଚକୁ ସେ ଉଡିଯିବ । ସେ ପକ୍ଷୀକୁ କିଛି ପିଞ୍ଜରାରେ ରଖି ପାରିବେନି । ଆଉ ନିଜ ମନ କଥା ଛାଡନ୍ତୁ, ସ୍ୱପ୍ନରେ ତାଙ୍କର ସେମିତି କିଛି ଇଚ୍ଛା ମଧ୍ୟ ନଥିଲା । କିଛି ଦର୍ଶନହୀନ ଚେଷ୍ଟା କରିବା ଅର୍ଥ ହେଉଛି ନିଜ ସ୍ୱାଧିନତା କାହା ହାତକୁ ଟେକିଦେବା । ସେ ସେଲୁଲାର ଜେଲର କାଳ କୋଠରୀ ବା ଘରେ ଝୁଲୁଥିବା ପିଞ୍ଜୁରୀ, ଏ ଦୁଇଟା ଭିତରେ କିଛି ପ୍ରଭେଦ ଦେଖୁନଥିଲେ । ଗୋଟିଏ ପଥର କାନ୍ଥ ଭିତରେ ବନ୍ଦ । ସେଇଠୁ ତୁମକୁ କିଛି ଦିଶିବନି ଆଉ ଗୋଟିଏ ଲୁହାର ପାତିଆ ଭିତରେ ବନ୍ଦ । ନିଜ ହିସାବରେ କିଛି ଦେଖିପାରିବନି । ଆଉ କାହା ହିସାବରେ ଦେଖିବ ଆଉ କାହା କଥାକୁ ଦୋହରାଇ ଗାଉଥିବ । ସେ ଯେଉଁଠି ଟାଙ୍ଗିଦେବ ସେଇ ହିସାବରେ କାନ୍ଥ ସବୁ ଦେଖିବ । ତେଣୁ ସେଇଟା ସବୁବେଳେ ଭଲ ଲାଗିବନି । ଆମ୍ଭ ନାହିଁ । ସେଇଠି ଇଗଲ ପକ୍ଷୀର ଆକାଶଚୁମ୍ବୀ ସ୍ୱାଧିନତା କାହିଁ? ତେଣୁ ସେ ବିଷୟରେ ମୋଟେ ଯୁକ୍ତି କରିନଥିଲେ । ସେଇ ପୁରୁଣା ଡେଫିନେସନ ତାଙ୍କର ମନେ ପଡୁଥିଲା । ଚିଲ୍ ବା ଗୁଇଲଡ୍ ଇନ ଲିବରେସନ । ଆଣ୍ଡାମାନରେ ତାଙ୍କୁ ଲିବରେସନ ଦରକାର । ସେ ନୂଆ ଆକାଶକୁ ଭୂମିରୁ ଉଡିଯିବେ । ଏଇଠୁ ତ ପ୍ରଥମେ ଭାରତର ନୂଆ ଦୁନିଆ ତିରଙ୍ଗା ପତାକାର ଉତ୍ତୋଳନ ସହ ଆରମ୍ଭ ହୋଇଥିଲା । ଆଣ୍ଡାମାନର ଭୂମିରେ ଠିଆ ହୋଇଥିବା ହେତୁ ତାଙ୍କର ମୁଣ୍ଡ ଉଚ୍ଚ ହୋଇଗଲା ଆଉ ସେ ଟିକିଏ ଦାଗ ପଡିନଥିବା ଆକାଶକୁ ଅନାଇ ରହି ନୀଳିମା ମାପିଲେ ।

ISSN NO.
2582-208X

"କିଛି ନକହି ଚାଲିଯିବେ ।"-ପୁଣି ଆଉ ଏକ ସ୍ୱର କରିଡରରୁ ଆସିଥିଲା ।

ସେ ମୁଣ୍ଡ ହଲାଇଲେ । ତାଙ୍କ ମୁଣ୍ଡରେ ଥିବା ବାଳଗୁଡା ଏକ ହଲିଯାଉଥିବା ବଡ ନଡିଆଗଛର ଚଅଁର ଭଳି ହଲୁଥିଲା । ସେ ମନେମନେ ହସିଲେ । ନଡିଆ ଗଛର ଚଅଁର ଭଳି ଏକ ତରୁଣ ଜୀବନରେ ଆଡଭେଞ୍ଚର ନଶା ଥାଏ । ସେଇଠି ବାଦ ଆଉ ପ୍ରତିବାଦରେ ଜୀବନକୁ ଛୋଟ କରିଦେବାର କିଛି ମାନେ ନଥାଏ । ତେଣୁ ଆଗରେ ଥିବା ନୀଳ ଆକାଶ ଆଉ ନୀଳ ସମୁଦ୍ରର ଢେଉ ଭିତରକୁ ତାଙ୍କର ଏଇକ୍ଷିଣା ଚାଲିଯିବାକୁ ମନେ ହେଉଥିଲା । ଆଖି ପାଇବନ ଭାରତ ମହାସାଗର, ନୀଳ ଢେଉ ପାଦତଳ ଚୁମୁଥିବ । ସେଇ ବାଟଦେଇ କେତେ ଯାତ୍ରା କରିଥିବେ ଅଜଣା ଅନୁସନ୍ଧାନୀମାନେ । ଆଉ ଏକ ନୂତନ ଯାତ୍ରା ଆରମ୍ଭ ହେଉ । ଆକାଶକୁ ଉଡିଯାଇ ତଳକୁ ଅନାଇଲେ ଅବଶ୍ୟ ରାସ୍ତା ଦେଖାଯିବ । ସେଇଟା ଦେଖିହେବ କେବଳ କ୍ୟାମ୍ପବେଲ ବେରୁ । ତାଙ୍କ ଛାତିରେ ଏକ ତାଜା ପବନର ଆଶ୍ୱାସନା ଭରିଯାଇଥିଲା ।

"ଭାବୁଛି ଚାଲିଯିବି । ଏଇ ଦିନେ ବା ଦୁଇଦିନ ମଧ୍ୟରେ । ପ୍ରଥମ ବୋଟ ସହ ଆମେମାନେ ଯାତ୍ରା କରିବୁ ।"- ସେ ଶେଷରେ ଛେପ ନଢୋକ କହିଲେ ।

ତାଙ୍କର ଏ ନିଷ୍ପତ୍ତି ପରେ ଆଉ କାହାର କିଛି କହିବାର ନଥିଲା । ନୁଆଁଣିଆ କରିଡୋରରେ ଆଲୋକ ହଳଦିଆ ଥିଲା, ଆଗକୁ ପବନ ଗମ୍ଭୁରିଆ ହୋଇଥାନ୍ତା ଆଉ ପାଦ ଭାରି ଲାଗୁଥାନ୍ତା। ତେଣୁ ସାଙ୍ଗେସାଙ୍ଗେ ତାଙ୍କୁ ଅନେକ କିଛି ତଥ୍ୟ ସଂଗ୍ରହ କରିନେବାକୁ ପଡିବ । ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହରେ ଯାତ୍ରା ପାଣିରେ । ରାଜ ରାସ୍ତାରେ ଗାଡି ଗଲାପରି ଏଠି ସବୁବେଳେ ବୋଟ ବା ଛୋଟ ଜାହାଜ ଚାଲେନ । ଆର୍ନ୍ତଦ୍ୱୀପ ଯାତାୟାତ ପାଇଁ ଛୋଟ ଜାହାଜମାନଙ୍କର ବନ୍ଦୋବସ୍ତ ଅଛି । ସେହି ଜାହାଜମାନ ସପ୍ତାହ ବା ଦୁଇ ସପ୍ତାହରେ ଥରେ ଥରେ ଦ୍ୱୀପ ଦ୍ୱୀପ ମଝିରେ ଚାଲେ । ସପ୍ତାହରେ ଥରେ ଜାହାଜ ପୋର୍ଟବ୍ଲେଆରରୁ କ୍ୟାମ୍ପବେଲ ବେ କୁ ଯାଏ । ସମୁଦ୍ର ଯାତ୍ରା ବେଶି ସମୟ ନଏ, ଯିବା ପାଇଁ ଦୁଇଦିନ ଆଉ ଦୁଇରାତି ପ୍ରାୟ ଲାଗେ । ରାସ୍ତାରେ ତିନି ଚାରି ଜାଗାରେ ଜାହାଜ ଅଟକେ । ଏମିତି ନୁହେଁ ପାସେଞ୍ଜର ଟ୍ରେନ ଅଟକିଲାପରି ଅଧଘଣ୍ଟା ବା ପନ୍ଦର ମିନଟ । ଏହା ସାଧାରଣତଃ ଚାରି ପାଞ୍ଚଘଣ୍ଟା ରୁ ଆରମ୍ଭ କରି ବାର ଘଣ୍ଟା ପର୍ଯ୍ୟନ୍ତ ହୋଇପାରେ । ରାସ୍ତାରେ ହଟ ବେ, କାର

ISSN NO.
2582-208X

ନକୋବର, କାମୋର୍ଟା, କଚ୍ଛାଲ, କୁଣ୍ଡୁଲ ଇତ୍ୟାଦି ଯାଗରେ ଜାହାଜ ଅଟକେ । କାର ନକୋବରରରେ ଜେଟି ନାହିଁ । ଜାହାଜ ମଝି ସମୁଦ୍ରରେ ଅଟକବ । ସେଇଠୁ ପଣ୍ଟୁନ ବା ଫ୍ଲୋଟରରେ ଲୋକେ ପ୍ରାୟ ଦୁଇ କଲୋମିଟର ରାସ୍ତା ପାଣିରେ ପାରହୋଇ କାର ନକୋବରରେ ଲୋକେ ପହଞ୍ଚିବେ । କାମୋର୍ଟା ଆଉ କଚ୍ଛାଲରେ ଜେଟି ଅଛି । ସବୁଠାରୁ ବଡ ଜେଟି ଅଛି ଗ୍ରେଟ ନକୋବରରେ, ଯାହାର ସହର ନାମ ହେଉଛି କ୍ୟାମ୍ପବେଲ ବେ । ସେଇ ଦ୍ୱୀପ ନକୋବର ଦ୍ୱୀପ ସମୂହର ସବୁଠାରୁ ବଡ ଦ୍ୱୀପ । ସେଇଠାକୁ ଅସୀମ ଆଉ ଦିନ କେଇଟାରେ ଚାଲିଯିବେ ।

ଅନେକ ଛୋଟ ବଡ ତଥ୍ୟ କ୍ୟାମ୍ପବେଲ ବେ ଉପରେ ମିଳଗଲା । ଆଣ୍ଡାମାନ ଦ୍ୱୀପପୁଞ୍ଜରୁ ଲୋକେ ଏତେ ଦୂର ଯିବାକୁ ଡରନ୍ତୁ । କଏ ଯାଇ ସେଠି କାମ କରିବ ? ଖବର କଛି ମିଳୁନ। ଫୋନ ପ୍ରାୟ କାମ କରୁନ । ଅଫିସରେ ଖବର ଓୟାରଲେସ ମ୍ୟାସେଜରେ ପଠାଯିବ । ଚାହିଁଲେ ପୋର୍ଟବ୍ଲେୟାର ଆସିବା କଷ୍ଟ । ଜାହାଜରେ ସିଟ ମିଳବା କଷ୍ଟ । ଖାଇବାକୁ ପରିବା ପନ ମିଳେନ । ବେଶି ଖାଇବା ଜିନଷ ମିଳବନ । ଔଷଧ ସବୁବେଳେ ପର୍ଯ୍ୟାପ୍ତ ପରିମାଣରେ ନାହିଁ । କଛି ଏଣ୍ଟରଟେନମେଣ୍ଟର ବ୍ୟବସ୍ଥା ନାହିଁ । ଏମିତି ଗଭୀର ପାଣିରେ ନଜ ଓଜନରେ ବୁଡିଯାଉଥିବା ଖବରମାନ କାହାକୁ ପାଣିରେ ଦାବିଦେବ । ତାଙ୍କ ମନ ଭିତରେ ଚଲ୍ ନଦୌଡୁଥିଲେ ସେ ଚମକ ପଡିଥାନ୍ତେ । ଆକାଶରେ ଏକ ବଡ ପକ୍ଷୀକୁ ଉଡିବାର ଅଛି । ମେନଲଣ୍ଡରୁ ଆସି ଏକଦମ ଶୂନଶାନ ଜାଗାରେ ରହିପାରିନଥାନ୍ତେ । ଲାଇଟ ସବୁଆଡେ ଜଳୁଥିବା ଜାଗାରୁ ପ୍ରାୟ ଅନ୍ଧାର ଦ୍ୱୀପରେ ପହଞ୍ଚିଲେ ନୀରବ ଲୋକବସତି ଦେଖି ହୃଦକମ୍ପ ହୋଇଥାନ୍ତା ।

ଏଠି କ୍ୟାମ୍ପବେଲ ବେ କହିଲେ ଗ୍ରେଟ ନକୋବର ଦ୍ୱୀପକୁ ଲୋକେ ସାଧାରଣ ଭାବେ ଜାଣନ୍ତୁ। ସଂମ୍ପୂର୍ଣ ନକୋବର ଭୂଖଣ୍ଡ ୧୯ଟି ଦ୍ୱୀପକୁ ନେଇ ବିଭକ୍ତ । କାର ନକୋବର, ଚୌରା, ତିଲଙ୍ଗଚଙ୍ଗ, ବାମ୍ପୋକା, କାମୋର୍ଟା, ଟ୍ରିଙ୍କେଟ, ନାନକୌରୀ, କଚ୍ଛାଲ, ପୁଲୋ ମିଲୋ, ଲିଟିଲ ନକୋବର, କୋବ୍ରା, କୋଣ୍ଡୁଲ, ଗ୍ରେଟ ନକୋବର ଆଦି ଦ୍ୱୀପକୁ ନେଇ ଏ ଦ୍ୱୀପ ପୁଞ୍ଜ ଗଠିତ । ଶୋମ୍ପେନମାନେ ଗ୍ରେଟ ନକୋବର ଦ୍ୱୀପରେ ରୁହନ୍ତୁ ଆଉ ସେମାନେ ନକୋବରୀଙ୍କ ଠାରୁ ଅନେକ ଭିନ୍ନ ।

ISSN NO.
2582-208X

ଶୋମ୍ପେନ ଆଉ ନିକୋବରୀଙ୍କ ଭିତରେ ଆଗରୁ ଲଢେଇ ଝଗଡା ଥିଲା । ଏଇଟା କାଳେ ବହୁ ଦିନର । ଏବେ ବୋଧେ ହେଉନାହିଁ । ଗ୍ରେଟ ନିକୋବରରେ ନିକୋବରୀଙ୍କ ସଂଖ୍ୟା କମ । ଶୋମ୍ପେନମାନଙ୍କ ଆକ୍ରମଣର ଡର ଯୋଗୁ ନିକୋବରୀମାନେ ମଧ୍ୟ ଏକ ଯାଗାରେ ବେଶି ଦିନ ରହୁନଥିଲେ । କୁହାଯାଉଛି ପ୍ରଥମେ ମାଲୟ ଲୋକମାନେ ଏ ଦ୍ୱୀପକୁ ଆସିଗଲେ ଆଉ ଏଠି ରହିଗଲେ । ପରେ ମଙ୍ଗୋଲଏଡ ରେସର ଇଣ୍ଡୋ ଚୀଇନିଜ ଲୋକମାନେ ଏ ଦ୍ୱୀପ ଆଉ ଅନ୍ୟ ଦ୍ୱୀପକୁ ଆସିଲେ । ସେମାନଙ୍କ ସଂଖ୍ୟା ଅଧିକ ଆଉ ବେଶି ଶକ୍ତିଶାଳୀ ଥିଲେ । ଫଳରେ ପ୍ରଥମର ମାଲୟ ଲୋକମାନେ ଜଙ୍ଗଲ ଭିତରକୁ ଚାଲିଗଲେ । ସେମାନଙ୍କୁ ଶୋମ୍ପେନ କୁହାଗଲା । ଗ୍ରେଟ ନିକୋବରୀମାନେ ନିଜକୁ 'ହୋଲଚୁ' କୁହନ୍ତି । ଏହାର ଆକ୍ଷରିକ ଅର୍ଥ ହେଉଛି ବନ୍ଧୁ ।

ଏ ଜଙ୍ଗଲରେ ଅଛନ୍ତି ଅଜଗର ବା ରେଟିକୁଲେଟେଡ ପାଇଥନ । ଅନେକ ପ୍ରକାରର ମାଛରଙ୍କା ଚଢେଇ ଏଠାରେ ମିଳନ୍ତି । ନିକୋବରୀ ପିଜନ, ପାଇଡ ଇମ୍ପେରିଆଲ ପିଜନ ମିଳଥାନ୍ତି । ଜଙ୍ଗଲଟା କୁଆଡେ ଅଭେଦ୍ୟ । ବର୍ଷାବନ ତ ଏମିତି ସବୁଆଡେ ଘଞ୍ଚ ହୋଇଥାଏ । ଆକାଶରୁ ବର୍ଷା ଝରିପଡୁଥାଏ ଆଉ ଗଛର ଅଗମାନ ବର୍ଷା ଜଳକୁ ସବା ଆଗରୁ ଛୁଇଁବାକୁ ଦୌଡ ଲଗାଇଥାନ୍ତି । ଗୁଳ୍ମଠୁ ଆରମ୍ଭ କରି ଗଛମାନଙ୍କର ବଡ ହେବା ପାଇଁ ପ୍ରବଳ ଚେଷ୍ଟା ଥାଏ ।

ଏମିତି ସେ ବହୁ ତଥ୍ୟ ସଂଗ୍ରହ କରିନେଲେ ।

କିନ୍ତୁ ସତରେ ଏକ ଛୁଆକୁ ଦୁନିଆ ସବୁବେଳେ ଚ୍ୟାଲେଞ୍ଜିଙ୍ଗ ବା ଉଦ୍ଦୀପନାରେ ଭରା ଥିବା ଭଳି ତାଙ୍କୁ ବହୁ ଦୂରର ଖବର କିଛି ଭୟଙ୍କର ଲାଗିଲାନି । ଲୋକମାନଙ୍କର ଡରର କଥା ! ଅସୁବିଧା, ସବୁକଥା ତାଙ୍କୁ ଖେଳକଥା ପରି ଲାଗୁଥିଲା । ସମସ୍ତେ ଡରପୋକ । ଏକ ନୂଆ ଆହ୍ୱାନ ବା ଚ୍ୟାଲେଞ୍ଜ ନେବା ଜାଣି ନାହାନ୍ତି । ତେଣୁ ତାଙ୍କୁ ଖରାପ ଲାଗିବ କାହିଁକି ?

"ନୀଳ ଆକାଶ ତଳେ ସବୁଜ ଜଙ୍ଗଲର ରଙ୍ଗ ଚମତ୍କାର ଲାଗେ । ସେଇଠି ସେ ସବୁ ଭଲକରି ଦେଖିନେବି । ଗଛ ଅଗକୁ ଡେଇଁକରି ଛୁଇଁନେବି ।"– ଏମିତି ଅସୀମ ଭାବିଲେ ।

ISSN NO.
2582-208X

"ନିକୋବର ଗ୍ରୁପରେ କୋରାଲ ସବୁଠାରୁ ସୁନ୍ଦର । ମେରାଇନ ନ୍ୟାସନାଲ ପାର୍କର କୋରାଲଠାରୁ ସୁନ୍ଦର କୋରାଲ ଅଛି କ୍ୟାମ୍ପବେଲ ବେରେ । ଓ୍ୟାନ୍ଦୁରର କୋରାଲ ଦେଖିବା ପାଇଁ ଲୋକେ କେଉଁଆଡୁ କେଉଁଆଡୁ ଆସନ୍ତି । ଏମିତି ସୁନ୍ଦର କୋରାଲ ଦେଖିବାକୁ ସୁଯୋଗ ମିଳିବ ।"– ସେ ନିଜକୁ କହିଲେ । ତାଙ୍କ ମୁହଁ ଖୁସିରେ ଉଜ୍ଜ୍ୱଳ ହୋଇଉଠିଲା । ସେ ନୀଳ ସମୁଦ୍ରରେ ନାଚୁଥିବା ଢେଉମାନଙ୍କ କଥା ଭାବିଲେ । ତାଙ୍କୁ କୋରାଲର ଫୁଲମାନ ଦେଖାଗଲା ।

"ଏକ ପ୍ରବାଳ ଦ୍ୱୀପ ତିଆରି କରିନେବି । ମୋ ପାଇଁ ଏକ ରଙ୍ଗବୋଳା ଗ୍ରେଟ ବ୍ୟାରିଅର ରିଫ ତିଆରି ହେବ ।"– ସେ ପୁଣି କହିଲେ ନିଜକୁ ନିଜେ । କରିଡରରେ ଆଲୋକ ତାଙ୍କୁ ଉଜ୍ଜ୍ୱଳ ହୋଇଗଲା ପରି ଲାଗିଲା ଆଉ ତାଙ୍କୁ ଖୁସି ଲାଗୁଥିଲା ।

ଏ ଭିତରେ ସ୍ତ୍ରୀର ନାମନେଇ ତାଙ୍କୁ ଏକ ପ୍ରେମିକା ମିଳିଯାଇଥିଲା । ସଂନ୍ଧ୍ୟାରେ ସେ ଆଉ ଶୋଭନା ଅର୍ଥାତ ତାଙ୍କର ସେତେବେଳର ଏକ ନୂଆ ପ୍ରେମିକା ସହ ରାସ୍ତାରେ ଯୋଡିହୋଇ ଚାଲୁଥିଲେ । ଶୋଭନା ତାଙ୍କୁ ହାତକୁ ଜୋରରେ ମୁଠାଇ ଧରି ବାହାହୋଇ କେଉଁ ସୁଦୂର ଭାରତର ଏକ ମୁଖ୍ୟ ଦେଶରୁ ଆସିଥିଲେ । କିନ୍ତୁ ବାହାହେଲାପରେ ସେ ଏକ ପ୍ରେମିକା ଭଳି ବ୍ୟବହାର କରୁଥିଲେ । ସେଇଟା କ'ଣ ପାଇଁ କେଜାଣି ? ଡେଫିନେସନ ହିସାବରେ ଝିଅ ହେବା ସତ୍ୱେ ସ୍ତ୍ରୀ ଆଉ ପ୍ରେମିକା ଅଲଗା । ସେ ସାମାନ୍ୟ ସିନ୍ଦୁର ଲଗାଉଥିଲେ । ହାତରେ ଲାଲ ଶଙ୍ଖା ପିନ୍ଧୁଥିଲେ । କିନ୍ତୁ ଏକ ତରୁଣୀ ହେବା ହେତୁ ବେଶି ପ୍ରେମିକା ଲାଗୁଥିଲେ ଆଉ କମ ସ୍ତ୍ରୀ ଲାଗୁଥିଲେ । ସେମାନେ ଏମିତି ବ୍ୟବହାର କରୁଥିଲେ ଯେ ଏଇ ଆଣ୍ଡାମାନରେ ଦୁହେଁ ଚାକରୀ କରି ସାକ୍ଷାତ କରିଛନ୍ତି ଆଉ କ୍ୟାମ୍ପବେଲ ବେ ଏକ ଲଙ୍ଗ ଟ୍ରିପରେ ସାଙ୍ଗହୋଇ ଯାଉଛନ୍ତି । ଶୋଭନା ଅବଶ୍ୟ ଆଣ୍ଡାମାନ ବିଷୟରେ ପୂର୍ଣ ଅଜ୍ଞ ଥିଲେ । ଅସୀମ ଜାଣିକରି ତାଙ୍କୁ ବହୁ କଥା କହି ନଥିଲେ । ଅନେକ କଥା ଶୁଣିଲେ ତ ଜଣେ ଆପେ ଡରିଯିବ । ପ୍ରେମିକାକୁ ବହୁତ କଥା ଜାଣିକରି କୁହାଯାଏନା । ସବୁବେଳେ ସତ କଥା କହିଦେଲେ ପ୍ରେମ ଫିକା ପଡିଯିବ । ସବୁବେଳେ କଥାର ପ୍ରାନ୍ତର ଏକଦମ ସବୁଜ ରହିଥାଉ । ସେଥିରେ କିଛି କଣ୍ଟା ଗଛ ରହିଲେ ହୁଏତ ପାଦରେ କଣ୍ଟା ଫୁଟିଯିବ । ଆଉ କଣ୍ଟା ବାହାର କରୁକରୁ ରୋମାଣ୍ଟିକ କଥା କହିବାର ମୁହୁର୍ତ୍ତମାନ ସରିଯିବ । ତେଣୁ ଅସୀମ ନିଜକୁ ବହୁତ ସଞ୍ଜତ କରି ରଖିଥିଲେ ।

ISSN NO.
2582-208X

"ଆଃ । ଆଣ୍ଡାମାନରେ ମୋର ପ୍ରଥମ ଦିନ । ପ୍ରକୃତ ଗ୍ଭକରୀର ପ୍ରଥମ ଦିନ ।"– ଅସୀମ ନିଜକୁ ନିଜେ କହିହେଲେ । ନିଜକୁ ସଂଜତ କରିବା ସତ୍ତ୍ୱେ କଥାଟା ମୁହଁରୁ ବାହାରି ଆସିଲା। ସେ ନିଜକୁ ବୁଝାଇଲେ । ଆଣ୍ଡାମାନଠାରୁ ନିକୋବର ବହୁତ ଭଲ, ସେଇଟା ଶୋଭନା ତାଙ୍କ କଥାରୁ ଜାଣିବେ । ନିକୋବରରେ କିଛି ବିପଦ ନାହିଁ । ଆଣ୍ଡାମାନରେ ଜାରୱାଙ୍କର କଳା ତୀର ତ ଅଛି ।

ସେଦିନ ସେ ଜାରୱାଙ୍କ ତୀରରେ ମରିଥିବା ଲୋକଙ୍କୁ ନିଜର ଫୁଲିଯାଉଥିବା ଆଖିରେ ଦେଖିଥିଲେ । ସରକାରୀ ଡାକ୍ତରଖାନାରେ ପହଞ୍ଚିଲାବେଳକୁ ଲୋକମାନେ ଗହଳ କରିଥିଲେ। ପୂର୍ବ ରାତିରେ ଆକ୍ରମଣ ହୋଇଥିଲା । ଆର୍ମଡ ଗାର୍ଡ ଥିବା ସତ୍ତ୍ୱେ ଆକ୍ରମଣ ହୋଇଥିଲା ଜିରକାଟାଙ୍କରେ । ସେମାନଙ୍କୁ ବାମ୍ବୁଫ୍ଲାଟ ଡାକ୍ତରଖାନାକୁ ଅଣାଯାଇଥିଲା । ଅନେକଙ୍କ ଦେହରେ ତୀର ଲାଗିଥିଲା । ଡାକ୍ତର ଅପରେସନ କରି କାଢିବେ । କିନ୍ତୁ ଦୁଇଜଣଙ୍କ ଦେହରେ ତୀର ଲାଗିଥିଲା । ଅସୀମଙ୍କ ଆଖିପତା ପଡି ଖୋଲିବା ସତ୍ତ୍ୱେ ସେମାନେ ଆଖି ମୋଟେ ଖୋଲିବେ ନାହିଁ । ଦେହରେ ଏତେ ରକ୍ତ ଲାଗିଥିବା ସତ୍ତ୍ୱେ ସେମାନଙ୍କୁ ଷ୍ଟ୍ରେଚରରେ ଶୁଆଇ ଦିଆଯାଇଥିଲା । ସେତେବେଳେ ସେ ବୁଝିପାରିନଥିଲି ଏସବୁ ହେଉଛି କ'ଣ ପାଇଁ? କ'ଣ ପାଇଁ ଘନ ଜଙ୍ଗଲକୁ ଖୋଲଦେଉଥିବା ଆଉ କଠିନ କାମ କରୁଥିବା ଲୋକଙ୍କୁ ଏଠାକାର ବାଙ୍ଗର କଳାକଳା ଆଦିମ ଅଧିବାସୀମାନେ ତୀର ମାରି ମାରି ଦେଉଛନ୍ତି । ଅନେକ ସଂଘର୍ଷର କଥା ସେ ନିଜେ ଜାଣନଥିଲେ ।

ସେମିତି ଆଣ୍ଡାମାନରେ ଆଣ୍ଡାମାନ ଫିଭରରେ ଲୋକେ ସାଙ୍ଗେ ସାଙ୍ଗେ ମରିଯାଆନ୍ତି କୁଆଡେ। ତାଙ୍କର ଜଣେ ଜଣାଶୁଣା ଟୋକା ଫରେଷ୍ଟର ହଠାତ୍ ଜଙ୍ଗଲରୁ ଫେରିଆସି ଜ୍ୱରରେ ମରିଗଲା । ଟୋକାଟାକୁ ମୋଟେ ପଚଶି ଛବିଶି ବର୍ଷ ବୟସ । ଏ ବୟସରେ କେହି ମରିଯିବାଟା କେମିତି ଅସ୍ୱାଭାବିକ ଲାଗୁଥିଲା । ତା' ଦେହରେ ଦୁଇଦିନ ଜ୍ୱର ସହ ଲଢେଇ କରିବା ପାଇଁ କ୍ଷମତା ନଥିଲା । ଏଠି ନୀଳ ସମୁଦ୍ର ଭିତରେ ଲୋକମାନେ ବୋଟନେଇ ଅଥଳପାଣି ତଳକୁ କୋରାଲ ଖୋଜିବାକୁ ଯାଇ ଆଉ ଫେରନ୍ତିନି । ପ୍ରେମରେ ସଫଳତାରୁ ଟିକେ ପଛୁଆ ରହିଯାଉଥିବା ତରୁଣ ତରୁଣୀମାନେ ବଡ ବୋଟରୁ ନୀଳପାଣିକୁ ଲମ୍ଫ ଦେଇ ପାଣିରେ ମୋଟେ ନପହଁରି କୁଆଡେ ବୁଡିଯାଆନ୍ତି । ବୋଧହୁଏ କୋରାଲ ସମୁଦ୍ରରେ ରଙ୍ଗ ମାଛ ହୋଇଯାଉଥିବେ । ପ୍ରେମ ସବୁବେଳେ ରଙ୍ଗୀନ ରୁହେ । କୋରାଲ

ISSN NO.
2582-208X

ଫୁଲର ରଙ୍ଗ ଆଗରେ କେଉଁ ମଣି ମାଣିକ୍ୟ ସରି ହେବନାହିଁ । ଏମିତିଆ କେତେ କଥା ଥିଲା ଆଣ୍ଡାମାନର ରାସ୍ତାରେ, ନୀଳ ପାଣିରେ ଆଉ ଆକାଶରୁ ଝରିପଡୁଥିବା ବର୍ଷାରେ ।

"କ୍ୟାମ୍ପବେଲ ବେ ରେ ଏମିତି ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳବନି । ସେଠି ଲୋକ ଲୋକ ଭିତରେ ଏମିତି ମରଣାନ୍ତକ ସଂଘର୍ଷ ନାହିଁ । ତେଣୁ ସବୁଆଡେ ଭଲରେ ବୁଲିହେବ । ଶୋଭନାଙ୍କୁ ନୀଳ ସମୁଦ୍ରର ଧଳା ଢେଉ ଭଲ ଲାଗିବ ।"–ଅସୀମ କହିଲେ । ଆଉ ଶୋଭନାଙ୍କ ମୁହଁରୁ କଳାଛାଇ ହଟୁଥିବାର ସେ ଲକ୍ଷ୍ୟ କରୁଥିଲେ ।


କ୍ୟାମ୍ପବେଲ ବେ ଯିବା ପୂର୍ବରୁ ଆଣ୍ଡାମାନରେ ସେ ଶୁଣିଥିବା, ଜାଣିଥିବା, ଅଙ୍ଗେ ନଭାଇଥିବା ଅନେକ କଥା ଶୋଭନାଙ୍କୁ କହିଥିଲେ । ଗୁଆଗଛ ପଛରେ ବଢୁଥିବା ଜଙ୍ଗଲ ଭିତରେ ଅନେକ ଦୈନନ୍ଦିନ ଜୀବନର ସଂଘର୍ଷର କାହାଣୀ ତାଙ୍କୁ କେମିତି ଲାଗିଥିବା କେଜାଣି? ଏଠାକାର ଗ୍ରାଲି ଚଳଣି ଅବଶ୍ୟ ତାଙ୍କୁ ଅଲଗା ଲାଗୁଥିଲା । ଲୋକଙ୍କର ଖାଇବାଟା ପୁରା ଭିନ୍ନଥିଲା ତାଙ୍କ ଜାଣିବାର ଚଳଣିରୁ । ଏଠି ତାମିଲମାନେ ବେଶି ଖଟା ଖାଇଲା ବେଳକୁ ମାଲାୟାଲୀମାନେ ସବୁଥିରେ ନଡିଆ ପକାଉଥିଲେ । ଏସବୁ ଖାଇବା ତାଙ୍କୁ ଅଲଗା ଲାଗିବାର କଥା । ତାଙ୍କ ଜାଗାରେ ତରକାରୀରେ ବା ମାଛରେ ନଡିଆ ରସ ପକାଇବା କଥା ମୋଟେ ଭାବି ହୁଅନ୍ତାନି । ଅତିବେଶିରେ ନଡିଆ ଭୋଗରେ ଲାଗେ ବା ପିଠା ପଣାରେ ବ୍ୟବହାର ହୁଏ । ସେମିତି ଏଠାକାର ଖାଇବା ପିଇବା ଭଳ, କିଛି ଶବ୍ଦ ସବୁ ଅବୋଧ ଥିଲା ଯେମିତିକି ଗୁସଲ ପାନି– ସେଇଟା କ ଶବ୍ଦ? ତା'ର ଅର୍ଥ ହେଉଛି ଗାଧୋଇବା । ଭଣ୍ଡାରୀ ମଧ୍ୟ ଏକ ଆଶ୍ଚର୍ଯ୍ୟଜନକ ଶବ୍ଦ ଥିଲା । ସେ ସେମିତି ଶବ୍ଦ ଆଉ ତା' ସହ ଯୋଡାଯାଇଥିବା ଥଟ୍ଟାମଜ୍ଜା କଥା କହି ଶୋଭନାକୁ ଏଣ୍ଟରଟେନ କରୁଥିଲେ ।

କ୍ରମଶଃ.....

ସେକ୍ଟର–୩, ସଲ୍ଟଲେକ, କଲିକତା

ISSN NO.
2582-208X

# ସୂର୍ଯ୍ୟୋଦୟ !



ପ୍ରଫେସର ସୁଶାନ୍ତ କିଶୋର ବଳ

*ବ୍ରାହ୍ମମୂହୁର୍ତ ଅନ୍ତରାଳେ ଯେବେ,*
*ଦୁନିଆର ଜନେ ହେଉଥାନ୍ତି ପ୍ରସ୍ତୁତ*
*କରିବାକୁ ଶଯ୍ୟାତ୍ୟାଗ ସହଜେ,*
*ପ୍ରଭାତ ବିହଂଗ ଚିରଚିରା ଶବଦେ*
*ଉଡି ଉଠିଥାନ୍ତି ନଭେ ଦଳଦଳେ,*
*ସୁପ୍ତ ଦୁନିଆ ହୋଇଉଠିଥାଏ ଧିରେ*
*ଚଳଚଂଚଳ, କ୍ରୀୟାଶୀଳ, ଅଧିର.*
*...........*
*ଠିକ୍ ଏହି ସମୟେ ପୂରୁବ ଦିଶାରୁ*
*ରକ୍ତିମଆଭାରେ ସୈନ୍ୟପଟୁଆରେ*
*ଡିଣ୍ଡିମ ବଜାଇ ଜଗମଗ ହୋଇ*
*ନୂତନ ପରିପାଟୀରେ ସଜ୍ଜିତ ହୋଇ*
*ନବ୍ୟେ, ଭବ୍ୟେ ଅବତରେ ଦିବାକର .*
*ବିଗତ ଦିନର ଅଂଗେଲିଭା କଥା*
*ଦୁଃଖ, ସୁଖ, କ୍ରଂଦନ, ଅନ୍ତଃଜ୍ୱଳନ*
*ଭୁଲେଇ ଲିଭେଇ ସିଂଚିଥାଏ ନୂତନତା.*
*ଭବ୍ୟପ୍ରଭାତର ଉନ୍ମୋଚନ ହୁଏ*
*ବଂଦନେ, ସ୍ଫୁରଣେ, ଅଭିନଂଦନେ !*
*ଅଂକୁରେ ମନତଳେ ନୂଆ ଉଦ୍ଦୀପନା*

ISSN NO.
2582-208X

*ନବ ଉନ୍ମାଦ, ଅଂକୁରିତ ହୁଏ ନବ ଆଶା .*
*ନେଇ ପ୍ରତିଗ୍ୟାଂ ଦୃଢନୀଷ୍ଟୟେ ଦୃଢସଂକଳ୍ପେ*
*ଆଗଭରିଥାନ୍ତି ଜନେ, ଉତଫୁଲ ମନେ.*
*ପ୍ରତ୍ୟୁଷ କିରଣ ତା କୋମଳ ପରସେ*
*ହରିଥାଏ ବିଗତ କଷଣ, ଦୂର୍ଭାବନା .*
*ହୁଏ ଅଭ୍ୟୁଦୟ ନୂତନତାର ଉର୍ଜା.*
*ମଗ୍ନିଥାଉ ନିଜ ଅଗ୍ନିପଥେ ଏକନୀଷ୍ଟେ*
*ଆହରିବାକୁ ନୂତନ ଶକ୍ତି, ପ୍ରତିଷ୍ଠା .*
*ବୃଖ୍ୟ, ଲତା, ତରୁ, ପୁଷ୍ପ, ବନାନୀ*
*ହୋଇଉଠି ଥାନ୍ତି ଜୀବନ୍ତ, ସଜାଗ.*
*ତାର ଅଭିନଂଦନେ ଦଳଦଳ ବିହଂଗେ*
*ଭରିଦେଇଥାନ୍ତି ଆକାଶ ମନଭୂଲା* *ରଂଗେ*
*କରି ଅଭିନଂଦନ ରବିଦେବଂକୁ ପଖ* *ମେଲାଇ*
*ମୂର୍ଚ୍ଛନା ଖେଳାଇ, ଢାଳି ଅକୁଂଠେ ପ୍ରଣତୀ.–*
*ହେ ସୂର୍ଯ୍ୟୋଦୟ !*
*ଦିବସ ଯେପରି ଆଗେ ବଢିଥାଏ, ବଦଳିଥାଏ ତମ ତେଜର ଉଗ୍ରତା.*
*ମଧ୍ୟାହ୍ନବେଳେ ତମେ ଲେଲିହାନ ରୂପେ*
*ଜାଳିଦେଇଥାଅ ପୂରା ଧରଣୀ .*
*ତ୍ରାହିତ୍ରାହି ଡାକି ଜନେ ବାହୁଡନ୍ତି*
*ଆଶ୍ରୀବାକୁ କାହିଂ ସୁଶୀତଳ ଛାୟା .*
*ଯେତେବେଳେ ତମେ ଢଳ ପଶ୍ଚିମେ*
*ଆସେ ଡାହାଣିଆ କୋମଳ ଖରା*
*ହରସ ଉଲ୍ଲାସେ ନାଚନ୍ତି ବୃଦ୍ଧଅବଳା .*
*ତା'ପରେ ଆସଇ ଧିରେ ଗୋଧୂଳୀ*
*ବାହୁଡନ୍ତି ହରଷେ ଗୋଗଷ୍ଠ ଗୋଧନ*
*ହଳିଆ ଫେରଇ କଂଧେ ହଳଲଂଗଳେ.*

ISSN NO.
2582-208X

*ଧିରେ ପଶ୍ଚିମେ ଢଳଇ ରବି ଦୂରଗଗନେ*
*ହସ୍ତାନ୍ତର କରି ବସୁଧା ଚଂଦ୍ରମାକୋଳେ.*
*........*
*ହେ ଦିବାକର ଅସର ତବ ଅବଦାନ ! ଅବର୍ଣନୀୟ ତମର ଉପାଦେୟତା.*
*ପଶୁ, ପଖୀ, ଜନ, ଲତା, ବୃକ୍ଷ୍ୟ, ଖେତ*
*ସବୁରି ଉନ୍ମେଷ, ଉତ୍ଥାନେ ତମରି ହସ୍ତ*
*ତମ ଅନୁକମ୍ପା, ତମ ଦାନ, ଅନୁଦାନେ,*
*ସଭିଏ ଥାନ୍ତି ଉନ୍ମାଦିତେ, ଚଳଚଂଚଳେ*
*ତମ ବିନା କି କା'ର ଚୁଲ୍ଲୀଟି ଜଳେ ?*

କଟକ

ISSN NO.
2582-208X

# ମୁଁ ବଦଳୁଛି


ସସ୍ମିତା ପଟ୍ଟନାୟକ

ମୁଁ ବଦଳୁଛି **********
ବାପା ମା, ଭାଇ ଭଉଣୀଙ୍କୁ ନିଜ ପ୍ରିୟତମକୁ,
ନିଜ ଛୁଆ, ନିଜ ସାଙ୍ଗଙ୍କୁ ଭଲ ପାଇଲା ପରେ,
ଆଜି ମୁଁ ନିଜକୁ ଟିକେ ଭଲ ପାଉଛି।।

ମୁଁ ବଦଳୁଛି
ବୁଝି ପାରିଛି ମୁଁ ଥିଲେ କି ନ ଥିଲେ ସଂସାର ଖୁବ ସୁନ୍ଦର ଆଗଉଛି,
ତେଣୁ ନିଜ ସହ ଭେଟ ପାଇଁ ଏବେ ଟିକେ ସଜାଗ ହଉଛି ।।

ମୁଁ ବଦଳୁଛି
ପରିବା ବାଲାଙ୍କ ସହ ଆଉ ମୂଲଚୂଲ କରୁନି,
ଭଡା ଗାଡିରେ ବାକି ପଇସା ପାଇଁ ଅପେଖ୍ୟା କରୁନି ।।

ମୁଁ ବଦଳୁଛି
କାହାକୁ ପ୍ରଶଂସା କରିବାରେ ପଛାଉନି,
କି ଛୋଟ ଛୋଟ କଥାକୁ ନେଇ ବ୍ୟସ୍ତ ହଉନି ।।

ISSN NO.
2582-208X
www.vedantimagazine.com

ମୁଁ ବଦଳୁଛି
କିଏ ମତେ ନ ପଚାରିଲେ ଦୁଃଖ କରୁନି,
କାହିଁକି ଏମିତି ମୋ ସହ ହେଲା ଆଉ ସନ୍ଦେହ କରୁନି ।।

ମୁଁ ବଦଳୁଛି
ହଁ ଟିକେ ମୁଁ ଧଳା ଚୁଟିକୁ କଳା କରୁଛି,
ନିଜର ଯତ୍ନ ନେବାକୁ ଏବେ ଭଲ ଲାଗୁଚି ।।

ମୁଁ ବଦଳୁଛି
ନିଜକୁ ଖୁଶି ରଖିବାର ରାସ୍ତା ନିଜେ ବାଛି ପାରୁଛି,
ବଞ୍ଚିବାର ଶୈଳୀ କାଳେ ଏବେ ଜାଣି ପାରିଛି ।।

ମୁଁ ବଦଳୁଛି
ମୁଁ ଭୁଲ ବୋଲି ମାନିବାକୁ ଆଉ ଅଡୁଆ ଲାଗୁନି,
ସମୟ ସହ ଖାପ ଖାଇବା ପାଇଁ ଅଧିକା ସମୟ ନିଉନି ।।

ମୁଁ ବଦଳୁଛି
ବୋଧ ହୁଏ ଟିକେ ବିବେକ ହେଇଚି,
ପ୍ରତିଦିନ ଶେଷ ଦିନ ଭାବି ବଂଚି ଚାଲିଛି,
ନିଜକୁ ଭଲ ପାଇବା ଆଉ ହସିବା ଶିଖି ଯାଇଛି।।

ଭୁବନେଶ୍ୱର

ISSN NO.
2582-208X

# ହଇହେ ଶୁଣୁଛ



ଡଃ ମାଙ୍ଗଳିକା ମହାପାତ୍ର

ହଇହେ ଶୁଣୁଛ...
ତୁମ ହାତଲଗା କନିଅର ଗଛ
କଣେଇ କଣେଇ ଗ୍ଭହୁଁଛି ମତେ
ହସୁଛି ସେ ମନଲୋଭା ହସ...

କୋଉଠୁ ପାଇଲା ଏତେ ସାହାସ
କରୁନି ତ ମୋତେ ସେ ପରିହାସ..!!
ଜାଣିବାକୁ କହୁଛି କି ସେ ପ୍ରୟାସ..!!
ପାଇଛି କି ଆମ ପ୍ରେମର ଆଭାସ..!!

ବାଲକୋନିରୁ ଧିରେ  ଆସୁଛି ନଇଁ
ହାତକୁ ସେ ଦେଉଛି ଫୁଲ ବିଛେଇ
ସତରେ ଅଟେ ଯେ ବଡ ଫୁଲେଇ
ହସୁଛି ଆଖିରେ ଆଖି ମିଶେଇ...

ତୋଳିଲା ବେଳେ ସେ ଫୁଲକୁ
ଦିଏ ଦୁଷ୍ଟ ଭରା ଗ୍ଭହାଣୀ
ଲାଗୁଛି ଯେମିତି ସବୁଜ ଧରଣୀ
କହି ବୁଲୁଛି ଆମ ପ୍ରେମ କାହାଣୀ

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସ୍ମୃତି ଓ ଦ୍ୱିତୀୟ ଭେଟ



ଡକ୍ଟର ବିଜ୍ଞାନୀ ଦାସ

ମଧୁସ୍ମିତା ରିଚ୍‌ମଣ୍ଡ କୁ ଫେରିବାର ତିନି ସପ୍ତାହ ବିତିଗଲାଣି । ତଥାପି କାହିଁକି କେଜାଣି ତାକୁ କେମିତି ଅଲଗା ଅଲଗା ଲାଗୁଛି । ଯେମିତି ଓଡିଶାରେ କିଛି ରହିଗଲା । ଏବେ ପ୍ରତ୍ୟେକ କଥାରେ ତାର କିଛି ଭୁଲ୍ ହୋଇଯାଉଛି । ଅଜବ ରକମର ଭୁଲ୍ । ଏଇତ ଶନିବାର ଦିନ ମା' କହିଲେ - "ଟିକେ ଚଟଣିରେ ତେନ୍ତୁଳି ପକେଇ ବ୍ଲେଣ୍ଡର୍‌ଟା କିଛି ସମୟ ଚଲେଇଦେଲୁ ।' ସିଏ ତେନ୍ତୁଳି ଆଣିଲା । ବ୍ଲେଣ୍ଡର୍ ଭିତରେ ଥିବା ଚଟଣିରେ ତେନ୍ତୁଳି ପକେଇଲା ଓ ଅନ୍ କରିଦେଲା । କିଛି ସମୟ ପରେ ବ୍ଲେଣ୍ଡର୍ ଫାଟି ସେଥିରୁ ପାଣି ବହିଲା। ଦେଖୁଦେଖୁ ବ୍ଲେଣ୍ଡର୍ ଭିତରେ ଚାମଚ ରହିଯାଇଛି ।

ମା' ବ୍ୟସ୍ତ ହୋଇପଡିଲେ । "ତୁ ବ୍ଲେଣ୍ଡର୍ ଭିତରେ ଚାମଚ ରଖି କେମିତି ସୁଇଚ୍ ଅନ୍ କରିଦେଲୁ ?'

ବାବା ବୁଝେଇଲେ । "ଏଇଟା ଗୋଟିଏ ଆକ୍‌ସିଡେଣ୍ଟ୍ । ସିଏ କଣ ଜାଣିଶୁଣି କରିଛି । ଅନ୍ୟମନସ୍କ ହୋଇଯାଇଥିବ । ମୁଁ ଯାଇ ଅନ୍ୟ ଗୋଟିଏ ନୂଆ ବ୍ଲେଣ୍ଡର୍ କିଣିଆଣିବି । ତମେ ଚିନ୍ତା କରନି ।'

ମା' କିନ୍ତୁ ବୁଝିଲେନି । "ହେଲେ ସିଏ ଏତେ ଅନ୍ୟମନସ୍କ କାହିଁକି ହେଲା ? ତାର ତ ଅନ୍ୟ କିଛି କାମ ନାହିଁ । ଆଜି ଛୁଟି ଦିନଟା ।'

ISSN NO.
2582-208X

ବାବାଙ୍କୁ ଏତିକି କହି, ମା' ମଧୁସ୍ମିତାର ପାଖକୁ ଆସିଲେ । ବ୍ଲେଣ୍ଡର୍ ଭିତରେ ଥିବା ଚଟଣି ସବୁକୁ ଆଉ ଗୋଟିଏ କାଚପାତ୍ରକୁ ବାହାର କରି ରଖିଲେ । ଝିଅକୁ ପଚାରିଲେ, "ତୋ କାମରେ କିଛି ଅସୁବିଧା ଅଛିକି ? ମୁଁ ଦେଖୁଛି ଭାରତରୁ ଫେରିବା ପରଠାରୁ ତୁ ଅନ୍ୟମନସ୍କ ରହୁଛୁ । ବସ୍ କିଛି କହିନି ତ ? ସେଦିନ ତୋ ଡ୍ରାଇଭିଂ ଲାଇସେନ୍ସ୍ ନନେଇ ଗାଡିଧରି ଚାଲିଗଲୁ । ପୂର୍ବ ସପ୍ତାହରେ ଖାଇବା ଆଣୁଆଣୁ ପ୍ଲେଟ୍‌ଟା ତଳେ ପକେଇ ଭାଙ୍ଗିଦେଲୁ । ତୁ ତ ଏମିତି ଭୁଲ୍ କେବେ କରୁନି । କିଛି ଅସୁବିଧା ଅଛି ଯଦି କହ । ମୁଁ ଯଦି କିଛି ସାହାଯ୍ୟ ନ କରିପାରିବି ବାବାଙ୍କୁ ତ କହ ।'

ମଧୁସ୍ମିତା ନିଜେ ବି ଜାଣି ପାରୁନଥିଲା, ତାର ଏମିତି ସବୁ ଭୁଲ୍ କାହିଁକି ହେଉଛି । ଅବଶ୍ୟ ଗୋଟିଏ କଥା ଯେ ତା' ମନ ଭିତରକୁ ଅନେକ ସମୟରେ ଅନୁପ ଆସିଯାଉଛି । ସିଏ ଯେ କୌଣସି ପୁଅକୁ ଦେଖୁଛି, ନିଜ ସହକର୍ମୀ ମାନଙ୍କୁ ଦେଖୁଛି, କି କିଛି ମଜା କଥା ଘଟିବାର ଦେଖୁଛି, ତା' ମନ ଭିତରକୁ ଅନୁପ ଆସିଯାଉଛି । ଅନୁପ ଯଦି ଏଠି ଥାଆନ୍ତା ତ ଏମିତି କହିଥାଆନ୍ତା, ସେମିତି କରିଥାଆନ୍ତା, ଏଇଭଳି ଚିନ୍ତା ତା' ମୁଣ୍ଡ ଭିତରକୁ ଆସୁଛି । ଆଉ ଗୋଟିଏ ପରିବର୍ତ୍ତନ ହେଲା ଯେ, ସ୍ୱପ୍ନରେ ବି ସିଏ ଏବେ ଅନୁପକୁ ଦେଖୁଛି । ହେଲେ ଏସବୁ କଥା ତ ବାବା, ମା' ଙ୍କୁ କହିହେବନି । ସେମାନେ କି ଅର୍ଥରେ ନେବେ କେଜାଣି ? ଯଦିଓ ବାବା, ମା' ଆଗରୁ ଅନେକ ସମୟରେ ପଚାରିଛନ୍ତି, ସାଙ୍ଗସାଥୀ ମାନଙ୍କର ପୁଅମାନଙ୍କୁ ସିଏ କେମିତି ଭାବେ ବୋଲି ପ୍ରସ୍ତାବ ରଖିଛନ୍ତି, ତେବେ ମଧୁସ୍ମିତା ସେସବୁ ଆଡେଇ ଦେଇଛି । "ତମେ ଏତେ ବ୍ୟସ୍ତ କାହିଁକି ହେଉଛ କହିଲ ? ମୁଁ ଯଦି କାହାକୁ କେବେ ଉପଯୁକ୍ତ ବାଛିବି, ତମକୁ କହିବିନି କି ? ତମେ ହିଁ ତ ବାହାଘରର ସମସ୍ତ ଖର୍ଚ୍ଚ କରିବ ନା ।'

ମଧୁସ୍ମିତାର ଏଭଳି ଉତ୍ତରରେ ବାବା, ମା' ଦୁଇଜଣ ହସନ୍ତି । ହସିହସି କହନ୍ତି, "ହଁ ଖର୍ଚ୍ଚ ତ ଆମେ କରିବୁ । ସେଥିପାଇଁ ଆମର ଭୟ ନାହିଁ । ତୁ ଆଗେ ଖୁସି ଖବର ତ ଦେ । ତତେ କିଏ ପସନ୍ଦ ଆସିବାର ଖୁସି ଖବରକୁ ଆମେ ଅପେକ୍ଷା କରି ବସିଛୁ ।'

ଏବେ କାହିଁକି କେଜାଣି ଲାଗୁଛି ହୁଏତ ଅନୁପ ହିଁ ସେହି ବ୍ୟକ୍ତି । ତେବେ ଅନୁପ ସହିତ ତ ସଂପର୍କ ଆରମ୍ଭ ହିଁ ହୋଇନି । କେବଳ ସେଇ ପ୍ରଥମ ଭେଟ । ତାରି ଭିତରେ ଯେତିକି

ISSN NO.
2582-208X

ଜଣାଶୁଣା । ସିଏ ଆଉ ଅନୁପକୁ ଫୋନ୍ ରେ ଡାକିବ କି ? ଅନୁପ ତ ତା' ନମ୍ବର ଦେଇଥିଲା ।

ପୁଣି ମନ ଆପେଆପେ ଲାଜେଇ ଯାଏ । "ହେ, ସେଇଟା କଣ ଭଲ ହେବ ? ଅନୁପ କଣ ଭାବିବ ? ସାଙ୍ଗରେ ଟିକେ ଡଙ୍ଗାରେ ବସିଗଲେ କି ରେଷ୍ଟୁରାଣ୍ଟରେ ଖାଇଦେଲେ ବୋଲି କଣ ପ୍ରେମ ହୋଇଗଲା ନା କଣ ? ଏଇଟା ଗୋଟିଏ ପାଗଳାମି ହେବନି ?'

ମଧୁସ୍ମିତା ଏମିତି କରି ଗୁଗୁଲ୍ ରେ ଅନୁପକୁ ଖୋଜିଲା । ତା' ବିଷୟରେ ଅଧିକ ଜାଣିବାକୁ ଚାହିଁଲା । ସେଥିରେ ତାକୁ କେତେଟା ଲିଙ୍କ୍ ବି ମିଳିଲା । ହେଲେ ସେସବୁ ତା' ବ୍ୟବସାୟିକ ଜୀବନର । ହୁଏତ ସିଏ ଫେସ୍‌ବୁକ୍ ରେ ନାହିଁ କି କଣ ?

ଅନୁପ କଥା ବେଶି ମନେ ପଡୁଥିଲା ସେଦିନ ରାତ୍ରିଭୋଜନ ପରର ଘଟଣାକୁ ନେଇ । ସେମାନେ ରାତ୍ରିଭୋଜନ ସାରି ମହାରାଜା ହୋଟେଲ୍‌ର ରେଷ୍ଟୁରାଣ୍ଟରୁ ନିଜନିଜର ହୋଟେଲ୍‌କୁ ଫେରୁଥାନ୍ତି । ରାତି ବି ଏତେ ଅଧିକ ହୋଇନଥାଏ । ରାସ୍ତା କମ୍ ହେବ ବୋଲି ସେମାନେ ଗୋଟିଏ ଗଳି ବାଟ ଦେଇ ଫେରୁଥିଲେ । ହଠାତ୍ ଜୁଟିଲେ ତିନି ଜଣ ମଦୁଆ । ସେମାନେ ସବୁ ଯୁବା ବୟସର । ବୟସ କୋଡିଏ, ତିରିଶି ହେବ କି କଣ । ସେମାନେ ହଠାତ୍ ମଧୁସ୍ମିତାର ପଛରେ ପଡିଗଲେ ଓ ତା' ସହିତ କଥାବାର୍ତ୍ତା କରିବାକୁ ଆରମ୍ଭକଲେ । ଅନୁପକୁ ଏଡେଇ ଦେଇ ସେମାନେ ମଧୁସ୍ମିତାକୁ ଘେରିଗଲେ । ସମୁଦ୍ର କୂଳିଆ ପବନ ବାଜି ମଧୁସ୍ମିତାର ଓଢଣୀ ଉଡି ଯାଉଥାଏ ଓ ସିଏ ତାକୁ ନିଜ ଦେହରେ ଜଡେଇ ରଖିବାର ପ୍ରୟାସ କରୁଥାଏ । ଜଣେ ଯୁବକ ତା' ଓଢଣୀ ନେଇଗଲା ଓ ହସିହସି କହିଲା, "ମୋ ପାଖକୁ ଆସି ଓଢଣୀ ନିଅ ।' ଅନୁପ ଆସି ମଧୁସ୍ମିତାର ସାମ୍ନାରେ ଠିଆ ହେଲା । ସେ ଯୁବକମାନଙ୍କୁ କହିଲା, "ଦେଖ, ତମେମାନେ ଆମକୁ ହଇରାଣ କରନି । ଆମକୁ ଆମ ବାଟରେ ଯିବାକୁ ଦିଅ ଓ ତମେମାନେ ନିଜନିଜର ବାଟରେ ଯାଅ ।'

ମଧୁସ୍ମିତା ସେତେବେଳକୁ ଡରିଗଲାଣି । ତା' ମୁହଁ ଦେଖି ଅନୁପ ସବୁ ଜାଣିପାରିଲା । ମଧୁସ୍ମିତାକୁ ଚିମୁଟି ଦେଇ ଫୁସ୍‌ଫୁସ୍ କରି କହିଲା, "ଦେଖ, ଭିତରେ ଡରିଲେ ବି ଉପରକୁ

ISSN NO.
2582-208X

ଦେଖାଅନି । ଉପରକୁ ସାହସ ଦେଖାଅ । ଏବେ ମୁଁ ଯାହା କହିବି, ଯାହା କରିବି, ମତେ ତମେ ଅନୁସରଣ କରିବ ।'

ଅନୁପ ସେ ଯୁବକମାନଙ୍କୁ କହିଲା, "ଦେଖ, ମୋ ଭାଇ ଏଠି ପୋଲିସ୍ ଇନ୍ସପେକ୍ଟର । ଆମେ ସମସ୍ତେ ମିଶିକରି ଖାଉଥିଲୁ ଓ ସିଏ ଆମ ପଛେପଛେ ଆସୁଛନ୍ତି । ସିଏ ଆସିବା ପୂର୍ବରୁ ତମେମାନେ ଏଠୁ ଯାଅ, ନହେଲେ ମୁଁ ଚାହେଁନି କି ତମେମାନେ ଏତେ ଅଳ୍ପ ବୟସରୁ ଯାଇ ଜେଲ୍ ରେ ଘଣା ପେଲ ।' ସେ ଯୁବକମାନେ ଟିକେ ବିବ୍ରତ ହୋଇପଡିଲେ। ତେବେ ବି ଏମାନଙ୍କୁ ହଇରାଣ କରିବାକୁ ଭୁଲୁନଥାନ୍ତି । କିନ୍ତୁ ସେମାନେ ଯେତେବେଳେ ବିବ୍ରତ ହେଲେ, ଅନୁପ ତା' ପକେଟରୁ ଲଙ୍କାଗୁଣ୍ଡ ସ୍ପ୍ରେ ବାହାର କରି ସେମାନଙ୍କ ଆଖିକୁ ଫିଙ୍ଗିଲା । ସେମାନେ ଆଖି ମଳୁଥିବା ସମୟରେ, ଅନୁପ ମଧୁସ୍ମିତାକୁ କହିଲା, "ଏବେ ମୋ ପଛେପଛେ ଦୌଡ ।' ଦିହେଁ ଦୌଡିଦୌଡି ଆସି ସେମାନେ ରହୁଥିବା ହୋଟେଲ୍ ରେ ପହଞ୍ଚିଲେ । ରକ୍ଷା ଯେ ଅନୁପର ଓ ମଧୁସ୍ମିତାର ହୋଟେଲ୍ ଏକା ଥିଲା ।

ହୋଟେଲ୍ ଲବିରେ କିଛି ସମୟ ବସିବାପରେ ମଧୁସ୍ମିତାର ଜୀବନ ଫେରିଲା କହିଲେ ଚଳେ। ନହେଲେ ସିଏ ସତରେ ଡରିଯାଇଥିଲା । ଯଦିଓ ସିଏ ବି ଲଙ୍କାଗୁଣ୍ଡ ସ୍ପ୍ରେ ପ୍ୟାକିଙ୍ଗ କରି ଆଣିଥିଲା, ହେଲେ ପାଖରେ ରଖିବାକୁ ଭୁଲିଯାଇଥିଲା । କିନ୍ତୁ ଦେଖ ତ, ଅନୁପ ଲଙ୍କାଗୁଣ୍ଡ ସ୍ପ୍ରେ ବି ନିଜ ପକେଟରେ ଧରି ବୁଲୁଛି ।

ମଧୁସ୍ମିତା କୃତକୃତ୍ୟ ହୋଇଯାଇଥିଲା । ଲବିରେ ସେମାନେ ବସିଥିବା ବେଳେ ପଚାରିଥିଲା, "ତମେ ଲଙ୍କାଗୁଣ୍ଡ ଧରି ବୁଲୁଥିଲ । ମୁଁ ତ ବିଶ୍ୱାସ କରିପାରୁନି । ହେଲେ ତମକୁ ଅଶେଷ ଧନ୍ୟବାଦ । ଆଜି ସେଥିପାଇଁ ଆମେ ବଞ୍ଚିଗଲେ ।'

ଅନୁପ କହିଲା, 'ହଁ, ଭାରତର ସବୁ ଖବର ମୋ ବାବା, ମା' ରଖନ୍ତି । ଦିଲ୍ଲୀରେ ଯେଉଁ ସବୁ ଅଘଟଣ ସବୁ ଘଟିଥିଲା, ସେଥିପାଇଁ ବାବା, ମା ଚାରୁଅପାକୁ ଲଙ୍କାଗୁଣ୍ଡ ସ୍ପ୍ରେ ପ୍ୟାକେଟ୍ ଧରେଇଦେଇଥିଲେ । କାଳେ କେତେବେଳେ କିଛି ଅସୁବିଧା ହୋଇପାରେ । ମୁଁ ବି ସେଥିପାଇଁ କିଛି ଲଙ୍କାଗୁଣ୍ଡ ପ୍ୟାକେଟ୍ ସ୍ପ୍ରେ ଧରି ଆସିଥିଲି ।'

ISSN NO.
2582-208X

"ବୁଝୁଚି, ଚାରୁ ଅପା ଝିଅ ପିଲା । ତାଙ୍କ ପାଇଁ ଭୟ ଅଛି । ହେଲେ ତମେ, ପୁଅ ପିଲା ହୋଇ ବି ଲଙ୍କାଗୁଣ୍ଡ ଧରି ବୁଲୁଥିଲ ?'

"ମୁଁ ପୁଅ ପିଲା ହେଲେ ବି ଅସାମାଜିକ ବ୍ୟକ୍ତିଙ୍କ ଠାରୁ ସମସ୍ତଙ୍କର ଭୟ ଅଛି । ସିଏ ପୁଅ ହେଉ କି ଝିଅ ହେଉ । ତାପରେ ପୁଅ ପିଲା ବି କାହାର ଭାଇ, କାହାର ବନ୍ଧୁ । ସେ ଭଉଣୀ ହେଉ କି ବାନ୍ଧବୀ ହେଉ, ସେମାନଙ୍କୁ ସୁରକ୍ଷା ଦେବାର ଦାୟିତ୍ୱ ବି ତ ଅଛିନା ।'

ଅନୁପ ତାପରେ ଜଣେଇଥିଲା, "ଦେଖ, ଜଗନ୍ନାଥ ସତରେ ଦୟାଳୁ । ଏଇ ଘଟଣାରୁ ସିଏ ଆମକୁ ବୁଦ୍ଧି ଶିଖେଇଦେଲେ, ଦିଲ୍ଲୀ ହେଉ କି ପୁରୀ ହେଉ, ମଣିଷକୁ ସବୁ ସମୟରେ, ସବୁ ସ୍ଥାନରେ ସତର୍କ ରହିବାକୁ ପଡିବ । କେତେବେଳେ ବି କିଛି ଘଟିପାରେ । ବିଶେଷତଃ ଆଜିକାଲି ଓଡିଶାରେ ବି ଯେମିତି ମଦ୍ୟ ବ୍ୟବସାୟ ଅତିମାତ୍ରାରେ ବଢିଛି, ଏମିତିକି ଗାଁ, ଗହଳିରେ ବି ମଣିଷ ଏ ମଦ୍ୟ ପ୍ରଭାବରୁ ମୁକ୍ତ ନୁହେଁ ।'

ମଧୁସ୍ମିତା ମୁଗ୍ଧ ହୋଇଯାଇଥିଲା । "ହଁ, ତମେ ସତ କହିଲ । ଏଇଟା ଗୋଟିଏ ବଡ ଶିକ୍ଷା । ମୁଁ ଏବେ ମୋ ଲଙ୍କାଗୁଣ୍ଡ ସ୍ପ୍ରେ ସବୁ ସମୟରେ ମୋ ପାଖରେ ରଖିବି । ମୋ ମାମା ବି କହନ୍ତି, ପୁସ୍ତକଗତ ବିଦ୍ୟା, ପରହସ୍ତ ଧନ, କେବେ କାହାରି କାମରେ ଆସେନି ।'

"ସେ କଥା ସତ ଯେ, ହେଲେ ବେଳେବେଳେ ପରମାନେ ଯଦି ସାଙ୍ଗରେ ଥାଆନ୍ତି, ପରହସ୍ତ ଧନ କାମରେ ଆସେ । ମାନେ ମୋ ଲଙ୍କାଗୁଣ୍ଡ ସ୍ପ୍ରେ ଯୋଗୁଁ ଆମେ ଦୁଇଜଣ ରକ୍ଷା ପାଇଗଲେ ।' - ଅନୁପ ଆଖିଠାର ମାରି ମନ୍ତବ୍ୟ ଦେଇଥିଲା ।

ସେଇଟା ସେମାନଙ୍କର ଶେଷ ଦେଖା । ତା' ପରଦିନ ମଧୁସ୍ମିତା ତା' ବାବା, ମା'ଙ୍କ ସହିତ ଗୋପାଳପୁର ପରିଦର୍ଶନ କରିବାକୁ ଚାଲିଗଲା । ଅନୁପ ବି ପୁରୀ ଛାଡିଥିଲା ।

ସେଇ ସବୁ କଥା କାହିଁକି ମଧୁସ୍ମିତାର ମନକୁ ବାରମ୍ବାର ଆସୁଥିଲା ଓ ତାକୁ ବିହ୍ୱଳ କରୁଥିଲା ।

ISSN NO.
2582-208X


ଦୁଇ ତିନି ମାସ ପରେ ପୁଣି ଧୀରେଧୀରେ ମଧୁସ୍ମିତା ନିଜ ପୁରୁଣା ଜୀବନଧାରାକୁ ଚାଲିଗଲା । ତାକୁ ଭର୍ଜିନିଆ ବିଚ୍ ସହରରେ ନାସା ଲାଙ୍ଗଲିରେ ଗୋଟିଏ ନୂଆ ଚାକିରି ମିଳିଗଲା । ନୂଆ ଘର ଖୋଜିବା, ନୂଆ କାମ ଶିଖିବା ଇତ୍ୟାଦିକୁ ନେଇ ସିଏ ବ୍ୟସ୍ତ ରହିଗଲା । କିଛିଦିନ ଚାକିରିରେ ରହିବା ପରେ, ତାର ଉଚ୍ଚ ଶିକ୍ଷା ପାଇଁ ଆଗ୍ରହ ଆସିଲା ଓ ସିଏ ଜି.ଆର୍.ଇ ପରୀକ୍ଷା ପାଇଁ ପଢାପଢି କରିବାରେ ମନ ଦେଲା । ଏମିତିରେ ସମୟ କେମିତି ବିତିଗଲା ଜଣା ପଡିଲାନି । ଆଉ ଅନୁପର ସ୍ମୃତି ତାକୁ ଏମିତି ବିବ୍ରତ କରୁନଥିଲା। ସିଏ ମନକୁ ନିୟନ୍ତ୍ରିତ କରି ସମସ୍ତ ପଢାପଢି କାମ ଓ ଚାକିରି କାମ ଠିକ୍‌ଭାବେ କରୁଥିଲା ।

ରିଚ୍‌ମଣ୍ଡ୍ ରେ ରହୁଥିବା ବାବାଙ୍କ ଓଡିଆ ବନ୍ଧୁ ଗଙ୍ଗାଧର ମଉସାଙ୍କ ପୁଅ ଶାନ୍ତନୁ ଭାଇଙ୍କ ବାହାଘର ହେଉଥିଲା ଚାଣ୍ଟିଲିର ମେରିଅଟ୍ ହୋଟେଲ୍ ରେ । ସେଇଟା ୨୦୧୬ ମସିହାର ନଭେମ୍ବର ମାସ ୨୬ ତାରିଖ । ଗଙ୍ଗାଧର ମଉସାଙ୍କ ସହିତ ସେମାନଙ୍କ ପରିବାରର ପ୍ରଗାଢ ସଂପର୍କ । ଶାନ୍ତନୁ ତାଙ୍କର ଏକମାତ୍ର ପୁତ୍ର । ନଭେମ୍ବର ୨୫ ତାରିଖ ଦିନ ଥିଲା ସଙ୍ଗୀତ କାର୍ଯ୍ୟକ୍ରମ । ମଉସା ମଧୁସ୍ମିତାକୁ ଅନୁରୋଧ କରିଥିଲେ ବରଘର ପକ୍ଷରୁ କିଛି ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ । ମଧୁସ୍ମିତା ରିଚ୍‌ମଣ୍ଡ୍ ରେ ରହୁଥିବା ସମସ୍ତ ସାଙ୍ଗସାଥୀ ଓ ଶାନ୍ତନୁ ଭାଇଙ୍କ ସାଙ୍ଗମାନଙ୍କୁ ନେଇ ସେଇ କାର୍ଯ୍ୟକ୍ରମଟିର ନେତୃତ୍ୱ ନେଇଥିଲା । ଯଦିଓ ସେ ଦଳରେ ଥିବା ସମସ୍ତେ ପ୍ରଥମେ ହିନ୍ଦୀ ଗୀତର ସପକ୍ଷରେ ଥିଲେ, ହେଲେ ମଧୁସ୍ମିତା ସେମାନଙ୍କୁ ଭଲଭଲ ଓଡିଆ ଗୀତ ବାଛି ଏତେ ସୁନ୍ଦର କୋରିଓଗ୍ରାଫି କରିଦେଇଥିଲା ଯେ, ସମସ୍ତେ ଶାନ୍ତ ପଡିଗଲେ । "ଆରେ ବରଘର ତ ଓଡିଆ, କନ୍ୟାଘର ବି ଜାଣନ୍ତୁ, ଓଡିଆ ଗୀତର ମହତ୍ୱ । ସେମାନେ ତ ନିଶ୍ଚୟ ହିନ୍ଦୀ ଗୀତରେ ନାଚିବେ । ଆମେ ସେଇ ଏକା ହିନ୍ଦୀ ଗୀତ ବଜେଇକି କାହିଁକି ନାଚିବା ? ତାହେଲେ ଆମର ସ୍ୱତନ୍ତ୍ରତା ଆଉ କଣ ରହିବ ? ଆମେ ଓଡିଆ ଗୀତରେ ହିଁ ନାଚିବା ।'

ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥାଏ । କନ୍ୟାଘର ଗୁଜୁରାଟୀ । ସେମାନେ ଗର୍‌ବା ନାଚିଲେ । ତାପରେ ସେମାନେ ନାଟକଟିଏ କଲେ । ସେ ନାଟକରେ ସବୁଠାରୁ ଡେଙ୍ଗା ଜଣେ ପିଲାକୁ ଦେଖି ମଧୁସ୍ମିତା ଟିକେ ବିସ୍ମିତ ହେଲା । "ଇଏ ତ ଅନୁପ ଭଳି ଦିଶୁଛି । ସତରେ ଅନୁପ ନୁହେଁ ତ ।' ପୁଣି ଭାବିଲା, "ଅନୁପ ବା କାହିଁକି ହେବ ? ସେମାନେ ତ ଗୁଜୁରାଟୀ । ତାଙ୍କ

ISSN NO.
2582-208X

ପକ୍ଷରେ ଯାଇ ଅନୁପ କଣ ପାଇଁ ନାଚ କରିବ ? ହୁଏତ ଆଉ କିଏ ସମାନ ଚେହେରାର ହୋଇପାରିଥାଏ ।' ଏମିତି ଭାବି ସିଏ କିଛି ଧ୍ୟାନ ଦେଇନଥିଲା । ଏବେ ବରପକ୍ଷଙ୍କୁ ସୁଯୋଗ ଦିଆଗଲା ଓ ମଧୁସ୍ମିତାର କୋରିଓଗ୍ରାଫିରେ ପ୍ରସ୍ତୁତ ହୋଇଥିବା ଗୋଟିଏ ଛୋଟ ରିପରଟୋର ପରିବେଷଣ କରାଗଲା । ସେଥିରେ ସମସ୍ତେ ଏତେ ମୁଗ୍ଧ ହୋଇଗଲେ ଯେ, କନ୍ୟାର ପିତା, ସରୋଜ ପଟେଲ୍ ଅଙ୍କଲ୍ ଆସି ସ୍ୱତନ୍ତ୍ର ଭାବେ ମଧୁସ୍ମିତାକୁ ଧନ୍ୟବାଦ ଦେଲେ ।

ସବା ଶେଷରେ ଶାନ୍ତନୁ ଭାଇ ଓ ତାଙ୍କ ଭାବୀ ପତ୍ନୀ ନିଶା ନାଚ ମଞ୍ଚକୁ ଆସି ନିଜନିଜର ସମସ୍ତଙ୍କ ସାଙ୍ଗକୁ ମଞ୍ଚକୁ ଡାକିଲେ ଓ ଧନ୍ୟବାଦ ଦେଲେ । ଅନୁପ ମଧୁସ୍ମିତାର ପାଖକୁ ଆସି କହିଲା, "ଆରେ ସ୍ମିତା, ତମେ କଣ ନ କଲ ଯେ । ଓଡିଆ ଭାଷାକୁ ଆହୁରି ଉପରକୁ ନେଇଗଲ । ଧନ୍ୟବାଦ ।'

ମଧୁସ୍ମିତା କହିଲା, "ତମକୁ ସେ ନାଟକରେ ଦେଖି ମୁଁ ତ ପ୍ରଥମେ ହଇରାଣ ହେଇଥିଲି । ତାପରେ ସନ୍ଦିହାନ । ଏବେ ଯେତେବେଳେ ତମେ ସେଇ ବ୍ୟକ୍ତି ବୋଲି ଜାଣିଲି, ଧନ୍ୟବାଦ ନ ଦେଇ ରହିପାରୁନି । କି ବଢିଆ ଆକ୍ଟିଙ୍ଗ୍ । ତମେ ଗୁଜୁରାଟୀ ଭାଷା ବି ଏତେ ଭଲ ଭାବେ ଜାଣିଛ ? ତମକୁ ଧନ୍ୟବାଦ ନଦେଇ ରହିହେଉନି ।'

ଶାନ୍ତନୁ ଭାଇଙ୍କର ସେହି ବାହାଘର ଅବସରରେ ସେମାନଙ୍କର ଏ ଯେଉଁ ଦ୍ୱିତୀୟ ଭେଟ ହେଲା, ସେଥିପାଇଁ ଉଭୟ ପୁଣି ଜଗନ୍ନାଥଙ୍କୁ ମନେ ପକେଇଲେ । ଅନୁପ କହିଲା, "ଦେଖ, ଜଗନ୍ନାଥ ପୁଣି ଆମର ଭେଟ କରେଇଦେଲେ ।'

ମଧୁସ୍ମିତା ମୁରୁକି ହସି କହିଲା, "ହଁ, ସିଏ ତ ସବୁ ଯୋଗସୂତ୍ରର ଆଧାର । ନହେଲେ ଶାନ୍ତନୁ ଭାଇଙ୍କ ବାହାଘରରେ ମୁଁ କେମିତି ତମକୁ ଭେଟିଥାନ୍ତି ? ହେଲେ ତମର ତାଙ୍କ ସହିତ କେମିତି ଜଣାଶୁଣା ?'

ISSN NO.
2582-208X

ଅନୁପ ଖବରଦେଲା, ବାହା ହେଉଥିବା ଝିଅ ନିୟୁର୍କରେ ସେମାନଙ୍କ ପଡୋଶୀରେ ରହୁଥିଲେ । ସେ ଝିଅର ସାନ ଭାଇ ଓ ଅନୁପ ଏକା ଶ୍ରେଣୀରେ ବି ପଢୁଥିଲେ । ସେମାନଙ୍କ ସାଥୀରେ ମିଶି ଅନୁପ ଗୁଜୁରାଟୀ ବି ଶିଖିଯାଇଥିଲା ।

"ତାହେଲେ ତ ତମ ବାବା, ମା' ଚାରୁ ଅପା ସମସ୍ତେ ଆସିଥିବେ ? କୋଉଠି ଅଛନ୍ତି ସେମାନେ ? ଟିକେ ପରିଚିତ କରାଇଦେଉନ ?'

"ନା, କେହି ଆସିନାହାନ୍ତି । କଥା କଣ କି ଏଇ ସମୟରେ ମୋ ଅଜା, ଆଈ ଓଡିଶାରୁ ଆସିଛନ୍ତି । ଚାରୁ ଅପା ଏବେ ହନିମୁନ୍ ଯାଇଛି । ତାକୁ ଆଗରୁ ସମୟ ହୋଇନଥିଲା । ଛୁଟି ମିଳିନଥିଲା । ତେଣୁ ସମସ୍ତଙ୍କ ତରଫରୁ ମୁଁ ଏ ବାହାଘରରେ ସାମିଲ୍ ହୋଇଛି ।'

ଶନିବାର ଦିନ ବାହାଘର । ବରର ଶୋଭାଯାତ୍ରାରେ ସମସ୍ତେ ପୁଣି ପ୍ରଗଲ୍‌ଭ ହୋଇ ନାଚିଲେ । ମଧୁସ୍ମିତା ଯାଇ ଅନୁପ ଓ କନ୍ୟା ପକ୍ଷର ଅନେକଙ୍କୁ ନାଚିବା ପାଇଁ ଟାଣି ଆଣିଲା । ବିଶେଷ କରି ଅନୁପକୁ ଭେଟି ମଧୁସ୍ମିତାର ଗୋଡ ତଳେ ଲାଗୁନଥିଲା । ଇଚ୍ଛାତ ହେଉଥିଲା, ସିଏ ଅନୁପକୁ ଧରି ନାଚିପକାନ୍ତା । ତେବେ ଟିକେ ସଙ୍କୋଚ ଲାଗୁଥିଲା ।

ସକାଳେ ବାହାଘର ହୋଇଥିଲା । ତାପରେ ଲଞ୍ଚ୍ ପରିବେଷଣ ହୋଇଥିଲା । ଲଞ୍ଚ୍ ପରେ ଓ ରିସେପ୍‌ସନ୍ ଆରମ୍ଭ ହେବା ପୂର୍ବରୁ ଯେଉଁ ତିନି-ଚାରି ଘଣ୍ଟା ବ୍ୟବଧାନ ଥିଲା, ସେହି ସମୟରେ ମଧୁସ୍ମିତାର ବାବା ଓ ମା' କିଛି ଓଡିଆ ସାଙ୍ଗଙ୍କ ଘରକୁ ଗଲେ । ସେମାନେ ମଧୁସ୍ମିତାକୁ ବି ଡାକୁଥିଲେ, ହେଲେ ସିଏ ହୋଟେଲରେ ଅଟକିଗଲା । ଅନୁପ ସହିତ ଫୋନ୍ ରେ ଯୋଗାଯୋଗ କରି ସେମାନେ ପାଖରେ କେଉଁ କଫି ଦୋକାନରେ ବସି କଥାହେବା ପାଇଁ ପଚାରିଲା । ହେଲେ ଅନୁପ କହିଲା, "ମୁଁ ତ କଫି ପିଏନି । ଚାଲ, ଗୋଟିଏ ମାକଡୋନାଲଡ୍ ରେ ବସି ଫ୍ରେଞ୍ଚ୍ ଫ୍ରାଏ ଖାଇବା ।'

ମଧୁସ୍ମିତା - "ଆରେ ସେସବୁ ତ ଜଙ୍କ୍ ଫୁଡ୍ । ତମେ ତ ଏତେ ସବୁ ମେଣ୍ଟେନ୍ କରି ରୁହ, କଫି ପିଅନି, ଜଙ୍କ୍ ଫୁଡ୍ କେମିତି ଖାଅ ଯେ ?'

ISSN NO.
2582-208X

ଅନୁପ – "ଯେଉଁଠି ବସିବା, କିଛି ତ ଅର୍ଡର୍ କରିବାକୁ ପଡିବ । ସେଥିପାଇଁ କହିଲି । ନହେଲେ ମୁଁ ଏତେ ଜଙ୍କ୍ ଫୁଡ୍ ଖାଏନି । ହେଲେ ଥରେ ଅଧେ ଖାଇଦେବାକୁ ଅପସନ୍ଦ ବି କରେନି ।'

ଏମିତି କଥାବାର୍ତ୍ତା ହୋଇ ସେମାନେ ଏକତ୍ର ହୋଇ ଅନୁପର କାରରେ ବାହାରିଗଲେ । ବାହାରେ ଥଣ୍ଡା ପଡିଆସୁଥିଲା । ସେମାନେ ତେଣୁ ଜ୍ୟାକେଟ୍ ଗୋଟିଏ ଗୋଟିଏ ପିନ୍ଧିଦେଲେ। ମାକଡୋନାଲୋଡ୍ ରେ ବସି ଅନେକ କଥା ହେଲେ । ଅନୁପ ଗପିଲା ତା' ଚାରୁ ଅପାର ବାହାଘର ବିଷୟରେ । ମଧୁସ୍ମିତା ଗପିଲା ତା' ନାସା ଚାକିରି ଓ ପି.ଏଚ୍.ଡି. କରିବା ଲକ୍ଷ୍ୟ ବିଷୟରେ । କେବଳ ପରସ୍ପରର ନିକଟରେ ବସି, ଏମିତି ଛୋଟଛୋଟ ନିତିଦିନିଆ କଥା ହୋଇ ସେମାନେ ଏତେ ଖୁସି ଥିଲେ ଯେ, କେତେବେଳେ ଯେ ସାଢେ ପାଞ୍ଚ ବାଜିଗଲାଣି ଜାଣିପାରିଲେନି ।'

ମଧୁସ୍ମିତାର ମା' ଫୋନ୍ କରି ଡାକିଲେ, "ଆରେ ତୁ କୋଉଠି ଅଛୁ ? ଟିଫିନ୍ ଆରମ୍ଭ ହୋଇଗଲାଣି । ପ୍ରସ୍ତୁତ କେତେବେଳେ ହେବୁ ?'

ମଧୁସ୍ମିତା ଜଣେଇଦେଲା, "ମୁଁ ପନ୍ଦର ମିନିଟରେ ପହଞ୍ଚୁଛି । ଏଇ ଟିକେ ମାର୍କେଟ୍ ଚାଲିଆସିଥିଲି ।'

ମଧୁସ୍ମିତା ଜାଣିଛି ମା'ଙ୍କ କଥା । ସିଏ ଚାହୁଁଥିଲେ ମଧୁସ୍ମିତା ଅତି ସୁନ୍ଦର ଭାବେ ପୋଷାକ ପିନ୍ଧି, ଗହଣା ପିନ୍ଧି, ସୁନ୍ଦର ହୋଇ ରିସେପ୍ସନରେ ଯୋଗ ଦେଉ । ସବୁ ମା'ଙ୍କ ଭଳି ସିଏ ବି ଚାହୁଁଥିଲେ, ଏମିତି ସବୁ ମିଳନୀରେ ହୁଏତ ମଧୁସ୍ମିତା କାହାକୁ ପସନ୍ଦ ଆସିଯିବ କି କାହାକୁ ପସନ୍ଦ କରିଦେବ । ନହେଲେ ଆଜିକାଲି ଅନେକ ପିଲା ସବୁ ଅବିବାହିତ ରହିଯାଉଛନ୍ତି । ସେଇ ଚିନ୍ତା ତାଙ୍କୁ ଘାରିଛି । ତାପରେ ନିଜ ପୁଅର ଗାର୍ଲଫ୍ରେଣ୍ଡ ସହିତ ବ୍ରେକ୍ଅପ୍ ପରେ ସିଏ ଆହୁରି ଚିନ୍ତିତ ହେଉଛନ୍ତି ।

ଏମିତିରେ ବି ମା'ଙ୍କର ସାଙ୍ଗମାନେ ମଧୁସ୍ମିତାକୁ ପଚାରି ସାରିଥିଲେ, "ଆଉ ତୋର କେବେ ବାହାଘର ହେଉଛି ?'

ISSN NO.
2582-208X

ମଧୁସ୍ମିତା ହସି ଦେଇଥିଲା, "ଏବେ ତ ମୁଁ ପି.ଏଚ୍.ଡି. କରିବି । ତାପରେ ଯଦି କିଏ ମିଳିଗଲା, ବାହା ହେବି ନିଶ୍ଚୟ ।'

ସେଦିନ ରିସେପ୍‌ସନ ରେ ସମସ୍ତେ ଧୁମରେ ନାଚିଲେ । ସେଥିରୁ ଅଧିକାଂଶ ମଦ୍ୟପାନ କରିଥାନ୍ତି । ହେଲେ ଅନୁପ ସେଥିରୁ ଅଲଗା ଥିଲା । ମଧୁସ୍ମିତା ପଚାରିଥିଲା, "ତମେ କଣ କିଛି ଡ୍ରିଙ୍କ୍ କରିବନି ?'

"ହଁ, ପେଟ ଭରି ଖାଇଛି ଓ ପାଣି ତ ପିଇଛି । ମୋ ଟେବୁଲ୍ ରେ ପାଣି ବି ଅଛି । ଶୋଷ ହେଲେ ଯାଇ ପିଇଦେଇ ଆସିବି । ଆଉ ତମେ ।' – ଅନୁପ ଉତ୍ତର ଦେଲା ।

ମଧୁସ୍ମିତା କହିଲା, "ଏଇ ଡ୍ରିଙ୍କ୍ ନ କରିବାଟା ହେଲା ଆମର ଆଉ ଗୋଟିଏ ମ୍ୟାଚ୍ ପଏଣ୍ଟ୍। ଏକା କଥା । ମୁଁ ପାଣି ପିଇଛି ଓ ମୋ ଟେବୁଲରେ ମୋ ପାଣି ଗ୍ଲାସ୍ ଅଛି । ତାପରେ ମୋ ପାଇଁ ତ ଆବେଶ ଦରକାର । ଆବେଶରୁ ମୋର ଏତେ ଶକ୍ତି ଆସେ ଯେ, ମୁଁ ଯେତେ ନାଚିଲେ ବି ହାଲିଆ ହୁଏନି ।'

ଅନୁପ – "ମୋର ବି ସେଇ ଏକା ମତ । ଆବେଶ ହିଁ ଶକ୍ତି ଦିଏ । କୌଣସି ମାଦକ ଦ୍ରବ୍ୟ ନୁହେଁ କି ଚାହା, କଫି ନୁହେଁ । ଆବେଶ ବିଷୟରେ ଏଇ ପ୍ରକାରର ଚିନ୍ତା ଆମର ଆଉ ଗୋଟିଏ ମ୍ୟାଚ୍ ପଏଣ୍ଟ୍ ।'

ସେଦିନ ରିସେପ୍‌ସନ୍ ପରେ ଅନୁପ ବିଦାୟ ନେଲା । ସେଦିନ ପାଇଁ ସିଏ ହୋଟେଲ୍ ବୁକ୍ କରିନଥିଲା । ନିଜ ଆପାର୍ଟମେଣ୍ଟ୍ ପହଞ୍ଚିବାକୁ ତ ଜମା ଘଣ୍ଟାଏ । ସେଥିରେ ଆଉ ହୋଟେଲ୍ ରେ କାହିଁକି ରହିବ ?

ଯିବା ପୂର୍ବରୁ ସେମାନେ କିଛି ସମୟ ଏକତ୍ର ବସିଥିଲେ । ବିଦାୟ ମୁହୂର୍ତ୍ତରେ ମଧୁସ୍ମିତା ପଚାରିଥିଲା, "ପୁଣି କେବେ ମିଶିବା ?'

ISSN NO.
2582-208X

ଅନୁପ – "ଜଗନ୍ନାଥ ଯେବେ ଚାହିଁବେ ? ମାନେ ହୁଏତ ଆଉ କାହାର ବାହାଘରରେ ମିଶିପାରନ୍ତି କି ନିଶା ଦିଦିର ଆଉ କିଛି ପରଂପରାଗତ ଉତ୍ସବରେ ?'

ମଧୁସ୍ମିତା – "ତା' ଅର୍ଥ କଣ ?'

ଅନୁପ – "ତା ଅର୍ଥ ହେଲା, ମୁଁ ନିଶା ଦିଦିର ଭାଇର ଘନିଷ୍ଠ ସାଙ୍ଗ, ମାନେ ଭାଇ ପରି । ତା' ସାନ ଭାଇ ଏବେ ରହେ କାଲିଫର୍ଣ୍ଣିଆରେ । ମୁଁ କିନ୍ତୁ ଏଇ ମେରୀଲାଣ୍ଡ ରେ । ତେଣୁ ସେମାନଙ୍କର ଯାହା କିଛି ବିଧିବିଧାନ ଜନିତ ଉତ୍ସବ ହେବ, ତମେ ତମ ଭାଇଙ୍କ ତରଫରୁ ଥିବ ଓ ମୁଁ ମୋ ଦିଦି ତରଫରୁ ଥିବି । ହଁ କି ନା ?'

ମଧୁସ୍ମିତା – "ହଁ ଯେ । ହେଲେ ମୁଁ ଜାଣିନି ମୋର ପି.ଏଚ୍.ଡି କେଉଁଠି ମିଳିବ । ମୁଁ ଭର୍ଜିନିଆର କିଛି ୟୁନିଭର୍ସିଟିରେ ତ ଆପ୍ଲାଏ କରିଛି । ଆଉ ନର୍ଥ କାରୋଲିନା ଏବଂ ନିୟୁର୍କର କିଛି ୟୁନିଭର୍ସିଟିରେ ବି ଆପ୍ଲାଏ କରିଛି । ମୋର ପସନ୍ଦ ଡ୍ୟୁକ୍ ୟୁନିଭର୍ସିଟି ଯିବାକୁ । ଦୂରକୁ ଗଲେ ତ ସବୁ ଉତ୍ସବରେ ଯୋଗଦାନ କରିହେବନି କି ସଂପର୍କ ଏତେ ରଖିହେବନି '।

ଅନୁପ – "ହେଲେ, ନିର୍ଣ୍ଣୟ ତ ତମର ରହିବ ନା । ତମେ ଯଦି ସତରେ ମୋତେ ଭେଟିବାକୁ ଇଚ୍ଛା କରୁଥାଅ, ତେବେ ସେଇକଥା ଚିନ୍ତା କରି ଈଶ୍ୱରଙ୍କୁ ଜଣେଇବ । ଜଗନ୍ନାଥ ଯଦି ଚାହିଁବେ ଯେ, ତମର ମୋର ଭେଟ ହେବା ଉଚିତ୍, ତାହେଲେ ସିଏ ତମ ପି.ଏଚ୍.ଡି.ର ୟୁନିଭର୍ସିଟି ସେମିତି ଭାବେ ଯୋଗାଡ କରିବେ । ଜମା ବ୍ୟସ୍ତ ହୁଅନି କି ଚିନ୍ତା କରନି । ମୋ ମନ କହୁଛି, ଆମେ ପୁଣି ମିଶିବା ।'

ମଧୁସ୍ମିତା ହୋଟେଲ୍ ରୁମ୍‌କୁ ଫେରୁଥିବା ସମୟରେ ସେଇ କଥା ମନେମନେ ଭଜି ହେଉଥିଲା, "ମୋ ମନ କହୁଛି, ଆମେ ପୁଣି ମିଶିବା ।'

ରଦରେ୍‌ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସମୟ ଚକ୍ରର ଗୋଧୂଳି ବେଳାରେ



ଡ. ମମତା ଏକ୍କା

ସମୟ ଚକ୍ରର ଗୋଧୂଳ ବେଳାରେ
ଖୋଜୁଛି ଆଜି ମୁଁ ସେ ଅତୀତର ବେଳା ।
ସମୟ ପ୍ରହାରେ ମଳନ ପଡିଥିବା,
କେତେ ଅବିସ୍ମରଣୀୟ ସ୍ମୃତି ।
ଧୂଳ ପରସ୍ତରୁ ଝାଙ୍କି କହୁଛି,
ସମ୍ବାଦ କର ମୋ ସାଥୀ ।
ମୃତ ଦେହର ମୃତ ସ୍ପନ୍ଦନ ଭଳ,
ସବୁ ଅଛି, କନ୍ତୁ ସବୁ ଶୂନ୍ୟରେ ।
ସେହି ସୂର୍ଯ୍ୟ, ସେହି ଚନ୍ଦ୍ର, ଅସଂଖ୍ୟ ଥର
ଆସି ଉଭେଇଯାଇଛି ଗଗନର ତଳୁ ।
ସମୟ ଚକ୍ରର ଏ ଜୀବନ ମୁହାଣେ,
ଦେଖିଛି ରୁଦ୍ର ରୂପ ଜୁଆର ଭଟ୍ଟାର ।
ଦେଖିଛି ସୌମ୍ୟରୂପ ଶାନ୍ତ ନଦୀର,
ଦେଖିଛି ଅକୁହା ସମୁଦ୍ରର ମାନସ ପଟ୍ଟରେ
ସବୁ ସମାହିତ ଏ ମାଟିର ଧୂଳରେ,
ଚମୟ ଚକ୍ରର ଗୋଧୂଳ ବେଳାରେ ॥

ଇଂରଜୀ ପ୍ରଫେସର,
ସରକାରୀ ହମିଦିଆ ମହାବିଦ୍ୟାଳୟ, ଭୋପାଳ

ISSN NO.
2582-208X

# ଜହ୍ନ ମାମୁଁ



ଡ. ପ୍ରସନ୍ନ କୁମାର ବଳ

ଜହ୍ନ ରାଇଜକୁ ଯିବାକୁ ମୋର ମନ ହେଉଛି,
ଏ ଧରାଧାମକୁ ଛାଡିକି ମୁହିଁ ଚାଲି ଯାଉଛି ।୧।
ଡର ଲାଗୁଛି ତ ସତରେ ପୁଣି ଏ ପରିବେଶ,
କିପରି ବଞ୍ଚିବି ମନରେ ମୋର ପୂରା ବିଷାଦ ।୨।
ନେଲ୍ ଆର୍ମଷ୍ଟ୍ରଙ୍ଗ୍ ସତରେ କଲେ ପ୍ରଥମେ ରାସ୍ତା,
ସବୁଦିନ ପାଇଁ ରଖିଲେ ସିଏ ମାନବ ଟେକ ।୩।
ସେବେଠୁ ତ ସତେ ସମସ୍ତେ ଆରମ୍ଭିଲେ ପ୍ରୟାସ,
ଭିନ୍ନ ଭିନ୍ନ ଦେଶ ମଧ୍ୟରେ ପୁଣି କେତେ ବିବାଦ ।୪।
ବିଜ୍ଞାନ ବଳରେ ସବୁ ତ ହୁଅନ୍ତୁ ବଳବାନ,
ଚନ୍ଦ୍ରଦେଶେ ପୁଣି କେତେ ବା କରନ୍ତୁ ଅଭିଯାନ ।୫।
ପୂର୍ଣ୍ଣିମା ଦିନରେ ତୁମର ରୂପ କି ଅପରୂପ,
ଦେଖି ଦେଲା ପରେ ଆଖିରେ ବଢେ ଆମ ବିଶ୍ୱାସ ।୬।
ତୁମ ଜ୍ୟୋତ୍ସ୍ନା ଧାରା ସତରେ ଏତେ ଆନନ୍ଦମୟ,
ଜୀବନେ ଅନ୍ଧାର ଦୂରେଇ କର ଆଲୋକ ମୟ ।୭।
ଥାଆନ୍ତା କି ଏହି ପୂର୍ଣ୍ଣିମା ଦିନ ବର୍ଷ ତମାମ,
ଜ୍ୟୋତ୍ସ୍ନା ବିଧୌତ ରଜନୀର ତ ନ ଥାନ୍ତା ହିଁ ଲଗାମ ।୮।
ଆଜି ମୋର ମନେ ପଡେ ତ ପିଲାବେଳର କଥା,
ମା ସବୁବେଳେ କହେ ତ ଜହ୍ନ ମାମୁଁର କଥା ।୯।
ଭାବେ କେବେ ପୁଣି ଯିବି ମୁଁ ଜହ୍ନମାମୁଁ ଘରକୁ,
କାହିଁକି ମନଟା ବ୍ୟାକୁଳ ଆଜି ହୁଏ ସତକୁ ।୧୦।

ସାର୍ ଦୁନଆର ଅବସ୍ଥା ଆଜି ବି ଦୁଃଖମୟ,
ଚନ୍ତା କରି କରି ମାନବ ମନ ବିଷାଦ ପ୍ରାୟ ।୧୧।
ଅମାବାସ୍ୟାର ସେ ର୍ତିରେ ସତେ କି ପରିବେଶ,
ଚ୍ରିଆଡେ ଘୋର ଅନ୍ଧାର ସତେ କରଇ ବାସ ।୧୨।
ସେହି ପରିବେଶ ଦିଅଇ ମନେ କେତେ ନୈର୍ଶ୍ୟ,
ଜୀବନ ଆକାଶେ ଆସଇ ପୁଣି ମାଡି ବିଷାଦ ।୧୩।
କି ବାର୍ତ୍ତା ସତରେ ଦେଉଛ ତୁମେ ବିବିଧ ରୂପେ,
ପୂର୍ଣ୍ଣିମା ଓ ଅମାବାସ୍ୟାର ସତେ ଏ ଦୁଇ ରୂପେ ।୧୪।
ଏହି ବାର୍ତ୍ତା ପୁଣି ଦିଅଇ ସତେ କେତେ ଇସାର୍,
ସୁଖ, ଦୁଃଖ, ପାପ, ପୁଣ୍ୟର ଅବା ଏଇ ତ ଧାର୍ ।୧୫।
ଅବା ହୋଇପାରେ ଜୀବନ ଓ ମୃତ୍ୟୁର ହିଁ ଠିକଣା,
ସତ୍ୟ ବା ମିଥ୍ୟାର ଆଭ୍ଷ ଦିଏ ଦିଅଇ ପର୍ ।୧୬।
ମନୁଷ୍ୟ ଭ୍ଗ୍ୟ ଜାତକରେ ତୁମ ସ୍ଥାନ ନିଆର୍,
ତୁମେ ତ "ଜୀବାମ୍ା" ସତରେ ମନ ବୁଝାଅ ପର୍ ।୧୭।
ଏତେ ପର୍କ୍ରମ ତୁମର ସତେ ଆଶ୍ଚର୍ଯ୍ୟ ଲ୍ଗେ,
ତୁମ ଯୋଗୁଁ ସମୁଦ୍ରରେ ତ ପୁଣି ଜୁଆର ଆସେ ।୧୮।
ଯେତେ ଶକ୍ତିଶାଳୀ ହେଲେ ବି ତୁମେ ମାମୁଁ ଆମର,
ଆମ ସୁଖଶାନ୍ତି ଦେଖିବା କର୍ତ୍ତବ୍ୟ ହିଁ ତୁମର ।୧୯।
ଏ ପୃଥିବୀ ବାସୀ ସମସ୍ତେ ଭଲ ପାନ୍ତି ତୁମକୁ,
ତୁମର ଆଶୀଷ ଥାଉ ଏ ସବୁ ଧର୍ବାସୀଙ୍କୁ ।୨୦।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ଆହେ ଜଗନ୍ନାଥ !



ଶଶଧର ମହାପାତ୍ର

ଆହେ ଜଗନ୍ନାଥ ! ଆହେ ଜଗନ୍ନାଥ !
ସକାଳୁ ଉଠିଲେ ତୁମପାଇଁ ପ୍ରଭୁ
ଆପେ ଆପେ ଉଠୁ ହାତ
ଚାହିଁ ଦେଉଳର ନେତ ।।
ହାତ ଯୋଡ଼ିଦେଇ ତୁମ ଗୁଣ ଗାଇ
ସବୁଦିନ କଟୁଥାଉ
ତୁମ ନୟନରେ ମୋ ନୟନ ମିଶି
ବିଶ୍ୱାସଭଜନ ହେଉ ।।
ତୁମଲାଗି ଯେତେ ସ୍ୱପ୍ନ ଦେଖୁଥିଲି
ବାଟ ଭାଂଗିଗଲେ ଚାଲି
କଏ ଚାଲିଗଲା ଅଧାବାଟରୁ ତ
ଏଣେ ତେଣେ ଖୋଜୁଥିଲି ।।
ବାକି ରହିଗଲା ଯାହା ମୋର ଇଚ୍ଛା
ତୁମେ ହିଁ ପୂରଣ କର
ତୁମେ ହିଁ ତ କର୍ତ୍ତା, ତୁମେ ହିଁ କାରଣ
ଶୁଣୁଛ କି ମାୟାଧର ।।
ଖାଁ ଖାଁ ବଡ଼ଦାଣ୍ଡ ଲାଗୁଥିଲା
ତୁମ ଭକତଙ୍କ ବିନା
ତୁମ ଲୀଳାଖେଳା ଅତି ଅଦ୍ଭୁତ
ଭକତଙ୍କୁ ହେଲା ମନା ।।

ISSN NO.
2582-208X

ଭାବିଲି ଏଥର ରଥରେ ଦେଖିବି
ଭାଇ ଭଉଣୀଙ୍କ ସହ
ଏମିତି କରୋନା ଗ୍ରାସ କଲା ଆସି
ଆଖିରୁ ଝରିଲା ଲୁହ ।।
ଡେଲ୍‌ଟା, ଲାମ୍ବଡ଼ା, କାପା ଭେରିଆଣ୍ଟ
ନାଁ ଶୁଣି ଲାଗେ ଡର
କରୋନା ତୁମର କଛି କରିବନ
ତୁମ ଶରୀର କାଠର ।।
ତୁମେ ରହିଅଛ ବେଶ୍ ଆରାମରେ
ନା କଛି ଚନ୍ତା ଦକ
ତୁମ ନୀତିକାନ୍ତି ଗଲେ ଆରାମରେ
ଭକତ ମାଗୁଛି ଭିକ ।।
ପତିତଙ୍କୁ ଦିନେ ଉଦ୍ଧାରିବାପାଇଁ
ଗଡୁଥିଲା ଯେଉଁ ରଥ
ମହାରଥୀ ହେଇ ପାରିଲନ କରି
କରୋନାର ଆଜି ଅନ୍ତ ।।
ବିନାଶ କାଳରେ ବିପରୀତ ବୁଦ୍ଧି
ଏ ଭାରତ ଭାଇଙ୍କର
କଛି ନମାଜକ ସଂଖ୍ୟା ବୃଦ୍ଧିକଲେ
ହୋଇ ପ୍ରେମରେ ବିଭୋର ।।
ଯେଉଁ ବାଡ଼ଗ୍ରାହୀ ଓ ଦଇତାପତି
ରଥ ଉପରେ ବସି
ଯୁଗଯୁଗ ଧରି ତୁମ ନୀତିକାନ୍ତି
କରୁଥିଲେ ହସିହସି ।।
ଗଲାସନ ଭଳ ପୋଲିସ, ପ୍ରଶାସନ,
ସେବକ ଟାଣିଲେ ରଥ
ତୁମ ସେବାୟତ ହୋଇଲେ ଭକତ

ISSN NO.
2582-208X

କଥା ହେଲା ବିପରୀତ ।।
ଏମିତି ନଘଟୁ, କଟକଣା ହଟୁ
ଭକତଙ୍କୁ ଆଣ ଡାକ
ଭକ୍ତ, ଭଗବାନ ମିଳନ ହୋଇଲେ
ଭକ୍ତ ହେବେ ଜାଣ ସୁଖୀ ।।
ପତିତପାବନ ନାଁ'ଟି ତୁମର
ଯଥାର୍ଥ ହେବ ହେ ସାଇଁ
କେତେଦିନ ଆଉ ପରୀକ୍ଷା କରିବ
ଭକ୍ତ ହେଲେ ହାଇଁପାଇଁ ।।
ମନ ଆଇନାରେ ତୁମ ରୂପ ଦେଖେ
ଦେଖୁଦେଖୁ ଲୁଚଯାଅ
ଏଇଠି ଥାଇକି ଏଇଠି ନଥାଅ
ଯଶୋଦା ରାଣୀର ପୁଅ ।।
ତୁମପାଇଁ ପିଣ୍ଡ ଧରିଛି ଜୀବନ
ତୁମେ ଚଳାଅ ମୋ ରଥ
ତୁମରି ଆଶିଷେ ବଞ୍ଚିଥିବାଯାଏ
ଚଳୁ ଭଙ୍ଗା ଗୋଡ଼ ହାତ ।।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ମୁକ୍ତ ସ୍ନାନ



ପୁଷ୍ପାଞ୍ଜଳି ପଣ୍ଡା

ତୁମେ ତ ବଡ଼ଦାଣ୍ଡରେ
ଅୟୁତଆକାଂକ୍ଷା ର
ଆକର୍ଷଣ ର କେନ୍ଦ୍ର ବିନ୍ଦୁ,
ନନ୍ଦିଘୋଷ ର ଘୋର ଘର୍ଘରର ନାଦଠାରୁ
ଅଦୃଶ୍ୟ ଦିଗନ୍ତ ପର୍ଯ୍ୟନ୍ତ
ପରିବ୍ୟାପ୍ତ
ତୀବ୍ର ଜ୍ୟୋତି ର ଆଭାରେ
ଉଦ୍ଭାସିତ ।।

ପରିପୂର୍ଣ୍ଣ ପରଂବ୍ରହ୍ମ ତୁମେ
ନବ ଦିନାତ୍ମକ ଯାତ୍ରାର
ରଥାରୁଢ ଦାରୁ,
ଜଗତର ଜଡ ଚେତନ ସଭିଏଁ
କୃତଜ୍ଞ କୃତାର୍ଥ ଅନ୍ତରରୁ ।।

ହେ ମଣିମା, ହେ ମହାବାହୁ
ରଥ ପଥ ତୁମମୟ
ସଭିଙ୍କୁ ମିଳୁଛି ଆଜି
ତୁମ ଅଭୟ ଆଶ୍ରୟ

ISSN NO.
2582-208X

ଶରଧା ବାଲିରେ ଗୁଣ୍ଡିଚା ଯାତରେ
ଚତୁର୍ଦିଗ ଭାବମୟ, ଭକ୍ତମୟ।।

ହେଲେ ମୋ ଶେଷ ସମୟର
ଅନ୍ତିମ ପ୍ରହରେ
ମୁଁ ଅଛି ମାଇଲ୍ ମାଇଲ୍ ଦୂରରେ
ଦିବ୍ୟଚକ୍ଷୁ ମିଳେ କି ସଭିଙ୍କୁ!!
ହେଲେ ତୁମ କୃପାର କର୍ପୁର ରେ
ମୁଁ ଦେଖୁଛି ରଥାରୁଢ
ମୋ କଳା ବାମନ।।
କରୁଛି ମୁଁ ମୁକ୍ତି ସ୍ନାନ
ଧନ୍ୟ ଏ ଜୀବନ
ଧନ୍ୟ ଏ ଜୀବନ।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ISSN NO.
2582-208X

# ଅଦେଖା ସଂପର୍କ



ଶାନ୍ତିଲତା ମିଶ୍ର

ଆଜି ବି ଆସିଛି ବୋଉର ସେଇ ଏକ ଲମ୍ବା ଚଉଡା ଚଠି । ଦି ମାସ ଭିତରେ ତିନ ଖଣ୍ଡ ଚଠି । ସେଇ ଏକା କଥା ତୁ ଶିଘ୍ର ଘରକୁ ଆ । ତୋ ବାହାଘର ଟା ସାରିଦେଲେ ଆମେ ନଶ୍ଚିନ୍ତରେ ଏ ସଂସାରରୁ ଦାୟୁତ୍ୱ ମୁକ୍ତ ହୋଇ ଯାଇ ପାରିବୁ । ଏଥରକ ସେ ଚଠିକୁ ସେପରି ମନ ଦେଇ ପଢିଲ୍‌ନ । ଉପରୁ ଉପରୁ ଆଖି ବୁଲେଇ ଦେଇ ଆଣି ରଖିଦେଲ୍‌ ।

ବୋଉକୁ କଣ ବାହାଘର ଏକ ଖେଳ ଘର ଲ୍‌ଗିଛି ନା କଣ ! ବୋଉର ଭାଇର ଶଳାର ମାମୁର ସମୁଧିର ଝିଅ ସେ ପୁଣି କେଉଁ ଅଖ୍ୟାତ ପଲ୍ଲୀର । ରୂପ ଗୁଣ ଯୋଗ୍ୟତା କୋଉଥିରେ କଛି ବାଛିବାକୁ ନାହିଁ । ତେବେ ଏପରି ଝିଅକୁ ତ ହଜାର ପିଲ୍‌ ବାହାହବାକୁ ମିଳଯିବେ ଖାଲି ବିକାଶ କାହିଁକ ! ବୋଉର ଏ ପୁରୁଣା କାଳଆ ଢଙ୍ଗ ଯାଉନ କ ଯିବନ । ଯେତେ ସେ ସହରରେ ରହୁ ଉଚ୍ଚ ଶିକ୍ଷିତ ପରିବାର ସହିତ ମିଶିକ ରହୁ !

ସେ ଆମେରିକାକୁ ଏଇ ଦୁଇ ବର୍ଷ ହେବ ଆସିଛି ତା ଆଗରେ ବିସ୍ତୃତ ଭବିଷ୍ୟତ, ଅନେକ ସ୍ୱପ୍ନ ଅନେକ କାମନା କଛି ବି ଏ ଯାଏର ପ୍ରାରମ୍ଭ ବି ହୋଇନ । ଏଥରକ ବୋଉ ପୁଣି ଲେଖିଛି ସେମାନେ ଝିଅ ଘର ବେଶୀ ଦିନ ଅପେକ୍ଷା କରିବେନ । ଏପରି କଥାର ସେ କଣ ଯେ ଉତ୍ତର ଦେବ ! ସେ ଏପରି ଏକ ଝିଅ ସଙ୍ଗେ କାହିଁକ ବିବାହ କରିବାକୁ ଯିବ ଯାହାର ବିବାହ ବ୍ୟତୀତ ଅନ୍ୟ କଛି ଲକ୍ଷ ନାହିଁ ଜୀବନରେ । ନା' ତାର ସୁନତା ପରି ଏକ ଆତ୍ମନର୍ଭରଶୀଳ ଝିଅ ଦରକାର । ଯିଏକ ନଜର ସବୁ ଦାୟୁତ୍ୱ ନଜେ ନେଇ ପାରୁଥିବ । ବିକାଶ ଉପରେ ସବୁବେଳେ ନର୍ଭର କରୁ ନଥିବ । ସେମାନେ କେବଳ ଦୁଇ ଭଲ ବନ୍ଧୁ ହୋଇ ରହିବେ ଜୀବନ ସାର୍‌ ।

ISSN NO.
2582-208X

ଯୁଗ ଯାଇ କୋଉଠି ପାଇଲାଣି । ଏଥରକ ସେ ବୋଉ ଚଠିର କଛି ଉତ୍ତର ବି ଦେଲା ନାହିଁ। ପରୀକ୍ଷା ଅଛି ଫୋନ ରେ ବାପାଙ୍କୁ ଜଣେଇ ଚୁପ ରହିଗଲା । ସୁନତା ତାର ଯଦିଓ ପସନ୍ଦ କନ୍ତୁ ସେ ଏ ଯାଏ ଜାଣି ପାରିନ ସୁନତାର ମନ କଥା । ସେ ତାକୁ ପସନ୍ଦ କରେ କ ନାହିଁ ! ସୁନତା ତିନ ବର୍ଷ ହେବ ଏଠିକୁ ପଢିବାକୁ ତା ପରି ଆସିଛି । ଅନେକ ଥର ଏଠି ସେଠି ଦେଖା ହୋଇଛି । କଥାବାର୍ତ୍ତା ବି ହୋଇଛି । ଅନେକଙ୍କ ସହିତ ବନ୍ଧୁତ୍ୱ ଅଛି ଯଦିଓ ସୁନତା ସହିତ ଆତ୍ମୀୟତା ଟିକେ ଅଧିକ ନଶ୍ଚୟ ।

ସେ ଦିଲ୍ଲୀରେ ବଢିଛି କନ୍ତୁ ତାର ପୂର୍ବଜ ମାନେ ଓଡିଶାର କୌଣସି ଏକ ଗାଁର । ତାକୁ ସେ ବିଷୟରେ ଭଲ ଭାବରେ କଛି ଜଣା ନାହିଁ । ଏ ଏକ ତରଫା ପ୍ରେମ କହିଲେ ଚଳବ। କାରଣ ସେମାନଙ୍କ ବନ୍ଧୁତ୍ୱର କଥାବାର୍ତ୍ତା ବିବାହ ପର୍ଯ୍ୟନ୍ତ ଆଗେଇ ନାହିଁ । ଅନେକ ଥର ସେ ସୁନତାକୁ ତାର କେହି ଏ ଯାଏ ପୁରୁଷ ବନ୍ଧୁ ଅଛନ୍ତ କ ନାହିଁ ପଗ୍ଭରିଛି କନ୍ତୁ ସୁନତା ତା କଥାର ଉତ୍ତର ଦେବା ବଦଳରେ ରାଜନୀତି ଠାରୁ ଆରମ୍ଭ କରି କ୍ରୀଡାଜଗତ ସବୁ କଥା ଗପିଯାଏ ଅନର୍ଗଳ । ତାକଥା ବାର୍ତ୍ତା ଶୁଣିବାକୁ ବହୁତ ଭଲ ଲାଗେ । କନ୍ତୁ ବିଶେଷ ସାହାସ କରି ପାରେ ନାହିଁ ବକାଶ ବିବାହ ବିଷୟରେ କୌଣସି ଆଲୋଚନା କରିବାକୁ ।

ଏ ବି ଅନ୍ୟ ଏକ ସମସ୍ୟା ଆତ୍ମ ନର୍ଭରଶୀଳ ଝିଅ ମାନଙ୍କର । କୌଣସି କଥାରେ ଏତେ ଗୁରୁତ୍ୱ ଦିଅନ୍ତନ । ଯେତେ ଥର ଏ ପ୍ରସଙ୍ଗ ପକେଇଛି ବିକାଶ, ସୁନତା କଥା ଟାଳ ଦିଏ। ବେଳେ ବେଳେ ଧୈର୍ଯ୍ୟଚ୍ୟୁତି ଘଟି ଯାଏ ବିକାଶର । ନା ବୋଉ କଥାରେ ସେ ରାଜି ହୋଇଯିବ । ବୋଉ କେବେ ତା ପସନ୍ଦ ବିରୋଧରେ ଝିଅ ବାଛି ନଥିବ । ସେ ଭଲ ଭାବରେ ଜାଣେ ବୋଉକୁ । ତାର ଅନ୍ୟ ଦୁଇ ସନ୍ତାନ ଠାରୁ ଅଧିକ ଭଲ ପାଏ ସେ ବିକାଶକୁ । ଯଦିଓ ମା ପାଇଁ ତାର ସବୁ ସନ୍ତାନ ସମାନ କନ୍ତୁ ତାର ଏପରି ମନେ ହୁଏ କାହିଁକ ସେ ଜାଣେନା ।

ପିଲାବେଳେ ତାକୁ ପାଞ୍ଚ କ ଛ ବର୍ଷ ହୋଇଥିଲା ବେଳେ ସେ ଶକ୍ତ ବେମାରରେ ପଡି ଯାଇଥିଲା ବଞ୍ଚିବାର ଆଶା କମ୍ ଥିଲା । ବୋଉର ରାତି ଦିନର ସେବା ଅନେକ ଦେବା ଦେବୀଙ୍କୁ ପ୍ରାର୍ଥନା ଖାଲି ପାଦରେ ତୀର୍ଥ ସ୍ଥାନ ଭ୍ରମଣ ତା ପାଇଁ । ସେ କୌଣସି ମତେ ବଞ୍ଚି

ISSN NO.
2582-208X

ଯାଇଥିଲା । ସେ ଦିନଠୁ ବୋଉର ସବୁ ବେଳେ ତା ଉପରେ ବେଶୀ ନଜର । ଟିକେ କଣହେଲେ ସେ ଡରି ଯାଏ । ଆମେରିକା ବି ତାକୁ ଛାଡିବାକୁ ବୋଉ ନାରାଜ ଥିଲା । ବହୁ କଷ୍ଟରେ ତାକୁ ରାଜି କରେଇ ତିନ ଚାରି ବର୍ଷ ପାଇଁ ଆସିଛି ସେ ମାତ୍ର ।

ତେଣୁ ବୋଉର ମନକୁ ଭାଙ୍ଗି ଦେବାକୁ ତାର ଇଛା ନାହିଁ । ବୋଉର ସେ ସବୁ କଥା ସେ ରକ୍ଷା କରିପାରେ, ଇଛା ହେଉ ବା ନହେଉ କିନ୍ତୁ ବିବାହ ବିଷୟରେ ସେ ନିଜ ଇଛା ମୁତାବକ ବାଛି ବାହାହେବ ବୋଲି କହି ଦେଇଥିଲା ଆଗରୁ । ସୁନିତା ସହିତ ବନ୍ଧୁତ୍ୱ ଟା ତାର ଟିକେ ଆଗକୁ ବଢେଇନେବା ଉଚିତ । ଏବେ ଟେକସ୍ଟ ମେସେଜ ଦିବା ନିବାଟା ବେଶୀ ବଢି ଯାଇଛି ଆଗ ଅପେକ୍ଷା । ମଝିରେ ମଝିରେ ସିନେମା ଦେଖା, ଗେମ୍ ଶୋ, କନସର୍ଟ ପ୍ରଭୃତି ଦେଖା ଅଧିକ ଚାଲିଛି । ସୁନିତା ମନ ଭିତରେ କଣ ଚାଲିଛି ବିକାଶର ପୁରା ଜାଣିବାକୁ ଇଛା ।

ହଠାତ୍ ଦିନେ ବାପା ଇ ମେଲ ଦ୍ୱାରା ଜଣେଇଦେଲେ ଯେ ବୋଉ ଭିଷଣ ଅସୁସ୍ଥ । ତତେ ଦେଖିବାକୁ ଚାହେଁ । ବୋଉର ଏ କିଛି ନୂଆ ଚାଲ୍ ନୁହେଁତ । କିନ୍ତୁ ଏମିତି ମିଛ ବାପା କହି ନପାରନ୍ତୁ । ମନ ଟା ଭଲ ଲାଗିଲାନ । ସୁନିତାକୁ ଇମେଲ ରେ ଜଣେଇ ଦେଇ ସେ ଘରକୁ ଓଡିଶା ଫେରିଲା ।

ବୋଉ ଦୁଇଟା ରେଜେଇ ଘୋଡି ହୋଇ ଶୋଇଛି ଏକ ଦୟନୀୟ ଅବସ୍ଥାରେ ଆଖିରୁ ଲୁହ ଝରିଗଲା ବିକାଶର ଦେଖି । ସେ ଘରକୁ ଆସି ଠିକ୍ କରିଛି । ନଚେତ ଜୀବନ ସାରା ସେ ନିଜକୁ କେବେ କ୍ଷମା କରି ପାରି ନଥାନ୍ତା । ଯଦି ବୋଉର କିଛି ହୋଇ ଯାଇଥା'ନ୍ତା । ସେ ବୋଉର ହାତ ଧରି ସେଦିନ କହିଥିଲା ବୋଉ ତୁ ଯୋଉଠି କହିବୁ ମୁଁ ସେଇଠି ବାହା ହବାକୁ ରାଜି ତୁ ଶିଘ୍ର ଭଲ ହେଇଯିବୁ ବ୍ୟସ୍ତ ହଅନା ।

"ତତେ ଦେଖିଲା ପରେ ମୁଁ ତ ଅଧେ ଭଲ ହୋଇ ଗଲିଣି । ଆସନ୍ତା ରବିବାର ଦିନ ଝିଅ ଘରକୁ ଭାଇ ଭାଉଜ ସହିତ ଯାଇ ଝିଅ ଦେଖି ନିର୍ବନ୍ଧ କରି ଦେଇ ଆସ ।' ବୋଉ କହିଲା । ଏତେ ଶିଘ୍ର ତାକୁ କିଛି ସମୟ ଭାବିବାକୁ ତ ଦିଅ । କିନ୍ତୁ କିଛି କହି ପାରିଲାନ ବିକାଶ, ବୋଉର ଏତେ ଆତୁରତା ଦେଖି । ଯାହା ବୋଉ କହୁଛି ସେଇଆ ହିଁ ସେ କରିବ ।

ISSN NO.
2582-208X

ଆସନ୍ତା ରବିବାର ଦିନ ବିକାଶ, ବଡ ଭାଇ, ଭାଉଜ, ସାନ ଭଉଣୀ ଓ ତା ସ୍ଵାମୀ ଗୋଟେ ଗାଡିରେ ଆଗ ବାହାରି ଗଲେ । ପଛରେ ଆଉ ଏକ ଗାଡିରେ ବାପା ବୋଉ ଓ ମାମୁଁ ମାଇଁ ଆସିବାର ପ୍ଲାନ ହେଲା ।

ଝିଅ ଘର ନହାତି ଏକ ମଫସଲ ଗ୍ରାମରେ । ଗାଡି ବହୁ କଷ୍ଟରେ ଯାଇ ପାରିଲା । ମନେ ମନେ ବହୁତ ବିରକ୍ତ ହେଉଥିଲେ ବି କିଛି କହି ପାରିଲାନ ବିକାଶ । ସେ କେବେ ବି ରାଜି ହୋଇ ପାରିବନ ଏପରି ଏକ ଗାଆଁର ଲୋକ ମାନଙ୍କ ସହିତ ସଂପର୍କ ରଖିବାକୁ । ଯାହାବି ହେଉ ଧୈର୍ଯ୍ୟର ସହିତ ସେ ବସି ରହିଲା । ମନେ ମନେ ଅନେକ କିଛି ଭାବି ନେଲା ଏ ବାହାଘରକୁ କପରି ଟାଳ ଯିବ ।

ଝିଅ ଦେଖା ପର୍ବ ଆରମ୍ଭ ହେଲା । ଝିଅଟି ହାତେ ଓଢଣା ଟାଣି ଆସି ଗଲା ତା ଭାଇ ଭାଉଜଙ୍କ ସହ । ଖିଆ ପିଆ ସାମାଜିକ ଔପଚାରିକ ପରେ ବିକାଶର ଭାଉଜ କହିଲେ ଆମେ ଏ ପର୍ଯ୍ୟନ୍ତ ଝିଅର ମୁହଁ ଦେଖିନୁ ଯେ, କହି ଝିଅ ମୁହଁରୁ ଓଢଣାଟା କାଢି ଦେଲେ । ଆରେ ସମସ୍ତେ ତ ଆଶ୍ଚର୍ଯ୍ୟ । ବିକାଶ ତ ଆକାଶରୁ ଖସି ପଡିଲା ଜାଣ । "ସୁନତା ତୁମେ ! ଏପରି ନାଟକର ଉଦ୍ଦେଶ୍ୟ !'

"ସବୁ ପରେ ଜଣେଇବି ଆଗ ହସି ସାରେ ।'

ସେତେବେଳକୁ ବିକାଶର ବାପ ମା ମାମୁଁ ମାଇଁ ସମସ୍ତେ ଆସି ପହଞ୍ଚି ସାରିଥିଲେ । ସମସ୍ତଙ୍କ ହୋ ହୋ ହସରେ କେହି କାହା କଥା ଶୁଣି ପାରୁ ନଥାନ୍ତି ।

ସୁନତାର ଭାଇ କଥା ଆରମ୍ଭ କଲେ ସେମାନେ ଦିଲ୍ଲୀରେ ରୁହନ୍ତି ସତ କିନ୍ତୁ ତାଙ୍କ ପୈତୃକ ଭିଟା ମାଟି ଏଇ ଗାଆଁରେ । ବାପାଙ୍କ ଖୁଡି ଯିଏ କି ଶହେ ବର୍ଷ ବୟସ ଏବେ ତାଙ୍କୁ । ବାପାଙ୍କ ମା ପିଲାବେଳୁ ସେ ହରେଇଥିଲେ ଏଇ ଖୁଡି ହିଁ ତାଙ୍କୁ ପାଳଥିଲେ । ଜେଜେ ମାଙ୍କ ଏ ବୟସରେ ଦିଲ୍ଲି ଯିବା ସମ୍ଭବ ନୁହେଁ । ସୁନତାର କଥାରୁ ଯାହା ଜଣା ପଡିଲା ତମେ ଆସି ଏ ଗାଁରେ ବିବାହ କରିବାକୁ ରାଜି ହେବ ନାହି, ତୁମ ସାଙ୍ଗ ସାଥି ଗହଣ ଛାଡି । ବାପାଙ୍କ ଖୁଡିଙ୍କ ଖୁସି ପାଇଁ ଆମକୁ ଏଠାରେ ସୁନତାର ବାହାଘର କରିବାକୁ ଇଚ୍ଛା ଥିଲା ।

ISSN NO.
2582-208X

ତା ପରେ ସୁନତା ଭାଇ ଠାରୁ କଥା ଛଡେଇ ନେଇ ନିଜେ କଥା ଆରମ୍ଭ କଲା । "ତମେ ମୋ ପ୍ରତି ଅନୁରକ୍ତ ତୁମ କଥା ବାର୍ତ୍ତାରୁ ମୁଁ ଜାଣି ପାରିଥିଲି । ତେଣୁ କଥାରେ କଥାରେ ମୁଁ ତୁମ ଘର ପରିବାର ଠିକଣା ସବୁ ଆଦାୟ କରି ନେଇ ମୋ ବାପ ମାଙ୍କ ସଙ୍ଗେ କଥାବାର୍ତ୍ତା କରି ତୁମ ବାପ ମାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ କହିଥିଲି ।'

ତାପରେ ଏପରି ପ୍ଲାନ କରା ହୋଇଥିଲା କାରଣ ତୁମ ବାପ ମା କହିଲେ ତୁମେ ପିଲା ବେଳେ ଥରେ ସେମାନଙ୍କ ଗାଁକୁ ଯାଇଥିଲ ସେଠାରେ ଏକ ସାପ ତୁମ ଶୋଇବା ଘରେ ଦେଖି ଏତେ ଡରି ଯାଇଥିଲ ଯେ ଆଉ କେବେ ଗାଁକୁ ଯାଇ ନାହଁ କି ଯିବାକୁ ଇଛା କରି ନାହଁ। ତେଣୁ ଏପରି ପ୍ଲାନ କରି ତୁମକୁ ଗାଁ ଦେଖେଇବାକୁ ନେଇ ଆସିଲି । ସେତେବେଳର ଗାଁ ଆଉ ଏବେକାର ଗାଁ ଭିତରେ ବହୁତ ପାର୍ଥକ୍ୟ ଆସି ଗଲାଣି ତୁମର ଜାଣିବା ଉଚିତ । ବାହାଘର ଆସନ୍ତା ସପ୍ତାହରେ ସାରି ଆମେ ଏଠାରୁ ଯିବା ସବୁ ବ୍ୟବସ୍ଥା ହୋଇ ସାରିଛି ।

ଆଶ୍ଚର୍ଯ୍ୟରେ କେବଳ ଶୁଣୁଥିଲା ରହିଥିଲା ବିକାଶ । ଏହା ସତ ଘଟଣା କି କାହାଣୀ ସେ ଜାଣି ପାରୁ ନଥିଲା । "କିନ୍ତୁ ସୁନତା ତୁମେ ସତରେ ଜଣେ ଆବଶ୍ୟକତା ଠାରୁ ଅଧିକ ଆତ୍ମ ନିର୍ଭରଶୀଳ ମହିଳା ଯାହାକି ମୋର ନିହାତି ଦରକାର ଥିଲା ।' ବିକାଶ ଏକ ଜୋରଦାର ହସ ସହିତ ଏତକ କହିଥିଲା । ମୁଁ ବେଳେ ବେଳେ ଠିକ୍ ସମୟରେ ଠିକ୍ ନିର୍ଣ୍ଣୟ ନେଇ ପାରେନା ।

ସମସ୍ତଙ୍କର ହସ ସରିବାକୁ ବେଶ୍ କିଛି ସମୟ ଲାଗି ଯାଇଥିଲା । ବୋଉ ବି ହସି ଗଲିଥିଲା। ବୋଉ ପାଖକୁ ଆସି ତା ହାତ ଧରି ବିକାଶ କହିଥିଲା ବୋଉ ତୁ ଠିକ୍ ଅଛୁ ତ ।

ଦୂର୍ ପାଗଳା ମୋର କିଛି ହୋଇ ନାହିଁ ସବୁ ନାଟକ ତତେ ଏ ବିବାହ ଯନ୍ତାରେ ପୁରେଇବାର ଏକ କୌଶଳ ମାତ୍ର । "

ବୋଉ ତୁ ବି........।

ରଚେଷ୍ଟର, ମିନେସୋଟା

ISSN NO.
2582-208X

# ଭବ ସାଗରକୁ ସେ ଏକା ନାଉରୀ



ଜୟନ୍ତୀ ଦେବୀ

ଭବସାଗରକୁ ସେ ଏକା ନାଉରୀ ପାରିକରେ ନାଆ ଧରି ।
ଭକତ ବାନ୍ଧବ ବିଷ୍ଣୁ ବାସୁଦେବ ନୀଳମଣି ମଧୁହାରୀ ।୧।

ଭଗବାନ ନନ୍ଦନନ୍ଦନ ମୋହନ ବିଜୟତି ନୀଳଗିରି ।
ଭରତ ଅଗ୍ରଜ ରାମ ଦେବରାଜ ସୀତାପତି ରାବଣାରୀ ।୨।

ଭଗାରୀ ନହେବ ଶମନ କଦାପି ସ୍ମରିଲେ ବାଙ୍କ ବିହାରୀ ।
ଭବଭୟ ହାରୀ ହରି ଦଇତାରୀ ଚଉବର୍ଗ ଦାନକାରୀ ।୩।

ଭକତ ରଖଇ ଶଙ୍ଖରେ ପୂରାଇ ଚକ୍ରଢାଙ୍କି ଚକ୍ରଧାରୀ ।
ଭକତ ଭେଳିଆ ସେ ଜଗାକାଳିଆ ବନମାଳିଆ ଶ୍ରୀହରି ।୪।

ଭବ ତା ଭକତ ହରିବ ଦୂରୀତ ଭଜ ହରି ଦନୁଜାରୀ ।
ଭବାର୍ଣ୍ଣବତରୀ ମୁକୁନ୍ଦ ମୁରାରୀ ଶଙ୍ଖ ଚକ୍ର ଗଦାଧାରୀ ।୫।

ଭକ୍ତ ପିତାମାତା ସେ ବିଶ୍ୱ ବିଧାତା ଗାଭୀ ସେ ଭକ୍ତ ବାଛୁରୀ ।
ଭଲ ମନ୍ଦ ମାନ ସବୁ ତା ଭିଆଣ ଜାଣିଥାଅ ହେତୁ କରି ।୬।

ଭଜନ କୀର୍ତ୍ତନ କର ନନ୍ଦନାନ ନାରାୟଣ ଦାନବାରୀ ।
ଭଲ ଲୀଳା ଭିଆଇଛି ମାୟାଧର କେଜାଣେ ମାୟା ତାହାରି ।୭।

ISSN NO.
2582-208X

ଭବତା ଗୁକର ରେ ମନ ପାମର ନଦଣ୍ଡିବ ଦଣ୍ଡଧାରୀ ।
ଭରଷା କରିଣ ତାର ରଙ୍ଗାପଦ ଗୁଲ ନରେ ଅନୁସରି ।୮।

ଭକତ ଭ୍ଵବରେ ବନ୍ଧା ଛନ୍ଦା ପାଦ ଶୁଣେ ଭକତ ଗୁହାରୀ ।
ଭବାର୍ଣ୍ଣବ ପାରି କରେ ବଂଶୀଧାରୀ ନାମ ସ୍ମରିଲେ ତାହାରି ।୯।

ଭର ଏ ଜୀବନେ ସୁଖଶାନ୍ତ ମାନ ପୁଣ୍ୟମୟ ନରହରି ।
ଭବ ସିନ୍ଧୁ ନାବ ତୁହି ବାସୁଦେବ ହରି ଶ୍ରୀକ୍ଷେତ୍ର ବିହାରୀ ।୧୦।

ମାର୍ଫତ୍ – ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ରାଧାମୋହନ
# ଚଉତିଶା



ଡ. ଅର୍ଜୁନ ଚରଣ ବାରିକ୍

ଦଇତାରୀ ହରି ମୁକୁନ୍ଦ ମୁରାରୀ ମାଧବ ମଧୁସୁଦନ
ଦମନ କରଇ ଶମନ ଦରପ ଶ୍ରୀକୃଷ୍ଣ ଜଗୁ ଜୀବନ ।୩୫।
ଦୟଣା ତୁଳସୀ ମାଳିଆ କାଳିଆ କେଶବ ଜଗମୋହନ
ଦାମୋଦର ହରି ଦେବ ମଧୁହାରୀ ମାନସ କର ଚିନ୍ତନ ।୩୬।
ଧନ ନିର୍ଦ୍ଧନର କରୁଣା ସାଗର ନରହରି ଶ୍ରୀୟା ବର
ଧାନୁକୀ ପଣରେ ନାମ ଶ୍ରେଷ୍ଠ ଯାର ରାବଣାରୀ ସୀତାବର ।୩୭।
ଧଳାକଳା ହଳଦିଆ ତିନିରୂପ ଦର୍ଶନେ ଦୂରୀତ ହର
ଧିକ ତା ଜୀବନ ଯେ ନଭଜେ ରାମ ଦଶରଥର କୁମର ।୩୮।
ନୀଳାଚଳିଆ ସେ ଚିକ୍କଣ କାଳିଆ ଶ୍ରୀହରୀ ନୀଳମାଧବ
ନାଦବ୍ରହ୍ମ ହରି ମାଧବ ମୁରାରୀ ଦାନବାରୀ ବାସୁଦେବ ।୩୯।
ନକରିଣ ହେଳା ଚିନ୍ତ ଚକାଡୋଳା ସକଳ ଦେବଙ୍କ ଦେବ
ନମାମି ଶ୍ରୀରାମ ପୁରୁଷ ଉତ୍ତମ ପୁଣ୍ଡରୀକାକ୍ଷ ରାଘବ ।୪୦।
ପିବ ହେ ସାଧବ ନାମ ସୁଧାରସ ମାଧବର ଦିବାରାତ୍ର
ପତିତ ତାରଣ ଦେବ ନାରାୟଣ ନରହରି ଶ୍ରୀୟାକାନ୍ତ ।୪୧।
ପାବନ ଯାହାର ନାମ ରୂପ ଲୀଳାଧାମ ଆଶ୍ଚର୍ଯ୍ୟ ବହୁତ
ପୀତବସନ ପରିଧାନ ମୋହନ ଜଗଦୀଶ୍ୱର ଶ୍ରୀକାନ୍ତ ।୪୨।
ଫଣୀ ଶୟନ ଶ୍ରୀହରି ଦନୁଜାରୀ କ୍ଷୀର ସାଗର ଶୟନ
ଫଳ ଫୁଲ ପ୍ରିୟ କୃଷ୍ଣ ଦେବରାୟ ପୁତନାରୀ ଜନାର୍ଦ୍ଦନ ।୪୩।

ISSN NO.
2582-208X

ଫୁଲ ରସିଆ ସେ କଜ୍ୱଳ କାଳିଆ ନଟନାଗର ଶ୍ରୀକୃଷ୍ଣ
ଫଗୁ ରସିଆ ବନମାଳିଆ ହରି ନାମ ଧାମ ଯା ପାବନ ।୪୪ ।
ବଂଶୀ ବଦନ ଶ୍ରୀକୃଷ୍ଣ ନନ୍ଦନାନ କେଶବ କରୁଣାକର
ବକାରୀ କଂସାରୀ କୃଷ୍ଣ ମଧୁହାରୀ ଦଇତାରୀ ସୁରେଶ୍ୱର ।୪୫ ।
ବଳ ଦୁର୍ବଳର ଦେବକୀ କୁମର ଦୀନ ବାନ୍ଧବ ଶ୍ରୀଧର
ବସନ ଭୂଷଣ ଯାର ଅନୁପମ ଭବନ ଯା ଶ୍ରୀମନ୍ଦିର ।୪୬ ।
ଭବ ସାଗର କୁ ନାବ ପଦ୍ମନାଭ ତାରଇ ସାରା ଜଗତ
ଭବାନୀର ବର ନାମ କୁ ଯାହାର ଜପ କରୁଛନ୍ତି ନିତ୍ୟ ।୪୭ ।
ବବାର୍ଣ୍ଣବ ତାରଣ କାରଣ ହରି ପାଣ୍ଡବ ପ୍ରିୟ ଅଚ୍ୟୁତ
ଭାବକୁ ନିକଟ ଅଭାବକୁ ଦୂର ଶ୍ରୀହରି ଭାର୍ଗବୀ କାନ୍ତ ।୪୮ ।
ମକର କୁଣ୍ଡଳ ଶୋହେ ଗଣ୍ଡସ୍ଥଳ କଟୀ ତଟେ ପୀତବାସ
ମଦନ ମୋହନ କୃଷ୍ଣ ଜପ ମନ ହରିବଭବ କଳୁଶ ।୪୯ ।
ମନ ଭଜ ରାମ ନରହିବ କାମ ତମ ଅଘ ହେବ ନାଶ
ମଙ୍ଗଳ ମୂରତୀ ହରି ଯଦୁପତି ଭକ୍ତ ବାନ୍ଧବ ରମେଶ ।୫୦ ।
ଯଦୁନନ୍ଦନ ଶ୍ରୀକୃଷ୍ଣ ଜନାର୍ଦ୍ଦନ ହରି ହରେ ଭବ ତାପ
ଯମୁନା କୂଳିଆ ଶ୍ରୀଖଣ୍ଡ ଚୂଳିଆ ନଟରାଟ ବିଶ୍ୱବାପ ।୫୧ ।
ଯଶୋଦା ନନ୍ଦନ କୃଷ୍ଣ ଭଗବାନ ତପୀ ଜନଙ୍କର ତପ
ଯମଦଣ୍ଡହାରୀ ହରି ଦନୁଜାରୀ ନରହରି ବିଶ୍ୱ ରୂପ ।୫୨ ।
ରଜନୀଶ ବଂଶ ଅବତଂସ କୃଷ୍ଣ କେଶବ ଦଧିବାମନ
ରହସ୍ୟମୟ ଠାକୁର ଦାମୋଦର ଚକ୍ରଧାରୀ ଜନାର୍ଦ୍ଦନ ।୫୩ ।
ରସିକ ଶେଖର ମୂରଲୀ ଅଧର କଟୀରେ ପୀତ ବସନ
ରାଶିରାଶୀ ଦୂରୀତ କରେ ଦହନ କଲେ ବାରେ ଦରଶନ ।୫୪ ।
ଲଙ୍ଗଳା ହୋଇଣ ଆସିଅଛି ଜୀବ ଲଙ୍ଗଳାହୋଇ ଫେରିବ
ଲାଭ ସଂସାରରେ ଶ୍ରୀହରି ଭଜନ ଜପ ହରି ବାସୁଦେବ ।୫୫ ।
ଲୟ ଲଗା ମନ ଶ୍ରୀରଙ୍ଗା ଚରଣ ଭବସିନ୍ଧୁ ତରିଯିବ
ଲୋଭ ବଢା ନିତି ଭଜନେ ଶ୍ରୀପତି ବିଷୟା ବିଷ ହରିବ ।୫୬ ।
ବନମାଳୀ ପଦ ଅକ୍ଷୟ ସଂପଦ ଯତନେ ନରେ ସାଇତ

ISSN NO.
2582-208X

ବକାରୀ କୃଷ୍ଣ କଂସାରୀ ଦନୁଜାରୀ ସ୍ମରଣେ ହରେ ଦୂରୀତ ।୫୭।
ବର୍ଦ୍ଧନ କରଇ ଧର୍ମ ଧନ ମାନ ଶ୍ରୀହରି କମଳାକାନ୍ତ
ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା ରୂପ ଗୁଣ ଯା ଅନନ୍ତ ।୫୮।
ଶରଣ ବତ୍ସଳ ଦେବ ଆଦିମୂଅ ନନ୍ଦସୁତ ଗୋପିନାଥ
ଶତଦଳ କର ଶ୍ରୀମତୀର ବର ଚକ୍ରଧାରୀ ଜଗନ୍ନାଥ ।୫୯।
ଶାରଙ୍ଗ ଧନୁ ଧାରଣ ନାରାୟଣ ନନ୍ଦିଘୋଷ ଯାର ରଥ
ଶବ୍ଦ ବ୍ରହ୍ମ ହରି ମୁକୁନ୍ଦ ମାଧବ ଦରଶାଏ ଦିବ୍ୟ ପଥ ।୬୦।
ସତ୍ୟ ଧରମ ଆକର ଶ୍ରୀୟାବର ନୀଳମଣି ଜଗଦୀଶ
ସାରଥି ପାର୍ଥ ରଥର ଦାମୋଦର ରାଧାସ୍ୱାମୀ ହୃଷୀକେଶ ।୬୧।
ସର୍ବ ଅନ୍ତର୍ଯ୍ୟାମୀ ମୋ ଜୀବନ ସ୍ୱାମୀ ଶ୍ରୀହରୀ ଜଗନ୍ନିବାସ
ସାର ସଂସାରରେ ନାମ ଶ୍ରୀହରିର କୃଷ୍ଣ କମଳା ବିଳାସ ।୬୨।
ଷଟପଦ ସାଜି ରେମନ ପାଗଳ ରହ ହରି କଞ୍ଜ ପଦ
ଷାଠିଏ ପଉଟି ଖିଆ ସେ କାଳିଆ ନାମୁଁ ସ୍ରବେ ମକରନ୍ଦ ।୬୩।
ଷଣ୍ଡାରୀ କଂସାରୀ କୃଷ୍ଣ ଦାନବାରୀ ଶ୍ରୀହରି କଳା ଗୋବିନ୍ଦ
ଷଡ ରସରେ ଭୋଜନ କରେ ନିତ୍ୟ ନରହରି ଆଦିକନ୍ଦ ।୬୪।
ହଟିଆ ଠାକୁର କମଳାର ବର ନୟନାଭିରାମ ସ୍ମର
ହରି ଦନୁଜାରୀ ମାଧବ ମୁରାରୀ ବିଜୟତି ଶ୍ରୀ ମନ୍ଦିର ।୬୫।
ହଳଧର ଅଟନ୍ତି ଅଗ୍ରଜ ଯାର ପାର୍ଥ ସାରଥି ଶ୍ରୀଧର
ହନନ କରଇ ଭବ ତାପମାନ ଦର୍ଶନେ ରୂପ ତାହାର ।୬୬।
କ୍ଷମା ସିନ୍ଧୁ ଜଗବନ୍ଧୁ ଦୀନବନ୍ଧୁ ବନ୍ଧୁ ତା ସକଳ ଜନ
କ୍ଷରଇ ସମ୍ପଦ ଚିନ୍ତିଲେ ଗୋବିନ୍ଦ ପର ମାନନ୍ଦ ମୋହନ ।୬୭।
କ୍ଷେତ୍ରବାସୀ ବ୍ରହ୍ମରାଣୀ ହୃଷୀକେଶୀ ସ୍ମରେ ଶିଶୁ ଅରଜୁନ
କ୍ଷୟ କରଇ ଭବଦୂରୀତ ମାନ ଚିନ୍ତିଲେ ନନ୍ଦ ନନ୍ଦନ ।୬୮।

ଅଧାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# ସଜ ସକାଳ



ସଂଯୁକ୍ତା ସାହୁ

ରାତ୍ରିର କଟି କଟି ଅନ୍ଧାର
ପଛକୁ ଫେରିଯାଏ ଆଉ
ସଜ ସକାଳ ଉଭା ହୁଏ
ସୂର୍ଯ୍ୟଙ୍କ କଅଁଳ କରଣ
ଭୁଇଁକୁ ଛୁଇଁ ଛୁଇଁ ଯାଏ
ଜହ୍ନ ମୁହଁ ଛପା ଦେଉଥାଏ
ଆକାଶଟା ସୁନ୍ଦର ଦିଶୁଥାଏ
ଶୀତଳ ସମୀରର ଝଙ୍କାର
ମୃଦୁ ମୃଦୁ ସ୍ପର୍ଶର ଶିହରଣ
ନୈସର୍ଗିକ ଆଭା ଚମକେ
ଚପଳା ଫୁଲର ସୌନ୍ଦର୍ଯ୍ୟରେ
ମଧୁର ସୁରଭି ଭାସିଆସେ
ପକ୍ଷୀମାନେ କଳରବ ଦେଇ
ଉଡିଯାଉଥାଆନ୍ତି ମୁକ୍ତ ଗଗନେ
ପାହାନ୍ତି ସ୍ୱପ୍ନମାନ ଭାଙ୍ଗିଯାଏ
ଯାମିନ ତ ଯାଏ ସରି ସରି
ମନଟା ଯେ ଥାଏ ଭରି ଓଦା
ସଦ୍ୟସ୍ନାତାରେ ବିଭୋର ଥାଏ
ଚକ୍ଷୁରୁ ତନ୍ଦ୍ରା ଲିଭି ନ ଥାଏ

ISSN NO.
2582-208X

ଅବଗୁଣ୍ଠନବତୀମାନେ ଭୋରରୁ
ସ୍ନାନ ସାରି ତୁଳସୀ ଚଉରା
ମୂଳେ ଅର୍ଘ୍ୟ ବାଢୁଥାଆନ୍ତି
ଶୁଭୁଥାଏ ମନ୍ଦିରରରୁ ଘଣ୍ଟ,
ଘଂଟା ଶବ୍ଦର ମଙ୍ଗଳ ଆଳୟ
ଓଃ ସଜ ସକାଳର ବାତାୟନ
କେଡେ ଶାନ୍ତ ସ୍ନିଗ୍ଧ ବାତାବରଣ
ଯେମିତି ପବିତ୍ର ପବିତ୍ର ଲାଗେ
ସେ ଅନୁଭବ ଏକଦମ୍ ନିଆରା ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମା, ଜଗତସିଂହପୁର

ISSN NO.
2582-208X

# ପାରିଜାତ



ଡକ୍ଟର ମଧୁସ୍ମିତା ମିଶ୍ର

ଆଜି ଅନେକ ଦିନ ପରେ ହଠାତ୍ ମାର୍କେଟ ରେ ତାଙ୍କୁ ଦେଖି ସାଗର ବାବୁ ଆଶ୍ଚର୍ଯ୍ୟ ହେଇଗଲେ।

ମ୍ୟାଡାମ, ନମସ୍କାର ।

ନମସ୍କାର ।

ଆପଣ ବୋଧହୁଏ ମୋତେ ଚିହ୍ନି ପାରିଲେନି ।

ନା, ମୁଁ ଆପଣଙ୍କୁ ଚିହ୍ନି ପାରୁନି ।

ମୁଁ ସାଗର ନାୟକ । ମନେ ପଡିଲା ?

ନା, ମନେ ପକାଇ ପାରୁନି ।

ସାଗର ତାଙ୍କୁ ନାରୀ ପତ୍ରିକା ଉପାଖ୍ୟାନ ଟା ମନେ ପକାଇ ଦେଲେ।

ଜଣା ପଡୁଥିଲା, ଯେମିତି ବନୋଜିନୀ ଦେବୀ ଚିହ୍ନି ପାରୁ ନ ଥିଲେ ବା ମନେ ପକାଇ ପାରୁ ନ ଥିଲେ । ସାଗର ବାବୁ ଦେଖୁଥିଲେ, ବନୋଜିନୀ ସାହୁ ବହୁତ ଦୁର୍ବଳ ହେଇଯାଇଥିଲେ, ମୁଣ୍ଡ ବାଳ ଧଳା ହେଇ ଯାଇଥିଲା, ମୁହଁ ରେ ସଦା ସର୍ବଦା ଲାଗିରହିଥିବା ସ୍ମିତ ହାସ୍ୟ ବଦଳରେ ଫୁଟି ଉଠୁଥିଲା ଅସାମାନ୍ୟ ଗାମ୍ଭୀର୍ଯ୍ୟ ।

ISSN NO.
2582-208X

ସାଗର ବାବୁ ମନେ ପକାଉଥିଲେ ସେ ଦିନର ଲବ୍ଧପ୍ରତିଷ୍ଠିତା ଲେଖିକା ବନୋଜିନୀ ସାହୁ ଙ୍କୁ। ସେ ଯାହା ତାଙ୍କ ବିଷୟରେ ସେତେବେଳେ ଶୁଣିଥିଲେ ।

○○○○

ଜୀବନ ଏକାନ୍ତ ନିଃସଙ୍ଗ । କେହି ନାହାନ୍ତି କଥା ପଦେ କହିବା ପାଇଁ, ଶୁଣିବା ପାଇଁ । କାମବାଲି ଟି ଆସି କାମ କରି ଦେଇ ଯାଏ । ବହୁ କାଳ ରୁ ସ୍ୱାମୀଙ୍କ ଦେହାନ୍ତ ହେଇ ଯାଇଛି । ନିଜେ ମଧ୍ୟ ଚାକିରି ରୁ ଅବସର ନେଇ ସାରିଛନ୍ତି । ଏବେ ଆସି ଶଶୁର ଘରେ ରହୁଛନ୍ତି। ସ୍ୱଭାବତଃ ବନୋଜିନୀ କମ କଥା କୁହନ୍ତି । ଜୀବନ ସମୟେ ସମୟେ ବଡ ଅଦ୍ଭୁତ ମନେ ହୁଏ।

ସତରେ ମନେ ପଡେ ବନୋଜିନୀ କେବେ ଗୋଟିଏ ନିଜେ ବୋଧ ହୁଏ କେଉଁ ଏକ ଗପ ରେ ଲେଖିଥିଲେ, ସୁଖ କେବେ କିଣା ଯାଇ ପାରେନି ବା ଦୁଃଖ ମଧ୍ୟ ବିକା ଯାଇ ପାରେନି । ବାସ୍ତବିକ ଭାବରେ ଦେଖିବାକୁ ଗଲେ ନିଜ ମନ ଅନୁକୂଳ ପରିସ୍ଥିତି ହେଲେ ଆମେ ଭାବୁ ସୁଖରେ ଅଛୁ, ଆଉ ପ୍ରତିକୂଳ ଘଟଣା ଘଟିଲେ ଲାଗେ ଦୁଃଖ ରେ ପଡିଛେ। କିନ୍ତୁ ମନ କୁ ଏହି ସୁଖ ଆଉ ଦୁଃଖ ପରସ୍ପର ବିରୋଧାତ୍ମକ ଅନୁଭବ ପାଖରେ ବିକା କିଣା ନ କଲେ ମଣିଷ କୁ ଶାନ୍ତି ମିଳିଥାଏ ।

ହଁ ସେ ଏକଦା ଲେଖୁଥିଲେ, ଖାଲି ଲେଖୁ ନ ଥିଲେ, ବରଂ ଗଳ୍ପ, କବିତା, ବ୍ୟଙ୍ଗ କଥା, ପ୍ରବନ୍ଧ, ନିବନ୍ଧ ବହୁତ କିଛି ଲେଖୁଥିଲେ।

ହୁଏତ ବନୋଜିନୀ ଏତେ ସବୁ ଲେଖୁଥିଲେ ବୋଲି ଘରେ ଘରେ, ପରିଚିତମାନଙ୍କ ମଧ୍ୟରେ, ସମାଜ ରେ, ଅଧ୍ୟାପକ ମଣ୍ଡଳୀ ରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଥିଲେ । ସ୍ୱାମୀ ପରିତୋଷ ମଧ୍ୟ ତାଙ୍କ ଲେଖା ପାଇଁ ପ୍ରେରଣାର ଉତ୍ସ ଥିଲେ। ଲୋକ ଲେଖା ମାଗୁଥିଲେ, ବନୋଜିନୀ ଦେଉଥିଲେ। ସେତେବେଳେ ବନୋଜିନୀ ସାହୁ ଙ୍କ ଗଳ୍ପ ର ବଜାର ଚାହିଦା ବହୁତ ଥିଲା । ପତ୍ର ପତ୍ରିକା, ଖବର କାଗଜ ସମ୍ପାଦକ ସମ୍ପାଦିକା ଲ୍ୟାଣ୍ଡ ଫୋନରେ, ଅବା ଚିଠି ଲେଖି ଲେଖା ମାଗୁ ଥିଲେ।

ଈଶ୍ୱରଙ୍କ କୃପା ରୁ ସେ ଅନୁରୋଧ କ୍ରମେ ଲେଖା ମଧ୍ୟ ଲେଖିପାରୁଥିଲେ । ସେତେବେଳେ ହୁଏତ ତାଙ୍କ ଲେଖା ପାଠକମାନଙ୍କ ହୃଦୟ କୁ ଛୁଇଁ ପାରୁଥିଲା ।

ISSN NO.
2582-208X

କିଏ ଦଉଥିଲେ ପଚାଶ ଟଙ୍କା, କିଏ ପୁଣି ପଠାଉଥିଲେ ମନି ଅର୍ଡର ରେ ଶହେ ଟଙ୍କା, ଆଉ କିଏ  କିଛି ଦେଉ ମଧ୍ୟ ନ ଥିଲେ । ଏମିତି ମଧ୍ୟ  ହେଉଥିଲା, ଅନେକଙ୍କୁ ସେ ମାଗଣା ଲେଖା ଦେଉଥିଲେ।

କିଏ ଖୁସି ରେ ଦେଉଥିଲେ ତ କିଏ ଅବା କିଛି ଦେଉ ମଧ୍ୟ ନଥିଲେ। ଏମିତି କିଛି ବର୍ଷ ଭିତରେ ବନୋଜିନୀ ସାହୁ ହୋଇଗଲେ ଏକ ସ୍ୱନାମଧନ୍ୟା ବଡ ଲେଖିକା । ସେ କୌଣସି ସଭା ସମିତି, କବି ସମ୍ମେଳନରେ ଯୋଗ ଦେଉ ନ ଥିଲେ। ଅନେକ ସମୟ ରେ ଲୋକମାନଙ୍କର ପୋଷ୍ଟକାର୍ଡ, ଫୋନ ଆସୁଥିଲା ଲେଖାଟି ଭଲ ହେଇଛି।

ଆଉ କେଉଁ ଭଦ୍ରମହିଳା ପୁଣି ଚିଠି ଲେଖୁଥିଲେ,

"ମହଶୟା, ନମସ୍କାର।

ଆପଣଙ୍କ ଗପ ଟି ବହୁତ ଚମତ୍କାର ହୋଇଛି। ଲାଗୁଛି ସତେ ଯେମିତି ଆପଣ ମୋ ଜୀବନ ର ସତ ଘଟଣାଟି କଲମ ମୁନ ରେ ଆଙ୍କି ଦେଇଛନ୍ତି  ।"

ଆଉ କିଏ ପୁଣି କହୁଥିଲେ ବହୁତ ଦିନ ହେଇଗଲାଣି ଆଜିକାଲି ର ସାମାଜିକ ବ୍ୟବସ୍ଥା ଉପରେ କିଛି ଲେଖି ନାହାନ୍ତି । ଆପଣଙ୍କ ଲେଖା ପଢ଼ିବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଛୁ ।

ବନୋଜିନୀଙ୍କ ସାହିତ୍ୟ ସାମ୍ରାଜ୍ୟ ର ଅପ୍ରତିଦ୍ୱନ୍ଦୀ ସାମ୍ରାଜ୍ଞୀ ସେ ସ୍ୱୟଂ ଥିଲେ। ସାଧାରଣ, ତଥାକଥିତ ନାମକରା ଲେଖକମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ। ଥରେ ସାଗର ନାୟକ ଆଗରୁ ସମୟ ନେଇ ଲେଖା ପାଇଁ ତାଙ୍କ ପାଖକୁ ଆସିଥିଲେ। ସେ ସମୟ ରେ ନାରୀ ସଶକ୍ତିକରଣ ପରି ଚିନ୍ତାଧାରା ର ଏତେ ପ୍ରଚଳନ ନ ଥିଲା ।

ତାଙ୍କ ଠାରୁ ସବୁ ଶୁଣି ସାରି  ବନୋଜିନୀ କହିଥିଲେ, ଆପଣ ନୂଆ ମାସିକ ସାହିତ୍ୟ ପତ୍ରିକା ଟିଏ ବାହାର କରିବାକୁ ଯାଉଛନ୍ତି। ଏହି ସାଧୁ ଉଦ୍ୟମ ପାଇଁ ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି । ଆପଣଙ୍କ ପତ୍ରିକାଟିର ନାଆଁ କଣ ରଖିଛନ୍ତି ?

ଆଜ୍ଞା, "ନାରୀ ପତ୍ରିକା"

ISSN NO. 2582-208X


ଟିକିଏ ସମୟ ନେଇ ବନୋଜିନୀ ପଚାରିଲେ, ଆଚ୍ଛା କହିପାରିବେ କି ଏମିତି କିଛି ସାହିତ୍ୟ ପତ୍ରିକା ଯାହାର ନାଆଁ "ନର ପତ୍ରିକା" ବୋଲି ଅଛି କି ?

ବନୋଜିନୀଙ୍କର ଏପରି ପ୍ରଶ୍ନ ଶୁଣି ସାଗର ବାବୁ ଥତମତ ହେବା ଦେଖି ପୁଣି କହିଲେ, ହଉ ମୁଁ ଆପଣଙ୍କ ପତ୍ରିକା ରେ ଲେଖା ଦେବି କିନ୍ତୁ ଗୋଟିଏ ସର୍ତ୍ତ ରେ। ସେ ସର୍ତ୍ତ ଟି ହେଲା ଆପଣ ପତ୍ରିକା ର ନାଆଁ ବଦଳାଇବେ । ନାରୀ, ନର ଆଦି ନ ରଖି ବରଂ ସର୍ବ ଜନାଦୃତ ହେବା ପରି ପତ୍ରିକା ଟି ର ନାମକରଣ କରନ୍ତୁ ।

ବନୋଜିନୀ ଉପଢୌକନ, ମାନପତ୍ର ଆଦି ରେ ବିଶ୍ୱାସ କରୁ ନ ଥିଲେ। ଅନେକ ଅନୁଷ୍ଠାନ, ପତ୍ର, ପତ୍ରିକା ଆର୍ଥିକ ସମସ୍ୟା ର ସମ୍ମୁଖୀନ ହୋଇ ତାଙ୍କୁ ସାହାଯ୍ୟ ମାଗୁଥିଲେ। ସେ ମଧ୍ୟ ଅକୁଣ୍ଠିତ ଚିତ୍ତ ରେ ଯତ୍କିଞ୍ଚିତ ସାହାଯ୍ୟ କରୁଥିଲେ। କିନ୍ତୁ ତା ବଦଳରେ ତାଙ୍କୁ ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କୁ ସେ ପ୍ରତ୍ୟାଖ୍ୟାନ କରୁଥିଲେ।

ବନୋଜିନୀ ଏକଦା ଜଣେ ସମ୍ବା ଦାତା ଙ୍କୁ ସାକ୍ଷାତକାର ରେ କହିଥିଲେ, "ମୁଁ ଲେଖେ ମୋ ମନକୁ, ବିବେକକୁ ସୁହାଇବା ପରି ଲେଖା, ଯାହା ମୋର ଅଗଣିତ ପାଠକମାନଙ୍କ ହୃଦୟ କୁ ଛୁଇଁ ପାରିବ। ମୁଁ କୌଣସି ଅନୁଷ୍ଠାନ, ବ୍ୟକ୍ତିଙ୍କ ଗୁଣଗାନ କରି ଲେଖେନାହିଁ ।"

ଆଉଥରେ ମଧ୍ୟ କଲେଜ ରେ ପାଠ ପଢାଇଲାବେଳେ ତାଙ୍କର ଗୋଟିଏ ମନ୍ତବ୍ୟ ଛାତ୍ରଛାତ୍ରୀମାନଙ୍କୁ ମୁଗ୍ଧ କରିଥିଲା, "ଆଜିକାଲି, ସାହିତ୍ୟ କ୍ଷେତ୍ରରେ ଲେଖକ, ଲେଖିକା କାହିଁକି କୁହାଯାଉଛି, ମୁଁ ବୁଝି ପାରୁନି। ଆମେ କଣ ଜଣେ ଲେଖକ କୁ ଲେଖିକା କହି ପାରିବା କି? ବରଂ ଯିଏ ସର୍ଜନା କରେ ସେ ଲେଖକ ବା ଲେଖିକା ନ ହୋଇ ସ୍ରଷ୍ଟା ହେବା ଆବଶ୍ୟକ ।"

ବନୋଜିନୀ ପ୍ରକୃତ ରେ ସ୍ୱୀୟ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ପାଇଁ ଓ ସ୍ୱାଧୀନ ମତାମତ ପାଇଁ ବେଶ ଲୋକପ୍ରିୟ ହୋଇପାରିଥିଲେ । ନିଜ ମୌଳିକତା କୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ଶତତ ଚେଷ୍ଟିତ ଥିଲେ।

ନିଖୁଣ ଭାବରେ ଫୁଟି ଉଠିଥିବା ତାଙ୍କ ଲେଖାରେ, ପାଠକ ନିଜକୁ, ନିଜ ଜୀବନକୁ ହସ, କାନ୍ଦ, ଦୁଃଖ, ସୁଖ, ଯନ୍ତ୍ରଣା ଓ ଆନନ୍ଦ ସବୁ କୁ ଅତି ନିକଟରେ ଅନୁଭବ କରି

ISSN NO.
2582-208X

ପାରୁଥିଲେ। ତାଙ୍କ ଲେଖାରେ ଥିଲା ପାରିଜାତ ର ସୌନ୍ଦର୍ଯ୍ୟ ଓ ମହକ । ଏପରି ଥିଲେ ସ୍ରଷ୍ଟା ବନୋଜିନୀ, ସମାଜ ର ଦିଗ ଦର୍ଶନ ଦେଉଥିଲେ। କିନ୍ତୁ ଲେଖୁ ଲେଖୁ ରହିଗଲା ଦିନେ ବନୋଜିନୀଙ୍କ ଲେଖନୀ । ସ୍ୱାମୀ ପରିତୋଷ ଙ୍କ ମୃତ୍ୟୁ ତାଙ୍କୁ ନୀରବ କରିଦେଲା ।

ବେଶ କିଛି ଦିନର ନୀରବତା ତାଙ୍କ ଜୀବନରୁ ଭାବନାକୁ ଉଭେଇ ଦେଲା, କଲମ ମୁନରେ ଆସିଲାନି ଲେଖା। ନିସ୍ତବ୍ଧ ହେଇଗଲା ତାଙ୍କ ସୃଷ୍ଟି।

ବନୋଜିନୀ ବାସ୍ତବିକତା କୁ ଫେରି ପ୍ରକୃତିସ୍ଥ ହେଲା ବେଳକୁ ତାଙ୍କ ଲେଖନୀ ରେ ଲେଖା ଆଉ ଜନ୍ମ ନେଲାନି । ନିଃସଙ୍ଗତା କୁ ଗୋଟିଏ ବାଡି ଧରି ସେ ବାଡେଇ ଗୋଡେଇବାକୁ ବାହାରିଲେ। ଆଜି ହଠତ୍ ମାର୍କେଟ ରେ କାହାଠାରୁ ମ୍ୟାଡାମ ଡାକ ଶୁଣି ଅବକ୍ ହେଲେ। ସାଗର ବର୍ତ୍ତମାନ କୁ ଫେରି ଆସିଲେ ।

०००००

ଆଜ୍ଞା, ଆପଣ କଣ ଲେଖାଲେଖି ପୁରା ପୁରି ଛାଡିଦେଲେ ? ଯାହାହେଉ ଆଜି ଆପଣଙ୍କ ସହ ଦେଖା ହେଇଗଲା। ମୋର ଘନିଷ୍ଠ ବନ୍ଧୁ ଜଣେ ଗୋଟିଏ ପାରିବାରିକ ପତ୍ରିକା ବାହାର କରୁଛନ୍ତି । ଆପଣ ମୁଖ୍ୟ ଉପଦେଷ୍ଟା ରହିଲେ ଭଲ ହେବ । ଆପଣ ଙ୍କ ମେଲ ଆଇ ଡି ବା ଫୋନ ନମ୍ବର ଦେଲେ ଭଲ ହୁଅନ୍ତା । ଆପଣ ଏବେ ରହୁଛନ୍ତି କେଉଁଠି ? କଣ ସେହି ପୁରୁଣା ଘରେ ରହୁଛନ୍ତି ? ସାଗର ଏକ ଲହସ ରେ ଏତେ କଥା ପଚାରିଗଲେ।

ବନୋଜିନୀ ଦେବୀ କେବଳ ହସିଥିଲେ ।

ହଉ, ତେବେ ମୁଁ ମୋ ବନ୍ଧୁ ଙ୍କୁ ନେଇ କାଲି ସକାଳେ ଦିନ ଦଶଟା ବେଳକୁ ଆପଣଙ୍କ ଘରେ ପହଞ୍ଚିବି । ସାଗର ନମସ୍କାର କରି ଚାଲିଆସିଥିଲେ।

ତାପର ଦିନ ନିର୍ଧାରିତ ସମୟ ରେ ସାଗର ତାଙ୍କ ସାଙ୍ଗଙ୍କ ସହ ବନୋଜିନୀ ଦେବୀଙ୍କ ଘରେ ପହଞ୍ଚିଥିଲେ । ଏ କଣ ? ଗ୍ରିଲ ରେ ଏତେ ବଡ ତାଲା ।

ସାଗର ଭାବିଲେ, ସେ ଯେତିକି ବନୋଜିନୀ ଦେବୀଙ୍କୁ ଜାଣିଛନ୍ତି, ସେ ତ କେବେ ସେମାନଙ୍କ ଆସିବା କଥା ଭୁଲି ନ ଥିବେ, ତାହାହେଲେ ଗଲେ କୁଆଡେ ?

ISSN NO.
2582-208X


ପଡିଶା ଘରେ କଲିଂ  ବେଲ ବଜାଇଲେ । ଭିତରୁ ଜଣେ ଭଦ୍ର ବ୍ୟକ୍ତି ବାହାରିଲେ ।

ଆଜ୍ଞା, କହି ପାରିବେ କି, ଏହି ଆପଣଙ୍କ ପଡିଶା ଘରେ ରହୁଥିବା ବନୋଜିନୀ ମ୍ୟାଡାମ କୁଆଡେ ଯାଇଛନ୍ତି କି । ଆଜି ଆମେ ତାଙ୍କ ସଙ୍ଗେ ଦେଖା କରିବାର ଥିଲା।

ସାଗର ଙ୍କ  କଥା ଶୁଣି ଭଦ୍ରବ୍ୟକ୍ତି ଆଶ୍ଚର୍ଯ୍ୟ ହେଲେ, କହିଲେ,  ଆପଣଙ୍କ ମୁଣ୍ଡ ଫୁଣ୍ଡ ଠିକ ଅଛି ତ ? ଏ ଘରେ ଗଲା କିଛି ବର୍ଷ ହେଲା କେହି ରହୁ ନାହାନ୍ତି । ହଁ ଶୁଣିଥିଲି, ଏଠାରେ କେହି ଜଣେ, ଭଦ୍ର ମହିଳା ଅନେକ ବର୍ଷ ତଳେ ଏକୁଟିଆ ରହୁଥିଲେ, କାହା ସହ ବିଶେଷ ସେ ମିଳାମିଶା କରୁ ନ ଥିଲେ । ସେ କୁଆଡେ ଗଲେ କି ତାଙ୍କର କଣ ହେଲା ଆଜ୍ଞା ମୁଁ କହି ପାରିବିନି।

ସାଗର ଓ ତାଙ୍କ ବନ୍ଧୁ ଫେରୁ  ଥିଲେ। ମନରେ ଥିଲା ଅନେକ ଅସମାହିତ ପ୍ରଶ୍ନ ।

ମାର୍ଫତ– ପ୍ରଫେସର ଶ୍ରୀନିବାସ ପାଠୀ,
ଲୋକ ପ୍ରଶାସନ ବିଭାଗ,
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାନସିଲ
ଆଇଜଲ, (m) 9437762732

ISSN NO.
2582-208X

# ବିଜୁ ପଟ୍ଟନାୟକ



କୁଞ୍ଜବିହାରୀ ରାଉତ

ହେ ନବଉତ୍କଳର ନିର୍ମାତା
ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ
ଗର୍ବିତ ଆଜି ଏ ଉତ୍କଳ, ତୁମକୁ ପାଇ, ତୁମକୁ ନେଇ
ତୁମେ ତ ସ୍ୱପ୍ନଦ୍ରଷ୍ଟା, କ୍ରାନ୍ତଦର୍ଶୀ, ଝଡର ଇଗଲ
ପୁଣି ଧରଣୀର କୃଷ୍ଣସାର, ମାଟିର ମୂର୍ତ୍ତୀକାର
ତୁମେ ପୁଣି ପାଲଟିଛ ଇଣ୍ଡୋନେସିଆର ଭୂମିପୁତ୍ର
ହେ ଓଡିଶାର ସ୍ୱପ୍ନପୁରୁଷ,
କ୍ଷମତା ବିକେନ୍ଦ୍ରୀକରଣ,
ମହିଳା ସଶକ୍ତିକରଣର ମହାନାୟକ
ତୁମେ ଥିଲ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ
ସ୍ୱାଧିନତା ସଂଗ୍ରାମର ଥିଲ ମହାରଥୀ
କେତେବେଳେ ଓଡିଶାର ମୂଖ୍ୟମନ୍ତ୍ରୀ ପୁଣି ଶିଳ୍ପପତି
ସ୍ୱାଧିନତା ସଂଗ୍ରାମୀ ସହ ବୈମାନିକ ରାଷ୍ଟ୍ରନିତିଜ୍ଞ
ତୁମ କଳିଙ୍ଗ ପ୍ରୀତିର ନାହିଁ ପଟାନ୍ତର.......
କଳିଙ୍ଗ ଏୟାରଲାଇନ୍ସ, କଳିଙ୍ଗ ଟ୍ୟୁବ୍ସ
କଳିଙ୍ଗ ଖବରକାଗଜ, କଳିଙ୍ଗରଥ ସହ
କଳିଙ୍ଗ ପୁରସ୍କାର

ISSN NO.
2582-208X

ସବୁଥିରେ ଥିଲା ତୁମର ସେ ହସ୍ତାକ୍ଷର
ଯାହାକେବେ ଲିଭିବନି, ଯାହାକେବେ ଚିରିବନି
ବରଂ ଦାଉଦାଉ ହୋଇ ଜଳୁଥିବ
ତୁମ ଅଲିଭା ସ୍ୱାକ୍ଷର.......
କିଏ କହେ ତୁମେ ଦ୍ୱିତୀୟ କୋଣାର୍କ
କିଏ କହେ ତୁମେ ଦ୍ୱିତୀୟ ଖାରବେଳ
ତୁମ ଦୂରଦୃଷ୍ଟି ଥିଲା ଅନନ୍ୟ
ନାରୀ ନିର୍ଯ୍ୟାତନା ସହ ସାମାଜିକ ବ୍ୟାଧି
ଦୂରେଇବା ପାଇଁ ତିଆରିଲ
ଗାଁକୁ କାମ ମାଆ କୁ ସମ୍ମାନ
ଶାଶୁ ହାତକଡି ନଣନ୍ଦ ବେଡି
ଶାସନରେ ଥିଲା ଅନନ୍ୟ ଉଦାହରଣ.........
ହେ ଓଡିଶାର ବିଶ୍ୱକର୍ମା,
ନିଜର ଦୁଃସାହାସିକ କାର୍ଯ୍ୟପାଇଁ
ପାଇଥିଲ ରୁଷିଆରୁ "ଅର୍ଡର ଅଫ ଲେଲିନ" ସମ୍ମାନ
ଜଣେ ସ୍ୱାଭିମାନୀ ଓଡିଆର
ପ୍ରଚଣ୍ଡ ସ୍ୱାଭିମାନ
ତାହା ସଙ୍ଗେ ଜାତୀୟତାବାଦୀର ଚେତନ
ତୁମକୁ କରିଛି ଗରିଆନ ...........
କେବଳ ଉଚ୍ଚାରଣରେ ନୁହଁ ଆଚରଣରେ ମଧ୍ୟ
ବିଶାଳ ମଣିଷପଣିଆ
ବିଶ୍ୱ ବସୁଧା ପାଇଁ ଛାତିଏ ସାହସ
ଯାହା ମାପିହୁଏନା, ସେ ଅଟଳ ବିଶ୍ୱାସ
ଅସ୍ଥିରତା ମଧ୍ୟରେ ସ୍ଥିରତାର ଚିରନ୍ତନ ପ୍ରତୀକ

ISSN NO.
2582-208X

ହେ, କଳିଙ୍ଗର ବରପୁତ୍ର
ନବଜାଗରଣର ପୁରୋଧା
ଯୁଗ ପୁରୁଷ ବିଜୁ ପଟ୍ଟନାୟକ
ତୁମେ ଥରେ ଫେରିଆସ ଆମ ଭିତରକୁ
ଆମଭିତରେ ଥିବା ହୀନମନ୍ୟତାକୁ ଦୂରକରି
ସ୍ୱାଭିମାନର ଦୀପଟିଏ ଜଳାଅ
ଯାହା ଜଳୁଥିବ ଯୁଗଯୁଗ ଧରି
ସେଥିପାଇଁତ, ତୁମେ ଫେରିଆସ
ଆଉଥରେ ଅବତରୀ...ଆଉଥରେ ଅବତରୀ......

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ISSN NO.
2582-208X

# ଜଣେ ବୃଦ୍ଧ ପିତାଙ୍କ ଉବାଚ



ଡ. ଜ୍ଞାନେଶ୍ୱର ମିଶ୍ର

ମୋ ଧନ, ମୋ ଜୀବନ, ମୋବଂଶ ଗୋତ୍ର ଚିହ୍ନ
ମନରେ ନ ଲାଗୁ ଦୁଃଖର ପରଶ
ସବୁ ଅହୁଥିଲି ମୁଖେ ଫୁଟାଇ ଭରସାର ହସ
ସମୟ ଫାଙ୍କରେ ମେଳା ବୁଲା, ଖେଳଣା କିଣା
ମିଠା ଆଇଁ ଅଝଟ ସବୁ ସରିଗଲା,
କାନ୍ଧରୁ ଓହ୍ଲାଇ ହାତ ଧରି ତୁ ଚାଲିଲୁ
ଚାଲୁଚାଲୁ ବ୍ୟାଗ ଓ ୱାଟର ବଟଲ ଧରିଲୁ
ସ୍କୁଲରୁ କେଲଜକୁ ଗଲୁ
ସାଇକେଲରୁ ବାଇକ୍ ଦେଇ
ଉଡା ଜାହାଜେ ଉଡିଲୁ
କାହାପାଇଁ ଧନ ମୁଁ ସଞ୍ଚିବି ଭାବି
ତୋ ପଢା ଖର୍ଚ୍ଚ ପାଇଁ ଘର ଜମି ବିକିଦେଲି ।

ତୋ ଆଶ୍ୱସନା ଦେଲୁ
ସବୁ ଅସୁବିଧା ଦୂର ହୋଇଯିବ
ସହରରେ କୋଠାଘରେ ମୋ ପାଖେ ରହିବ
ବଡ ଚାକିରୀ କରି ଗଲୁ ତୁ ବିଦେଶ
ଶ୍ୱେତକାୟା ନାରୀ ସହ ପ୍ରେମ ବିବାହରେ
ଆଶ୍ୱସନା ପାଲଟିଲା ଦିବା ସପନରେ ।

ISSN NO.
2582-208X

ଘର ହଜାଇଥିଲି, ଠିକଣା ହଜିଲା
ଖାଲି ଜରାଶ୍ରମ ଦୁଆରଟା ହିଁ ଖୋଲା ଥିଲା
ଡରିବୁନି, ଚିନ୍ତା କରିବୁନି, ମନ ନକରିବୁ ଊଣା
ସେ ଜରାଶ୍ରମ ହେବ ମୋ ଶେଷ ଠିକଣା
ଶବ ସଂସ୍କାର ଗାଡି ହେବ କୋକେଇ ମୋହର
ଜରାଶ୍ରମ ବାସୀ ହେବେ ଭାଇ, କୁଟୁମ୍ବ ସୋଦର
ସେହି ମୋର ଶ୍ରୀ ମନ୍ଦିର, ସେହି ସ୍ୱର୍ଗଦ୍ୱାର ।

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X

# ଅପେକ୍ଷାର ଅନ୍ତ



ପଲ୍ଲିମର ଦାଶ

ତୁ ଜାଣିଥିଲୁ ! ତଥାପି କହିଲୁନି ।
ଅପେକ୍ଷାର ଅନ୍ତ ହେଲା,
ଯେବେ ଆଉ କାହାଠୁ ଶୁଣିବାକୁ ପାଇଲି
ମୁଁ ଶୁଣିବା କଥାଟି ।

କେବେ ତୋରି ଆସିବା ବାଟକୁ ଚାହିଁ
ସରିଯାଉଥିଲା ଦିନ
ପାହିଯାଉଥିଲା ରାତି
ଜହ୍ନକୁ ପଚାରିଲେ କୁହେ ଅପେକ୍ଷା କର,
କିନ୍ତୁ ସବୁ ଲିଭିଯାଏ ଦିନର ଆଲୋକରେ ।

ସବୁଜାଣି ଅଜଣା କାହିଁ
ପଚାରି ହେଲେ ପାରିଲିନି
ଲୁହର ନଦୀ କିନ୍ତୁ ଶିଖାଇ ଦେଲା
ଭଗ୍ନ ସ୍ୱପ୍ନର ପରିଣାମ ।

ISSN NO.
2582-208X

ପ୍ରଶ୍ନ ମନରେ ପ୍ରଶ୍ନ କରେ,
ଏ କେମିତି ପହେଲିକା
ନାହିଁ ଯାହାର ମହତ୍ୱ
ନାହିଁ ଯାହାର ଅସ୍ତିତ୍ୱ ।

ଅପେକ୍ଷାର ଅନ୍ତ ହେଲା ଯେବେ
ଆଉ କାହାର ପ୍ରଶ୍ନର ଉତ୍ତର ଟିଏ
ତୋରି ଠାରେ ମିଳିଲା
ଲିଭିଗଲା ଅନେକ ପ୍ରଶ୍ନ ଓ ଉତ୍ତର ସେ ଦିନ
ଯେବେ ସବୁତକ ଆଶା ମଉଳି ଗଲା ।

ଗବେଷିକା
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତିବିହାର, ବୁର୍ଲା

ISSN NO.
2582-208X

# କୁନ୍ତଳା କୁମାରୀ ସାବତ



ବରଦା ପ୍ରସନ୍ନ ଦାସ

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ୍ ଓଡିଆ ସାହିତ୍ୟର ଜଣେ ଅନନ୍ୟ ସାଧିକା । ସେ ଥିଲେ ମାତୃତ୍ୱର ପ୍ରତିମୂର୍ତ୍ତି, କରୁଣାର ବିଗ୍ରହ, ପ୍ରକୃତିର ପୂଜାରିଣି, ସତ୍ୟ-ଶିବ-ସୁନ୍ଦରର ଉପାସିକା । ଗୀତି-କବିତା, ଖନ୍ଦକାବ୍ୟ, ଉପନ୍ୟାସ, ପ୍ରବନ୍ଧ ଓ ପତ୍ରାବଳୀ ଆଦି ପ୍ରତ୍ୟେକଟି ବିଭାଗରେ ତାଙ୍କର ସାରସ୍ୱତ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ଲିପିବଦ୍ଧ । ବିଶ୍ୱପ୍ରେମ ମୈତ୍ରୀ, କରୁଣା ଓ ମାନବିକତାର ବାଣୀରେ ଝଙ୍କୃତ ଆବେଗଭରା ଗୀତି-କବିତାଗୁଡିକ ତାଙ୍କର ଚିରନ୍ତନ ସୃଷ୍ଟି । ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଶତ ଝଡଝଞ୍ଜା ତାଙ୍କର ଆଧ୍ୟାତ୍ମିକ ବିଶ୍ୱାସକୁ ଅଧିକ ଦୃଢୀଭୂତ କରିଛି ଏବଂ ଦେଶମାତୃକାର ସେବା ଓ ସାରସ୍ୱତ ସାଧନା ପାଇଁ ତାଙ୍କୁ ଯୋଗାଇଛି ଅଫୁରନ୍ତ କର୍ମ ପ୍ରେରଣା । ଓଡିଆ ସାହିତ୍ୟକୁ ସର୍ବ ଭାରତୀୟ ସ୍ତରରେ ପରିଚିତ ତଥା ପ୍ରସାରିତ କରିବା ପାଇଁ ସେ ହିନ୍ଦୀ ଭାଷା ସ୍ତ୍ରୀଭୂଷଣ, ଜୀବନ, ନାରୀ, ଭାରତୀ ଆଦି ପତ୍ରିକା ସମ୍ପାଦନା କରି ନିଜର ସାରସ୍ୱତ ଦକ୍ଷତା ପ୍ରତିପାଦନ କରିଥିଲେ । ଦେଶାତ୍ମବୋଧକ କବିତା ରଚନା କ୍ଷେତ୍ରରେ ସେ ଥିଲେ ଜଣେ ଦୂରଦ୍ରଷ୍ଟା ସ୍ରଷ୍ଟା । ତାଙ୍କ ଦ୍ୱାରା ପ୍ରତିଷ୍ଠିତ, "ଭାରତୀ ତପୋବନ" ଥିଲା ଓଡିଆ ସାହିତ୍ୟ, ସଂସ୍କୃତି ଓ କଳାର ବିକାଶକଳେ ଏକ ଉତ୍ସର୍ଗୀକୃତ ଅନୁଷ୍ଠାନ । ଅଞ୍ଜଳି, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି ଆଦି କବିତା ଗ୍ରନ୍ଥ ଓ ପରଶମଣି, କାଳିବୋହୂ, ରଘୁ ଅରକ୍ଷିତ, ଭ୍ରାନ୍ତି, ନଅତୁଣ୍ଡୀ ଆଦି ଉପନ୍ୟାସ ରଚନା କରି ସେ ଓଡିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଜଣେ ସୁଦକ୍ଷ ଚିକିତ୍ସକ ଭାବରେ ଦଳିତ ମାନବ ଜାତିର ସେବା କରି ସେ ନିଜର ନିଷ୍ଠାପର ସେବା ପରାୟଣତାର ପରିଚୟ ଦେବା ସଙ୍ଗେ ସଙ୍ଗେ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅନାଚାର ବିରୁଦ୍ଧରେ ଦୃଢ ସ୍ୱର ଉତ୍ତୋଳନ କରି ନିଜର ସଂଗ୍ରାମୀ ବ୍ୟକ୍ତିତ୍ୱର ପରିଚୟ

ISSN NO.
2582-208X

ଦେଇଛନ୍ତି । ନାରୀ ଜାତିର ଉନ୍ନତି ତଥା ମର୍ଯ୍ୟାଦା ରକ୍ଷା ନିମନ୍ତେ ତାଙ୍କର ସାଧୁ ପ୍ରଚେଷ୍ଟା ପ୍ରଶଂସନୀୟ । ବିଚ୍ଛିନ୍ନ ଉତ୍କଳ ଏକତ୍ରୀକରଣ ଦିଗରେ କୁନ୍ତଳାଙ୍କ ଲେଖନୀ ଥିଲା ସତତ ତତ୍ପର ଓ କ୍ରିୟାଶୀଳ । ସର୍ବଭାରତୀୟ ସ୍ତରରେ ଜଣେ କୃତୀକର୍ମୀ ଭାବରେ କୁନ୍ତଳା କୁମାରୀ ନିଜର ଗୁଣ, ଜ୍ଞାନ ଓ ବ୍ୟକ୍ତିତ୍ୱ ଯୋଗୁ ବହୁ ସୁନାମ ଅର୍ଜନ କରିପାରିଛନ୍ତି । ୧୩୦ ରେ ଆର୍ଯ୍ୟନାରୀ ସମ୍ମେଳନର ସଭାନେତ୍ରୀ ଏବଂ ୧୯୩୫ ରେ ଷ୍ଟୁଡେଣ୍ଟସ୍ ଫେଡେରେସନ୍ ସଙ୍ଗଠନର ସଭାନେତ୍ରୀ ଭାବେ ସେ ସମ୍ମାନିତା । ଏହି ମହାନ ସାରସ୍ୱତ ସାଧିକା ଏ ଜାତିର ଚିରନମସ୍ୟ ।

ମହାନ୍ତି ଲେନ୍, କେଶରପୁର
କଟକ, ମୋ: ୯୮୬୧୧୪୫୬୮୭

ISSN NO.
2582-208X

# କରୋନା



କୀର୍ତ୍ତି ଦେବୀ

କ – କର୍ତ୍ତବ୍ୟ କୁ ପାଳନ କର ଠିକ୍ ରୂପରେ

ରୋ – ରୋକି ପାରିଲେ କୁକର୍ମ ଓ ଅଧର୍ମକୁ ପୁଣି ଫେରି ପାଇବା ଈଶ୍ୱର ସତ୍ତାକୁ

ନା – "ନା" କହି ଦେଇ ନିଜ ଦୋଷକୁ ଘୋଡାଇବା ଉଚିତ୍ ନୁହେଁ। ପ୍ରକୃତି, ପରିବେଶ ଓ ପରିସ୍ଥିତିକୁ ବୁଝି କାର୍ଯ୍ୟ କଲେ କରୋନା ନିଶ୍ଚୟ ଯିବ ଦୂରେଇ ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ISSN NO.
2582-208X

# ଶ୍ରୀଭୁଜେଦୟଣା ତୁଳସୀର ମାଳ



ଡଃ ଅଭିମନ୍ୟୁ କାନୁନଗୋ

ଶ୍ରୀଭୁଜେଦୟଣା ତୁରସୀର ମାଳ କଟୀରେ ପୀତ ଅମ୍ବର ।
ସୁମାଧବ ନାମ ପରମ ପାବନ ସୁଖେ ଜପ କର ନର ।୧।

ନୀପତରୁ ମୂଳିଆ ଜଗାକାଳିଆ ମୋହନ ମୂରଲୀଧର ।
ଲକ୍ଷ୍ୟ ହେଉ ଜୀବନରେ ହରି ପଦ ହରି ଭବ ଭୟ ହର ।୨।

ସଂଶୟ ନରଖି ସ୍ମର ଚକାଆଖି ଆପଦ ହୋଇବ ଦୂର ।
ପବନ ନନ୍ଦନ ଜପି ନାମ ଯାର ଭବେ ହୋଇଲା ଅମର ।୩।

ଦଧି ବାମନ ଶ୍ରୀକୃଷ୍ଣ ନାରାୟଣ ଶ୍ରୀହରି ପରମେଶ୍ୱର ।
ମନ ସ୍ମରରାମ ଦୂର ହେବ କାମ ଶ୍ରୀରାମ ରଘୁ କୁମର ।୪।

ଦଉ କରିପାରେ ଚଉବର୍ଗମାନ ଶଙ୍ଖ ଚକ୍ର ଗଦାଧର ।
କପି ବଳ ଘେନି ଲଂଘିଣ ସାଗର ଜାନକୀ କଲେ ଉଦ୍ଧାର ।୫।

ରସନା ରଟ ନିରତେ ପୀତବାସ ଶ୍ରୀଧର କମଳା ବର ।
ଆନନ୍ଦ  କନ୍ଦ ମୁକୁନ୍ଦ ଆଦିକନ୍ଦ ବନ୍ଦତା ଛନ୍ଦା ପୟର ।୬।

ISSN NO.
2582-208X

ରସ ହରି ନାମ ରସେ ରେ ମାନସ ଆନରସ ପରିହର ।
କ୍ଷୀର ସିନ୍ଧୁ ଜେମା ପ୍ରାଣ ଧନ ହରି ବିଜୟ ନୀଳକନ୍ଦର ।୭।

ଅକ୍ଷର ସେ କ୍ଷର ଦେବ ଦାମୋଦର ଶ୍ରୀପତି ଶ୍ରୀମତୀ ବର ।
ଧିର ସମୀରଣେ ଯମୁନା ପୁଳୀନେ ଭ୍ରମୁଥାଇ ନିରନ୍ତର ।୮।

କ୍ଷମା ପାରାବାର ନନ୍ଦର କୁମର ଶ୍ରୀକୃଷ୍ଣ ରୁକ୍ମିଣୀ ବର ।
କଦମ୍ବମାଳୀନ କୃଷ୍ଣ ଶ୍ୟାମଘନ ଆଶ୍ରମ ଯା ଶ୍ରୀମନ୍ଦିର ।୯।

କେତନର ନାମ ପତିତପାବନ ଉଡେ ନୀଳ ଚକ୍ର ପର ।
ପତିତ ତାରଣ ପ୍ରଭୁ ନାରାୟଣ ବିଜୟତି ଶ୍ରୀକ୍ଷେତ୍ରର ।୧୦।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ମା


ଦଣ୍ଡାସି ପ୍ରଧାନ

ଗଙ୍ଗା ମାତା।
ମାଆ ମଧ୍ୟ ଗଙ୍ଗା ।
ପବିତ୍ର ସ୍ରୋତସ୍ୱିନୀ, ଶାନ୍ତ ମନ୍ଦାକିନୀ।
ପାବନୀ, ସରଳ, ତରଳ,
ବିରଳ ପ୍ରାଣ-ସବୁଜ ସୃଷ୍ଟିର
ଆଧାର ଧାର୍; ପ୍ରତିପୋଷଣର।
ନର୍ଭୟ ମାତୃ ସତ୍ତା, ଲାଳନ ପାଳନର -
ଅଭୟ ପଣତ, ଆଶ୍ରୟର ।
ସ୍ନେହ ସୁହାଗ, ତୃଷ୍ଣା ତୃପ୍ତିପ୍ରଦା ଆନନ୍ଦର । ।

ଗୀତା ମାତା ।
ମାତା ମଧ୍ୟ ଗୀତା ।
ବିବିଧ ଜ୍ଞାନରଞ୍ଜନ ଅସୁମାରୀ ଭଣ୍ଡାର ।
ଗୀତା ଅକ୍ଷର ବ୍ରହ୍ମ ତ-
ମାତା ପ୍ରକୃତି ପସର୍ ସମ ।
ପୂର୍ଣ୍ଣ ଭାବୋଦ୍ରେକ ରସସାର ପ୍ରୟୋଗ ଶାଳା ।
ବିନ୍ଦୁ ଆଉ ସିନ୍ଧୁ ବି।
ଭକ୍ତ ଓ ଭାବର । ସୂତ୍ର ସଫଳତାର ।
ପ୍ରୀତି, ପାରସ୍ପରିକ ପ୍ରସନ୍ନତାର ଓ ସ୍ୱର୍ଗ ପ୍ରାପ୍ତି ସନ୍ତୋଷର ।
ଅଧିଦୈବ, ଅଧିଭୂତ, ଆଧ୍ୟାତ୍ମିକ --
ତ୍ରିଗୁଣାତ୍ମକ କୌଶଳ ସିଦ୍ଧାନ୍ତ ଉତ୍ସ,

ISSN NO.
2582-208X


ନବ ନିର୍ମାଣରେ ଉତ୍ତୁଙ୍ଗ ସୁଉଚ୍ଚ ମୀନାର।
ସାମଗ୍ରିକ ସୌରଭ ପଲ୍ଲବିତ ପ୍ରଭା, ସୁବିନ୍ୟାସିତ ବିଭା;
ଐଶ୍ୱର୍ଯ୍ୟ ମାଳିନୀ ବିଜ୍ଞାନ ଗନ୍ତାଘର, ବିଜୟର ।

ଗୋ ମାତା ।
ତେତ୍ରିଶ କୋଟି ଦେବୀଦେବତାଙ୍କ ଧାତ୍ରୀ ।

ମାଆ ଓ ଗାଈ, ଗୁହ୍ୟ ଗୋପନ ମୂର୍ତ୍ତି ।
ବିଚିତ୍ରା ଆଦ୍ୟାନ୍ତ ମମତାମୟୀ ମାତା--
ଅନନ୍ୟ ଅଭିନ୍ନା, ବାତ୍ସଲ୍ୟ ପ୍ରେମ ବତ୍ସଳା,
ଜାଗ୍ରତ ଅଗ୍ରକୋଳ ।
ତ୍ରୟ ତାପ ନାଶିନି। ଶେଷ ରୁ ଶିଖର ଯାଏଁ ।
ମାହେଶ୍ୱରୀ, ଧ୍ରୁବ ନୀତି ସମ୍ପନ୍ନା ସ୍ୱଧର୍ମରେ ।
କର୍ତ୍ତବ୍ୟା, ମହତ୍ତ୍ୱ ତ୍ୟାଗଶୀଳା ।
ବ୍ରହ୍ମାଣ୍ଡ ଭାଣ୍ଡୋଦରୀ । ଅନ୍ନପୂର୍ଣ୍ଣା ପ୍ରସାଦ।
ସର୍ବେଶ୍ୱରୀ । ସୁଲକ୍ଷଣୀ । ସଂସାର ମଳ ନାଶିନୀ ।
ଶୁଭାଶିଷ ବିଭୂତି ପ୍ରଦାୟିନୀ ।
ଜୀବନ ଯୁଦ୍ଧ ରେ, ବିଜୟଶ୍ରୀ ମଞ୍ଜୁଳ ମୁକୁଟ।

ଧରିତ୍ରୀ ମାତା
ମାଆ ମଧ୍ୟ, ଧାରିଣୀ ଧରିତ୍ରୀ।
ଦୈବୀ, ସୁର ହେତୁ ଓ କାରଣ ସମ୍ଭୂତ କର୍ତ୍ତ୍ରୀ।
ରୂପ, ରସ, ଗନ୍ଧରେ ଅମୃତ ଉତ୍ସର୍ଗ।
ସେ କ୍ଷେତ୍ର ଆଉ କ୍ଷେତ୍ରଜ୍ଞା
ଉନ୍ମୋଚନ ଉତ୍ସବ ପ୍ରଜ୍ଞା ।
ପଥ ଆଉ ପାଦ ।
ରଥ ଓ ରଥୀ ।
ମା' ହିଁ ସର୍ବ ପୂଜ୍ୟା ଆଉ ପୂଜାରିଣୀ ମଧ୍ୟ।

ISSN NO.
2582-208X

ମାଆ! ମନ୍ତ୍ର ତୀର୍ଥ- ଧୀ ଓ ଧାର, ଅୟୁତ ଆୟତର ।
ବେଦ / ଯଜ୍ଞ - ଧ୍ୱନ ଓ ସ୍ୱର, ମଧୁର ମୂର୍ଚ୍ଛନାର ।
ମାଆ ! ଦାନ / ପୁଣ୍ୟର ମାଙ୍ଗଳକ ଉଚ୍ଚାରଣ ।
ତପ / ସଂଯୋଗର କ୍ରିୟାନୁଷ୍ଠାନ ।
ମା' ସାକ୍ଷାତ ଶକ୍ତ ସ୍ୱରୂପା ।
ଭକ୍ତରେ—ପ୍ରାର୍ଥନା ପ୍ରତିରୂପା।
ମା', ଧର୍ମାର୍ଥ-କାମ- ମୋକ୍ଷ

ଚତୁର୍ବର୍ଗ ଫଳ ଦାୟିନୀ ନର୍ବାଣର;
ଅର୍ଚ୍ଚିତ ଅର୍ଚ୍ଚନା ନବେଦିତା ।
ପୂଜ୍ୟପୂଜାର ପୂଜ୍ୟା ଓ ପୂଜାରିଣୀ
ତ୍ରିକାଳ ସ୍ମରଣୀୟ ଆରାଧନା,
ଅଦ୍ୱୈତ ଜୀବନ୍ତ ପ୍ରତିମୂର୍ତ୍ତିଟିଏ;
କାଳେ କାଳେ, ଅମୃତ ମୁହୂର୍ତ୍ତ, ସୁନଶ୍ଚିତ ପ୍ରାରମ୍ଭ ।
ସେବାରେ ପରମାର୍ଥ ପ୍ରାପ୍ତି, କଲ୍ୟାଣ ସନ୍ଦର୍ଭ ।
ମା' ଶ୍ରଦ୍ଧା ଆଉ ବିଶ୍ୱାସ;
ସତ୍ ଚଦାନନ୍ଦ ଅନୁଭବ, ସିଦ୍ଧି ଓ ସାଧନାରେ ।
କନ୍ତୁ ଆଜିର ବାସ୍ତବତାର ଚନ୍ର ଏହି ଯେ
ଗଙ୍ଗା ମାତା, ଦୁରୁପଯୋଗର ଦୁର୍ଗନ୍ଧେ-ଗନ୍ଧୁଛି ।
ଭୌତିକତାର ଛିନ୍ନଛନ୍ଦେ, ହରାଇଛି ସ୍ୱଚ୍ଛତାକୁ ।
ଗୋମାତା, କସେଇ ଖାନାର ପଶୁ ।
ଗୀତା, ଧୂଳ ଧୂଆଁରେ ଧୂସରିତ ଉପେକ୍ଷିତ ଉପନିଷଦ ।
ଧରିତ୍ରୀ ମା' ମାଫିଆଙ୍କ ମାତ୍ରାଧିକେ ଖନନେ --
ସ୍ୱାର୍ଥେ କବଳିତ ବ୍ୟର୍ଥ ବିସର୍ଗ। ଶ୍ରୀହୀନେ, ଅବହେଳିତ ।
ଅନାବୃତେ ଲାଞ୍ଛିତ, ଅପମାନିତ ।
ସେହିପରି,
ମାଆ ମଧ୍ୟ ଆଜି ଜରାଶ୍ରମ ବାସିନୀ ।
ଲଜ୍ଜିତ, ଘୃଣିତ, ବୃଦ୍ଧାଶ୍ରମେ ଅସହାୟ ଅନାଥ ।

ISSN NO.
2582-208X

ଅସଭ୍ୟ, ଅସହ୍ୟ ଶବ୍ଦରେ -କ୍ଷତାକ୍ତ, ଆହାତ ।
ଆନ୍ଦୋଳତ ହୃଦୟ, ପ୍ରତି ମୁହୂର୍ତ୍ତରେ ଜିଇଁ ଜିଇଁ ମରୁଛି ।
ଭିନ୍ନ ଏକ ଘୃଣାରେ, ମୃତ୍ୟୁ ଅନ୍ୱେଷା ନର୍ଯାତିତ ମାତୃତ୍ୱ ।
ଅସ୍ତମିତ ସମୟର ମାଆ ଲୁଚ ଲୁଗୁଇ, ଲୁହରେ ଭିଜୁଛି ।
ଅଧୁନା ସେ ପରିତ୍ୟକ୍ତା, ବୃଦ୍ଧାଶ୍ରମ ବାସିନୀ ।
ନର୍ବାସିତ ଅବାଞ୍ଛିତ ଜୀବନ ।
ଧନ୍ୟ ଧନ୍ୟରେ, ହେ ମାତୃ ଋଣଗ୍ରସ୍ତ କୁଳୋଦ୍ଧାରଣ, ଅଧମ ସନ୍ତାନଗଣ !!!
ହେଜି ଥାଅ-ମହାଯାତ୍ରା ପଥେ,
ତମର ବି ଦୌଡ଼ୁଛି ବର୍ତ୍ତମାନ---

ବାଲ୍ୟ, କଶୋର, ଯୌବନ, ଜରାବସ୍ଥା ସନ୍ତର୍ପଣରେ--
ପରିଶୋଧିବ ସମୂଳସୁଧ ନ୍ୟାୟେ, ସମୟ ଗହନ !
ବିଭସ୍ତ ସୁଅରେ, ! ଭୋଗିବାକୁ ବାଧ୍ୟ, ସଞ୍ଚିତ ପ୍ରାରବ୍ଧ କର୍ମ ମାନ !! ।।
ପୁଣି ମନେ ରଖ, ତୁମେ ବି କହିବ ସେହିଦିନ-
ପ୍ରକୃତିର ଏକ ସ୍ୱାଭାବିକ ପ୍ରକ୍ରୟା,
ପରିବର୍ତ୍ତନ ଆଉ ପ୍ରତ୍ୟାବର୍ତ୍ତନ---ପରିବର୍ତ୍ତନ ଆଉ ପ୍ରତ୍ୟାବର୍ତ୍ତନ ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ISSN NO.
2582-208X

# ଅପେକ୍ଷା



ଅଲକା ମହାନ୍ତ

ସମୟ ପ୍ରାୟ ଦିବା ୩:୩୦ ହେବ। ମୁଁ ସେଦିନ କିଛି କାମ ସଂପାଦନ ଦାୟିତ୍ୱ ନେଇ ତର ତର ହୋଇ ଆଇ ଆର ସି ଭିଲେଜ ର  ଲେନ୍ ୫ ରେ ପହଞ୍ଚି ମୋର ସମ୍ପର୍କୀୟ ଲ୍କଙ୍କ ଘରକୁ ଯିବାକୁ କଲିଙ୍ଗ ବେଲ୍ ବଜେଇଲି। ବୋଧହୁଏ ମୋର ବେଲ୍ ଟିକୁ ବଜାଇବା ଭୁଲ ହୋଇଯାଉଥିଲ୍ କି କଣ। ମୋର ସମ୍ପର୍କୀୟା ଜଣକ ଗେଟ  ଖୋଲିବାକୁ ଡେରି କରୁଥିଲେ। ମୁଁ ପୁଣି ଦୁଇଟା ବେଲ୍ ରୁ ଗୋଟେ ନ ବଜାଇ  ଦୁଇଟି ଯାକ ବଜାଇ ବାକୁ ଯିବା ବେଳକୁ, ଶୁଣିଲି

-- ତୁମେ ତୁମ ମାସ୍କ ଖୋଲ ତ। ମୁଁ ତୁମକୁ ଦେଖିବି।

ମୁଁ ଅନ୍ୟ ମନସ୍କ ଥିଲି, ପୁଣି ସେଇ କଥା ଶୁଣି ପାରିଲି। ଦେଖିଲି ସାମ୍ନା ଘର ବାଲକୋନୀ ରୁ ଗୋଟେ ଅର୍ଦ୍ଧ ଲଗ୍ନ ଝିଅ ଟେ। ବୟସ ୪/୫ ବର୍ଷ ହେବ।ଲ୍ଲ ରଙ୍ଗ ର ଛୋଟ ଚଡି ଟିଏ ପିନ୍ଧି ବାଲକୋନୀ ଗ୍ରିଲ ଭିତରୁ ଯଥା ସମ୍ଭବ ମୁହଁ ଟି କାଢି ମୋତେ ଅତି ଜିଜ୍ଞାଶୁ ହୋଇ ଦେଖି ଚାଲିବା ସହିତ ମୋତେ ମାସ୍କ୍ ଖୋଲିବାକୁ କହି ଚାଲିଛି। ମୁଁ ଇଆଡ଼େ ସିଆଡେ ମୁଣ୍ଡ ଘୁରାଇ ଖୋଜୁଥିଲି ଯେ ଶବଦ  କେଉଁଠୁ ଆସୁଛି ବୋଲି। ହଠାତ୍ ତାକୁ ଦେଖି ଦେବା ବେଳେ ମୋର ସମ୍ପର୍କୀୟା ଗେଟ ଖୋଲି ସାରିଥିଲେ ଓ ମୁଁ  ଟିକେ ବ୍ୟସ୍ତତା ଭିତରେ ଥିବାରୁ ସେ ଛୋଟ ଝିଅ ଟିକୁ ଉତ୍ତର ନଦେଇ ଭିତରକୁ ଚାଲିଗଲି।

ମୁଁ ମୋର କାମ ସାରି ବାକୁ ପ୍ରାୟ ଘଣ୍ଟେ ଦି ଘଣ୍ଟା ସେଇଠି ଲ୍ଗିଗଲ୍। ମୁଁ ମୋ ବନ୍ଧୁ ଘରୁ ବିଦାୟ ନେଇ ପୁଣି ପ୍ରାୟ ସନ୍ଧ୍ୟା ୫ଟା ବେଳେ ତଳକୁ ଓଲ୍ କ୍ୟାବ୍  ଡାକ ଆସିଲି। କ୍ୟାବ

ISSN NO.
2582-208X

କୁ ଅପେକ୍ଷା କରୁ କରୁ ମୁଁ ଆଉ ମୋର ସମ୍ପର୍କୀୟ ଲୋକ ମିଶି କଥା ହେଉଥିଲୁ। ପୁଣି ମୋତେ ସେଇ ଆୱାଜ୍ ଆସିଲା,

-"ତୁମେ ତୁମ ମାସ୍କ ଖୋଲ, ମୋତେ ତୁମ ମୁହଁ ଦେଖା ଯାଉନ।"

-- "ଆରେ ମା, କରୋନା ରେ ପରା ମାକ୍ସ ଖୋଲିବା ମନା, କେମିତି ଖୋଲିବି? ମୁଁ ତାକୁ ମଜାରେ ଉତ୍ତର ଦେଲି।

--"ତୁମ ମୁହଁ ମୁଁ ଦେଖି ପାରୁନ, ଖୋଲ!

--"ମୋ ମୁହଁ ଦେଖି ତୁମେ କଣ କରିବ?"

--" ତୁମେ ଖୋଲ ନା"(ସେ ବହୁତ୍ ଆଗ୍ରହ ର ସହିତ କହୁଥିଲା ମୋତେ ).

ମୁଁ ଏମିତି ଗୋଟେ ଛୁଆ କଣ କହୁଛି ବୋଲି ମୁଁ ଧ୍ୟାନ ଦେଉ ନଥାଏ। ମଝିରେ ମଝିରେ ଏମିତି ନାସ୍ତିବାଚକ କଥା କହି ତାର ମନ ବେହେଲାଇ ଦେଉଥାଏ। କିନ୍ତୁ ସେ ମୋତେ ସେଇ ଗୋଟିଏ ଅନୁରୋଧ କରି ଚାଲିଥାଏ।

ଟିକେଏ ପରେ ତାଙ୍କ ଘର ଭିତରୁ ଜଣେ ବୃଦ୍ଧା ଆସିଲେ, ତାକୁ ଭିତରକୁ ନେଇ ଯିବାକୁ। ମୋତେ କହିଲେ,

-"ଝିଅ, ସେ ଛୁଆଟେ, ତା କଥା କିଛି ଖରାପ ଭାବିବନି, ସେ ସେମିତି ଯାହାକୁ ଦେଖୁଛି କହି ଦେଉଛି।

-- ମୁଁ କହିଲି,"ମାଉସୀ, ସେଥିରେ କଣ ଅଛି? ପିଲାମାନେ କେତେ କଣ କରନ୍ତି ଛୁଆ ବେଳେ। ତାର ଏମିତି କିଛି କହିବା କରିବା କିଛି ଅସ୍ୱାଭାବିକ ନୁହେଁ। ମୁଁ ଖରାପ କାହିଁକି ଭାବିବି। "

- ମାଉସୀ କହିଲେ, ସେ ତିନଟା ବେଳୁ ଏଇଠି ଠିଆ ହୋଇଛି। କହୁଛି, ସେ ସାମ୍ନା ଘରକୁ ମମି ଯାଇଛି। ତାକୁ ଡାକ ଆମ ଘରକୁ। ସେ ମାସ୍କ ବି ଖୋଲୁନି।

ISSN NO.
2582-208X

ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେ ମୋତେ ମମି କଣପାଇଁ କହିବ ଯେ !!

କାହିଁକି ମାଉସୀ, ମୋତେ କାହିଁକି ମମି କହିବ ? ଘରେ ତାର ମମି ନାହାନ୍ତି କ? କୁଆଡେ ଯାଇଛନ୍ତି ?

ମାଉସୀ ମୋତେ କିଛି ନ କହି ଛୋଟ ଝିଅ କୁ ଟାଣି ଟାଣି ଭିତରକୁ ନେଇ ଗଲେ । ଆଉ ବାଲକୋନୀ କବାଟ ବନ୍ଦ କରିଦେଲେ ।

ଭାବିଲି, ପିଲାମାନେ ଏମିତି ବିନା କାରଣରେ ଆଗନ୍ତୁକ ଙ୍କ ସହିତ କଥା ନ ହେବା ପାଇଁ ବୋଧହୁଏ ସେ ମାଉସୀ ତାକୁ ସେଥିରୁ କ୍ଷାନ୍ତ କରାଇଲେ ।

ମୁଁ ହସିଦେଲି, ହେଲେ ମୋ ସମ୍ପର୍କୀୟ ଙ୍କ ମଧ୍ୟରୁ ଜଣେ କହିଲେ,

ସେ ସମସ୍ତଙ୍କୁ କୁହେନ, ତାର ନିରୀହ ଚକ୍ଷୁ ଯୁଗଳ ସର୍ବଦା ତାର ମାଆ କୁ ଅପେକ୍ଷା କରୁଛନ୍ତି । ଯେତେବେଳେ କିଏ ୟେ ଲେନ କୁ ସଲୱାର୍ କମୀଜ ପିନ୍ଧି, ମାସ୍କ ଲଗାଇଥିବା ଅଳ୍ପ ବୟସ୍କା ମହିଳା ଆସନ୍ତି ସେ ତାଙ୍କୁ ମାସ୍କ ଖୋଲିବାକୁ ଅନୁରୋଧ କରେ । ଗତ ଛ ମାସ ତଳେ ତାର ମାଆ କୁ କରୋନା ହୋଇଥିଲା,ସେ ବି ସଲୱାର୍ କମୀଜ୍ ପିନ୍ଧି ମାସ୍କ ଲଗାଇ ହସ୍ପିଟାଲ୍ ଗଲା ଆଉ ସେଇଠି ମୃତ୍ୟୁ ବରଣ କରିଥିଲା । କରୋନା ରୋଗୀ ଙ୍କର ତ ଏହି ହାଲ୍ । ଘରକୁ ଆଉ ଫେରିନି କି ତାକୁ ସେ କୁନି ଝିଅ ଦେଖିନି । ସେ ସବୁଦିନ ଏଇଠି ଠିଆ ହୋଇ ଯେତେ କାର ଆସୁଛି ବା ସେମିତି ଡ୍ରେସ ରେ କିଏ ଆସୁଛି ସେ ଜିଜ୍ଞାସୁ ହୋଇ ତାଙ୍କୁ ସେମିତି ପଚାରି ଚାଲିଛି । ତାର କୋମଳ ମନ ଟି ଖାଲି ତାର ମମି କୁ ଖୋଜୁଛି । କିଏ ଆଣି ଦେବ ତାକୁ !! ସେ ବୃଦ୍ଧ ମହିଳା ତାର ଆଈ । ପାଖରେ ରହି ତାର ଦେଖା ଶୁଣା କରୁଛନ୍ତି । କଣ ଆଉ କହିଥାନ୍ତେ ସେ । ସେଥିପାଇଁ ଭିତରକୁ ନେଇଗଲେ ।"

ମୋର କାର ଆସିଯାଇଥାଏ । ମୋତେ ବି ବିଳମ୍ବ କରିବାକୁ ଉପାୟ ନଥାଏ । ଭିତରେ ବସିବାକୁ ମୋର ମନ ହେଉ ନଥାଏ । ମୋତେ ମନୋଜ ଦାସ ସାର ଙ୍କର "ଶେଷ ବସନ୍ତ ର ଚିଠି "ର ରିନା ର ମୁହଁ ଦେଖାଯାଉଥିଲା । ମୋର ମାତୃ ହୃଦୟ ସେ ଉଦାସ ମତୃହରା ଅର୍ଦ୍ଧ ଲଗ୍ନ, ନାଲି ଚଡି ପିନ୍ଧା ଝିଅ କୁ ଛାଡ଼ି ଯିବାକୁ ଇଚ୍ଛା ହେଉ ନଥିଲା । ମୁଁ ମଧ ବାଲୁତ କାଳରୁ

ISSN NO.
2582-208X


ମାଆ କୁ ହରାଇ ଥିଲି। ତା ପରି ଶାଢ଼ୀ, ତା ପରି ଅର୍ଦ୍ଧ ପକ୍ୱ କେଶ ରେ ସିନ୍ଦୂର, ବଡ଼ ବଡ଼ ଆଖି ଦେଖିଲେ ମୋତେ ମୋର ବୋଉ ମନେ ପଡ଼ିଯାଉଥିଲା। ମୋ ମନଭିତର ର ଝିଅ ଆଉ ମାଆ ଦୁହେଁ ବସି ବିଳାପ କରିବାକୁ ଲାଗିଲେ। ଚଳନ୍ତା କାର୍ ରୁ ଓହ୍ଲେଇ ଆସି ସେ କୁନ ଝିଅ କୁ କୋଳେଇ ଆଣି ମୋ ହୃଦୟ ରେ ଲଗାଇ ଦେବାକୁ ମନ କରୁଥିଲା। ଅଜ୍ଞାତ ରେ ଅନେକ ଲୁହ ମୋର ବୁକୁ ଦେଇ ଗଡି ପଡିଲେ ମୁଁ ଜାଣିନ, ହେଲେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପରେ ଡ୍ରାଇଭର ମୋତେ ଓହ୍ଲାଇବାକୁ କହିବାରୁ ମୋର ହୋସ ଆସିଲା ଯେମିତି। ହେଲେ ମୋର ହୃଦୟ ଆଉ ମୋ ମନ ସେ କୁନ ଝିଅ ପାଖରେ ..........

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# କୃଷକ



ବାସନ୍ତୀ ଲତା ଜେନା

କୃଷକ ଖୋଜେନି ସ୍ୱର୍ଗ ପାରିଜାତ
ଅବା ସରଗର ଚାନ୍ଦ
କଂସେ ପଖାଳରେ ପେଟ ପୁରେ ତାର
ବଳଦ ଲଙ୍ଗଳେ ଛନ୍ଦ ।୧।
ଦେଶ ମେରୁଦଣ୍ଡ କୃଷକ ଅଟଇ
ତା ବିନା ନ ପୁରେ ପେଟ
ସଭିଙ୍କ ମୁଖରେ ହସ ଭରି ଦିଏ
ନିଜେ ପାଉଥାଏ କଷ୍ଟ ।୨।
ଶସ୍ୟ ଭରପୁର ସବୁଜିମା କ୍ଷେତ୍ର
ତାର ହାତ ସ୍ପର୍ଶ ପାଇଁ
ସୁନାର ଫସଲ ଅମଳ କରଇ
ତୁ ଅଟୁ କୃଷକ ଭାଇ ।୩।
ସଅଳ ସଅଳ ବିଛଣାରୁ ଉଠି
ନିତ୍ୟ କର୍ମ ସାରି ଦେଉ
ପାଟିରେ ଗଣ୍ଡାଏ କଣ ଟିକେ ଦେଇ
ଜମିକୁ ବାହାରି ଯାଉ ।୪।
ହଳ କରି ଥାଉ ଗୀତ ବୋଲି ଥାଉ
ସରଳ ମଣିଷ ତୁହି
ଅଳପରେ ଖୁସି ତୁହି ହେଉ ଥାଉ
ତୋ ପରି କେହି ତ ନାହିଁ ।୫।

ISSN NO.
2582-208X

ଅକ୍ଷର ତୃତୀୟେ ଧାନ ବୁଣି ଥାଉ
ବର୍ଷାରେ ମଇ ତୁ ଦେଉ
ରଜ ତିନି ଦିନ ପାଳନ କରୁ ତୁ
ଭୂମି ପୂଜା କରି ଥାଉ ।୬।
ସୁନା ଧାନ କ୍ଷେତ ଶୀତ ଋତେ ଦେଖି
ହୋଇଥାଉ ମନେ ଖୁସି
ଧାନ କାଟି ଆଣି ଖଳାରେ ରଖୁ ତୁ
ବେଙ୍ଗଳା ପକାରେ ତୋଷି ।୭।
ବାର ମାସେ ତେର ପରିବ ପାଳନ
ଆନନ୍ଦ ଟିକିଏ ପାଇଁ
ଘରେ ପିଠା ପଣା ହୋଇ ଥାଏ ତୋର
ଖୁସିରେ ଖାଇବା ପାଇଁ ।୮।
ତୋର ପିଲା ମାନେ ପାଠ ପଢିବାକୁ
ସ୍କୁଲକୁ ଯାଇ ଥାଆନ୍ତି
ପଖାଳ ପାଣିରେ ଦିନ ତାଙ୍କ ଯାଏ
ଅଝଟ କରି ନ ଥାନ୍ତି ।୯।
ଝଡ଼ ଝଞ୍ଜା ସହି କାମ କରୁ ତୁହି
ଦେଶର ପ୍ରଗତି ପାଇଁ
ଅନ୍ନ ତୁ ଯୋଗାଉ ସାରା ଜଗତକୁ
ମୁଣ୍ଡ ଝାଳ ତୁଣ୍ଡେ ସହି ।୧୦।
ସୁସ୍ଥ ନିରୋଗ ଦେହ ତୁମ ଥାଉ
ଜଗତର ହିତ ପାଇଁ
ତୁମେ ଭଲ ଥିଲେ ଏ ଦେଶ ହସିବ
କୃଷକ ତୁମରି ପାଇଁ ।୧୧।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଆମେ ଅଛୁଁ, ନାହିଁ ତ ଜନନୀ



ଗୁରୁକଲ୍ୟାଣ ମହାପାତ୍ର

"ଜ୍ୟୋଃ" ଅର୍ଥାତ ଆକାଶ ତନୟା
ଉଷା ପରି ସବୁଠାରୁ କମନୀୟା, ଉଜ୍ଜ୍ୱଳା
ସେ ଥିଲା, ନମନୀୟା ଅନ୍ଧାରରୁ
ଆଲୋକ ଆଡକୁ ଆଣି
ନୂତନ ଜୀବନ ମନ୍ତ୍ରରେ ଜୀବନ୍ନ୍ୟାସ
ଦେଇଥିଲା ଆମମାନଙ୍କୁ ସେ
ଜନନୀ ଯେ ଚାଲିଗଲା ଅନ୍ଧାର ଗର୍ଭକୁ
ଚିରଦିନ, ଆଉ ଫେରିଲାନି ।

ଯୌବନରେ ନିଜେ ଜଳି ଜଳି ସିଏ
ଏକାନ୍ନବର୍ତ୍ତୀ ବିରାଟ ପରିବାରର ବୋଝକୁ
ଆଜୀବନ ମୁଣ୍ଡାଇ ରଖିଥିଲା ଆଉ
ବତାଇଥିଲା ଆମ ସମସ୍ତ ସନ୍ତାନକୁ
ସରଳ ଓ ସଳଖ ରାହା ଧରିବାକୁ ।

ତାକୁ କେବେ କାନ୍ଦିବାର ଦେଖିନାହୁଁ,
ଅଥଚ ତା ଶ୍ୱଶୁର କାନ୍ତକବି ଠାରୁ
ଶୁଣିଥିବା ଗୀତକୁ ସେ ଆପଣାର କରି
ହୁଏ ତ ଗାଉଥିଲା ଗୁଣୁଗୁଣୁ ହୋଇ

ISSN NO.
2582-208X

ଜୀବନରେ ଅନ୍ତିମ ବେଳାରେ, ଯାହା-
ସବୁ ଛାଡି ଏକା ନୟନ ଜଳ
ହୋଇଛି ଏବେ ମୋ ଜୀବନ ସମ୍ବଳ
ସେତକ ଉଝାଇ ଦେଇ ତୋ ଚରଣେ
ନେବାକୁ ବସିଛି ମେଲାଣି ।

ସବୁ ସରାଗର ଡୋରିକୁ ଛିଣ୍ଡାଇ
ସେ ଆଖି ବୁଜିଦେଲା ସବୁଦିନ ପାଇଁ
ଗତବର୍ଷ ରଜ ସଂକ୍ରାନ୍ତିରେ
ଆହା କି ଭାଗ୍ୟରେ !

ପୁତ୍ର କଳତ୍ର ଓ ସଂପତ୍ତିର ମାୟା ଜୀବନକୁ
ତୁଟାଇ ଦେଇ ସେ ଚାଲିଗଲା
କାହାରିକୁ କିଛି ନ ଜଣାଇ ଅକସ୍ମାତ ।

ସମସ୍ତେ ତ ଯିବା, ଆଜି ନହେଲେ କାଲି,
କେହି ବି ଜାଣିବେ ନାହିଁ
କିଏ ତମ ପଛେ ପଛେ ଥିଲା, ଗଲାବେଳେ,
କବି ଗୋଦାବରୀଶ ମହାପାତ୍ରଙ୍କ ସେହି
କବିତାର ପଦଟି ତ ପ୍ରତିଧ୍ୱନିତ ହେଉଥାଏ-
ନିଜ ଭିତରେ, କେହି ଯଦି ଚାଲିଯାଏ
"ତମେ ତ ଜାଣିଲ ନାହିଁ, କିଏ ତମ
ପଛେ ପଛେ ଗଲା ....."

ISSN NO.
2582-208X

ଜନ୍ମଦାତ୍ରୀ ଜନନୀର ସ୍ମୃତି କେବଳ
ରହିଥିବ ନିଜ ଭିତରେ, ନିଜେ-
ନିଜେ ବଞ୍ଚିଥିବା ଯାଏଁ
ଋଗ୍ ବେଦରେ ବର୍ଣ୍ଣିତ "ଚାତ" ବା
ସତ୍ୟ ପରି ସେ ଝରସୁ ଥିବ ।
ସେବା ଓ ସ୍ନେହର ମୂର୍ତ୍ତିମଙ୍ଗ
ପ୍ରତୀକ ସେ ଜନନୀର
ଅବସାନ ଏ ଧରାଧାମରୁ ।
ସବୁ ଶେଷ, ଏ ଶେଷର
ଅର୍ଥ କଣ ପ୍ରକୃତରେ ?

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ଦୀପ୍ତି



ସତ୍ୟନାରାୟଣ ପ୍ରସାଦ ନାୟକ

ରୂପା ଜହ୍ନ ପରି  ତୁମେ ଉଙ୍କି ମାର
କେଉଁ ହୃଦୟ କନ୍ଦରେ,
ମନ ନୀଳକଇଁ  ତୁମ ବାଟ ଚାହିଁ
ନିରବରେ ଖାଲି ଝୁରେ ।

ଆଶା ତ ଅସୀମ ଆକାଶ କୁସୁମ
ମନ ଉଦ୍ୟାନରେ ଫୁଟେ,
ପ୍ରୀତି ଚଇତାଳି ବାଆ ବହୁଥିଲେ
ବାସ ଚହଟାଇ ଛୁଟେ ।

ଗୋଧୂଳି ଲଗନେ ପୂର୍ଣ୍ୟ ସାୟଂକାଳେ
ତୁମେ ଦେଖା ଦିଅ ହସି
ହସରୁ ମୁକୁତା ଝରି ପଡୁଥାଏ
ସତେକି ପୁନେଇଁ ଶଶୀ ।

ISSN NO.
2582-208X

ନୀଳ ଆକାଶର ତାରାଙ୍କ ମେଳରେ
ଖୋଜୁଥାଏ ହେଲେ ନିଶି
କେଉଁଠି କିପରି ତୁମେ ଯାଅ ଲୁଚି
ସୂରୁଜ ଆସିଲେ ହସି ।

ଅଫେରା ବାଟର ବାଟୋଇଟେ ମୁଁହି
ବାଟ ମୋର ସରେ ନାହିଁ,
ତୁମକୁ ପାଇଲେ ବାଟ ସରିଯିବ
ଶୁଣ ଆହେ ଭାବ ଗ୍ରାହୀ ।

ଓଁ ଜୟ ଶ୍ରୀଜଗନ୍ନାଥ

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ଲଳିତ ନିବନ୍ଧ- ଚିଠି



ବଦ୍ରୀ ମହାନ୍ତ

ମନ ସହିତ ମନ ଯୋଡ଼ି ଘରକୁ ଘର ଯୋଡ଼ି ବହୁ ଅସାଧ୍ୟ ସାଧନ କରିଥିବା ବସ୍ତୁଟି ଆଜି ଅପାଙ୍କ୍ତେୟ ମନେ ହୋଇପାରେ। ଊଣା ହୋଇଥାଇ ପାରେ ତାର ଆଦୃତି। ମାତ୍ର ଗୋଟାଏ ଜନପ୍ରିୟ ସଶକ୍ତ ମାଧ୍ୟମ ରୂପେ କୋଟି କୋଟି ଜନ ମାନସରେ ଅସପତ୍ନ ରାଜତ୍ୱ ବିସ୍ତାର କରିଥିବା 'ଚିଠି' ଏବେ ସୁଦ୍ଧା ହରାଇ ବସି ନାହିଁ ତାର ସ୍ୱତନ୍ତ୍ର ଆବେଦନ। ଏକଦା ଜୀବନୀ ଶକ୍ତିର ପ୍ରାଣ ଓ ସମାଜର ଆବଶ୍ୟକତାର ଶୀର୍ଷ ସ୍ଥାନ ଆରୋହଣ କରି ପଥ ପ୍ରଦର୍ଶନ କରୁଥିବା ଏହି ମହାର୍ଘ୍ୟ ବନ୍ଧୁର ରୂପ ଭେକ ରଙ୍ଗ ଆଜି ବଦଳି ଯାଇଛି ସତ, କିନ୍ତୁ ପରିବର୍ତ୍ତନ ହୋଇନାହିଁ ତାର ଆତ୍ମା। ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ବ୍ୟବସ୍ଥା ବଦଳିବାର ଧାରା ସହିତ ସାଲିସ କରି ମିଟି ମିଟି ଆଖିରେ ଦେଖୁଛି ଆଧୁନିକତା ଓ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ। ତିଳାର୍ଦ୍ଧେ ଅନୁଶୋଚନା ନାହିଁ, ନାହିଁ କାହାରି ପ୍ରତି ଅଭିମାନ। ଏ ହାତରୁ ସେ ହାତ ଏଘରୁ ସେଘର ଧାଇଁ ଧାଇଁ ଯେଉଁ ଅଲଭ୍ୟ ଭାବ ଓ ସମ୍ବାଦ ଦେଇ ପ୍ରାଣ ସଂଚାର କରି ଆସିଛି ତାର ମୂଲ୍ୟାୟନ ଅସମ୍ଭବ। ଅନେକ ଏହାକୁ ଅର୍ବାଚୀନ ମନେକରି ନିଜ ଜୀବନ କାଳ ଭିତରେ କସ୍ମିନ କାଳେ ଶ୍ରଦ୍ଧା କରିନାହାନ୍ତି ବା ଉପଲବ୍ଧି କରିନାହାନ୍ତି ଏହାର ଗୁରୁତ୍ୱ। ହାତ ପାଆନ୍ତାରୁ ଧୀରେ ଧୀରେ ଅପସୃତ ହେବା ଦେଖି ଖୁବ୍ ଭାଳି ହେଉଛନ୍ତି ଏହାର ଅନୁପସ୍ଥିତିକୁ। ଏହା କେବଳ ଆଦାନ ପ୍ରଦାନର ନିରୁତା ମାଧ୍ୟମ ନୁହେଁ, ଅନ୍ତକରଣର ଉଚ୍ଛ୍ୱାସ ଓ ଆବେଗର ପ୍ରତିଧ୍ୱନି।

ISSN NO.
2582-208X

ସମ୍ପ୍ରତି ଚିଠିର ଭୂମିକା ତାର-ବେତାର, ଯୋଗାଯୋଗ ଓ ମୋବାଇଲ ଯନ୍ତ୍ରମାନେ ବାର୍ତ୍ତା, ବାଦ-ସମ୍ବାଦ ଏବଂ ପ୍ରେରଣ-ଗ୍ରହଣ କର୍ମଟି ସହଜରେ କ୍ଷୀପ୍ରତର ଗତିରେ ସମ୍ପାଦନ କରୁଛନ୍ତି ସତ, କିନ୍ତୁ ଭାବ ପ୍ରେମ ଓ ଆନ୍ତରିକତାରେ ମୋହାଛନ୍ନ କରି ପାରୁନାହାଁନ୍ତି। ପୂର୍ବ ତୁଳନାରେ ଅଧିକ ସୁଗମ ହେବା ସତ୍ୱେ କେଉଁ ଏକ ଅନାହତ ଶୁନ୍ୟତାରେ ଭରି ଦେଉଛି ପ୍ରାଣକୁ। ଏ କଥା ନିଶ୍ଚିତ ଯେ, ଆଜିର ସମାଜ ବ୍ୟବସ୍ଥା, ଦେଣ ନେଣ ଓ ପ୍ରଦ୍ୟୋଗିକ ଅଭିବୃଦ୍ଧିର କ୍ରମବିକାଶ ଭିତରକୁ ଆଉ ଥରେ କସ୍ମିନ କାଳେ ଫେରିବ ନାହିଁ ହାତ ଲେଖା ଚିଠି। ପଠାଇବା, ଉତ୍ତରକୁ ଚାତକ ପରି ଅପେକ୍ଷା କରିବା ଓ ମନ ପ୍ରାଣ ହୃଦୟ ଦେଇ ପଢ଼ିବା ପରେ ସର୍ବାନ୍ତକରଣେ ଅନୁଭବ କରିବା ହୋଇଉଠିବ ସ୍ୱପ୍ନପ୍ରାୟ।

ବ୍ୟକ୍ତିଗତ, ଏକାନ୍ତ ବ୍ୟକ୍ତିଗତ, ନିମନ୍ତ୍ରଣ, ଆବେଦନ, ବ୍ୟବସାୟ ଓ ସରକାରୀ ଯୋଗାଯୋଗ ପାଇଁ ଲୋଡା ପଡ଼ିଥାଏ ଚିଠି। ସ୍ଥୁଳତଃ ଔପଚାରିକ ଏବଂ ଅନୌପଚାରିକ ରୂପେ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ ଚିଠିକୁ। ଅନୌପଚାରିକ ଚିଠି ଆଦାନ ପ୍ରଦାନ ହୋଇଥାଏ ଆତ୍ମୀୟ, ବନ୍ଧୁ, ପ୍ରେମିକ ପ୍ରେମିକା ଏବଂ ସମ୍ପର୍କୀୟ ମାନଙ୍କ ମଧ୍ୟରେ। ବ୍ୟକ୍ତିଗତ ପ୍ରବୃତ୍ତି, ସୁଖ ଦୁଃଖ, ହର୍ଷ ବିଷାଦ, ଉତ୍ସବ, ବଧାଇ, ଅଭିନନ୍ଦନ ଶୁଭ କାମନାରେ ଭିତରେ ଥାଏ ନିବିଡ଼ ଅତ୍ମୀୟତା ଓ ହୃଦୟକୁ ସ୍ପର୍ଶ କରିବାର ଆଲେଖ୍ୟ। ସଜୀବ ସମ୍ବାହକ ହୋଇଥିବାରୁ ଚିଠିରେ ଦେଖିବାକୁ ମିଳେ ପତ୍ର ଲେଖକର ବ୍ୟକ୍ତିତ୍ୱର ପ୍ରତିବିମ୍ବ।

ସମ୍ପର୍କ ଯୋଡେ ଚିଠି ଆଉ ସମ୍ପର୍କକୁ ଭାଙ୍ଗିଦିଏ ବି ପତ୍ର। ତେଣୁ ଭାଷା, ଶବ୍ଦ ଓ ବାକ୍ୟର ଭୂମିକାକୁ ସହଜରେ ଏଡାଇ ଯାଇ ହେବ ନାହିଁ। ନଈଟିଏ ପରି ବହିଯାଉଥିବା ବାକ୍ୟ ମାନଙ୍କ ଭିତରେ ସରଳ, ତରଳ ଓ ବୋଧଗମ୍ୟ ଶବ୍ଦ ସବୁ ଗୁନ୍ଥା ହୋଇଥିବେ। ସଂକ୍ଷିପ୍ତ ରହୁଥିବ ବିଚାର। ଅଯଥା ଶବ୍ଦ ସମାହାର ଚିଠିକୁ ଦୀର୍ଘ କରୁ ନଥିବ। ପ୍ରଚଳିତ ଶବ୍ଦ ଓ ସଠିକ୍ ବାକ୍ୟ ବିନ୍ୟାସ ପ୍ରଭାବଶାଳୀ ତଥା ଆକର୍ଷଣୀୟ କରି ଗଢି ତୋଳୁଥିବ ପତ୍ରକୁ। ଫଳ ସ୍ୱରୂପ ଉଦ୍ଦେଶ୍ୟଟି ସବୁ ଜିଜ୍ଞାସାର ଅନ୍ତ ଘଟାଇବାରେ ସମର୍ଥ ହୋଇ ପାରୁଥିବ।

ISSN NO.
2582-208X

ଚିଠି ଲେଖିବା ଏକ କଳା ସତ, ମାତ୍ର ଆଦୌ କଷ୍ଟସାଧ୍ୟ ନୁହେଁ। ବ୍ୟକ୍ତିଗତ ପତ୍ର ହେଉ ବା ସରକାରୀ ପତ୍ର ହେଉ ପ୍ରାଥମିକ ସ୍ତରରେ ପ୍ରସ୍ତୁତ କରିବା ଅସହଜ ମାନେ ହୋଇ ପାରେ, କିନ୍ତୁ କ୍ରମାଗତ ଲେଖିବା ଦ୍ୱାରା ଜଣେ ଉଚ୍ଚକୋଟୀର ପତ୍ର ଲେଖକ ରୂପେ ଛିଡା ପାରେ। ଚିଠିଟିଏ ପାଇବା ଓ ପଢ଼ିବା ପାଇଁ ସୃଷ୍ଟି ହେଉଥିବା ଉଦବେଗ-ଉଦବେଳନ ଲେଖିବା ଓ ପଠାଇବା ବ୍ୟକ୍ତି ଠାରୁ ଅଧିକ। ପଢ଼ୁ ପଢ଼ୁ ମନରେ ଚିତ୍ରଟିଏ ଆଙ୍କି ହୋଇଯାଏ, ଭାବନାକୁ ପଶିଆସେ ଘଟଣାବଳୀର କ୍ରମ। ଜୀବନ୍ତ ହୋଇ ଉଠେ ପୁରୁଣା ସ୍ମୃତି। ଭଲ ପାଉଥିବା କୌଣସି ମୃତବ୍ୟକ୍ତିର ପୁରୁଣା ଚିଠି ଦସ୍ତାବିଜ୍ ଭିତରୁ ବାହାର କରି ପଢାଗଲେ ଯେଉଁ ମାର୍ମିକ ଭାବନା ଉଦ୍ରେକ ହୁଏ ତାହା ଅବର୍ଣ୍ଣନୀୟ। ହଜିଲା ଓ ମୃତ ବ୍ୟକ୍ତିର ଫଟୋ ସଂରକ୍ଷିତ କରି ରଖିଲା ପରି ପୁରୁଣା ଚିଠି ମନ ଓ ପ୍ରାଣକୁ ଆଲୋଡ଼ିତ କରେ। ପତ୍ରକୁ ସାଇତି ରଖିବା ଓ ବାରମ୍ବାର ପଢ଼ିବା ଦ୍ୱାରା ଅନେକ ସାକରାତ୍ମକ ଚିନ୍ତାକୁ ଜନ୍ମଦେଇ ପରବର୍ତ୍ତୀ ପୀଢ଼ି ପାଇଁ ଦସ୍ତାବିଜର ଭୂମିକା ତୁଲାଇ ଥାଏ ବୋଲି ବିନମ୍ର ମତ ଦିଅନ୍ତି ବାଇ ମହାନ୍ତି। ଅନ୍ତର ବୋଳା ହାତଲେଖା ଚିଠିରୁ ଭାବ ସହିତ ଆତ୍ମୀୟତା ଉକୁଟି ଆସେ।

ଯାହା କହି ହୁଏ ନାହିଁ, ଦେଖେଇ ହୁଏ ନାହିଁ ବା ରୂପାୟିତ କରିହୁଏ ନାହିଁ ତାହା ସଫଳତାର ସହ ସମ୍ପନ୍ନ କରେ ଚିଠି। ପ୍ରେମ ସମ୍ପର୍କକୁ ସୁଦୃଢ଼ କରିବା ସହିତ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ ପ୍ରେମିକ ପ୍ରେମିକାଙ୍କ ଦ୍ୱାରା ଆଦାନ ପ୍ରଦାନ କରାଯାଇଥିବା ପତ୍ର। ସାମ୍ନାରେ ଯାହା ପ୍ରକାଶ କରି ହୁଏନା ତାହା ଚିଠି ମାଧ୍ୟମରେ ସମ୍ଭବ ହୋଇଥାଏ। ବେଳେ ବେଳେ ପ୍ରେମିକ ପ୍ରେମିକାଙ୍କ ପାଇଁ କାଳ ରୂପେ ମଧ୍ୟ ଛିଡ଼ା ହୁଏ ପତ୍ର। ହିମ ଶୀତଳ ହିମାଳୟରେ ଦେଶର ସୁରକ୍ଷାରେ ନିୟୋଜିତ ଥିବା ସନ୍ତାନଟି ପାଇଁ ବାପା ମା ର ଚିଠି, ଭାଇ ଭଉଣୀର ଚିଠି ବା ନିଜ ପତ୍ନୀର ଚିଠି କେତେ ଗୁରୁତ୍ତ୍ୱ ପୂର୍ଣ୍ଣ ଏବଂ ମହତ୍ତ୍ୱ ଅପେକ୍ଷା ରଖେ ସହଜରେ ଅନୁମେୟ। ଆଶା ଆଶଙ୍କା ବିଜଡ଼ିତ ପ୍ରାଣଟି ପ୍ରତି ମୁହୂର୍ତ୍ତରେ ଅପେକ୍ଷା କରିଥାଏ ଶୁଭ ବା ଅଶୁଭ ବାର୍ତ୍ତା ବହନ କାରୀ ଚିଠିଟିଏକୁ। ଭାବମୟ ପରିବେଶ ଉତ୍ସାହ ଆନନ୍ଦ ଓ ସନ୍ତୋଷ ସହିତ ଶୁଭ ଅଶୁଭ ବାର୍ତ୍ତା ହିଁ ପତ୍ରର ଅନ୍ତରାତ୍ମା।

ISSN NO.
2582-208X



ଅତୀତରେ ପତ୍ର ବାହକ ଥିଲା କପୋତ। ଦୂର ସ୍ଥାନକୁ ଉଡ଼ିଯାଇ ଠିକଣା ଲୋକକୁ ଚିଠି ଦେଇ ପୁନଶ୍ଚ ଉତ୍ତର ନେଇ ଫେରୁଥିଲା ପ୍ରେରକ ପାଖକୁ। ଏହା ଆଜି କାହାଣୀପ୍ରାୟ ମନେ ହେଉଥିଲେ ସୁଦ୍ଧା ସତ୍ୟ। ଧୀରେ ଧୀରେ ସମୟର ପରିବର୍ତ୍ତନ ସହିତ ପ୍ରତିଷ୍ଠିତ ହେଲା ଡାକଘର ଓ ଡାକର ସହଜ ସୁଗମ ଆଦାନ ପ୍ରଦାନ। ତାମ୍ର ପତ୍ର, ତାଳ ପତ୍ର, ଭୂର୍ଜ ପତ୍ର ଓ କାଗଜ ଦେଇ ଆଜି ଉପନୀତ ହୋଇଛୁ ଇଲେକ୍ଟ୍ରୋନିକ୍ସ ସାମ୍ରାଜ୍ୟରେ। ଟେଲିଗ୍ରାମ, ଟେଲେକ୍ସ, ଟେଲିଫୋନ, ମେସେଜ ଦେଇ ସମ୍ପ୍ରତି ଇ-ମେଲ ଓ ହ୍ୱାଟ୍ସଅପ୍ ସହଜରେ ପ୍ରଭାବଶାଳୀ ଢଙ୍ଗରେ ଚିଠିର ବିକଳ୍ପ ଭୂମିକା ତୁଲେଇ ଆସୁଛି। ଜଣାନାହିଁ ଆସନ୍ତା କାଲି କେଉଁ ନୂତନ ବସ୍ତୁଟି ଏ ମହାନ ଗୁରୁ ଦାୟିତ୍ୱ ସମ୍ପାଦନ କରିବ !

ସ୍ୱରୂପ ଓ ଆଧୁନିକ ବ୍ୟବସ୍ଥା ଯାହା ବି ହେଉନା କାହିଁକି ଭାବ ଭାବନାରେ ବନ୍ଧା ଚିଠିର ଆବେଦନ ସର୍ବକାଳୀନ। କୌଣସି ସ୍ଥିତିରେ ଏହାକୁ ଅସ୍ୱୀକାର କରିହେବ ନାହିଁ। ତେଣୁ ବାଇ ମହାନ୍ତି କହନ୍ତି, "ହାତଲେଖା ଚିଠିକୁ ହୃଦୟ ଦେଇ ପଢିବାକୁ ଅପେକ୍ଷା କରୁଛ ଯଦି ନିଜର ଅମୃତ ଭାବନାକୁ ମଧୁର ଭାଷାରେ ସରଳ ତରଳ କରି ଖୁବ୍ ପତ୍ର ଲେଖି ପ୍ରିୟଜନ ପାଖକୁ ପଠାଇ ଦିଅ, ଦେଖିବ ପ୍ରତ୍ୟେକ୍ଷୁ ଆଖି ଆଗରେ ସୁନ୍ଦର ନଇଟିଏ ବହିଯିବ, ସୁଗନ୍ଧିତ ହିଲ୍ଲୋଳ ସହିତ ଖେଳିଯିବ ଆନନ୍ଦ ଓ ସନ୍ତୋଷର ବାତାବରଣ।"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ରଖିବା ଉକ୍ରଳ ଟାଣ...

ସସ୍ମିତା ପ୍ରଧାନ

ବିଶ୍ୱ ବ୍ରହ୍ମାଣ୍ଡରେ
ମୋ ଦେଶ ଭାରତ
ତା ପରି ଆଉ କେ ନାହିଁ
ଭାରତରେ ସ୍ଥିତ
ରାଜ୍ୟ ଉତକଳ
ସେହି ମୋ ଜନମ ଭୂଇଁ ।।
ମୋ ରାଜ୍ୟ ଉକ୍ରଳ
ଦେଶରେ ବିରଳ
ଧନ୍ୟ ତାର ଗଉରବ
ପରକୁ ଆପଣା
କରିବା ଶିଖିଛୁ
ନାହିଁ ରାଗ ହିଂସା ଭାବ ।।
ସାଗର ଲହରୀ
ପାଦ ଧୋଇ ଦିଏ
ନୀଳ ଲହରୀର ମାଳେ
ପବନ ଯାହାର
ଗୁଣ ଗାରିମାକୁ
ସ୍ୱର ଝଙ୍କାରରେ ତୋଳେ ।।
ଚନ୍ଦ୍ରଭାଗା ଛୁଇଁ
ସୂର୍ଯ୍ୟ ଉଇଁ ଆସେ
ରକ୍ତିମ ଆଭାସ ନେଇ

ISSN NO.
2582-208X

ନୂଆ ଉଦ୍ଦୀପନା
ନୂଆ ସମ୍ଭାବନା
ଆତ୍ମ ବିଶ୍ୱାସ ଜଗାଇ ।।
ମନ୍ଦିର ମାଳିନୀ
ଆମ ରାଜଧାନୀ
ରାଜା ରାଣୀ ହାତୀ, ଗୁମ୍ଫା
ଧଉଳୀ କୀରତି
ଅମ୍ଳାନ ସେ ସ୍ମୃତି
କି ଅବା ଦେବି ତାଲିକା ।।
ବଖାଣି ବସିଲେ
କଥା ସରିବନି
ଉତ୍କଳର କିର୍ତ୍ତୀମାନ
ଭିତର କନିକା
ନିଳାମ୍ବୁ ଚିଲିକା
ପୁରୀ ନୀଳାଚଳ ଧାମ ।।
ତୁଳସୀ କ୍ଷେତ୍ରର
ବଳଦେବ ଜୀଉ
ପ୍ରସିଦ୍ଧ ସେ ରସାବଳୀ
ଗହ୍ମା ପୁନେଇଁରେ
ହାତେ ରାକ୍ଷୀ ବନ୍ଧା
ଫଗୁଣରେ ରଙ୍ଗହୋଲି
ଭାଷା ମୋ ଓଡ଼ିଆ
ସବୁଠୁ ବଢିଆ
ନିଆରା ଉତ୍କଳ ଭୂଇଁ
ଭାଗବତ ପୋଥି
ଗାମୁଛାକୁ ଧୋତି
ପୋଖରୀର ନୀଳ କଇଁ ।।

ISSN NO.
2582-208X

କୁଣିଆଙ୍କୁ ଏଠି
ମିଳେ ପାଣି ଲୋଟା
ପଖାଳକୁ ଶାଗ ଭଜା
ବରଷକେ ଥରେ
ହୁଏ ରଥ ଯାତ୍ରା
ଛେରା ପହଁରନ୍ତି ରାଜା ।।
ସାତଭାୟା ଠାରୁ
ପେଣ୍ଠ ବେଳାଭୂମି
ପର୍ଯ୍ୟଟକ ମନ ମୋହୁଛି
ଉତ୍କଳ ମାଧୁର୍ଯ୍ୟ
ଐତିହ୍ୟ ସମ୍ପଦ
ସାରା ବିଶ୍ୱ ଏବେ ଦେଖୁଛି ।।
ଉତ୍କଳ ଗୌରବ
ମଧୁ ବାରିଷ୍ଟର
କାନେ କାନେ କହି ଯାଇଛି
ଉଠରେ ଉଠରେ
ଉତ୍କଳ ସନ୍ତାନ
ନିଦ୍ରା ତେଜ ତନ୍ଦ୍ରା ଭାଜିଛି ।।
ଉତ୍କଳର ଟେକ
ରଖିବା ପାଇଁ କି
କରିବା ଆମେ ଆଜି ପଣ
ଶତ୍ରୁ ଆଗେ କେବେ
ଡରିଯିବା ନାହିଁ
ରଖିବା ଉତ୍କଳର ଟାଣ ।।

ରାଜନଗର, କେନ୍ଦ୍ରାପଡା

ISSN NO.
2582-208X

# କାଳକା କମଳା ବିମଳା ଶାରଳା



ଅଧ୍ୟାପକ ଅବିନାଶ ବାରିକ୍

କାଳିକା କମଳା ବିମଳା ଶାରଳା ନାମ ବହୁ ମହାମାୟୀ ହେ ।
ଖର୍ପର ଧାରିଣୀ ଶୁଳୀନୀ ଖଡଗିନୀ ଅମ୍ବିକା ତୁ ଦୟାମୟୀ ହେ ।୧।

ଗରବ ଗଞ୍ଜିନୀ ତ୍ରିଶୂଳ ଧାରିଣୀ ଆଦିମାତା ମାହେଶ୍ୱରୀ ହେ ।
ଘର୍ଘର ନାଦିନୀ ମାନିନୀଭାବିନୀ ବିଶ୍ୱେଶ୍ୱରୀ ସୁରେଶ୍ୱରୀ ହେ ।୨।

ଓଁକାର ରୂପିଣୀ ଦେବୀ କାତ୍ୟାୟିନୀ ଭଗବତୀ ଶିବପ୍ରିୟା ହେ
ଚଣ୍ଡ ମୁଣ୍ଡ ବିନାଶିନୀ ଶୂଳପାଣି ସଙ୍କଟମୋଚନୀ ଶ୍ରୀୟା ହେ। ।୩।

ଛାଡିଣ ଆକାଶ ମରତକୁ ଆସ ବରଷକେ ଥରେ ପାଇ ହେ ।
ଜଗତ ଜନନୀ ଜୟମା ଭବାନୀ ମହିଷାମର୍ଦ୍ଦିନୀ ହୋଇ ହେ ।୪।

ଝଲକାଇ ତୋର ସ୍ୱରୂପ ସୁନ୍ଦର ସୁବର୍ଣ୍ଣ ମୁକୁଟମୟୀ ହେ ।
ନମସ୍ତେ ଶାରଦା ତୁହି ମା ବରଦା ବିଶ୍ୱରୂପୀ ବିରଜାଇ ହେ ।୫।

ଟମକ ନିଶାଣ ଘଣ୍ଟ ଘଣ୍ଟା ସ୍ୱନ ବାଜେ ଗଗନ କମ୍ପାଇ ହେ ।
ଠାବେ ଠାବେ ପୂଜା ପାଉମା ଗିରିଜା ମେନକା ଆତ୍ମଜା ତୁହି ହେ ।୬।

ଡମ୍ବରୁ ଧାରିଣୀ ତ୍ରିପୁର ମୋହିନୀ ରକ୍ତ ନେତ୍ରା ଦଶଭୂଜା ହେ ।
ଢାଲ ତରବାରୀ ଅଛ କରେ ଧରି ହୀମବନ୍ତର ଆତ୍ମଜା ହେ ।୭।

ISSN NO.
2582-208X

ନୀଳ ଆକାଶରୁ ସତେକି ବିଜୁଳି ଆସିଲା ପରାୟ ଦିଶ ହେ ।
ତାରିଣୀ ନାମକୁ ବହୁ ଗୋସ୍ୱାମଣୀ ଧାରିଣୀ ତୁ ରକ୍ତ ବାସ ହେ ।୮ ।

ଥାନେ ଥାନେ ପୂଜା ପାଉ ତୁ ଶୈଳଜା ପରମ ଈଶ୍ୱରୀ ହୋଇ ହେ ।
ଦେବୀ ଦଶଭୂଜା ତୁହି ଅଷ୍ଟଭୂଜା ଚତୁର୍ଭୁଜା ରୂପେ ରହି ହେ ।୯ ।

ଧରଣୀର ଭାର କରିଣ ଉଦ୍ଧାର ଫେରିଯାଅ ନିଜପୁର ହେ ।
ନାଧରାରେ ରାମଚଣ୍ଡି ବାଣପୁରେ ଭଗବତୀ ଶାକମ୍ବରୀ ହେ ।୧୦ ।

ପାର୍ବତୀ ଜୟନ୍ତୀ ମଙ୍ଗଳା କାଳିକା ରକ୍ତ ବସ୍ତ୍ର ପରିହିତା ହେ ।
ଫେଡ ମୋ ଦୁର୍ଗତି ଦୁର୍ଗା ରୂପି ସତୀ ତୁହି ମା ଜଗତଜିତା ହେ ।୧୧ ।

ବରପ୍ରଦାୟିନୀ ଶଙ୍କର ଘରଣୀ ବିଶ୍ୱଜନନୀ ଗଉରୀ ହେ ।
ଭାରତୀ ତୁ ଶୈଳପୁତ୍ରୀ ଜଗଦ୍ଧାତ୍ରୀ କୁମାରୀ ଦଇତ ଧରୀ ହେ ।୧୨ ।

ମଙ୍ଗଳ ଦାୟିନୀ ମଙ୍ଗଳା ଭବାନୀ ମତଙ୍ଗ ମୁନୀ ପୂଜିତା ହେ ।
ଯଶ ପଉରୁଷ ସୁଖ ଆଉ ଶିରୀ ସବୁ ତୋ ଜଗତ ମାତା ହେ ।୧୩ ।

ରମା ଉମା ଆର୍ଯ୍ୟା ତୁହି ମା ଗିରିଜା ଅନ୍ନପୂର୍ଣ୍ଣା ପରମେଶୀ ହେ ।
ଲୁହ ପୋଛିଦିଅ ସବୁରି ଆଖିରୁ ଜଗଦମ୍ବା ଘନ କେଶୀ ହେ ।୧୪ ।

ହରଣ କରୁ ତୁ ଜଗତର ଦୁଃଖ ଭୟ ଶୋକ ମାନ ଆଦି ହେ ।
କ୍ଷୟ କର ମାତ ଧରା କଳମଷ ସୁଖ ସମ୍ପଦ ସମ୍ପାଦି ହେ ।୧୫ ।

ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ଉପହାରେ ଦିଅ ଖଣ୍ଡେ ବହି



ଅମୃତନାରାୟଣ ଶତପଥୀ

ସମୟ ବଦଳେ ପୁଣି ମଣିଷ ବଦଳେ
ଧନ୍ୟ ସେହି ଲେଖକଙ୍କ କୃତି ରହିଯାଏ ଯାହା କାଳେ କାଳେ ।
ଉପହାର ଦେଇଥିବ ଅବା ପୁଣି ପାଇଥିବ କାହାଠାରୁ  ଖଣ୍ଡେ ବହି,
ଭୁଲି ତ ହେବ ନାହିଁ ସ୍ମୃତିଟିଏ ରହିଯିବ ହୃଦୟରେ ଚିରଦିନ ପାଇଁ।
ମୂଲ୍ୟବାନ ଉପହାର ବହି ଆଗେ  ତୁଚ୍ଛ ବହି ମୂଲ୍ୟ ଜାଣେ ଯିଏ
ଅମୂଲ୍ୟ ଜ୍ଞାନର ଗନ୍ତାଘର ମିଳିଗଲେ ସ୍ୱର୍ଗ ସୁଖ ପାଇଯାଏ ସିଏ।
ସବୁଠୁ ଉତ୍ତମ ବନ୍ଧୁ ଜ୍ଞାନର ଅଥଳ ସିନ୍ଧୁ ଅଟେ ପରା ଖଣ୍ଡେ ବହି
କିପରି ଅନ୍ୟ ପଦାର୍ଥ ଶ୍ରେଷ୍ଠ ହୋଇଣ ପାରିବ ତା ଉପରେ ରହି ?
ବେଦ ଉପନିସଦଠୁ ଗୀତାଭାଗବତ ଯାଏ ସବୁ ତ ଅଛି ସେ ବହିରେ
ପୁରାଣ ଠୁ ଲୋକଗଳ୍ପ ସବୁ ମିଳିଥାଏ ପଢ଼ିଥାଉ ଆମେ ଯେବେରେ।
ସେଥିପାଇଁ କୁଣ୍ଠିତ ନ ହୋଇ
ପାରୁଛ ଯଦି କାହାକୁ ଉପହାରେ ଦେଇ ଦିଅ ଖଣ୍ଡେ ବହି।
ପୁଣି ଉପହାରେ ବହିଟିଏ ପାଇ
ମନ ଆନନ୍ଦିତ ହେଉ ଯେପରି ସବୁକିଛି ଯାଇଛ ରେ ପାଇ।
ଜୀବନରେ, ବନ୍ଧୁତ୍ୱରେ ଆସେ ଖରା ଛାଇ
ଅବା ମନର ଆକାଶେ କଳା ବାଦଲ ଘୋଡ଼ାଇ

ISSN NO.
2582-208X

ହେଲେ ବହିଟିଏ ସାଥୀ ହୋଇ ଥାଏ ଚିରଦିନ ପାଇଁ।
ସୂର୍ଯ୍ୟ ସମ ବାଦଲ ମଧ୍ୟରୁ ଆଲୋକ ଦିଅଇ।
ଏଥିପାଇଁ ହେ ଭଉଣୀ ଭାଇ
ଉପେକ୍ଷା ନ କର କେବେ ବହିଟିକୁ କେହି
ଆଉ ଉପହାରେ ଦିଅ ଖଣ୍ଡେ ବହି
ଜାଣ ବହିଠାରୁ ଅମୂଲ୍ୟ କିଛି ଆଉ ନାହିଁ।

ନୟାପଲ୍ଲୀ, ଭୁବନେଶ୍ୱର,
ଓଡିଶା

ISSN NO.
2582-208X

# କୁହୁ ଆଉ ମୋ ଭିତରେ ଅନାବିଳ ପ୍ରେମ



ଅମ୍ବିକା ସ୍ୱାଇଁ

କୁହୁ ଆଉ ମୋ ଭିତରେ ଅନାବିଳ ପ୍ରେମ । ମଧୁର, ମିଠା ସମ୍ପର୍କ, କଥା ହେଲେ ଶିହରିତ ହୁଏ ମନ । ଆବେଗଭରା ଶିହରଣ, ଈଶ୍ୱରୀୟ ଅନୁଭବ । କୁହୁର ଚପଳଛନ୍ଦା ସରଳ ମନ ତା"ର ନିଷ୍କପଟ ନିଛନ୍ଦ ହୃଦୟରେ ସେ ବୁଝି ପାରିଛି, ଜଣେ ପ୍ରାପ୍ତ ବୟସ୍କା ନାରୀ ହୃଦୟର ଗଭୀରତାକୁ । ସେ ଭିତରେ କେତେ ରହିଛି ତା"ପ୍ରତି ଓ ଅନ୍ୟପ୍ରତି ସ୍ନେହ, ମମତା, ଭଲ ପାଇବାର ସ୍ୱର୍ଗୀୟ ଅନୁଭବ । ଏତେ କୁନି ପିଲାଟି କେମିତି ମାପି ପାରିଛି, ଚିହ୍ନି ପାରିଛି ଅନ୍ୟର ମନକୁ, ହୃଦୟକୁ....!! କୁହାଯାଏ ଛୋଟ ପିଲାଙ୍କ ମନ ଭିତରେ ସବୁବେଳେ ଈଶ୍ୱର ବାସ କରନ୍ତି । ଅର୍ଥାତ ସେମାନେ ଈଶ୍ୱର ସଦୃଶ । ସେ ତାଙ୍କ ସରଳ ମନରେ ଈଶ୍ୱରଙ୍କ ନିକଟତର ହୋଇ ପାରନ୍ତି, ସେଥିପାଇଁ ତ ଅନେକ ଅଲୌକିକ କଥା ବେଳେ ବେଳେ ଶୁଣିବାକୁ ମିଳେ ଦେଖିବାକୁ ମିଳେ ଗପ କାହାଣୀରେ, ଛୋଟ ପିଲାଟିଏ ଈଶ୍ୱରଙ୍କୁ କ୍ଷୀରି ବନେଇ ଖାଇବାକୁ ଦେଇଥିଲା ଈଶ୍ୱର ଆସି ଖାଇ ଦେଇଥିଲେ, କେତେବେଳେ ପିଲାଟି ଫଳଟିଏ ଧରି ଈଶ୍ୱରଙ୍କ ମୂର୍ତ୍ତି ସାମ୍ନାରେ ଯାଚିଦେଇଥିଲା ଈଶ୍ୱର ତା"ହାତରୁ ଫଳ ନେଇ ଯାଇଥିଲେ ।

ଏମିତି ଅନେକ ଉଦାହରଣ ରହିଛି । ସେଥିପାଇଁ ତ କୁହୁ ଆଉ ମୋ ଭିତରେ ଏମିତି ସରଳ ପଣର ଅନାବିଳ ପ୍ରେମ । କୁହୁ ସହିତ କଥା ହେଲେ, ସେହି ମୁହୂର୍ତ୍ତରେ ଯେମିତି ଦୁନିଆର ଅସରନ୍ତି ଖୁସି ମୋ ଉପରେ ଅଜାଡି ହୋଇପଡେ । ଭାବ ଗଦ ଗଦ ହୋଇ ଯାଏ କୁହୁ ନାମ୍ନୀ କୁନି ଝିଅଟି, ନା ସେ ମୋତେ କେବେ ଭେଟିଛି ମୁହାଁ ମୁହିଁ, ନା ମୁଁ ତାକୁ ଦେଖିଛି ମୁହାଁ ମୁହିଁ । ଯାହା କେବଳ ସୋସିଆଲ ମିଡ଼ିଆର ଫୋଟୋ ଚିତ୍ରରେ ଦେଖାଚାହାଁ। କିନ୍ତୁ କୁହୁ ର କୋଇଲି ପରି ମଧୁର ସ୍ୱରରେ ବିମୋହିତ ମୁଁ । କୁହୁ ତା"ବାବା ମାମା ଙ୍କୁ କୁଆଡେ ସବୁବେଳେ କୁହେ ମୁଁ ନା ସେ ଆଣ୍ଟି ଙ୍କର ଫ୍ୟାନ । ମୋ ପାଖରେ କଣ ଯେ

ISSN NO.
2582-208X

ଦେଖିଚି କୁହୁ ସେ କଥା ମୁଁ ଜାଣେନା । କିନ୍ତୁ ମୋ ସହିତ କଥା ହେବାକୁ ସେ ଯେମିତି ଚାତକି ପରି ଚାହିଁ ରହିଥାଏ । ମୁଁ କେବେ କେମିତି ଆମ ସାଂଗଠନିକ କାର୍ଯ୍ୟ ବା ସାହିତ୍ୟ ଚର୍ଚ୍ଚାର ଆବଶ୍ୟକତା ଦୃଷ୍ଟି ରୁ ତା"ବାବା ଙ୍କୁ ଫୋନ କରେ,କୁହୁ କହେ ବାବା ମୋତେ ଟିକେ ଫୋନ ଦିଅ ମୁଁ ଆଣ୍ଟି ଙ୍କ ସହ କଥା ହେବି । ତା"ବାବା ଯେତେବେଳେ କୁହୁ ହାତରେ ଫୋନ ଧରାନ୍ତି, କୁହୁ ଆନନ୍ଦ କହିଲେ ନ ସରେ । ତା"ଠାରୁ ମୋର ଆନନ୍ଦ ଆହୁରି ଦୁଇ ଗୁଣ। ସତରେ ଏମିତି ସ୍ନେହ ମମତା ଭଲ ପାଇବା ଚିରଦିନ ରହୁ ଅତୁଟ ଏହା ହିଁ ଇଶ୍ୱରଙ୍କ ନିକଟରେ କାମନା । କୁହୁ ମୋର ଭଲ ପାଠ ପଢି ଖୁବ ଭଲ ମଣିଷ ଟିଏ ହେଉ ପ୍ରଭୁ ଜଗନ୍ନାଥ ମୋର ଏତିକି ପ୍ରାର୍ଥନା । ଏମିତି ତା"ର ସ୍ନେହ ରେ ମୁଁ ବାନ୍ଧି ହୋଇ ରହିଥାଏ,ସେ ମୋତେ ଏମିତି ଭଲ ପାଉଥାଉ, ମୁଁ ତାକୁ ଏମିତି ମୋ ସ୍ନେହର ପଣତ ରେ ବାନ୍ଧି ରଖିଥାଏମୋ ଶେଷ ଜୀବନ ଯାଏ । କୁହୁ ତୁମକୁ ମୁଁ ଖୁବ ଭଲ ପାଏ.....

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ISSN NO.
2582-208X

# ସହାୟତା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ସହାୟତା ହାତ ବଢାଇ କାହାଠୁ
ପ୍ରତିଦାନ ଆଶା ରଖନାହିଁ,
ସହାୟତା ରାଶି ପ୍ରଦାନେ କଦାପି
କୁଣ୍ଠାବୋଧ କେବେ କରନାହିଁ ।
ବିପଦେ ଆପଦେ ମଣିଷମାନଙ୍କୁ
ସର୍ବଦା ସାହାଯ୍ୟ କରୁଥାଅ;
ଦୁଃଖୀ ଦୁଃଖ ହରି ଭେ୍କଲ୍ ମୁଖରେ
ରେଖାଏ ଆନନ୍ଦ ଭରିଦିଅ ।
ସହାୟତା ହେଉ ଜୀବନର ବ୍ରତ
ହିଂସା, ଦ୍ୱେଷ, ରୋଷ ଭୁଲିଯାଅ;
ପରସ୍ୱ ଲୁଣ୍ଠନ କରନାହିଁ ବନ୍ଧୁ !
ଧର୍ମ ପଥେ ଚଉ ରଖିଥାଅ ।
ତୋ ମର-ଶରୀର ମାଟିରେ ମିଶିବ
ଶୂନ୍ୟ ହସ୍ତେ ଦିନେ ଯିବୁ ଚାଲି,
ଆତ୍ମୀୟ ସ୍ୱଜନ ପ୍ରିୟଜନ ତୋର
କିଛିଦିନ ଅନ୍ତେ ଯିବେ ଭୁଲି ।
ତୋ କାର୍ଯ୍ୟ କଳାପ ସବୁରି ହୃଦୟ
ସର୍ବଦା ମନ୍ଥନ କରିବ,
ରାଜମାର୍ଗ, ସେତୁ, ଉଦ୍ୟାନ, ପ୍ରାଚୀର
ତୋ ନାମେ ନାମିତ ହୋଇବ ।

ISSN NO.
2582-208X

ପ୍ରତିକୃତି ପୁଣି ସ୍ମୃତିସ୍ତମ୍ଭ ତୋର୍
ସ୍ଥାନେ ସ୍ଥାନେ ହେବ ନିର୍ମାଣ;
ଗଗନ ପବନ ହେବ ମୁଖରିତ,
ଶୁଭୁଥିବ ତୋର ଜୟଗାନ ।
ଏ ମାଟି ମଣିଷ ଅତି ସ୍ୱାର୍ଥପର
ଆନ ମୁଣ୍ଡେ ଅଠା ଦେବେ ବୋଳ;
ସମୟର ଦ୍ୱାହି ଦେଇ ଥୋକେ ଲୋକ
ତୋ ତ୍ୟାଗ ତିତିକ୍ଷା ଯିବେ ଭୁଲି ।
ପୁନର୍ଜନ୍ମ ଲାଗି ଗ୍ରହିଁଲେ ତୋ ଆତ୍ମା
ତୋତେ ସେ ସୁଯୋଗ ଦେବେନାହିଁ;
କହିବେ-ସମାଜ କଳୁଷିତ ଏବେ
ଆଉ କିଛି ଦିନ ଯାଅ ରହି ।
ସେଥିପାଇଁ ପାନ୍ଥ ! ତୋ ଅନୁଦାନର
ପ୍ରତିଦାନ ଆଶା ଭୁଲିଯିବୁ,
ସହାୟତା ହାତ ଦେବୁ ତୁ ବଢାଇ,
ଯେତେ ଦିନ ମର୍ତ୍ତ୍ୟେ ଜୀଇଁଥିବୁ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

ISSN NO.
2582-208X

# ହେ ବସନ୍ତ



ରଘୁନାଥ ତ୍ରିପାଠୀ

ହେ ବସନ୍ତ ତୁମେ କାହିଁ ଗଲ ଚାଲି
ମନ ଉପବନ ବିଭା କରି ଖାଲି ।
ଦକ୍ଷିଣା ମଧୁର ମଳୟ ତ ନାହିଁ
ଚୂତ ଡାଳେ ପିକ କୁହୁ ତାନ କାହିଁ? I
ବୃକ୍ଷେ ଭରିଥିବା ସବୁଜ ସମ୍ଭାର
ଅଂଶୁମାଳି କ୍ରୋଧେ ହେଲେ ନାରଖାର ।
ଚମ୍ପା ଓ ମାଳତୀ ମୁହଁକୁ ଶୁଖାଇ
ଶୁଷ୍କ ପଲ୍ଲବରେ ଦେଲେ ଯେ ଘୋଡେଇ ।
ଘନକାଳେ ଯେବେ ମେଘ ବରଷିଲା
ଫୁଲେଇ ପ୍ରିୟା ମୋ ହାତ ବଢ଼ାଇଲା ।
ମିଶିକରି ଦୁହେଁ ଅଶନି ତଡିତ
ନୀରିହା ପ୍ରିୟାକୁ କଲେ ଆତଙ୍କିତ ।
ପଦ୍ମ ବନ୍ଧୁଙ୍କର ଦକ୍ଷିଣା କାଳରେ
ଉପବନେ ଥିବା ସରସୀର ନୀରେ ।h
ଶୀତର ପ୍ରକୋପେ ଶିଶିର କବଳେ
ପଦ୍ମିନୀ ରାଣୀଙ୍କ ବଂଶ ନାଶ ଗଲେ ।
ଗ୍ରୀଷମ ଘନ ଓ ଶୀତେ ପ୍ରିୟା କଷ୍ଟ
ଆଣି ଦେଇଛନ୍ତି ସେହିମାନେ ଦୁଷ୍ଟ ।

ISSN NO.
2582-208X

ସହିଲା ମୋ ପ୍ରିୟା ତାଙ୍କରି ତାଡନା
ତାହାର ସ୍ମୃତିରେ ହେଲି ଆନମନା ।
କଷଣ ସେ ସହି ନୀରବି ଯାଇଛି
ତା ଜୀବନେ କଷ୍ଟ ଦିଅନାହିଁ କିଛି ।
ଶୀଘ୍ର ଆସ ଫେରି ହେ ନୀଳାନୟନା
ଧରଣୀକୁ କର ହରିତବରନା ।

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ନାରୀ



ଲୀଳାବତୀ ପରିଡ଼ା

ନାରୀ ଅଟେ ଆଦ୍ୟ ବନ୍ଦନୀୟା,
ପ୍ରୀତି ମନ୍ଦାକିନୀ ସ୍ନେହ ସ୍ରୋତସ୍ୱିନୀ
ଚିର ନମସ୍ୟା ସେ ପୂଜନୀୟା।୧

ସତେ ଦେବୀ ଚଳନ୍ତି ପ୍ରତିମା,
ସୃଷ୍ଟିର ଏକମାତ୍ର ବିକଳ୍ପ ସିଏ
ଦେବା ତାକୁ ଆଉ କି ଉପମା !!୨

ସର୍ବସଂହା ସେ ଯେ ବସୁନ୍ଧରା,
ଜନନୀ ଭଗିନୀ ଜାୟା ସ୍ୱରୂପିଣୀ
ପ୍ରୀତି ଫଲ୍ଗୁ ମନ୍ଦାକିନୀ ଧାରା।୩

ଶିକ୍ଷା ଦୀକ୍ଷା ଅଥବା ସୁରକ୍ଷା,
ସମାଜ ସଂସ୍କାର ବା ଅନୁଶାସନ
ସବୁ କାର୍ଯ୍ୟ ରେ ଅଟେ ସୁଦକ୍ଷା।୪

ସୁର ବୀର ନର ପ୍ରସବିନୀ,
ଲକ୍ଷ୍ମୀ ସରସ୍ୱତୀ ଦୁର୍ଗା ଭଗବତୀ
ଶୀତଳ ପରଶ ପ୍ରଦାୟିନୀ।୫

ISSN NO.
2582-208X

ସେବା ତ୍ୟାଗ ର ଆରାଧ୍ୟା ସିଏ,
ସଲିତା ପରି ସେ ଜଳି ଜଳି ନିଜେ
ଅନ୍ୟକୁ ଆଲୋକ ଦେଇଥାଏ।୬

ସୁନ୍ଦର ସୃଷ୍ଟିର ମୂଳ ସିଏ,
ବିହି ର ଅଭିମନ୍ତ୍ରିତ ସର୍ଜନା ସେ
ତାହା ପରି ଆଉ ହେବ କିଏ!!୭

ସମ୍ପର୍କ ର ସେତୁ ଗଢିଥାଏ,
ସ୍ନେହ ପ୍ରେମ ଡୋରେ ବାନ୍ଧି ରଖିଥାଏ
ସଭିଙ୍କୁ ଆପଣା କରିଥାଏ।୮

ବିଶ୍ୱାସ ଓ ସତ୍ୟ ଚିରନ୍ତନୀ,
ଅମୃତ ଧାରା ର ନିର୍ଝରିଣୀ ଝର
ସତେ ଅବା ମୃତ୍ୟୁ ସଂଜୀବନୀ।୯

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ଦୂରଭାଷ – ୯୮୬୧୯୪୫୬୨୬

ISSN NO.
2582-208X

# ଜୀବନ କ'ଣ ?



ଡକ୍ଟର ମନୋରଞ୍ଜନ ବିଷୋୟୀ

'ପୁନରପି ଜନମମ୍ ପୁନରପି ମରଣମ୍ / ପୁନରପି ଜନନୀ ଜଠରେ ଶୟନମ୍'– ଏହା ହେଉଛି ଭାରତୀୟ ଚେତନାର ମୂଳକଥା । ଏଠାରେ ମୃତ୍ୟୁ ଜୀବନର ଅନ୍ତିମ ବିନ୍ଦୁ ନୁହେଁ ବରଂ ଏହାକୁ ନୂତନ ପ୍ରବେଶ ଦ୍ୱାର ଭାବରେ ଗ୍ରହଣ କରାଯାଇଥାଏ । ଲୋକାନୁଭୂତିରେ ମଧ୍ୟ ଏହି ସତ୍ୟର ପ୍ରତିଫଳନ ବେଶ୍ ସୁସ୍ପଷ୍ଟ । ତେଣୁ ତ ଜୀବନ ଓ ଜଗତର ସତ୍ୟକୁ ଉନ୍ମୋଚନ କରିବାକୁ ଯାଇ କୋମଳମତି ଶିଶୁ ଆଗରେ ଆଇମା' କହେ– 'ମୋ କଥାଟି ସରିଲା, ଫୁଲ ଗଛଟି ମରିଲା' । କିନ୍ତୁ ନା' ଏଠି କଥା ସରେ, ନା' ଫୁଲଗଛ ମରେ । ପ୍ରଶ୍ନବାଚୀରୁ ଆରମ୍ଭ ହୁଏ – 'ହଇରେ ଫୁଲଗଛ ତୁ କାହିଁକି ମଲୁ ?'ଏହି ପ୍ରଶ୍ନବାଚୀ ଏହି ଅନ୍ୱେଷାର ସୂତ୍ର ଅଦ୍ୟାବଧି ଖୋଜା ଚାଲିଛି ।

ଏଠାରେ କହିରଖେ ଭାରତୀୟ ଦର୍ଶନରେ ଯୁଗେ ଯୁଗେ ମାନବ ହେଉଛି ଅନ୍ୱେଷା ପଥର ପଥିକ । ଏହି ଅନ୍ୱେଷା ନାଭିରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଦିନେ ଭାରତୀୟ ଜୀବନଧାରାରେ ନଚିକେତା ଜୀବନର ସତ୍ୟ ଅନ୍ୱେଷଣରେ ଯମାଳୟକୁ ଗମନ କରିଥିବା କଥା ଉପନିଷଦ କହେ । ନଚିକେତା ଠାରୁ ଏପରି ପ୍ରଶ୍ନ ଭାରତୀୟ ପରମ୍ପରାରେ ଅଦ୍ୟାବଧି ଅନୁରଣିତ ହୋଇ ଆସିଛି । ଏହି ଅନୁତ୍ତରିତ ଉତ୍ତର ଭିତରେ ଭାରତୀୟ ଜୀବନଯାତ୍ରାର ମହତ୍ତ୍ୱ ପ୍ରକଟିତ ହୋଇଛି । ପ୍ରକୃତରେ ଭାରତୀୟ ଜୀବନ ଧାରାରେ ଜୀବନ ହେଉଛି ଏକ ମହାଯାତ୍ରାର ଇତିବୃତ୍ତ । ଏ ଯାତ୍ରାଭିସାର ଅନ୍ଧ ହାତୀ ଦେଖିଲା ଭଳି । ଶୁଣ୍ଢରେ ପହଞ୍ଚିଲେ – ଶୁଣ୍ଢ ସତ୍ୟ କିମ୍ବା ଲାଞ୍ଜରେ ପହଞ୍ଚିଲେ ଲାଞ୍ଜ ସତ୍ୟ । ବାସ୍ତବିକ୍ କହିବାକୁ ଗଲେ ଭାରତୀୟ ସଂସ୍କୃତି ବିଶ୍ୱଜୀବନକୁ କରିଛି ସମୃଦ୍ଧ । ଜୀବନର ମୌଳିକ ପ୍ରଶ୍ନ ଉପରେ ଅନୁସନ୍ଧାନ ଭାରତ ବର୍ଷ ଭଳି ଅନ୍ୟ କୌଣସି ରାଷ୍ଟ୍ର ଏତେ ନିଷ୍ଠାର ସହ କରିପାରି ନାହିଁ ।

ISSN NO.
2582-208X

ଭାରତୀୟ ପରମ୍ପରାର ନିର୍ମାତା ହେଉଛନ୍ତି ଏହି ସିଦ୍ଧ ସାଧକ ଗୋଷ୍ଠୀ । ସେମାନଙ୍କ ଅନୁଭୂତିଲବ୍ଧ ପ୍ରେରଣା ହିଁ ଏ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ମହନୀୟ କରି ଗଢ଼ି ତୋଳିଛି । ଏହା ସ୍ଥୂଳ ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ହୋଇନାହିଁ । ଜୀବନର ରହସ୍ୟ ଉଦ୍‌ଘାଟନ ସହ ଆତ୍ମ ଆବିଷ୍କାର ନିମନ୍ତେ ବହୁ ଉତ୍ଥାନ-ପତନ ଭିତରେ ଅନ୍ୱେଷଣର ମାର୍ଗ ଅବ୍ୟାହତ ରହିଛି । ମାନବର ଆଚରଣ ଓ ଉଚ୍ଚାରଣ ଏକ ଚୂଡ଼ାନ୍ତ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ଅଭ୍ୟୁଦୟ ପଥରେ ଅଗ୍ରସର ହେବା ସହ ଉତ୍ତରଣ ପଥକୁ ପ୍ରସାରିତ କରିଛି ।

ପ୍ରକୃତ ପକ୍ଷେ କହିବାକୁ ଗଲେ ଭାରତବର୍ଷ କେବଳ ଭୌଗୋଳିକ ସୀମା ବା ଇତିହାସର ଘଟଣାଚକ୍ର ଭିତରେ ଦୈବାତ୍ ଜନ୍ମଗ୍ରହଣ କରିଥିବା ଏକ ଜନପଦ ନୁହେଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତବର୍ଷର ଅର୍ଥ ବହୁ ବ୍ୟାପକ ଓ ସଂପୂର୍ଣ୍ଣ ଭିନ୍ନ । ବାସ୍ତବିକ ଭାରତବର୍ଷ ଏକ ପ୍ରତୀକ । ବିବର୍ତ୍ତିତ ଭବ୍ୟ ଧରିତ୍ରୀର ଅବଧାରିତ ଗୁରୁ । ଏଠାରେ ଆତ୍ମଜାଗୃତି ମାଧ୍ୟମରେ ଉଚ୍ଚତର ଚେତନା ଲାଭ କରିବା ହେଉଛି ଜୀବନର ଚରମ ଲକ୍ଷ୍ୟ । ତେଣୁ କଠୋପନିଷଦ କହେ-

"ଆତ୍ମାନ୍ ରଥିନଂବିଦ୍ଧି ଶରୀର ରଥମେବତୁ
ବୁଦ୍ଧିଂତୁ ସାରଥିଂ ବିଦ୍ଧିମନଃ ପ୍ରଗହମେବଚ ।"

ଅର୍ଥାତ୍ ତୁମେ ଆତ୍ମାକୁ ରଥୀ ଏବଂ ଶରୀରକୁ ରଥ ମନେ କରିବା ସହ ବୁଦ୍ଧିକୁ ସାରଥି ଓ ମନକୁ ପ୍ରଗହ ବା ଲଗାମ୍ ମନେ କର ।

ପରିଶେଷରେ କେବଳ ଏତିକି କହିବି- ଜୀବନ ଏକ ଜ୍ୟାମିତିକ ଜଟିଳ ଉପପାଦ୍ୟ । ଜୀବନର ଅର୍ଥ ସନ୍ଧାନରେ ମାନବର ପ୍ରତ୍ୟହ ଭେଟ ହୁଏ ଭିନ୍ନ ଭିନ୍ନ ସମସ୍ୟା ସହ । ସେ ପ୍ରତିକୂଳତା ଭିତରେ ସଂଗ୍ରାମ କରି କରି ଅମୃତ ପଥର ପଥିକ ସାଜେ କିନ୍ତୁ ଜୀବନର ହଳାହଳ ହିଁ ତାକୁ ମହାନ କରି ଗଢ଼ିତୋଳିବା ସହ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# ରଜ



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

ଜ୍ୟେଷ୍ଠ ଶେଷେ ଆଷାଢ ଆରେମ୍ଭେ

ପଡଇ ବରଷକୁ ଥରେ ଯେ ରଜ

କୁଆଁରୀମାନେ ହୋଇ ସଜବାଜ

ଗାଁଦାଣ୍ଡ ବୁଲି ପାଳନ୍ତି ରଜ

କପାଳେ କୁଙ୍କୁମ ପାଦେ ଅଳତାର ଗାର

ହାତରେ ମେହେନ୍ଦୀ ଲଗାଇ

ନୂଆ ଜାମା ପିନ୍ଧି ଗଭାରେ ଗଜରା ନାଇ

ଯିବେ କୁଆଁରୀ ସାଇସାଇ ବୁଲି

ପୋଡପିଠା ସାଙ୍ଗେ ବୁଢାଚକୁଳି

ଆଉ କେତେ ଖାଦ୍ୟ ଭଳିକି ଭଳି

ଖାଉଥିବେ ସେମାନେ ଘରଘର ବୁଲି

ଖେଳୁଥିବେ ପୁଣି ବାଉଁଶ ଦୋଳି

ମଠସାହି, ତୁଳସିପୁର

ISSN NO.
2582-208X

# ପ୍ରତିହିଂସା



ବୈଷ୍ଣବ ମେହେର

ବର୍ଷା ଭିଜା ଓଦା ଘାସ ମୁଁ...
ଖରା ପଡ଼ି ଝାଉଁଳି ଯିବି,
ଝାଉଁଳି ଯିବି ସତ...
କିନ୍ତୁ...
ବର୍ଷା ଛିଟାରେ ପୁଣି ଉଠିବି ।

ଦେଇପାର ଦୋଷ ମତେ,
ମୋ କରିଥିବା ଭୁଲ ପାଇଁ,
କହିପାର ମୋତେ ତୁମେ...
ଅବିଶ୍ୱାସୀ ମଣିଷ ଟିଏ ।

ପୂର୍ବରୁ ସ୍ୱପ୍ନ ଦେଖିବାକୁ...
ଅନେକ ସାହସ କଲି,
କିନ୍ତୁ;
ସ୍ୱପ୍ନକୁ ଆପଣା ଲୋକ ସବୁ...
ପୁନଃପୁନଃ ଦେଲେ ଭାଙ୍ଗି ।

ISSN NO.
2582-208X

ତଥାପି...
ଆଶା ମୋର ଏବେବି ଜୀବିତ...
ପୁଣିଥରେ ଜୀଇଁ ଉଠିବ,
ମୋ ରକ୍ତମାଂସର କଙ୍କାଳ ।
ଜୀର୍ଣ୍ଣ ଦେହ ମୋର...
ପୁଣି ଭରିଯିବ ଉତ୍ସାହରେ,
ଖୋଜି ବୁଲିବ...
ରକ୍ତରେ ହୋଲି ଖେଳୁଥିବା...
ସେଇ ରକ୍ତ ପିପାସୁ ମାନଙ୍କୁ,
ବିପ୍ଳବାତ୍ମକ ମନୋଭାବ ନେଇ ନୁହଁ,
କି ପ୍ରତିହିଂସାରେ ନୁହଁ,
ବରଂ...
ଏକ ପରିବର୍ତ୍ତନର ସ୍ୱର ନେଇ ।

ଗଣ୍ଡାବାହାଲି, ନୂଆପଡା
6264305003

ISSN NO.
2582-208X

# କିଛି ସତ୍ୟ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

(୧)
ସବୁବେଳେ ଜିଉଁଛ ତ ମରି ଥରେ ଦେଖ,
ସମୟର ଦୁହାଇ ଦେଇ ଦୂରେ ଦୂରେ ଯାଉଥିଲା ଯେ'
ମୃତ୍ୟୁ ପରେ ଶବ ପାଖେ ସର୍ବାଗ୍ରେ ହିଁ
ଥିବ ସେହି ଲୋକ ।।
(୨)
ଦୁଃଖ ବେଳେ ସାହାର୍ ତ ଦୂର କଥା
ହାତ ଛାଡି ହୋଇଥିଲା ସ୍ୱାର୍ଥରେ ଯେ' ଅନ୍ଧ,
ମରି ଥରେ ଦେଖିନିଅ କାଳ କରେ ସେହି ଆଜି
ଦେବ ବୋଲି ଶବକୁ ସେ କାନ୍ଧ ।।
(୩)
ଜୀବନ ଯାତ୍ରାରେ ଟିକେ ହେବା ପାଇଁ ସାଥି
ନେହୁର୍ ପରେ ବି ଯେ' କେହି ତୋର ନୁହଁ,
ମହାଯାତ୍ରା କରି ଥରେ ଦେଖିନିଅ
ଶବ ସାଥେ ଯାଉଥିବା ଯେତେସବୁ ଯାତ୍ରୀ
ସବୁ ବୋଧେ ସେଇ ଚହ୍ଲା ମୁହଁ ।।

ISSN NO.
2582-208X

(୪)

ଜୀବନର ସତ୍ୟ ଏହା ଜୀଇଁଥିଲେ ଜାଣିବୁନି
ଆପଣା କେ ପର
ଜାଣିବା ପାଇଁକି ବୋଧେ ମରଣଟା ଅତି ଦରକାର
ସେ ପାଇଁକି ବିଭୁ ଏହା ରଖନ୍ତୁ ଶେଷକୁ,
ଜୀବନର ଭଲମନ୍ଦ, ନିଜ ପର ସବୁ କିଛି
ମୃତ୍ୟୁ ପରେ ନିଜେ ଜାଣିବାକୁ ।।

ଚକାପଦା, ଖୋର୍ଦ୍ଧା
୯୧୭୮୪୭୫୪୩୭

ଜୁଲାଇ - ୨୦୨୨

ISSN NO.
2582-208X

www.vedantimagazine.com

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୧୦ )

ମୋର ସ୍ପଷ୍ଟ ମନେ ଅଛି, ସେଦିନ ଥାଏ ଚତଉ ଅମାବାସ୍ୟା । ବେଶ୍ ଅସଡାଏ ବର୍ଷା ହେଇ ଛାଡ଼ି ଯାଇଥାଏ । ତଥାପି ଗୁଳୁଗୁଳ ଭୀଷଣ ଥାଏ । ଭଦେଇ ଆକାଶଟା କେତେବେଳେ କାଉଁଳେଇ ଦେଉଥାଏ ତ କେତେବେଳେ ଉଜ୍ଜ୍ୱଳ ଆଖି ଝଲସିଆ ନୁଆଁଣିଆ ଖରା ଆମ ବାହାର ସାରା ବିଞ୍ଛି ହେଇ ଯାଉଥାଏ । ସଞ୍ଜ ଝୁଣ୍ଟେଇ ହେଇ ପଡୁଥାଏ ଆସୁ ଆସୁ, ବାଦଲ ମାନଙ୍କର ସୂର୍ଯ୍ୟ ସହିତ ଲୁକ ଲୁକାଣି ଖେଳରେ ଭେଳେକା ହେଇ । ନଇଁ ନଇଁ ଆସୁଥାଏ ସଞ୍ଜ, ପୁଣି ଲେଉଟି ଯାଉଥାଏ । ମୁଁ ବସିଥାଏ ବାଡ଼ି ପିଣ୍ଡାରେ । ବାହାରେ ଗୋଟିଏ ଖାଲ ଭିତରେ ଜମା ହେଇଥାଏ ବର୍ଷା ପାଣି । ତା ଭିତରେ ବେଙ୍ଗଟୁଣୀ (ବେଙ୍ଗଫୁଲ) ଗୁଡା ରକେଟ୍ ପରି ଏପଟେ ସେପଟେ ପହଁରି ଯାଉଥାନ୍ତି । ଆଉ ମଶାର ଲାର୍ଭା ମାନେ ଛିଟକୁ ଥାନ୍ତି ଫଟ୍ ଫଟ୍ ହେଇ, ଟିଙ୍କା ମାରିଲା ପରିକା ।

ବାହାର ସାରା ଅସଂଖ୍ୟ କୁନ କୁନ ବେଙ୍ଗଛୁଆ ଫାକୁର୍ ଫାକୁର୍ ଡେଉଁଥାନ୍ତି । ଆମ ଗଞ୍ଜାଟା ଆସି ଦଉଡୁଥାଏ ତାଙ୍କୁ ଖୁଣ୍ଟି ଖୁଣ୍ଟି, ତାର ଗହଳିଆ ରଙ୍ଗୀନ ଲାଞ୍ଜରେ ସଞ୍ଜୁଆ ସୁନେଲି କରଣ ପଡ଼ି ଚକ୍ ଚକ୍ କରୁଥାଏ । ତାର ନାଲିଆ ମୁକୁଟ ଦୋହଲୁଥାଏ ଏପାଖ ସେପାଖ ।

ସିଜୁ ବାଡ଼ ପାଖରେ ଧଣ୍ଡ ସାପଟାଏ ତା ପାଟିରେ କାମୁଡ଼ି ଜାକ ଧରିଥାଏ ଅପେକ୍ଷାକୃତ ବଡ଼ ବେଙ୍ଗଟିଏକୁ, ପଛ ଆଡୁଆ । ବିଚରା ଟାଣି ଓଟାରି ହେଉଥାଏ, ଅହି କବଳରୁ

ISSN NO.
2582-208X

ମୁକୁଳବା ପାଇଁ ଛଟର୍ ପଟର୍ ହେଉଥାଏ । ଆଗ ଗୋଡ଼ ସାହାଯ୍ୟରେ  ଜମା ହେଇଥିବା ବର୍ଷା ପାଣି ଭିତରକୁ ଯିବାକୁ ମାଟିକୁ ଜାବୁଡ଼ି ଧରୁଥାଏ । ଆଉ ସାପଟା ବି ଏଡ଼େ ସରୁଆ ଜନ୍ତୁ କ ସାହସ ତାର ? ତାର ପାଟି କୁଳଉ ନଥାଏ ବେଙ୍ଗର ଆକାର ତୁଳନାରେ । ତଥାପି ଛାଡ଼ିବା ପାଇଁ ପ୍ରସ୍ତୁତ ନଥାଏ ।

ମୋର ମନେ ପଡ଼ି ଯାଉଥାଏ,

"ଦେଖ ଦେଖ ଅଗ୍ରତେ ସରସୀ ଜଳେ,
ପଡି ମଣ୍ଡୁକ କ୍ରୁର ଅହି କବଳେ ,
ବିକଳେ ରବୁ ରବୁ ଉର୍ଦ୍ଧ୍ୱେ ଉଡ୍ଡୀନ,
ଉହୁଙ୍କି ଶିଶୁ କଙ୍କି ଦେଲା ଗିଳଣ,"

ଶେଷକୁ ସଫଳ ହେଲା ମଣ୍ଡୁକ, ହାରିଲା ଅହି । ପାଣିକୁ ଗଳି ଯିବାରୁ ମଣ୍ଡୁକର ବଳ ଶତଗୁଣେ ବୃଦ୍ଧି ହେଲା ଓ ନିସ୍ତାର ପାଇଲା ସେ ।

ମାଆ ତରତର ହେଇ ଘଷି ଗୁଣ୍ଡା ସବୁ ବସ୍ତାରେ ପୁରଉ ଥାଏ । ମୁଁ ଯାଇ ତାକୁ ଟେକ ଆଣି ଥାକ କରି ରଖି ଦେଉଥାଏ ଓଳତଳେ । ପୁଣି ଉଠିଯାଇ, କୁକୁଡ଼ା ମାନଙ୍କୁ ହୁରୁଡାଇ ପୁରେଇ ଦିଏ ଭାଡ଼ିରେ । ଗଞ୍ଜାଟାର ଖେଳ ସରି ନଥାଏ କ କଣ, ଜମା ଧରା ଦେଉ ନଥାଏ। ସେଟାକୁ ଭାଡ଼ିରେ ପଶେଇବା ପାଇଁ ଗୋଡେଇ ଗୋଡେଇ ଥକ ଯାଏ ମୁଁ ।

ଧମ୍ କନା ବସି ପଡେ ପିଣ୍ଡାରେ । ମାଆ ନୁଗା ପାଲଟି ବାପାଙ୍କର ପୁରୁଣା ଧୋତି ଚିରି ଗୋଡ଼ ଲମ୍ବେଇ ନଳଗୋଡ଼ ଓ ହାତ ପାପୁଲି ସାହାଯ୍ୟରେ ସଳତା ବଟେ । ଖଡ଼ି ପଥରର ଦୀପଟିରେ ନାଁକୁ ମାତ୍ର ତେଲ ଦେଇ ସଞ୍ଜବତୀ ଲଗାଏ । ବୁଢ଼ୀଆଦି ଶଙ୍ଖକୁ ତିନିଥର ଲମ୍ବେଇ ଲମ୍ବେଇ ଫୁଙ୍କେ । ଭାଲୁ କୁକୁର କେଉଁଠି ଥାଏ କେଜାଣି, ଆସି ଉପରକୁ ମୁହଁ ଲମ୍ବେଇ ସେ ବି ଶଙ୍ଖ ସହିତ ତାଳ ମିଳେଇ ଭୁକେ । ଗାଁ ଭିତରୁ ଆହୁରି କେତେ ଶଙ୍ଖଧ୍ୱନି ଭାସି ଆସେ । ମୁଁ ଗୋଡ଼ହାତ ଧୋଇ ବସିଯାଏ ପ୍ରାର୍ଥନା ବୋଲିବାକୁ ।

ISSN NO.
2582-208X


ତାପରେ ବାପା ଆସିବେ । ମାଆ ଚତଉ ପିଠା କରିବ । ଘରେ ନଡ଼ିଆ ଗଛ । ତେଣୁ ବେଶି ନଡ଼ିଆ ବାଟି କଅଁଳ କରି ପିଠା କରିବ । ବାପାଙ୍କୁ ଓ ମୋତେ ଚତଉ ପିଠା ବଡ଼ ସୁଖ ଲାଗେ । ଚତଉ ପଲମ ଉବୁଡ଼ା ହେଇ ଥୁଆ ହେଇଛି । ଦିନା ଗଉଡ଼ କାକା କ୍ଷୀରଟିକେ ଦେଇ ଯାଇଛନ୍ତି । ମାଆ ପିଠା କରି ସାରି ହାଣ୍ଡି ଶାଳରେ ଭୋଗ ଲଗେଇବ । ମୋତେ କହିବ,

– ଯା ବାପା, ଗେଣ୍ଡା, ଗେଣ୍ଡାଳିଆ ମାନଙ୍କୁ ପିଠା ଦେଇ ଦେ ।

ମୁଁ ପିଠା ଭାଙ୍ଗି ଖଣ୍ଡ ଖଣ୍ଡ କରି ଫିଙ୍ଗି ଦେଉଥିବି ଛପର ଉପରକୁ । ଗେଣ୍ଡା ଗେଣ୍ଡାଳିଆ ମାନଙ୍କୁ ଡାକୁଥିବି । ବିଲରେ ଧାନଗଛ, ଧାନ ନ ଖାଇବା ପାଇଁ ନେହୁରା ହେଉଥିବି । ଆମର ହଜର ବିଲ ନଥିଲେ କଣ ହେଲା ? ଗୁଉଳ ତ ସେଇ ବିଲର ଅମଳ ନା । ଆମର ଅନ୍ନଦାତା ତ ସେଇ ବିଲ ।

ମାଆ ପ୍ରଥମ ପିଠାଟି ପଲମରୁ କାଢ଼ି ରଖୁ ରଖୁ ବାପା ଆସନ୍ତି । କୋଦାଳ ଡେରି ଦିଅନ୍ତି ପିଜୁଳି ଗଛକୁ । ହଠାତ୍ ତାଙ୍କର ନଜର ଯାଏ ମାଟିରେ ପଡ଼ି ଯାଇଥିବା ମୋର ନାଠିମ ଉପରେ । ତାକୁ ଉଠେଇ କୋରଡ଼ ଭିତରେ ରଖି ଦେଉଁ ଦେଉଁ କଣଟଏ ଦେଖି ଚମକ ପଡ଼ନ୍ତି । ଖୁବ୍ ପାଟିକରି ଡାକ ଛାଡ଼ନ୍ତି,

– ଅଭି, ଅଭି ....

ବାପା ଏମିତି ଚତ୍କାର କରି ଡାକବା ଏଇ ପ୍ରଥମ । ଖୁବ୍ ଧୀରେ କଥା କହନ୍ତି ବାପା । କ୍ରୋଧ ତାଙ୍କର ଜାତକରେ ନଥିଲା ।

ମାଆ ଧାଇଁ ଆସିଲା, ଚୁଲି ଉପରେ ପଲମ ସେମିତି ଥୋଇଦେଇ ।

ମୋର କନ୍ଥ ଇଆଡେ ପିଳେହି ପାଣି, ବାପାଙ୍କୁ ପିଜୁଳି ଗଛ ପାଖରେ ଖୁଣ୍ଟପରି ଠିଆ ହେଇଥବା ଦେଖି । ଜାଣି ସାରିଥିଲି, ନଷିଦ୍ଧ ଜିନଷରେ ବାପାଙ୍କର ନଜର ପଡ଼ି ସାରିଛି ।

ISSN NO.
2582-208X

ପାଖ ବାଡ଼ରୁ କଳମ ସିଟକାଟାଏ ଭାଙ୍ଗି ବାପା ମୋ ଉପରକୁ କୁଦି ଆସିବା ପୂର୍ବରୁ, ମୋତେ ଦିଶି ଯାଉଥିଲେ ବିବେକା ମାଷ୍ଟର, ଶୁଣା ଯାଉଥିଲା ତାଙ୍କର ମୂଲ୍ୟବାନ୍ ଉପଦେଶ,

"ଜୀବନଟା ଜଟିଳ ନୁହେଁ ବାପା, ଆମେ ହିଁ ତାକୁ ଜଟିଳତା ଆଡ଼କୁ ଟାଣି ନେଉ । "

ଦିଶି ଯାଉଥିଲା ବିବେକା ମାଷ୍ଟରଙ୍କ ସମାଧିସ୍ଥ ଅବସ୍ଥା । ବ୍ୟାସାସନ, ଅପସରି ଯାଉଥିବା ଧଳା ଫର ଫର ଲୁଗା । ଆହୁରି ଦିଶୁଥିଲା ଥାକ ଥାକ ବହି । ବହି ମାନଙ୍କ ଭିଡ଼ରେ ମୁଁ । ମୋର ସେହି ମୁର୍ଚ୍ଛିତାବସ୍ଥା । ସାଧନାର ପରାକାଷ୍ଠା ।

ଏପଟେ ବାପାଙ୍କର ପାଞ୍ଚଣ ଉଠେଇଥିବା ହାତ ।

ଅଗତ୍ୟା ମୁଁ ବାପାଙ୍କ ପାଦତଳେ ସେହି ମାଟି କାଦୁଅ ଉପରେ କଟା ଗଛ ପରି କଚାଡ଼ି ହେଇ ପଡ଼ିଲି । ବାପାଙ୍କ ପାଦକୁ ଜାବୁଡ଼ି ଧରିଲି । ବାପା ଘୁଞ୍ଚି ଯାଉଥିଲେ ଦୂରକୁ । ଫୋପାଡ଼ି ଦେଉଥିଲେ ପାଞ୍ଚଣ । ଥକ୍କା ହେଇ ବସି ଯାଉଥିଲେ ସେହି ମାଟି କାଦୁଅ ଉପରେ। ମାଆ ଅବାକ୍ ହେଇ ଠିଆ ହେଇଥିଲା ପଥର ମୂର୍ତ୍ତି ଟାଏ ପରି । ବାପାଙ୍କ ଖୋଲା ହାତ ପାପୁଲିରେ ଥିଲା ବିଡ଼ି କାଠାଟିଏ । ନିଷିଦ୍ଧ ଜିନିଷ !!

ମୋର ଆଖିରୁ ଲୁହ ବୋହି ବର୍ଷା ପାଣି ସହିତ ମିଶି ବୋହି ଯାଉଥାଏ ଗାଡ଼ିଆ ଆଡ଼େ । ବାପାଙ୍କ ଆଖିରୁ ଲୁହ ବୋହି ମିଶି ଯାଉଥାଏ ତାଙ୍କର ଫୁଙ୍ଗୁଳା ହାଡୁଆ ଛାତିରୁ ବୋହୁଥିବା ଝାଳ ସହିତ । ମାଆର ଆଖିରୁ ଅଦୃଶ୍ୟ ଲୁହ ବୋହି ମିଶି ଯାଉଥାଏ ତାର କଲିଜାର ରକ୍ତ ସହିତ ।

ସମସ୍ତେ ନିରବ । ପରିବେଶଟା ନିସ୍ତବ୍ଧ । ସମୟ ସ୍ଥିର । ମଝିରେ କେବଳ ନିରାଶା, ପଶ୍ଚାତାପ ଆଉ କୋହ ।

ହଠାତ୍ ଚୁଲି ମୁଣ୍ଡରୁ ଢୋ କିନା ଶବ୍ଦ ଶୁଭିଲା । ପଲମଟା ଚୁଲିରେ ବସିଥିଲା, ଫାଟି ଯାଇଥିଲା ଦୁଇଫାଳ ହେଇ । ରଙ୍ଗୀ ଖୁଡ଼ୀ ଧାଇଁ ଆସିଲେ ବାଡ଼ି ଆଡୁ । ବୁଝି ଯାଇଥିଲେ

ISSN NO.
2582-208X

ସବୁ । ବାପାଙ୍କ ଖୋଲ ହାତ ପାପୁଲିରେ ବିଡ଼ି କାଠା ।  ମୋତେ କୋଳେଇ ଉଠେଇଲେ ଭୂଇଁରୁ । ମାଆକୁ ବୋଧ ଦେଲେ । ଦାଦାଙ୍କୁ ଯାଇ ଡାକଲେ । ବାପାଙ୍କୁ ଦାଦା  ବୁଝାଇଲେ। ମୁଁ ଯେ ସେହି ଥରେ ମାତ୍ର ଭୁଲ୍ କରି ପଶ୍ଚାତାପର ଅଗ୍ନିରେ କୁହୁଳୁଛି ସେକଥା କହି ଆଶ୍ୱାସନା ଦେଲେ ।

ଯେଉଁ ଗୋଟିଏ ମାତ୍ର ଚଟଉ ହେଇଥିଲା ତାକୁ ଗେଣ୍ଡା ଗେଣ୍ଡାଳଆ ଖାଇଲେ । ବିଧି ତ ତୁଲେଇବାକୁ ପଡ଼ିବ, ଯାହା ହେଲେ ବି । ଖୁଡ଼ୀ ମୋ ହାତ ଧରି  ଗୁଳକୁ ଫୋପଡା କରେଇଥିଲେ ଚଟଉ ।

ଆମ ପାଇଁ ପିଠା ଖୁଡ଼ୀ ଘରୁ ଆସିଥିଲା । ପିଠା ଖାଇବାରେ ନା ଆଗ୍ରହ ଥିଲା ନା ସୁଆଦ ମିଳଲା ।

ଆମ ପୁଷି ବିଲେଇଟା କନ୍ତ ମହାନନ୍ଦରେ ଓଠ ଗୁଟୁଥିଲା ଢମ୍ପା ହେଇ ନଥିବା କ୍ଷୀର ହାଣ୍ଡିକୁ ସଫାକରି ଗୁଟି ଚୁଟି ଦେଇ ।

ମୋ ଗୋଡ଼ରେ ଆସି ଘଷି ହେଉଥିଲା । ମୁଁ କନ୍ତ ତଳକୁ ମୁଣ୍ଡ ହାଣି ବସି ରହିଥିଲି ଗୋଟିଏ ଆଣ୍ଠୁ ଟେକ ଅନେକ ଗ୍ତି ଯାଏ ।

ମାଆ ବି ଏରୁଣ୍ଡି ବନ୍ଧରେ ବସି ରହିଥିଲା ମୋତେ ଗୁହିଁରହି । ବାପା କଣ କରୁଛନ୍ତୁ ଦେଖି ଯିବାକୁ କାହାର ସାହସ ନଥିଲା ।

ଉଠ୍ ପୁଟୁର୍
ଉଠ୍ ପୁଟୁର୍

ଶୁଣିଲା ପରେ ଆମେ ଜାଣିଲୁ ଯେ ଆମେ ବସି ବସି ସେଇଠି ଢୋଳେଇ ପଡ଼ି ଥିଲୁ ।

ISSN NO.
2582-208X

ଧୀରେ ଧୀରେ କୁହୁଡ଼ି ଅପସରି ଯାଉଥିଲା । ସମ୍ପର୍କ ମାନଙ୍କରେ ପଡ଼ିଥିବା ଧୂଳ ଆଡେଇ ଯାଉଥିଲା । ସମୟ ସବୁ ପୋଛି ଦେଉଥିଲା ଆମ ମଝିରେ ପଶି । ବାପା କନ୍ତୁ ଆଠଦିନ ମୋ ସହିତ କ ମାଆ ସହିତ ତୁଣ୍ଡେଇ ନଥିଲେ ।

ମୁଁ ସବୁ ନାଠିମ, ସବୁ କଣ୍ଡିଲ୍, ସବୁ ବାଟି ଫୋପାଡ଼ି ଦେଇଥିଲି କୂଜି ଗାଡ଼ିଆ ଭିତରକୁ ।

ଏହି କଥାଟା ଦାଦା କ ଖୁଡ଼ୀ କେହି ପ୍ରଘଟ କରି ନଥିଲେ । ରହସ୍ୟଟା ରହସ୍ୟ ହେଇ ଜଳଗଲା ବଡ଼ପୁଲରେ ସେ ଦୁହିଁଙ୍କ ସହିତ ।

ଏଇ ହେଉଛି ତତ୍କାଳୀନ ଗାଁର ଆତ୍ମୀୟତା ।

ଷଷ୍ଠ ଶ୍ରେଣୀରେ ଶ୍ରେଣୀ କକ୍ଷରେ ବସିଲା ବାଲା ମୁଁ ଏକୁଟିଆ ଥିଲି । କାରଣ ଆଗରୁ କହିଛି, ମୋର ସାଙ୍ଗମାନେ ସବୁ ସଂସାର ଶଗଡ଼ ଟାଣିବା ପାଇଁ ମଣିଷ ବଳଦ ହେଇ ସାରିଥିଲେ । ଅଭାବୀ ପରିବାର ପାଇଁ ଆଉ ପୋଷେ ଧାନ ଗୃଉଳ ଆଣିବା ପାଇଁ ।

ଷଷ୍ଠ ଶ୍ରେଣୀ ପାସ୍ କରି ମୁଁ ଘରେ ବସି ଏମିତି ସବୁ ମିଠା କଡ଼ା ଅନୁଭୂତି ସାଇତି ରଖୁଥିଲି ମୋର ଷଷ୍ଠେନ୍ଦ୍ରିଅ ଫରୁଆରେ ।

ବାପା ଓ ବିବେକା ମାଷ୍ଟର ଚନ୍ତାରେ ରହୁଥିଲେ । ଏଡ଼େ ପ୍ରତିଭାବାନ ପିଲାଟା ଆଗକୁ ପଢ଼ିବ କେଉଁଠି ।

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଜୀବନ ର ବାସ



ଆଶୁତୋଷ ମେହେର

ଜୀବନ ର ଖେଳ ଘର, ହସ ଖୁସି ଭରା,
କେତେବେଳେ ଥାଏ ପୁଣି, ଦୁଃଖ ଶୋକ ଧାରା।
ସମୟର ଚକ ତଳେ, ପେଷି ହୁଏ କେବେ,
ପ୍ରଭୁକୃପା ଆଶୀଷରେ, ହସେ ଅନୁଭବେ ।।

ଉଚ୍ଛାନିଚା ଯାତ୍ର ପଥ, କଷ୍ଟ ଅସୁମାରି,
ଦନ୍ତୁରିତ ପଥ ଦେହେ, କଣ୍ଟା ଥାଏ ଭରି।
ଦୁଃଖ ବେଶୀ ମାଡି ବସେ, ସୁଖ ଲୁଚେ ଡରେ,
ଭାଗ୍ୟେ ନିନ୍ଦେ ଆତୁରରେ, ଅବା ଅଥୟରେ ।।

ତଥାପି ତ ବଢେ ଆଗେ, ନିରିମାଖୀ ଜୀବ,
ଆଶା ରଖେ ପାଇବାକୁ, ଅଶୁଭ ରୁ ଶୁଭ।
ସାନ୍ତ୍ୱନାରେ ମନ ଭରେ, ପ୍ରଭୁ ସୁମିରଣ,
ସେଇ ଏକା ପଥ କାଢେ, ଆଶୀଷର ଧନ ।।

ଡବା ଭର୍ତ୍ତି ଖୁସି କିବା, ସପନ ର ଆଶ,
ଲଢି ବଞ୍ଚେ ମଣିଷ ଯେ, ଜୀବନ ର ବାସ ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ 9437085396

ISSN NO.
2582-208X

# ସର୍ବଂସହା ଧରିତ୍ରୀ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଅନ୍ୟାୟ ଅନୀତି ଯେତେ
ଏ ମାଟିରେ ହୁଏ
ମାଟି ମାଆ ଅତି ଦୁଃଖେ
ସେ ସବୁକୁ ସହେ।

ସର୍ବଂସହା ଧରିତ୍ରୀ ସେ
ସବୁ ସହିଯାଏ
ନେତାଙ୍କର ବାହାସ୍ଫୋଟ
ସବୁ ଶୁଣୁଥାଏ।

ଦେଖୁଥାଏ ବୋଲକରା
ପୁଲିସଂକ କାଣ୍ଡ
ବିଭୀଷିକାମୟ ହୁଏ
ଯେତେ ରାଜଦାଣ୍ଡ।

ଶାସକଂକ ବୋଲ ଯେତେ
ପ୍ରଶାସକ ମାନେ
ଅନୀତିକୁ ନୀତି କହେ
ଅତି ଖେଦ ମନେ।

ISSN NO.
2582-208X

ପାପ କରି ଦୁର୍ନୀତିରେ
ଆଟୁପାଟୁ ହୁଏ
ତୁଛାଟାରେ ଜନତାର
ଅଭିଶାପ ପାଏ ।

କାହାକୁ ବା କହିବ ସେ
ଚାକିରୀକୁ ଡର
ଦୁର୍ନୀତିରେ ଘାଣ୍ଟି ହୋଇ
ହୁଏ ଭୟଂକର ।

ସବୁ ଦେଖି ମାଟି ମାଆ
ଆଖି ବୁଜି ଦିଏ
ଦୁଃଖେ ସିନା ବିଧାତାଂକୁ
ଦୁଃଖ ତାର କହେ ।

ଆଶ୍ୱାସନା ଦେଇଥାନ୍ତି
ପ୍ରଜାପିତା ତାକୁ
"ପାପ ଘଡା ଭରି ନାହିଁ
ଅବତରିବାକୁ ।

ପ୍ରଭୁଙ୍କର ଆବିର୍ଭାବ
ହେବ ଯଥାକାଳେ
ଅବତାର ନେବେ ସିଏ
ପ୍ରାଣୀଂକ ବିକଳେ ।

ISSN NO.
2582-208X

ଧୈର୍ଯ୍ୟ ଧର ଟିକେ ମାଆ"
କହନ୍ତି ବିରଂଚି
"ଦିବ୍ୟ ଶକ୍ତି ବଳେ ମୁହିଁ
ସବୁ ଦେଖୁଅଛି ।

ଯେତେ ଯେ ପାଷାଣ୍ଡ ଏଠି
କରନ୍ତି ରାଜୁତି
ମିଳିଯିବ ପରାଭବ
ପାଇବୁ ତୁ ଶାନ୍ତି ।"

ମୋ ନଂ 9937462507

ISSN NO.
2582-208X

# ପରିତ୍ୟକ୍ତା ପାଇଁ ସବୁ ଛଳନା



ଛବି ରାଣୀ ପତି

ଛଳିଆ ବୋଲି ତୁ ଜାଣିଥିଲି ଆରେ
କପଟିଆ ନଟବର !
ଏତେ ନଟକୁଟ ଭିଆଉଛୁ ତୁ ଯେ'
ମୋ' ପାଇଁକି ନାହିଁ ଡର ।

ଯିବ ଯିବ ବୋଲି ଛଳୁଛି ଏ' ଦେହ
ନିଇତି ଧମକ ଦେଇ !
ମୋ ସରଳ ମନ ଫୁଙ୍କାରୁଛି ମୋତେ
ତୋର ନିଷ୍ଠୁରତା ନେଇ ।

ମନ ମଣିଷର ସ୍ନେହଁ ପ୍ରେମ ବିନା
ପାଉନଥିଲାସେ ରାହା !
ବଞ୍ଚି ପାରିବନି ଦଣ୍ଡେ କି ମୁହୂର୍ତ୍ତେ
କହୁଥିଲା ହୃଦ ତାହା ।

ନିଲଠାଙ୍କ ପରି ସେଦିନୁଁ ଜିଇଁଛି
ମୂର୍ଚ୍ଛନା ଫାଟୁନି ତାର !
ଝୁରିଝୁରି କେତେ କାନ୍ଦୁଛି ଗୁମୁରି
ଦେହେ ଭରି ପ୍ରେମ ଜର ।

ISSN NO.
2582-208X

ଛଳନା କରୁଛି ଛଳଛଳ ଆଖି
ହଜିଲା ସ୍ମୃତିକୁ ଖୋଜି !
କେବେ ମନସ୍ତାପେ ନିନ୍ଦୁଛି ନିଜକୁ
ପ୍ରଥମ ଦେଖାକୁ ଭାଜି ।

ଖୋଇଦେଉଥିଲା ପସନ୍ଦର ଖାଦ୍ୟ
ବସେଇ ପାଖରେ ଯିଏ !
ଟିକେ ସ୍ପର୍ଶେ ଯିଏ କିଣୁଥିଲା ମନ
ଏ ଲୁହର ଦାୟୀ ସିଏ ।

ଠକିଦେଲେ ସେହି ଆଖି ହାତ ମୋତେ
ନିଃଶ୍ଚଳ ସ୍ପନ୍ଦନ ଯୋଗେ !
ଛଳନା ବିଶ୍ୱାସେ ବିଷ ପିଇ ଆଜି
ମରଣକୁ ନିତି ଭୋଗେ ।

ସତ ନୁହେଁ ହେଲେ ସପନେ ଆସୁଛି
ଡାକୁଛି ପାଗେଲି ବୋଲି !
ବିରହି ଆତୁରା ଦେଉଛି ଉତ୍ତର
ହୃଦୟ ଦରଜା ଖୋଲି ।

ସ୍ନେହ ସମର୍ପଣ ଭାବନେଇ କେତେ
କରିସେ ନଥିଲା ଗେଲ !
ସେ ଠକ ଓଠ ଓ ଜିଭକୁ କାମୁଡି
ହୁଏ ଏବେ କଲବଲ ।

ISSN NO.
2582-208X

ଏତେ ଛଳନାର ମାୟାବୀ ସଂସାରେ
କାହିଁକି ମନଟେ ଦେଲୁ !
ଅବୁଝା ମନର କଷ୍ଟରେ ସର୍ବାଙ୍ଗ
ନିଜଠୁଁ ବି ପର କଲୁ ।

ସମ୍ପର୍କର ଏହି ପାହାଡ ଉପରେ
ଆବିଷ୍କୃତ ମୁଁ ଯେ' ଏକା !
ଭଷା ବାଦଲରେ ସଭିଁ ଭାସିଗଲେ
ବାରମ୍ବାର ହେଲି ବୋକା ।

ମଥାରେ ସିନ୍ଦୂର ଝଟକିବ ହେଲେ
ଅଭାଗିନୀ କପାଳରୁ
ହଜିଛି ପ୍ରେମର ନିଆରା ଚୁମ୍ବନ
ଭାଳେ ସ୍ମୃତି ବେଦନାରୁ ।

ଏମିତି ଜନମ କାହିଁକି ଦେଲୁରେ
ନେଇଯା ଏ' ପିଣ୍ଡୁ ପ୍ରାଣ !
ପରିତ୍ୟକ୍ତା ଏହି ଜୀବନ ଯୁଦ୍ଧ ମୋ
ହରି ମୁକ୍ତ କର ରଣ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର

ISSN NO.
2582-208X

# ରଜ ପର୍ବ ପାଳନର ମହନୀୟତା



ଜୟଶ୍ରୀ ପଟ୍ଟନାୟକ

ଉତ୍କଳୀୟ ସଂସ୍କୃତି ହେଉଛି ଏକ ବହୁବର୍ଣ୍ଣା ସଂସ୍କୃତି ତାହା ଆମ ପ୍ରଥା ପରମ୍ପରାକୁ ଦେଖିଲେ ମନେହୁଏ । ଉତ୍କଳର ପର୍ବପର୍ବାଣି ନିଜସ୍ୱ ମହିମାରେ ମହିମାନ୍ୱିତ । ଋତୁ ଅନୁସାରେ ଆମେ ଅନେକ ପର୍ବ ପାଳଥାଉ । ସେମିତି ବର୍ଷାଋତୁର ଆଦ୍ୟରେ ପାଳିତ ହୋଇଥାଏ ରଜ। ଆଷାଢ଼ର ପ୍ରଥମ ପର୍ବ ହେଲା ରଜ । ଏହା ଓଡ଼ିଆର ଜାତୀୟ ପର୍ବ । ମାଟି ମା’ ର ପର୍ବ । କୃଷିର ପର୍ବ । ଚିତ ବିନୋଦକ ପର୍ବ । ରଜ ମଉଜର ପର୍ବ । ମାଟି ମେଘର ମିଳନ ପର୍ବ । ସୃଷ୍ଟି– ସୃଜନର ପର୍ବ । ଭୂମି ରଜସ୍ୱଳା ପର୍ବ ମଧ୍ଯ । ବୃଷମାସର ବା ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ବା ମିଥୁନ ମାସର ସଂକ୍ରାନ୍ତି ଓ ତହିଁ ପରଦିନ ଏହି ତିନିଦିନକୁ ରଜ ବୋଲାଯାଏ । ସଙ୍କ୍ରାନ୍ତି ପୂର୍ବଦିନକୁ ପହିଲି ରଜ ଓ ପରଦିନଟିକୁ ଭୂଇଁ ଦହନ କୁହାଯାଏ । ରଜ ଅର୍ଥାତ ରଜସ୍ୱଳା । ଏହି ତିନିଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ର କଳ୍ପିତ । ତେଣୁ ଏହି ସମୟରେ ପୃଥିବୀ ମାତାକୁ ବିଶ୍ରାମ ଦେବା ନିମନ୍ତେ ସମସ୍ତ ପ୍ରକାର ବିଧାନ ପାଳନ କରାଯାଏ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । କୃଷିକୁ ଜୀବିକା କରି ଚଳୁଥିବା ଅଧିକାଂଶ ଜନସାଧାରଣ କୃଷିକୁ ଅଧିକ ଗୁରୁତ୍ୱ ଦେଇ କୃଷିଭିତିକ ପର୍ବପର୍ବାଣି ପାଳନ କରିଥାନ୍ତି । ରଜ ପର୍ବରେ ମାଟି, ପାଣି, ପବନର ମହତ୍ୱକୁ ଉପଲବ୍ଧି କରାଯାଏ । ମାଟି ଆମର ମାଆ ଆମର ଧାତ୍ରୀ। ମାଟିର ଶରୀର ବି ନାରୀ ପରି । ସେ ରଜସ୍ୱଳା ହୁଏ। ସୃଷ୍ଟିର ସମ୍ଭାବନା ପାଇଁ ନିଜକୁ ପ୍ରସ୍ତୁତ କରେ । ସେଥିପାଇଁ ଏହି ପର୍ବର ନାମ ରଜ ।

ISSN NO.
2582-208X

ଯେଉଁଭଳି ନାରୀଟିଏ ରଜସ୍ୱଳା ହେଲେ ତାକୁ ତିନିଦିନ ଧରି କେହି ଛୁଅଁନ୍ତି ନାହିଁ ସେ କୌଣସି ପୂଜା ବା ପର୍ବ ବା ଖାଦ୍ୟ ବସ୍ତୁକୁ ଛୁଏଁନାହିଁ ପୁରୁଷକୁ ଦର୍ଶନ ବା ସ୍ପର୍ଶ କରିବାରେ ବାରଣ କରାଯାଏ । ତାର ଶରୀରକୁ ବିଶ୍ରାମ ଦରକାର । ଆବଶ୍ୟକ ପୁଷ୍ଟି ଦରକାର ପଡ଼େ। ବାହ୍ୟ ସଂକ୍ରମଣରୁ ରକ୍ଷା ପାଇବାପାଇଁ ତାକୁ ବିଶ୍ରାମ ଦିଆଯାଏ ।

ସୂର୍ଯ୍ୟ ମୃଗଶିର୍‌ ନକ୍ଷତ୍ରରେ ଅବସ୍ଥାନ କଲେ ପୃଥିବୀ ରଜସ୍ୱଳା ହୁଏ । ରଜସ୍ୱଳା ମାଟି ନାରୀପରି ତିନିଦିନ ବିଶ୍ରାମ ନିଏ । ଏହି ତିନିଦିନ କୃଷକାମ, ଭୂମି କର୍ଷଣ, ଖନନ କାର୍ଯ୍ୟ ବନ୍ଦ ରୁହେ । ରଜବତୀଟିଏ ଚତୁର୍ଥଦିନ ଶୁଦ୍ଧ ସ୍ନାନ କରି ସୂଚୀମନ୍ତ ହେଲାପରେ କାମରେ ଲାଗେ । ସେହିପରି ଧରିତ୍ରୀ ମା ପହିଲି ଆଷାଢ଼ର ବର୍ଷାସ୍ପର୍ଶରେ ଋତୁମତୀ ହୁଏ । ମନ ପୁଲକିତ ହୁଏ, ହୃଦୟରେ ନୂତନ ଉନ୍ମାଦନା ଜାଗ୍ରତ ହୁଏ । ମେଘ ଖୁସିରେ ବିଜୁଳି, ଘୋଷଣା ଘଡ଼ଘଡ଼ି ଓ ପବନର ପଟୁଆରରେ ମୌସୁମୀକୁ ନେଇ ମାଟିକୁ ଭିଜାଏ, ଉଲ୍ଲସିତ କରେ ମାଟି ମନକୁ । କୃଷକାମ ପାଇଁ ମାଟିକୁ ପ୍ରସ୍ତୁତ କରାଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ । ହଳ ଲଙ୍ଗଳ, କର୍ଷଣ ସବୁ ନିଷେଧ କରାଯାଏ । ଏପରିକି ମାଟିକୁ କଷ୍ଟ ହେବ ବୋଲି ମାଟି ଉପରେ ଜୋର୍‌ ସେ ଚାଲିବା ମନା । । ବିହନ ବୁଣିବା, ଗଛ ଲଗାଇବା କୃଷ କରିବା ସବୁ ବନ୍ଦ । ଝିଅଟିଏ ଯେପରି ପ୍ରଥମ ଋତୁଚକ୍ର ଆରମ୍ଭ ହେଲେ ତାର ଗର୍ଭାଶୟରେ ଡିମ୍ବାଣୁ ତିଆରି ହୁଏ ସୃଷ୍ଟିପାଇଁ ଶରୀର ସମର୍ଥ ହୁଏ ସେହିପରି ମାଟି ତଥା ଭୂମିକୁ ଉର୍ବରତା ବଢ଼ିବା ନିମନ୍ତେ ସମୟ ଦିଆଯାଏ । ଆଷାଢ଼ରେ ମାଟିସହ ମେଘର ମିଳନ ଘଟିଥାଏ । ପୃଥିବୀ ରଜସ୍ୱଳା ହୁଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ । ମାଟି ତାପରେ ଉତ୍ପାଦନକ୍ଷମ ହୁଏ । ଜମିକୁ ଶସ୍ୟ ଉପୁଜେଇବା ପାଇଁ କର୍ଷଣ କରାଯାଏ । କୃଷିକର୍ମ ଆରମ୍ଭ ହୁଏ । ଏହି ତିନିଦିନ ଗାଁ ଗଣ୍ଡା, ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠେ । ରଜ ପୂର୍ବଦିନ ଘର ଦ୍ୱାର ଲିପାପୋଛା କରି ବିରି ବଟା, ମସଲା କୁଟା, ମସଲା ବଟା, ଢିଙ୍କିରେ ଚୂନା କୁଟିବା, ମସଲା ଗୁଣ୍ଡକରି ରଖିବା ଇତ୍ୟାଦି କାମ ସରିଥାଏ । ବାରି ଅଗଣା ଲିପା ପୋଛା କରି ଚଟା ଦିଆଯାଏ । କଟା ବଟା ଆଦି କାମ ସରିଥାଏ । କାରଣ ଏହି ତିନିଦିନ କଟା ବଟା ମାଟି ଖନନ, କ୍ଷୌରହେବା, ଲୁଗାସଫା ସବୁ କାମ ବନ୍ଦ ରୁହେ ।

ପହିଲି ରଜ ଦିନ ରାତି ନ ପାହୁଣୁ ଷଠୀ ଠାକୁରାଣୀଙ୍କ ପ୍ରତୀକ ଶିଳ ଶିଳପୁଆ ଧୋଇ, ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତୀକ ଭାବରେ ଗୁଆକୁ ହଳଦୀ ପାଣିରେ ଧୋଇ ପିଢ଼ା ଉପରେ

ISSN NO.
2582-208X

ରଖାଯାଏ । କୃଷି ଉପକରଣ ଥୁଆ ହୁଏ । ଫୁଲ, ଧୂପ, ଦୀପ, ବରକୋଳି ପତ୍ର, ଦୂବ ଦେଇ, ହୁଳହୁଳି ପକାଇ ବନ୍ଦେଇ ତିନିଦିନ ଠାକୁରାଣୀଙ୍କର ସଜ ବସେ । ସେହିଦିନ ଠାରୁ ଠାକୁରାଣୀଙ୍କର ତିନିଦିନ ଯାଏଁ ସ୍ନାନ ବନ୍ଦ ରୁହେ । ତେଣୁ ଘରେ ଦେବପୂଜା ମଧ ନାରୀମାନେ କରନ୍ତୁନାହିଁ । ରଜ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ୍ ମାସାନ୍ତ ଦିନ ବା ପହିଲି ରଜ ଦିନକୁ ସଜବାଜର ଦିନ କୁହାଯାଏ । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଶେଷରଜ, ଭୂଇଁ ଦହଣ, ଭୂମି ଦହନ ବା ଭୂଦାହ କୁହାଯାଏ । ଏହିଦିନ ଭୂମିକୁ ଆଘାତ କରାଯାଏନାହିଁ । ଘର ଗୁରିପଟେ ସାପ ଦାଉରୁ ରକ୍ଷା ପାଇବା ପାଇଁ ଖଡିରେ ଗାର ଟାଣି ଦିଆଯାଏ । ଏହି ତିନିଦିନ କୁମାରୀ କନ୍ୟାମାନେ ସଜବାଜ ହୋଇ ମଥାରେ ଚନ୍ଦନ କୁଙ୍କୁମ ଲଗାଇ, ପାଦରେ ଅଳତା ଲଗାଇ, ନୂଆ ଜାମା ପିନ୍ଧି, ପିଠାପଣା ଖାଇ, ଦୋଳିରେ ଝୁଲି, ପାଦରେ କଦଳୀ ଗଛ କିମ୍ବା ଗୁଆ ଖେଳପାକୁ ପାଦରେ ପିନ୍ଧି, ଖେଳ, ନାଚ, ଗୀତ, ପୁଚିଖେଳରେ ମଉଜ କରିଥାନ୍ତି । ଆବାଳବୃଦ୍ଧବନିତା ତାସ ଲୁଡୁପାଲି ଖେଳରେ ମାତିଥାନ୍ତି। କୃଷକର ମଧ୍ୟ ଚାଷ କାମ ନଥିବାରୁ ମନରେ ଖୁସି ଥାଏ । ବିଦେଶରେ କିମ୍ବା ନିଜ ଘରଠାରୁ ଦୂରରେ ରହୁଥିବା ଚାକିରିଆ ପୁଅମାନେ ଘରକୁ ଆସିଥାନ୍ତି ଏହି ଗଣପର୍ବ ବା ସାମୁହିକ ପର୍ବରେ ନିଜକୁ ସାମିଲ କରିବା ପାଇଁ । ରଜର ଦ୍ୱିତୀୟ ବିଶେଷତ୍ୱ ହେଲା ରଜଦୋଳି । ଏଥି ନିମନ୍ତେ ବାଉଁଶ ଦୋଳି, ପଟାଦୋଳି ଗଛ ଦୋଳି , ରସି ଲଗା ଦୋଳି ମାନ ବନ୍ଧା ଯାଇଥାଏ। କୁଆଁରୀ କନ୍ୟାମାନେ, ବିବାହିତ ଝିଅ ବୋହୂ ରଜଗୀତ ଗାଇ, ରଜପାନ ଖାଇ ଓଠକୁ ଲାଲି କରି ଖୁସିରେ ଦୋଳି ଖେଳନ୍ତି । କାରଣ ଏହି ସମୟରେ ଘରର କାମ କିଛି ନଥାଏ । ଏହି ତିନିଦିନ ପିଠାପଣା ଖାଇ ଦିନରେ ରୁହନ୍ତି ଏବଂ ସଂଧ୍ୟା ପୂର୍ବରୁ ସାହି ପଡିଶାଙ୍କ ସହିତ ସାମୁହିକ ଭୋଜନ କରାଯାଏ ଯାହକୁ ରଜ ପାରି କୁହାଯାଏ। ରଜପାନ ଖାଇ ରଜ ପାଳିବାର ମଜା ଗୋଟେ ନିଆରା ଅନୁଭବ ଦିଏ । ତେଣୁ ଏହି ରଜ ପର୍ବକୁ ମଉଜର ପର୍ବ ମଧ କୁହାଯାଏ । ଏହି ଅବସରରେ ବିବାହିତ ଭଉଣୀ ଓ କନ୍ୟା ଘରକୁ ରଜ ଭାର ପଠାଯାଏ । ପିଠା ମିଠା ବିଭିନ୍ନ ପ୍ରକାରର ଫଳ ଖଇ, ଉଖୁଡ଼ା, ମୁଢ଼ି, ଚୁଡ଼ା ନେଇ ବନ୍ଧୁ ବାନ୍ଧବ ଭେଟ ହୋଇଥାଏ । ସାହି ପଡିଶାରେ ପିଠା ମିଠା ଦିଆନିଆର ସଦ୍ଭାବ ବଢ଼ିଥାଏ ।

ରଜର ଶେଷ ହୁଏ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ । ଏହି ଦିନ ରଜର ପୂର୍ବଦିନ ବସିଥିବା ଠାକୁରାଣୀ ଶିଳ ଶିଳପୁଆ, ଗୁଆକୁ ଅଗଣାରେ ହଳଦୀ ପାଣିରେ ଗାଧୋଇଦେଇ

ISSN NO.
2582-208X

ନୂଆ ବସ୍ତ୍ର ପିନ୍ଧାଯାଏ । କଳସ ଆମ୍ବଡ଼ାଳ ବସାଇ ଶ୍ରୀ ଗଣେଷଙ୍କୁ ପୂଜା କରି ଭୂଦେବୀ ବା ବସୁମାତା ଓ ଷଠୀଦେବୀ ଙ୍କୁ ନୈବେଦ୍ୟ ଦେଇ ବନ୍ଦାପନା କରାଯାଏ ।

ଶଂଖ ହୁଳହୁଳି ଦେଇ, ଫଳ ପୁଷ୍ପ ଭୋଗ ଲଗାଇ ସମସ୍ତେ ସାଷ୍ଟାଙ୍ଗ ହୁଅନ୍ତି ଦେବୀଙ୍କ ପାଖରେ । ଭଲ ବର୍ଷା ଓ ଭଲ କୃଷି ପାଇଁ କାମନା କରନ୍ତି । କାରଣ ଓଡ଼ିଶାର ଅଧିବାସୀଙ୍କର ପ୍ରଧାନ ଜୀବିକା ହେଉଛି କୃଷି ଏବଂ ଏହି କୃଷି ପାଇଁ ତାକୁ ନିର୍ଭର କରିବାକୁ ପଡ଼େ ମୌସୁମୀ ବର୍ଷାକୁ । ଭୂମି ଆମର ମାତୃ ସ୍ୱରୂପା ସେ ଆମର ଲକ୍ଷ୍ମୀ । ମେଘ ଓ ମାଟିର ମିଳନରେ ମାଟିର ଉର୍ବର ଶକ୍ତି ବଢ଼େ । ମାଟି ଗୃଷପାଇଁ ଅନୁକୂଳ ହୁଏ । ତାପରେ କୃଷକ କୃଷି କାର୍ଯ୍ୟରେ ମନ ଦିଏ । ତେଣୁ ଏହା କୃଷି ଭିତିକ ପର୍ବ । ରଜରେ ପୋଡପିଠା ଓ ରଜପାନ ଖାଇବାର ବିଧି ଥାଏ । ପୋଡପିଠା ସ୍ୱାସ୍ଥ୍ୟ ଉପଯୋଗୀ କାରଣ ଏହା ଚୂଲିର ରଡନିଆଁରେ ପୋଡାଯାଏ ସବୁ ପ୍ରକାର ଖାଦ୍ୟସାର ଯଥା ବଟାବିରି, ଗୁଉଳ ଚୂନା, କୋରା ନଡ଼ିଆ, ଗୁଡ଼, ଛେନା, ଅଦା, ଗୋଲମରିଚ, କାଜୁ, କିସ୍‌ମିସ ଗୋଳାଇ କଦଳୀପତ୍ରରେ ଘିଅବୋଳ ଉପରେ ରଡ଼ନିଆଁ ଥୋଇ ପ୍ରସ୍ତୁତ ହୋଇଥାଏ । ଏହା ଖୁବ୍ ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ଉପଯୋଗୀ । ଓଡିଆର ଚଳଣିରେ, ଆତିଥ୍ୟରେ ରଜପାନ ବା ଲବଙ୍ଗ ଦିଆ ଖିଲି ପାନର ସ୍ଥାନ ଖୁବ ଅଧିକ । ପ୍ରତି ଓଡିଆ ଘରେ ପାନ ବଟୁଆ ଥାଏ । ଘରକୁ କେହି ଅତିଥି ଆସିଲେ ପାନ ଖଣ୍ଡେ ଦେବାର ପରମ୍ପରାକୁ ଓଡିଆ କେବେ ଭୁଲେନାହିଁ। ପାନ ମୁଖରେଚକ, ମୁଖଶୋଧକ ଏବଂ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ। ବନ୍ଧୁତା ବଢ଼ାଏ । ତାଛଡ଼ା ବଡ଼ଠାକୁର ମଧ୍ୟ ବିଡ଼ିଆ ପାନ ଖାଇବାର ପରମ୍ପରା ଶ୍ରୀମନ୍ଦିରରେ ରହିଛି ।

ରଜରେ ଲୋକଗୀତର ପରଂପରା ରହିଛି ଯଥା ରଜଦୋଳି କଟକଟ ମୋ ଭାଇ ମୁଣ୍ଡରେ ସୁନା ମୁକୁଟଲୋ ଦିଶୁଥାଏ ଝଟଝଟ । ବନସ୍ତେ ଡାକିଲା ରଜ ବରଷକେ ଥରେ ଆସିଛି ରଜ ଆସିଛି ରଜ ଲୋ ଘେନି ନୂଆ ସଜବାଜ । ଏହି ଗୀତର ମିଳିତ ସ୍ୱରରେ ରଜଦୋଳି ଆକାଶ ଛୁଏଁ । ପୁରୁଷ ମାନେ ମଧ୍ୟ ବିଭିନ୍ନ ଖେଳ କବାଡି, ଖୋଖୋ, ତାସଖେଳ, ପଶାଖେଳ ଆଦି ଖେଳଥାନ୍ତି । ଉପକୂଳ ଅଂଚଳରେ ଆଖଡା ଯାତ୍ରା ଆଦି ହୁଏ ପୁରୀ, କଟକ, କେନ୍ଦୁଝର, ଢେଙ୍କାନାଳ, ବାଲେଶ୍ୱର, ମୟୁରଭଂଜ ଖୋର୍ଦ୍ଧା ଜିଲ୍ଲାରେ ଏହି ପର୍ବ ଧୁମଧାମରେ ପାଳନ କରାଯାଏ ।

ISSN NO.
2582-208X

ରଜ ସାମାଜିକ ବନ୍ଧନକୁ ସୁଦୃଢ଼ କରେ । ଯେତେ ଆଧୁନିକତା ଆଡ଼କୁ ସମାଜ ମୁହାଁଇଲେ ମଧ୍ୟ ରଜ ପାଳନକୁ କେହି ଭୁଲି ନଥାନ୍ତି । ଏଥିରେ ମାନବୀ କନ୍ୟା, ଲକ୍ଷ୍ମୀ ଦେବୀ, ବସୁମତୀ ପ୍ରକୃତିରାଣୀଙ୍କୁ ରଜ ଅବସରରେ ସମ୍ମାନ ପ୍ରଦର୍ଶନ କରାଯାଏ ଯାହା ଆମ ସଂସ୍କୃତିର ପରିଚାୟକ । କୃଷି ଉଦୟରେ ଲକ୍ଷ୍ମୀ ସଦୟ ହେଲେ ନୂଆଖାଇରେ ନୂଆ ଧାନ ଅମଳ ହୋଇ ପୂଜାରେ ଲାଗିଥାଏ । ତେଣୁ ସମସ୍ତଙ୍କ ମନ ଆନନ୍ଦରେ ନାଚଉଠେ ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

ISSN NO.
2582-208X

# ସିନ୍ଦୁର



ତ୍ରିପତି ପ୍ରଧାନ

ଦେଇ ମୁଁ ସିନ୍ଦୁର କରିଲି ନିଜର
ସାତ ଜନମର ପାଇଁ
ଦେଖାଇ ତା ବଳ ଅର୍ଦ୍ଧଙ୍ଗିନୀ ହେଲ
ଅଧେ ମୋ ରହିଲା କାହିଁ (୧)

ଶୁଭ କାର୍ଯ୍ୟ ବେଳେ ପୂଜା ସଂସ୍କୃତିରେ
ପାଖେ ରଖ ହୃଦେ ବାନ୍ଧି
ତୁମ ବିନା ପୁଣି ସଫଳ ହୁଏନି
ଯଜ୍ଞ, ପୂର୍ଣ୍ଣ ଫଳ ସିଦ୍ଧି (୨)

ଦିନ କି ସୁନ୍ଦର ବିତି ଯାଏ ମୋର
କରମ କ୍ଷେତରେ ମାତି
ପ୍ରିୟା ନ ଥିଲେତ ଖୋଜି ହୁଏ ନେତ୍ର
ବଢ଼ି ବଢ଼ି ଯାଏ ରାତି (୩)

ଭୋଜନ ପରସି ନିକଟରେ ବସି
କଥା କହି ହସି ହସି
ଖୁଆଇବା ଢଙ୍ଗ ସତେ ଏକ ରଙ୍ଗ
ମୁଖ ଦିଶେ ପୂର୍ଣ୍ଣ ଶଶୀ (୪)

ISSN NO.
2582-208X

ପଣତ କାନି ତୋ ବ୍ୟଜନ ଭଳିତ
ଘୁରେ ପ୍ରେମ ପାଗଳେବ
ଲାଜେ ଶୁଖି ଯାଏ ସ୍ୱେଦ କଣିକାଏ
ପ୍ରେମିକା ସରମି ଯିବ (୫)

ଟୋପାଏ ସିନ୍ଦୁର ଦାସୀ କଲା ମୋର
ପାଦୁକା ପରିକା ସେବି
ଦେଖାରେ କଠିନ ସେବାରେ ନରମ
ଦେବ କି? ମୁଁ ନର ରୂପି (୬)

ସିନ୍ଦୁରର ଲାଲ ଏତେ ତାର ବଳ
ଆଗରୁ ଜାଣି ନଥିଲି
ଟୋପାଏ ନ ଦେଇ ଫରୁଆ ଭରେଇ
ମଥାକୁ କରନ୍ତି ନାଲି (୭)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ବୋଧେ ତୁମ ହୃଦୟରେ
# ମିଶୁଛି ହୃଦୟ ମୋର



ପ୍ରଣତୀ ରଥ

କିଛି ଖାସ୍ ନ ଥିଲା ମୋ ଜୀବନରେ
ମୁଁ ଥିଲି, ଆଉ ଥିଲା ଗୋଟିଏ ସୁନ୍ଦର ସ୍ୱପ୍ନ,
ଆଉ ସେ ସ୍ୱପ୍ନ ରାତିର ଅନ୍ଧାର କୁ ଡେଇଁ ମୋ ଆଖିପତା
ଦେଇ ଖେଳି ଉଠୁଥିଲା ନିଦରେ।
ଯେବେ ଯେବେ ଆଖିପତା ଖୋଲିଛି
କେବଳ ନିରାଶାର ବାଦଲ ଦେଖିଛି
ଦିନର ସେ ଆଲୋକରେ ସବୁ ଲିଭିଯାଏ
କିଛି ବି ନ ଥାଏ ମାନେ
ମୋର ସେଇ ସ୍ୱପ୍ନ ସବୁରେ।
ହଠାତ୍ ଦିନେ ମୋବାଇଲରେ ଖେଳୁ ଖେଳୁ
ଫେସବୁକ୍ ରେ ତୁମର ବନ୍ଧୁତାର ହାତ ଆସିଥିଲା
ଆଉ ଗ୍ରହଣ କରିନେଇଥିଲି ଅଜାଣତରେ,
ବଢିଥିଲା ଭାବବିନିମୟର କିଛିଟା କଥା
ଧିରେ ଧିରେ ତୁମ ସାଥିରେ।
କାହିଁକି କେଜାଣି ମୋତେ ତୁମେ ଖୁବ୍ ଆପଣାର ଲାଗିବାକୁ
ଲାଗିଲ,
ଦିନ ଟି ସେ ଦିନ ଜମାରୁ ଭଲ ଲାଗେନା
ଯଉଦିନ କିଛିକଥା
ହୋଇ ନ ଥିବି ତୁମ ସାଥିରେ।
ଯଉ ମନ ସ୍ଥିର, ଯଉ ଆଖି ଲାଜକୁଳୀ ଥିଲା

ISSN NO.
2582-208X

ସେ ମନ ଆଜି ଚଞ୍ଚଳ, ସେ ଆଖି ଆଜି ଆହୁରି ସ୍ୱପ୍ନିଳ
ଜାଣେନି କ'ଣ ହେଉଛି
ତୁମେ ଆସିଗଲା ପରେ।
ତୁମରି ପ୍ରତିଟି କଥା ମୋତେ ଖୁବ୍ ଭଲଲାଗେ
ତୁମର ନଟ୍ ଖଟ୍ ଅଦା ମୋତେ ଖୁବ୍ ଛୁଏଁ,
ମୁଁ ରାଗିଲେବି ସେଇ ଭିତରେ ଭଲପାଇବା ଭରିଥାଏ
ମୁଁ ତୁମ ଉପରେ ରଷି ପାରେନି
ବାସ୍, ତୁମ ସବୁଗୁଣ ଖୁସି ଭରୁଥିଲା ମନରେ।
ଏମିତି ଦିନେ ବସି ବସି ଭାବିଲି
ଏସବୁ କାହିଁକି ହୁଏ,
ନା ମୁଁ ତୁମକୁ ଜାଣିଛି, ନା ତୁମେ ମୋତେ
କିଛି କ୍ଷଣ ଗଲାପରେ ଜାଣିଲି ଏଥର
ବୋଧେ, ତୁମ ହୃଦୟରେ ମିଶୁଛି ହୃଦୟ ମୋର।

ରାଉରକେଲା, ସୁନ୍ଦରଗଡ

ISSN NO.
2582-208X

# ଭାବ କଳ୍ପରେ କବି

ବେଣୁଧର ସୂତାର

କେତେ ଭାବ କେତେ
ଭାବନା ଲହରୀ
ଆଶାର ସାୟରୀ ରାଗ ଆଶାବରୀ
ଜାଗିଉଠେ ମନତଳେ
ବୁକୁରେ ଖେଳଇ ନବ ଉନ୍ମାଦନା
ନବ ସୃଜନର ଲଳିତ କଳ୍ପନା
ଭାବନାର ଅନ୍ତରାଳେ ।।
ବରଷା ବସନ୍ତ ଯା ପାଇଁ ସମାନ
ହୃଦ ଆବେଗର ଅନୁଭବ ମାନ
ଅସରନ୍ତି ଆଶା ଜାଗେ
ଶବ୍ଦାୟିତ ହୁଏ କଳ୍ପନାର ଧାରା
ଭାବ ପ୍ରସୂନର ମହକ ପସରା
ଭାଷା ପ୍ରୀତି ଅନୁରାଗେ ।।
ପ୍ରଲୁବ୍ଧ ମନର  ଭାବକଳ୍ପ ଝର
ନିଃଶବ୍ଦରେ ତୋଳେ
ଶବ୍ଦର ଝଙ୍କାର
ସୁମୋହନ ସୁର ତାଳେ
ହୃଦୟ ବୀଣାର ମୂର୍ଚ୍ଛନା ମଧୁର
ଶବ୍ଦ ସୁର ଛନ୍ଦ  ରସ ସମାହାର
ରମ୍ୟ ରଚନା ଛଳେ  ।।
ଭାବ ପୀୟୂଷର ପବିତ୍ର ପ୍ଲାବନ
ସୃଷ୍ଟି ସର୍ଜନା ର ଶ୍ରେଷ୍ଠ ଉପାଦାନ

ISSN NO.
2582-208X

ସାରସ୍ୱତ ପୁଣ୍ୟ ସ୍ରୋତେ
ଲେଖନୀରେ ଭାଷା
କମଳିନୀ ଫୁଟେ
ମନ୍ଦାକିନୀ ଧାରା ମରୁତଟେ ଛୁଟେ
ଚାନ୍ଦ ଉଏଁ ଅମା ରାତେ ।।
କଳ୍ପନା ନୟନ ପାରେ ଅନୁଭବି
ମାଟି ମଟାଳର ନବ ରୂପ ଛବି
ପ୍ରୀତିର ଗୀତିକା ଗାଏ
ପ୍ରେମ ପ୍ରଣୟର ପୂରବୀ ଝଙ୍କାରେ
ବେଦନାର ସୁର ବିରହୀ ଅନ୍ତରେ
ଲେଖନୀରେ ରୂପପାଏ ।।
କଙ୍କାଳ ବୁକୁରେ ତୁମେ ଭର ଭାଷା
ତୃଷାର୍ତ୍ତ ପ୍ରାଣର ହରିନିଅ ତୃଷା
ଭରି ନବ ଉନ୍ମାଦନା
ଭକ୍ତି ଆବେଗର ଭାବାଶ୍ରିତ ସ୍ୱର
ହୃଦୟ ଅର୍ଘ୍ୟର ଗୀତି ସୁଧା ଧାର
ଭକ୍ତିମୟ ନିରାଜନା ।।
ସାରସ୍ୱତ ବନେ ପ୍ରଜ୍ଞାର ଦୀପାଳି
ତୁମ ଲେଖନୀର ପୂତ ଅର୍ଘ୍ୟାଞ୍ଜଳି
ହରେ ଜନମନ କ୍ଷୁଧା
ମର୍ମଭେଦି ତୁମ ଶବ୍ଦର ଚାତୁରୀ
ଦିବ୍ୟ ସୃଜନର ଅମୃତ ଲହରୀ
ସାରସ୍ୱତ ସ୍ୱପ୍ନ ସୁଧା ।।

କେଶଦୁର୍ବାପାଳ କେନ୍ଦୁଝର
ଦୂରଭାଷ –୯୧୭୮୫୬୮୨୪୬

ISSN NO.
2582-208X

# ଅମୃତ ମହୋତ୍ସବ, ଭାରତୀୟ ସମ୍ବିଧାନର ଧାରା 348 ଓ ଆମେ



ଗଜାନନ ମିଶ୍ର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ– 'ଯା ଭାଷା ଦୁର୍ବଳା କାହିଁ ତାର ଜ୍ଞାନ? କାହିଁ ତାର ରାଜ ଦୁଆରେ ସମ୍ମାନ? × × ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।'

ଆମ ଭାରତର ସମ୍ବିଧାନ ଆମ ଭାରତୀୟ ଭାଷାକୁ ଉପଯୁକ୍ତ ସ୍ଥାନ ଦେଇଛି ସପ୍ତଦଶ ଭାଗରେ। ଧାରା 343ରେ ସ୍ପଷ୍ଟ କରିଛି ଯେ ଦେବ ନାଗରୀ ଲିପିରେ ହିନ୍ଦି ଭାଷା ହେଉଛି କେନ୍ଦ୍ରର ସରକାରୀ ଭାଷା। ପୁଣି ଏଇ ଧାରା କହିଲା' ପନ୍ଦର ବର୍ଷ ଅବଧି ଯାଏ ଇଂରେଜି ଭାଷାର ବ୍ୟବହାର ହେବ ଅର୍ଥାତ 1950ରୁ 1965 ପର୍ଯ୍ୟନ୍ତ। ତେଣୁ ଧାରା 344 ଓ 351 ଅନୁସାରେ ଅଷ୍ଟମ ତଫସିଲରେ କୌଣସି ବିଦେଶୀ ଭାଷାର ସ୍ଥାନ ନାହିଁ। ଯେହେତୁ ଆମେ ଭାରତୀୟଗଣ ସ୍ୱାଧୀନ, ସାର୍ବଭୌମ। ସଂପ୍ରତି ସମଗ୍ର ବିଶ୍ୱ ଚାହିଁ ରହିଛି ଆମ ଆଡକୁ ଉଚିତ୍ ଦିଗଦର୍ଶନ ଆଶାରେ। ଆମେ ସ୍ୱାଧୀନତାର ପଂଚସ୍ତରୀ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ କରୁଛୁଁ ଆଉ ଏଇ ପରିପ୍ରକ୍ଷୀରେ ଭାରତୀୟ ସମ୍ବିଧାନ, 1950ର ଧାରା 348 ଯାହା ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଇତ୍ୟାଦିର ଭାଷାକୁ ନେଇ ସମ୍ୟକ ଧାରଣା ଦିଏ ତାହା ଯେ ଜନଗଣମନର, ମାନ ସମ୍ମାନର ବିଷୟକୁ ଇଙ୍ଗିତ କରୁଛି, ଦେଖି ପରଖି ପଦକ୍ଷେପ ନେବାକୁ ପଡିବ। ସଂପୂର୍ଣ୍ଣ ଭାବରେ ଏହି ଧାରାକୁ ଉଚ୍ଛେଦ ନ କଲେ ଉତ୍ତରପିଢି ପାଖରୁ ଆମେ କ୍ଷମା ପାଇ ପାରିବା ନାହିଁ।

ଧାରା 348 – ଏହି ଭାଗର ପୂର୍ବବର୍ତ୍ତୀ ବ୍ୟବସ୍ଥାବଳୀରେ ଯାହା କିଛି ଥିବା ସତ୍ତ୍ୱେ, ସଂସଦର ଆଇନ ଦ୍ୱାରା ଅନ୍ୟ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଉଚ୍ଚତମ ନ୍ୟାୟାଳୟରେ ଓ

ISSN NO.
2582-208X

ପ୍ରତ୍ୟେକ ନ୍ୟାୟାଳୟରେ, ବିଚାରଯୋଗ୍ୟ ପାଠ୍ୟ ସକଳ, ସଂସଦ ବା ବିଧାନସଭାର ସବୁ ଗୃହରେ ଆନୟନ ସବୁ ବିଧେୟକ, ସବୁ ସଂଶୋଧନ ସଂସଦ ବା ବିଧାନ ମଣ୍ଡଳର ଅଧିନିୟମ ବା ଅଧ୍ୟାଦେଶ, ଉପବିଧି ଆଦି ଇଂରେଜି ଭାଷାରେ ହେବ। ପୁଣି ରହିଛି ରାଜ୍ୟପାଳ, ରାଷ୍ଟ୍ରପତି ହିନ୍ଦି ଭାଷା ବା ସେହି ରାଜ୍ୟର ଭାଷାକୁ ପ୍ରାଧିକୃତ କରିବେ। କିନ୍ତୁ ରାୟ, ଡିକ୍ରି କିମ୍ବା ଆଦେଶ ପ୍ରତି ଲାଗୁ ହେବ ନାହିଁ। ଯଦି ଅନ୍ୟ କୌଣସି ଭାଷାରେ ହେବ ତେବେ ଇଂରେଜି ଭାଷାରେ ଅନୁବାଦ ରହିବ।

ବର୍ତ୍ତମାନ ଚାଲିଥିବା ଅମୃତ ମହୋତ୍ସବ ଅବସରରେ କହିବାରେ କୁଣ୍ଠା ନାହିଁ ଯେ ଏପରି କହିବା ବା ଥିବା ସମଗ୍ର ଭାରତୀୟତା ପାଇଁ ଲଜ୍ଜାଜନକ ଅଟେ।ସୁତରାଂ ତୁରନ୍ତ ଏହି ଧାରାର ଉଚ୍ଛେଦ ଆବଶ୍ୟକ ଅଟେ। ଏ ବିଷୟରେ  ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ତଥା ଖୋଦ୍ ପ୍ରଧାନ ବିଚାରପତି ସ୍ପଷ୍ଟ ଭାଷାରେ ନିଜଆଡ଼ୁ କହିସାରିଲେଣି ଯେ ବିଚାରବିଭାଗର ଭାରତୀୟ କରଣ ନିହାତି ଆବଶ୍ୟକ।  ଭାରତୀୟ ମହକିଲଟିଏର ଅଧିକାର ରହିଛି ଅଦାଲତରେ ନିଜ ମାମଲା କଣ ହେଉଛି ନ ହେଉଛି ଜାଣିବାର। ବିଦେଶୀ ଭାଷାରେ ସବୁ କାର୍ଯ୍ୟ ଚାଲିବା ଦ୍ୱାରା ସେ ଅନ୍ଧକାର ଭିତରେ ରହି ଯାଉଛି, ଯଦିଓ ଯେତେ ଖର୍ଚ୍ଚ ହେଉଛି ସବୁ ସେ ମହକିଲ ହିଁ ଦେଉଛି। କଡା ଶବ୍ଦରେ କହିବାକୁ ଗଲେ ବିଚାରବିଭାଗ ବା ଅଦାଲତ ଚଳେଇବାକୁ ଇଂରେଜ ସରକାର ଟଙ୍କା ଦେଉ ନାହିଁ। ଅଧିକନ୍ତୁ, ଧାରା 345ରେ ରାଜ୍ୟର ପ୍ରଚଳିତ ଭାଷାଗୁଡିକୁ ସରକାରୀ ଭାଷାର ମାନ୍ୟତା ଦେବାକୁ ବିଧାନସଭାମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି।  ଧାରା 350ରେ ଅଛି ଯେ କୌଣସି ବ୍ୟକ୍ତି କୌଣସି ଅଭିଯୋଗର ପ୍ରତିକାର ନିମନ୍ତେ କେନ୍ଦ୍ର କିମ୍ବା ଯଥାସ୍ଥିତି ରାଜ୍ୟର ବ୍ୟବହୃତ ଯେ କୌଣସି ଭାଷାରେ ଏକ ପ୍ରତିବେଦନ କେନ୍ଦ୍ର କିମ୍ବା ରାଜ୍ୟର କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କ ନୀକଟରେ ଦାଖଲ କରିପାରିବେ। ଧାରା 350-କ ରେ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସୁବିଧା ଦିଆଯାଇଛି। ଧାରା 350-ଖ ରେ ଭାଷାଗତ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀ ରହିଛନ୍ତି।

ଆମ ଓଡିଶା ଭାଷା ମୂଳ ଆଇନରେ ସ୍ପଷ୍ଟ ରହିଛି - ସବୁ ବା ପ୍ରତ୍ୟେକ କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ। ଆମ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଣୀତ ସାଧାରଣ ନିୟମାବଳୀରେ ଓଡିଆକୁ ଅଧସ୍ତନ ଅଦାଲତର ମାନ୍ୟତା ମିଳିଛି ଯଦିଓ ସୀମିତ।

ISSN NO.
2582-208X

ଓଡିଶାର ଅଦାଲତରେ କାର୍ଯ୍ୟରତ ସମସ୍ତ ବିଚାରପତି ଓ କର୍ମଚାଳୀବୃନ୍ଦ ସମସ୍ତେ ଓଡିଶାର ଲୋକ। ଓଡିଶାବାସୀଙ୍କ ଟିକସଟଙ୍କାରେ ବିଚାରବିଭାଗର ସମସ୍ତ ଖର୍ଚ୍ଚ ହେଉଛି। ତେଣୁ ଓଡିଶାର ମହକିଲଟିଏକୁ ବିଦେଶୀ ଭାଷାରେ ରାୟ, ଡିକ୍ରି, ଆଦେଶାଦି ଦେବା ଚରମ ଅନ୍ୟାୟ। ନ୍ୟାୟାଳୟରେ ସତ୍ୟର ଜୟଗାନ ହୁଏ। ଯହିଁ ନ୍ୟାୟ ଥାଏ, ତହିଁ ସତ୍ୟ ଥାଏ। ଯହିଁ ସତ୍ୟ ଥାଏ, ତହିଁ ଜୟଜୟକାର ଶୁଭୁଥାଏ। ସତ୍ୟ ଓ ନ୍ୟାୟର ମୂଳ ରହିଛି ଭାରତଭୂମିରେ।  ବିନା ଚେରରେ ଇଂରେଜି ଭାଷା ଯୋଉ ବ୍ୟାପୀ ଚାଲିଛି ତାହା ଭାରତୀୟ ସଂସ୍କୃତି ପରଂପରାକୁ ନଷ୍ଟ କରିଚିଲିଛି। ଏଇକଥାକୁ ଗୁରୁତ୍ୱ ସହିତ ବିଚାର କରିବାର ସମୟ ଆସିଛି।

ଏମିତି ତ ଜାତିର ପିତା ମହାତ୍ମାଗାନ୍ଧୀ ଭାରତ ସ୍ୱାଧୀନ ହେବା ପରେ ପରେ ହିଁ କହିଥିଲେ ଏଥର କୌଣସି ବିଦେଶୀ ଭାଷାରେ ନୁହଁ, ହିନ୍ଦୁସ୍ଥାନର ଭାଷାରେ କଥାବାର୍ତ୍ତା କର। ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଏ ଯାଏ ଆମେ ଆମ ଭାଷାରେ ଆଇନ ପାଠ ପଢ଼ିବାର ସୁଯୋଗ ପାଇନୁ। ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଜୀ ଭାରତୀୟ ଭାଷାରେ ସମ୍ବିଧାନକୁ ସାଧାରଣ ନାଗରିକଙ୍କ ପାଖରେ ପହଂଚାଇବାର ଉଦ୍ୟମ ଜାରି ରଖିଛନ୍ତି।  ଲକ୍ଷ୍ୟ ହେଉଛି ଲୋକଙ୍କ ସରକାର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଏଇକଥା ସମସ୍ତେ ଅନୁଭବ କରିବା ହୁଅନ୍ତୁ। ସମସ୍ତେ ଜାଣନ୍ତୁ ଭାରତୀୟ ସମ୍ବିଧାନରେ କଣ ଅଛି, କଣ ରହିବା ଆବଶ୍ୟକ। ବିଚାର ବିଭାଗ ତ ଏକ ମୁଖ୍ୟ ଅଙ୍ଗ। ଏହି କଥାକୁ ବୁଝି ଲୋକଙ୍କ ଭାଷାରେ ନ୍ୟାୟ ପ୍ରଦାନ ଆରମ୍ଭ କରିଦେବା ଉଚିତ। ଏଇଥିପାଇଁ ସମ୍ବିଧାନର ଧାରା 348କୁ ଅତିଶୀଘ୍ର ହଟେଇ ଦେବା ଉଚିତ। ଏହି ଧାରା ପାଇଁ ଆମ ମୁଣ୍ଡ ଉଚ୍ଚ ହୋଇ ରହି ପାରୁ ନାହିଁ। ପାଖପଡୋଶୀ ସଭିଏଁ କହି ବସିଲେଣି କେତେ କଣ! କଣ ପାଇଁ ବିଦେଶୀ ଭାଷା? ଆମର କଣ ପାଇଁ ବିଦେଶୀ ଭାଷା। କଣ ପାଇଁ ? ଆମର କଣ ଭାଷା ନାହିଁ। ଅନେକ ଅନେକ ବିଭାଗ ଭିତରୁ ବିଚାର ବିଭାଗ ଗୋଟିଏ। ଏ ବିଭାଗରେ କଣ ଆମ ଭାଷାରେ ଆମ  ଲୋକ ପାଇଁ କାର୍ଯ୍ୟ କରି ହେବ ନି? କଣ ପାଇଁ ବିଚାରବିଭାଗ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଜିତି ପାରୁ ନାହିଁ? ଭାଷା ହିଁ ଏକମାତ୍ର ପ୍ରତିବନ୍ଧକ। ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟରେ ଭାରତୀୟ ଭାଷା ପ୍ରୟୋଗ ନ ହେବା କାରଣରୁ ଅଧସ୍ତନ ଅଦାଲତ ମାନଙ୍କରେ ଲୋକଙ୍କ ଭାଷା ବ୍ୟବହାର ହୋଇ ପାରୁ ନାହିଁ। ଭାରତୀୟ ଭାଷାରେ ଆଇନ ପାଠ ବି ସେତେ ପଢ଼ା ଯାଉ ନାହିଁ। ମୂଳ କାରଣ ହେଉଛି ଧାରା 348। ଯେତେ ଲୋକ

ISSN NO.
2582-208X

ଅଦାଲତ ହେଲେ ବି ଲୋକେ ଦୂରରେ କଣ ପାଇଁ? ଧାରା 370 ପରି ଏହି 348 ଧାରା ମଧ୍ୟ ଅସ୍ଥାୟୀ ଅଟେ।

ଯେଉଁ ଧାରା ଭାରତୀୟ ଲୋକଙ୍କ ସପକ୍ଷରେ ନାହିଁ ସେହି ଧାରା ସମ୍ବିଧାନରେ ରହିବା ଆଉ ଆବଶ୍ୟକ ନାହିଁ। ଭାରତର ଜନଗଣହିଁ ଭାରତର ସମ୍ବିଧାନକୁ ଅଙ୍ଗୀକାର କରିଛନ୍ତି, ପ୍ରଣୟନ ଏବଂ ଗ୍ରହଣ କରିଛନ୍ତି ଏବଂ ଭାରତକୁ ସାର୍ବଭୌମ ଜନରାଜ୍ୟ ଭାବରେ ଗଢିବାକୁ ସଂକଳ୍ପବଦ୍ଧ, ଆମେ ଭାରତର ଲୋକମାନେ। ଆମ ଦେଶ ଭାରତ ବର୍ଷ, ଆମର ଏକ ସୁମହାନ ପରଂପରା, ଗୌରବୋଜ୍ଜ୍ୱଳ ଐତିହ୍ୟ ରହିଛି। ସୁତରାଂ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ସମ୍ବିଧାନ ଧାରା 348କୁ ତୁରନ୍ତ ହଟାଇଦେଇ ବିଚାରବିଭାଗ କୁ ଭାରତୀୟ କରଣ କରି, ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟକୁ ଭାରତର ଭାଷାରେ ଚାଲିବା/ଚଲାଇବା ପାଇଁ ମାର୍ଗ ପ୍ରଶସ୍ତ କରାଯାଉ। ଏଥିପାଇଁ ଏକ ନୂତନ ମାନସିକତା ସୃଷ୍ଟିର ଆବଶ୍ୟକତା ରହିଛି, ଆଉ ଏଇ ମାନସିକତାର ସୃଷ୍ଟି ପାଇଁ ଏବର ସରକାରର ଆବିର୍ଭାବ ହୋଇଛି ଭାରତ ମହାକାଶରେ। ଏହା ସମଗ୍ର ବିଶ୍ୱକୁ ନୂତନ ଆଲୁଅ ଦେବ ନିଜ ମାଟି ପାଣିର ବାସ୍ନାରେ, ଏହା ନିଶ୍ଚିତ। ଭାରତୀୟ ଜନମନଗଣର ଜୟଜୟକାର ଏଇଥିରେ ହିଁ ରହିଛି। ଜୟହିନ୍ଦ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ମୁଁ ଏକ ଆତ୍ମା

(ଛନ୍ଦ-ସିନ୍ଧୁକୋମୋଦୀ)



ବିନୋଦିନୀ ଦାଶ

ମୁଁ ଏକ ଆତ୍ମା ନେଇ ସୂକ୍ଷ୍ମ ସତ୍ତା
ଦେହୀ ସ୍ଥୂଳ ଦେହେ ବାସ
ସମୟ ସ୍ରୋତରେ ଦେହ ହୁଏ ନାଶ
ମୋର ନଥାଏ ବିନାଶ
ମୁଁ ଅଜର ଅମର
କୌଣସି ଶସ୍ତ୍ର ବି ପାରେନାହିଁ ଭେଦି
ଯେଣୁ ନାହିଁ ମୋ ଆକାର
ଜନ୍ମ ମୃତ୍ୟୁ ବ୍ୟୁହରୁ ବି ପାର ।

ରକତ ମାଂସର ପୁରୁଣା ବସନ
ତ୍ୟାଗୀ ପିନ୍ଧି ନବ ବାସ
ନୂତନ ଶରୀରେ ନୂତନ ରୂପରେ
କେବଳ ମର୍ତ୍ତ୍ୟେ ପ୍ରକାଶ
ନିର୍ଗୁଣ ନିର୍ବିକାର
ଦେହୀ ଚିନ୍ତା ଚେତନାକୁ ଉଜ୍ଜୀବିତ
ଦରଶନ ସୁପଥର
(ଯେଣୁ) ସୂକ୍ଷ୍ମ ଅଂଶ ପରମାତ୍ମାଙ୍କର ।

ISSN NO.
2582-208X

କାମନା ବାସନା ଆଶା ଅଭିଳାଷ
କ୍ଷୁଧା ତୃଷା ଲୋଭ ମୋହ
ଧନ ଅଇଶ୍ୱର୍ଯ୍ୟ ଦୁଃଖକଷ୍ଟ ଭୋଗ
କେଉଁଥିରେ ଭାଗୀ ନୁହଁ
ସବୁଥିରେ ନିର୍ଲିପ୍ତ
ସୂରୁଯେ ଯେପରି ସପ୍ତରଙ୍ଗ ଥାଏ
ମୁଁ ଥାଏ ଦେହୀ ସହିତ
ତା'କୁ କରିବାକୁ ରଙ୍ଗାୟିତ ।

ମୋର ଦିଗ୍ଦର୍ଶନେ ଚାଲେ ଯେଉଁ ଜନ
ଲଭେ ସେ ଉତ୍ତମ ଗତି
ମନ ବଳେ ଯିଏ ହୁଏ ବଳୀୟାନ
ନଥାଏ ତା' ଯଶ ଖ୍ୟାତି
କର୍ମଫଳ ନିଜର
ଭୁଞ୍ଜି ଭୁଞ୍ଜାଇଣ ଆପଣା ଜନଙ୍କୁ
ସୁଖେଦୁଃଖେ ନିରନ୍ତର
ଭବ ନାବେ ହେଉଥାଏ ପାର ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଭଲଲାଗେ



ସୁମିତ୍ରା ପଣ୍ଡା

ଭାରି ଭଲ ଲାଗେ  ଶରତ ସକାଳ
ନବୀନ ଅରୁଣ କିରଣ ପଡି,
ମୁକୁତାର ସମ କାକର ଟୋପାଟି
ଲାଜରେ ନିଜକୁ ନିଏ ସାଙ୍କୋଡି,
ଭାରି ଭଲ ଲାଗେ ଉଦିତ ସକାଳ
ପ୍ରଭାତୀ କାକଳୀ ଗାନ,
ବସୁଧା ଛାତିରେ ଜାତିଜାତି ଫୁଲ
ଭ୍ରମର ର ଗୁଞ୍ଜରଣ,
ଭଲଲାଗେ ସତେ ଦେଖିବାକୁ କେତେ
ଆକାଶ ପୃଥିବୀ ଯେଉଁଠି ମିଶେ,
ଉଡି ଯାଉଥାନ୍ତି ବଳାକା ର ଯୁଥ
ବିମୋହନ ରୂପ ଆଖିକୁ ଦିଶେ,
ଭୂଲି ହୁଏ ନାହିଁ ନିଦାଘୀ ସୂର୍ଯ୍ୟକୁ
କଳାବାଦଲ ଟା ଡେଣା ମେଲାଇ,
ଢାଙ୍କି ଦିଏ ତାର କଳା ଚଦରରେ
ସୂରୁଜ ର ଟାଣ ନିଏ ଚୋରାଇ,
ଗଭୀର ନିଶୀଥେ ବସୁନ୍ଧରା ଯେବେ
ସୁସୁପ୍ତିରେ ନିଦ ଯାଏ,
ଆଚମ୍ବିତ ଲାଗେ ଏତେ ନୀରବତା
କେଉଁ  କୋଣେ ଛପିଥାଏ,

ISSN NO.
2582-208X

ଭଲଲାଗେ କେତେ ଗ୍ଭରୁ ଚନ୍ଦ୍ରମାର
ତାରାଫୁଲ ହାର ଶୋଭା,
କୋମଳ ମଧୁର ଜୋଛନା କରଣ
ସୁଧା ଝରା ଦିପ୍ତ ଆଭା,
ଭଲଲାଗେ ମୋତେ ନୀଳ ସରସୀର
ନୀଳ କଇଁ ଚିର ଭାବ,
ନିଜକୁ ସଜାଡି ଉଜାଡି ଦିଏ ସେ
ଚନ୍ଦ୍ରାନନେ ତାର ଲୋଭ,
ଦଗ୍ଧ ରୌଦ୍ରତାପେ ଅସ୍ଥିର ଧରିତ୍ରୀ
ବନପ୍ରାଣୀ ଆତଙ୍କିତ,
ପଦ୍ମବଧୂଟି ଓଢଣା ଉହାଡୁ
ରବି ପ୍ରେମେ ଉଲ୍ଲସିତ,
ଭାରି ଭଲ ଲାଗେ ଗୋଧୂଳି ଲଗନ
ଘର ବାହୁଡ଼ା ର ସ୍ୱର,
ଅବିର ଛିଞ୍ଚି ଦେଇ, ସୂରୁଜ ଯାଏ କାହିଁ
ବିମୁଗ୍ଧ ରୂପ ଦିନାନ୍ତର,
ଓଢଣା ଟାଣି ଦେଇ ହାତେ ପ୍ରଦୀପ ନେଇ
ଶ୍ରୀମୟୀ ଗୃହବଧୂ ଠିଆ,
ନୀରବେ ନଉଛାଳି, ପାତି ଦେଇ ଅଞ୍ଚଳ
ମନାସେ ସର୍ବ ଶୁଭେ ଥା,
ଭାରି ଭଲ ଲାଗେ ଆକାଶ ନୀଳିମା
ଶ୍ୟାମଳ ଧରିତ୍ରୀ ଶୋଭା,
ଶୀତର କୁହୁଡି ଘେରି ଫେରିଆସେ
ଶ୍ରାବଣ ବିଦ୍ୟୁତ ଆଭା
ଭଲଲାଗେ ପୁଣି ଘନ ବରଷାରେ
ରୁମ୍ ଝୁମ୍ ଛନ୍ଦେ ନାଚ,
ଭିଜି ଯାଆନ୍ତୁ ମୁଁ, ହଜି ଯାଆନ୍ତୁ ମୁଁ,

ISSN NO.
2582-208X

ହସଫୁଲ ବିଞ୍ଚି ବିଞ୍ଚି,
ଝରି ଭଲ ଲାଗେ କଅଁଳ ଶିଶୁର
ପାକୁଆ ପାଟିର ହସ,
ନିଷ୍ଠୁର ସଂସାର ବେଳାଭୂଇଁ ପରେ
ଦୁଃଖର ବିରୋଧାଭାସ,
ମନେପଡେ ପୁଣି ଅଳସୀ ବଧୂଟି
ଭରା କଳସୀଟି କାଖେ,
ଥିରି ଥିରି ଚାଲି ଚୁପି ଚୁପି କଥା
ନଣନ୍ଦ ଥାଏ ତା ପାଖେ,
କେତେ ଭଲଲାଗେ ଗାଆଁ ଦାଣ୍ଡ ର ସେ
ଧୂଳି, ଫୁଲ ରେଣୁ ପରି,
ମାଖି ହୋଇଯାଏ ସାରା ଦେହେ ମୋର
କିଏ ଅଛି ତା' ସରି,
ଆକାଶ ପୃଥିବୀ ଆବୋରିଛି ମୋତେ
ମୋ ଜୀବନ ବର୍ମ ସାଜି,
ତା ବିମୋହନ ବେଶେ ହଜାଇଛି ମୋତେ
ତା କୋଳେ ଯାଏ ମୁଁ ହଜି।

ଶ୍ରୀ ବିହାର, ଭୁବନେଶ୍ୱର

ISSN NO.
2582-208X

# ମହାମନ୍ତ୍ର

ତରୁଣ କୁମାର ଦାସ

ଦେଖା ହେଲେ ପଚାରିବ
କେମିତି ମୁଁ ମୋତେ ସଂଭାଳିଛି
ନିଜକୁ ନିଜେ ଚିହ୍ନିଛି
ବୟସର ମାପକାଠି ରେ
ନିଜକୁ ମାପିଛି!
ଟାହିଟାପରକୁ ଖାତିର ନାହିଁ
ଦେଲା ନେଲାର ହିସାବ ନାହିଁ
ଯିମିତି ମୁଁ ଆପେ ଆପେ ବଂଚିବାର ମହାମନ୍ତ୍ରରେ ନିଜକୁ ରଙ୍ଗେଇଛି!
ତୁମର ବି ଗୋଟେ ଜୀବନ ଅଛି
ସଂସାର ଅଛି
ତୁମେ ସୁଖରେ ଥିବ
ଝୁଣ୍ଟି ପଡ଼ିଲେ ଆହା ପଦଟିଏ ଶୁଣୁଥିବ
ନଣନ୍ଦ ଦିଅର ଙ୍କ ଭାଉଜ ଡାକରେ
ବଳି ପଡୁଥିବ ଚାରିପାଖ
ଝିଅ ଝିଅ କହି ପାଟି କରୁଥିବେ
ଶାଶୁ ଶଶୁର
ଟିକେ ଏକାନ୍ତରେ ପାଖରେ ପାଇବାକୁ ସ୍ୱାମୀଙ୍କର ନିରବ ସଂକେତ
ମୁନ୍ନାର ମା ମା ଡାକରେ ତୁମେ ନିଜକୁ ଧନ୍ୟ ମଣୁଥିବ
ପଣତ କାନିରେ ବାନ୍ଧିରଖିଥିବ
ସମ୍ପର୍କର ଅଡୁଆ ସୁତା

ISSN NO.
2582-208X


କବିତାର ଛ ଟାରେ ଅଙ୍କା ତୁମର ବାକି ଜୀବନ
ଏମିତି ସୁଖୀ ଘରଣୀଟିର ଚିନ୍ତା ବା କଣ କୁହ !
ମୋ କୁରୁଳିବା, ମୋର ଉଦାସ ତା
ମୋର ବୃଥା ପ୍ରଳାପର ସ୍ୱର ପାରୁନି ଆଉ ତୋ ଅଗଣା ଡେଇଁ
ଜାଣିଛି ତୁ ଏବେ ଅସମାପ୍ତ ଭଗ୍ନାଂଶ
ମୁଁ ସସେମିରା କହି ଖୋଜିବୁଲୁଛି ଗଣିତର ସୂତ୍ର

ମୁକ୍ତାନଳୟ ପାଲୁସିଆ
ବାଲେଶ୍ୱର 36

ISSN NO.
2582-208X

# ଜଗନ୍ନାଥ ଓ ପଶୁପତିନାଥ ଓଡିଶା ଓ ନେପାଳର ସମନ୍ୱୟ



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ସର୍ବତୋପାଣିପାଦବଜମ୍ ସର୍ବତୋକ୍ଷ ଶିରମୁଖମ୍ ।

ତାଙ୍କର ପାଦ ନାହିଁ ଅଥଚ ସେ ସବୁଠାରେ ପରିବ୍ୟାପ୍ତ । ତାଙ୍କର ହାତ ନାହିଁ ଅଥଚ ସେ ସମସ୍ତଙ୍କୁ ବିଶାଳ ବଳିଆର ଭୁଜରେ କୋଳେଇ ନିଅନ୍ତି । ତାଙ୍କର କାନ ନାହିଁ ସେ କିନ୍ତୁ ଶୁଣନ୍ତି କୋଟି ହୃଦୟର ବେଦନା । ଚକା ଚକା ଆଖିରେ ଦେଖନ୍ତି ତ୍ରିଭୁବନକୁ । ସେ ଦାରୁ ଦେବତା ସମସ୍ତ ହୃଦୟକୁ ଚିହ୍ନନ୍ତି କିନ୍ତୁ ତାଙ୍କୁ କେହି ଜାଣନ୍ତି ନାହିଁ । ସେ ହିଁ ପୁରୁଷୋତ୍ତମ କ୍ଷେତ୍ରର ରାଜା ପୁରୁଷୋତ୍ତମ । ସେ ଜୀବନ୍ତ ଦେବତା । ଭକ୍ତର ଡାକରେ ସେ ବିଗଳିତ ହୁଅନ୍ତି । ଭକ୍ତକୁ ଦର୍ଶନ ଦେବାକୁ ନିଜେ ଓହ୍ଲାଇ ଆସନ୍ତି ବଡଦାଣ୍ଡ କୁ । ଏପରି ଠାକୁର ଦେଶରୁ ଆମେ ପ୍ରାୟ ସତୁରୀ ଜଣ ଯାଇଥିଲୁ ଭାରତର ପଡୋଶୀ ଦେଶ ନେପାଳ ଦେଶକୁ। ଆମ ସହିତ ଲିଡ କରି ଯାଇଥିଲେ ଜଗନ୍ନାଥ ସଂସ୍କୃତି ପରିଷଦର ସେକ୍ରେଟାରୀ ଶ୍ରୀ ନାରାୟଣ ମହାପାତ୍ର ଏବଂ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତିର କର୍ମକର୍ତ୍ତାଗଣ - ଶ୍ରୀ ପ୍ରଭାକର ମଲ୍ଲିକ, ଶ୍ରୀ ବୈକୁଣ୍ଠ ନାଥ ମହାପାତ୍ର, ଶ୍ରୀ ସୁରେଶ ଚନ୍ଦ୍ର ମିଶ୍ର ଏବଂ ଶ୍ରୀ ଗୌରାଙ୍ଗ ନାୟକ ।

ନେପାଳ ପ୍ରାଚୀନ କାଳରୁ ହିଁ ମୁନି, ଋଷି, ସନ୍ଥ ମହାତ୍ମା ମାନଙ୍କର ତଥା ଭାରତୀୟ ରାଜା ମହାରାଜା ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା ଏବେ ରହିଛି ମଧ୍ୟ । ତାର ନୈସର୍ଗିକ ପ୍ରାକୃତିକ ଶୋଭାରାଜି, ଦୁଇ ପାର୍ଶ୍ୱରେ ଲମ୍ବିଥିବା ହିମାଳୟ ପର୍ବତମାଳା, ହିନ୍ଦୁ ଦେବଦେବୀଙ୍କ ପୀଠ, ହ୍ରଦ, ଝରଣା, ଗୁମ୍ଫା ଆଦି ମାନସିକ ଶାନ୍ତି ଏବଂ ଆନନ୍ଦ ପ୍ରଦାନ କରିଥାଏ । ଏକମାତ୍ର ହିନ୍ଦୁ ରାଷ୍ଟ୍ର ଭାବରେ ସମାନ

ISSN NO.
2582-208X

ଧର୍ମ, ସାମାଜିକ ମୂଲ୍ୟବୋଧ ଏବଂ ମାନ୍ୟତା ତଥା ପ୍ରାକୃତିକ ପରିବେଶ ଭାରତୀୟ ମାନଙ୍କୁ ଆପଣାପଣର ଅବବୋଧ କରାଇଥାଏ । ଓଡିଶାର ଜଗନ୍ନାଥ ସଂସ୍କୃତି ସହିତ ନେପାଳ ଭୂଖଣ୍ଡର ପୀଠଦେବ ଶ୍ରୀ ଶ୍ରୀ ପଶୁପତିନାଥଙ୍କର ସମ୍ପର୍କ ବହୁ ପୁରାତନ । ନେପାଳର ରାଜକନ୍ୟା ଓଡିଶା ରାଜାଙ୍କର ରାଣୀ । ପୁଣି ମୃଗନାଭି କସ୍ତୁରୀ ନେପାଳରୁ ଜଗନ୍ନାଥଙ୍କ ନିମନ୍ତେ ଆସିଥାଏ ।

ପଶୁପତିନାଥ ଙ୍କର ଉତ୍ପତ୍ତି କଥା ଏହିପରି । ସତ୍ୟଯୁଗରେ କୌଣସି ସମୟରେ ଭଗବାନ ଶଙ୍କର ତଥା ମାତା ପାର୍ବତୀ ମର୍ତ୍ତ୍ୟମଣ୍ଡଳରେ ବୁଲିବା ସମୟରେ 'ବାଗମତୀ' ନଦୀ ତଟବର୍ତ୍ତୀ ମନମୋହକ ବନରେ ପହଞ୍ଚି ଥିଲେ । ଏହି କ୍ଷେତ୍ରର ଅପାର ସୌନ୍ଦର୍ଯ୍ୟ, ଫଳ ଫୁଲ ଭରା ବନରାଜି, ପାହାଡରୁ ଝରି ଆସୁଥିବା କଳ କଳ ନାଦିନୀ ନିର୍ମଳ ବାଗମତୀ ନଦୀକୁ ଦେଖି ମୁଗ୍ଧ ଓ ପ୍ରସନ୍ନ ହୋଇ ଶିବଶକ୍ତି ମୃଗ ରୂପ ଧାରଣ କରି ବନବିହାର କରିବାକୁ ଲାଗିଲେ । ବ୍ରହ୍ମା, ବିଷ୍ଣୁ ଓ ଇନ୍ଦ୍ରାଦି ଦେବତାମାନେ କୈଳାସ ରେ ଭୋଳାନାଥଙ୍କୁ ନ ପାଇ ଖୋଜି ଖୋଜି ଏଠାରେ ଆସି ପହଞ୍ଚିଲେ । ଏହି ରମଣୀୟ କ୍ଷେତ୍ରରେ ମୃଗ ରୂପରେ ବିଚରଣ କରୁଥିବା ଶିବ ପାର୍ବତୀଙ୍କୁ ଚିହ୍ନି ପାରି କୈଳାସ ପର୍ବତକୁ ଫେରି ଯିବାକୁ ଅନୁରୋଧ କଲେ । ଭୋଳାଶଙ୍କର ଏହି ରମଣୀୟ ସ୍ଥାନରେ ରହି ଲୋକକଲ୍ୟାଣ କରିବାକୁ ମନସ୍ଥ କଲେ । ଏଠାରେ ପଶୁ ରୂପରେ ବିଚରଣ କରୁଥିବାରୁ ତାଙ୍କର ନାମ ପଶୁପତିନାଥ ହେଲା । ଲୋକକଥା ଅନୁସାରେ ଯେଉଁ ଭକ୍ତ ମାନେ ତାଙ୍କର ପଶୁପତିନାଥ ରୂପକୁ ଦର୍ଶନ କରିବେ ସେମାନଙ୍କର ଆଉ ପଶୁ ଯୋନିରେ ଜନ୍ମ ହେବ ନାହିଁ । ଏଠାରେ ଜ୍ୟୋତିର୍ଲିଙ୍ଗ ଭାବରେ ଭଗବାନ ଶିବ ନିବାସ କରିବାକୁ ଲାଗିଲେ ।

କାଳକ୍ରମେ ଏଠାରେ ହେଉଥିବା ଭୂମିକମ୍ପ, ବଢି, ପାହାଡ ଧସିବା କାରଣରୁ ବାରମ୍ବାର କାଠମାଣ୍ଡୁର ଭୌଗଳିକ ପରିବର୍ତ୍ତନ ଘଟିଲା ଏବଂ ପଶୁପତିନାଥଙ୍କ ଜ୍ୟୋତିର୍ଲିଙ୍ଗ ଢାଙ୍କି ହୋଇଗଲା । ଅନେକ ଦିନ ପରେ ଏଠାରେ ବିଷ୍ଣୁମତୀ ଏବଂ ବାଗମତୀ ନଦୀର ସଙ୍ଗମ ସ୍ଥଳରେ 'ନେ' ନାମକ ଜଣେ ମୁନି ଆସି ତପସ୍ୟା କରିବାକୁ ଲାଗିଲେ । ତାଙ୍କ ନାମ ଅନୁସାରେ ନେପାଳ ରାଜ୍ୟର ନାମ ହେଲା । ନେପ ନାମରେ ଜଣେ ଗୋପାଳର ଗୋଟିଏ 'ବହୁଡି' ନାମରେ କାମଧେନୁ ଗାଇ ଦୁଗ୍ଧ ନ ଦେବାରୁ ତାର କାରଣ ଜାଣିବାକୁ ଗୋପାଳ ମାନେ ତାର ପଛେ ପଛେ ଯାଇ ଦେଖିଲେ ସେ ଗୋଟିଏ ମୁଣ୍ଡିଆ ଉପରେ ତା ପହ୍ନାରୁ ସବୁ

ISSN NO.
2582-208X

କ୍ଷୀର ଢାଳି ଦେଉଛି । ଜଣେ ଗୋପାଳ ସେଠାକୁ ଯାଇ ଚାହିଁଲାରୁ ସେ ଭସ୍ମ ହୋଇଗଲା । ସେଠାରେ ଭୂତ, ପ୍ରେତ ଥିବାର ଅନୁମାନ କରି ତାକୁ ପୂଜାର୍ଚ୍ଚନା କରି ଖୋଳିବାରୁ ସେଠାରେ ଏକ ଜ୍ୟୋତିର୍ଲିଙ୍ଗ ଆବିର୍ଭାବ ହେଲେ । ତାଙ୍କର ତେଜରେ ଯିଏ ଗଲା ପାଖକୁ ଧ୍ୱଂସ ହୋଇଗଲା ।

ହିମବତଖଣ୍ଡ ପୁରାଣ ଅନୁସାରେ ଭଗବାନ ଶ୍ରୀ ବିଷ୍ଣୁ ଶ୍ରୀ ପଶୁପତିନାଥଙ୍କ ତେଜୋମୟ ଲିଙ୍ଗ ଉପରେ ନୀଳମଣି ର ପଞ୍ଚମୁଖୀ ଲିଙ୍ଗ ତିଆରି କରି ତାକୁ ଢାଙ୍କି ଦେଲେ ଏବଂ ସହଜରେ ଦର୍ଶନ ଯୋଗ୍ୟ କରିଦେଲେ । ଏବେକାର ପଶୁପତିନାଥ ସେହି ନୀଳମଣି ଲିଙ୍ଗ ଅଟେ ।

ଦ୍ୱାପର ଯୁଗରେ ବାଣାସୁର ନାମକ ରାକ୍ଷସ କାଠମାଣ୍ଡୁରେ ଉତ୍ପାତ କରୁଥିଲା । ଭଗବାନ ଶ୍ରୀକୃଷ୍ଣ ଆସି ବାଣାସୁରକୁ ଦମନ କରି ନିଜର ସୁଦର୍ଶନ ଚକ୍ରରେ ଚାମୋର ନାମକ ଦକ୍ଷିଣ ପାହାଡ କାଟି ବାଣାସୁର ଜଳାର୍ଣ୍ଣବ କରିଥିବା ପୋଖରୀର ଜଳକୁ ନିଷ୍କାସନ କରି ପାହାଡକୁ ରକ୍ଷା କରିଥିଲେ । ଶ୍ରୀ କୃଷ୍ଣଙ୍କ ସହିତ ଅନେକ ଗୋପାଳ ବି ଆସିଥିଲେ । ସେମାନେ ଏଠାରେ ରହି କାଠମାଣ୍ଡୁ ଉପତ୍ୟକାକୁ ରକ୍ଷା କରିବାକୁ ଲାଗିଲେ । ରାଜା ଭୁକ୍ତମାନ ନେପାଳରେ ଗୋପାଳବଂଶୀ ଶାସନର ସ୍ଥାପନା କରିଥିଲେ ।

ଭଗବାନ ପଶୁପତିନାଥଙ୍କ ମନ୍ଦିର ଏକ ବିଶାଳ ପ୍ରାଙ୍ଗଣ ମଧ୍ୟରେ ଦଣ୍ଡାୟମାନ । ପାଗୋଡା ଶୈଳୀରେ ତିଆରି ଏହି ମନ୍ଦିର ଦୁଇ ମହଲା ବିଶିଷ୍ଟ । ଛାତ ଭିତରେ ସୁନା ଛାଉଣୀ ଏବଂ ଅନ୍ୟ ସବୁଠି ପିତ୍ତଳ ଚାଦର ଛାଉଣୀ ହୋଇଛି । ମନ୍ଦିର ଉପରେ ସୁବର୍ଣ୍ଣ କଳସ ଏବଂ ତ୍ରିଶୂଳ ଓ ଡମ୍ବରୁ ରହିଛି । କେବଳ ଦକ୍ଷିଣ ଦ୍ୱାରରେ ସୁନା ଏବଂ ଅନ୍ୟ ଦ୍ୱାର ମାନଙ୍କରେ ରୂପା ଛାଉଣୀ ହୋଇଛି । ଛାତ ଚାରିକୋଣିଆ ଛତା ପରି ତିଆରି ହୋଇଛି । ଶୀତ ଦିନେ କେତେକ ସ୍ଥାନରେ ବରଫ ପଡୁଥିବାରୁ ଏପରି ଶୈଳୀ ଗ୍ରହଣ କରାଯିବାର ଅନୁମାନ କରାଯାଏ ।

ପାର୍ଶ୍ୱରେ ବାସୁକୀ ମନ୍ଦିର, ଲାଲ ଗଣେଶ, ଶ୍ରୀ ସୂର୍ଯ୍ୟ ନାରାୟଣ ମନ୍ଦିର, ବୁଢା ନୀଳକଣ୍ଠ, ବାଗମତୀ ନଦୀ, ବ୍ରହ୍ମନାଳ, ମୃଗେଶ୍ୱର, ବିରୁପାକ୍ଷ, ସନ୍ତାନେଶ୍ୱର, ଶ୍ରୀ କୃଷ୍ଣ ମନ୍ଦିର, କୀର୍ତ୍ତି

ISSN NO.
2582-208X

ମୁଖ ଭୈରବ, ଶୀତଳା ମାତା, ଚୌଷଠୀ, ଉତ୍ତମ ଭୈରବ, ଯଜ୍ଞଶାଳା, ଦକ୍ଷିଣ କାଳୀ, ଭୈରବୀ ଆଦି ଦର୍ଶନୀୟ ସ୍ଥାନ ରହିଛି । ବିଷ୍ଣୁ ଅନନ୍ତ ଶୟନ ମୂର୍ତ୍ତି କେତେକ ସ୍ଥାନରେ ଅତି ବଡ ଆକାରରେ ଦେଖିଲୁ । ବୁଦ୍ଧ ବିହାର ଗୁଡିକ ପାହାଡ ଉପରେ ଶୋଭା ବର୍ଦ୍ଧନ କରୁଛନ୍ତି । ଲାମା ମାନେ ଆମକୁ ଚକୋଲେଟ ଦେଲେ ଭୋଗ ଭାବରେ । ଗୋଟିଏ ସ୍ଥାନରେ ଅଣ୍ଡା ଭୋଗ ହୋଇ ଥିବାର ଦେଖିଲୁ । ମଦ ମଧ୍ୟ ଭୋଗ ଲାଗେ । ଥଣ୍ଡା ହୁଏ ବୋଲି ଏପରି ହୋଇଥାଇପାରେ ବୋଲି ଅନୁମାନ ।

ମହିଳା ମାନେ କେବଳ ଦୋକାନ ବଜାରରେ ବିକ୍ରି କରୁଥିଲେ । ସାଧାରଣ ପନିପରିବା ଓ ମୋମୋ ଆଦି ଖାଦ୍ୟପେୟ ସେମାନଙ୍କର ପ୍ରିୟ । ସେମାନଙ୍କର ମୁଖ୍ୟ ଆୟ କେବଳ ପର୍ଯ୍ୟଟନ ରୁ ହୋଇଥାଏ । ରୁଦ୍ରାକ୍ଷ ବୃକ୍ଷ ପ୍ରାୟ ଅନେକ ସ୍ଥାନରେ ରହିଛି । ଏଠାରେ ସଜ୍ଜିତ ହେଉଥିବା ଧଳାଛୋଟ ଛୋଟ ଗୋଲ ପଥର ସେଠାରେ ପାହାଡ ରୁ ଗଡି ଗଡି ଆସି ନଦୀରେ ମିଶିଛି ।

### ଜଗନ୍ନାଥ ପ୍ରେମୀଙ୍କର ନେପାଳ ଯାତ୍ରା :-

~~~~~~~~~~~~~~~~~~~~~~~

ଦୁର୍ଗମ ନେପାଳ ଯାତ୍ରା ନିମନ୍ତେ ଆମେ ପ୍ରାୟ ସତୁରି ଜଣ ଉପରୋକ୍ତ ଭାଇ ମାନଙ୍କର ତତ୍ତ୍ୱାବଧାନରେ ବାହାରିଲୁ । ଭୁବନେଶ୍ୱର ରୁ ହାଓଡା ଏବଂ ସେଠାରୁ ନେପାଳ ବର୍ଡର ରକସାଲ୍ ଟ୍ରେନରେ । ସେଠାରେ ଏକ ହୋଟେଲରେ ଗାଧୁଆ ପାଧୁଆ ସାରି ଆୟୋଜିତ ହୋଇଥିବା ଦୁଇଟି ବସରେ କାଠମାଣ୍ଡୁ ଅଭିମୁଖେ ବାହାରିଲୁ । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ବନଭୂମି । ଅପରୂପ ସୁନ୍ଦରୀ ପ୍ରକୃତିରାଣୀ ରାସ୍ତାର ଦୁଇପାର୍ଶ୍ୱରେ ଆକର୍ଷିତ କରୁଥିଲା ପର୍ବତମାଳାରେ । ଅତି ଦୁର୍ଗମ ଯାତ୍ରାପଥରେ ତିନି ଥର ଗାଡି ଅଟକା ଯାଇ ଚା ପାନର ବ୍ୟବସ୍ଥା ହୋଇଥିଲା । ବାରଘଣ୍ଟାର ବସ ଯାତ୍ରା ପରେ ଆମେ ରାତିରେ କାଠମାଣ୍ଡୁରେ ପହଞ୍ଚିଲୁ । ଦୁଇଟି ହୋଟେଲରେ ରହିବାର ବ୍ୟବସ୍ଥା ପ୍ରଥମଦିନ ହୋଇଥିଲା। ତାପରଦିନ ସମସ୍ତେ ଗୋଟିଏ ହୋଟେଲରେ ରହିଲୁ ଦୁଇଜଣିଆ କରି । ପ୍ରାୟ ୮୦ ଭାଗ ଲୋକ ୬୦ ରୁ ସତୁରି ଓ ପଚସ୍ତରି ବର୍ଷ ବୟସର । ବାବା ସତ୍ୟାନନ୍ଦ ଓ ରାଧାବଲ୍ଲଭ ମଠ ପୁରୀର ମହନ୍ତ ମହୋଦୟ ଆଗରୁ ପହଞ୍ଚି ଯାଇଥିଲେ । ରାତ୍ରି ଭୋଜନ ପରେ ଥକି ଯାଇଥିବା ସମସ୍ତେ ଗଭୀର ନିଦ୍ରାରେ ଶୋଇ ସକାଳୁ ଉଠି ଜଳଖିଆ ଓ ଚା
~~~~~~~~~~~~~~~~~~~~~~~

ISSN NO.
2582-208X

ପାନ ପରେ ପାଖରେ ଥିବା ପଶୁପତିନାଥ ମନ୍ଦିର କୁ ତାଙ୍କର ପୁରୋହିତ ଙ୍କ ସହିତ ଗଲୁ । ସମୁହ ରୁଦ୍ରାଭିଷେକ ପରେ ମନ୍ଦିର ମଧ୍ୟରେ ବାବା ପଶୁପତିନାଥ ଙ୍କର ଦିବ୍ୟ ଦର୍ଶନ ଅପାର ଆନନ୍ଦ ଆଣିଦେଲା ଏବଂ ସବୁ ଯାତ୍ରାକଷ୍ଟ ଭୁଲି ହୋଇଗଲା । ପରଦିନଠାରୁ ସକାଳୁ ପ୍ରବଚନ ତା ପରେ ଦୁଇଟି ବସରେ ଦର୍ଶନୀୟ ସ୍ଥାନ ଭ୍ରମଣ ଏବଂ ସନ୍ଧ୍ୟାରେ ପୁଣି ପ୍ରବଚନ ଓ ଭୋଜନ ପରେ ଶୟନ – ପାଞ୍ଚଦିନ ଧରି ଏହି ରୁଟିନରେ ପଞ୍ଚରାତ୍ର ଶେଷ ହେଲା । ସେଥିରେ ପଶୁପତିନାଥ ମନ୍ଦିର ର ମୁଖ୍ୟ ପୂଜକ, ଟ୍ରଷ୍ଟି, ରାଜାଙ୍କର ସାନଭାଇ, ଗବେଷକ ଆଦି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ପଶୁପତିନାଥ ଙ୍କ ବିଷୟରେ ଆଲୋଚନା କଲେ । ତା ପରଦିନ ସେହିପରି ଦୁଇଟି ଗାଡିରେ ଗଲୁ 'ପୋଖରା' ହିଲ ଷ୍ଟେସନ । ଅତି ସୁନ୍ଦର ସୁଷମାରେ ଭରପୁର ସ୍ଥାନଟିଏ । ସେଠାରେ ସାରାଦିନ ବହୁ ଦର୍ଶନୀୟ ସ୍ଥାନ, ହ୍ରଦରେ ବୋଟିଂ କରି ପାହାଡ ଉପରେ ଦେବୀ ଦର୍ଶନ କରି ଖାଇ ପିଇ ରାତିରେ ଦୁଇଟି ବସରେ ବାହାରିଲୁ ରକସଲ ଅଭିମୁଖେ । ସମଗ୍ର ରହଣି କାଳରେ ଓଡିଆ ଖାଇବା, ରହିବା, ବୁଲିବାର ସୁନ୍ଦର ବ୍ୟବସ୍ଥା କରିଥିଲେ କର୍ମକର୍ତ୍ତା ମାନେ । ସମସ୍ତଙ୍କ କଥା ବୁଝି ବୁଝାଇ ଆଣି ପହଞ୍ଚାଇଲେ । ରକସଲରେ ନଅ ଘଣ୍ଟା ମିଥିଳା ଏକ୍ସପ୍ରେସ ଲେଟ ଥିଲା । ଆମେ ଭୁବନେଶ୍ୱର ପହଞ୍ଚି ପାରିବୁନି ଭାବି ଭଗବାନଙ୍କୁ ପ୍ରାର୍ଥନା କଲୁ । ହାଓଡାରେ ଓହ୍ଲାଇଲା ବେଳକୁ ଟ୍ରେନ ଥୁଆ ହୋଇଥିଲା । ଆନନ୍ଦରେ ଫେରିଲୁ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ କରି ।

କର୍ମକର୍ତ୍ତା ମାନଙ୍କ ନିକଟରେ ଯେତେ କୃତଜ୍ଞତା ଜଣେଇଲେ ବି କମ୍ ପଡିବ । ସେମାନଙ୍କୁ କାହାକୁ ବି ମୁଁ ଚିହ୍ନି ନ ଥିଲିକେବଳ ନାରାୟଣ ବାବୁଙ୍କ ବ୍ୟତୀତ । କିନ୍ତୁ ଖୁବ୍ ସୁନ୍ଦର ପରିଚୟ ରେ ବାନ୍ଧି। ହୋଇଗଲେ ସମସ୍ତେ । ଜଗନ୍ନାଥଙ୍କ ମହିମା ବ୍ୟତୀତ କିଛି ନୁହେଁ । ମୋ ପରି ଲୋକ ଯାଇ ଫେରିବା ପୁଣି ଅକ୍ଷତ ଅବସ୍ଥାରେ ଆଶ୍ଚର୍ଯ୍ୟ ଲାଗୁଛି । କୃପାମୟ ପ୍ରଭୁଙ୍କ ନିକଟରେ ଋଣୀ ହୋଇଗଲୁ । ପ୍ରଭୁଙ୍କର କୃପାଦୃଷ୍ଟି ସମସ୍ତଙ୍କ ଉପରେ ଥାଉ । ଜୟ।ଜଗନ୍ନାଥ ।

ପ୍ଲଟ ନ.-୪୬୧୯/୨୧, ପୋଖରୀପୁ ବିଲେଜ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ISSN NO.
2582-208X

# ପରୀଟିଏ ହୋଇ



ପ୍ରକାଶ ଚନ୍ଦ୍ର ପଣ୍ଡା

ପରୀଟିଏ ହୋଇ ଆସିଲ ଜୀବନେ
ଖୁସିର ଫରୁଆ ନେଇ
ପ୍ରେମର ରଜ୍ଜୁରେ ଛନ୍ଦି ଦେଲ କେବେ
ବୁଝି ପାରିଲିନି ମୁହିଁ ।

ଅନାମିକା ଏହି ହୃଦୟରେ ମୋର
ଆଶାର ସଂଚାର ହୋଇ
ବଞ୍ଚିବାର ରାହା ଦେଖେଇଲ ମୋତେ
ମିଠା ମିଠା କଥା କହି ।

ନୂଆ କରି ଏକ ଘର ତୋଳିବାକୁ
ପ୍ରତିଶ୍ରୁତି ମଧ୍ୟ ଦେଲ
ସେହି ଘର ହେବ ପ୍ରେମର ସନ୍ତକ
ସ୍ୱପ୍ନର ତାଜମହଲ ।

କେତେ ଦିବାସ୍ୱପ୍ନ ଦେଖେଇଲ ମୋତେ
କହିଲ କେତେ କାହାଣୀ
ନିଜକୁ ଭବିଲି ସେହନସାହା ମୁହିଁ
ତୁମେ ମୋର ପାଟରାଣୀ ।

ISSN NO.
2582-208X

ଫୁରକିନା ଦିନେ ଉଡିଗଲ ତୁମେ
ମନର ପଞ୍ଜୁରୀ ଛାଡି
ସେଦିନ ଆସିଲା ଜୀବନ ନଦୀରେ
ଅମାନିଆ ନଦୀବଢି ।

ପ୍ରେମର ନଦୀଟା ଏତେ ଗହିରୀଆ
ବୁଝିବାଟା ଥିଲା କଷ୍ଟ
ବୁଝିଲା ବେଳକୁ ଅଥଳ ଗର୍ଭରେ
ବୁଡି ହୁଏ ଛଟପଟ ।

ଜୀବନରେ କେବେ ଆସନି କାହାର
ଦେଖାଅନି ତାକୁ ସ୍ୱପ୍ନ
ସ୍ୱପ୍ନ ଭାଙ୍ଗିଗଲେ ଭାଙ୍ଗିଯିବ ସିଏ
ୟାକୁ କୁହନ୍ତି କି ପ୍ରେମ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ନାଆଁ ସଙ୍କଟମୋଚନ



ରାଜକିଶୋର ସାଇଁ

ଜୟ ହନୁମାନ ପବନ ନନ୍ଦନ
ତୁମ ପାଦେ ରହୁ ମନ,
ଦୁଃଖ ଫେଡି ସୁଖ ଦେବାରୁ ତୁମରି
ନାଆଁ ସଙ୍କଟମୋଚନ ।୧।

ଦେହ ଲାଲ ରଙ୍ଗ ବଜ୍ର ପରି ଅଙ୍ଗ
ଶିବ ତେଜ ନେଇ ଜନ୍ମ,
ଟାଳ ବିପଦକୁ ରଖ ତୁମେ ତାକୁ
ଜପେ ଯିଏ ରାମ ନାମ ।୨।

ଲଲାଟରେ ଚିତା କାନ୍ଧରେ ପଇତା
ଜନମରୁ ବ୍ରହ୍ମଚାରୀ
ଦୁନିଆଁରେ ନାହିଁ କାହିଁ କେହି ଜଣେ
ପ୍ରଭୁ ଭକ୍ତ ତୁମ ପରି ।୩।

ମହିମା ତୁମରି ପାରିବ କେ କଳି
ହେ ରାମ ହୃଦୟ ହାର,
ତୁମ ଆରାଧନା କରେ ଯିଏ ତାକୁ
ମିଳେ କୃପା ରାମଙ୍କର ।୪।

ISSN NO.
2582-208X

ହେ ଶ୍ରୀରାମ ଦୂତ ତୁମେ ମୋ ବିଶ୍ୱାସ
ଆହେ ଜ୍ଞାନ ବୁଦ୍ଧି ଦାତା,
ନକରି ନିରାଶ ମୋତେ ହେ କପିଶ
ଦୂର କର ମୋ ଅଜ୍ଞତା ।୫ ।

ଭକତି ଅନ୍ତରେ ପାଠ କରେ ଯିଏ
ନିତି ତୁମ ଗୁଣଗାଥା,
ରୋଗ ଶୋକ ତାର ସବୁ କରି ଦୂର
ଆଶୀର୍ବାଦ ଦିଅ ତାକୁ ।୬ ।

ରାମ କୃପା ଲଭି ଜଗତରେ ତୁମେ
ଅମର ହେ ମହାବୀର,
ଗାଇବାକୁ ତୁମ ଭକତି ସଙ୍ଗୀତ
କଣ୍ଠେ ଭାଷା ଦିଅ ମୋର ।୭ ।

ହେ ପବନ ସୁତ ରାମଙ୍କର ଭକ୍ତ
ଏତିକି ସୁଦୟା ହେଉ,
ଜୀବ ଗଲାବେଳେ ରାମ ନାମ ସଦା
ତୁଣ୍ଡରେ ମୋ ରହିଥାଉ ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ହାରିବାନି କେବେ



ଝରଣା ବାରିକ

ଚାଲିବାକୁ ଅଛି ଅନେକ ବାଟ
ଥକ ଗଲେ ହାରି ଯିବ,
ଆସିବନି କେବେ ଖାଲି ଫୁଲ ଏଠି
କଣ୍ଟା ମାଡିବାକୁ ହେବ।

ସିଧା ଚାଲୁଥିଲେ ନାକ କୁ ସଳଖି
ସହଜ ହେବନି ରାସ୍ତା,
ମଣିଷ ଜୀବନ ଦୁର୍ଲଭ ଜୀବନ
ଭାବିବନି ତାକୁ ଶସ୍ତା।

ଦେଖ ଏ ପ୍ରକୃତି ତୁମରି ଆଗରେ
କେତେ ଝଡ଼ ଝଞ୍ଜା ସହେ,
କିଛି ଦିନ ପରେ ସବୁଜ ରଙ୍ଗରେ
ସଜେଇ ମନକୁ ମୋହେ।

ଫୁଲ ଫୁଟି ଝଡେ ଯାଏ ବି ମଉଳ
ଫୁଟିବା ତା ରୋକେ ନାହିଁ,
କେତେ ପ୍ରତିଘାତ ସହି ଏଠି ନଦୀ
ଆଗକୁ ବି ଯାଏ ବହି।

ISSN NO.
2582-208X


ଟଳମଳ ହୁଏ ନାଉରୀ ର ନାଆ
କେବେ କେବେ ଯାଏ ବୁଡି,
ତଥାପି ଡରେନ ନଡି କରେ ପାରି
ଆସୁ ବା ବରଷା ଝଡି ।

କେବେ ଡରିବାନ ଯମା ହାରିବାନ
ହେବା ନାହିଁ ଧର୍ଯ୍ୟ ହରା,
ଦୃଢ଼ ଯଦି ଥିବ ଆମ ମନୋବଳ
ହସିବା ଜୀବନ ସାରା ।

ସମଲ, ତାଳଚେର, ଅନୁଗୋଳ

ISSN NO.
2582-208X

# ଉଚ୍ଚ ଗୁଣ ସମ୍ପନ୍ନ ମହିଳା
# ହେଲେନ କେଲର୍



ଅସିତ ମହାନ୍ତ

ମୁଁ ଏକୁଟିଆ, କନ୍ତୁ ତଥାପି ମୁଁ ଅଛି । ମୁଁ ସବୁକଛି କରିପାରିବି ନାହିଁ, କନ୍ତୁ ମୁଁ କଛି କରିପାରିବି, ଏବଂ କେବଳ ଯେହେତୁ ମୁଁ ସବୁକଛି କରିପାରିବି ନାହିଁ, ମୁଁ ଯାହା କରିପାରିବି, ସେଥିରୁ ପଛକୁ ହଟିବି ନାହିଁ । – ହେଲେନ ଆଡାମସ କେଲର୍

ଗତ ୧ ଜୁନ ୨୦୨୨ ରେ ପୁରା ବିଶ୍ୱ ମ୍ୟାଡ଼ାମ ହେଲେନ କେଲରଙ୍କୁ ଶ୍ରଦ୍ଧା ସମ୍ମାନ ଜ୍ଞାପନ କରିଛି । ଏହି ଉଚ୍ଚକୋଟୀର ବ୍ୟକ୍ତିତ୍ୱ ଏବଂ ଗୁଣ ସମ୍ପନ୍ନ ମହିଳା ପୁରା ବିଶ୍ୱରେ ଜଣେ କହିଲେ ଅତ୍ୟୁକ୍ତ ହେବ ନାହିଁ । ତାଙ୍କର ଜୀବନ ସଂଘର୍ଷ ପ୍ରତ୍ୟକ ଭିନ୍ନକ୍ଷମ ମାନଙ୍କ ସହିତ ସାଧାରଣ ଲୋକ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ସବୁଦିନ ପାଇଁ ରହିବ । କାରଣ ସେ ଅନ୍ଧ ଏବଂ ବଧିର ଭଳ ଶରୀରର ଦୁଇଟି ଅତ୍ୟନ୍ତ ଦରକାରୀ ଅଙ୍ଗକୁ ହରାଇଥିଲେ ମଧ୍ୟ, ସେ ଜଣେ ଭଲ ମଣିଷ ଠାରୁ ଅଧିକ କାର୍ଯ୍ୟ କରି ପୁରା ବିଶ୍ୱରେ ନିଜର ନାମକୁ ଇତିହାସର ପୃଷ୍ଠାରେ ଯୋଡି ଦେଇଯାଇଛନ୍ତି । କେବଳ ଚରିତ୍ର ନୁହେଁ ବରଂ ଶରୀରର ମୁଖ୍ୟ ଇନ୍ଦ୍ରିୟ ନଥାଇ ମଧ ଜୀବନର ସମସ୍ତ ଆଶା ଓ ଆକାଂକ୍ଷାକୁ ପୁରା କରାଯାଇପାରେ । ଏହାହିଁ ହେଉଛି କାରଣ ହେଲେନ କେଲର ସମସ୍ତଙ୍କ ପାଇଁ ପ୍ରେରଣା ଏବଂ ଉଦାହରଣ ହୋଇ ରହିବେ । ଯଦିଓ ଅନ୍ଧ ମାନଙ୍କର ଭିଜୁଆଲ୍ ସ୍ୱପ୍ନର ବିଷୟବସ୍ତୁ ହ୍ରାସ ହୁଏ, ଅନ୍ଧମାନଙ୍କର ସ୍ୱପ୍ନରେ ଅନ୍ୟ ଇନ୍ଦ୍ରିୟଗୁଡିକ ବୃଦ୍ଧି ପାଇଥାଏ । ଜଣେ ସ୍ୱପ୍ନ ଦେଖୁଥିବା ଦୃଷ୍ଟିହୀନ ବ୍ୟକ୍ତି ଶବ୍ଦ, ସ୍ପର୍ଶ, ସ୍ୱାଦ ଏବଂ ଗନ୍ଧର ଅଧିକ ଅନୁଭବ କରନ୍ତି । ଦୃଷ୍ଟିହୀନ ଲୋକମାନଙ୍କ ଅପେକ୍ଷା ଅନ୍ଧ ଲୋକ ମଧ୍ୟ କିଛି ପ୍ରକାରର ସ୍ୱପ୍ନ ଦେଖିବାର ସମ୍ଭାବନା

ISSN NO.
2582-208X

ଅଧିକ । ଏହି ଉକ୍ତିଟି ହେଲେନ ଆଡାମସ କେଲରଙ୍କ ଜୀବନରେ ଜ୍ୱଳନ୍ତ ଭାବରେ ପ୍ରମାଣିତ ହୋଇଛି ।

ହେଲେନ କେଲର ଜଣେ ଆମେରିକୀୟ ଲେଖକ ତଥା ଶିକ୍ଷାବିତ୍ ଯିଏ ଅନ୍ଧ ଏବଂ ବଧିର ଥିଲେ। ତାଙ୍କର ଶିକ୍ଷା ଏବଂ ତାଲିମ ଏହି ଅକ୍ଷମତା ଥିବା ବ୍ୟକ୍ତିଙ୍କ ଶିକ୍ଷାରେ ଏକ ଅସାଧାରଣ ସଫଳତାକୁ ଦର୍ଶାଏ । ଯଦିଓ ତାଙ୍କର ଲିଖିତ ଭାଷା ବିଷୟରେ କୌଣସି ଜ୍ଞାନ ନଥିଲା ଏବଂ କେବଳ କଥିତ ଭାଷାର ସ୍ମରଣୀୟ ସ୍ମୃତି, ହେଲେନ କିଛି ଦିନ ମଧ୍ୟରେ ତାଙ୍କର ପ୍ରଥମ ଶବ୍ଦ ଶିଖିଲେ: "ଜଳ" । ପରେ କେଲର୍ ଏହି ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ: "ମୁଁ ସେତେବେଳେ ଜାଣିଥିଲି ଯେ 'w-a-t-e-r' ଅର୍ଥାତ୍ ମୋ ହାତରେ ପ୍ରବାହିତ ଚମତ୍କାର କିଛି ଥଣ୍ଡା ଜିନିଷ ।"

୧୮୮୨ ମସିହାରେ, ୧୯ ମାସ ବୟସରେ, ହେଲେନ କେଲର୍ ଏକ ଫେବ୍ରିଲ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ଯାହା ତାଙ୍କୁ ଉଭୟ ବଧିର ଏବଂ ଅନ୍ଧ କରିଦେଇଥିଲା । ଐତିହାସିକ ଜୀବନୀ ଏହି ରୋଗକୁ ରୁବେଲା, ଲାଲ ରଙ୍ଗର ଜ୍ୱର, ଏନସେଫାଲାଇଟିସ୍ କିମ୍ବା ମେନିଞ୍ଜାଇଟିସ୍ ବୋଲି ଦର୍ଶାଏ । ଇତିହାସର ସ୍ମରଣୀୟ ମହିଳାମାନଙ୍କ ମଧ୍ୟରୁ ହେଲେନ କେଲର୍ ଅନ୍ୟତମ । ଅନ୍ଧ ଏବଂ ବଧିର ହେବା ସତ୍ତ୍ୱେ ସେ ଯୋଗାଯୋଗ କରିବାକୁ ଶିଖିଲେ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସର୍ଗୀକୃତ ଜୀବନ ବିତାଇଲେ । ତାଙ୍କର ବିଶ୍ୱାସ, ନିଷ୍ଠା ଏବଂ ଆତ୍ମା ତାଙ୍କୁ ଅନେକ ଲୋକ ଆଶା କରିଥିବା ଅପେକ୍ଷା ଅଧିକ ସଫଳ କରିବାରେ ସାହାଯ୍ୟ କରିଥିଲେ । ବଧିରତା ଏବଂ ଅନ୍ଧ ହେବ ସତ୍ତ୍ୱେ, ହେଲେନ କେଲର ଏକ ବିଂଶ ଶତାବ୍ଦୀର ମାନବିକତା, ଶିକ୍ଷାବିତ୍ ତଥା ଲେଖକ ଭାବରେ ଉଭା ହୋଇଥିଲେ। ସେ ଦୃଷ୍ଟିହୀନ ତଥା ମହିଳାଙ୍କ ମତଦାନ ପାଇଁ ଓକିଲାତି କରିଥିଲେ ଏବଂ ଆମେରିକୀୟ ସିଭିଲ୍ ଲିବର୍ଟିସ୍ ୟୁନିଅନର ସହ-ପ୍ରତିଷ୍ଠା କରିଥିଲେ। ଦଶ ବର୍ଷ ବୟସରେ, ହେଲେନ କେଲର୍ ବ୍ରେଲି ଏବଂ ମାନୁଆଲ୍ ସାଇନ୍ ଭାଷାରେ ପାରଙ୍ଗମ ଥିଲେ ଏବଂ ସେ ବର୍ତ୍ତମାନ କିପରି କହିବାକୁ ଶିଖିବାକୁ ଇଚ୍ଛା କଲେ । ଆନ୍ ହେଲେନଙ୍କୁ ବୋଷ୍ଟନର ବଧିରମାନଙ୍କ ପାଇଁ ହୋରେସ୍ ମନ୍ ସ୍କୁଲକୁ ନେଇଗଲେ । ପ୍ରିନ୍ସପାଲ୍ ସାରା

ISSN NO.
2582-208X

ଫୁଲର୍ ହେଲେନଙ୍କୁ ଏକାଦଶ ଶିକ୍ଷା ଦେଇଥିଲେ । ତାପରେ ଆନ୍ ଦାୟିତ୍ୱ ଗ୍ରହଣ କଲେ ଏବଂ ହେଲେନ୍ କପରି କହିବାକୁ ହୁଏ ଶିଖିଲେ । ସମ୍ପ୍ରଦାୟର ଭିନ୍ନକ୍ଷମମାନଙ୍କୁ ଦେଖି ସେ ନୂତନ ଉପାୟ ଗଠନ କରିବାରେ ସାହାଯ୍ୟ କଲେ । ମହିଳା ଅଧିକାର ଏବଂ ସମାଜବାଦ ପାଇଁ ସେ ପରବର୍ତ୍ତୀ ବର୍ଷରେ ଜଣେ ରାଜନୈତିକ କାର୍ଯ୍ୟକର୍ତ୍ତା ଥିଲେ। ହେଲେନ ଏପରି ଜଣେ ନେତା ଥିଲେ ସେ କୌଣସି ଜିନିଷକୁ ତାଙ୍କ ରାସ୍ତାରେ ଯିବାକୁ ଦେଉନଥିଲେ ଯାହା ତାଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ସେ ଜଣେ ଶକ୍ତିଶାଳୀ ମହିଳା ଥିଲେ ଯିଏ ଭିନ୍ନକ୍ଷମଙ୍କ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ସୃଷ୍ଟି କରିଥିଲେ । ଏକ ଆମେରିକୀୟ ଫାଉଣ୍ଡେସନ ଫର ବ୍ଲାଇଣ୍ଡ ଆର୍ଟିକଲ ଅନୁଯାୟୀ, ଓ୍ୱାଣ୍ଡରଫୁଲ୍ ହେଲେନ କେଲର୍ ଫ୍ଲାଇନ୍ ଏକ ପ୍ଲେନ୍, ସେ ତାଙ୍କ ଯାତ୍ରା ସାଥୀ ପଲି ଥମ୍ପସନ୍ ଙ୍କ ମାଧ୍ୟମରେ ଟ୍ୟାକ୍ଟକାଲ୍ ସାଇନ୍ ଭାଷା ଯୋଗାଯୋଗ ବ୍ୟବହାର କରି ବିମାନ ଉଡ଼ାଇବାରେ ସକ୍ଷମ ହୋଇଥିଲେ। ଆମେରିକୀୟ ସାଇନ୍ ଭାଷା ହେଉଛି ଏକ ପ୍ରାକୃତିକ ଭାଷା ଯାହା ଯୁକ୍ତରାଷ୍ଟ୍ର ଏବଂ ଅଧିକାଂଶ ଆଙ୍ଗ୍ଲୋଫୋନ୍ କାନାଡାର ବଧିର ସମ୍ପ୍ରଦାୟର ମୁଖ୍ୟ ସଙ୍କେତ ଭାଷା ଭାବରେ କାର୍ଯ୍ୟ କରେ । ASL ହେଉଛି ଏକ ସଂପୂର୍ଣ୍ଣ ଏବଂ ସଂଗଠିତ ଭିଜୁଆଲ୍ ଭାଷା ଯାହା ଉଭୟ ମାନୁଆଲ୍ ଏବଂ ଅଣ-ମାନୁଆଲ୍ ବୈଶିଷ୍ଟ୍ୟ ଦ୍ୱାରା ପ୍ରକାଶିତ । ସେ ପ୍ରଥମ ବ୍ୟକ୍ତି ଯିଏ ବଧିର ଅନ୍ଧତ୍ୱରେ କଲେଜ ଡିଗ୍ରୀ ହାସଲ କରିଥିଲେ । ସେ ୧୯୫୩ ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ଦଶ ବର୍ଷ ବୟସରେ ହେଲେନ ପଢିବାରେ ସକ୍ଷମ ହେଲେ ଏବଂ ଏଥିପାଇଁ ଏକ ଟାଇପ୍ ରାଇଟର୍ ବ୍ୟବହାର କରୁଥିଲେ । ବର୍ତ୍ତମାନ ସେ କପରି କଥା ହେବାକୁ ଶିଖିବାକୁ ଚାହୁଁଥିଲେ । ହେଲେନ କେଲର୍ ସାରା ଫୁଲରଙ୍କଠାରୁ କଥା ହେବା ଶିଖିଲେ । ସାରା ବଧିରମାନଙ୍କ ପାଇଁ ଶିକ୍ଷକ ଥିଲେ। କଲେଜ୍ ଡିଗ୍ରୀ ହାସଲ କରିବାରେ ହେଲେନ କେଲର୍ ପ୍ରଥମ ବଧିର ଏବଂ ଅନ୍ଧ ବ୍ୟକ୍ତି ଥିଲେ । ସେ ୧୯୦୪ ମସିହାରେ ରାଡକ୍ଲିଫ୍ କଲେଜରୁ ସମ୍ମାନ ସହ ସ୍ନାତକ ହାସଲ କରିଥିଲେ। ହେଲେନ ଟେଲିଫୋନର ଉଦ୍ଭାବକ ଆଲେକ୍ସଜାଣ୍ଡାର୍ ଗ୍ରାହାମ୍ ବେଲଙ୍କ ସମେତ ଅନେକ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହ ବନ୍ଧୁ ଥିଲେ; ଲେଖକ ମାର୍କ ଟ୍ୱେନ୍; ଏବଂ ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜଭେଲ୍ଟ ।ହେଲେନ ଜଣେ ଦ୍ରୁତ ଏବଂ ମହାନ ଶିକ୍ଷାର୍ଥୀ ଥିଲେ ମାତ୍ର ତିନିବର୍ଷ ମଧ୍ୟରେ ହେଲେନ ମାନୁଆଲ ବର୍ଣ୍ଣମାଳା (ସାଇନ୍ ଭାଷା), ବ୍ରେଲି ବର୍ଣ୍ଣମାଳା

ISSN NO.
2582-208X

(ଯାହା ଲୁଇସ ବ୍ରେଲିଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ଏବଂ ସେ ବର୍ତ୍ତମାନ ସେ ପଢିବା ସହିତ ଲେଖି ମଧ୍ୟ ପାରିଲେ । ଭିନ୍ନକ୍ଷମଙ୍କ ପାଇଁ ଜଣେ ଆଡଭୋକେଟ୍ ଭାବରେ ହେଲେନ କେଲରଙ୍କୁ ସ୍ମରଣ କରାଯାଏ । ସେ ପ୍ରଥମ ବଧିର ଏବଂ ଅନ୍ଧ ବ୍ୟକ୍ତି ଯିଏକ ତାଙ୍କ ଜୀବନୀ ୨୨ ବର୍ଷ ବୟସରେ ମୋ ଜୀବନୀ କାହାଣୀ ଲେଖିଥିଲେ। ସେ ଜଣେ ଲେଖକ, କାର୍ଯ୍ୟକର୍ତ୍ତା, ଅଧ୍ୟାପକ, ପ୍ରଶାନ୍ତବାଦୀ, ମୂଳ ସମାଜବାଦୀ ଏବଂ ଜନ୍ମ ନିୟନ୍ତ୍ରଣ ସମର୍ଥକ ଥିଲେ। ସେ କେବଳ ସ୍ୱପ୍ନ ଦେଖିନଥିଲେ, ବରଂ ସ୍ୱପ୍ନକୁ ସାକାର କରିଥିଲେ ଏବଂ ଅନ୍ୟ ମାନଙ୍କୁ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥିଲେ । ହେଲେନ କେଲର ପୃଥିବୀ ଥିବା ପର୍ଯ୍ୟନ୍ତ ଆକାଶର ତାର ଭଳି ଲୋକମାନଙ୍କର ହୃଦୟରେ ରହିବେ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ଅଧର୍ମ କରେ ଗ୍ଜୁତି



ଅଲେଖ ମେହେର

ଧରମର ଜୟ ଶୁଣିଛି ଶାସ୍ତ୍ରରେ
ଗାଉଛି ସାହିତ୍ୟ ଦର୍ପେ,
ଆଜିର ଶୟଳେ ସତ୍ୟ ବସ୍ତ୍ରଭେଦୀ
ଦୁର୍ଦ୍ଦିନ କଷଣ ଅର୍ପେ।
କୋଟିଏ ଶକୁନ ମାନୀ, ଦୁଃସାସନ
ଘେନ ଅର୍ବୁଦ କାମନା,
ଅଚଳା ପୃଷ୍ଠରେ ଗ୍ଜୁତି କରନ୍ତୁ
ନକ୍ଷେପି ଘୃଣ୍ୟ ଭ୍ଵନା।
କଣ୍ଟକତମୟ ଧର୍ମ ପଥେ ଅବା
ଗମିବ କଏ ଖୁସିରେ ?
ଉଚ୍ଚ ହିମାଳୟ ପ୍ରାୟ ଖେଦ ଗିରି
ପଡିବ ଆସି ଶିରରେ।
ଚର ଦିନ ପାଇଁ ଚୀର ବାସ ନେଇ
ବୁଲିବ ବାସ ବିହୁନେ,
ଧର୍ମ ଆଚରିଲେ କାଳ ବଇଶାଖି
ସଦା ବସେ ଅପଘନେ।
ଅତିତର ତେଜି ସାତ୍ତ୍ୱିକ କରମ
ଅତୀତକୁ ନହାରିଲେ,
ଗଣ୍ଡଦେଶେ ଝରେ ଅବିରଳ ବାରି
ଶୋକ ବହ୍ନି ଆଶା ଜାଳେ।

ISSN NO.
2582-208X

ଦ୍ୱିପକୁ ଦ୍ୱୀପରେ ବନ୍ଦୀ କରି ଅଜା
ଚଳାଏ ତାଣ୍ଡବଲୀଳା,
କଣ୍ଠିରବ ଶୁପ୍ତ ଶରମା ଭୟରେ
କାସାରେ ଖେଳେ ଚପଳା।
ଭସ୍ମାସୁର ଭୟେ ହଂସା ବହନରେ
ଅପାରଗ ହେଲେ ଶିବ,
ଭକତ ବିଚରା କାହାକୁ କହିବ
ପାଲଟିବ ସିନା ଶବ।
ପୁର ପଲ୍ଲୀ ଗ୍ରାମ ନଗର ସହରେ
ସୁରରୀପୁ ରୁହେ ସୁଖେ,
ନର୍ଜର ମରଇ ବିଭୁନାମ ଧାୟି
ହସ ଉଭେନ ତା'ମୁଖେ।
ବିଶ୍ୱକସେନ ହେ ରହିଛ ମଉନେ
କରି ଅନନ୍ତ ଶୟନ,
ଜାତନା ଅଗାର ଭରି ସତ୍ୟାଶ୍ରିତେ
ଛଡାଇ ନଅ ଜୀବନ।
ବସ୍ତ୍ରରେ ଉଠଇ ବିଦ୍ରୋହର ବହ୍ନି
ନୁହ ତୁମେ ଦୟାମୟ,
କରୁଣା ସାଗର ଶୁଷ୍କ ଗ୍ରୀଷ୍ମ ତାପେ
କୁଟିଳର ହୁଏ ଜୟ।
ଆପଣା ଜନଙ୍କ ଡାକ ଶୁଣ ଖାଲି
ଚକା ନୟନ ମେଲାଇ,
ମହୀମଣ୍ଡଳରେ ଜନ୍ମାଇ ମାରୁଛ
ଯାଯାବରକୁ କନ୍ଦାଇ।

ସୋହେଲା, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ମୁଉଁ ରହିବିନି ଗାଆଁରେ


ଶିଶିର କୁମାର ପଣ୍ଡା

ଭୁବନେଶ୍ୱରରେ ଘର କଲି ଆସି
ପରକରି ଗାଆଁ ମାଟିକ
କକା ଖୁଡ଼ୀ ଆଉ ସାଇ ଭାଇଙ୍କର
ସିନହର ଡୋର କାଟିକ ।

ମାଟିରେ ଆଉ ତ ପାଦ ପଡୁନାହିଁ
ଜୋତା ଖସୁନାହିଁ ଗୋଡ଼ରୁ
ତିନତାଲା କୋଠା ଦେଖି ମୋ ପାରିବ
ବାପୁଜୀ ନଗର ମୋଡ଼ରୁ ।

ଡିଜାୟାର୍ ଗାଡ଼ି ଚଢ଼ିକ ବୁଲେ ମୁଁ
ଗ୍ଲାନକ ଥାଏ ମୋ ପାଖରେ
କେବେଠାରୁ ଆଉ ବିଲକୁ ଯାଉନ
ଛତା ଜାକଦେଇ କାଖରେ ।

ହିଡ଼ରେ ବସିକ ପଖାଳ ଖାଇବା
ଧୀରେ ଧୀରେ ଭୁଲି ଗଲିଣି

ISSN NO.
2582-208X

ମାଳ ରଖିଅଛି ଦେଖାରଖା ପାଇଁ
ବଗିଚ୍ଚ ଏଇଠି କଲିଣି ।

ବାପା ବୋଉ ପଛେ ଏଠି ନ ରୁହନ୍ତୁ
ମୁଁଉଁ ରହିବିନି ଗାଆଁରେ
ସାଜ ମୋ ଦେହର ବଦଳ ଯାଇଛି
ଭଲକରି ଟିକେ ଚ୍ଚହାଁରେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ପରିବେଶ ଦିବସ
## କବିତା



ଦୀନବନ୍ଧୁ ବେଜ

ଗଛଲତା ଥିଲ୍ ହର୍‌ଭର୍ ହୋଇ
ଗତିଶିଳ ଥିଲ୍ ଭର୍ ଭର୍ ନଇ ।
ଟପଟପ ମେଘ ଆକାଶର ଝର
ସବୁଜ ପତର ଅଟେ ଭର୍ ଭର ।
ଗାଡ଼ିଆରେ ବେଙ୍ଗ ଡିଏଁ ଫକଫକ
ଖଦ୍ୟୋତ ଆଲୁଅ ଦିଶେ ଜକଜକ,
ମହମକୁ ମାଖି କାଶତଣ୍ଡି ଫୁଲେ
ପବନ ସାଥିରେ ହାତୀପରି ଝୁଲେ,
ବଉଳ ଗଛରେ କୋଇଲିର ତାଳ
ପାତି ମାଙ୍କଡ଼ର ଡିଆଁ ଡାଳୁ ଡାଳ ।
ମଳୟ ପବନ ସୁଲୁ ସୁଲୁ ବାଆ
ଆତ୍ମାରେ ଆନନ୍ଦ କସୁନ୍ଦର ଆହା ।
ସକାଳୁ ସକାଳୁ କାଉ କାଆ କାଆ
ଆଳସ୍ୟ ପଣକୁ କରିଥାଏ ସ୍ୱାହା ।
ଆକାଶେ ଉଡିଲେ ଶଙ୍ଖ ଚଲ ଦଳ
ଜେଜେମା କହିଲେ ନମସ୍କାର କର,
ଗାଁ ଗାଁ ବଣ ହୁଏ ବଣଭୋଜି ବେଶି
ଅଗିର୍ ଜଳେବି ଛକ ଯାଗା ଦେଖି,
ବରଷାର ଧାର୍ ଉଳରେ ପ୍ରଖର
ଲମ୍ଫମାରେ ପୁଣି ଝରଣାରେ ଝର।
ସବୁଜ ପତ୍ରରେ ଭର୍ ପରିବେଶ

ISSN NO.
2582-208X

ପଶୁ ପକ୍ଷୀ ମୁଖେ ଆମ୍ ତୃପ୍ତି ହସ ।
ସବୁ ଯାଇଅଛି ଛାର ଖାର ହୋଇ
ପଡ଼ିଅଛି ଖାଲି ଟାଙ୍ଗର୍‌ର ଭୂଇଁ ।
ଗୁରିଆଡ଼େ ଗଛ କଟା ଗଣ୍ଡି ମୂଳ
ପୁନଷ୍ଟ ସବୁଠି ଲଣ୍ଡିତ ପାହାଡ ।
ଇଟା ବାଲି ସିମେଣ୍ଟ ରଡ଼ର ରାଜୁତି
ଏଆଖି ଦେଖୁଛି ସଂସାରେ ସବୁଠି,
ଆମ ପରିବେଶ ଆମକୁ କହୁଛି
ଧିକ ରେ ମଣିଷ ମିଛରେ କାନ୍ଦୁଛି ।
ପରିବେଶ ଦିବସର ଅନୁଚନ୍ତା କରି
ଔପଗ୍ଯରିକତାରେ ଦେଉଅଛି ସାରି
ଏଣୁ ହେ ମଣିଷ କଅ ଏହି ଦୀକ୍ଷା
ଧେୟହେଉ ଆମ ପରିବେଶ ରକ୍ଷା,

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୨୧ ଦୃଶ୍ୟ ।।

(ଏକାକୀ କୈକେୟୀ ବସି ମୋବାଇଲ ଦେଖୁଥାଏ।ଚା କପ ହସ୍ତେ ପ୍ରବେଶ କରେ ସୀମା)

ସୀମା- ବୋଉ ଏଇ ଚା ନଅନ୍ତୁ।

କୈକେୟୀ- ତୋତେ କିଏ କହିଲା ମୋପାଖକୁ ଚା ନେଇ ଆସିବାକୁ। ଲାଛୁ ମଞ୍ଜରୀ ଆଉସବୁ ଚାକର ଚାକରାଣୀ କଣ ମରିଗଲେଣି ?

ସୀମା-ଏ ଘରର କୁଳବଧୂ ଭାବେ ମୁଁ ଆପଣଙ୍କ ପାଇଁ ଚା ଆଣିଛି ବୋଲି କଣ ଅନ୍ୟାୟ କରିଛି ?

କୈକେୟୀ- ନୁହେଁ ତ ଆଉକଣ ? ତୁ ଜଣେ ଶ୍ରମିକର ଝିଅ। ତୋ ହାତରୁ ପାଣି ଗ୍ଲାସେ ପିଇବାକୁ ମୁଁ ଚାହେଁନା। ଛୋଟଲୋକ କୋଉଠି କାର ରମଣକୁ ଫସେଇ ସିନା ବାହା ହେଇପଡିଲୁ ହେଲେ ମନେ ରଖିଥା ଏଘରର ସବୁକିଛି ତୋପାଇଁ ବନ୍ଦ। ନା ତୁ ରୋଷେଇ ଶାଳରେ ପଶିପାରିବୁ ନା ଠାକୁର ଘରକୁ ଯାଇପାରିବୁ। ନେ ଉଠା ଏ ଚା କପ। (ସୀମା ଚୁପଚାପ ଚା କପ ଉଠାଏ) କାହିଁ ଚନ୍ଦରକାଣୀ ସେ ହେବ ପୁଣି ରାଜରାଣୀ ?

ସୀମା- ମୁଁ କେବେ କଳ୍ପନା ସୁଦ୍ଧା କରିନି ରାଜାରାଣୀ ହେବାପାଇଁ। ପରିସ୍ଥିତିରେ ପଡି ଗୋବର ଗଡ଼ିଆର କଇଁ ପୋଖରୀରେ ପଦ୍ମ ହୋଇ ଫୁଟିବାକୁ ପ୍ରୟାସ କରୁଛି। ଜାଣେନି ମୋର ପ୍ରୟାସ ସଫଳ ହେବ କି....

ISSN NO.
2582-208X

କୈକେୟୀ– ବିଫଳ ହେବ। ସେଦିନ ଆଉ ବେଶୀ ସମୟ ନାହିଁ। ରୁହ ମୁଁ ଯଦି ତୁମ ଦୁହିଙ୍କୁ ଜଟାଜୁଟ ଧାରୀ ରାମଚନ୍ଦ୍ରଙ୍କ ଭଳି ଦୂରକୁ ଠେଲି ନ ଦେଇଛି ତାହେଲେ ମୋତେ ଚହ୍ନିବୁ ମୁଁ ସେ ଯୁଗରେ କୌକେୟୀ ଥିଲି ଏ ଯୁଗରେ ବି କୈକେୟୀ ହୋଇ ରହିବି।

ସୀମା– ଯେତେ ଦୂରକୁ ଠେଲିଦେଲେ ବି ନିଜ ରାମ ଯଦି ପାଖରେ ଥିବେ ତାହେଲେ ସୀତା ସବୁକଛି ସହିଯିବ।

କୈକେୟୀ–ତୋ ଭାବାନାକୁ ମୁଁ ବଦଳାଇଦେବି। ତୋ ଇଚ୍ଛାକୁ ମୁଁ ଧୂଳିସାତ କରିଦେବି। ତୁ ଯେମିତି ମୋଠାରୁ ରମଣକୁ ଛଡାଇ ନେଇଛୁ ମୁଁ ସେମିତି ତୋଠାରୁ ରମଣକୁ ଛଡେଇନେବି।

ସୀମା–ଜୀବନରେ ଯାହା ହେବାର ଥିବ ତାହାତ ହେବ ନିଶ୍ଚୟ। ତାକୁ କେହି ବି ବଦଳାଇ ପାରିବେ ନାହିଁ।

କୈକେୟୀ– କିନ୍ତୁ ମୁଁ ତୁମ ଦୁହିଙ୍କ ଜୀବନକୁ ବଦଳାଇ ଛାରଖାର କରିଦେବି। ତେବେଯାଇ ଜାଣିବ କୈକେୟୀ ସେତେବେଳେ ଯେମିତି ଥିଲା ଆଜି ବି ସେମିତି ଅଛି।(ପ୍ରସ୍ଥାନ)

ସୀମା– ନା– ନା କିଛି ଅଘଟଣ ଘଟିବା ପୂର୍ବରୁ ମୁଁ ଘର ଛାଡ଼ି ଚାଲି ଯିବି। ଯିଏ ଦୁଃଖ ଦାରିଆରୁ ଆଣି ସୁଖ ମହଲରେ ପହଞ୍ଚାଇଛନ୍ତି ତାଙ୍କ ଉପରେ ଯେ ଦୁଃଖର ପାହାଡ଼ ଲଦିପଡୁ ତାହା ମୁଁ କେବେ ସହି ପାରିବିନି। ତା ପୂର୍ବରୁ ମୋତେ ଚିରଦିନ ଲାଗି ଏ ଘର ପରିତ୍ୟାଗ କରିବାକୁ ହେବ।

ଲଛମଣ– (ପ୍ରବେଶି)ଖବରଦାର ବହୁମା' ମୁଁ ହେଉଛି ଏ ସିଂହ ବଂଶର ପୁରୁଣା ଚାକର। ଯିଏ ଏ ପରିବାରକୁ ଥରେ କୁଳବଧୂ ହୋଇ ଆସେ ସେ ଲୁଚଛପି ଯାଇପାରିବ ନାହିଁ କାରଣ ପ୍ରତିରୋଧ କରିବା ପାଇଁ ଲଛୁ ଅଛି।

ସୀମା– ତୁମେ ବୁଝୁନାହଁ ଲାଛୁ କକା, ବୋଉ କଣ କହିଗଲେ ଶୁଣିଲ ନାହିଁ?

ଲଛୁ– ସବୁ ଶୁଣିଛି, ସବୁ ଦେଖିଛି। ସାନ ମା'ଙ୍କ ଭଳି ଦେବୀ ଏ ଘରେ କେହି ନଥିଲେ ବୋହୁମା' ହେଲେ ଚାକରାଣୀ ମଞ୍ଜରୀ ତାଙ୍କ କାନ ପାଖେ କୁ–ମନ୍ତ୍ର ଫୁଙ୍କି ଫୁଙ୍କି ମୁଣ୍ଡଟାକୁ ବିଗାଡି ଦେଇଛି। କଳହୁଡ଼ି ଏଠୁ ଯାଉନାହିଁ କି ନିଜ ସ୍ୱଭାବକୁ ବଦଳାଉ ନାହିଁ।

ISSN NO.
2582-208X

ମଞ୍ଜରୀ– (ପ୍ରବେଶି) ହୁଁ ମୁଁ ସେମିତି ଘରର ଝିଅ ନୁହେଁ ମ---

ଲଛୁ– ମଞ୍ଜରୀ...! ଇଛା ହେଉଛି ଏଇ ସଙ୍ଗେ ସଙ୍ଗେ ତୋ ଗଳାଟାକୁ ଚପି ଦିଅନ୍ତୁ।

ମଞ୍ଜରୀ– ଥାଉବା ଏତେ ଆଉ ଚପାଚପି କରନା। ତୁ ଯେମିତି ଏ ଘରର ପୁରୁଖା ଗ୍ଭକର ମୁଁ ବି ସେମିତି ପୁରୁଖା ଗ୍ଭକରାଣୀ। ତୋର ଏଠି ଯେତିକ ଅଧିକାର ମୋର ବି ସେତିକ ଅଧିକାର ଅଛି। ତୁ କାହିଁକ ମୋତେ ଚପିବୁ।

ଲଛୁ– ଜମି ବାଡ଼ି ଘରଦ୍ୱାର ଏପରିକ ନିଜ ଗେରସ୍ତକୁ ତ ଖାଇଲୁ। ଆଉ ଏଠି ସାନମା'ଙ୍କର ମୁଣ୍ଡଟାକୁ ବି ଖାଇଲୁ। ଆଉ କେତେଜଣଙ୍କ ମୁଣ୍ଡ ଖାଇଲେ ତୋ ମନ ଶାନ୍ତ ହେବ?

ମଞ୍ଜରୀ– ହେଃ ମୁଁ ସେମିତି ଘରର ଝିଅ ନୁହେଁ ମ– ସବୁବେଳେ ମୋ ଉପରେ ଦୋଷ ଲଦୁଛୁ। ଗେରସ୍ତ ମୋର ଡେଲି ପେଟେ ପେଟେ ମଦ ପିଇ କୋଉ ନାଳ ନାର୍ଦମାରେ ପଡି ମରିଗଲା। ଏଥିରେ ମୋର କୋଉଠି ଦୋଷ ରହିଲା।

ଲଛୁ– ସେ ସିଆଣା ଗ୍ଭତୁରୀ କଥା ଆଉ କାହାକୁ କହିବୁ ଯା–। ମୋତେ ଆଉ ସେ ଫଟା ଢୋଲ ଦେଖାନା।

ମଞ୍ଜରୀ– ଇଲୋ ଇଲୋ ଇଲୋ ତୁ ଏ ବୟସରେ ବି ଦେଖିବାକୁ ଗ୍ଭହୁଁଛୁ? ଦେଖ ଲଛୁ ମୁଁ ତୋତେ ସଫା ସଫା କହିଦେଉଛି ମୋ ସାଙ୍ଗରେ ଲଗାନା ନହେଲେ----

ଲଛୁ– କଣ ମୋର ସବୁ ଉପାଡ଼ିଦେବୁ?

ସୀମା– ଆରେ ଲଛୁ କକା ତୁମେ ଟିକେ ଚୁପ ରୁହ। ମଞ୍ଜରୀ ମାଉସୀ ତୁମେ ତୁମ କାମ କରିବ ଗଲ।

ମଞ୍ଜରୀ– ହଁ ବା କଏ ମୋର ଏ ଥୋବଡା ସାଙ୍ଗରେ ବକବକ ହେଉଛି।ଯାଏଁଲୋ ମା' ମୋର ସେପଟେ କେତେ କାମ ବାକ ପଡିଛି।(ପ୍ରସ୍ଥାନ)

ISSN NO.
2582-208X

ଲଛୁ- ବଜାରୀ କଳହୁଡ଼ି! କଳ ଝଗଡା କରିବା ବ୍ୟତୀତ ଏଇଟାର ଆଉ କୌଣସି କାମ ଧନ୍ଦା ନାହିଁ। ବାବୁ ଯେ ଏମିତି ଅଜାତିଆକୁ କାହିଁକି ରଖିଛନ୍ତି ମୁଁ କିଛି ବୁଝିପାରୁନ। ହେଲେ ତୁମେ ଆଦୌ ବ୍ୟସ୍ତ ହୁଅନା ବୋହୂମା' ଯେଉଁଠି ଦେବତା ପରି ସାନ ବାବୁ ଅଛନ୍ତି ଯେଉଁଠି ଦୟାର ଅବତାର ଭଳି ବଡ଼ବାବୁ ଅଛନ୍ତି ସେଠି ଏଇ ସାମାନ୍ୟ କଥାରେ ଅଭିମାନ କରି ଘର ଛାଡ଼ି ପଳାଇଯିବାକୁ ବସିଛ। ଛି-ସେମିତି କଥା ଆଉ ମୁଣ୍ଡରେ ପୂରାଅନ ବୋହୂମା'। ଦେଖିବ ଧୀରେ ଧୀରେ ସବୁ ଠିକ ହୋଇଯିବ।(ପ୍ରସ୍ଥାନ)

ଭାରତ- (ପ୍ରବେଶ ପଥେ)ନୋ ନେଭର କିଛି ବି ଠିକ ହେବନି। ଯେତେ ପର୍ଯ୍ୟନ୍ତ ମୋର ହକ ଦାବିକୁ ହାସଲ ନ କରିଛି ସେପର୍ଯ୍ୟନ୍ତ କିଛି ବି ଠିକ ହେବାକୁ ଦେବିନି।

ସୀମା- ଭାରତ ତୁମେ କଣ ସବୁ କହୁଛ ?

ଭାରତ- ହୁ...? ହୁ ଆର ୟୁ? ଓଃ ରମଣର ସ୍ତ୍ରୀ ରମଣୀ। ଜଣେ ସାମାନ୍ୟ ଶ୍ରମିକର ଝିଅ ହେଇଗଲ୍ ଏ ଘରର କୂଳବଧୂ (ହସ) ବିଚିତ୍ର ଦୁନିଆ। ଯାହାର କାନ ଅଛି ତାକୁ ପିନ୍ଧିବାକୁ ସୁନା ନାହିଁ ଆଉ ଯାହାର ସୁନା ଅଛି ତା'ର କାନ ନାହିଁ। ସରି ସୀମା ମୁଁ ତୁମକୁ କେବେ ଭାଉଜର ସମ୍ମାନ ଦେଇପାରିବିନି। କାରଣ ପଚାରିବା ଆବଶ୍ୟକ ନାହିଁ।

ସୀମା- ସେଥିପାଇଁ ମୋର କିଛି ଆପତ୍ତି ନାହିଁ ହେଲେ ମୋ ସାନ କୁହା ମାନ ଭାରତ ମଦ ପିଇବା କୁଅଭ୍ୟାସକୁ ଛାଡିଦିଅ।

ଭାରତ- (ହସ) ଛାଡ଼ିଦେବି ଇଏସ ମଦ ପିଇବା ଛାଡ଼ିଦେବି। ଆରେ ତମ କଥା ମାନିବି ନାହିଁ ତ ଆଉ କାହା କଥା ମାନିବି।

ସୀମା- ସତରେ ତୁମେ ମୋ କଥା ମାନି ମଦ ପିଇବା ଛାଡ଼ିଦେବ ?

ଭାରତ- ତୁମରି ଭଳି ନାରୀ ପାଇଁ ତପସ୍ୱୀ ବିଶ୍ୱାମିତ୍ର ଯଦି ତପସ୍ୟା ଭୁଲି ମେନକା ପ୍ରେମରେ ମତୁଆଲା ହୋଇଗଲେ ମୁଁ ଏଇ ସାମାନ୍ୟ ମଦ ଅଭ୍ୟାସକୁ ଛାଡି ପାରିବିନି..?(ସୀମାର ହାତ ଧରି ନିଜ ପାଖକୁ ଭିଡ଼ିଆଣେ)

ସୀମା- (ଥପଡ଼ ମାରି)ଭା-ର-ତ...!! ତୁମେ କଣ କହିବାକୁ ଚାହଁ?

ISSN NO.
2582-208X

ଭରତ– ମୋ ଛାତିରେ ଥରେ ଭିଡ଼ିଗଲେ ଜାଣିପାରିବ ମୁଁ କଣ ଚାହେଁ।

ସୀମା– ନୀଚ ମନ ନେଇ ଏତେବଡ଼ ପଦକ୍ଷେପ ନେବାପାଇଁ ତୁମ ବିବେକ ବାଧା ଦେଉନାହିଁ ?

ଭରତ– ବିବେକ? ସେଇଟାକୁ ମୁଁ ବହୁଦିନରୁ ଭୁଲିଯାଇଛି। ମୁଁ ଚାହେଁ ତୁମକୁ । ତୁମେ ଯଦି ମୋତେ ଖୁସି କରିଦେବ ତାହେଲେ କଥା ଦେଉଛି ସାରା ଜୀବନ ମଦ ପିଇବା ଛାଡ଼ିଦେବି।

ସୀମା– ନାରୀର ଚରିତ୍ର ମାଟିପାତ୍ର ନୁହେଁ ଯେ ତୁମେ ଚା' ପିଇ ସାରିବା ପରେ ଡ଼ଷ୍ଟବିନକୁ ଫିଙ୍ଗିଦେବ। ଜଣେ ନାରୀ ପାଇଁ ଚରିତ୍ର ନଥିଲେ ସବୁ ଅସାର। ତାଛଡା ତୁମେ ମାନ ବା ନ ମାନ ମୁଁ ତୁମ ଭାଉଜ ହେବି। କାହିଁ ରାମାୟଣରେ ଭରତ ତ ଏମିତି ନଥିଲେ। ନିଜ ଭାଉଜଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।ନିଜ ଭାଇ ଭାଉଜଙ୍କ ନିମନ୍ତେ ଶେଷରେ ନିଜେ ବି ସନ୍ୟାସୀ ହୋଇଯାଇଥିଲେ।

ଭରତ– ରାମ ରାବଣ ରାମାୟଣ, ଏସବୁ ପୁରାଣ ଯୁଗର କାହାଣୀ। ସେ ଅସିଆ କାଳର ମସିଆ କାହାଣୀ ମୋତେ ଆଉ ପଢ଼ାଅନି।

ସୀମା– ଜଣେ ଭାଇ ଭଗବାନ ରାମଙ୍କ ଭଳି ଉଦାର ଅଥଚ ତୁମେ ଏତେ ନୀଚ ହୋଇଗଲ କେମିତି ?

ଭରତ– କଣ କହିଲ ମୁଁ ନୀଚ। ନିଜ ସୀମା ମଧ୍ୟରେ ରହି କଥାବାର୍ତ୍ତା କର ସୀମା।

ସୀମା– ସୀମାର ସୀମାକୁ ପ୍ରଥମେ ତୁମେ ଲଙ୍ଘିବାକୁ ପ୍ରୟାସ କରିଛ।

ଭରତ– ମୁଁ ତ କିଛି ଭୁଲ କହିନାହିଁ। ତୁମେ ଚାହୁଁଛ ମୁଁ ମଦ ପିଇବା ଛାଡିଦିଏ ତା ବଦଳରେ ମୋତେ ତୁମ ସାନିଧ୍ୟରେ ଭାଗ ବସେଇବ। କିଛି ପାଇବାକୁ ହେଲେ କିଛି ଦେବାକୁ ପଡ଼ିଥାଏ ମିସ ସୀମା (ପୁନଃ ସୀମାକୁ ସଜୋରରେ ଧରିରଖେ)

ସୀମା– ଆଃ ଛାଡ଼ ଛାଡ଼ ମୋତେ। (ଛଡେଇ ହୋଇ ପୁଣି ଥପଡ଼ ପରେ ଥପଡ଼ ପିଟିଚାଲେ) ଲମ୍ପଟ କାମୁକ।

ISSN NO.
2582-208X

ଭରତ– ଭେରୀ ଗୁଡ୍, ଭେରୀ ଗୁଡ୍(ତାଳ ମାରି) ସତୀତ୍ୱର ନଚ୍ଛକ ପ୍ରମାଣ। ଓ କେ ଆଜି ମୁଁ ତୁମ ଗାଳ, ମାଡ଼, ଥପଡ଼ ସବୁକଛି ସହିଗଲି। କନ୍ତୁ ମନେ ରଖିଥାଅ ତୁମେ ତୁମ ସତୀତ୍ୱର ବୋଝକୁ ବୋହି କେତେଦିନ ଆତ୍ମଗୋପନ କରିବ ମୁଁ ଦେଖିବି। ଆଉ ସେଇଦିନ ପରିଚତ କରାଇବି ମୋ ଗାଲରେ ପଡିଥିବା ତୁମ ପାଞ୍ଚ ଆଙ୍ଗୁଳର ଛାପକୁ।

(ଫ୍ରିଜ)　　　　　　(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ତୁମ ଚିଠି



ସିଦ୍ଧେଶ୍ୱର ତ୍ରିପାଠୀ

ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ
ପ୍ରେମ ପତରରେ ତୁମ ସ୍ୱାକ୍ଷରରୁ
ପରିଚୟ ମୋର ଖୋଜେ ।

ଓଠ ଥରିଯାଏ ଆଖି ଭରିଯାଏ
ପାଏନ ଉତ୍ତର କଛି
ସଂଜ୍ଞା ହୀନ ସେଇ ଗୋଟିଏ ଶବଦ
ତୁମକୁ ଭଲ ପାଉଛି ।

ଅଛୁଆଁ ବେଳରେ  ଅନେକ ଦୂରରେ
ଆପେ ଆପେ ଆଜି ଭିଜେ
ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ ।

କାଗଜ ଉପରେ ଯାହା ଲେଖିଥିଲ
ମନକୁ ହଜେଇ ଦେଇ
ଏଇ ଜୀବନକୁ ନତି ଜାଳବାକୁ
ରହିଛି ସେ ସ୍ମୃତି ହୋଇ ।

ସେ ସବୁ ଶବଦ ଆଖିରେ ପଡିଲେ
ମିଳନ ସଙ୍ଗୀତ ବାଜେ
ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ମୋ ବାପା ପରି ସିଏ



ନନ୍ଦିନୀ ରାଉତ

ମାନ ଅଭିମାନେ ରୁଷି ବସିଥିଲେ
କୋଳେଇ ନଅନ୍ତୁ ଯିଏ
କାନ୍ଧ ରେ ବସାଇ ଚନ୍ଦ୍ର ଆଣିଦେବା
ସପନ ଦେଖାନ୍ତୁ ସିଏ
ନଜେ ନ ଖାଇଣ ଉପାସ ରହିଣ
ପିଲା ଙ୍କୁ ଖୁଆନ୍ତୁ ଯିଏ
ମୋ ବାପା ପରି ସିଏ..... 1

ବରଷା ଆସିଲେ ଝଡ଼ ଦେଖା ଦେଲେ
ଛତା ହୋଇ ଯାନ୍ତୁ ଯିଏ
ବିପଦ ଆପଦ ନକଟେ ଆସିଲେ
ଦୂରେଇ ଦିଅନ୍ତୁ ସିଏ
ନଜେ ଚିରା ପିନ୍ଧି ଆମକୁ ପିନ୍ଧାନ୍ତି
ନୂଆ ନୂଆ ଜାମା ଯିଏ
ମୋ ବାପା ପରି ସିଏ.... 2

ଛୁଞ୍ଚି ର ଆଘାତ ଆମକୁ ଲାଗିଲେ
କଷ୍ଟ ସହୁ ଥାନ୍ତୁ ଯିଏ
ଅନଦ୍ରା ରହିଣ ପରୀକ୍ଷା ପାଇଁ କ
ପ୍ରସ୍ତୁତ କରାନ୍ତୁ ସିଏ

ISSN NO.
2582-208X

ପିଲାଙ୍କ ର ପାଇଁ ନିଜେ ଋଣ କରି
ଦୁଃଖ ସହୁ ଥାନ୍ତି ଯିଏ
 ମୋ ବାପା ପରା ସିଏ.... 3

ବଇରୀ ଙ୍କ ପାଇଁ ଢାଲ ହୋଇ ଠିଆ
ସୁରକ୍ଷା ଯୋଗାନ୍ତି ଯିଏ
ସନ୍ତାନ ର ସୁଖ ମାନସିକ କରି
ମନ୍ଦିର ଯାଆନ୍ତି ସିଏ
ବାଘ ର ପାଟିରୁ ଆହାର ଛଡାଇ
ଆମ କୁ ଖୁଆନ୍ତି ଯିଏ
 ମୋ ବାପା ପରା ସିଏ.... 4

ବାଲିପଟ୍ଟା, ଅନୁଗୁଳ

ISSN NO.
2582-208X

# ସମ୍ବିଧାନ ପ୍ରଣେତା ଆମ୍ବେଦକର



ଶେଷଦେବ ପଣ୍ଡା

ଆରେ ବାବୁ ଶ୍ୟାମଘନ-ବୃତ୍ତେ
( ରାଗ- ପଞ୍ଚମ ବରାଡି )

ବିଦ୍ୟାବୁଦ୍ଧିର ବାରିଧି
ହେ ନୀତିଜ୍ଞ ନ୍ୟାୟବାଦୀ
ନବ ଭାରତର ନିୟାମକ,
ସମ୍ବିଧାନର ପ୍ରଣେତା
ଯଶସ୍ବୀ ରାଷ୍ଟ୍ରନିର୍ମାତା
ଗଣତନ୍ତ୍ର ଗତି ନିର୍ଦ୍ଧାରକ,
ହେ ପୂଜ୍ୟବର,
ଜୟ ଜୟ ହେ ଆମ୍ବେଦକର,
ଭାରତୀ ସନ୍ତାନ ସୁଗୁଣର ହେ ।।

ଶୋଷିତ ବଞ୍ଚିତ ଶ୍ରେଣୀ
ଉନ୍ନତି ପାଇଁ ହେ ଗୁଣୀ
ମନ ମଧ୍ୟେ ପ୍ରୟାସ କରିଲ,
ବାପୁଙ୍କ ସ୍ୱରାଜ ସ୍ୱପ୍ନ
ପୂରଣେ ପ୍ରତିବିଧାନ
ବୈଧାନିକ ବ୍ୟବସ୍ଥା ରଚିଲ
ହେ ପୂଜ୍ୟବର,

ISSN NO.
2582-208X

ଦେଶ ସମୃଦ୍ଧିର ରୂପକାର,
ନାନ୍ଦୀକର ରାଷ୍ଟ୍ରଚେତନାର ହେ ।।

ଶାସନ-କର୍ଣ୍ଣଧାରେ ଧ୍ୟାନ
କରି ମାନସ ମନ୍ଥନ
ବିତାଇଲ ଉନ୍ନଦ୍ର ରଜନୀ,
ସାମ୍ୟବାଦୀ ଦାର୍ଶନିକ
ଭ୍ରାତୃତ୍ୱର ଉଦ୍ଘୋଷକ
ଯଶ ରଖିଅଛ ଏ ମେଦିନୀ,
ହେ ପୂଜ୍ୟବର,
ଆଧୁନିକ ମନୁ ପରି ତୁମେ,
ଜନମିଲ ଏ ଭାରତ ଭୂମେ ହେ ।।

ଦଳିତଙ୍କ ତ୍ରାଣକର୍ତ୍ତା
ମାନବବାଦ ପ୍ରବକ୍ତା
ସାମାଜିକ ନ୍ୟାୟ ପକ୍ଷଧର,
ଶାସନ ଭିତ୍ତି ସ୍ଥାପିଲ
ଏ ରାଷ୍ଟ୍ର ଜନମଙ୍ଗଳ
ଦିଗେ ହୋଇଅଛି ଅଗ୍ରସର,
ହେ ପୂଜ୍ୟବର,
ଦେଶ ଅଖଣ୍ଡତା କଳ୍ପିଥିଲ,
ଶ୍ରମିକଙ୍କ ନେତୃତ୍ୱ ଘେନିଲ ହେ ।।

ISSN NO.
2582-208X



ବୌଦ୍ଧଧର୍ମରେ ଦୀକ୍ଷିତ
ଥିଲ ହେ ପ୍ରଜ୍ଞାପୁରୁଷ
ଗାନ୍ଧି ନେହେରୁଙ୍କ ପ୍ରିୟ ଅତି,
ତୁମ ଜୀବନଦର୍ଶନ
ନୀତି ଉପଦେଶମାନ
ସଦା ସ୍ମରେ ଏଇ ଦେଶ ଜାତି,
ହେ ପୂଜ୍ୟବର,
ଦୀପଶିଖା ଦେଶପ୍ରାଣତାର,
ସଂସ୍କୃ ତିର ପୁରୋଧାପ୍ରବର ହେ ।।

ସ୍ନାତକ ଶିକ୍ଷକ (କଳା)
ସରକାରୀ ସ୍ୱଗ୍ରଜ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ଗୁମ୍ଫା ଗହ୍ୱରର ଗାଥା : ଏଲୋରା

ପ୍ରିୟବ୍ରତ ପାତ୍ର

ଗୁମ୍ଫା ମନ୍ଦିର ମାଳାରେ ପଥର କାରୁକାର୍ଯ୍ୟର ଅସୁମାରି ଗାଥା – ଏଲୋରା ଗୁମ୍ଫା ମାଳା । ଦେଢ ହଜାର ବର୍ଷ ତଳେ ଏକଦା ଏଠାରେ ଶହ ଶହ ଶିଳ୍ପୀ ଦେବାରାତ୍ରୀ କାର୍ଯ୍ୟ କରୁଥିଲେ । ମଧ୍ୟେ ମଧ୍ୟେ ସ୍ୱୟଂ ରାଜା ଆଶି ଶିଳ୍ପୀ ଗଣଙ୍କୁ ଉତ୍ସାହିତ କରୁଥିଲେ ବା ତାଗିଦ୍ କରୁଥିଲେ । ନିହଣ ଓ ମୁଗୁରର ଅବିରତ ଝଙ୍କାର ସହ ତାଳ ଦେଇ ଶକ୍ତ ପଥର ଦେହୁ ଝରିପଡୁଥିବା ପଥର ଗୁଣ୍ଡ ସବୁକୁ ଆଉ ଦଳେ ସଂଗ୍ରହ କରି ଦୂରରେ ଫୋପାଡି ଦେଉଥିଲେ । ପ୍ରଚଣ୍ଡ ରୌଦ୍ର ତାପରେ ବିବଶ ହସ୍ତରେ ଯେବେ ଥରି ଉଠୁଥିଲା ମୁଗୁର, କୋଟରାଗତ ଚକ୍ଷୁ କ୍ଳାନ୍ତି ହୀନ ଭାବେ ଗାତ୍ର ଖୋଦିତ ମୂର୍ତ୍ତି ଉପରେ ଘୂରି ଆସୁଥିଲା – କୋଉଠି କିଛି ଅସଙ୍ଗତି ରହିଗଲା କି? ରାତ୍ରୀର ଶେଷ ପ୍ରହରରେ ମଧ୍ୟ ଦିହୁଡି ବା ହୁଳା ଲଗେଇ କାମ ଚାଲୁଥିଲା । ସ୍ୱୟଂ ରାଜାଙ୍କ ପୃଷ୍ଠପୋଷକତାରେ କେବେ କେମିତି ମନୋରଞ୍ଜନ ପାଇଁ ଖାସ୍ ଖାସ୍ ନର୍ତ୍ତକୀଙ୍କ ଆୟୋଜନ ହେଉଥିଲା ହେଇପାରେ ସେଇ ମାଦକଭରା ସଂଧ୍ୟାରେ ଅବା ଚନ୍ଦ୍ର ବିଧୌତ ରଜନୀରେ ଝଲସି ଉଠୁଥିବା ନର୍ତ୍ତକୀଙ୍କ ଦେହ-ଦେଉଳକୁ ଦେଖି ଶିଳ୍ପୀମାନେ ଲକ୍ଷ୍ମୀ, ପାର୍ବତୀ, ପରୀ, ଅପସରା, ରାଜସଭାର ନର୍ତ୍ତକୀ ବା ଜନପଦକଲ୍ୟାଣୀ ମାନଙ୍କୁ କଳ୍ପନାରେ ନିଖୁଣ ଭାବେ ବନ୍ଦୀ କରି ନେଉଥିଲେ ।

ମହାରାଷ୍ଟ୍ରର ଔରଙ୍ଗାବାଦରୁ ୨୮ କି.ମି. ଦୂରକୁ ଗଲେ, ଦୌଲତାବାଦ ଛୁଇଁକରି ଯାଉଥିବା ରାସ୍ତା ଏଲୋରା ଗୁମ୍ଫା ମାଳାରେ ପହଞ୍ଚିଥାଏ । ଭାରତର ତିନୋଟି ମୁଖ୍ୟ ଧର୍ମ –ବ୍ରାହ୍ମଣ ଧର୍ମ, ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଦେବୀ ଦେବତା କିମ୍ବଦନ୍ତୀ ଓ ଅସରନ୍ତି ଧାର୍ମିକ ବିଶ୍ୱାସର ପ୍ରତିଫଳନ ଏଲୋରା, ରୂପ ଏଇଛନ୍ତି ବିଶିଷ୍ଟ ଶିଳ୍ପୀ ଓ କାରୀଗର ଗଣ । କଳାପ୍ରେମୀ ରାଜ ମହାରାଜାଙ୍କ ପୃଷ୍ଠପୋଷକତାରେ ଦୀର୍ଘ କେତେ ହଜାର ବର୍ଷର ଶ୍ରେଷ୍ଠ ନିଦର୍ଶନ, ଭାରତୀୟ ଚିତ୍ରକଳା ଓ ଭାସ୍କର୍ଯ୍ୟର ଚରମ ଅଭିବ୍ୟକ୍ତି ହେଉଛି ଏଲୋରା । କଠିନ ଶିଳା ପର୍ବତରେ ଖୋଳାଯାଇଛି ପାଖାପାଖି ୩୪ ଟି ଗୁମ୍ଫା ଯାହାକି ଦକ୍ଷିଣରୁ ଉତ୍ତରକୁ ପାଖାପାଖି ଦେଢ କୋଲୋମିଟର ଧରି ବ୍ୟାପ୍ତ ହୋଇ ରହିଛି । ପ୍ରଥମ ୧୨ଟି ହେଉଛି ବୌଦ୍ଧ

ISSN NO.
2582-208X

କୃତି ସମ୍ଭବତଃ ୫୦୦ ରୁ ୭୦୦ ଖ୍ରୀଷ୍ଟାବ୍ଦରେ ଗଠିତ । ତା ପର ୧୭ ଟି ହେଉଛି ବ୍ରାହ୍ମଣ୍ୟ କୃତି ଏବଂ ଶେଷ ୭ଟି ହେଉଛି ଜୈନ କୃତି । ଏଲୋରା ଦିଗେ ଆସୁଥିବା ପର୍ଯ୍ୟଟକମାନଙ୍କ ଗାଡି ୧୬ ନମ୍ବର ଗୁମ୍ଫା ଆଗରେ ଅଟାକି ଥାଏ ଏବଂ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଦେଖିବାକୁ ପଡିଥାଏ । ସମୟ ଅଭାବରେ ଯେଉଁ କେତୋଟି ଗୁମ୍ଫାକୁ ନିଶ୍ଚିତ ରୂପେ ଦେଖିବାକୁ ପଡିଥାଏ, ସେଗୁଡିକ ହେଲା ଗୁମ୍ଫା ନଂ. ୫, ୧୦, ୧୫, ୧୬, ୨୧, ୨୯ ଏବଂ ୩୨ ।

ଏଲୋରାର କ୍ଷୀଣ ପ୍ରତିଧ୍ୱନୀ ଦେଖିବାକୁ ମିଳେ ବମ୍ବେ ଉପକୂଳରେ ଥିବା ଏଲିଫେଣ୍ଟା ଗୁମ୍ଫା ସବୁରେ । ଶ୍ରୀଲଙ୍କାର ସିଂହଗିରି ପ୍ରାସାଦ ଅନ୍ତର୍ଭୁକ୍ତ ପାର୍ବତ୍ୟ ସୁଡଙ୍ଗ ପଥରେ ଥିବା ଗାତ୍ର ଚିତ୍ର ଏଲୋରା ସହ ତୁଳନୀୟ ଏକହିଁ ଶୈଳୀରେ ବିକଶିତ । ସମ୍ଭବତଃ ଏକ ହିଁ ଶିଳ୍ପୀଦଳ ଏବଂ ସେମାନଙ୍କ ବଂଶଧରମାନେ ପ୍ରଥମେ ଭାରତରୁ ଶ୍ରୀଲଙ୍କା ସିଂହଗିରି ଆସି ଏଠାରେ ପଞ୍ଚ ଶତାବ୍ଦୀ ସୁଦ୍ଧା କାର୍ଯ୍ୟ ଶେଷ କରି ପୁନଶ୍ଚ ଫେରି ଯାଇଥିଲେ ଏବଂ ଏଲୋରାରେ କାର୍ଯ୍ୟ ତାପରେ ଆରମ୍ଭ କରିଥିଲେ । ସମସ୍ତ ବୌଦ୍ଧ କୀର୍ତ୍ତି ରାଜି ପଞ୍ଚମରୁ ସପ୍ତମ ଭିତରେ ତିଆରି, ବ୍ରାହ୍ମଣ୍ୟ କୀର୍ତ୍ତିରାଜି ସପ୍ତମରୁ ୧୩ ଶତାବ୍ଦୀ ଭିତରେ ତିଆରି, ଜୈନ କୀର୍ତ୍ତି ରାଜି ସମ୍ଭବତଃ ସବୁଠୁ ତରୁଣ । ଅଜନ୍ତା ପରି ଏଲୋରା କେବେହେଲେ ସଂପୂର୍ଣ୍ଣ ବିସ୍ମୃତହୋଇ ନଥିଲା । କିଛି ଅଂଶ ପରିତ୍ୟକ୍ତ ଅବସ୍ଥାରେ ଅଗମ୍ୟ ହୋଇ ଲୁକ୍କାୟିତ ଥିଲା, ଅଳ୍ପ କିଛି କୁ ମଣିଷଙ୍କ ପ୍ରବେଶ ଥିଲା । ସମ୍ଭବତଃ ଏଲୋରା ନାମ୍ନୀ କୌଣସି ଇଂରେଜ ତନୟା, ଅଚାନକ ନିଜ କୌତୁହଳ ମେଣ୍ଟାଉଥିବା ବେଳେ ଏସବୁ ଲୁକ୍କାୟିତ ଗିରି ଗହ୍ୱରର ସନ୍ଧାନ ପାଇଥିଲେ ଏବଂ ବିଶେଷ ଆଗ୍ରହ ଦେଖାଇ ସେସବୁକୁ ଲୋକଲୋଚନକୁ ଆଣିଥିଲେ, ଫଳରେ ବିଶ୍ୱ ପ୍ରସିଦ୍ଧି ଘଟିଥିଲା । ବୋଧେ ତାଙ୍କରି ନାମରେ ଏହା ଏଲୋରା ହୋଇଯାଇଛି । ଭାରତରେ କେବେ ମଧ୍ୟ ମହାନ କୃତି ସବୁରେ ସ୍ରଷ୍ଟାମାନେ ନିଜ ନାମ ଉଲ୍ଲେଖ କରନ୍ତି ନାହିଁ । ତେଣୁ ତମାମ ଏଲୋରା ଗୁମ୍ଫା ରାଜିରେ କେଉଁଠି ମଧ୍ୟ ଶିଳ୍ପୀଙ୍କ ନାମ ବା ରାଜାରାଜୁଡାଙ୍କ ନାମ ଉଲ୍ଲେଖ ନାହିଁ । ବୋଧେ ଭଗବତ ଉଦ୍ଦେଶେ ଅର୍ପିତ କଳାକୃତିରେ ନିଜ ନାମର କାଳିମା ଲଗେଇ ଅହମିକା ପ୍ରଦର୍ଶନ କରିବା, ତତ୍କାଳୀନ ସମାଜରେ ଏକ ଅପରାଧ ଥିଲା । ସମୟର ଗତି ବଡ ବିଚିତ୍ର, ସେସବୁକୁ ଅଚାନକ ଖୋଜି ପାଇଥିବା ବିଦେଶୀ ତରୁଣୀର ନାମରେ ସମଗ୍ର ଗୁମ୍ଫା ଗହ୍ୱର ଆଜି ପରିଚିତ । ପରେ ପରେ ସମ୍ଭବତଃ ପରାକ୍ରମୀ ରାଜାମାନେ ଏଭଳି ଅତିକାୟ ଦାନବୀୟ ଗୁମ୍ଫା ସବୁକୁ ନିଜର ସାମରିକ ଶକ୍ତି ବୃଦ୍ଧିରେ ବ୍ୟବହାର କରିଥିଲେ ବା ହୋଇପାରଏ ଦସ୍ୟୁ ବା ଲୁଣ୍ଠନକାରୀମାନେ ଜାଣି ଜାଣି ଆତଙ୍କ ସୃଷ୍ଟି କରି ଏସବୁ

ISSN NO.
2582-208X

ଗୁମ୍ଫାକୁ ସାଧାରଣ ମଣିଷଙ୍କ ଗମନାଗମନ ଲାଗି ବନ୍ଦ କରି ଦେଇଥିଲେ । ନତୁବା ଗରିଲା ଯୁଦ୍ଧରେ ଧୁରନ୍ଧର ଶିବାଜୀ, ଆଉରଙ୍ଗଜେବ ବା ଖିଆଲି ରାଜା ମହମ୍ମଦ ତୋଗଲକଙ୍କ ଆଖିରୁ ଖସିଯାଇ ଗୁପ୍ତ ହୋଇ ରହିଯିବା ଏତେ ସହଜ ନଥିଲା । ଭଗବାନଙ୍କୁ ଅଶେଷ ଧନ୍ୟବାଦ କୌଣସି ଧର୍ମାନ୍ଧତାରେ ବଶବର୍ତ୍ତୀ ହୋଇ କେହିହେଲେ ଏସବୁକୁ ଧ୍ୱଂସ କରି ନାହାନ୍ତି । ସଂରକ୍ଷଣରେ ସାହାଯ୍ୟ କରି ନଥାଇ ପାରନ୍ତି ସତ, କିନ୍ତୁ ଧ୍ୱଂସ ହେବାର କାରଣ ମଧ୍ୟ ହୋଇନାହାନ୍ତି ।

ବୌଦ୍ଧ ଗୁମ୍ଫା ସମୂହ :- ଏକ ନମ୍ବର ଗୁମ୍ଫାଟି ସବୁଠୁ ପ୍ରାଚୀନ ଓ ପୁରାତନ ଶୈଳୀର ପରାକାଷ୍ଠା । ଅନ୍ୟ ସବୁ ଗୁମ୍ଫାରେ ରହିଛି ବିଶାଳ ଚୈତ୍ୟ ପ୍ରକୋଷ୍ଠ । ବଡ ବଡ ଚିତ୍ରିତ ସ୍ତମ୍ଭକୁ ଢିରା ଦେଇ ଉପରର ବିଶାଳ ଛାତଟି ସତେ ଅବା ବାହାରୁ ଉଠାଇ ଆଣି ରଖା ହେବାର ଭ୍ରମ ସୃଷ୍ଟି କରେ । ଗୁମ୍ଫା କାନ୍ଥ ସବୁରେ ଖୋଦିତ ହୋଇଛି ପାରମ୍ପରିକ ଢଙ୍ଗରେ ପଦ୍ମଫୁଲ ଉପରେ ଆସୀନ ବୁଦ୍ଧଙ୍କ ମୂର୍ତ୍ତି । କେଉଁଠି ନାଗଫଣା ଉପରେ ପଦ୍ମଫୁଲ ଓ ତା ଉପରେ ବୁଦ୍ଧ ଆଶୀର୍ବାଦ ଦେବା ମୁଦ୍ରାରେ ଉପବିଷ୍ଟ, ପୁଣି କେଉଠି ପଦ୍ମଫୁଲ ଉପରେ ରାଜ ସିଂହାସନ ଓ ତା ଉପରେ ଯୋଗ ମୁଦ୍ରାରେ ବୁଦ୍ଧ । ଗୁମ୍ଫା ୬ ରେ ଜାତକ ଗଳ୍ପର ଅନେକ ଦୃଶ୍ୟ ସହ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ଖୋଦିତ ମୂର୍ତ୍ତି, ବୋଧେ କିଛି ବୌଦ୍ଧ ମହାଯାନ ଭିକ୍ଷୁଙ୍କ ସରସ୍ୱତୀଙ୍କ ପ୍ରତି ରହିଥିବା ଅହେତୁକ ଶ୍ରଦ୍ଧାର ପରିଣାମ । ସବୁଠୁ ବଡ ଗୁମ୍ଫା ନମ୍ବର ୧୦ଟି ବିଶ୍ୱକର୍ମାଙ୍କୁ ଉତ୍ସର୍ଗୀକୃତ କରାଯାଇଛି, ଯାହାର ଚୈତ୍ୟ ପ୍ରକୋଷ୍ଠରେ ସମ୍ଭବତଃ ବୌଦ୍ଧ ସନ୍ନ୍ୟାସୀଙ୍କ ଆଲୋଚନା ଚକ୍ର ସଂଗଠିତ ହେଉଥିଲା । ଗୁମ୍ଫା ୧୧ ଓ ୧୨ ଉଭୟେ ତିନି ମହଲାରେ ବିଭକ୍ତ ଓ ବଡ ବଡ ବାରଣ୍ଡା ସହ ସ୍ତମ୍ଭ ଦ୍ୱାରା ଠିଆ ହୋଇଥିବା ପାର୍ବତ୍ୟ ଛାତ ସମୂହ ମହାକାଶରୁ ଲଟକି ଥିବା ପରି ଲାଗେ । ବାହାରର ଯତ୍ ସାମାନ୍ୟ ଆଲୋକରେ ଏହି ମହଲା ସବୁର ଶେଷ ଅଂଶରେ ଅନ୍ଧାରୁଆ ପ୍ରକୋଷ୍ଠ ଭିତରେ ଝଟକି ଉଠୁଥିବା ବୁଦ୍ଧଙ୍କ କିୟଦଂଶ କେଉଁ ଏକ ଅପାର୍ଥିବ ଜଗତରୁ ଓହ୍ଲେଇ ଆସିଥିବା ମହାମାନବଙ୍କ ଅତି ଭୌତିକ ଶରୀରର ଭ୍ରମ ସୃଷ୍ଟି କରେ ।

ଭଗବାନ, ଆତ୍ମା, ଦେବତା, ବେଦ ତଥା ମୂର୍ତ୍ତି ପୂଜାର ତୀବ୍ର ବିରୋଧ କରୁଥିବା ସ୍ୱୟଂ ବୁଦ୍ଧଙ୍କ ଅତିକାୟ ମୂର୍ତ୍ତି ଦେଖି, ତାଙ୍କର ଈଶ୍ୱରୀୟ ବା ରାଜକୀୟ ସାଜସଜ୍ଜା ଦେଖି ବଡ ଆଶ୍ଚର୍ଯ୍ୟ ହେବାକୁ ପଡେ । ସନାତନ ଧର୍ମର ବିଦ୍ରୋହୀ ବାଳକ ବୁଦ୍ଧ ଧୀରେ ଧୀରେ ମହାଯାନର ଅଭ୍ୟୁଥାନ ପରେ ହିନ୍ଦୁ ଧର୍ମର ଗୋଟିଏ ଅଂଶ ହୋଇଗଲେ, ନିଜେ ଏକ

ISSN NO.
2582-208X

ଅବତାର ହୋଇଗଲେ । ଏହା ଥିଲା ସାଧାରଣ ମଣିଷମାନଙ୍କ ଏକ ମହାମାନବକୁ ନ୍ୟୁନ କରିଦେବାର ଷଡଯନ୍ତ୍ର । ସୁଦୂର ବିଦେଶରେ ଧର୍ମପ୍ରଚାର କରାଇଥିବା ସମ୍ରାଟ ଅଶୋକ ହିଁ ସମ୍ଭବତଃ ଭାରତ ବର୍ଷରେ ବୌଦ୍ଧ ଧର୍ମ ବିଲୁପ୍ତିର ପ୍ରଧାନ କାରଣ ହୋଇଗଲେ । ଜଣେ ଐତିହାସିକ ଥଟ୍ଟା କରି କହିଥିଲେ – "ଶୁଖିଲା ପତ୍ରକୁ ଝରି ପଡୁଥିବା ଦେଖି ଉଦାସ ହୋଇ ପଡୁଥିବା ତରୁଣ ଗୌତମ ଯଦି କଦବା ହସିବା ପାଇଁ ସମର୍ଥ ହୋଇପାରିଥାନ୍ତେ, ତେବେ ପୃଥିବୀ ଇତିହାସ ବଦଳି ଯାଇଥାନ୍ତା ।" ଏସିଆର ଆଲୋକବର୍ତ୍ତିକା ବୋଲି କୁହାଯାଇଥିବା ଗୌତମ ବୁଦ୍ଧ ଦୁଃଖ ମୁକ୍ତ ହୋଇ ଆନନ୍ଦରେ ବଞ୍ଚିବାର କଥା କହୁଥିଲେ । ତାଙ୍କ ଅନୁଗାମୀମାନେ ବୌଦ୍ଧ ଧର୍ମ ପ୍ରଚାରରେ ମାତିଗଲେ । ତାଙ୍କର ମହିମାକୁ ଜାଜ୍ୱଲ୍ୟମାନ କରିବାକୁ ଯାଇ ସମ୍ଭବତଃ ଚାରିଶହ ବର୍ଷ ପରେ ଅସଂଖ୍ୟ ଜାତକ ଗଳ୍ପ ଉପସ୍ଥାପନା କରାଗଲା । ଏହି ଗୁମ୍ଫା ସମୂହ ଜାତକ ଗଳ୍ପ ସବୁକୁ ଜୀବନ୍ତ କରିବାରେ ବ୍ୟବହୃତ ହୋଇଥିଲେ ।

ବ୍ରାହ୍ମଣ୍ୟ କଳାକୃତିର ଗୁମ୍ଫା ସମୂହ: – ଏବର ହିନ୍ଦୁ ଧର୍ମ ସେତେବେଳେ ବ୍ରାହ୍ମଣ୍ୟ ଧର୍ମ ରୂପେ ଧୀରେ ଧୀରେ ବୌଦ୍ଧ ପ୍ରଭାବକୁ ଅପସାରିତ କରି ମୁଣ୍ଡ ଟେକି ଉଠୁଥିଲା ଏବଂ ତଦନୁସାରେ କଳାକୃତିର ଦିଗ ମଧ୍ୟ ବଦଳିଗଲା । ସପ୍ତମ ଠୁ ନବମ ଶତାବ୍ଦୀ ଭିତରେ ଏସବୁର ନିର୍ମାଣ । ପ୍ରକୃତି ଓ ପୁରୁଷଙ୍କୁ ନେଇ ଗଢି ଉଠିଥିବା ସହସ୍ର କାହାଣୀ କିମ୍ବଦନ୍ତୀରେ ଭରପୂର ବ୍ରାହ୍ମଣ ଧର୍ମ ଧୀରେ ଧୀରେ ନିଜକୁ ଅନ୍ୟ ଏକ ନୂତନ ପ୍ରତୀକାତ୍ମକ ଭାବେ ଉଜ୍ଜୀବିତ କରାଇବାରେ ଲାଗିଲା । କିନ୍ତୁ ସେତେବେଳେ ଧର୍ମୀୟ ସହନଶୀଳତା ପ୍ରଚୁର ଥିଲା । ପରସ୍ପରକୁ ଆକ୍ରମଣ କରି ବିଲୀନ କରିଦେବା, ପରସ୍ପରର କୀର୍ତ୍ତିରାଜିକୁ ଭୂଲୁଣ୍ଠିତ କରିବାର କଦର୍ଯ୍ୟ ପ୍ରୟାସ କେବେହେଲେ ଦେଖା ଦେଇ ନଥିଲା । ଖୁବ୍ ବେଶୀରେ ତର୍କ ସ୍ଥଳୀରେ ବା ସଭା ମଣ୍ଡପରେ ବିଦ୍ୱାନମାନଙ୍କ ଭିତରେ ଏହି ବିଦ୍ୱେଷ ସୀମିତ ଥିଲା । ତା ନହୋଇଥିଲେ ହିନ୍ଦୁ ରାଜାମାନେ ପ୍ରଥମେ ବୌଦ୍ଧ କୀର୍ତ୍ତିରାଜିକୁ ଭୂଲୁଣ୍ଠିତ କରିବାକୁ ନିଜର ପ୍ରଥମ କର୍ତ୍ତବ୍ୟ ମାନିଥାନ୍ତେ । ସେତେବେଳେ ସେହି ଉଦାରତା ଯୋଗୁଁ ଆମେ ଏଲୋରାରେ ତିନିଟି ଅଲଗା ଅଲଗା ବିଶ୍ୱାସ ଧର୍ମକୁ ଏକାଠି ଏକ ମୋତିମାଳାର ଅଲଗା ଅଲଗା ଭାବେ ଝଟକୁଥିବା ବୈଦୁର୍ଯ୍ୟ ପରି ଦେଖିବାକୁ ପାଉ ।

ଗୁମ୍ଫା ସବୁରେ ରହିଛି ଦୁର୍ଗା ମାତା, ବିଷ୍ଣୁ, ଲକ୍ଷ୍ମୀ, ଶିବ, ପାର୍ବତୀ, ହଳଧର ବଳରାମ, ଶ୍ରୀ କୃଷ୍ଣ, ଅନନ୍ତ ଶୟନରେ ବିଷ୍ଣୁ, ବରାହ ଅବତାର ତଥା ମହିଷମର୍ଦ୍ଦିନୀ ଦୁର୍ଗାଙ୍କ ଗାତ୍ର ଚିତ୍ର ।

ISSN NO.
2582-208X

ବିଭିନ୍ନ ମହଲାକୁ ସଂଯୋଗ କରୁଥିବା ଗୁମ୍ଫା ମଧ୍ୟସ୍ଥ ପାହାଚ, କମକୁଟ କାରୁକାର୍ଯ୍ୟ ଭରା ବିଶାଳ ପ୍ରସ୍ତର କବାଟ, ତୋରଣ ଓ ସ୍ତମ୍ଭ ସବୁ ଏକୁ ଆରେକେ ବଳି ଚମତ୍କାର। କିଛି ବିରଳ ଦୃଶ୍ୟରାଜି ହେଲା ଅଷ୍ଟଭୁଜା ଶିବ, ଅବସର ବିନୋଦନ ସମୟରେ ପାର୍ବତୀଙ୍କ ସହିତ ପଶା ଖେଳୁଥିବା ଖୁସିବାସିଆ ଶିବ, କେବେ ପୁଣି ତାଣ୍ଡବ ନୃତ୍ୟ କରି ତ୍ରିପୁରା ରାକ୍ଷସକୁ ବଧ କରିବାର ହିଂସ୍ର ରୂପୀ ଶିବ। କେଉଁଠି ପୁଣି ରହିଛି ଶିବ ପାର୍ବତୀଙ୍କ ବିବାହ, ଗଙ୍ଗା ଯମୁନା ନଦୀମାନଙ୍କର ଦେବୀ ରୂପ, ସ୍ତମ୍ଭମାନଙ୍କରେ ପାଦତଳେ ଫୁଟନ୍ତା ପଦ୍ମ ସହ ନାରୀମାନଙ୍କ ଚିତ୍ର। ଗୁମ୍ଫା ୨୫ ରେ ରହିଛି ଅରୁଣ, ଉଷା, ପ୍ରତ୍ୟୁଷ ଆଦି ଆତତି ଧାବମାନ ଅଶ୍ୱ ସହ ଧନୁ ବାଣ ଧରି ସୂର୍ଯ୍ୟଙ୍କ ବୀର ରୂପ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଗୁମ୍ଫା ହେଲା ଗୁମ୍ଫା ନମ୍ବର ୧୬....

କ୍ରମଶଃ...

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଅଳପ ପାଠ, ବହୁତ ହାଟ



ଜୟ କୁମାର ମିଶ୍ର

ଅଳପ ପାଠ, ବହୁତ ହାଟ
ହରବର ସେ କରେ,
ଖଣ୍ଡି ଇଂର୍‌ଜୀ, କଥାରେ ଖଞ୍ଜି
ବାହାଦୁରିଟି ମାରେ ।
ବେଶ ଭୂଷଣ, ଗୃଲି ଚଳଣ
ଉଚ୍ଛ ହାକମ ସରି,
ଦାଣ୍ଡ ଦେଖାଣି, ବହୁ ଫୁଟାଣି
ନାହିଁ ବିର୍‌ମ ତା'ରି ।
ସୀମିତ ଜ୍ଞାନ, କୁଟିଳ ମନ
ଜଟିଳ ଚନ୍ତା ଧାରି ,
ମାମଲ୍ ବୁଦ୍ଧି, ମନରେ ଖୁନ୍ଦି
ଆତ୍ମ ବଢ଼ିମା ଭାରି ।
ପକେଟ ଶୂନ୍ୟ ବହପ ମନ
ହାତୀକୁ କଣି ନବ,
ତୁଣ୍ଡେ ବାଟୁଳୀ, ବାଜେନ ବୋଲି
କେତେ ଯେ ଗପିଯିବ ।
ଟାଉଟରରେ, ଏକ ନମ୍ବର
ଭଣ୍ଡ ମିଛୁଆ ସେତ,

ISSN NO.
2582-208X

ଦିବସେ ତାର୍, ଦେଖାଏ ପର୍
ବଦଳାଏ କା ଚନ୍ଦ ।
ଭଦ୍ର ମଣିଷ, ହୁଏ ଅବଶ୍ୟ
ମାଗି ଓଳଗି ନଏ,
ଉପରେ ପଡି, ହୋଇବ ଝାଡ଼ି
ବଚନ ବହୁ ଥୁଏ ।
ଜାତ କଲ୍ୟାଣ, କରିବ ପୁଣ
ପରିଚୟକୁ ବାଢି,
ଦାଣ୍ଡ ଯାତର୍, ବହୁତ ପର୍
ଖୋଲିଲେ ଗପ ପେଢ଼ୀ ।
ଅବରଣରେ, ମଧ ପାନ୍ଦସେ
ଧସେଇ ପଶିଯାଏ,
ଅପମାନକୁ, ଧୋଇ ପୋଛି ସେ
ନିର୍ଲଜ ଭବ ଥୁଏ ।
ସବୁ ଜାଣିବା, କଥା କହିବା
କଳା ନପୁଣ ଗୀର
ଇତିହାସ ଓ, ଭୂଗୋଳ ପାଠ
କୁହଇ ବହୁବାର ।
କାଲ୍ ଆଗରେ, ଯତନ ଭରେ
ଗ୍ବେବାଇ ମୂଳା ନତି,
ସରଳ ମନ ତରଳ ଯାଏ
ଅନୁର୍‌ଗରେ, ପ୍ରୀତି ।
ଅନ୍ଧ ର୍‌ଇଜେ, ଦର୍ପଣ ବିକା
ସବୁକୁ କରି ଦେବ,
ଚୂନ ଓ କାଳ, ଦେବ ସେ ବୋଳ
କାର ମହତ ନେବ ।
ବିଶ୍ବାସେ ବିଷ, ଦେଇ ଅବଶ୍ୟ

ISSN NO.
2582-208X

ବୁଢ଼ାଏ ଘର  କେତେ,
ମହା ମାନସେ, ଦୁର୍ଯ୍ୟୋଧନଟି
ଗ୍ଭଲିଲେ ଦାଣ୍ଡ ପଥେ ।
କଏ ଡରଇ, କଏ ଥରଇ
ଜଗିରଖି କେ ଚଳେ,
ଦୂରୁ ଦେଖିକେ, ବିରାଗ ମୁଖେ
ଦାଣ୍ଡ ଦୁଆର କଳେ ।
ହାଜତ ଘର, ଅତି ନଜର
ଯାଇଛି କେତେ ସିଏ,
ବାହୁ ବୁଲାଇ , କଥା କୁହଇ
ମୋ  ସରି ନାହିଁ କଏ  ।
ଅଳପ ପାଠ, ବହୁତ ହାଟ
ବେଶି ସେ ଦାଉ ସାଧେ,
କହି ହୁଏନା, ସହି ହୁଏନା
ଅଜାଗା ଘାଆ ବାଧେ ।

ବୁଦୁରା, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ବନୌଷଧି



ଅମରନାଥ ବାରିକ

ବନୌଷଧି ଦେଶୀ ଉପଗ୍ଭର ମନ୍ତ୍ର
କହିବେ କବି ଅମର
ଆସ ଆମେ କଛି ଜାଣିନେବା ତାହା
କବିତାରେ ଲେଖା ସାର ।

ଶ୍ୱେତଚନ୍ଦନକୁ ଅଦା ମହୁ ସାଥେ
ମିଶାଇ ସେବନ କଲେ
ବାନ୍ତ ହେଉଥିଲେ ତୁରନ୍ତ ଥମିବ
ଜାଣିଥାଅ ଏହା ଭଲେ ।

ବାସଙ୍ଗ ପତ୍ରର ରସ ଛଟାଙ୍କିଏ
ଚନ ସହିତ ସକାଳେ
ଔଷଧ ପତ୍ରଏ ସେବନ କରିଲେ
ରକ୍ତବାନ୍ତ ବନ୍ଦ କରେ ।

ଅପମାର୍ଗ ମୂଳ ସାଙ୍ଗରେ ତିନୋଟି
ଗୋଲମରିଚ ମିଶାଇ
ବାଟି ପିଉଥିଲେ ମାତ୍ମକ ରୋଗ
ହଇଜା ଦୂର ହୁଅଇ ।

ISSN NO.
2582-208X

ନ ହେଲେ ଶିମୂଳୀ  ଛେଲି ସହିତରେ
କଞ୍ଚା ଗାଈକ୍ଷୀର ନେଇ
ବାଟି ପାନ କଲେ ଝାଡ଼ା ବାନ୍ତୁ ଯେତେ
ନବାରିତ ହୋଇଥାଇ ।

ଜୁଆଣି ସହିତ ଗୋଟାପାନ ଦୁଇ
ଶୀତଳ ଜଳରେ ବାଟି
କରିଲେ ସେବନ ସଙ୍ଗେ ସଙ୍ଗେ ଜାଣ
କମେ ତରଳ ଝାଡ଼ାଟି ।

ଦହି ବେସନକୁ ଏକତ୍ର ମିଶାଇ
ମୁଣ୍ଡରେ ମାଲିସ କଲେ
ବାଳ ଅଠା ଜଟା ଛାଡିଯାଏ ମଳ
କୋମଳ ହୁଅଇ ଭଲେ ।

ମନ୍ଦାର ଫୁଲକୁ ବାଟି ତା' ସହିତ
ନଡ଼ିଆ ତେଲ ଘୋଳବ
ସେହିଥିରୁ କଛି ଦିନ ଲଗାଇଲେ
ମୁଣ୍ଡରେ ବାଳ ବଢ଼ିବ ।

ନମ୍ବ ତେଲ ଏକ ମାସ ନସ୍ୟ ଦେଲେ
ବାଳ ଶୀଘ୍ର ପାଚବନ
ଦିଶିବ ସୌନ୍ଦର୍ଯ୍ୟ ଘନ କଳା ହେବ
ସହଜରେ ଝଡିବନ ।

କଦଳୀ ଗଛର ଶୁଖିଲା ପତ୍ରକୁ
ପୋଡ଼ି ପାଉଁଶ କରିବ

ISSN NO.
2582-208X

ପାଣିରେ ମିଶାଇ କ୍ଷଣ ଲେପନରେ
ଉକୁଣୀ ଶୂନ୍ୟ ହୋଇବ ।

ଦାନ୍ତ ଯଦି କେବେ ପୋକ ଖାଉଥାଏ
ନୟମିତ ଏହା କର
ବେଗୁନଆ ପତ୍ର କଳରେ ଜାକବ
ପୋକଖିଆ ହେବ ଦୂର ।

ନଡ଼ିଆ ଗଛର ଚେରକୁ ଛେଚଣ
ଜଳରେ ମିଶ୍ରଣ କରି
ଏହାକୁ ପାଟିରେ କୁଳୁକୁଞ୍ଚା କଲେ
ଦାନ୍ତହଲ୍ ଥାଏ ରହି ।

ଶୁଣ୍ଠୀର ଚୂର୍ଣ୍ଣକୁ ଦାନ୍ତରେ ଘଷିଣ
ଉଷ୍ଣଜଳେ ବାରମ୍ବାର
କୁଳ କରୁଥିଲେ ସମସ୍ତ ପ୍ରକାର
ଦାନ୍ତ ପୀଡ଼ା ହୁଏ ଦୂର ।

ବିଶୁଦ୍ଧ ଗରମ ପାଣିରେ କୋଡିଏ
ବୁନ୍ଦା ଅଦାରସ ଦେଇ
ପାନ କରୁଥିଲେ ପେଟ ଫମ୍ପା ରୋଗ
ଶୀଘ୍ର ଆରୋଗ୍ୟ ହୁଅଇ ।

ତେନ୍ତୁଳ ପତ୍ର ବା କଲରା ପତ୍ରର
ରସ ସହିତରେ ଚନ
ମିଶାଇ ସେବନ କରୁଥିଲେ ଭାଇ
ନାଶ ହୋଇଯାଏ କୃମି ।

ISSN NO.
2582-208X

କଟା ଘାଆ ଯଦି ହୋଇଥାଏ ଦେହେ
ଶୁଖାଇବା ପାଇଁ ତାହା
କଲର୍ ପତ୍ର ଓ ତୁଳସୀ ପତ୍ରକୁ
ବାଟି ଲେପ ଦେବ ଏହା ।

ଯଦି ବାଡ଼ିପଟେ ଥାଏ ଜମ୍ବୁପତ୍ର
ବ୍ଶି ଆଉ ଘିଅ ସାଥେ
ପେଷିଣ ପ୍ରଲେପ କରିଲେ ଘାଆରେ
ଶୁଖିଯାଇଥାଏ ଆପେ ।

ଅମରପୋଇର ପତ୍ର ବାଟି ନାଭି
ଚତୁର୍ପାର୍ଶ୍ୱେ ଲେପ ଦେବ
ପିଲାଙ୍କର ମୂତ୍ର ବନ୍ଦ ହୋଇଥିଲେ
ଏହି ଉପାୟ କରିବ ।

ଶୁଦ୍ଧ ହଳଦୀକୁ ଥଣ୍ଡା ପାଣି ସାଥେ
ଭଲଭାବେ ପେଷି ନିଅ
ଦୁଇ ତିନ ଥର ନାଭି ମଣ୍ଡଳରେ
ଯତନେ ଲଗାଇ ଦିଅ ।

ତୁଳସୀ ପତର ରସ ସହିତରେ
ମଧୁ ଗ୍ରମଚେ ମିଶାଇ
ପିଆଉଥିଲେ ତ ଶିଶୁ ଗଣଙ୍କୁ ଯେ
ସର୍ଦ୍ଦି ଥଣ୍ଡା ଛାଡ଼ିଥାଇ ।

ISSN NO.
2582-208X

ଗିଲ ଅଗି ଅଲ୍ପ ଗ୍ରଇ ବେସରରେ
ଗୋଳାଇ କରି ଯତନେ
ପୋଡ଼ପିଠା କରି କଛି ଦିନ ଖାଅ
ଅଣ୍ଟାଧର୍ ଯିବ ଦିନେ ।

ଶ୍ୱେତ ପୁରୁଣୀର ସର୍ବାଙ୍ଗ ଛେଚ ତା'
ରସ ଚକ୍ଷୁରେ ପକାଅ
ଚକ୍ଷୁକୁ ଦିଶିବ ସ୍ୱଚ୍ଛ ନିରିମଳ
ପୁରୁଣା ରୋଗ ଦୂର୍‌ଅ ।

ଜାଣିଲେ ଜୀବନ ସଂଜୀବନ ସୂତ୍ର
ବୈଦ୍ୟର୍‌ଜପାୟ୍‌ ତଥ୍ୟ
ବାଣ୍ଟିଦେଲେ ଜ୍ଞାନ ବିନା ମୂଲ୍ୟ ନେଇ
କବି ଶ୍ରୀ ଅମରନାଥ ।

ଯାଜପୁର, ମଙ୍ଗଳପୁର, କୟାଁ

ISSN NO.
2582-208X

# ମା' ଆଙ୍କୁଡାଶୁଣି



ସରୋଜଲକ୍ଷ୍ମୀ ମହାନ୍ତ

ହିନ୍ଦୁ ପରମ୍ପରାରେ ମାତୃଶକ୍ତିର ପୂଜା ଏକ ଅଭିନ୍ନ ଅଙ୍ଗ। ମା'ଦୂର୍ଗା,କାଳୀ ହୁଅନ୍ତୁ, ବା ଲକ୍ଷ୍ମୀ, ସରସ୍ୱତୀ,ମ ଙ୍ଗଳା ସବୁ ସେଇ ମାତୃ ଉପାସନାର ବିଭିନ୍ନ ସ୍ୱରୂପ। ତେଣୁ ସବୁ ଗ୍ରାମରେ ଅଧୀଷ୍ଠାତ୍ରୀ ଗ୍ରାମ ଦେବତୀ ଥାଆନ୍ତି, ସେ ଗ୍ରାମର ରକ୍ଷାକର୍ତ୍ରୀ। କଛିବି କର୍ମର ଆରମ୍ଭ ପୁର୍ବରୁ ମା' ଙ୍କ ଆଶୀର୍ବାଦ ନେଇ କାମ ଆରମ୍ଭ କରାଯାଏ।

ଗଜପତି ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ଉତ୍କଳର ଗଜପତି ହୋଇଥିଲେ। ତାଙ୍କ ରାଜୁତି କାଳରେ ଉତ୍କଳରେ ଘୋର ଦୁର୍ଭିକ୍ଷ ପରିସ୍ଥିତି ଦେଖା ଦେଇଥିଲା। ଏହି ସ୍ଥିତି ସମ୍ଭାଳବା ପାଇଁ ଖୋର୍ଦ୍ଧଗଡରୁ ବାସୁଦେବ ରାୟ ନାମକ ଜଣେ ରାଜକର୍ମଗ୍ଚାରୀ ଆସି ଭେଡା (ବନ୍ୟାଜଳ ପ୍ଲାବିତ ଅଞ୍ଚଳ) ଓ ଆଙ୍କୁଡା (ତା ଠାରୁ ଉଚ୍ଚା ଅଞ୍ଚଳ) ଦୁଇ ପ୍ରଗଣା କୁ ମିଶାଇ ଏଇ ବିସ୍ତୃ ତ ଅଞ୍ଚଳକୁ ନଜ ନାମ ଅନୁସାରେ ବାସୁଦେବନଗର ପ୍ରତିଷ୍ଠିତ କରିଥିଲେ, ଯାହା କାଳକ୍ରମେ ବାସୁଦେବପୁର ହୋଇଛି।ଏହି ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ ଏକ ଆଙ୍କୁଡି ସଦୃଶ ହୋଇଥିବାରୁ ଏହା ଆଙ୍କୁଡା ଅଞ୍ଚଳ ରୂପେ ଖ୍ୟାତ। ଏହି ଅଞ୍ଚଳ ର ସମୁଦ୍ର ଉପକୂଳ ଅଞ୍ଚଳ ହେନ୍ତାଳ ବଣ ପରିପୂର୍ଣ୍ଣ ଜଙ୍ଗଲ ଓ ଖାଲୁଆ ଅଞ୍ଚଳ ଥିଲା । ଅନ୍ୟ ଅଞ୍ଚଳ ଅପେକ୍ଷାକୃତ ଉଚ୍ଚା ଜମି ଥିଲା । ଏହି ପ୍ରଗଣାରେ ଅନେକ ଗୁଡିଏ ଛୋଟ ଛୋଟ ଗ୍ରାମ ମାନ ଥିଲା। ଗ୍ରାମ ମାନଙ୍କରେ ଜଣେ ସର୍ଦ୍ଦାର ରାଜା ରହୁଥିଲେ। ଏହି ଅଞ୍ଚଳ ଗୁଡିକ ଉର୍ବର ସମତଳ ଅଞ୍ଚଳ ହୋଇଥିବାରୁ କ୍ରମେ ଜନାକୀର୍ଣ୍ଣ ହୋଇ ଉଠିଲା।

ସମୟକ୍ରମେ ଖୋର୍ଦ୍ଧା ପ୍ରଗଣାର ପିପିଲି ନକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁର ଅଞ୍ଚଳରୁ ମକୁଭୂୟାଁ ବା ମକୁଭୋଇ ନାମକ ଜଣେ ବ୍ୟକ୍ତ କୌଣସି କାରଣରୁ ବାସୁଦେବପୁର ଅଞ୍ଚଳକୁ ଆସିଥିଲେ । ସେ ଚତୁର ଓ ଶକ୍ତଶାଳ ଥିଲେ। ସେ ଚଉଦଜଣ ରାଜାଙ୍କୁ ଯୁଦ୍ଧରେ ଜୟକରି

ISSN NO.
2582-208X

ଚୌଧୁରୀ ଉପାଧି ଧାରଣ କଲେ।ତାଙ୍କୁ 'ଚୌଧୁରୀ ନୃସିଂହଚରଣ ରାୟ ହରିଚନ୍ଦନ ଭୂୟାଁ ମହାପାତ୍ର ' କୁହାଗଲା। ବାସୁଦେବପୁର ରାଜା ଚୌଧୁରୀ ଭାବେ ବିଶାଳ ଗୃହ ନିର୍ମାଣ କରି ତାର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱରେ ଗଡଖାଇ ଖୋଳାଇ ବାସକଲେ। ସେ କନିକା ରାଜାଙ୍କ ଝିଅକୁ ବିବାହକରି ଭେଡାଆଙ୍କୁଡା ଷୋଳକୋଶ ବ୍ୟାପୀ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କଲେ।

ନିଜର କୁଳଦେବତା ରୂପେ ପୁରୀଧାମରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଆଣି 'ପ୍ରସନ୍ନଦେବଜୀଉ' ଙ୍କ ନାମରେ ମନ୍ଦିର ନିର୍ମାଣ କରାଇ ସ୍ଥାପନା କଲେ। ସେତେବେଳେ ଆଙ୍କୁଡା ପ୍ରଗଣାର ଇଷ୍ଟ ଦେବୀ ଆଙ୍କୁଡାଶୁଣିଙ୍କର ମନ୍ଦିର ନଥିଲା। ଛୋଟ ମନ୍ଦିର ରେ ମା' ପୂଜା ପାଉଥିଲେ। ଚୌଧୁରୀ ନୃସିଂହ ଚରଣ ହରିଚନ୍ଦନ ଙ୍କ ପରେ ତାଙ୍କ ପୁତ୍ର କୁଞ୍ଜବିହାରୀ ରାୟ ହରିଚନ୍ଦନ ରାଜା ହେଲେ। ସିଏ ଆଙ୍କୁଡା ପ୍ରଗଣାର ଅଧୀଷ୍ଠାତ୍ରୀ ଦେବୀ ଆଙ୍କୁଡାଶୁଣିଙ୍କର ଗୋଟିଏ କାଷ୍ଠ ନିର୍ମିତ ମନ୍ଦିର ସ୍ଥାପନ କରିଥିଲେ। ତାଙ୍କର ଦୈନନ୍ଦିନ ନୀତି ସୁଚାରୁ ରୂପେ ପରିଚାଳନା ପାଇଁ ୨୨ବାଟୀ ଜମି ଖଞ୍ଜି ଦେଇଥିଲେ। ସେତେବେଳ ପାଇକ ଆଖଡାର ମହତ୍ୱପୂର୍ଣ୍ଣ ଭୂମିକା ଥିଲା। ପଡୋଶୀ ରାଜ୍ୟମାନଙ୍କ ଆକ୍ରମଣକୁ ଲଢିବାର କୌଶଳ ଶିକ୍ଷା ଦିଆଯାଉଥିଲା। ଚୌଧୁରୀ ବଂଶର ରାଣୀଙ୍କୁ ସାମନ୍ତାଣୀ କୁହାଯାଉଥିଲା। କୃଷିର ସୁବିଧା ଓ ଗ୍ରାମବାସୀଙ୍କ ଆବଶ୍ୟକତା ପାଇଁ ସାମନ୍ତାଣୀ ମନ୍ଦିର ନିକଟରେ ଏକ ବିଶାଳ ପୋଖରୀ ଖୋଳାଇଥିଲେ। ତାହାକୁ ସାନ୍ତାଣୀ ପୋଖରୀ କୁହାଯାଏ ଯାହା ଅଦ୍ୟବଧି ବିଦ୍ୟମାନ। ଏହି ପୋଖରୀ ରୁ ମା' ଙ୍କ ପୂଜା ପାଣି ନିଆଯାଏ। ତା ନିକଟରେ ଏକ ହନୁମାନ ମନ୍ଦିର ଓ ଆଖଡାଶାଳା ମଧ୍ୟ କରାଇ ଥିଲେ।

ଇଏତ ଥିଲା ଇତିହାସ ଆଙ୍କୁଡାଶୁଣୀ ମା'ଙ୍କର। ଆସନ୍ତୁ ଏବର କଥା ଜାଣିବା। ବାସୁଦେବପୁରରୁ ପ୍ରାୟ ୪ କିଲୋମିଟର ଦୂରରେ ବିନାୟକପୁର ଗ୍ରାମରେ ଏହି ମନ୍ଦିର ଅବସ୍ଥିତ। ଏହି ମନ୍ଦିର ରେ ଦେହୁରୀମାନେ ପୂଜା କରନ୍ତି। ଆଗରୁ ଏହାର ଚାରିପାଖ ଘଞ୍ଚ ଜଙ୍ଗଲ ଥିଲା, ଆଉ ସରୁ ପାଦଚଲା ରାସ୍ତାଟିଏ ଥିଲା। ମା' ଙ୍କ ମହିମା ଅବର୍ଣ୍ଣନୀୟ। ବିପଦରେ ଡାକିଲେ ଉତ୍ତର ଦିଅନ୍ତି । କଳାଶାଢୀ ପରିହିତା ମା' ସୁନ୍ଦର ସିନ୍ଦୁର ଓ ମନ୍ଦାର ବିମଣ୍ଡିତା। ତାଙ୍କ ମହିମା ରେ ସେ ଖଣ୍ଡ ମଣ୍ଡଳ ମହକୁଥାଏ ଝୁଣା ଧୂପ ବାସ୍ନାରେ। ମନ୍ଦିର ପାଖରେ ସାଁତାଣୀ ପୋଖରୀ ଏବେବି ରହିଛି। କଥିତ ଅଛି ଥରେ ବେଣୁରାଜା ନାମକ ଜଣେ ରାଜା ଅନେକ ମାଲି ମକଦ୍ଦମାରେ ଅତିଷ୍ଠ ହୋଇ ମା'ଙ୍କ ଶରଣ ନେଇ

ISSN NO.
2582-208X

କାର୍ଯସିଦ୍ଧି ହେଲେ ମାନସିକ ପୂଜା ଦେବେ ବୋଲି ମନସ୍ଥ କରିଥିଲେ। ମାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାପରେ ମାନସିକ ଭୁଲିଯାଇଥିଲେ। ମନେପଡିଲେ ମଧ୍ୟ ଲୁଚି ଅନ୍ୟରାସ୍ତା ରେ ବାଟଭାଙ୍ଗି ଯାଉଥିଲେ। ଥରେ ସିଏ ଲୁଚି ପଳାଇବା ସମୟ ରେ ମା' ତାଙ୍କ ବେକ ମୋଡି ଆଣିଥିଲେ। ସେଇ ବେନୁରାଜା ଙ୍କ ମୁଣ୍ଡ ମନ୍ଦିର ରେ ଏବେମଧ୍ୟ ସିନ୍ଦୁର ବୋଳାହୋଇ ରହିଛି। ଯେଉଁ ସ୍ଥାନ ରେ ବେକ ମୋଡିଥିଲେ ସେ ଛକର ନାଁ ବେକମୋଡି ଛକ କୁହାଯାଉଛି। ସେଇ ଛକରୁ ଦେଢ କିଲୋମିଟର ମନ୍ଦିରକୁ ଯିବାରାସ୍ତା।

ଅବଶ୍ୟ ଏବେ ପକ୍କା ମନ୍ଦିର ହୋଇଛି। ଚାରିପାଖ ପାଚେରୀ ଓ ଗେଟ ତିଆରି ହୋଇଛି। ବିଭିନ୍ନ ଗଛ ଲଗାଯାଇଛି। ଏଠାରେ ଆଗରୁ ବୋଦା ବଳି ଦିଆଯାଉଥିଲା। ଏବେ ବନ୍ଦ କରିଦିଆଯାଇଛି। ସେଠିକାର ଲୋକେ କୁହନ୍ତି ସବୁ ମାନସିକ ମା' ପୁରଣ କରନ୍ତି। ମନରେ ବିଶ୍ବାସ ଓ ଭକ୍ତିଭାବ ଥିଲେ ସବୁ ସମ୍ଭବ ହୋଇଥାଏ। ସବୁଠାରୁ ବଡପର୍ବ ମା'ଙ୍କର ପଣାସଂକ୍ରାନ୍ତି। ସବୁ ସଂକ୍ରାନ୍ତିରେ ଓ ମଙ୍ଗଳବାର ଏଠାରେ ବିଶେଷ ପୂଜା ହୁଏ।

ଅନେକ ଦୂରରୁ ଭକ୍ତ ମାନେ ଧାଇଁଆସନ୍ତି ନିଜନିଜ ଗୁହାରି ନେଇ । ମା' ଶକ୍ତି ସ୍ଵରୂପିଣୀ କରୁଣାମୟୀ ସମସ୍ତ ଙ୍କ ଦୁଃଖ ଦୂରକରନ୍ତି। ପଣାସଂକ୍ରାନ୍ତିରେ ସ୍ଵପ୍ନାଦେଶ ଅନୁସାରେ ମା'ଙ୍କ ଦେହୁରି ମାନେ ନିଷ୍ଠାରେ ରୁହନ୍ତି। ତିରଣ ବିଛଣାରେ ଶୋଇ, ସାତ୍ତ୍ୱିକ ଆହାର କରି ମା'ଙ୍କ ଧ୍ୟାନରେ ରୁହନ୍ତି। ମା'ଙ୍କ ଘଣ୍ଟ ନେଇ ପାଟୁଆ ସାଜି ଗ୍ରାମ ଗ୍ରାମ ବୁଲନ୍ତି ଭକ୍ତ ମାନଙ୍କୁ ଦର୍ଶନ ଦିଅନ୍ତି ଓ ଆଶୀର୍ବାଦ କରନ୍ତି ବୋଲି ବିଶ୍ବାସ ରହିଛି। ସେ ମନ୍ଦିର ବେଢାର ଅନେକ ଆକର୍ଷଣ ରହିଛି। ମନ୍ଦିର ସେତେ ବିଶାଳ ନୁହେଁ କିନ୍ତୁ ଥରେ ସେ ବେଢା ଭିତରେ ପାଦ ଦେଲେ ମନ ଆନନ୍ଦରେ ଭରିଯାଏ। ଏକ ଅପୂର୍ବ ପବିତ୍ରତା ଓ ସମର୍ପଣ ଭାବ ଜାଗ୍ରତ ହୁଏ । ସବୁକଷ୍ଟ ଦୁଃଖ ଭୁଲି ହୋଇଯାଏ। ବେନୁରାଜାଙ୍କ ସିନ୍ଦୁର ବୋଳା ମୁଣ୍ଡ ଦେଖି ଭୟମଧ୍ୟ ଲାଗେ। ଭକ୍ତି ଆଉ ବିଶ୍ବସର ଏକ ଅପୂର୍ବ ସମ୍ମୋହନ ଜାଗେ। ସିଂହବାହିନୀ ମା'ଙ୍କ ମହିମାର ଅନେକ ଲୋକକଥା ରହିଛି। ସେସବୁ ଶୁଣିଲେ ସମର୍ପଣ ଭାବ ଜାଗେ। ତାଙ୍କ ମହିମା, ଆଶୀର୍ବାଦ ଓ କରୁଣା ସମସ୍ତଙ୍କ ଉପରେ ସବୁଦିନେ ରହିଥାଉ ଏତିକି ପ୍ରାର୍ଥନା।

ସରୋଜଲକ୍ଷ୍ମୀ ମହାନ୍ତ, ଏ.ଭି. ରେସିଡେନ୍ସ
ନନ୍ଦନବିହାର ରୋଡ, ଭୁବନେଶ୍ବର
୯୪୩୭୭୮୪୧୭୪

ISSN NO.
2582-208X

# ମାଆ ତୋ କରୁଣା କରିବୁନି ଊଣା



ଅଧ୍ୟାପିକା ଗ୍ଲେଜାଲିନ୍ ବାରିକ୍

ମାଆ ତୋ କରୁଣା କରିବୁନି ଊଣା ଦିନ ଅଧମ ସନ୍ତାନେ ।
ଆନନ୍ଦମୟୀ ଗୋ ଆନନ୍ଦ ଦାୟିନୀ ଏହି ସଂସାର ଅଙ୍ଗନେ ।୧।

ତୋର ଏ ଅଧିନ ଦୀନ ଅକିଞ୍ଚନ ସନ୍ତାନେ ରଖିବୁ ମନେ ।
କରୁଣାମୟୀ ମା ଶକ୍ତି ପ୍ରଦାୟିନୀ ବନେ ସକଳ ଭବନେ ।୨।

ରୁଦ୍ରଧାତା ଇନ୍ଦ୍ର ବନ୍ଦନ୍ତି ତୋ ପଦ ଆଉ କେତେ ମାତ୍ର ଆନେ ।
ନାବ ସିନ୍ଧୁସୁତା ତୁ ଭବ ସିନ୍ଧୁର ପାରି କରୁ ଦୀନ ଜନେ ।୩।

କଞ୍ଜ ସୁନ୍ଦର ବଦନୀ କମଳିନୀ ତୁହି ପାଳନ ପୋଷଣେ ।
ରିକ୍ତ ହେବନାହିଁ ଫଳ କଦାଚନ ଚିନ୍ତିଲେ ମା ତୋତେ ମନେ ।୪।

ବୁଧଜନଙ୍କର ବୁଦ୍ଧି ମାତ ତୁହି ଧରମ ଧନ ପ୍ରଦାନେ ।
ନିଜ ପର ଭାବ ନାହିଁ ନା ତୋହର କରୁ ପାଳନ ସନ୍ତାନେ ।୫।

ଭର୍ଣ୍ଣନାଭିବତ ବ୍ୟାପିଛୁ ଜଗତ ତୁହି ମା ସୂତ୍ର ପ୍ରମାଣେ ।
ନାଦବ୍ରହ୍ମ ଶବ୍ଦ ବ୍ରହ୍ମ ମାତ ତୁହି ଜ୍ଞାନ ପ୍ରଦାନୁ ଅଜ୍ଞାନେ ।୬।

ISSN NO.
2582-208X

ଏ ସାରା ସଂସାର ଅଟେ ମାୟା ତୋର ଭ୍ରମୁଥାଇ ଅନୁକ୍ଷଣେ ।
ଅସାର ସଂସାରେ ସାର ଏକା ତୁହି ସନ୍ତାନ ହୀତ କରଣେ ।୭।

ଧରମର ଧନ କରୁତୁ ପ୍ରଦାନ ସର୍ବ ଦୀନ ଅକିଞ୍ଚନେ ।
ମରମର କଥା ଜାଣୁ ତୁ ସର୍ବଥା କେ ହେବ ତୋର ସମାନେ ।୮।

ଦୀନଦୁଃଖି ଜନେ କରୁଣା ବରଷୁ ଆପଦ ହରୁ ବହନେ ।
ନତ କରେ ଶିର ତବ ଶ୍ରୀପୟର ପଣତ ଢାଙ୍କ ତକ୍ଷଣେ ।୯।

ଜଗତ ଜନନୀ ତୁ ଗର୍ଭଧାରିଣୀ ଜନମ ଭୂମି ପ୍ରମାଣେ ।
ନେଇ ଢାଙ୍କି ରଖ ତୋ ପଣତ କାନି ମାତ ଅଭୟ ପ୍ରଦାନେ ।୧୦।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ – ୯୯୩୮୫୦୧୧୦୨

ISSN NO.
2582-208X

# ଜେଜେ



ଅଧର ବିଶ୍ୱାଳ

ଆମ ବେଳେ ଶୀତ ଅବକାଶ ଛୁଟିକୁ ଧାନକଟା ଛୁଟି କୁହାଯାଉଥିଲା । ଯେହେତୁ ଏଇଟା ଧାନ ଅମଳ ସମୟ, ଛୁଟିହେଲେ ପିଲାମାନେ ପରିବାରକୁ ଧାନ କଟାରେ ସାହାଯ୍ୟ କରନ୍ତି। ଚାଷୀବନ୍ଦୀ ଘରେ ଏହା ସ୍ୱାଭାବିକ ମଧ୍ୟ । ଏପରିକି, ସ୍କୁଲ ଖୋଲିଲେ ରଚନା ଦିଆଯାଏ, 'ଧାନକଟା ଛୁଟି' କିପରି କଟାଇଲ ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ । ସ୍କୁଲ ଖୋଲୁ ଖୋଲୁ ଷଡ଼ମାସିକ ପରୀକ୍ଷା ଆରମ୍ଭ ହେଇଯାଏ । ତେଣୁ ପିଲାମାନେ ଛୁଟି ଆଗରୁ ଯାହା ପଢ଼ାହୋଇ ଥାଏ ତାର ପୁନରାବୃତି କରି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥାନ୍ତି । ମୁଁ ରାତିରେ ଠିକ କରିଥାଏ କାଲି ସକାଳୁ ସ୍କୁଲରେ ଦିଆଯାଇଥିବା ପରିମିତି ଗୁଡାକ ସାରି ଭଲି ଖେଳ ଦେଖିବାକୁ ଯିବି । ବହିଧରି ବସିଛି ତ, ଜେଜେ ଡାକିଲେ, ଆରେ ଚାଲ ଯିବା ଦେଖିବା ନଇରେ କିଏ ମାଛ ଧରୁଛି ଆଣିବା । ପଢା ସାରିବାପାଇଁ ବ୍ୟଗ୍ର, ଆଡେ ମାଛ ପାଇଁ ଯିବାକୁ ମନ, ବଡ ଦ୍ୱନ୍ଦ ରେ ପଡିଲି । ନଗଲେ ବି ବୁଢା ଗରଗର ହେବ, ତେଣୁ ଗଲି । ନଇକୂଳରେ ପହଂଚି ଦେଖିଲୁ ଘନିଆ କେଉଟ ମାଛ ଧରୁଛି । ଆରେ କେତେ ମାଛ ଧରିଲୁଣି କହୁ କହୁ ତା ପାଖରୁ ଖାଳେଇଟା ନେଇ ଆସିଲେ ଜେଜେ । ଚୁନା ଓ ବଡ ମାଛ ମିଶି କେଜିଏ ପାଖାପାଖି ହବ । ଗୋଟାଏ ତାଳ ବରଡ଼ାରେ ବାନ୍ଧି ମୋ ହାତରେ ଧରାଇଦେଲେ ସିଧା ଚାଲିଲେ । ଘନିଆ କୁ କହିଲେ ତୋ ଉପରେ ଯୋଉ ପଇସାଥିଲା ଶୁଝିଗଲା ଘନିଆ ମାଛଧରା ଛାଡି ଜେଜେଙ୍କ ପଛେ ପଛେ ଦୌଡିଲା, କହୁଥାଏ, ନାହିଁ ସାଆନ୍ତ, ଆଜି ମୋ ଘରେ କିଛି ଖାଇବାକୁ ନାହିଁ, ମତେ ପଇସା ନଦେଲେ ଛୁଆ ଉପାସରେ ରହିବେ ।

ଜେଜେଙ୍କୁ ଗାଁରେ ଓ ଘରେ ସମସ୍ତେ ମାନନ୍ତି ଓ ଡରନ୍ତି ବି । ମୁଁ କିନ୍ତୁ ଡରେ ନାହିଁ । ଜେଜେଙ୍କୁ କହିଲି ତା ପଇସା ଦଉନ କାହିଁକି । ବୁଢା ଶୁଣି ନସୁଣିଲାପରି ଚାଲିଲା । ମୋର

ISSN NO.
2582-208X

ଇଚ୍ଛା ହେଉଥାଏ ମାଛ ପୁଡ଼ିଆଟିକୁ ଘନିଆକୁ ଫେରାଇଦେଇ ଦୌଡ଼ି ପଳାଇବାକୁ । ପୁଣି ଭାବିଲି ମାଛ ଫେରାଇଦେଲେ, ବୁଢା ପୁଣି ନେଇଆସିବ । ଘରକୁ ଆସି ମାଛ ରଖିଦେଇ, ସିଧା ଦୋଉଡିଲି ଘନିଆ ପାଖକୁ, ତାକୁ ଆମ ବାଡ଼ିପଟକୁ ଡାକିଆଣିଲି, ବୋଉକୁ କହିଲି ବୋଉ ଜେଜେ ଘନିଆ ପାଖରୁ ମାଛ ଆଣିଛନ୍ତି ତାକୁ ବିରି ନହେଲେ ପଇସା ଦେ । ବୋଉ ଘନିଆକୁ ବସାଇଲା ମୁଁ ଚାଲିଲି ଭଲ୍ଲି ଖେଳ ପାଖକୁ । ଖେଳ ଦେଖି, ନଈରେ ଗାଧୋଇ, ଘରେ ପହଁଚିଲା ବେଳକୁ, ଖାଇବାବେଳ ହେଇଗଲାଣି । ଖାଉ ଖାଉ ବୋଉକୁ ପଚାରିଲି ଘନିଆକୁ ପଇସାଦେଲୁ । ବୋଉ କହିଲା ତୁ ଏତେ କଥାରେ କାହିଁକି ମୁଣ୍ଡ ପୁରାଉଛୁ, ଖାଉନୁ । ଖାଇସାରି ଦେଖିଲି ଜେଜେ ପିଣ୍ଡାରେ ବସିଛନ୍ତି । ପଚାରିଲି, ଜେଜେ ତମକୁ କଣ ଲୋକଙ୍କୁ ହଇରାଣ କରିବାକୁ ମଜା ଲାଗେ ।

ଜେଜେଙ୍କ ସାଙ୍ଗରେ ଯୁକ୍ତି ଲାଗିଲା । ଜେଜେ ମୋତେ କଣ ଗୋଟା କହିଲେ, ଭାରି ରାଗିଗଲି, ପାଟିରେ ହାତ ପୁରାଇ ବାନ୍ତି କଲି । ଜେଜେ କହିଲେ ମାଛ ବେଶୀ ଖାଇଦେଇଛୁ ବୋଧେ, ମୁଁ କହିଲି, ନାଁ ପାପ ଗୁଡାକ ବାହାରିଗଲା ।

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

ଡ. ପ୍ରିୟମ୍ବଦା ସାମଲ

# ଦୁହିତା

ଶକ୍ତମୟୀ  ହୋଇ ତୁ କେତେ
ନୀରିହା ଅସହାୟ ସତେ
ହୃଦୟ ରେ ଅସହ୍ୟ ଯନ୍ତ୍ରଣା ନେଇ
ଦୁଇ କୁଳର ହିତା ର ସ୍ଲୋଗାନ ରେ
ଉଦ୍ଭାସିତା ଦୁହିତା
ପ୍ରତିବାଦର ମର୍ମଭେଦୀ  ସ୍ୱର ତୋର
ନୀରବି ଯାଏ କେତେ
ମମତାର ମୂର୍ତ୍ତି ହୋଇ
କେବେ ମଙ୍ଗଳମୟୀ ଭୂମିକାରେ।
ଯାବତୀୟ ବନ୍ଧନରେ ଛନ୍ଦି
ଏ ସମାଜ ବାନ୍ଧି ଦେଲା
ପାଉଁଜି ପିନ୍ଧାଇ
ତୁ ପରା ଛନ୍ଦମୟୀ
ବିଦ୍ରୋହ କରିବୁ କିମ୍ପାଇଁ।
ଏରୁଣ୍ଡି ବନ୍ଧ ଡେଇଁ
କୂଳବଧୁ ସାଜି କର୍ତ୍ତବ୍ୟର ଦ୍ୱାହି ରେ
ପତ୍ନୀ ବୋହୂ ମାଆର ଭୂମିକାରେ
କାର୍ଯ୍ୟଭାର ଆଲିଙ୍ଗନେ
ପାଲଟି ଯାଉ କେବେ ତୁଠ ପଥର
କେବେ ସତୀ ହୋଇ
ପୂର୍ଣ୍ଣାହୁତି ଦେଉ ଦକ୍ଷଯଜ୍ଞେ
କେବେ ସୀତା ହୋଇ ଅଗ୍ନି ପରୀକ୍ଷା

ISSN NO.
2582-208X

ଦ୍ରୌପଦୀ ପରି କେବେ ବସ୍ତ୍ର ହରଣ
ତସଲିମା ପରି ପ୍ରତିବାଦ କରି ଲେଖିଲେ
ହିଂସାର ଶିକାର
ପ୍ରସ୍ତୁତ ଥାଉ ପ୍ରତି ମୁହୂର୍ତ୍ତ ରେ ପରୀକ୍ଷାର
ସେ ହୁଏତ ହୃଦୟର ଅବା ଶରୀରର
ତୁ ପରା ସ୍ନେହର ସମ୍ଭାର
ଓଜସ୍ୱିନୀ ଭରା ପ୍ରୀତିର ମହ୍ଲାର
ସର୍ବସ୍ୱ ଦାନ କରି ମୂର୍ତ୍ତି କ୍ଷମାର
ନୀରବ ସହିଷ୍ଣୁ କମନୀୟତାର
ପ୍ରୀତିଛନ୍ଦା  ମନମୁଗ୍ଧା ଦୁହିତା
କବି କଳ୍ପନାର ଏଇ ସମାଜର।

ନନ୍ଦନ ବିହାର, ପଟିଆ,
ଭୁବନେଶ୍ୱର

ଜୁଲାଇ – ୨୦୨୨
www.vedantimagazine.com
ISSN NO.
2582-208X

# ଚିର ସ୍ଥାୟୀ ନୁହେଁ କିଛି



ପୁଷ୍ପାଞ୍ଜଳି ମିଶ୍ର

କାହା ସହ ଏଠି ଲୋଭ ମୋହ ମାୟା
ଜୋଡ ନାହିଁ ଆଉ ବନ୍ଧୁ
ସମୟ ସ୍ରୋତରେ ସବୁ ଯାଇଅଛି
ଚରସ୍ଥାୟୀ ନାହିଁ କଛି
ଭସାଇ ନେଇଛି ସବୁ ସୁଖ ଦୁଃଖ
କରି ଦେଇ ଅସହାୟ
ଆଜି କଏ ରାଜା କାଲି ସେ ଫକର
ସାକ୍ଷୀ ଅଛି ଦିଗପାଳ
କେଉଁ ସମୟରେ କାହାକୁ କୋଉଠି
କରାଇ ଦେଇଛି ଠିଆ
ଜଣା ନାହିଁ ଆଦି ଅନ୍ତ
ବାଲ୍ୟକାଳ ଗଲା ଯୌବନ ବି ଗଲା
ବୃଦ୍ଧକାଳ ବି ଆସିଲା
ଜରାଜୀର୍ଣ୍ଣ ହୋଇ ପଡି ରହିଥିବ
ମୃତ୍ୟୁ ଆସି ନେଇଯିବ
ପାଣି ଫୋଟକା ଏ ଅସୁମାରୀ ସ୍ୱପ୍ନ
କଏ ସେ ବୁଝିବ ତାକୁ
ଭରସା ନାହିଁ କ ଅବରୋଧ ନାହିଁ
ପ୍ରତିବନ୍ଧ ମଧ୍ୟ ନାହିଁ
ସମୟ ହାତରେ ଛାଡି ଦିଅ ତାକୁ

ISSN NO.
2582-208X

ଯାହା ତ ହେବାର ହେଉ
ହାରିଲି କେତେ ଆଉ
ହରାଇଲି କେତେ
ଜିତିଲି କେତେ ଆଉ
ହସ ଆଉ ଲୁହ ସୁଖ ଆଉ ଦୁଃଖ
ସବୁକୁ ଦେଇଛି ଫେସି
ମାୟାରେ ଖାଲି ଅହଂଭାବ ନେଇ
ହେଉଛି ଯା ଘାରି
କଛି ନ ପାର ଇ ଜାଣି
ମିଛରେ ମିଛରେ ସବୁ କହେ ମୋର
ନୁହେଁ କନ୍ତ ତାର କଛି

ସୁକନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର

ISSN NO.
2582-208X

# ମୋ ମା



ପୂର୍ଣ୍ଣିମା ଗୋଚ୍ଛାୟତ

ମୋ ମା
ବହୁତ ରାଗିଛି ତୋ ଉପରେ
ବହୁତ ଅଝଟ ବି କରିଚ,
ଏଟା ଖାଇବିନ ସେଟା ଖାଇବିନ କହି
ବହୁତ ଜିଦି ବି କରିଚ ।

ମୋ ମା
ସବୁ ଅଝଟ କୁ ମୋ ସହିଚୁ
କେବେ ରାଗିନୁ କ କଛି କହିନୁ,
ସବୁ ଇଚ୍ଛାକୁ ପୁରା କରିଚୁ
କେବେ ମୋ ଆଗେ ମୁହଁ ଖୋଲିନୁ ।

ମୋ ମା
ଏତେ ବଡ ପରିବାରକୁ ଏକାଠି କରି ରଖିଚୁ
ସବୁ ଇଚ୍ଛା ଖୁସି କୁ ତୁ ମାରିଛୁ,
ସଭିଙ୍କୁ ହସେଇବା ପାଇଁ ଖୁସି ଦେବାପାଇଁ
ନଜ ଖୁସିକୁ ଭୁଲିଯାଇଛୁ ।

ISSN NO. 2582-208X


ମୋ ମା
ତୋ ଅନୁପସ୍ଥିତି କେଉଁଠି ରହିବାକୁ ଦେଇନ
ତୋ ଉପସ୍ଥିତି କେବେ ବୁଝି ପାରିନ,
ତତେ ଛାଡି ଯେବେ ଯୋଉଠି ବି ରହିଛି
ବେଶିଦିନ ଭଲେ ରହିପାରିନ ।

ମୋ ମା
ତୋ ପରି ହେବାକୁ ଚେଷ୍ଟା କରି କଛି କଷ୍ଟକୁ ବି ସହିଯାଏ
କଛି ହେଇଗଲେ ହଠାତ୍ ବୋଉ ବୋଲି ଡାକଦିଏ,
ହେଲେ ପାରିବିନ କେବେ ତୋ ପରି ହେଇ ମା
ତୁ ଅନନ୍ୟା ସବୁଠୁ ଉଚ୍ଚାରେ ଅଛୁ ରହି ।

ମୋ ମା
ବେଶି ପାଠ ପଢିନୁ ହେଲେ ସବୁଠୁ ଶିକ୍ଷିତା
ମୋ ସବୁ ପ୍ରଶ୍ନର ଉତ୍ତର ତୋ ପାଖେ ସାଇତା,
ଘର କୋଣେ ରହିବି ସାରା ଦୁନିଆକୁ ଜାଣିଚୁ
ମତେ ଜଣାଇ ସାରା ଦୁନିଆର ବାର୍ତ୍ତା ।

ମୋ ମା
ମୋ ଆୟୁଷ ସରିଯିବ କଲମରୁ କାଳୀ ବି ସରିଯିବ
ହେଲେ ସରିବନି ତୋ ବର୍ଣ୍ଣନା
ଏ ସାରା ସୃଷ୍ଟିକୁ ଆଗେଇ ନେଉଛୁ ଏକା ତୁ
ତତେ କରିହେବନି ତୁଳନା ।

ମୋ ମା ମୋ ମା ମୋ ମା...

ଗୁରିବାଟିଆ, ଚଣ୍ଡିଖୋଲ, ଜିଲ୍ଲା-ଯାଜପୁର

ISSN NO.
2582-208X

# ସୁନ୍ଦର ଅକ୍ଷରର ଡାଏରୀ



କୁଞ୍ଜ ବିହାରୀ ସାହୁ

ଏକ.....

ମୋର ଥିଲା ତୃତୀୟ ଶ୍ରେଣୀର ପଢ଼ା ବୟସ । ଭୁବନେଶ୍ୱରର ରାଜଭବନ ୟୁ.ପି ସ୍କୁଲ ଆମ ଘରକୁ ବେଶୀ ପାଖ ନ ଥିଲେ ବି ଦୂର ନଥିଲା । କେବଳ ମୋ ପାଇଁ ଅନ୍ୟ ବିକଳ୍ପ ନଥିଲା ସେ ସ୍କୁଲରେ ପଢିବାପାଇଁ । ଶୃଙ୍ଖଳିତ ବାତାବରଣ ଓ ପରିବେଶ ଥିଲା ସ୍କୁଲ ଗୃରିପାଖ । ଗୋପବନ୍ଧୁ ଛକ ସନ୍ନିକଟ ସ୍କୁଲଟି ସମସ୍ତଙ୍କ ଆଦର୍ଶ ପାଲଟିଥିଲା । ସତରେ ମୋ ପାଇଁ ଏକ ମହାନ୍ ଶିକ୍ଷାନୁଷ୍ଠାନ ।

ସୁଧା ଦିଦି ଗଣିତ ପଢ଼ାନ୍ତି । ମୁଁ କିଛି ବୁଝେ ଆଉ କିଛି ବୁଝିପାରେନି । ବେଳେ ବେଳେ ସାଙ୍ଗମାନଙ୍କୁ ପଚାରେ ।

ସୁଧା ଦିଦି ଗଣିତ ପାଠ ଦେଇଥିଲେ ଘରକୁ । ତା ପରଦିନ ଯେମିତି ହେଲେ ମୋତେ ଗଣିତ ଖାତା ଦେଖାଇବାକୁ ହେବ । ନନା (ମୋ ବାବାଙ୍କୁ ନନା ବୋଲି ଡାକେ) ଙ୍କୁ କହିଲି ଗଣିତ ବୁଝେଇଦେବାକୁ । ସେଦିନ କିଛି ଘରେଇ କାମ ଯୋଗୁଁ ନନା ମୋତେ ଗଣିତ ଡାକଦେଲେ ସୁନ୍ଦର ଧାରା ସହ । ମୁଁ ଲେଖିଦେଲି । ମୋର ପାଠପଢ଼ା ନ ସରିବାଯାଏଁ ବୋଉ ଖାଇ ନଥିଲା । ମୋ ପାଇଁ ଅପେକ୍ଷା କରିଥିଲା । ଗଣିତ ଲେଖା ସରିଗଲା । ମୁଁ ନନାଙ୍କ ସାଥୀରେ ଖାଇଲି । ତା'ପରେ ଶୋଇବାକୁ ଗଲି ।

ସିନ୍ଦୁରା ଫାଟି ସକାଳ ହେଲା । ନିତ୍ୟକର୍ମ ସାରିଲି । ସାଥୀପିଲାଙ୍କ ସହ ଠିକ୍ ସମୟରେ ସ୍କୁଲକୁ ଗଲି । ପିରିୟଡ ଅନୁସାରେ ପାଠପଢା ଆରମ୍ଭ ହେଲା । ଖେଳଛୁଟି ପୂର୍ବରୁ ଥିଲା ଗଣିତ କ୍ଲାସ୍ । ସୁଧା ଦିଦି ଆସିଲେ । ସବୁ ପିଲାଙ୍କର ଗଣିତ ଖାତା ଦେଖିଲେ । ମୋ

ISSN NO.
2582-208X

ଖାତା ବି ଦେଖିଲେ । ପଚାରିଲେ – କୁଞ୍ଜ, "ଏ ଗଣିତ କିଏ ଲେଖିଛି ।  ଏତେ ସୁନ୍ଦର ହସ୍ତାକ୍ଷର ! କହ କିଏ ଲେଖିଦେଇଛି । ତୁ ନିଜେ ଲେଖିନୁ ।"

ତନ୍ନ ତନ୍ନ କରି ଖାତା ଦେଖିଲେ ସୁଧା ଦିଦି । ଧାର୍ ଅନୁସାରେ ଲେଖାହେଇଛି । ଜୋଉଠି ବି ଗୋଟେ ଛୋଟ ଭୁଲଟେ ବାହାର କରିପାରିଲେନି ।  ଦିଦିଙ୍କର ମୁଣ୍ଡକୁ ରାଗ ଉଠିଗଲା । "ତୁ ନିଜେ ନ ଲେଖି ତୋ ପାଇଁ ଆଉ କିଏ ଲେଖିଦେଇଛି । ନୋହିଲେ ଏତେ ସୁନ୍ଦର ଲେଖା ହେଇଥାନ୍ତା କିପରି !  କହ ...ସତ କହ ।"  ପଚାରୁ ପଚାରୁ ମୋତେ ବାଡେଇ ଚାଲିଲେ । ମୁଁ କାନ୍ଦି କାନ୍ଦି କହିଲି– 'ଦିଦି ମୁଁ ଲେଖିଛି । ନନା ମୋତେ ଡାକଦେଇଛନ୍ତି । କାଲି ମୋ ମାମୁଁ ଆସିଥିଲେ । ପାଠ ପଢିପାରିଲିନି । ଗଣିତ ପାଠ ଦିଆହେଇଛି ବୋଲି ନନାକୁ କହିଲି। ନନା ଡାକଦେଲେ । ମୁଁ ଲେଖିଛି । ମୋ ପାଇଁ ଆଉ କେହି ଲେଖିନାହାଁନ୍ତି । ମୋ ବଡ ଭଉଣୀକୁ ଡାକି ପଚାରନ୍ତୁ ।'  ମୋଅଠୁ ଷ୍ଟ୍ରେଟ୍‌କଟ୍ ଉତ୍ତର ଶୁଣି କିଛି ସମୟ ନିରବିଗଲେ । କିନ୍ତୁ ମୋ ଉପରେ ରାଗ ଶୁଝେଇବାପାଇଁ ପ୍ରଧାନ ଶିକ୍ଷକଙ୍କୁ ଖବର ଦେଇଦେଲେ  ।

ପଞ୍ଚମ ଶ୍ରେଣୀରେ ପଢୁଥିବା ମୋ ବଡ ଭଉଣୀ (ବିଷ୍ଣୁ ଅପା)କୁ ଡକାହେଇ ପଚରାଗଲା । ମୋ ଭଉଣୀ କହିଲା – 'ହଁ ଦିଦି,  ମୋ ସାନ ଭାଇ ନିଜେ ଲେଖିଛି । ସେ ଲେଖିଲାବେଳେ ମୁଁ ତା ପାଖରେ ବସିଥିଲି ।'

କିନ୍ତୁ ସୁଧା ଦିଦିଙ୍କର ମନ ବୁଝିଲାନି । ପ୍ରଧାନ ଶିକ୍ଷକ ବି ତାଜୁବ୍ । ଏତେ ସୁନ୍ଦର ଅକ୍ଷର । ଏ ବୟସର ପିଲାର ପୁଣି ଏତେ ସୁନ୍ଦର ଅକ୍ଷର । ମାଛ ଆଖି ଭଳି ଗୋଲ ଗୋଲ ହେଇଛି। ବିଶ୍ବାସ ହେଲାନି କାହାର ।

ସେଦିନ ମାଡ ଖାଇଲି । ମୋ ବଡ଼ ଭଉଣୀ ଜେତେ ବୁଝେଇଲେ ବି କାହାର ମନ ମାନୁନି । ପ୍ରଧାନ ଶିକ୍ଷକ କହିଲେ – 'ଠିକ୍ ଅଛି ଏବେ ଯା, ତୋ ନନାକୁ  ଡାକି ଆଣିବୁ ।'

ମୁଁ ଓ ବଡ଼ ଭଉଣୀ ହଁ ମାରିଲୁ ।

ଖେଳଛୁଟିର ଘଣ୍ଟା ବାଜିଲା । ମୁଁ ଆଉ ଖେଳିବି କ'ଣ ? ବିଷ୍ଣୁ ଅପା ସାଥୀରେ ଘରକୁ ଆସିଲି । ମୁଁ ଭେଁ.. ଭେଁ... କାନ୍ଦିଲି । ନନା, ବୋଉ ବ୍ୟସ୍ତ ହେଇପଡିଲେ । ମୋ ପିଠିରେ

ISSN NO.
2582-208X

ନୋଳା ବସିଯାଇଛି । ପୋଡୁଛି । ମୁଁ କଛି କହିବା ପୂର୍ବରୁ ଅପା ସବୁକଥା କହିଦେଲା । ନନା ହଠାତ୍ ବୁଝିପାରିଲେନ । ପରେ ପରେ ମୋ ସାଥିରେ ନନା ସ୍କୁଲକୁ ଆସିଲେ ।

ସୁଧା ଦିଦି ଓ ପ୍ରଧାନ ଶିକ୍ଷକ ମୋ ନନାଙ୍କୁ ଅପେକ୍ଷା କରିଥାନ୍ତି । ବିକୃତ ମୁହଁ କରି ପଚାରିଲେ – 'ଆପଣ ପୁଅର ଖାତାରେ ଗଣିତ ଲେଖିଦେଇଛନ୍ତି ? ସେ ସିନା ଲେଖିବା କଥା । ଏତେ ସୁନ୍ଦର କରି ଆପଣଙ୍କ ପୁଅ କ'ଣ ଗଣିତ ଲେଖିଛି ?

ନନା ନରମ ସ୍ୱରରେ କହିଲେ–' ନା..ନା...ମୁଁ ଲେଖିନ, ମୋ ପୁଅ ଲେଖିଛି । ସେ ମୋତେ ଗଣିତ ପାଠ ପଚାରିଲା । ମୁଁ ତାକୁ ବୁଝେଇଦେଲି । ମୁଁ ଅଫିସରୁ ଆସିଲାବେଳକୁ ଡେରି ହେଇଥିଲା । ତେଣୁ ମୁଁ ତାକୁ ଗଣିତ ଧାଡ଼ିରେ ଡାକଦେଲି । ସେ ବସି ବସି ସୁନ୍ଦର କରି ଲେଖିଛି ।'

ମୋ ହାତ ଅକ୍ଷର ଦେଖି ଦିଦିଙ୍କ ମନରେ ଅବିଶ୍ୱାସ ପଇଁତରା ମାରୁଥାଏ । ନନାଙ୍କୁ କହିଲେ – ତା'ହେଲେ ଏଇଠି କଛି ଲେଖନ୍ତୁ । ମୋତେ କହିଲେ କଛି ଲେଖିବାକୁ । ଦିଦି ନିରେଖି ଦେଖିଲେ ଅକ୍ଷରରେ ଅନେକ ସାମଞ୍ଜସ୍ୟ ରହୁଛି । ଖୁବ୍ ପାଖାପାଖି ଲାଗୁଛି ।

ଆଶ୍ଚର୍ଯ୍ୟର କଥା ବାପ ପୁଅର ଅକ୍ଷର ପ୍ରାୟ ପାଖାପାଖି । ସୁଧା ଦିଦି ଓ ପ୍ରଧାନ ଶିକ୍ଷକ ଦୁହେଁ ଚମକ ପଡିଲେ ।

ନିଜର ମହତ ପଣିଆକୁ ଜାହିର କଲେ ସୁଧା ଦିଦି । ଜଣେ ବୟସ୍କ ତଥା ଗୁରୁଜନଙ୍କ ନିକଟରେ ନିଜର ହିଂସାଭାବକୁ ଦୂରେଇ ମୋ ନନାଙ୍କୁ କ୍ଷମା ମାଗିଲେ । କହିଲେ– 'କମ୍ ବୟସର ପିଲାଟିର ଅକ୍ଷର ଏତେ ସୁନ୍ଦର ହେଇଥିବ ବିଶ୍ୱାସ ନଥିଲା । ପିଲାଟି ବହୁତ ମାଡ଼ ଖାଇଛି । ହଁ, ଆପଣଙ୍କ ପୁଅର ଏ ସୁନ୍ଦର ଅକ୍ଷର ତାକୁ ବହୁତ ବାଟରେ ପହଞ୍ଚେଇବ । ମୁଁ ତାକୁ ଆଶୀର୍ବାଦ ଦେଉଛି ।'

ସୁଧା ଦିଦି ଓ ପ୍ରଧାନ ଶିକ୍ଷକଙ୍କ କଥାରେ ନନାଙ୍କ ଆଖି ଛଳ ଛଳ ହୋଇଗଲା । କାରଣ ମୋ ନନା ରାଗୀ ନୁହଁ ବରଂ ଶାନ୍ତ ସୁଧାର ଓ ସରଳ ବିଶ୍ୱାସର ମଣିଷଟେ ।

ମୋ ନନା ଫେରିଗଲେ ଘରକୁ । ମୋ ଅପା ବି ତା କ୍ଲାସକୁ ଫେରିଗଲା । ମୁଁ ଚୁପଚାପ୍ ବାକି ପିରିୟଡର ପାଠ ପଢ଼ିଲି ।

ISSN NO.
2582-208X

ସେଦିନର ଘଟଣାର ପ୍ରତିଟି ମୁହୂର୍ତ୍ତ ଆଜି ବି ଜଳ ଜଳ ଦିଶିଯାଉଛି । ସୁନ୍ଦର ଅକ୍ଷର ମୋ ପାଇଁ ସୌଭାଗ୍ୟ କ ଦୁର୍ଭାଗ୍ୟ ଥିଲା ମୁଁ ଜାଣି ନଥିଲି ସେଦିନ । ବୋଧହୁଏ ମାଡ ଖାଇବାର ଯୋଗ ଥିଲା ।

ଦୁଇ.....

ମୋ ବୟସ ସପ୍ତମ ଶ୍ରେଣୀ ପାଇଁ ଉପଯୁକ୍ତ ହୋଇଥିଲା । ଓୟୁଏଟି କଲୋନୀ ସ୍କୁଲରେ ପାଠ ପଢ଼ିଲି । ସେକ୍ସନ "କ" ର ଶ୍ରେଣୀ ଶିକ୍ଷକ ଲକ୍ଷ୍ମଣ ସାର୍ କହିଲେ ଗୋଟିଏ ମ୍ୟାଗାଜିନ ପ୍ରକାଶନ କରାଯାଉ । କାରଣ ବହି ଛପେଇବା କଷ୍ଟକର ଥିଲା । ତେଣୁ କ୍ଲାସରେ କୁହାଗଲା, ଯେଉଁମାନେ ମ୍ୟାଗାଜିନକୁ ଲେଖା ଦେବାକୁ ଚାହୁଁଛନ୍ତି, ଦିଅନ୍ତୁ । ପିଲାଙ୍କର ଲେଖା ଆସିଗଲା । ସୁନ୍ଦର ଅକ୍ଷରରେ ସେଗୁଡିକ ବହି ଆକାରରେ ଲେଖାଯିବ । ଲକ୍ଷ୍ମଣ ସାର୍ ଏମିତି ଭାବୁ ଭାବୁ ମୋ ଉପରେ ଓ ମୋ ସାଙ୍ଗ ପରେଶ ଉପରେ ନଜର ପକେଇଲେ। ପାଖକୁ ଡାକ କହିଲେ – 'ତୁମ ଦୁହିଁଙ୍କୁ ଗୋଟେ କାମ କରିବାକୁ ହେବ । ପାରିବ ତ ?'

ଆମେ ଦୁହେଁ ହଁ ମାରିଲୁ । କଥାଟି ଥିଲା । ମ୍ୟାଗାଜିନ ବାହାରିବ । ସେଥିରେ ପିଲାମାନଙ୍କର ବିଭିନ୍ନ ପ୍ରକାରର ଲେଖା ରହିବ । ସବୁ ଲେଖାକୁ ତୁମେ ଦୁହେଁ ଲେଖିବ ସୁନ୍ଦର ଅକ୍ଷରରେ । ସାରଙ୍କ କଥା । କେମିତି ବା ମନା କରିହେବ । ମୁଁ ଚଟାପଟ ମୁଣ୍ଡ ଟୁଙ୍ଗାରିଦେଲି । କିଛିଦିନ ପରେ ଲେଖାଲେଖି ଆରମ୍ଭ ହେଇଗଲା । ମୁଁ ବି ଯତ୍ନ ସହକାରେ ଲେଖୁଥିଲି । ମୋ ମନ ଖୁସି । ଘରେ ନନା, ବୋଉ ଏକଥା ଜାଣିଲେ । ତାଙ୍କ ଆଖିରୁ ଦି' ଧାର ଲୁହ ଗଡିଗଲା ଖୁସିରେ । କାରଣ ମୋ ନନା ବହୁତ ଇମୋସନାଲ୍ । କାହାକୁ କିଛି କହିପାରନ୍ତିନ । ବୋଧହୁଏ ତାଙ୍କର ମନେ ପଡ଼ିଗଲା ସେ ପୁରୁଣା କଥା । 'ଗଣିତ ଖାତାରେ ମୋ ପୁଅ ଅକ୍ଷର ଦେଖି ସୁଧା ଦିଦି ଓ ପ୍ରଧାନ ଶିକ୍ଷକ ଯାହା ସବୁ ଆଶୀର୍ବାଦ ଦେଇଥିଲେ ମୋ ପୁଅକୁ, ସତରେ ଏ ସୁନ୍ଦର ଅକ୍ଷର ମୋ ପୁଅକୁ ଏତେ ବାଟରେ ପହଞ୍ଚେଇଦେଇଛି ।' ମୋତେ ଶୁଭ କାମନା ଜଣାଇଲେ ମୋ ନନା ।

ମ୍ୟାଗାଜିନ୍ ବାହାରିଲାପରେ ଲକ୍ଷ୍ମଣ ସାର୍ ବହୁତ ଖୁସି ହେଇଗଲେ । ପିଠି ଥାପୁଡେଇ କହିଲେ – ସାବାସ୍ କୁଞ୍ଜ । ସ୍କୁଲ ପାଇଁ ବଡ କାମଟିଏ କରିଦେଲୁ । ମୋର ବିଶ୍ୱାସ ତୋର ଏ ସୁନ୍ଦର ଅକ୍ଷର ତୋତେ ସାହିତ୍ୟରେ ଦିନେ ନା ଦିନେ ନାଁ ଦେବ । ତୁ ଭଲ ଲେଖକଟିଏ ହେଇ ସାହିତ୍ୟିକମାନଙ୍କଠୁ ପ୍ରଶଂସା ପାଇବୁ ।

ISSN NO.
2582-208X

ସାରଙ୍କ ଆଶୀର୍ବାଦକୁ ମୁଣ୍ଡରେ ବୋଳଦେଲି । ମୁଁ ବି ଭାବୁଥିଲି ବୋଧହୁଏ ବିନାଦୋଷରେ ସୁଧାଦିଦି ବାଡ଼େଇଥିବା ଘଟଣା ପଛରେ ଏକ ଶୁଭେଚ୍ଛା ଥିଲା । ସେଦିନର ମାଡ ମୋତେ ଅନେକ ସାହାଯ୍ୟ କରିଛି, ପରୋକ୍ଷରେ ପ୍ରେରଣା ଦେଇଛି ଜୀବନର ଲମ୍ବା ଚଲାପଥରେ ସଳଖେ ଚାଲିବାକୁ ।

ତିନ.....

ସେତେବେଳକୁ ମୋ ବୟସ ଏକାଦଶ ଶ୍ରେଣୀରେ ପଢିବାକୁ ଠିକଠାକ୍ ହେଇଯାଇଥିଲା । ପ୍ରି ଟେଷ୍ଟ, ଟେଷ୍ଟ ପୁଣି ବୋର୍ଡ ପରୀକ୍ଷା ଦେବାର ସମୟ । ସବୁ ପାଠରେ ନିୟମିତତାକୁ ବଜାୟ ରଖିବାକୁ ପଡିଲା । ବିଭିନ୍ନ ଟେଷ୍ଟ ପେପର, କ୍ଲାସ୍ ନୋଟକୁ ପାଥେୟ କରି ପଢାପଢିରେ ଲାଗିଲି । ସୁନ୍ଦର ଅକ୍ଷରକୁ ଯୋଡି ନୋଟ୍ ପ୍ରସ୍ତୁତ କଲି । ଯିଏ ବି ଦେଖିଲା ମନେ ମନେ ମୋତେ ଗୁଣୀ ହେଉଥିଲା । ଅକ୍ଲାନ୍ତ ପରିଶ୍ରମ, ସାଧନାରେ ମୁଁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଡିଭିଜନରେ ପାସ୍ କଲି । ମୁଁ ରହୁଥିବା ଭୁବନେଶ୍ୱର ସହରର ଆଠ ନମ୍ବର ୟୁନିଟର ଗ୍ରେଡ ନଂ "ଏ" ରେ କୌଣସି ଛାତ୍ର -ଛାତ୍ରୀ ମାଟ୍ରିକୁଲେସନ୍ ରେ ପ୍ରଥମ ଡିଭିଜନରେ ପାସ୍ କରିନଥିଲେ । ମୁଁ ହିଁ ଥିଲି ଗ୍ରେଡ "ଏ" ର ପ୍ରଥମ ଛାତ୍ର । ସାଙ୍ଗସାଥିମାନେ ଖୁସିହେଇ ମୋତେ ଶୁଭେଚ୍ଛା ଜଣାଇଲେ । ସାଇପଡୋଶୀ ବି ମୋତେ ଆଶୀର୍ବାଦ ଦେଲେ । ବେଶୀ ଖୁସିହେଇ ମୋ ପଡିଶାଘର ମାଉସୀ ଗାଲ ଦିଇଟାକୁ ଚପିଦେଲେ ।

ମୋ କୃତକାର୍ଯ୍ୟରେ ଘରେ ସମସ୍ତେ ଖୁସି ହେଇଗଲେ । ବିଶେଷ ମୋ ଘର ପାଖରେ ରହୁଥିବା ଜଣେ ସୁନ୍ଦରୀ ଝିଅଟିଏ ଖୁସି ହୋଇଗଲା । ମୋତେ କିଛି ପଚାରିବ ବୋଲି ଭାବି ମୋ ଆଖି ଦୁଇଟାକୁ ଗୋଟାପଣେ ଚାହିଁ ରହୁଥିଲା । ସେ ମୋ'ଠୁ ଗୋଟେ ବର୍ଷ ସାନ । ତେଣୁ ମୋ ସହ ଗପିବା ବାହାନା କରି ବହି ନେଲା । ବହିର ମଲାଟରେ ମୋ ନାଁ ଲେଖିଦେଲା । ଚତୁରତାର ସହ ମୋ ହାତଲେଖା ନୋଟ୍ ବି ନେଲା । ପଢିଲା । ଭୁରିଭୁରି ପ୍ରଶଂସା କଲା । ନୋଟ୍ ପଢିଲାପରେ ଦିନେ ଲାଜ ଲାଜ ହୋଇ କହିପକେଇଲା – 'ସତରେ ତୁମ ହାତ ଲେଖା ବହୁତ ସୁନ୍ଦର । ଅତି ସୁଲଳିତ ଢଙ୍ଗରେ ନୋଟ୍ ବନେଇଛ । ମୋ ପାଇଁ ବହୁତ ମୂଲ୍ୟବାନ । ଏମିତି ସୁନ୍ଦର ଅକ୍ଷର ଯଦି ମୋର ହେଇଥାନ୍ତା ତା ହେଲେ ରାଜଯୋଟକ ପଡିଥାନ୍ତା ।' ମୁଁ ରାଜଯୋଟକ କଥା ବୁଝି ପାରିଲିନି । ହସିଦେଲି ମୁରୁକି

ISSN NO.
2582-208X

ମୁରୁକ । କାରଣ ତା ସହ ଦୁଇପଦ କଥା ହେବାର ସୁଯୋଗ ପାଇଗଲି ବୋଲି । ତାକୁ ଗ୍ତିଦିନ ଝୁରିଲି ।

ଅନେକ ସମୟରେ ତା ସାନ ଭଉଣୀକୁ ମୋ ପାଖକୁ ପଠେଇ ବହି ନେଲା । ଦିନେ ମୋତେ ଡାକଲା । ମୁଁ ଡରିଗଲି । କଅଣ କଛି କହିଦେବ କ ? ତା ବୋଉ ବହୁତ ସନ୍ଦେହୀ । ଗର୍ବୀ ଓ ଅହଂକାରୀ । ତା' ପରଦିନ ମୋ'ଠୁ କମ୍ପାସ ମାଗିନେଲା ସେ ସୁନ୍ଦରୀ ଝିଅଟି । ମୁଁ ବି ଆଶ୍ଚର୍ଯ୍ୟ ହେଲି । ଏକାଦଶ ଶ୍ରେଣୀରେ ପଢୁଥିବା ଝିଅଟିର କମ୍ପାସ ନାହିଁ ? ସତରେ ନାହିଁ ନା ମୋ ସହ କଥା ହେବା ବାହାନାରେ କମ୍ପାସଟିଏ ମାଗୁଛି । ମୋର ତ ପିଲାଳିଆ ବୁଦ୍ଧି । କେମିତି ବା ବୁଝିପାରିବି । ମୋ ମନ ବି ଡହଳ ବିକଳ ହେଉଥାଏ କେମିତି ତା ସହ ପଦୁଟେ କଥା ହେବି ବୋଲି । ମୁଁ କମ୍ପାସ ଦେଲି । ସେ ମୋ ଆଙ୍ଗୁଠି ଧରିପକାଇଲା କଛି ସମୟ । କମ୍ପାସ୍ ନେଇ ଶିଘ୍ର ଘରକୁ ପଳେଇଗଲା । ପଛକୁ ଅନେଇ ଅନେଇ କଛି କହିବାକୁ ଭାବୁଥିଲା । ତା ବୋଉ ଦେଖିଦେଲା । ଡରିଗଲା ଗୋଟାପଣେ ଝିଅଟି ।

ଦୁଇ ଦିନପରେ ମୋତେ କମ୍ପାସ୍ ଫେରେଇଦେଲା ସୁନ୍ଦରୀ ଝିଅଟି । ପତଳା ନୀଳ ରଙ୍ଗରେ ଫ୍ରକ୍ ପିନ୍ଧିଥିଲା । ତା ଛାତିଟା ଫୁଲିଲା ଫୁଲିଲା ଦିଶୁଥିଲା । କମ୍ପାସ୍ ଖୋଲିଦେଖିଲି, ସ୍କେଲରେ ଲେଖାଥିଲା ' ବି ସ୍କୋୟାର' । ମୁଁ ହଠାତ୍ ବୁଝିପାରିଲିନି । କିଛି ସମୟ ପରେ ଅନୁଭବ କଲି ସତରେ ସେ ଝିଅଟି ମୋତେ ବହୁତ ଭଲପାଉଛି । ସେ ଝିଅର ଡାକ ନାଁ ଆଉ ମୋ ଡାକ ନାଁର ପ୍ରଥମ ଅକ୍ଷର B ରେ ଆରମ୍ଭ । ଚତୁରତାର ସହ ସେ ଲେଖିଦେଇଛି "ବି ସ୍କୋୟାର"।

ସେଇଠୁ ଅରମ୍ଭ ହେଲା ନୋଟ୍ ନେବାର କାହାଣୀ । ସେ ଝିଅଟିର ବୋଉ ମୋ ଉପରେ ଗ୍ତୁଥିଲେ ବି କଛି କହିପାରୁନଥିଲେ । ବରଂ ମୋତେ ତାଙ୍କ ଘରକୁ ଡାକ ତାଙ୍କ ଝିଅକୁ ପାଠ ବୁଝେଇଦେବାକୁ କହୁଥିଲେ । ସମୟ ସୁବିଧା ଖୋଜୁଥିଲି । ଯେତେବେଳେ ତାଙ୍କ ଘରକୁ ଯାଏ ତାହାର ଫ୍ରକ୍ ଉପରେ ନଜର ପକାଉଥିଲି । ସେ ଫ୍ରକ୍ ଭିତରେ କଛି ପିନ୍ଧେନାହିଁ । ତେଣୁ ଛାତି ଉପର ମାଂସଳ ପିଣ୍ଡୁଳାକୁ ଦେଖି ପଗ୍ତରିଦେଲି – ସେ ଦିଇଟା କ'ଣ ? ତୁ ଯେମିତି ମୋ ଗୋଲ୍ ଗୋଲ୍ ଅକ୍ଷରକୁ ଭଲ ପାଉଛୁ, ମୁଁ ସେମିତି ସେ ଦିଇଟାକୁ ଭଲ ପାଉଛି । ସେ ଲାଜେଇ କହିଲା – 'ଦୁଷ୍ଟ....ତୁମେ ମୋ ପାଖରେ ଯେବେ ରହିଯିବ ସବୁ ଜାଣିଯିବ । ' ସତରେ ମୁଁ ଖୁସି ହେଇଯାଇଥିଲି ମୋ ସୁନ୍ଦର ଅକ୍ଷରରେ

ISSN NO.
2582-208X

ସଜେଇ ହୋଇଥିବା ନୋଟ୍ ଗୁଡିକ ସେ ଝିଅର ପାଠପଢାରେ ସହାୟକ ହେଇଥିଲା । ଏମିତି ସୁନ୍ଦର ଅକ୍ଷର ପାଇଁ ମୁଁ ଦିନେ ମାଡ଼ ଖାଇଥିଲି, ଅଥଚ ଆଜି ଜଣେ ସୁନ୍ଦରୀ ଝିଅଟି ମୋତେ ପ୍ରେମ କରିବସିଲା ସୁନ୍ଦର ଅକ୍ଷର ପାଇଁ । ଅଜଣାତରେ ଦେଖେଇଦେଲା ତା ଛାତିର ସୁନ୍ଦର ମାଂସଳ ପିଣ୍ଡୁଳାକୁ ।

ମୁଁ ଗ୍ଳକରି କଲାପରେ ମୋ ପାଖକୁ ଚଠି ପଠାଏ ମୋ ଅକ୍ଷରକୁ ସମ୍ମାନ ଜଣାଇ । ସେ ବି ମାଟ୍ରିକ୍ୟୁଲେସନରେ ପ୍ରଥମ ଡିଭିଜନରେ ପାସକରିଥିଲା ବୋଲି ଖୁସିରେ ଗଦ ଗଦ୍ ହୋଇଯାଇଥିଲା ।

ଗ୍ଳରି....

ସମୟକ୍ରମେ ସରକାରୀ ଗ୍ଳକରି ପାଇଗଲି କୋରାପୁଟରେ । ଅନେକ ଦିନ ବିତିଗଲା ମଜା ମଜଲିସରେ ସହଯୋଗୀ ବନ୍ଧୁମାନଙ୍କ ସହ । ସୁନ୍ଦରୀ କୋରାପୁଟ ଜିଲ୍ଲା । କୁଳୁକୁଳୁ ପାହାଡି ଝରଣା ହାତ ବଢାଉଥିଲା ମୋତେ । ଶ୍ୟାମଳ ସବୁଜିମା, ସୋରିଷ ଫୁଲ, ଅଳସୀ ଫୁଲ, ଡଙ୍ଗର ସତେ ଯେମିତି ମୋତେ ଡାକୁଥିଲେ ସେମାନଙ୍କ ପାଖକୁ । ଧାଙ୍ଗଡ଼ୀମାନଙ୍କର କଳା ମଚ ମଚ ଦେହ ମୋ ନଜରକୁ ଟାଣିଦେଉଥିଲା । ଉନ୍ନତ ଛାତି ଓ କୋରାପୁଟିଆ କଥାରେ ମୁଁ ହଜିଯାଉଥିଲି । ମୁଁ ଏକୁଟିଆ ରହୁଥିଲି ମୋ ସରକାରୀ ବାସବନରେ । ମନଟା ଥିଲା ଉଡନ୍ତା ପ୍ରଜାପତି ପରି ସୁନ୍ଦର । ବର୍ଷା ଋତୁରେ ଦେହ ଗୋଟାପଣେ ଭିଜିଯାଉଥିଲା ଆଉ ଶୀତ ଋତୁରେ ଦେହଟା ଉଲୁସି ଉଠୁଥିଲା । ଗପ କବିତା ଲେଖାହେଉଥିଲା ପ୍ରେମିକା ପାଇଁ / ପ୍ରକୃତି ପାଇଁ । ବୋଉଙ୍କ ସୁପାରିଶରେ ବିବାହ ବି ହୋଇଗଲା ମୋର ତିଥି ଲଗ୍ନରେ । କଛି ଦିନ ଭୁବନେଶ୍ୱରରେ ରହି ଫେରିଗଲି କୋରାପୁଟ।

ନିର୍ଜନାରେ ମନେ ପଡୁଥିଲା ପ୍ରିୟତମା ଗ୍ଳେଜି କଥା ଯିଏ ମୋ ହାତ ଧରି ଜୀବନ ତମାମ ବଞ୍ଚିବାର ଗ୍ଳହା ପାଇଛି । ହୋମନଆଁକୁ ସାକ୍ଷୀ ରଖି ମୋ ହାତ ଧରିଛି । ସେତେବେଳେ ଗ୍ଳେଜି ରହୁଥିଲା ଭୁବନେଶ୍ୱରରେ ମୋ ନନା-ବୋଉଙ୍କ ପାଖରେ । କାରଣ ନୂଆବୋହୂଟିଏ। ସମୟ ଦେଖି ନିଜ ବାପ ଘରକୁ ଯାଇ ପିଲାଦିନର ସ୍ମୃତିକୁ ସାଉଁଟୁଥିଲା । ସେତେବେଳେ ମୋବାଇଲ୍ ନଥିଲା । କାଁ ଭାଁ କୋଉଠି ଲ୍ୟାଣ୍ଡ ଫୋନ୍ ଥିଲା । ଏସବୁରୁ ବଞ୍ଚିତ ଥିଲି ମୁଁ ଆଉ ଗ୍ଳେଜି । କେବଳ ସାହା ଭରସା ଥିଲା ଚଠି । ହଁ, ଚଠି ଲେଖିବା

ମୋର ଗୋଟିଏ ହବି ପାଲଟିଯାଇଥିଲା । ଚିଠିରେ ଲେଖା ହେଉଥିଲା ପ୍ରିୟଜନ ପାଖକୁ । ଚିଠି ବି ଲେଖାଗୁଲିଥିଲା ଗ୍ରେଜି ପାଖକୁ ସୁନ୍ଦର ଅକ୍ଷରରେ / ନିବିଡ ଆତ୍ମୀୟତାରେ । ସାହିତ୍ୟ ଯେମିତି ଉକୁଟି ଉଠୁଥିଲା ଚିଠିରେ ଚିଠିରେ । ଚିଠି ପହଞ୍ଚିଯାଉଥିଲା ଗ୍ରେଜି ପାଖରେ । ମୋ ମନକଥାକୁ ପଢି ଗ୍ରେଜି ଭାବବିହ୍ୱଳ ହୋଇପଡୁଥିଲା । ପୁଣି ମୋ ପାଖକୁ ଆସିବାପାଇଁ ମନେ ମନେ ଛଟପଟ ହେଉଥିଲା । ଚିଠିର ଅକ୍ଷର / ଭାଷା ଦେଖି ଗ୍ରେଜିର ବଡଭାଉଜ ବହୁତ ଖୁସି ହେଉଥିଲେ । କହୁଥିଲେ – ସତରେ 'ବାବୁ' (ମୋ ଡାକ ନାଁ) ର ଅକ୍ଷର ଏତେ ସୁନ୍ଦର ! ଗ୍ରେଜି ବି ଚିଠିର ପ୍ରତ୍ୟୁତ୍ତର ରଖିଥିଲା – 'ତୁମର ଅକ୍ଷର ଏତେ ସୁନ୍ଦର ଯେ ମୁଁ ଚିଠିକୁ ଆଖି ପୂରେଇ ଦେଖେ ।' ଗ୍ରେଜିର ଏମିତି ମଧୁର ସମ୍ଭାଷଣରେ ଆତ୍ମତୃପ୍ତି ମିଳଯାଉଥିଲା । ମୋ ସୁନ୍ଦର ଅକ୍ଷର ମୋ ବୈବାହିକ ଜୀବନକୁ ରୋମାଣ୍ଟିକ କରିଦେଲା ଏକତରଫା ଭାବେ । ଆଜି ବି ସେହି ଅକ୍ଷରର ଗୋଲାପଟିଏ ବଢେଇଦେଉଛି ନିବିଡ ଆତ୍ମୀୟତାରେ ।

ପାଞ୍ଚ.....

ପିଲାଦିନର ସୁନ୍ଦର ଅକ୍ଷର ପାଇଁ ମାଡ଼ ଖାଇଥିଲି । ପିଠିରେ ନୋଳା ବସିଥିଲା । ନନାଙ୍କ ସପୋର୍ଟ ପାଇଥିଲି । ଭଉଣୀ ବି ସମର୍ଥନ ଜଣାଇଥିଲା । ସୁଧା ଦିଦି ଓ ପ୍ରଧାନ ଶିକ୍ଷକ ମୋ ସୁନ୍ଦର ଅକ୍ଷରକୁ ଭୁରି ଭୁରି ତାରିଫ କରିଥିଲେ ।

ହଁ, ଆଜି ବହୁତ ମନେ ପଡୁଛି । ଭାବିଲାବେଳକୁ ଘଟଣାଟି ଆଖି ଆଗରେ ଝଲସି ଉଠୁଛି। ସେତେବେଳର ସାଙ୍ଗମାନେ ଆଜି ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ । ସେମାନେ ମୋ ଲେଖାଟିକୁ ପଢିଲା ପରେ ଅନୁଭବ କରିପାରିବେ । ସାହିତ୍ୟ ସର୍ଜନାରେ ବ୍ରତୀ ରହି ସୁନ୍ଦର ଅକ୍ଷରକୁ ସାଥୀ କରିନେଲି । ଆଜି ସାହିତ୍ୟ ଜଗତରେ ନାଁ କରିପାରିଛି । ସେ ଦିନର ଅପସୋଷ୍ ଘଟଣା ମୋ ପାଇଁ ଅମଳନ ଓ ମାଇଲଖୁଣ୍ଟ ହେଇଯାଇଛି ।

ମୋ ସୁନ୍ଦର ହାତ ଲେଖାର ଅକ୍ଷରଗୁଡ଼ିକ ସଜେଇ ହେଇଛି ଏ ଡାଏରୀରେ । ପାଠକମାନଙ୍କ ହାତରେ ବଢେଇଦେଲି ପଢିବାର ସୁଯୋଗଟିଏ ଦେଇ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର

ISSN NO.
2582-208X

# ।।। ପଙ୍କଜ ।।।



ରଶ୍ମିତା ସାହୁ

ମତେ ରବି ର ରୌଦ୍ର ତାପ ପସନ୍ଦ ନୁହେଁ,
ଚନ୍ଦ୍ର ର ଶୀତଳ ସ୍ପର୍ଶ ପସନ୍ଦ...
ମୋତେ ସୂର୍ଯ୍ୟ ର ଉଜ୍ଜ୍ୱଳତା ପସନ୍ଦ ନୁହେଁ,
ଶଶି ର ମୃଦୁ ଆଲୋକ ପସନ୍ଦ...
ମୋତେ ସକାଳର ଚଳଚଞ୍ଚଳ ପସନ୍ଦ ନୁହେଁ,
ରାତ୍ରି ର ଶାନ୍ତ, ସ୍ଥିର, ନିଃଶବ୍ଦତା ପସନ୍ଦ...
ମୁଁ ନିଜକୁ ଆବିଷ୍କାର କରେ ଜନଶୂନ୍ୟ ରାତ୍ରି ଅନ୍ଧାର ରେ,
ମୁଁ ନିଜକୁ ସୁରକ୍ଷିତ ମନେ କରେ ଜହ୍ନ ଆଲୁଅରେ...
ମୁଁ ସ୍ୱପ୍ନ ଦେଖିବସେ ହିମାଂଶୁ କୋଳରେ,
ଆଉ ହଁ, ମନ ଦେଇବସେ ସେଇ ଶଶାଙ୍କ ପୟରେ....
ତାର ଶାନ୍ତ ସୌମ୍ୟ ରୂପ ଆନନ୍ଦିତ କରେ ମୋ ମନକୁ,
ତାର ଶୀତଳ କାକର ବିନ୍ଦୁ ଭିଜେଇ ଦିଏ ମୋ ତନୁକୁ...
ନୀରବେ ଚାହିଁ ରହିଥାଏ ମୁଁ ତା ଗୌର ମୁଖକୁ,
ମନେ ମନେ କୁରୁଳି ଉଠେ ମୁଁ ଅନୁମାନ କରି ତା ପ୍ରେମକୁ...
ପ୍ରେମ ନିବେଦନ କରୁଥାଏ ମୁଁ ତାକୁ,
ପରିଭାଷା ନଥାଇ...
ବୁଝିପାରେ ନାହିଁ ଅବା ନୀରବ ରହେ ସେ,
ଅବୁଝା ପରି ହୋଇ...

ଛତ୍ରପୁର (ଗଞ୍ଜାମ)
email – rasmi.k.sahu777@gmail.com

ISSN NO.
2582-208X

# ମଶାଣି



ତପନ ଦୀକ୍ଷିତ (ବେଳାଭୂମି)

କେତେ ସଜଫୁଟା ଫୁଲ ଦେଖିଛି ମୁଁ
ବାସୀ ହୋଇ ଝରିବାର
ଶୁଣିଛି କେତେ ମୁଁ କ୍ରନ୍ଦନ ରୋଳ
ସୀମନ୍ତିନୀ ସଧବାର,
ଦେଖିଛି 'ମୁଁ ' ର ଅଭିନୟେ ପୁଣି
କେତେ କେତେ କଳାକାର
ସାଙ୍ଗ ହେବାପରେ ନିର୍ଲଜ ସମ
ଉଲଗ୍ନେ ଲେଉଟିବାର,
ଆଉବି ଦେଖିଛି କେତେ କୁବେରଙ୍କୁ
ଖାଲିହାତେ ଫେରିବାର
ଜଳବା ଦେଖିଛି  କାଠ କେଇଖଣ୍ଡେ
କେତେ ନର ଶୂର ବୀର,
ଯେଉଁଠି ଧୂଆଁରେ ଅହଂତ୍ୱ ମିଳାଏ
ଚତା ନିଆଁ ସାଥେ ରହି
ମୁଠାଏ ପାଉଁଶେ 'ମୁଁ' ପଡ଼ିରୁହେ
ସେଇ ସେ 'ମଶାଣି' ମୁହିଁ।।

ନାସିକେଶ୍ୱର, କାକଟପୁର,ଓଡ଼ିଶା ପୁରୀ

ISSN NO.
2582-208X

# ମଧୁମୟ ଭାବତତ୍ତ୍ୱ



ସ୍ନିଗ୍ଧା ସାମନ୍ତରାୟ

ମଧୁଝରା ମାସ ଦେଇ ଅତିକ୍ରମ
ଜୀବନ ବସନ୍ତ ସେତ
କୃଷ୍ଣଚୁଡା ହସେ ଶରୀର ବୃକ୍ଷରେ
ପ୍ରଶାନ୍ତରେ ଭରେ ଚତ୍ତ ।୧

ଚକ୍ର ମଧ୍ୟେ ପଦ୍ମ ଖୋଲିଛି ପାଖୁଡା
ପଞ୍ଚତତ୍ତ୍ୱ ରଙ୍ଗ ଭରି
ହୃଦେ ବିରାଜିତ ପ୍ରଭୁ ନାରାୟଣ
ଭାବ ବାନ୍ଧେ ନାମ ଧରି ।୨

ଅମୃତ ଭରିଛି ସାତ ଗୃହ ମଧ୍ୟେ
ଭିନ୍ନ ଦେବା ଦେବୀ କକ୍ଷ
ସାତ ରଙ୍ଗ ତତ୍ତ୍ୱ ଭୂଷଣ ତାହାର
ସୁଧା ଝରା ଦିବ୍ୟସୁଖ ।୩

ନଜର ଅସ୍ତିତ୍ୱ ଆନନ୍ଦ ବୈଭବ
ତୁମ ଦାନେ ଅନୁଭବ

ISSN NO.
2582-208X

ଶୂନ୍ୟତା ଭିତରେ ସତ୍ତା ଉପଲବ୍ଧି
ଏଇତ ସମ୍ପର୍କ ଭାବ ।୪

ତୁମ ପ୍ରୀତି ରସେ ଜୀଇଁ ଥାଉ ବୃକ୍ଷ
ଶାଶ୍ୱତ ଅଗଣାଟିରେ
ଦିବ୍ୟ କାମନାର ପୁଷ୍ପ ଭରି ଯାଉ
ନବ ସାଧନ ଖଳାରେ ।୫

ଚୁନଭଟି, ଗୋପାଳ ଗାଁ, ବାଲେଶ୍ୱର
*ଭକ୍ତଭଦ୍ରାୟ*

ISSN NO.
2582-208X

# ଧାରେ ହସ



ସୀତାରାମ ଦାଶ

କବାଟ ଠକ୍ ଠକ୍ ଶବ୍ଦରେ ସକାଳୁ ସକାଳୁ, ମୋ ନିଦ ଭାଙ୍ଗିଗଲା। ଛାତି ଉପରୁ ରଶ୍ମିର ହାତ କାଢି, କାନ୍ଥ ଘଣ୍ଟାକୁ ଚାହିଁଲି। ଆଖି ଖୋଲୁ ନଥାଏ। ୬ଟା ବାଜିଛି। ଏତେ ସକାଳୁ କିଏ ଡାକୁଛି? ମନେ ମନେ ବିରକ୍ତ ହୋଇ ପୁଣି ଶୋଇଲି। ଅଭ୍ୟାସବଶତଃ, ରଶ୍ମି ପୁଣି ତା' ହାତ, ମୋ ଛାତି ଉପରେ ରଖିଲା। କିଛି ସମୟ ପରେ, ମୋର ଚିର ପରିଚିତ କଣ୍ଠରେ ଶୁଭିଲା, "ପପୁ' କବାଟ ଖୋଲ। ମୁଁ ଆସିଛି"। କ୍ଷଣକ ମଧ୍ୟରେ ମୋ ଦେହରେ ବିଦ୍ୟୁତ ତରଙ୍ଗ ଖେଳିଗଲା ଭଳି ଅନୁଭୂତ ହେଲା। ମୋ ନିଦ ସମ୍ପୂର୍ଣ୍ଣ ଭାଙ୍ଗିଗଲା। ବାହାରେ ପୁଣି ସେହି ଡାକ...ଆଶଙ୍କାରେ, ଆତଙ୍କରେ, ମୁଁ କବାଟ ଖୋଲିଲି। ସାମ୍ନାରେ ବୋଉ ଛିଡା ହୋଇଥିଲା। ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇ ଉଚ୍ଚ ସ୍ୱରରେ କହିଲି, "ରଶ୍ମି' ଆସ ଦେଖିବ, କିଏ ଆସିଛି। ସେ ଧଡ଼ ପଡ଼ ହୋଇ ଉଠିଲା। ଆମେ ବୋଉର ପାଦ ଛୁଇଁ ପ୍ରଣାମ କଲୁ।

ବୋଉକୁ ମୋ ପାଖକୁ ଆସି ରହିବାକୁ କହିଲେ, ସେ ଜମା ରାଜି ହୁଏନି। ଗାଁ' ଭଲ ତ, ସିଏ ଭଲ। ଏମିତିକି, ସେ ମାମୁ ଘରକୁ ଗଲେବି ଦୁଇ ଦିନରୁ ଅଧିକ ରହେ ନାହିଁ। ପିଲାଛୁଆଙ୍କୁ ନେଇ ସହରରେ ଯେତେ ଖୁସିରେ ରହିଲେ ବି, ମୋ ମନ ଭିତରେ ଗୋଟେ ଅଦୃଶ୍ୟ ଖାଲିପଣ ସବୁବେଳେ ରହି ଥାଏ। ବୋଉ ଆସିବା ପରେ, ସେସବୁ ଆପେ ଆପେ ପୂରଣ ହୋଇଗଲା। ଗାଁ'ଠୁ ଦୂରରେ ରହିବାର ଦୁଃଖ କେଉଁଆଡ଼େ ଅପସରି ଗଲା। ବୋଉ ଏବେ ବୟସର ଭାରରେ ନଇଁ ପଡିଲାଣି। ମୁଣ୍ଡର ବାଳ ସବୁ ପୁରା ଧଳା ହୋଇ ଯାଇଛି। କିନ୍ତୁ ସେ ଏବେ ସବୁ କାମକୁ ଆଗଭର। ଯେତେ ମନାକଲେ, ଯେତେ ବିରକ୍ତ ହେଲେ, ସେ କିଛି ଶୁଣେ ନାହିଁ। କେତେବେଳେ କଂସା ବାସନ ମାଜି ଦେଉଛି, ତ କେତେବେଳେ ମୋ ଡ୍ରେସ ସଫା କରି ଦେଉଛି। ଏବେ ମୋ ଝିଅ ଲିଜା ସବୁବେଳେ ବୋଉ ପାଖରେ। ଆଜିକାଲି, ଆମ ପାଖରେ ତା'ର ଅଳି ଅଝଟ ସବୁ ବନ୍ଦ। ଏମିତିକି ରାତିରେ ବି ସେ ତା' ମା ପାଖରେ

ISSN NO.
2582-208X

ଶୋଉଛି। ଲିଜାର ସବୁ ଦାୟିତ୍ୱ ବୋଉ ନେଉଛି। ମୁଁ ଏବେ ବିଳମ୍ବରେ ଅଫିସରୁ ଫେରୁନା। ଛୁଟି ଦିନ ମାନଙ୍କରେ ସାଙ୍ଗ ସାଥି ମାନଙ୍କ ସହ ବୁଲିବା ବଦଳରେ ମୁଁ ବାଲକୋନରେ ବସି ରଶ୍ମି ସହ ଖୁସି ଗପ, ମଜା ମସ୍ତି ଓ ଚା ପିଆରେ ବିତାଉଛି। ଆଜିକାଲି ବାହାରେ ବୁଲାବୁଲି କଲେ ବୋଉ ଭାରି ବିରକ୍ତ ହୁଏ। ମତେ ଶୁଣେଇ ଶୁଣେଇ ରଶ୍ମି ଆଗରେ କହେ, "ତୁ, ତାକୁ କିଛି କହୁନୁ ବୋଲି ସେ ଏମିତି ଲଗାମ ଛଡା ହୋଇ ବୁଲୁଛି। ସ୍ତ୍ରୀ ଛୁଆଙ୍କୁ ଟିକେ ସମୟ ଦେଉନ। ତୁ ଏଠି ଘର ଭିତରେ ମୁହଁ ମାଡି ପଡିଥିବୁ, ସେ ବାହାରେ ନବାବ ହୋଇ ବୁଲୁଥିବ"। ମୁଁ ସବୁ ଶୁଣେ, ମନେ ମନେ ହସେ। ମତେ ଘରେ ରହିବାକୁ କହି, ବୋଉ ସନ୍ଧ୍ୟାରେ ଲିଜାକୁ ନେଇ ପାଖ ମନ୍ଦିରକୁ ଚାଲିଯାଏ। ରଶ୍ମିର ମିଠା ଗାଳି ଶୁଣିବାକୁ ମୁଁ ରୋଷେଇ ଘରେ ତାକୁ ଖୁବ୍ ହଇରାଣ କରେ।

ଆଜି ଦେହ ଟିକେ ଭଲ ନଲାଗିବାରୁ ଅଫିସରୁ ଶୀଘ୍ର ଫେରି ଆସିଲି। ଆମ ରୋଷେଇ ଘରୁ ବୋଉ ହାତ ରନ୍ଧାର ବାସ୍ନା ଭାସି ଆସୁଥାଏ। ବୋଉ ହାତ ରନ୍ଧାରେ ଥାଏ, ଗୋଟେ ନିଆରା ସ୍ୱାଦ । ଅତୀତର ଅଭୁଲା ସ୍ମୃତିସବୁକୁ ମନ ଭିତରେ ଉଙ୍କି ମାରିଲା...

ବୋଉ, ଆମର ବହୁତ ସୁନ୍ଦର ରାନ୍ଧେ। ଜେଜେଙ୍କ ଶ୍ରାଦ୍ଧରେ ବୋଉ ଏକୁଟିଆ ସବୁ କରେ। ସାହି ଭାଇ, ବନ୍ଧୁ ବାନ୍ଧବ ସମସ୍ତେ ଖାଇଲା ବେଳେ ବୋଉର ଢ଼େର ପ୍ରଶଂସା କରନ୍ତି। ଯେଉଁ ଦିନ ମାଛ ତରକାରୀ ହୁଏ, ବାପା ସଅଳ ଗାଧୋଇ ପଡି ଖାଇବା ପାଇଁ ଜଗି ବସନ୍ତି। ଆମେ ପିଲାମାନେ ଚୁଲି ମୁଣ୍ଡରେ ଜଗି ବସିଥାଉ। ରୋଷେଇ ସରିଲେ ବୋଉ ଗରମ ଗରମ ବାଢିଦିଏ। ଟୋପାଏ ତେଲରେ, ସେ ରାନ୍ଧିଥିବା ତରକାରୀକୁ ଆମେ ହାତ ଚାଟି ଖାଉ।

ସେତେବେଳେ, ବୋଉ ଉପରେ ଘରର ସବୁ ଦାୟିତ୍ୱ। ସେ ବଡି ଭୋରୁ ଉଠି ଗୋବର ପାଣି ପକାଇ ଦାଣ୍ଡ, ବାରି, ଅଗଣା ସବୁ ଓଳାଏ। ଗୁହାଳ ଗୋବର କାମ ସାରି ନଈକୁ ଗାଧୋଇ ଯାଏ। ତା ପରେ ଠାକୁର ପୂଜା। କେତେ ନିଷ୍ଠା, କେତେ ନିୟମରେ ସେ ପୂଜାର୍ଚ୍ଚନା କରେ। ଆମ ସମସ୍ତଙ୍କ ମନ ମୁତାବକ କେତେ କ'ଣ ରାନ୍ଧେ। ବୋଉ ହାତର ବାଇଗଣ ପୋଡ଼ା, ଜହ୍ନି ରାଇ, କଳମ ଶାଗ, ଛତୁ ପୋଇପତ୍ର ପତରପୋଡ଼ା, ବଡି, ବାଇଗଣ ଓ ସଜନା ଛୁଇଁ ଝୋଳ, ମାଗୁର ମାଛ ଝୋଳ, ପୋଇଖାଡି ଚୁଙ୍ଗୁଡି ଶୁଖୁଆ ରାଇ, କଖାରୁ ଫୁଲ ପିଠୋଉ, କଦଳୀ ମଞ୍ଜା ରାଇ, ପାଣି କଖାରୁ ରାଇ ମୁଁ ସବୁବେଳେ ଝୁରି ହୁଏ। ତା' ହାତ ରନ୍ଧା ଆମ ପାଇଁ ଅମୃତତୁଲ୍ୟ। ଆମର ସେ ସମୟରେ, ରୋଷେଇ ପାଇଁ ଏତେ ସୁବିଧା ନଥିଲା। ବୋଉ

ISSN NO.
2582-208X

ବାଡିରୁ କାଠ ପତର ଆଣି ଆମ ପାଇଁ ରୋଷେଇ କରୁଥିଲା। ତା' ସହିତ ଧାନ ଉଁଷା, ଧାନ କୁଟା, ବଡି ପର୍ ଯାବତୀୟ କାମ ବିନା ପ୍ରତିବାଦରେ ବିନା ପ୍ରତ୍ୟାଶାରେ ପ୍ରତିଦିନ କରୁଥିଲା। ଆମ ଭାଇ ଭଉଣୀକୁ ସନ୍ଧ୍ୟାରେ ସବୁଦିନ କାହାଣୀ ଶୁଣାଉ ଥିଲା।

ଆମ ବାପା ଘରର କୌଣସି ଦାୟିତ୍ୱ ବୁଝନ୍ତିନ। ତାସଖେଳ ଭଲ ତ ସେ ଭଲ। ସନ୍ଧ୍ୟାରେ ବେଲ ବଣିଆ ପାଖ ଟୁଙ୍ଗୀରେ ଭଜନ ଆଉ ଗଞ୍ଜେଇ ଟଣା। ବୋଉ ସବୁବେଳେ କହେ, "ପାଗଳ, ତୁଚ୍ଛା ପାଗଳ ଟା। ନ ହେଲେ, ବାର ଏକର ଜମି ଥାଉ ଥାଉ ଦି ଓଳି ଦୁଇ ଗୁଣ୍ଡା ଖାଇବାକୁ ମିଳୁନି। କି ପାପ କରିଥିଲି କେଜାଣି? ବାପଘର ଏରୁଣ୍ଡି ଡେଇଁ ଆସିବା ଦିନଠୁ କାନ୍ଦି କାନ୍ଦି ମୋ ଦିନ ସରିଲା"। ଏସବୁ ଶୁଣି ମୋ ଛାତି ଭିତରଟା ରୁନ୍ଧି ହେଉଯାଏ। ଆଖି ଲୁହରେ ଟଳମଳ ହୋଇ ଉଠେ। କିନ୍ତୁ ମୁଁ କାନ୍ଦେ ନାହିଁ। ମତେ ଲାଗେ, ମୋ ଲୁହ ଝରିବା ଦେଖିଲେ ବୋଉକୁ ବେଶୀ କଷ୍ଟ ଲାଗିବ।

ମୁଁ କ୍ଷୀର ଖାଇବା ପାଇଁ, ବୋଉ ମାମୁ ଘରୁ ଗୋଟେ ଗାଈ ଆଣିଥିଲା। ଗାଈଟି ଖୁବ ରୋଗୀଣା ଓ ବୟସ୍କା। ଆମ ବାରିତଳେ ଢେର ଘାସ। ବାପା ଆଦୌ ଗାଈ କଥା ବୁଝନ୍ତିନ। ତେଣୁ, ଅନେକ ଥର ଘରେ ଝଗଡା ହୁଏ। ବାପା ରାଗିଗଲେ ବୋଉକୁ ବହୁତ ବାଡ଼ାନ୍ତି। ହାତରେ ଯାହା ପଡେ, କାଠ, ବାଉଁଶ, ପାଞ୍ଚଣ, ପିଠାପଟା ନହେଲେ ବିଧା ଗୋଇଠା। ସମସ୍ତେ କୁହନ୍ତି, ବାପାଙ୍କର ଆଉ କାହା ସହ ସମ୍ପର୍କ ଅଛି। ବୋଉ ଅଖା ଆଉ ଦା ଖଣ୍ଡେ ନେଇ ମତେ ଘାସ କାଟିବାକୁ କୁହେ। ଆମେ ସାଙ୍ଗ ହୋଇ ବାରିତଳ(ଘର ପାଖ ବିଲ) କୁ ଯାଉ। ସେ ଚାରିଆଡକୁ ଲକ୍ଷ୍ୟ କରେ, ଯଦି କେହି ମଣିଷ ନଥାନ୍ତି, ତରତର ହୋଇ ଘାସ କାଟି ପକାଏ। ଯଦି କେହି ଲୋକ ଆସନ୍ତି, ଦା'ଟିକୁ ମୋ ହାତରେ ଧରେଇ ଦିଏ।

ବୋଉ ସବୁବେଳେ ଆମ ପାଇଁ ଓଷା ବ୍ରତ କରେ। ଭଲ ପାଠ ପଢିଲେ ଆମ ଅଭାବ ଅସୁବିଧା ଦୂର ହୋଇଯିବ ବୋଲି ସବୁବେଳେ ବୁଝାଏ। ଯେତେ ଖାଇଲେବି ଆମ ପେଟ ପିଠିରେ ଲାଗିଛି କହି ମନ ଦୁଃଖ କରେ। ମୋ ଦେହ ଖରାପ ହେଲେ, ସାରା ରାତି ଅନିଦ୍ରା ହୋଇ ଜଗି ବସେ। ଠାକୁର ଘରେ ଦୀପ ଜଳାଇ କୁହେ, "ହେ ପ୍ରଭୁ, ମୋ ପୁଅର ରୋଗ ବୈରାଗ ମତେ ଦେଇଦିଅ। ମତେ ଜ୍ୱର ହେଲେ, ମୋର କିଛି ଖାଇବାକୁ ଇଛା ହୁଏ ନାହିଁ। ସତ କହିଲେ, ଆମ ଘରେ କିଛି ନଥାଏ। କେବଳ ଭାତ ଛଡା। ବଡ଼ ବାପାଙ୍କ ଅଗଣାର ପିଜୁଳି ଗଛରେ ବହୁତ ବଡ଼ ବଡ଼ ପିଜୁଳି ଫଳଥାଏ। ମୁଁ, ନଦ ବାଉଳାରେ ପିଜୁଳି

ISSN NO.
2582-208X

ଖାଇବାକୁ କୁହେ। ବୋଉ ଅନ୍ଧାର ରାତିରେ ଯାଇ ମୋ ପାଇଁ ପିଜୁଳି ଆଣେ। ସେ ବାଳୁତ ବୟସରେ ମୁଁ ଭାବେ, ମୋ ବୋଉ ଦ୍ୱାରା ସବୁ ସମ୍ଭବ। ମୋ ବୋଉ ସବୁ କିଛି କରିପାରେ। ଘର ହେଉ କି ବାହାର, ବୋଉ ପାଖରେ ଥିଲେ ମତେ କାହାରିକି ଡର ଲାଗେନି। ଭୁତ, ପ୍ରେତ, ବାଘ, ଭାଲୁ କାହାରିକୁ ବି ନୁହେଁ। ମୋର ଅଟଳ ବିଶ୍ୱାସ ଥାଏ, ମୋ ବୋଉ ଏ ସଂସାରରେ ସବୁଠୁ ଶକ୍ତିଶାଳୀ ମଣିଷ। ତା'କୋଳ ହେଉଛି ମୋର ନିରାପଦ ଆଶ୍ରୟ।

ଖରାଦିନେ ଆମ ସାହି ମାଇପିଏ ନିଜ ନିଜ କାମ ସାରି ଚୁଗୁଲି ଗପ କରନ୍ତି। ଗାଁ ଯାକର ଝିଅ ବୋହୂଙ୍କ କଥା ସେଠି ଚର୍ଚ୍ଚା ହୁଏ। ବୋଉ ଥରୁଟିଏ ପାଇଁ ସେମାନଙ୍କ ପାଖରେ ବସେ ନାହିଁ କି ସେମାନଙ୍କ କଥା ଶୁଣେନାହିଁ। ସେ ତାର ଦୁଃଖ ଧନ୍ଦାରେ ଲାଗିଥାଏ। ସେଥିପାଇଁ ସେମାନେ ବୋଉକୁ ଦେଖେଇ ଦେଖେଇ ଅନେକ କଥା କୁହନ୍ତି। ବୋଉ କିଛି ନକହି ଆଖି ଲୁହ ଲୁଗା କାନିରେ ପୋଛିଦେଇ ସେଠୁ ଚାଲିଯାଏ। ଆମ ଅଭାବ ଅସୁବିଧା ପାଇଁ, ଆମକୁ ସମସ୍ତେ ହୀନ ଦୃଷ୍ଟିରେ ଦେଖନ୍ତି।

ଯେତେବେଳେ ମୋ ସାଙ୍ଗ ମାନେ କ୍ରିକେଟ ଖେଳନ୍ତି, ମେଳା ମଉଚ୍ଛବରେ ବୁଲି ମଜା କରନ୍ତି, ମୁଁ ସେତେବେଳେ ବିଲ ବାଡ଼ିର ଫସଲରେ ପାଣି ଦେଉଥାଏ, ଗହୀର ପାଟରୁ ଗାଈ ଆଣୁଥାଏ ନ ହେଲେ ଧାନ ବିଲରୁ ଘାସ କାଟୁଥାଏ। ସେ ସମୟରେ, ମୁଁ ବୋଉ ଉପରେ ମନେମନେ ଭାରୀ ରାଗେ। ମୋର କଅଁଳିଆ ମନ ବିଦ୍ରୋହର ନିଆଁରେ ଛଟପଟ ହୁଏ। କିନ୍ତୁ କିଛି ସମାଧାନ ମିଳେନି। ଦିନକୁ ଦିନ ଅସୁବିଧା ବଢେ। ବୋଉ ଆମକୁ କେବେ ହାତ ଉଠାଇ ମାରେ ନାହିଁ। କିନ୍ତୁ ଅନେକ କଟକଣା ଓ କଡା ଶାସନ ଲଦିଦିଏ। ଏତିକି ସମୟ ପଢିବ, ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବ। ପାଖ ପଡ଼ିଶା ଦୁଷ୍ଟପିଲାଙ୍କ ସହ ମିଶିବ ନାହିଁ, ବାହାରେ ଭେଜିଭାତ କରିବ ନାହିଁ। ଏମିତି ଅନେକ ନିୟମ ମାନିବାକୁ ପଡେ।

ଧୀରେ ଧୀରେ ମୁଁ ବଡ଼ ହେଲି। ପିଲା ଦିନ ଓ ସେତେବେଳର ଅବୁଝା ମାନସିକତା ସବୁ ପଛରେ ରହିଗଲା। କଠୋର ଅନୁଶାସନ ଭିତରେ ବୋଉ ମତେ ଆତ୍ମନିର୍ଭରଶୀଳ ହେବା, ଶିଖାଇ ଥିଲା। ଇଶ୍ୱରଙ୍କ ଆଶୀର୍ବାଦ ଓ ଅକ୍ଳାନ୍ତ ପରିଶ୍ରମ ମତେ ସଫଳତା ଆଣିଦେଲା। ଧୀରେ ଧୀରେ ଅତୀତର ଦୁର୍ଭାଗ୍ୟର ଦିନ ସବୁକୁ ଆମେ ଭୁଲିବାକୁ ଲାଗିଲୁ। କିନ୍ତୁ ମୁଁ ଶତ ଚେଷ୍ଟା ସ୍ୱତ୍ୱେ ବୋଉର ଗୋବର ଚକଟା ହାତ, ବର୍ଷା ଦିନର ପାଣି କାଦୁଅରେ ବାଲିଖିଆ ଗୋଡ଼ ଏବଂ ଆମ ପାଇଁ ଅହରହ ଲୁହ ଝରାଉ ଥିବା ଆଖିକୁ ଭୁଲି ପାରିଲି ନାହିଁ। ବୟସ

ISSN NO.
2582-208X

ବଢ଼ିବା ସହିତ ବୋଉର ଦୁଃଖ, କଷ୍ଟ, ତ୍ୟାଗ, ସହନଶୀଳତାକୁ ମୁଁ ଭଲ ଭାବରେ ବୁଝିଲି। ମୋ ଭଲ ପାଇଁ, ସେ ନିଜର ସବୁ ସୁଖ ସବୁ ସ୍ୱପ୍ନକୁ ଜଳାଞ୍ଜଳି ଦେଇଛି। ବୟସ ବଢ଼ିବା ସହିତ ମୁଁ ତାକୁ ବେଶୀ ଭଲ ପାଇଲି, ବେଶୀ ଆଦର କଲି। ପିଲାଦିନେ ସେ ଯେତିକି ଶାସନରେ ରଖିଥିଲା, ବଡ଼ ହେବା ପରେ ସେତିକି ସମର୍ଥନ କଲା। ରଶ୍ମିକୁ ଭଲ ପାଉଛି ଜାଣି, ବ୍ରାହ୍ମଣ ଘର ହୋଇ ବି ଖଣ୍ଡାୟତ ଘର ଝିଅକୁ, ସମସ୍ତ ବନ୍ଧୁ ବାନ୍ଧବଙ୍କ ବିରୋଧ ସତ୍ତ୍ୱେ, ବିନା ଯୌତୁକରେ ବାହାଘର କରାଇଲା। ଧୀରେ ଧୀରେ ମୋ ବ୍ୟବସାୟ ବଢ଼ିଲା। ସହରରେ ଘର ତୋଳାହେଲା। କିନ୍ତୁ ବୋଉ ତା'ର ଭିଟାମାଟି ଛାଡି ନୂଆ ଘରକୁ ଆସିଲା ନାହିଁ। ବନ୍ଧୁ ବାନ୍ଧବ ସାହି ଭାଇ ଯେତେ ବୁଝାଇଲେ, ସେ କାହା କଥା ଶୁଣିଲା ନାହିଁ। ଶେଷରେ ନୂଆ ଘରଟିକୁ ଭଡାରେ ଦେଇ, ଆମେ ସମସ୍ତେ ଆମର ସେହି ମଫସଲ ଗାଁ'ରେ ରହିଲୁ।

ରୋଷେଇ ଘରୁ ବୋଉର ପାଟି ଶୁଣି ମୁଁ ପ୍ରକୃତିସ୍ଥ ହେଲି। ବୋଉ ମତେ କହୁଥିଲା, "ତୋ ପସନ୍ଦର ଆଳୁ ଭର୍ତ୍ତା କରିଛି, ଲିମ୍ବ କଢ଼ ଦେଇ ବାଇଗଣ ଭାଜିଛି। ଆସିଲୁ ପଖାଳ ଗଣ୍ଡେ ଖାଇଦେବୁ"। ମୁଁ ଧୋଇ ହୋଇ ବୋଉ କାନିରେ ମୁହଁ ପୋଛୁଛି। ସେ କୁଆଡେ ଅଦୃଶ୍ୟ ହୋଇ ଶୂନ୍ୟରେ ମିଶିଗଲା। ମୁଁ ଚତ୍କାର କରି କହିଲି, "ବୋଉ"

ହଠାତ ମୋ ନିଦ ଭାଙ୍ଗିଗଲା। ମୁଁ, ମୋ ଚାରିପଟେ ହାତ ବୁଲେଇ ଦେଖିଲି, ମୁଁ ମୋ ବେଡ଼ ରୁମ୍ ରେ ଶୋଇଛି। ତାହାଲେ କଣ ମୁଁ ସ୍ୱପ୍ନ ଦେଖୁଥିଲି? ମୁଁ ନିଜକୁ ନିଜେ ପ୍ରଶ୍ନ କଲି, ବୋଉ କ'ଣ ସ୍ୱପ୍ନରେ ଆସିଥିଲା? ଟିକିଏ ଅସୁବିଧା ହେଲେ, ବୋଉକୁ ମୁଁ ସ୍ୱପ୍ନରେ ଦେଖେ। ଜାଣେ, ଅହରହ ଆଶୀର୍ବାଦ ଦେଉଥିବା ତା ହାତ ଏବେ ବି ମୋ ମୁଣ୍ଡ ଉପରେ ଅଛି। ହୃଦୟର ନିଭୃତ କୋଣରେ ଅନୁଭବ କଲି, ତା' ମମତାର ଉଷ୍ମ ଆହା ଏବଂ ତା' ପଣତର ଶୀତଳ ଛାଇ। ବୋଉ କଥା ବହୁତ ମନେ ପଡ଼ିଲା। ଆଉ ନିଦ ହେଲାନି।

ବାଥରୁମ ଯାଇ ମୁହଁ ଧୋଇଲି। ପେଟରେ, ପେଟେ ଭୋକ। ଡାଇନିଂରେ ଖାଇବା ସବୁ ସେମିତି ଥୁଆ ହୋଇଛି। ରଶ୍ମି ହାତ ଉପରେ ମୁଣ୍ଡ ରଖି ଡାଇନିଂ ଟେବୁଲ ଉପରେ ଶୋଇଛି। ଆଖିରୁ ଝରିଥିବା କେଇ ଟୋପା ଲୁହ ଏବେ ବି ଶୁଖିନି। ଏ ଦୃଶ୍ୟ ମୋ ଛାତିକୁ ଦୋହଲାଇ ଦେଲା। ମୁଁ ନିଜକୁ ନିଜେ ପ୍ରଶ୍ନ କଲି, ରଶ୍ମି ଏ ଘରକୁ ଆସିବା ଦିନରୁ ତା କର୍ତ୍ତବ୍ୟରେ କେବେ ବି ଅବହେଳା କରିନି। ବିନା ଅଭିଯୋଗରେ, ବିନା ସର୍ତ୍ତରେ, ସେ

ISSN NO.
2582-208X

ସମସ୍ତଙ୍କୁ ନଜର କରିଛି। ଟିକଏ କ'ଣ ହେଲେ, ସାରା ରାତି ମୋ ପାଖରେ ଜଗି ବସିଛି। ବ୍ୟବସାୟରେ ବ୍ୟସ୍ତ ରହି, ଘର ପାଇଁ, ତା' ପାଇଁ, ମୁଁ ଟିକେ ବି ସମୟ ଦେଇନ। କିନ୍ତୁ ମୋ ଅନୁପସ୍ଥିତିରେ, ସେ ଘରର ସବୁ ଦାୟିତ୍ୱ ସୂଚାରୁ ରୂପେ ଚଳେଇ ନେଇଛି। ଆଜି ସାମାନ୍ୟ କଥାରେ, ମୁଁ ତା ଉପରେ ଏତେ ବିରକ୍ତ କାହିଁକି ହେଲି?

ମୋର ସବୁ ଦମ୍ଭ, ସବୁ ଅହଙ୍କାର କୁଆଡେ ମିଳେଇ ଗଲା। ସବୁ ରାଗରୁଷା ଭୁଲି, ରଶ୍ମିକୁ ଦୁଇ ହାତରେ ଭିଡି ଧରି କହିଲି, "ମୋ ରାଣୀ, ଚାଲ ଖାଇବା। ଭାରି ଭୋକ"। ମୋ କଥା ଶୁଣି ତା' ଆଖି ପୁଣି ଛଳ ଛଳ ହୋଇଗଲା। ଓଦା ଓଦା ସ୍ୱରରେ ମୁଁ ବ୍ୟସ୍ତ ହୋଇ କହିଲି, "ତୁମ ଉପରେ ବିନା କାରଣରେ ମୁଁ ବହୁତ ବିରକ୍ତ ହୋଇଛି ନା... ଆଜିଠୁ ଶପଥ କରି କହୁଛି, ତୁମ ଉପରେ କେବେ ବି ରାଗିବିନି, ବିରକ୍ତ ହେବିନି।" ମୋ କଥା ସରିବା ପୂର୍ବରୁ, ସେ ତା ପାପୁଲିରେ ମୋ ପାଟି ବନ୍ଦ କରି କହିଲା, "ମୋ ଉପରେ ତୁମେ ରାଗିବନି ତ, ଆଉ କିଏ ରାଗିବ।" ତା' ମୁହଁରୁ ଏକଥା ଶୁଣି, ମୁଁ ତାକୁ ଆହୁରି ଜୋରରେ ଭିଡି ଧରିଲି।

ଖାଇବା ସମୟରେ ମତେ ଲାଗୁଥିଲା, କାନ୍ଥରେ ଫୁଲମାଳ ସହିତ ସଜ୍ଜିତ ବୋଉ'ର ଫଟୋଟି ସତେ ଯେମିତି ଧୀରେ ଧୀରେ ଜୀବନ୍ତ ହୋଇ ଉଠୁଛି। ତା ମୁହଁରେ ଲାଖି ରହିଛି, ସେଇ 'ଧୀରେ ହସ'

ସାନମୂଳେଇ, କଟକ

ISSN NO.
2582-208X

# ମିଶ୍ରିତ ଶବ୍ଦର ଭ୍ବ ଟିଏ



ଅଜିତ ପାଢ଼ି

ଏବେ ନୁହେଁ କ ସତେ ?
Use and throw ର ଯୁଗ !
କାମ ସରିଲ୍ । କଏ ଅଟେ କାହାର !
ପ୍ରେମାଭର୍ ଶବ୍ଦ ମାଡ଼; ମୁହୂର୍ତ୍ତକ ?
ମୁହୂର୍ତ୍ତରେ ହୁଏ ପ୍ରେମ ପ୍ରତାରଣା
ଜାଣି ହୁଏନ ସତେ !
ପ୍ରେମ ସାଜେ "ପ୍ରତାରଣା"
Use and throw ଭିତରେ !
ନୁହେଁ କ ସତେ ?
********************************

ପ୍ରେମ ଶାଶ୍ୱତ ଚରନ୍ତନ ସତ୍ୟ
କେଉଁ ଯୁଗରେ ନୁହେଁ କ ସତେ ?
ଆଜି "ହୋଇଯାଏ ପ୍ରେମ"
ଭିଡ ଭ୍ଡ ବଜାର ଭିତରେ !.
ସୀମିତ Twenty Twenty Match
ର "ପ୍ରେମ"
ଗୋଲ୍ପ ର ସୋଉନ୍ଦର୍ଯ୍ୟ ର ପ୍ରେମ
ମୁହୂର୍ତ୍ତେ ହୋଇଯାଏ ଭିଡ ଭ୍ଡ୍ ବଜାର ଭିତରେ ।
ଦେଖାଣିଆ ପ୍ରେମ ମାଡ଼ "ଭୁଷୁଡି ଯାଏ"

ISSN NO.
2582-208X

ମଲିଙ୍ଗା ର throw Boling ମାଡ଼ ରେ ।
ହୋଇଯାଏ use ମୁହୂର୍ତ୍ତ
Throw ! ମଲିଙ୍ଗା । ର ବୋଲିଂ ମାଡ଼ ରେ !
*******************************

Throw ସତେ ଫିଙ୍ଗା ଫିଙ୍ଗା ଫିକା ପ୍ରେମ
ନାହିଁ ସେଠି ସ୍ୱତନ୍ତ୍ର ଓ ସ୍ୱତନ୍ତ୍ରତା ?
ଭାଗ୍ୟ ଡୋରୀ ବିଡମ୍ବନା
ସିଂହାସନ ଟଳମଳ "ଇମ୍ରାନ ଖାନ୍"
ଫିକା ପ୍ରେମ ଗୁଇନା ର
ଗୁଇନା ର ଫିକା ପ୍ରେମ Boling ମାଡ଼ ରେ ?
ଆଜି ସତେ ପ୍ରେମ ମାଡ଼ use and throw ଭିତରେ ?
***************"**************"****""""""

ପ୍ରେମ ଆଜି "ଅଟ୍ଟ ହାସ୍ୟ"
ନୁହେଁ କ ସତେ ?
ଜଳୁଛି ସହର ! ଜଳୁଛି ମଣିଷ !
ଫିକା ଫିକା ପ୍ରେମ ମାଡ଼ N AT O ପ୍ରେମ ରେ !
ଜଳଯିବ କ ସହର !
ଜଳଯିବ କ ସଂସାର
Use and throw ପ୍ରେମ ରେ !
ପରମାଣୁ ଦହନୀୟ ଯୁଦ୍ଧ ଡାକରା ।
ଜଳଜିବ କ ସଂସାର use and throw ର
"ପ୍ରେମ" ମାଡ଼ ରେ !

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ମସ୍ୱାବତାର



କୃଷ୍ଣ ଚନ୍ଦ୍ର ବାରିକ

ସିନ୍ଧୁ ରାଜ ସୁତା ସୁତାଙ୍କ ଅନୁଜ
ଶଙ୍ଖାସୁର ଦୈତ୍ୟେଶ୍ୱର
କଳ କଉଶଳେ କରାଗତ କରି
ବେଦ ନେଇ ରଖେ ନୀର

ଗହନ ଗଭୀର ସାଗର ସଘନେ
ଲୁଚାଇ ରଖିଲା ବେଦ
ଜାଣେ ଜଗନ୍ନାଥ ହୃଦଗତେ ଧ୍ୟାୟୀ
ଜାଣିଲେ ତହିଁର ଭେଦ

ମୀନ ରୂପ ହୋଇ ମନୁ କରେ ଯାଇ
ପ୍ରାତଃ ସ୍ନାନ ବିଧି କାଳେ
ବୋଲନ୍ତୁ ଶ୍ରୀଧର ଆହେ ଋଷିବର
ମୋତେ ନଅ ତୁମ୍ଭ ତୁଲେ

କମଣ୍ଡଳୁ ଗର୍ଭେ ଭକ୍ତ ପ୍ରେମ ଭାବେ
ରହିଲେ ଜଗତ ସାଇଁ
ଆଶ୍ରମେ ଦେଖନ୍ତେ ଶରୀର ନଅଣ୍ଟ
ପାତ୍ରରେ ରଖିଲେ ନେଇ

ISSN NO.
2582-208X

ପାତ୍ରରୁ ପୋଖରୀ ତହିଁରୁ ସାଗର
ନେଇ ଛାଡି ଦେଲେ ଋଷି
ଉଠିଲା ଜୁଆର ପ୍ରଳୟ ପୟୋଧି
ରଣରଙ୍ଗେ ବକା ଧ୍ୱଂସୀ

ମାରିଣ ଅସୁର ବେଦ ଯେ ଉଦ୍ଧାର
କରି ପ୍ରଭୁ ଲକ୍ଷ୍ମୀ କାନ୍ତ
ପ୍ରଥମାବତାର ମତ୍ସ୍ୟ ଅବତାର
ଗୁରୁ ଯା'ର ବଳବନ୍ତ

ପ୍ଲାବିତ ବାରିଧି ଆଉ ନାହିଁ କଛି
ଚତୁଃର୍ଦିଗେ ଜଳରାଶି
ମନୁଙ୍କୁ ଉଦ୍ଧରି ବୋଇଲେ ଶ୍ରୀହରି
ସୃଷ୍ଟି ସୃଜ ତପି ଶଶି

ମନୁରୁ ମନୁଷ୍ୟ ଜଳରୁ ଜୀବନ
ପ୍ରଭୁଙ୍କ ଆଶିଷ ସିନା
ଅଜ୍ଞାନ ଅନ୍ଧାର କରି ଦେଇ ଦୂର
ଜଗତେ ଉଡାନ୍ତୁ ବାନା ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଆସ କରିବା ଚାଷ



ଜୟନ୍ତ କୁମାର ମଲ୍ଲିକ୍

ମାଆ ଭଜିଛି କଳମ ଶାଗ
ଖାଇବା ଆସ ବସି
ପାଟିକି ଲାଗେ କେଡ଼େ ସୁଆଦ
ହେବାରେ ଆମେ ଖୁସି ।
ବାଡ଼ିରେ ଆମେ କରିଛୁ ଚାଷ
ଦେଇନୁ କେବେ ସାର
ଗୋବର ଖତ ଦେଇ କରିଛୁ
ଦେହକୁ ଉପକାର ।
ଜାଣିକି ଆମେ ଦେଇନୁ ସାର
ହୋଇବ ବୋଲି ରୋଗ
ବଇଦ ପାଖେ ଯାଇ କହିଲେ
ରାଗି କୁହନ୍ତୁ ଭୋଗ ।

ଆସରେ ପିଲେ ବୁଝେଇ ଦବା
କରିବା ଯଦି ଚାଷ
ସାର ବଦଳେ ଗୋବର ଖତ
ଦେବା ତହିଁରେ ଆସ ।
ହେବନି କେବେ ରୋଗ ଆମକୁ
ଏଇ ଦରବ ଖାଇ
କାହିଁକି ଏହା କରିବା ନାହିଁ
ସବୁ ସୁବିଧା ଥାଇ ?

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଆଞ୍ଜୁଳା ଆଞ୍ଜୁଳା ସ୍ୱପ୍ନ ଆଖି ଲୁହରେ ଝରି ପଡୁଥାଏ । ଠାକୁରଙ୍କ ପୂଜାସାରି ତୁଳସୀ ଚଉରାରେ ପାଣି ଦେଉଥାନ୍ତି, ଇନ୍ଦୁମତୀ ପ୍ରଭୁଙ୍କ ପାଖରେ ଗୁହାରିକରି କଇଁ କଇଁ କାନ୍ଦି ପକାଉଥାନ୍ତି । ଜୀବନର ଅବ୍ୟକ୍ତ ଦୁଃଖକୁ କଣ ଜଣାନାହିଁ ଜଗନ୍ନାଥ । ଅପରାଧ ଯଦି ମୋର ତେବେ ମତେ ମାରିଦିଅ ପ୍ରଭୁ । ଏମିତି ଅଭିମାନ କରିବା ସମୟରେ ମୁଣ୍ଡ ବୁଲେଇ ଦେଇଛି । ଚଉରାରୁ ତଳକୁ ପଡିଯାଇ ମୁଣ୍ଡଟି ଫାଟି ଯାଇଛି ଏବଂ ଆଖିରୁ ରକ୍ତ ଝରୁଛି । ଆର ଗାଁ ର ସନିଆ ମା ଦେଖି ଦେଇ ଆରେ କିଏ କଉଠି ଅଛ, ଦୌଡି ଆସରେ ପୂଜା ମାଁ ପାଦିଯାଇଛି । ସିଦ୍ଧେଶ୍ୱରବାବୁ ... କୁଆଡେ ଗଲ ବା । ଇନ୍ଦୁମତୀକୁ ଉଠାଅ । ଘର ଭିତରୁ ସିଦ୍ଧେଶ୍ୱରବାବୁ ବାହାରିଆସିଲେ । ଗୋଟେ ଅଟୋରେ ମେଡିକାଲ ନେଇଗଲେ ସେମିତି ଘର ସବୁ ଖୋଲା ପଡିଥାଏ । ଡାକ୍ତର ଇନ୍ଦୁମତୀଙ୍କୁ ଦେଖି ସିରିୟସ ବୋଲି କହିବାରୁ ସିଦ୍ଧେଶ୍ୱରବାବୁ ବ୍ୟସ୍ତ ହୋଇଗଲେ । ରକ୍ତ ବହିବା ବନ୍ଦ ହଉନଥିବା ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଗଲେ । କିଛି ବୁଦ୍ଧି ଜୁଟିଲା ନାହିଁ । ପୂଜା, ସିନା, ଜିନାକୁ ସିଦ୍ଧେଶ୍ୱରବାବୁ ଫୋନ କରିଦେଲେ । ସମସ୍ତେ ଆସି ମେଡିକାଲରେ ପହଞ୍ଚିଗଲେ । ହେଲେ ଏତେ ବଡ ବିପଦକୁ ବାଲେଶ୍ୱର ଡାକ୍ତର ଭାବି ପାରିଲେନାହିଁ କଣ କରିବେ ? ତାଙ୍କର କିଛିବି ମେଡିସିନ କାମ କରୁନଥିବାରୁ ଆଖିରୁ ରକ୍ତସ୍ରାବ ବନ୍ଦ ହେଉନଥାଏ । ଦୁଃଖ କହିଲେ ନସରେ ।

ସିଦ୍ଧେଶ୍ୱରବାବୁ କହିଲେ, ପୂଜା, ତୁ ଅମନକୁ ଟିକିଏ ପଚାର ସେ ଯଦି କିଛି ଜାଣିଥିବ, ସଙ୍ଗେ ସଙ୍ଗେ ବିକାଶ ଫୋନ କରିବାକ୍ଷଣି ଅମନ କଲିକତାକୁ ନେଇଯିବାକୁ କହିଲା । ସେଠାରେ ସବୁ ପ୍ରକାର ସୁବିଧା ଅଛି ତ । ସେଥିପାଇଁ ଗୋଟିଏ ଗାଡିକରି ଜିନା, ସିନା ଓ ବିକାଶବାବୁ ମା ଇନ୍ଦୁମତୀଙ୍କୁ ନେଇ କଲିକତା ଚାଲିଗଲେ । ସିଦ୍ଧେଶ୍ୱରବାବୁ ଓ ପୂଜା ଦୁଇଜଣ ଘରକୁ ଫେରି ଆସିଲେ । ଘରଦ୍ୱାର ଖୋଲା ଓ ସବୁଆଡେ ପରିଷ୍କାର ହୋଇଛି

ISSN NO.
2582-208X

ଦେଖି ସିଦ୍ଧେଶ୍ୱରବାବୁ ଆଶ୍ଚର୍ଯ୍ୟ ହୋଇଗଲେ । ଦୁଇଦିନ ହେଲା ତ ମେଡିକାଲରେ ଥିଲେ । ଏଠାରେ କିଏ ଅଛି, କହି ଭିତରକୁ ଗଲେ ।

ମୁଣ୍ଡର ଓଢଣା ଦେଇ ସୁନନ୍ଦା ଗୋଡଧରି ଭୋ ଭୋ କାନ୍ଦିଉଠିଲା, ବାପା ମତେ କ୍ଷମା କରିଦିଅ । ମୁଁ ଅପରାଧୀ ମୋ ପାଇଁ ମାଆଙ୍କର ଏ ଅବସ୍ଥା । ମୁଁ ପାପ କରିଛି ! କ୍ଷମା କରିଦିଅ କିମ୍ବା ନିଜ ହାତରେ ମୋ ତଣ୍ଟି ଚିପିଦିଅ । କିଛି ନଶୁଣିଲା ପରି ଭିତରକୁ ଚାଲିଗଲେ ସିଦ୍ଧେଶ୍ୱରବାବୁ । ପୂଜା ମଧ୍ୟ ଗାଧୋଇବା ଘରକୁ ଚାଲିଗଲା । ଜଗନ ବି ତା ରୁମ୍ କୁ ଚାଲିଗଲା । କିଛି ଉପାୟ ନପାଇ ସୁନନ୍ଦା କୂଅ ପାଖକୁ ଯାଇ ଡେଇଁବାକୁ ଚେଷ୍ଟା କରୁଥିବା ସମୟରେ ସିଦ୍ଧେଶ୍ୱରବାବୁ ସୁନନ୍ଦାକୁ ଧରିନେଇ, ଗୋଟେ ଚାପୁଡା ମାରି ନେଇଆସିଲେ । ଏତେ ନାଟ ଲଗାଇ ସାରିଲା ପରେ ପୁଣି କଣ ଏଠି ଆତ୍ମହତ୍ୟା କରି ତୋ ବାପା, ଭାଇଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜେଲ ପଠାଇବୁ କି? କହିଦେଇ ଡ୍ରଇଁ ରୁମ୍ ର ସୋଫା ଉପରେ ବସିପଡିଲେ ସିଦ୍ଧେଶ୍ୱରବାବୁ । ସୁନନ୍ଦା ତାଙ୍କ ପାଖକୁ ଧିରେ ଧିରେ ଆସି ଅତି ବିକଳରେ ସବୁ କଥା କହି ଦେଲା । ତା ପରେ ଶେଷରେ ଠିଆହୋଇ କହିଲା, ମୁଁ ଯାଉଛି ବାପା । ମୁଁ ବହୁତ ବଡ ପାପ କରିଛି । ଏ ଜନ୍ମରେ ସେ ପାପରୁ ମୁକ୍ତ ହୋଇପାରିବି ନାହିଁ । ପୂଜା ଏକଥା ଶୁଣି ପଥର ପାଲଟି ଯାଇଥାଏ । ସୁନନ୍ଦା କବାଟ ଖୋଲି ବାହାରକୁ ଆସିଗଲା । ଜଗନ ବି ଘର ଭିତରେ କଇଁ କଇଁ ହୋଇ କାନ୍ଦୁଥାଏ । ସିଦ୍ଧେଶ୍ୱର ବାବୁ ଉପାୟ କିଛି ଭାବି ନପାରି ସୁନନ୍ଦାକୁ ଯାଇ ଘର ଭିତରକୁ ନେଇଆସିଲେ । ପୂଜା ମଧ୍ୟ ଭାଉଜଙ୍କୁ ରୋଷେଇ ଘରକୁ ନେଇ କିଛି ରୋଷେଇ ପାଇଁ କହି ମନଟାକୁ ହାଲକା କରିଦେଲା । ଜଗନ ଆସି ବାପାଙ୍କ ଗୋଡ ଧରି ଜୋରରେ କାନ୍ଦିଉଠିଲା । ବାପା ମୁଁ ମୋ ପାପର ପରିଣାମ ପାଇସାରିଛି । କ୍ଷମା କରିଦିଅ ମୋତେ । ସୁନନ୍ଦାକୁ ଏ ଘରେ ଟିକିଏ ସ୍ଥାନ ଦିଅ ।

ଫୋନ ରିଙ୍ଗ୍ ଶବ୍ଦ ଶୁଣି ସିଦ୍ଧେଶ୍ୱରବାବୁ ଉଠିଗଲେ । ଫୋନ ଧରି – ହେଲୋ ... ହେଲୋ... ।

ହଁ ଅଜା, ଆଈଙ୍କ ଦେହ ଟିକିଏ ଭଲ ଅଛି । ଆଖିଟା ବି ବେଣ୍ଡେଜ୍ ହୋଇଛି । ବେଣ୍ଡେଜ ଖୋଲିଲେ ଜଣାପଡିବ କାରଣ ବହୁତ ଜୋରରେ ଆଘାତ ହୋଇଛି ତ । ଦୁଇ ତିନି ଘଣ୍ଟା ପରେ ଚେତା ଆସିବ । ଆସିଲେ ଆପଣଙ୍କ ସାଙ୍ଗରେ କଥା ହେବେ ।

ISSN NO.
2582-208X

ତୋତେ କୋଟି ପରମାୟୁ କାଳିଆ ଦିଅନ୍ତୁ ବାବା । ତୋ ଆଇକୁ ଶୀଘ୍ର ଭଲ କରିଦେ । ମୋ ମାନସିକତା ଆଉ ଭଲ ନାହିଁ ।

ମୁଁ କିଛି କରିନି ଅଜା । ମୁଁ ରିସର୍ଚ୍ଚ ପାଇଁ ଆମେରିକା ଯାଇଥିଲି, ଡାଡିଙ୍କ ଫୋନ ପାଇ ବ୍ୟସ୍ତ ହୋଇଗଲି । ମୋର ଜଣେ ଷ୍ଟାଫ୍ ନେଇଯିବା ପାଇଁ କହିବାରୁ ଡାଡିଙ୍କୁ ନେଇ ଆସିବାକୁ କହିଲି, ବାସ୍..... କଲିକତା ରେ ପହଞ୍ଚିଲା ପରେ ସବୁ ପ୍ରକାର ଚେଷ୍ଟା କରାଗଲା । ହଠାତ୍ ରାତିରେ ରକ୍ତ ଦରକାର ପଡିଲା । ଆଇଙ୍କ ଗ୍ରୁପ୍ ର ରକ୍ତ କାହାର ନଥିଲା, ଡା· ଅଞ୍ଜନାଙ୍କ ରକ୍ତ ଦେଇ ତାଙ୍କୁ ଭଲ କରିଛନ୍ତି । ସେ ବହୁତ ସୁନ୍ଦର ଅଜା । ସେ ଦେଖିବାକୁ ଯେମିତି ଗୁଣରେ ମଧ୍ୟ । ଠିକ୍ ଅଛି ଅଜା ଚେତା ଫେରିଲେ ମୁଁ କଥା ହେବି । ମମିକୁ କହିବେ, ଆଇ ଭଲରେ ଅଛନ୍ତି । ସିଦ୍ଧେଶ୍ୱରବାବୁ ଆଶ୍ଚର୍ଯ୍ୟ ହୋଇଗଲେ । ଯାହା ହେଉ ଇନ୍ଦୁମତୀର ଅପରେସନ୍ ଠିକ୍ ଠାକ୍ ହୋଇଛି । ସେଇଟା ବଡ କଥା । ପୂଜା ବି ଶୁଣି ବ୍ୟସ୍ତ ଲାଗୁଥିଲା । କେବେ ଭଲ ହୋଇ ଫେରିବେ ବହୁତ ଚିନ୍ତାରେ ଭାଙ୍ଗି ପଡୁଥିଲା । ସୁନନ୍ଦା ସମସ୍ତିଙ୍କ ହାତକୁ ଚା ବଢେଇ ଦେଇ କହିଲା, ମାଆ ଭଲ ହୋଇଯିବେ ବାପା । ଆଉ ଦୁଃଖ କରନ୍ତୁ ନାହିଁ ।

ରାତି ସାରା ଅଞ୍ଜନା ଇନ୍ଦୁମତୀଙ୍କ ବେଡ୍ ପାଖରେ ବସିଛି । ଅମନ ଆମେରିକାରୁ ଫେରି ସିଧା ରୁମ୍ କୁ ନଯାଇ ମେଡିକାଲକୁ ଗଲେ । ସେଠାରଏ ଅଞ୍ଜନାଙ୍କୁ ଦେଖି ବହୁତ ଆନନ୍ଦିତ ଓ ଧନ୍ୟବାଦେ ଦେଲେ ।

ଅଞ୍ଜନା କହିଲା, ତୁମ ଆଇ କଣ ମୋର କେହି ନୁହଁ କି ?

ଟିକିଏ ହସିଦେଇ ଅମନ କହିଲେ, ହଁ ହଁ ନିଶ୍ଚୟ ହେବାକୁ ଯାଉଛ ।

ମାନେ .....

ଜାଣିପାରୁନ କି ?

ନାଇଁ .... ପ୍ଲିଜ୍ କୁହ ।

ଏଥର ଘରକୁ ଗଲେ ତୁମ ଶାଶୁ ସ୍ୱଶୁରଙ୍କୁ ନେଇଆସିବି ଏବଂ ତାଙ୍କର ଗେହ୍ଲା ବୋହୂକୁ ନେଇ ଯିବାକୁ କହିବି ।

ISSN NO.
2582-208X

ଆଛା ....। ମନେ ମନେ ଘିଅ ଖାଅନି ମ। ତୁମ ଡାଡି ମମି ମୋତେ ଯଦି ନେବାକୁ ମନା କେରିଦେବେ, ତେବେ କଣ କରିବ ?

ନାଇଁ ଅଞ୍ଜନା .... ସେମିତି କେବେ ହବ ନାହିଁ । ସେମାନେ କେବଳ ମୋ ଡାଡି ମମି ନୁହନ୍ତି ମୋ ପାଇଁ ଦେବତା। ଛୋଟବେଳୁ ଭାଇଭଉଣୀ ଦୁଇ ଜଣଙ୍କୁ ଛାଡି ମୋ ପାପା ମାମା ଚାଲିଗଲା ପରେ କକା, କାକୀ ଆମ ଦୁଇଜଣକୁ ନିଜ ପିଲାରୁ ଅଧିକ କରି ବଡ କରିଛନ୍ତି ନିଜର ସବୁ ସୁଖକୁ ଭୁଲିଯାଇ ଆମର ଖୁସି ତୋଳି ଦେଇଛନ୍ତି। ସେମାନେ ଦେବତାଠାରୁ ଅନେକ ବଡ ଓ ପାଇଁ ଅନେକ। ସବୁ ଅଭିମାନକୁ ମା ପରି ପଣତକାନିରେ ଲୁଚାଇ ମୋ ଓଠରେ ହସଭରି ଦେଇଛନ୍ତି। ଆଉ ମୋର କଣ ଦରକାର। କହୁ କହୁ ଲୁହ ଝରି ଆସିଥିଲା।

ଅଞ୍ଜନା ନିଜ କାନିରେ ଲୁହ ପୋଛିଦେଇ କହିଲା, ଛି ... ଅମନ, ଛୋଟ ପିଲାଙ୍କ ପରି କାନ୍ଦୁଛ ! ମୁଁ ତୁମ ପାଇଁ ସବୁ ଜନ୍ମ ଯାଏ ଅପେକ୍ଷା କରିଥିବି। ଡାଡି, ମମିଙ୍କ ବିନା ଆଦେଶରେ ଆମେ ତାଙ୍କୁ କଷ୍ଟ ଦେବାନାହିଁ। ସାରା ଜୀବନ ବାହା ନହୋଇ ମୁଁ ରହିବି ଅମନ। ଜମାରୁ ଦୁଃଖ କରନା।

ହେଇ .. .. ଅଞ୍ଜନା ସତରେ ତୁମେ ସେତିକି ଭଲପାଅ ଯେତିକି ମୁଁ ତୁମକୁ ସେବେଠାରୁ ଖୋଜୁଛି।

କେବେଠାରୁ ମୋ... ..

ପ୍ରଥମେ, ଦିନେ ସକାଳେ ମୁଁ ତୁମକୁ ମୋ ରୁମ୍ ର ବାଲକୋନିରେ ବସିଥିବା ବେଳେ। ବସନ୍ତର ଭିଜା ଭିଜା ମଳୟ ଦେହରେ ବାଜି ଯାଉଥାଏ। ହଠାତ୍ ଆଗ କୋଠାର ଛାତ ଉପରେ ଅଞ୍ଜୁ ସହିତ ଖେଳୁ ଥିବାର ଦେଖି ମନ ହଜିଯାଇଥିଲା। ଭାବିଲି ସ୍ୱପ୍ନ ବୋଧେ। ତା ପରେ ଯେତେବେଳେ ତୁମକୁ ଇଣ୍ଟରଭ୍ୟୁ ଦିନ ଦେଖିଲି ମୁଁ ଭାବିପାର୍ଲି ନାହିଁ ସତ ନା ସ୍ୱପ୍ନ। ଦେଖ ଅଞ୍ଜନା ସେବେଠାରୁ ନିବିଡ ଭାବରେ ଛାତି ତଳେ ସାଇତି ରଖିଥାଏ। ହେଲେ ମୁହଁ ଖୋଲି କହିପାରୁ ନଥିଲି। ତୁମ ପରିବାର ବିଷୟରେ ବେଶୀ ଜାଣିନଥିବାରୁ ମତେ ଡର ଲାଗୁଥିଲା, କାଳେ ତୁମେ ମତେ ଘୃଣା କରିବ। ତୁମେ ସତ କୁହ ଅଞ୍ଜନା ମୁଁ କଣ ଭୁଲ୍ କରିଛି ?

ISSN NO.
2582-208X

ନାଇଁ, ନାଇଁ, ମତେ ବି ତୁମେ ବହୁତ ଭଲ ଲାଗ ଅମନ । ମୁଁ ବି କେବେ କହିବାକୁ ସାହସ କରିପାରିନଥିଲି । ଦୁଇଜଣ ବାହୁରେ ଛନ୍ଦି ଯାଇଥିଲେ । ଦୁଇ ଜଣଙ୍କ ଆଖିରୁ ଆନନ୍ଦର ଅଶ୍ରୁ ଝରି ପଡୁଥିଲା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

ISSN NO.
2582-208X

# ଅସମ୍ପୂର୍ଣ୍ଣ

ତପନ କୁମାର ସାହୁ

ଅସୁମାରୀ ଆଶାର ଆକାଶେ
ଭିନ୍ନ ଅଭିନ୍ନ ରୂପର ପରିକଳ୍ପନା
ଧୂଳିସାତ ହେଲାପରି ଲାଗୁଛି ।

ଜୀବନ ଜିଇଁବାଟା ପେସାଦାର
ଜୁଆରିଆ ଭଙ୍ଗା
କୂଳଖାଇବାର ଭୟ ଏବେ
ଆଗନ୍ତୁକ ଆକାଶରେ
ପରମ ବିଚ୍ୟୁତିର ଦର୍ଶନ
ନିଜେ ନିଜର ପରିଚୟ ହିଁ ଅସହ୍ୟ ।

ପାନମସଲା ରେ କାନ୍ଥ
ପ୍ଲାଷ୍ଟିକ, ଜରି ଗୁଡିକର
ମୃଦୁମୟ ଆବରଣେ
ଧୀର ଗମ୍ଭୀର  ଭବିଷ୍ୟ
କାଚ ବୋତଲରେ ଯୌବନୀତ
ଉତେଇବି ଏବେ ବେଶ ପରିଷ୍କାର ।

ଗାଁ ପାଖ ଡଙ୍ଗରଯେ ସୁନ୍ଦର
ଏବେ ଆଇମା କାହାଣୀ
ହଁ ଠିକ ମନେପଡେ
ଜେଜେ ବାହାଘର ଆଉ ବାଘମାମୁଙ୍କ କଥା ।

ISSN NO.
2582-208X

ଗୁଡ଼ ପିଠା ଖାଇବାର ଲୋଭ
ଚୁନାବି ଏବେ କ୍ଷଣିକରେ ହୁଏ
ଗ୍ୟାସଜାଳି ରୋଷେଇରେ ବ୍ୟସ୍ତ !
ଚୁଲିତ ଆଉ ନାହିଁ
ଅଲକ୍ଷଣି ଆଉ ଜନ୍ମିବେବା କେମିତି
ଲକ୍ଷ୍ମୀବନ୍ତ ପୁରୁଷ ଦେଶରେ ।

ସହ ସମ୍ପାଦକ "ଅ"-ପତ୍ରିକା
କଳାହାଣ୍ଡି
ମୋ:7328001575

ISSN NO.
2582-208X

# ଫୁଲ



ଦେବାର୍ଚ୍ଚନ ମେହେର

କି ଭାବେ ସୃଷ୍ଟି କର୍ତ୍ତା
ଗଢ଼ିଲେ ତୁମକୁ,
ଆସିଲ ଏ ଧରଣୀ
ରାଣୀଙ୍କ କୋଳକୁ।।

ପ୍ରଭୁଙ୍କ ମସ୍ତକେ, ଗଳାରେ, ପଦ୍ମରେ
ସର୍ବଦା କରିଲ ବାସ,
ତାଙ୍କରି ସେବାରେ
ନିଜ ପ୍ରାଣକୁ କରିଲ ଶେଷ।।

ଏତେ ଭଲ ପାଇବା
ଦେଲ ଯେ ଲୋକଙ୍କୁ,
କିଏ ବା ମୁଣ୍ଡରେ କିଏ ବା କର୍ଣ୍ଣରେ
ଖୋସେ ଖୁସି ମନେ ତୁମକୁ।।

ଆହା କି ସୌନ୍ଦର୍ଯ୍ୟ
ଦିଶଇ ତୁମ ଶରୀର,
ପ୍ରଭୁ ସଦା ତୁମକୁ
କରିଲେ ଆଦର।।

ISSN NO.
2582-208X

ଆଉ ଗାଇବି ତୁମରି
କେତେ ଗୁଣ,
ଯେତେ ଗାଇଲେ
ନ ସରିବ ଜାଣ।।

ଫୁଲ ବଗିଚା ଦେଖି
ବିଚଳିତ ମନ ଶାନ୍ତ ହୋଇଯାଏ,
ଫୁଲର ଚୁମ୍ବନ, ମୋହକ ପାଇ
ମନ ମୋହି ନିଏ।।

ଗ୍ରାମ – ବାପୁଜୀନଗର
ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ଜୁଲାଇ – ୨୦୨୨
www.vedantimagazine.com
ISSN NO.
2582-208X

# ଗ୍ରାମ ପରିକ୍ରମା



ଭବାନୀ ଶଙ୍କର ଦାଶ

ପ୍ରାତଃକୁ ସଜେଇ ଦେଇଛି,
ଦେଖ ଗାଁର ବୋହୁଟି
ମୁଣ୍ଡରେ ସେ ଭରିଦେଇଛି,
ଦେଖ ସିନ୍ଦୂର ବିନ୍ଦୁଟି।
ମେଘର କଳା ରଙ୍ଗ ଆଣି,
ସିଏ କଜ୍ଜ୍ୱଳ କରିଛି
ଅସ୍ତସୂର୍ଯ୍ୟ ରଙ୍ଗ ଆଣି,
ସିଏ ସିନ୍ଥିକୁ ବାନ୍ଧିଛି।
ନୀଳ ରଙ୍ଗେ ଢାଙ୍କିଛି ଦେହ,
ଦେଇ ନାଲିଆ ଓଢ଼ଣୀ
ଲାଗୁଛି ସତେଯେ ଏମିତି,
ସିଏ ଗାଁ ସାଆନ୍ତାଣୀ।
ଭାବ ପ୍ରୀତି ସ୍ନେହ ନେଇ,
ଆଜି ସକାଳ ଆସିଛି
ଅନ୍ଧାର ମଣିଷ ମନରେ,
ସିଏ ଆଲୋକ ଆଣିଛି ।

ଗୌରୀଦେଇପୁର,କୋଦଳା,ଗଞ୍ଜାମ,
ଓଡିଶା,761032
9019896796

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

ସବ ଯାନ ପାଖକୁ ନେବା ପାଇଁ ଚାରିଜଣ ଦରକାର । ତିନିଜଣ ଥିଲେ । ମୁଁ ମୁଣ୍ଡ ଲଗାଇଦେଲି । ନିଗମ ବୋଧ ଘାଟରେ ପହଞ୍ଚିଲୁ । ସେଠାରେ ପଣ୍ଡିତ ବଦଳିଲେ । ମାଠିଆ ଟାଏ ହାତରେ ଧରି କହିଲେ ଯିଏ କର୍ମ କରିବ ଏଥିରେ ପାଣି ଭରି ଆଣୁ । ମୁଁ ହାତ ବଢ଼ାଇଲି । ମୋ' ହାତଟାକୁ ଛାଟି ଦେଇ କହିଲେ କିଏ ଏଟା ନେବ? ଶୀତୁ ଚଟାଣ ଉପରକୁ ଉଠିଲା । ମତେ ଦେ ବାବା, ରସୀନା ମନ କଷ୍ଟ କରିବ । ମୋ' କଥା ଆଡ଼େ କାନ ନ ଦେଇ ସେ ପଣ୍ଡିତଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳନ କଲା । ମୁଁ ତା' ପଛେ ପଛେ ହେଉଥାଏ ।

ଇଲେକ୍ଟ୍ରିକ୍ କ୍ରିମେସନ୍ ଆସନରେ ନାନୀକୁ ଶୁଆଇଲେ । ମୁଖାଗ୍ନି ସମୟ, ତୁମେ ବାହାରକୁ ଯାଅ ମମ୍ମୀ । ଏ ଦୃଶ୍ୟ ସହିପାରିବନି ।

ସବୁ ଶେଷ ।

ଘରେ ଆସି ଗାଧୁଆ ପାଧୁଆ କଲୁ । ଛଅଘଣ୍ଟା ପରେ ଶୀତୁ ଯାଇ ଅସ୍ଥି ଆଣିବା କଥା, ପଣ୍ଡିତେ କହିଲେ, ଆଜି ଅସ୍ଥି ବିସର୍ଜନ କରି ଆସିଲେ ଭଲ ହୁଅନ୍ତା । ବୀର (ଆମର ଜଣେ ଅତି ନିଜର) ମଧ୍ୟ ଶୀତୁ ସଂଗେ ଗଲା ସୁକାନ୍ତି (ବୀର ସ୍ତ୍ରୀ) ଓ ମୁଁ ନାନୀ ରୁମ୍‌ର ଟେବୁଲ୍ ପାଖେ ବସିଥିଲୁ । ମୋ' ପାଖ ଡ୍ରଟା ଖୋଲା ଥିଲା । ଖଣ୍ଡେ କାଗଜ ଉପରେ ନଜର ପଡ଼ିଲା । ଉଠାଇ ପଢ଼ିଲା ପରେ ମୋ ଆଖି ସଜ୍ଜଳ ହେଲା ।

ISSN NO.
2582-208X

ସେଇଟାରେ କ'ଣ ଲେଖାଅଛି କି ନାନୀ । ନାନୀ ମୋ' ପାଇଁ ଚିଠି ଛାଡ଼ିଯାଇଛି ।

ନେ ତୁ ପଢ଼ ।

ମୋ' ପାଖରେ ଚଷମା ନାହିଁ । ତୁମେ ପଢ଼ି ଶୁଣେଇ ଦିଅ ।

ତା' କ୍ରିୟା କର୍ମ ପ୍ରଭୃତି କେମିତି ହେବ ସେଇକଥା ଲେକିଛି । ଆଉ ଲେଖିଛି ମୁଁ ତା' ମୁହଁରେ ନିଆଁ ଦେବି । ମୁଁ କ'ଣ କରିଥାନ୍ତି କହିଲୁ ସୁକାନ୍ତି । ବ୍ରାହ୍ମଣ ତ ମତେ ଛୁଆଁଇ ଦେଲେନି । ବଞ୍ଚିଥିବା ବେଳେ ସେ ଜଳୁଥିବା ସମୟରେ ମୁଁ ତା'ର ପ୍ରତିକାର କରି ପାରିଲିନି। ଏବେ ଶେଷ ଇଚ୍ଛାଟି ମଧ୍ୟ ରଖିପାରିଲିନି । ଭଗବାନ ମତେ ଏଡ଼େ ଅପାରଗ କରାଇ ରଖିଛନ୍ତି କାହିଁକି ?

ଶୀତୁ ଭାଇ ତ ତୁମ ପୁଅ । ସିଏ ତ ସେଇ କାମଟା କରିଛନ୍ତି । ନାନୀଙ୍କ ଆତ୍ମା ଶାନ୍ତି ପାଇବ । ଆଉ ତୁମେ ଅପାରଗ ନୁହଁ ନାନୀ । ମୁଁ କାହିଁକି ସାରା ଦୁନିଆଟା କହିବ ତୁମେ ସବୁଠାରୁ ବେଶୀ ପାରଙ୍ଗମ । ହେଲେ ତୁମ ଅନ୍ତର ଭିତରଟା ବହୁତ କୋମଳ । ନିଜେ ନିଜେ ସବୁ କଷ୍ଟ ସହିବ, ମାତ୍ର ଅନ୍ୟ ମନରେ ଦୁଃଖ ଦେବନି । ସେଇଥିପାଇଁ ତୁମ ଉପରେ ସମସ୍ତେ ଘୋଡା ଚଢନ୍ତି ।

## ୩୦. ଶିକ୍ଷଣୀୟ ଉପଦେଶ :-

ସାଧୁ ଅବଧୁତଙ୍କର କେତେ ଜଣ ଗୁରୁ ଥିଲେ ତା' ମୁଁ ଠିକ୍ ଭାବେ କହିପାରିବନି । ୧୯୫୬ ମସିହାରେ ବାପାଙ୍କ ସାମ୍ନାରେ ବସି ପଢୁଥିବା ନା ସେ ଭାଗବତ ପୁରାଣ ଅଛି ନା ଭାଗବତ ଗାଦି । ମୁଁ ଘାଣ୍ଟି ଚକଟି ଖୋଜିବି ସେ ଯାହାହେଉ ମୁଁ କିନ୍ତୁ ବହୁ ଜଣଙ୍କ ଠାରୁ ଭଲରେ ହେଉ ବା ମନ୍ଦରେ କିଛି କିଛି ଉପଦେଶ ଲାଭ କରିଛି । ଯାହାକୁ ମୁଁ ଗୋଟିଏ ଗୋଟି, ଶିକ୍ଷା ବୋଲି ଧରି ନେଇଛି, ସେସବୁ ପ୍ରାଞ୍ଜଳ ଭାବେ ବଖାଣିବା ପାଇଁ ମୁଁ ଟିକିଏ ପଛଘୁଞ୍ଚା ଦେଉଥିଲେ ମଧ୍ୟ ବାପାଙ୍କର ଗୋଟିଏ ପଦ କଥା ମତେ ଦୃଢ଼ କରି ଦେଉଛି ।

ISSN NO.
2582-208X

"ସତରେ ଥିଲେ ଶତ୍ରୁକୁ କାହିଁକି ଡରିବ?"

ସାଣ୍ଟଣା (୧)

ତେବେ ସେଇ ବାପାଙ୍କ ଠାରୁ କଥାଟା ଆରମ୍ଭ କରାଯାଉ । ସେଦିନ ବାପାଙ୍କ ପୂଜା ପାଇଁ ସିଂହାସନ ଉପରେ ଠାକୁର ବାସନ, ଚନ୍ଦନ, ତୁଳସୀ, ଫୁଲ ସବୁ ସଜାଡ଼ି ରଖି ବାହାରକୁ ଆସି ଦେଖିଲି ପିଉସୀ ନାନୀ ଆଉ ନାନୀ ଦୁହେଁ ବସି ଗୋଟିଏ କଂସାରେ ପଖାଳ ଖାଉଛନ୍ତି। ପଖାଳ ସଂଗେ କେତେ କ'ଣ ଚାର୍ଟ, କହିଲି, "ମୁଁ ଟିକିଏ ଖାଇବି ।" "ହଉ ଆ" କହି ପିଉସୀ ନାନୀ ମୋ' ମୁହଁକୁ ଗୁଣ୍ଡାଟା ବଢ଼ାଉଥିଲେ, ମୁଁ ଚକାମାଲି ମାରି ତାଙ୍କ ସାମ୍ନାରେ ବସି ପଡ଼ିଲି ।

ବାପା ସବୁଦିନ ଗାଧୋଇ ସାରି ଚଉପାଢ଼ୀ ବାଟେ ଘର ଭିତରକୁ ପଶନ୍ତି । ସେଦିନ କ'ଣ ହେଲା କେଜାଣି ଦାଣ୍ଡ ବାଟେ ଘରକୁ ପଶିଲେ । ମଝି ରାସ୍ତାରେ ମତେ ବସିବା ଦେଖି ତାଙ୍କର ରାଗ ପଞ୍ଚମକୁ ଉଠିଗଲା । ଚିତ୍କାର କରି ଉଠିଲେ "ଅଣ୍ଡିଆ ପିଲାଟେ, କିଛି ସାଣ୍ଟଣାଶିଖିନି" କହି ଟିକିଏ ଧକ୍କା ମାରିଲା ଭଳି କରି ଧକ୍କାଟା ରାସ୍ତାରୁ ଉଠାଇଥିବାର ପ୍ରୟାସ କରେ । ସତରେ ଜୋର୍ ଥିଲା କି ନାହିଁ ମୋ'ର ମନେ ନାହିଁ, ହେଲେ ଖାଲି ମନକୁ ଆସିଲା ମୋ\ ର ଆରମ୍ଭ ବାପା ଯେତେ କ୍ରୋଧୀ ହେଲେ ବି ମୋ' ଉପରେ କେବେ ରାଗନ୍ତିନି । ତେବେ ଆଜି ମୋ'ର କ'ଣ ଗୁରୁ ଚଣ୍ଡାଳ ଦୋଷ ରହିଲା । ପଖାଳ ଖାଇବା ସେଇଠି ବନ୍ଦ ।

ବିଛଣାରେ ପଡ଼ି ପଡ଼ି ଆରମ୍ଭ ହୋଇଗଲା । ସୁଁ… ସୁଁ… ଆଖିରୁ ଗଙ୍ଗା ଯମୁନା ଧାର । ପିଉସୀ ନାନୀ, ନାନୀ ମାନେ ବୁଝାଇ ବୁଝାଇ ହତୋତ୍ସାହ ହେଲେ । ଶେଷରେ ଆସିଲେ ବଇଁଶୀ କକେଇ । ମତେ ଖୁବ୍ ଭଲ ପାଆନ୍ତି । ସାଂଗ ଭଳି ମୋ' ସଂଗେ କଥାବାର୍ତ୍ତା କରନ୍ତି । ମତେ ବିଛଣାରୁ ଉଠାଇ କହିଲେ, "ଆଜି ସଂଧ୍ୟା ପୁରାଣ ପାଠ ବେଳେ ନନାଙ୍କୁ କହିବି, ତୁ ତ ଆମର ମାଇ ପିଲାଟା ତେତେ କାହିଁକି ଅଣ୍ଡିଆ ପିଲା କହିଲେ ।" କହି ମୋ' ହାତରେ ସଜ ତୋଳି ଆଣିଥିବା ଜାମୁରୋଳ ପାଛିଆଟି ଧରାଇଲେ । ଜାମୁରୋଳ ଦେଖି ମୁଁ ସବୁ ଭୁଲିଗଲି ।

ISSN NO.
2582-208X

ସେଇଦିନଠୁ କଥା ରହିଗଲା, ସେ ତ ଜମା କାନ୍ଦେନା, ହେଲେ ସେ ମାଇପିଲା ତାକୁ ଅଣ୍ଡିଆ ପିଲା କହିଲେ ବୋଲି ବାଧିଲା । ଏ କଥାଗୁଡ଼ା ମତେ ଠିକ୍ ଲାଗୁ ନ ଥିଲା । ବାପା ତ ସବୁବେଳେ କହନ୍ତି ଅଷ୍ଟମ ଗର୍ଭରେ ସେ ମୋ'ର ପୁଅ... ତେବେ ଆଉ କ'ଣ କହିବାକୁ ଚାହୁଁଥିଲେ...

ଏଇ କଥା ବହୁଥର ଚିନ୍ତା କଲା ପରେ ହଠାତ୍ ମନକୁ ଆସିଲା ବାପା କହୁଥିଲେ "ସାଣ୍ଢଣା" ଶିଖିନି । ଏ "ସାଣ୍ଢଣା" କ'ଣ ? ସବୁ ପୁରାଣ ଖୋଜି ବସିଲି । ହେଲେ "ସାଣ୍ଢଣା" ଶବ୍ଦଟି କେଉଁଥିରେ ବି ବ୍ୟବହାର ହୋଇ ନ ଥିଲା । ବଡ଼ନନା ସହରରୁ ଆସିଛନ୍ତି । ନୂଆ ଫ୍ରକ୍, ନୂଆ ରିବନ୍, ଅତର ସାବୁନ୍ ଆହୁରି କେତେ କ'ଣ, ମୁହଁ ଫୁଲାଇ ତାଙ୍କ ପାଖେ ବସିଲି । କହିଲି, "ଗାଁରେ ସ୍କୁଲ୍ ନାହିଁ ବୋଲି ମୋ'ର ପାଠ ବନ୍ଦ ହେଲା । ପାଠ ନ ହେଲା ନାହିଁ । ମୁଁ କିନ୍ତୁ ଶିଖିବି ।

"କ'ଣ ଶିଖିବାକୁ ଚାହୁଁଛୁ ?"

"ସାଣ୍ଢଣା"

ବହୁତ ଜୋର୍‌ରେ ହସି ପାଖରେ ବସିଥିବା ଗୁରୁଜନ ମାନଙ୍କୁ କହିଲେ, ଇଏ ଆମର ସାଣ୍ଢଣା ସ୍କୁଲ୍‌କୁ ଯିବ ।

"ସାଣ୍ଢଣା" ବି କ'ଣ ଗୋଟେ ପାଠ ?

"ହୁଣ୍ଡୀ, ସାଣ୍ଢଣା ଶିଖିବା ପାଇଁ ସ୍କୁଲ୍ ଦରକାର ନାହିଁ ।" ମୋ' ମୁଣ୍ଡରେ ହାତ ମାରି କହିଲେ ଦଶରଥ ପିଉସା ।

ତେବେ "ସାଣ୍ଢଣା" କ'ଣ ?

ISSN NO.
2582-208X

"ସାଣ୍ଟଣା" ମାନେ ହେଲା ଡିସିପ୍ଲିନ୍, ଯାହା ତୁ ଘରେ ରହି ଚେଷ୍ଟା କଲେ ଶିଖି ପାରିବୁ । ମୋ' ପିଠି ଥାପୁଡ଼ାଇ କହିଲେ ବଡ଼ନନା ।

ଆଜି ମୁଁ ଜୀବନର ଚତୁର୍ଥ ପାବଚ୍ଛରେ । ଏବେ ମଧ୍ୟ ମତେ ପିଲା ମାନଙ୍କଠୁ ଶୁଣିବାକୁ ମିଳେ "ଏତେଟା ଡିସିପ୍ଲିନ୍ ହେବା ଆଜିକାଲି ଯୁଗରେ ଠିକ୍ ନୁହେଁ ମା' । ଆଜିର ସମାଜ ସଂଗେ ନିଜକୁ ଖାପ ଖୁଆଇବାକୁ ହେଲେ ତୁମେ ନିଜକୁ ବଦଳାଇବାକୁ ହେବ ।"

ବିଶ୍ୱାସରେ ବିଷ (୨)

ପଦ୍ମୀ ମୋ'ର ସମବୟସ୍କ ଖୁବ୍ ସାଂଗ । ନଈକୂଳରେ ପଦ୍ମୀ ବାପାଙ୍କର ଗୋଟାଏ ବଡ଼ ବଗିଚା... ନଈ କୂଳକୁ ଲାଗି ବହୁ ଗୁଡ଼ାଏ ଆମ୍ବ ଗଛ ଆଉ ଜାମୁ ଗଛ । ଆମ୍ବ ଗଛ ଗୁଡ଼ାକ ସିଧା ସିଧା ଉପରକୁ ଉଠି ଯାଇଥାଏ । ପଦ୍ମୀ କହେ ଏ ଗଛଗୁଡ଼ାଙ୍କର ଆକାଶ ଛୁଇଁବାକୁ ଇଚ୍ଛା । ତେଣୁ ଉପରକୁ ବଢ଼ି ବଢ଼ି ଯାଉଛନ୍ତି । ଜାମୁ ଗଛ ଗୁଡ଼ା ଭଲ । ତା'ର କାରଣ ହେଲା ତା'ର ଡାଳଗୁଡ଼ାକ ପାଣି ଭିତରକୁ ଓହଳି ପଡ଼ି ଥାଏ । ଆଉ ଆମେ ଦୁହେଁ ସେଇ ଡାଳ ଉପରେ ବସି ଗୀତ ଗାଇଥାଉ, ମଝିରେ ମଝିରେ ଦୁନିଆ ଯାକର ଗପ ପେଡ଼ୀ ଖୋଲୁ, ନବ ନନା ଆମଠୁ ଟିକିଏ ବୟସରେ ବଡ଼ । ନିରକ୍ଷର । ସବୁରି ଆଗରେ ସେ ନବ "ମାଇଚିଆ" ରୂପେ ପରିଚିତ । ତାକୁ କେହି ସାଂଗରେ ପଶାନ୍ତିନି । ତେଣୁ ସେ ମଧ୍ୟ ସଂଧ୍ୟାରେ ଆସି ଆମ ସାଂଗରେ ପାଳି ଦିଏ । କେବେ କେବେ ଦୂର ଦୂର ଡାଳମାନଙ୍କରୁ ଜାମୁକୋଳି ଆମ୍ବ ମଧ୍ୟ ଆମ ପାଇଁ ତୋଳି ଆଣି ଦିଏ ।

ପଦ୍ମୀ ବାପାଙ୍କର ଗାଁର ଅନ୍ୟମାନଙ୍କଠାରୁ ଟିକିଏ ବେଶୀ ଆମଦାନୀ । ତେଣୁ ତାଙ୍କର ଚଳଣୀ ଟିକିଏ ଭିନ୍ନ । ସେଦିନ କୌଣସି କାରଣରୁ ପଦ୍ମୀ ଆସି ନ ଥିଲା । ଆମ ଗପ ସପ ଭିତରେ ନବନନା ମତେ ବହୁତ ନିଜର ଭାବି ପଦ୍ମୀ ଘର ବିଷୟରେ ଗୋଟିଏ ଆରୋପ ଶୁଣାଇଲା । ଆଉ ମତେ ଅନୁରୋଧ କଲା ପଦ୍ମୀକୁ ନ କହିବା ପାଇଁ । କେତେଦିନ ପରେ ପଦ୍ମୀ ସାମ୍ନାରେ ସେଇ କଥାଟି ମୋ'ର ପାଟିରୁ ବାହାରି ଯାଇଥିଲା । ସେଇ କଥା ପଦକ ଯେ ଦୁଇ ପରିବାର ମଧ୍ୟରେ ମହାଭାରତ ସୃଷ୍ଟି କରି ଦେଇଥିଲା ତାହା

ISSN NO.
2582-208X


ମୋ'ର ଅବଗତ ନ ଥିଲା । ହଠାତ୍ ଦିନେ ଆମ ଘରେ ନବନନାକୁ ଦେଖି ମୁଁ ତା' ଉଦାସତାର କାରଣ ପଚାରିଲି ।

ସେ ବିଷୟରେ କିଛି ନ କହି ନବନନା ଉତ୍ତର ଦେଲା, "ଏତେ ବିଶ୍ୱାସରେ ତତେ ସେଦିନ ପଦୀକୁ ନ କହିବାକୁ କହିଥିଲି । ତୁ ତାକୁ କହିଦେଲୁ ।"

ଦୁଃଖରେ ଭାଙ୍ଗି ପଡ଼ିଥିଲି । ନବ ନନା ମୁହଁକୁ ସଳଖି ଚାହିଁ ପାରି ନ ଥିଲି । ସେଇ ଥିଲା ମୋ ଏ ଶିକ୍ଷା ସେଇ ଘଟଣା ପରଠୁ ମୋର ଡାହାଣ ହାତ କ'ଣ କରୁଛି ତାହା ମୁଁ ମୋ'ର ବାମ ହାତକୁ ଜାଣିବାକୁ ଦିଏନି, ଆଜି ଦୁନିଆରେ ସେଇକ ମୋ'ର ପରିଚୟ ।

ମାର୍ଜିତ ପ୍ରସାଧନ – (୩)

ସମାଜରେ ବହୁ ସଂଖ୍ୟକ ମଣିଷ ମାନଙ୍କର ମନୋବୃତ୍ତି, "ଘରେ ତ ଅଛୁ, ସାଜସଜ୍ଜାର ଆବଶ୍ୟକ ନାହିଁ", ପ୍ରକୃତରେ ସାଜସଜ୍ଜା କହିଲେ ଏଠାରେ କୌଣସି ପାର୍ଟି ପାଇଁ ପ୍ରସ୍ତୁତି ବୁଝାଉ ନାହିଁ । ଇଏ ଆମକୁ ସୂଚାଏ ଆମର ଦୈନନ୍ଦିନ ପ୍ରସାଧନ । ଯେମିତି ଆବଶ୍ୟକ, କିଏ ଜାଣିଛି ହଟାତ୍ କି ଧରଣର ଅନତିବିଳମ୍ବ କର୍ତ୍ତବ୍ୟ ପୂରଣ କରିବାକୁ ହେବ । ଯାହା ଦ୍ୱାରା ଆମକୁ ଅପଦସ୍ତର ସାମନା କରିବାକୁ ପଡ଼ିଥାଏ । ସେଇମିତି ଏକ ପରିସ୍ଥିତି ଯାହା ମତେ ଭବିଷ୍ୟତ ପାଇଁ ଏକ ଉତ୍ତମ ଶିକ୍ଷା ପ୍ରଦାନ କରି ପାରିଥିଲା ।

୧୯୫୬ ମସିହା ଜୁନ୍ ମାସ । ମୋ' ଲୁଗାପଟାର ଯତ୍ନ ମୁଁ ଆବଶ୍ୟକ ଠାରୁ ଟିକିଏ ଅଧିକ କରେ କହିଲେ ଅତ୍ୟୁକ୍ତି ହେବନି । ଦୁଇ ଧରଣର ପୋଷାକ – ଘର ପିନ୍ଧା, ବାହାର ପିନ୍ଧା। ଘର ପିନ୍ଧା ପୋଷାକ ଖୁବ୍ ସାଧାରଣ । ସଂଧ୍ୟା ପୂର୍ବରୁ ଗାଧୋଇ ସଂଧ୍ୟା ଆରତୀ । ସେଦିନ ପୋଷାକ ଗୁଡ଼ିକ ଇସ୍ତ୍ରୀ ହୋଇ ଆସିବା ପରେ ରାତିରେ ପିନ୍ଧି ଆଉ ତାକୁ ଖରାପ କରିବାକୁ ଚାହିଁଲିନି । ନାନୀର ଖଣ୍ଡେ ଶାଢ଼ୀ ଗୁଡ଼ାଇ ହୋଇ ପଡ଼ିଲି । ରାତିରେ ଭଲରେ ନିଦ ହେଲାନି । କାରଣ ଅନ୍ୟ ରୁମ୍‌ରୁ ବାପାଙ୍କର କାହା ସଂଗେ ତର୍କ ବିତର୍କ ଶୁଣା ଯାଉଥିଲା ।

ISSN NO.
2582-208X

ପାହାନ୍ତି ପହରକୁ ଆଖି ଲାଗିଗଲା । ସବୁଦିନ ଭଳି ମୁଁ ସେଦିନ ସକାଳ ପାଞ୍ଚଟାରୁ ଉଠି ପାରି ନଥିଲି । ବାହାରେ ପାଟିଗୋଳ, ପରେ ପରେ କାନ୍ଦ ବୋବାଳି ଶୁଣି ନିଦ ଭାଙ୍ଗିଗଲା । ଟେବୁଲ୍ ଘଣ୍ଟାକୁ ଚାହିଁଲି । ଆଠଟା ବାଜି କୋଡ଼ିଏ ମିନିଟ୍ । ଏତେ ଦିନ ହେଲାଣି । ଆଜି ନାନୀ କେମିତି ମତେ ଡାକିନି ଧଡ଼ ବଡ଼ ହୋଇ ଉଠି ଦାନ୍ତ ଘଷି ଦେଇ ମୁହଁଟା ଭଲ କରି ଧୋଇ ନେଲି । ବାହାରକୁ ଗଲି । ମତେ ଦେଖି ପାରା ମା' ଜୋର୍ ଜୋର୍‌ରେ କାନ୍ଦିଲା ବଡ଼ନାନୀ ଘର ଛାଡ଼ିଲା, ପଳେଇ ଗଲେ ଲୋ ଗେହ୍ଲୀ ନାନୀ । କିଛି ନ ବୁଝି ତାକୁ କଥାଟା ଭଲ କରି ବୁଝେଇ କହିବାକୁ କହିଲି ।

ଜେଠେଇ ବୁଝେଇ କହିଲେ, ତୋ ବାପା ଆଉ ବସିଆର ବହୁ ଜୋର୍‌ରେ କାଲି ରାତିଠୁ କଳି। ବସିଆର ଏକ ଜିଦି, ଘର ଛାଡ଼ି ପୁରୀ ଯିବ । ଆମେ ସବୁ ଯେତେ ବୁଝେଇଲୁ ବସିଆ ଶୁଣିବା ମଣିଷ ।

କେତେବେଳେ ନାନୀ ଘରୁ ଗଲା ଜେଠେଇ ?

ଏଇ ପନ୍ଦର କୋଡ଼ିଏ ମିନିଟି ହବ ।

ମୁଁ ଜାଣିଥିଲି ପୁରୀ ଯିବାକୁ ହେଲେ ଯାଜପୁର ରୋଡ଼ରୁ ଟ୍ରେନ୍ ଧରିବାକୁ ହେବ । ସେଥିପାଇଁ ତାକୁ ପ୍ରଥମେ ଯାଜପୁର ପହଞ୍ଚିବା ଦରକାର । ଆମ ଗାଁଠୁ ଯାଜପୁର ନାକ ସିଧା ରାସ୍ତା । ଚାରି ପାଞ୍ଚ ମାଇଲ୍ ହେବ । କାହାକୁ କିଛି ନ କହି ମୁଁ ଦଉଡ଼ିବା ଆରମ୍ଭ କରି ଦେଲି । ମୁଁ ଯେ ତାକୁ ନିଶ୍ଚୟ ଫେରାଇ ଆଣିବି, ଏଇ ଆଶା ନେଇ ସମସ୍ତେ ଅପେକ୍ଷା କରି ରହିଲେ ।

କିଛି ସମୟ ଦଉଡ଼ି ଦଉଡ଼ି ଯିବା ପରେ ନାନୀକୁ ବରମାରା ପଡ଼ିଆ ପାଖରେ ଭେଟିଲି । ମୋ' କଥାର କିଛି ଜବାବ୍ ନ ଦେଇ ସେ ଆଗକୁ ଆଗକୁ ଚାଲିଲା । ମୁଁ ତା' ପଛେ କେତେ ମାଇଲ୍ ଚାଲି ସାରିଥିଲି ତା' ମୁଁ ଜାଣି ପାରୁ ନ ଥିଲି । ଉପରେ ମୁଣ୍ଡ ଫଟା ଖରା । ପାଦ ଖାଲି । ପାଞ୍ଚ ହାତର ଶାଢ଼ୀ ଖଣ୍ଡକ ବହୁତ କଷ୍ଟ ଦେଉଥାଏ । ତେଣୁ ତାକୁ ଦେହରେ ଥରେ ଗୁଡ଼ାଇ ଦେଇ ଅନ୍ୟ ତକ ଜାକି ଜୁକି ଧରିଥିଲି । ଶୋଷରେ ତଣ୍ଟି ଶୁଖି ଯାଉଥିଲା ।

ISSN NO.
2582-208X

ପାଖରେ ଗୋଟିଏ ବଡ଼ ପୋଖରୀ ଦେଖି ତା' ଆଡ଼କୁ ଚାଲିଲି । ପାଣି ଛଣା ନ ହେଲେ ମୁଁ ପିଏନା । ମୁଣ୍ଡକୁ ଗୋଟିଏ ବୁଦ୍ଧି ଆସିଲା । ପରସ୍ତେ ଲୁଗା ପାଟି ଉପେର ରଖି ଅନ୍ୟ ଗୋଟିଏ ପାଖକୁ ଓଦା କରି ତା' ଉପରେ ଚିପୁଡ଼ିଲି । ଟୋପାଏ ଟୋପାଏ ପାଣି ପାଟି ଭିତରକୁ ଗଲା । ନାନୀ କେତେବାଟକୁ ପଳେଇ ଯିବଣି ଭାବିବାକୁ ମଧ୍ୟ ମୁଣ୍ଡ କାମ କରୁ ନ ଥିଲା । ମୋ'ର ହୋସ୍ ଥିଲା କି ନାହିଁ ଜାଣିନି । ସେଇ ପୋଖରୀ କୂଳେ ଶୋଇ ପଡ଼ିଥିଲି । ଟିକିଏ ସମୟ ପରେ ଆଖି ଖୋଲିବାରୁ ଦେଖିଲି ଚାରି ପାଞ୍ଚଟା ଗାୟାଁକ ପିଲା ଜୋର୍ ଜୋର୍‌ରେ ପାଟି କରୁଛନ୍ତି ।

"ପାଗିଳୀ, ପାଗିଳୀ, ପାଗିଳୀ" । ଛୋଟ ଛୋଟ ଟେକା ପଥର ବି ପକାଇବା ଆରମ୍ଭ କରିଦେଲେ ।

କିଛି ବୁଦ୍ଧି ନ ପାଇ କାନ୍ଦିବା ଆରମ୍ଭ କରିଦେଲି । ଏତିକି ବେଳେ ଦେଖିଲି ଛୁଆ ନନା ଆଉ ସଜନା ସାଇକେଲ୍‌ରୁ ଓହ୍ଲାଇଲେ । ସଜନା ମତେ ଉଠାଇ ସାଇକେଲ୍ କ୍ୟାରିଅର୍‌ରେ ବସାଇ ଦୁହେଁଯାକ ଆଗେଇଲେ । ଯାଜପୁରଠାରେ ପହଞ୍ଚିବା ବେଳକୁ ଚାରିଟା ବାଜି ଯାଇଥିଲା । ନାନୀ, ମୁଁ ଆଉ ସଜନା ବୈତରଣୀ କୂଳେ ବସିଲୁ । ଛୁଆନନା ସାଇକେଲ୍‌ରେ ଯାଇ ଗୋବିନ୍ଦ ନନା(ପିଉସୀଙ୍କ ପୁଅ)ଙ୍କୁ ନେଇ ଆସିଲେ । ଗୋବିନ୍ଦ ନନା ଜବରଦସ୍ତୀ ନାନୀକୁ ଗୋଟିଏ ବଳଦ ଗାଡ଼ିରେ ବସାଇ ତାଙ୍କ ଘରକୁ ନେଇଗଲେ । ଫୁସ୍ ଫୁସ୍ କରି ସଜନାକୁ କହିଲି "ଭୋକ ହେଉଛି ସଜନା" ଦୁଇ ନନା ଯାକ ଶୁଣି ପାରିଲେ । ବଜାର ଯାଇ କିଛି ଜଳଖିଆ ଆଉ ମୋ ' ପାଇଁ ଦିଖଣ୍ଡ ଫ୍ରକ୍ କିଣି ଆଣିଦେଲେ । ଜଲ୍‌ଦି ଯାଇ ଗାଧୋଇ ଡ୍ରେସ୍ ବଦଳାଇଦେବାରୁ ୫୦ ପ୍ରତିଶତ ଭଲ ଲାଗିଲା । ଘର ଭିତରୁ କେହି ଜଣେ ସ୍ତ୍ରୀଲୋକ ମତେ ହାତ ଠାରି ତାଙ୍କ ପାଖକୁ ଡାକିଲେ । ମୁଁ ଉଠିଗଲି ।

ମୁଁ ତୁମ ନୂଆବୋଉ । ଅର୍ଥାତ୍ ତୁମ ଗୋବିନ୍ଦ ନନାଙ୍କର ହାତ ଧରିଛି । ତୁମେ ବାହାରକୁ ଆସିଲନି କାହିଁକି ?

ନାନୀ ଅଛନ୍ତି । ମୁଁ ଅଛବ ଘର ଝିଅ । ସେ ମତେ ଦେଖିଲେ ଆମ ଘରେ ପାଣି ଛୁଇଁବେନି। ତୁମେ ଥକି ଯାଇଛ । ଆସ ଆମ ଖଟ ଉପରେ ଶୋଇ ପଡ଼ । ମୁଁ ତୁମ ପାଇଁ

ISSN NO.
2582-208X

ରାନ୍ଧି ଦେଉଛି । ନାନୀଙ୍କ ପାଇଁ ମନ୍ଦିରରେ ବରାଦ୍ ହେଇଛି । ତୁମ ନନା ମାନେ ବଜାରରୁ ଖାଇ ଆସିବେ । ରାତି ୯ଟା ବେଳକୁ ମତେ ଉଠାଇ ଖୁଆଇଲେ । ମତେ ଖୁଆଇ ସାରି ନିଜେ ଖାଇଲେ । କହିଲେ "ନାନୀ ତୁମକୁ ଖୋଜୁଥିଲେ । ତୁମ ନନା କହିଲେ ତୁମେ ଶୋଇ ପଡ଼ିଛ ।" ସେମାନେ ସମସ୍ତେ ଶୋଇଲେଣି । ବହୁ ରାତି ପର୍ଯ୍ୟନ୍ତ ଆମେ ଦୁହେଁ ଗପସପ କଲୁ । ରାଣୀ ନୂଆବୋଉ ମାଇନର୍ ପାସ୍ କରିଛନ୍ତି । ଗୋବିନ୍ଦ ନନା ବାପାଙ୍କ ସଂଗେ ମିଶି ଅସବର୍ଣ୍ଣ ବିବାହ ଆଉ ବିଧବା ବିବାହ ପ୍ରଜେକ୍ଟରେ କାମ କରୁଥିବା ସମୟରେ ସେ ତାଙ୍କ ସଂସ୍ପର୍ଶରେ ଆସିଥିଲେ । ରାଣୀ ନୂଆବୋଉ କହିଲେ ନାନୀ ଅଠର ବର୍ଷରୁ ବିଧବା ।

ମାମୁଁ (ମୋ' ବାପା) ତାଙ୍କ ପୁର୍ନବିବାହ ପାଇଁ ବହୁ ଚେଷ୍ଟା କରି ସଫଳତା ଲାଭ କରି ପାରି ନ ଥିଲେ ତା'ର କାରଣ ହେଲା ନନୀ ବହୁତ ଜିଦିଖୋର୍ । ମାମୁଁ ତାଙ୍କ ପାଇଁ ସରକାରୀ ଅଫିସ୍‌ରୁ ବହୁ ଅପମାନ ପାଇଥିଲେ । ଶୁଣିବାକ ପଡିଥିଲା ଯିଏ ନିଜ ଝିଅର ପୁର୍ନବିବାହ କରିପାରୁନି ସେ ସମାଜ ପାଇଁ କ'ଣ କରିପାରିବ । ତେଣୁ ତାଙ୍କ ହାତରୁ ପ୍ରଜେକ୍ଟ ଛଡ଼ାଇ ନେବାର ଚେଷ୍ଟା କରିଥିଲେ । ତୁମ ନନାଙ୍କୁ ଏକଥା ବହୁତ ଖରାପ ଲାଗିଥିଲା । ସେ ସିଧା ଆମ ଘରକୁ ଆସି ମୋ\' ବାପାଙ୍କୁ ମୋ\' ହାତ ମାଗିଲେ । ବାହାଘର କ'ଣ, ଖାଲି ଫୁଲମାଳ ବଦଳା ବଦଳି । ତା'ପରଠୁ ଆମେ ଦୁହେଁ ଯାଜପୁରେ ଏଇ ଭଡ଼ା ଘରେ ରହୁଛୁ। ଏଇ ବିଧବା ବିବାହକୁ ନେଇ ମାମୁଁ ଆଉ ନାନୀଙ୍କର କଥା କଥାକେ ଝଗଡ଼ା ହୁଏ ।

ହେଲେ କାହିଁକି ନୂଆବୋଉ? ସବୁ ଝିଅମାନେ ତ ବାହା ହୋଇ ଘର ସଂସାର କରନ୍ତି । ନାନୀ କାହିଁକି ରାଜି ହେଉ ନ ଥିଲା?

ନାନୀଙ୍କର ବାଲ୍ୟ ବିବାହ ହୋଇଥିଲା । ପରମ୍ପରା ହିସାବରେ ସେ ବାପଘରେ ରହୁଥିଲେ । ବଡ଼ ହେଲା ଭଲ ଦିନଦେଖି ପରେ ଶାଶୁ ଘରକୁ ଗଲେ । ମାତ୍ର ଗୋଟିଏ ମାସ ପରେ ବିଧବା । ଆମ ସମାଜରେ ଅଛି ବିଧବା ବିବାହ ପ୍ରଥା ଅସାମାଜିକ । ବିଶେଷ କରି ବ୍ରାହ୍ମଣ ଘରେ । ଆଚ୍ଛା ସେସବୁବ ଛାଡ଼ । ତୁମ ନନା କୁହନ୍ତି ତୁମେ ବାରି ବୁଦ୍ଧିମତୀ, ଭାରି ଭଲ ପାଠ ପଢ଼ । ତେବେ ପାଠ ପଢୁନ କାହିଁକି?

ISSN NO.
2582-208X

ତୁମେ ପିଉସା ଘରକୁ ଯାଇନ? ତାଙ୍କ ଘରଟା ଘର ନୁହେଁ ନୂଆବୋଉ, ଗୋଟିଏ ନହର, ପକ୍କା ଘର । ଦଶଟା ଗାଁରେ ସେ ସବୁଠାରୁ ଧନୀ ।

ମୋ' ଭାଗ୍ୟରେ ନାହିଁ । କେବଳ ବାପା, ନୁହନ୍ତି ସାରା ପରିବାର କ'ଣ ମତେ ଘରେ ପୁରେଇ ଦେବେ? ମୁଁ ଅଛବ ଜାତି । ଆମେ ଅସବର୍ଣ୍ଣ ବିବାହ କରିଛୁ ।

ଗୋବିନ୍ଦ ନନା କେଡ଼େ ଭଲ କାମଟିଏ କରିଛନ୍ତି ନୂଆବୋଉ । ମୁଁ ଏସବୁଙ୍କୁ ଭଲ କରି ଚିହ୍ନିଛି । ସଜନା ହାତରୁ ଗୁଣ୍ଡାଏ ଭାତ ଖାଇ ଦେଇଥିଲି ବୋଲି ଘରେ କି ପାଲା । ବାପା ନ ଥିଲେ ସଜନାକୁ ତ ମାରି ପକାଇ ଥାଆନ୍ତେ ।

ମୁଁ କାହାକୁ କହିନି, ଏ ଘର ଭଡ଼ା ମାମୁଁ ଦିଅନ୍ତି । ତୁମ ନନା ମନ ଖରାପ କରିବେ ବୋଲି ମୁଁ ଦେଉଛି ବୋଲି କହେ । ତୁମ ସାଂଗେ ସାଂଗେ ମାମୁଁ ଅଛନ୍ତି । ତୁମର ଚିନ୍ତା କ'ଣ?

ତୁମେ ଠିକ୍ କହିଛ ନୂଆବୋଉ । ବାପା ବହୁତ ଭଲ । ନାନୀ ମଧ୍ୟ । ତେବେ ଦୁହିଙ୍କ ଭିତରେ କାହିଁକି ଏତେ ଝଗଡ଼ା ହୁଏ ମୁଁ ବୁଝିପାରେନି । ନାନୀ ଭାରି ଜିଦିଖୋର ।

ହଁ ତାହା ତ ମୁଁ ଜାଣେ । ତୁମେ ସ୍କୁଲ ଯାଇ ପାଠ ପଢ଼ିଲେ ଆହୁରୀ ବେଶୀ କଥା ସମାଜ ବିଷୟରେ ଜାଣି ପାରିବ । ମୋ' ବଡ଼ ନନାଙ୍କର ଏବେ ଭଦ୍ରକ ବଦଳି ହୋଇଛି । ଘର ମିଳିନି ମିଳିଗଲେ ଆମେ ଯିବୁ, ମୁଁ ସେଇଠି ସ୍କୁଲ୍‌ରେ ପଢ଼ିବି ।

ଭାରି ଭଲ କଥା । ତୁମେ ବି ତାଙ୍କ ଭଳି ନାଁ କରିବ । ଆଚ୍ଛା ଶୋଇପଡ଼, ବହୁତ ରାତି ହେଲାଣି ।

ତହିଁ ଆରଦିନ ଗୋବିନ୍ଦ ନନା ଆମକୁ ସରକାରୀ ଜିପ୍‌ରେ ନେଇ ଟ୍ରେନ୍‌ରେ ବସାଇ ଦେଇ ଆସିଲେ । ନାନୀ କହୁଥିଲା, ତୁ ତ ବଡ଼ନନାର ବସା ଦେଖିଛୁ । ଆମେ ଷ୍ଟେସନ୍‌ରୁ ତା' ବସାକୁ ଯିବା ।

ISSN NO.
2582-208X

ହଁ ହେଲେ ମାତ୍ର ଦୁଇଦିନ ରହି ଫେରି ଆସିବା । ବଡ଼ନନାଙ୍କର ବଦଳି ହୋଇ ଯାଇଛି ।

ହଉ, ହେଲା, ମହାପ୍ରଭୁଙ୍କ ଦର୍ଶନ ଥରେ ହେଇଯିବ ତ!

ଝରକାରେ ମୁଣ୍ଡ ରଖି ମୁଁ ଗଛ ପତ୍ର କେମିତି ଦଉଡୁଛନ୍ତି ଦେଖୁଥିଲି । ଥରକୁ ଥର ମନକୁ ଆସୁଥିଲା, ସେ ଶାଢ଼ୀ ଖଣ୍ଡକ ଗୁଡ଼େଇ ହୋଇ ମୁଁ ନିଶ୍ଚୟ ଜୋକର୍ ଭଳି ଦିଶୁଥିଲି । ତେଣୁ ଗାୟାଁକ ପିଲାମାନେ ମୋ ଉପରକୁ ଟେକା ପଥର ମାରୁଥିଲେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ତୁ ଆଉ ମୁଁ



ଜନ୍ମଜୟ ନାୟକ

ତୁ
ଦୁଷ୍ଟ ଫଗୁଣର
ପହିଲି ଚିଠି,
ମୁଁ
ତୋର ପ୍ରତୀକ୍ଷାରେ
ବିତାଏ ରାତି ।

ତୁ
ଲାଜେଇ ଗୋଲାପ
ମଉନାବତୀ,
ମୁଁ
ଚଗଲା ଭଅଁର
ଖୋଜେ ତୋ ପ୍ରୀତି ।

ତୁ
ସପନ ରାଇଜେ
ଫୁଲେଇ ରାଣୀ,

ISSN NO.
2582-208X

ମୁଁ
ଅଧାଲେଖା ଗୋଟେ
ପ୍ରେମକାହାଣୀ।

ତୁ
ପୀରତି ପ୍ରଦୀପ
ଅନ୍ଧାର ଘରେ,
ମୁଁ
ଉଆଁସ ରାତିରେ
ତୋତେ ହିଁ ଝୁରେ।

ତୁ
ମଧୁଝରା ରାତି
ଜହ୍ନ ଜୋଛନା,
ମୁଁ
ବିରହେ ଭିଜଇ
ତୋ ପ୍ରେମ ବିନା।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# କବିତାରେ ତୁମେ

ନିରଞ୍ଜନ ସାହୁ

କାଗଜ କଲମ ଯେବେ ମୁଁ ଧରୁଛି
କବିତା ଲେଖିବା ପାଇଁ
କହିବ କି ମୋତେ ଭାବନାରେ ସତେ
ତୁମେ କମ୍ପା ଆସ ଧାଇଁ ???

ଭାବନା ରାଇଜେ ବୁଲାଇ ବୁଲାଇ
ଆନମନା ମୋତେ କର
ବିଦାୟ ବେଳରେ କହିଯାଅ ମୋତେ
"କବି ହେ କଲମ ଧର"
ମୁହିଁ ଧରିଥାଏ କାଗଜ କଲମ
ଗଲିଯାଅ ଟିକେ ଚାହିଁ ।

ତୁମ ଭାବନାରେ ଭାସି ଯାଉଯାଉ
ଭାବପ୍ରବଣତା ବଢେ
କବିତା ଲେଖିବା ବନ୍ଦ ହୋଇଯାଏ
ତୁମ ସ୍ମୃତି ମନେପଡେ
ତୁମେ ସିନା ମୋତେ ଭୁଲି ଯାଇପାର
ମୁହିଁ ଭୁଲିପାରେ ନାହିଁ ।

ନହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ବର୍ଷା ଯେବେ ଆସେ



ବିଜୟ କୁମାର ସାହୁ

ବର୍ଷାକୁ ମୁଁ ଏତେ ଭଲ ପାଏ ଏତେ ଭଲ ପାଏ ଯେ; ତାକୁ ରାଣୀ ଭାବରେ ସମ୍ବୋଧନ କରିଛି। ଯଦିଓ ଅତ୍ୟଧିକ ବର୍ଷା ଦୁଃଖର ଶ୍ରାବଣ ଝରାଏ ତଥାପି କାହିଁକି କେମିତି ମୁଁ ବର୍ଷାକୁ ଭଲ ପାଇ ବସିଛି । ବୋଧହୁଏ ଏତିକି କହିବି – ମୋ ମାନସ ପ୍ରେମିକା କବିତାର ଅଙ୍ଗରେ ଅଙ୍ଗରେ ବର୍ଷା ଆଣି ଦେଇଛି ଅତ୍ୟଧିକ ଗର୍ମିରୁ ରକ୍ଷା ପାଇବାର ସହଜ ସୁନ୍ଦର ବର୍ଷାତି ଟିଏ । ସେ ସଢି ଯାଉଥିଲା କିନ୍ତୁ ଏବେ ସେ ବର୍ଷାର ସ୍ପର୍ଶରେ ରୁପବନ୍ତ । ଅର୍ଥାତ ତା ଦେହରେ ଦେହରେ ଲାବଣ୍ୟ । ସେ ସମୁଜ୍ଵଳ ଓ ମଞ୍ଜୁଳ । କବିତା ଆକର୍ଷଣୀୟା, ଲୋଭନୀୟା ପାଲଟି ଯାଇଛି । ତାକୁ ସମସ୍ତେ ଦେଖିବାରେ ଲାଗିଛନ୍ତି । ବର୍ଷା ପାଇଁ ରାଗ, ରୁଷା, ମାନ, ଅଭିମାନ । ତଥାପି ସେ ମୋ ଶୁଷ୍କ ପ୍ରାଣକୁ ସିକ୍ତ କରିଦେଉଛି ତା ଅଞ୍ଚଳରେ ………. । ବର୍ତ୍ତମାନ ବର୍ଷାକୁ ନେଇ କବିତା ଶୀର୍ଷକ 'ବର୍ଷା ଯେବେ ଆସେ' ପାଠ କରିବି। ଜାଣେନା କପରି କେଉଁ ଭାବରେ ମୋର ବନ୍ଧୁଗଣ ତାକୁ ହଜମ କରିବେ । ବର୍ଷା ଯେବେ ଆସେ ଆନମନା ହୋଇଯାଏ

ପାଦରେ ନୂପୁର ପିନ୍ଧି ଆସେ
ଆକାଶର ମେଘ ବାଦଲରେ
କୁଆଁରୀ ପରି ସେ ଦିଶେ
ବର୍ଷା ଯେବେ ଆସେ ।
ବର୍ଷା ଯେବେ ଆସେ ଖୁସି ଧରି ସେ ଆସେ
ମୋ ପ୍ରିୟା ମନରେ ଆନନ୍ଦ ଭରି ଦିଏ
ବର୍ଷା ଯେବେ ଆସେ ।
ଧରଣୀ ରାଣୀର ତତଲା ବୁକୁରେ
ସେ ଅନାମନା ହୋଇଯାଏ
ବର୍ଷା ଯେବେ ଆସେ ।
ନିଃସଙ୍ଗ ସାଥିଟି ଅନ୍ତରଙ୍ଗ ହୁଏ
ସ୍ନେହବୋଳା ପ୍ରଣୟରେ
ବର୍ଷା ଯେବେ ଆସେ
ଚାତକ ବାଦଲକୁ ଚାହିଁ
ଆନନ୍ଦ ବିଭୋର ହୁଏ
ଟପ ଟପ ରିମଝିମ ବର୍ଷାରେ

ISSN NO.
2582-208X

ବିନ୍ଦୁ ବିନ୍ଦୁ ଜଳ ଝରେ
ମାଟି ମା ମୋର ଉତଫୁଲ୍ଲିତ ହୁଏ
ବର୍ଷା ଯେବେ ଆସେ ।
ସବୁଜ ରଙ୍ଗର ପଣତରେ ସେ
ମୁହଁ ଲୁଚାଇ ଦିଏ
ବର୍ଷା ଯେବେ ଆସେ ।
ନଭ ମଣ୍ଡଳରେ ବିଜୁଳି ଚମକେ
ଘଡ ଘଡ ଶବ୍ଦ ହୁଏ
ସେ ଧ୍ଵନିର ପ୍ରତିଧ୍ଵନି ଯେବେ
ମୋ ପ୍ରିୟାର କର୍ଣ୍ଣରେ ବାଜେ
ଠମକ ଠମକ ନାଚେ
ବର୍ଷା ଯେବେ ଆସେ
କଁଅଳ ଖରାରେ ପାଦ ଥାପି ଥାପି
ବର୍ଷା ମୋର ଯେବେ ଆସେ
ପ୍ରାଣୀ ଜଗତରେ ଅଙ୍କୁରିତ ହୁଏ
ନୂତନ ସମ୍ଭାବନା ବଞ୍ଚିବାର ରାହା
ସତେ ଏତେ ସବୁ ବର୍ଷା ଦିଏ ।

*****

ବର୍ଷାକୁ ମୁଁ ଏତେ ଭଲ ପାଏ ଏତେ ଭଲ ପାଏ ଯେ; ତାକୁ ରାଣୀ ଭାବରେ ସମ୍ବୋଧନ କରିଛି। ଯଦିଓ ଅତ୍ୟଧିକ ବର୍ଷା ଦୁଃଖର ଶ୍ରାବଣ ଝରାଏ ତଥାପି କାହିଁକି କେମିତି ମୁଁ ବର୍ଷାକୁ ଭଲ ପାଇ ବସିଛି । ବୋଧହୁଏ ଏତିକି କହିବି – ମୋ ମାନସ ପ୍ରେମିକା କବିତାର ଅଙ୍ଗରେ ଅଙ୍ଗରେ ବର୍ଷା ଆଣି ଦେଇଛି ଅତ୍ୟଧିକ ଗର୍ମିରୁ ରକ୍ଷା ପାଇବାର ସହଜ ସୁନ୍ଦର ବର୍ଷାତି ଟିଏ । ସେ ସଢି ଯାଉଥିଲା କିନ୍ତୁ ଏବେ ସେ ବର୍ଷାର ସ୍ପର୍ଶରେ ରୁପବନ୍ତ । ଅର୍ଥାତ ତା ଦେହରେ ଦେହରେ ଲାବଣ୍ୟ । ସେ ସମୁଜ୍ଜ୍ଵଳ ଓ ମଞ୍ଜୁଳ । କବିତା ଆକର୍ଷଣୀୟା, ଲୋଭନୀୟା ପାଲଟି ଯାଇଛି । ତାକୁ ସମସ୍ତେ ଦେଖିବାରେ ଲାଗିଛନ୍ତି । ବର୍ଷା ପାଇଁ ରାଗ, ରୁଷା, ମାନ, ଅଭିମାନ । ତଥାପି ସେ ମୋ ଶୁଷ୍କ ପ୍ରାଣକୁ ସିକ୍ତ କରିଦେଉଛି ତା ଅଞ୍ଚଳରେ ........... । ବର୍ତ୍ତମାନ ବର୍ଷାକୁ ନେଇ କବିତା ଶୀର୍ଷକ 'ବର୍ଷା ଯେବେ ଆସେ' ପାଠ କରିବି। ଜାଣେନା କପରି କେଉଁ ଭାବରେ ମୋର ବନ୍ଧୁଗଣ ତାକୁ ହଜମ କରିବେ ।

ବର୍ଷା ଯେବେ ଆସେ
ବର୍ଷା ଯେବେ ଆସେ ଆନମନା ହୋଇଯାଏ
ପାଦରେ ନୂପୁର ପିନ୍ଧି ଆସେ ସେ ଅନାମନା ହୋଇଯାଏ
ଆକାଶର ମେଘ ବାଦଲରେ ବର୍ଷା ଯେବେ ଆସେ ।
କୁଆଁରୀ ପରି ସେ ଦିଶେ ନିଃସଙ୍ଗ ସାଥିଟି ଅନ୍ତରଙ୍ଗ ହୁଏ

ISSN NO.
2582-208X

ବର୍ଷା ଯେବେ ଆସେ । ସ୍ନେହବୋଳା ପ୍ରଣୟରେ
ବର୍ଷା ଯେବେ ଆସେ ଖୁସି ଧରି ସେ ଆସେ ବର୍ଷା ଯେବେ ଆସେ
ମୋ ପ୍ରିୟା ମନରେ ଆନନ୍ଦ ଭରି ଦିଏ ଚାତକ ବାଦଲକୁ ଚାହିଁ
ବର୍ଷା ଯେବେ ଆସେ । ଆନନ୍ଦ ବିଭୋର ହୁଏ
ଧରଣୀ ରାଣୀର ତତଲା ବୁକୁରେ ଟପ ଟପ ରିମଝିମ ବର୍ଷାରେ
ବିନ୍ଦୁ ବିନ୍ଦୁ ଜଳ ଝରେ ଠମକ ଠମକ ନାଚେ
ମାଟି ମା ମୋର ଉତଫୁଲ୍ଲିତ ହୁଏ ବର୍ଷା ଯେବେ ଆସେ
ବର୍ଷା ଯେବେ ଆସେ । କଁଅଳ ଖରାରେ ପାଦ ଥାପି ଥାପି
ସବୁଜ ରଙ୍ଗର ପଣତରେ ସେ ବର୍ଷା ମୋର ଯେବେ ଆସେ
ମୁହଁ ଲୁଚାଇ ଦିଏ ପ୍ରାଣୀ ଜଗତରେ ଅଙ୍କୁରିତ ହୁଏ
ବର୍ଷା ଯେବେ ଆସେ । ନୂତନ ସମ୍ଭାବନା ବଞ୍ଚିବାର ରାହା
ନଭ ମଣ୍ଡଳରେ ବିଜୁଳି ଚମକେ ସତେ ଏତେ ସବୁ ବର୍ଷା ଦିଏ ।
ଘଡ ଘଡ ଶବ୍ଦ ହୁଏ ସେ ଧ୍ୱନର ପ୍ରତିଧ୍ୱନ ଯେବେ
ମୋ ପ୍ରିୟାର କର୍ଣ୍ଣରେ ବାଜେ ।

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ISSN NO.
2582-208X



# ମାଆ ବାପା

### ବିଶ୍ୱ ମାତୃଦିବସ ଉପଲକ୍ଷେ ମୋର କବିତା

ପ୍ରଶାନ୍ତ କୁମାର ନାଥ

ମା-ମାଟିର ଅତର ମହ ମହ ବାସ୍ନା
ମାଆର ପଣତ ଭରେ
ହାରେ ନାହିଁ କେବେ ତାହାର ମମତା
ହୃଦୟରୁ ସଦା ଝରେ।

ଆ-ଆକାଶ ପରିକା ନିର୍ମଳ ହୃଦୟ
ବର୍ଷକ ବାର ମାସୀ
ସନ୍ତାନର ସୁଖ ଭାବୁଥାଏ ନିତି
ସବୁ ମଙ୍ଗଳ ମନାସି।

ବା-ବାୟୁପରି ଯିଏ ବଞ୍ଚାଏ ଜୀବନ
ସୁଧ ଅମ୍ଳଜାନ ଦେଇ
ନଥାଏ ବିଶ୍ରାମ ଅହର୍ନିଶ ଧ୍ୟାନ
ସନ୍ତାନ ଭବିଷ୍ୟ ନେଇ।

ପା-ପାଣିସମ ଝାଳ ନିଗାଡି ଦେହରୁ
ଦେହକୁ କରଇ ପାଣି
ତେଣୁ ତାଙ୍କ ଝାଳ ଅଟିରେ ମହାନ
ସଂସାରକୁ ପାରେ କିଣି।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ISSN NO.
2582-208X

# ଅଜଣା ପଥ


ଦୁଷ୍ମନ୍ତ ବେହେରା

ପଥ ପାନ୍ତରରେ ଅବସାଦ ମନ
ଚଞ୍ଚଳ ହୃଦୟେ ପ୍ରେମ
ବାଟୋଇ ଦେଖାରେ ଭୁଲେ ଅବାନ୍ତର
ଚଲା ସାଥି ଗୋଟେ ଫୁଲ !!

କିଏ କହେ ମୁଁ ଲିଭି ଜଳୁଛି ଶିଖା
ଜଳଙ୍ଗ ତରଙ୍ଗ ସୂତେ
ଦୁନିଆ ପବନ ହାଉଲେ ଉଡାଏ
ସଂସାର ଇଲାକା ମୂଳେ !!

ପଥ ସରେ ନାହିଁ ମନ ସରେ ନାହିଁ
ମୁ ସରେ ରାଇଜ ରେ
କଡ ଉହାଡରେ ଗୁମୁରି ଉଡେ
କାକର ସ୍ପର୍ଶ ର ତଳେ !!

ମୁଁ ଆସିଛି ମନ ଫୁଲ ନେଇ ସାଥି
ଧରୁ ଧରୁ ମୁଁ ନରମି ଯାଏ
ତୁମ ପୟର ଛୁଆଁ ପାଇଁ ଦେହ
ମୋ ଲାଜରେ ଶିତେଇ ଉଠେ !!

ISSN NO.
2582-208X

ଶେଷ ବାଟୋଇ ମୁଁ ସମୟ ଦୁଆରେ
ଚାଲି ଥକି ଗଲି ଶେଷେ
ଠିକଣା ପଚାରେ କଣ ପାଇଲୁ ଧଳା
ଦୁନିଆ ର ଲୋଭ ପାଶେ !!

ଲୋଭ ରେ ଚାଲିଲି ସରିଲା ନାହିଁ
କର୍ତ୍ତବ୍ୟ ଡୁଠ ପଥରରେ
ଭାଗ୍ୟ ଘସେ ମୁଁ କରମ ଝୁରି ଝୁରି
ମଳି ନ ଛାଡେ ଅଜଣା ପଥ !!

ଶେଷ ପଥ ମୁଁ ଅଜଣା ବାଟୋଇ
ଧୂଳି ସାଙ୍ଗେ ମୁଁ ସାଥି
ଏଣେ ତେଣେ ଉଡାଏ ପବନ
ନାଚି ଖେଳି ହସି ହସି !!

ଗ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

ଦ୍ୱିତୀୟ ଭାଗ

ଆଜି ଦେଶରେ ଜନସଂଖ୍ୟା ହୁ-ହୁ ହୋଇ ବଢୁଛି। ଲୋକେ ପାଠଶାଠ ପଢି ଶିକ୍ଷିତ ହେଲେଣି। ମାତ୍ର କୌଳିକ ବୃତ୍ତିର ଘଟିଛି ଅବସାନ। ଦୀନ ମୂଲିଆ ସ୍ଥାନରେ କାମ କରୁଛି ଯନ୍ତ୍ର। କୁଟୀର ଶିଳ୍ପ ଜାଗାରେ ବଡ ବଡ କମ୍ପାନୀ। ସ୍ୱଳ୍ପ ମୂଲ୍ୟରେ କଞ୍ଚାମାଲ ନେଇ ଉଚ୍ଚ ଦରରେ ସାମଗ୍ରୀ ବିକ୍ରୟ ହେଉଛି। ଡିଜେଲ ପେଟ୍ରୋଲ ଠାରୁ ଆରମ୍ଭ କରି ଯାବତୀୟ ଜିନିଷ ଉପରେ ବଢିଛି ଦରଦାମ। ହ୍ରାସ ପାଇଛି ଉତ୍ପାଦନ। କୃଷକର ମନୋବଳ ଭାଙ୍ଗି ଚୂରମାର ହୋଇଯାଇଛି। ଚାରିଆଡ଼େ ଚୋରି, ଡକାୟତି, ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଅନୁପ୍ରବେଶ ଓ ମାଓବାଦୀର ଭୟ। ମାନବିକତାର ମାନଦଣ୍ଡ ଭୁଷୁଡି ପଡିଛି। ଏଠି ଚାକିରୀ ସୁଦୂରପରାହ, ଆକାଶ କୁସୁମ ପରି। ଲାଞ୍ଚ ନଦେଲେ କାର୍ଯ୍ୟାଳୟରେ କାଗଜଟିଏ ବି ଏପଟ ସେପଟ ହୁଏ ନାହିଁ। ତଥାପି ସତ୍ୟବ୍ରତ ଭଳି ଯୁବକମାନେ କେଉଁ ଏକ କ୍ଷୀଣ ଆଶା ନେଇ ଚାକିରୀ ଅନୁସନ୍ଧାନରେ ସଦା ବ୍ରତୀ ବୁଝି ହୁଏ ନାହିଁ।

ସତ୍ୟକୁ ଚାକିରୀ ନମିଳିବାରୁ ସେ କେବେହେଲେ ହତୋତ୍ସାହ ହୋଇନାହିଁ। ଜୀବନ ପ୍ରତି ବିତୃଷ୍ଣା ଭାବ ବହି ଆତ୍ମହତ୍ୟାର ପଥ ବାଛି ନାହିଁ। ଚୋରି କି ଡକାୟତି କରିନାହିଁ। ମିଛ ପ୍ରତିଶ୍ରୁତି ଦେଇ ନିରୀହ ଜନତାକୁ ଠକି ନାହିଁ କି ଟଙ୍କା ଲୋଭରେ ପଡି ଧର୍ମ ପରିବର୍ତ୍ତନ କରିନାହିଁ। ଗାଁର ଯୁବକମାନଙ୍କ ସହିତ କମ୍ପାନୀ ବା ଆନ୍ଧ୍ରକୁ ଇଟା ଗଢି ମଧ୍ୟ ଯାଇନାହିଁ। କିନ୍ତୁ ସେ କାମ କରେ। ଜଙ୍ଗଲ ଯାଇ କାଠ ଆଣେ। କ୍ଷେତରେ ଯାଇ ମାଟି ଖୋଳେ। ଧାନ କାଟେ ଓ ଗାଁରେ ମିଳୁଥିବା ଅନ୍ୟାନ୍ୟ କାମ ସବୁ କରେ। କୁହାଯାଏ ମଣିଷ ଯେତେବେଳେ ଜନ୍ମ ହୁଏ ସେ ନିଜର ଭାଗ୍ୟକୁ ସାଥୀରେ ନେଇ କି ଆସେ। ହେଲେ କପାଳ ଲିଖନକୁ ତା'କୁ ନିଜେ ଲେଖିବାକୁ ହୁଏ। ନିରନ୍ତର ଅଭ୍ୟାସ ଓ କଠୋର ସାଧନା ବଳରେ ଅସମ୍ଭବକୁ

ISSN NO.
2582-208X

ସେ ସମ୍ଭବ କରିଦିଏ। ବୟସ ବଢିବା ସହିତ ନିଜର ଦାୟିତ୍ୱବୋଧ ବଢିଯାଏ। ପରିବାର, ଦେଶ, ସମାଜର ହିତସାଧନ ପାଇଁ ତା'ର ଭୂମିକା କ'ଣ ସେ ବୁଝିପାରେ। ପେଟ ପାଇଁ ନାନା ଜୀବିକା ବହନ କରେ। ସୁଖଦୁଃଖର ଦୁନିଆରେ ଖାପଖୁଆଇ ବଞ୍ଚିବାର ଅଭ୍ୟାସ କରେ। ଏହା ହିଁ ହୁଏ ତା'ର ଜୀବନର ମୂଲ୍ୟବୋଧ, ଜୀବନର ଲକ୍ଷ୍ୟ।

ମାଳତି ହେଉଛି ସତ୍ୟବ୍ରତର ମାମୁଁ ଝିଅ, ଅଥଚ ଦୁହେଁ ଗୋଟିଏ ଜାତିର ନୁହେଁ। ସାମ୍ବିଧାନିକ ଭାଷାରେ ଜଣେ ଅନୁସୂଚିତ ଜନଜାତି ଓ ଅନ୍ୟ ଜଣେ ଅନୁସୂଚିତ ଜାତିର। ସୃଷ୍ଟିର ଅୟମାରମ୍ଭ ଠାରୁ ଯଦିଓ ଜାତିଭେଦ ହୋଇନାହିଁ ତଥାପି ବ୍ୟବହାର, ଚାଲିଚଳନ, ଆଚାରବିଚାରରୁ ଏହାର ଭିନ୍ନତା ପରିଲକ୍ଷିତ ହୁଏ। ଏହା ମଧ୍ୟରେ ଯେମିତି ଅନେକ ଜାତି ସୃଷ୍ଟି।  ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ଓ ଏହାର ମଧ୍ୟ ହଜାର ହଜାର ଉପଜାତି ରହିଥିବାର ଲୋକେ କହନ୍ତି। ତଥାକଥିତ ଏହି ଶୁଦ୍ରର ଉପଜାତି ହରିଜନ ଓ ଆଦିବାସୀ ଏମାନେ ଏକାଠି ବସବାସ କରୁଥିବାର ଦୃଷ୍ଟିକୁ ଆସେ। ଏମାନଙ୍କ ମଧ୍ୟରେ ଏମିତି କ'ଣ ସୁସମ୍ପର୍କ ରହିଛି କେଜାଣି ପରସ୍ପର ପରସ୍ପରକୁ ଅଛୁଆଁ ମନେ କଲେ ମଧ୍ୟ ଗୋଟିଏ ସ୍ଥାନରେ ରହି ଆସୁଛନ୍ତି। ତାଙ୍କର ଭିତରେ ସ୍ନେହ, ଶ୍ରଦ୍ଧା, ବିଶ୍ୱାସ, ଆତ୍ମୀୟତା ଅନନ୍ତ ଅନନ୍ତ କାଳର। କାରଣ ସେମାନେ ଯେ ମଣିଷ ଏ କଥାକୁ କେବଳ ହୃଦୟଙ୍ଗମ କରିଥିଲେ। ପରବର୍ତ୍ତୀ ସମୟରେ ତଥାକଥିତ ସ୍ୱାର୍ଥପର, ସଂକୀର୍ଣ୍ଣମନା, ଅଳସୁଆ ସମାଜ ବିଭାଜନକାରୀମାନେ ଏପରି ଭେଦଭାବର ବ୍ୟବସ୍ଥା କରିଥିବା ଅନୁମାନ କରାଯାଏ। ଏମାନଙ୍କୁ ଦେଖିଲେ ସ୍ପାର୍ଟା ଓ ଏଥେନ୍ସ ନଗରୀର କଥା ମନେ ପଡେ। ଗୋଟିଏ ଜାତି ଶିକ୍ଷା ଓ ସଂସ୍କୃତିର ଚରମ ସୀମାରେ ତ ଆଉ ଏକ ଜାତି କଠିନ ପରିଶ୍ରମେ ଦୁର୍ଦ୍ଧଶ ସୈନିକ ହୋଇ ଦେଶ ପାଇଁ ପ୍ରାଣ ଉତ୍ସର୍ଗ ନିମନ୍ତେ ପ୍ରସ୍ତୁତ।

ଉଭୟ ମାଳତି ଓ ସତ୍ୟବ୍ରତ ଏକାଠି ରେଜାକୁଲି କାମ କରନ୍ତି। ଜଣେ ଚାକିରୀର ଦ୍ୱାହି ଦେଇ ପରିଶ୍ରମ କରୁଥିବା ବେଳେ ଆଉ ଜଣେ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ପରିଶ୍ରମ କରୁଛି। ଜଣେ ବେକାରୀର ଦୂରୀକରଣ ପାଇଁ ବାଧ୍ୟ ତ ଆଉ ଜଣେ ଅନାବଶ୍ୟକରେ ଲିପ୍ତ। ଜଣେ ଅଭାବ ଅନଟନ ଭିତରେ ଘାଣ୍ଟି ହେଉଛି ତ ଆଉ ଜଣେ ସବୁ ଥାଇ ଆନନ୍ଦ ପାଇବା ଉଦ୍ଦେଶ୍ୟରେ କାମ କରୁଛି। ଜଣେ ପାଠ ପଢି ଭାଗ୍ୟକୁ ନିନ୍ଦୁଥିବା ବେଳେ ଆଉ ଜଣେ ବିଦ୍ୟାଳୟର ପାଦ ନମାଡି ଖୁସି ଅଟେ। ବଡ ବିଚିତ୍ର ଏହି ଦୁନିଆ। ଏଠି ପ୍ରତ୍ୟେକର ଆବଶ୍ୟକତା ଅସମ୍ପୂର୍ଣ୍ଣ, ସ୍ୱପ୍ନ ବିପରୀତ। ପାରିଶ୍ରମିକରେ ଭଲ

ISSN NO.
2582-208X

ସାର୍ଟଟି କ୍ରୟ କରିବାର ଇଚ୍ଛା ଥିଲେ ସେହି ଟଙ୍କା ଖର୍ଚ୍ଚ ହୁଏ ଚିକିତ୍ସାଳୟରେ। କରଜ ଶୁଝିବାକୁ ସାଇତି ରଖିଥିବା ଟଙ୍କା ଅମାନିଆ ସ୍ତ୍ରୀର ଜର୍ଜେଟ ଶାଢୀ କିଣାରେ ବିନିଯୋଗ ହୁଏ। ପ୍ରତି ଦିନ ପ୍ରଭାତରେ ପଡିଆକୁ ଯାଇ ସୈନିକ ହେବାର ସ୍ୱପ୍ନରେ ବ୍ୟାୟାମ କଲେ ପରବର୍ତ୍ତୀ କାଳରେ ପିଆଦା କି ଶିକ୍ଷକ ପଦବୀଟି ମିଳେ। ବାସ୍ତବରେ ଜୀବନଟା ବିଚିତ୍ର, ଦୁନିଆଟା ବିଚିତ୍ର।

ମାଳତି ମାମୁଁ ଝିଅ ହେତୁ ସତ୍ୟ ସହିତ ଥଟ୍ଟା ପରିହାସ କରେ। କେବେ ଅଲକ୍ଷ୍ୟରେ ଆଞ୍ଜୁଡି ଦିଏ। କେବେ ଅଜ୍ଞାତରେ କମିଜ ଭିତରେ ବାଲି ଭରିଦିଏ। କେବେ ପ୍ୟାଣ୍ଟ୍ ପକେଟରେ ଟେକାଟିଏ ରଖିଦିଏ ତ କେବେ ପୁଣି ସୌନ୍ଦର୍ଯ୍ୟ କୁ ନେଇ ଉପହାସ କରେ। ସତ୍ୟ ଯେ ଯୁବକମାନଙ୍କ ମଧ୍ୟରେ କନ୍ଦର୍ପ ପରି ତାହା ନୁହେଁ। ତେଣୁ ସେ ଉପହାସର ପାତ୍ର। ଅବଶ୍ୟ ତେଇଶିଟି ଫଗୁଣ ସ୍ପର୍ଶ କରି ଯାଇଛି ତା'କୁ। ସୁସ୍ଥ ସବଳ ଭେଣ୍ଡିଆଟି। ବଡ ବଡ ଆଖି, ଲମ୍ବା ନାକ। ନାକ ତଳେ ଯୋଦ୍ଧାମାନଙ୍କ ପରି ନିଶ। ଉଦର ପଶି ଯାଇଛି ଅତଳ ଗଭୀରକୁ। ବକ୍ଷଦ୍ୱୟ କବଚ ଭଳି ବାହାରି ପଡିଛି। ଡେଙ୍ଗା ଆଉ ଦେହର ବର୍ଣ୍ଣ ଶ୍ୟାମଳ। ସବୁବେଳେ ଦେଖିବାକୁ ମିଳେ ଉଦାସ ମନରେ। ସତେ ଯେପରି କେଉଁ ଏକ ଭୟଙ୍କର ଯୁଦ୍ଧରେ ହରେଇ ବସିଛି ତା'ର ସବୁ କିଛି। ମାଆ, ବାପା, ଭାଇ, ଭଉଣୀ, ସମ୍ପର୍କୀୟ ସମାଜ ଦୂରେଇ ଯାଇଛନ୍ତି ତା'ଠାରୁ। ସୁନୀଳ ସ୍ୱପ୍ନ ସବୁ ହୋଇଯାଇଛି ଧୂଳିସାତ। ମାତ୍ର ଜୀବନ ଓ ଯନ୍ତ୍ରଣା ଭିତରେ ଯେତେବେଳେ କର୍ମଟା ଅସହ୍ୟ ମନେହୁଏ ସେତେବେଳେ ଏହି ଥଟ୍ଟା ପରିହାସଟା ନିମିଷ ପାଇଁ ପ୍ରଦାନ କରିଥାଏ ଆନନ୍ଦ। ତିମିରାଚ୍ଛନ୍ନ ରାତିରେ ତାରକା ପରି ଦେଇଥାଏ କ୍ଷୀଣ ଆଲୋକ, ଯେଉଁଥିରେ ନିଜର ଅନିଶ୍ଚିତ ଭବିଷ୍ୟତ ପଥେ ପାଦ କାଢିବା ତ ଦୂରର କଥା ନିଜେ ନିଜକୁ ଚିହ୍ନିବା କଷ୍ଟକର ହୋଇଥାଏ। ହେଲେ ଏହି ତାରାଟି ଦିଗହରା ନାବିକର ବିଚଳିତ ହୃଦୟରେ ବଞ୍ଚିବାର କ୍ଷୀଣ ଆଶା ସଞ୍ଚାର କରେ। ଆଜି ସତ୍ୟର ସେପରି ଦଶା। ସତ୍ୟକୁ ରଗାଇ ମାଳତି କେଉଁ ସୁଖ ଅନୁଭବ କରେ କେଜାଣି କିନ୍ତୁ ସତ୍ୟ ମଧ୍ୟ ବେଳେବେଳେ ମାଳତିକୁ ରଗାଇ ଏକ ଅଜ୍ଞାତ ଆନନ୍ଦରେ ଉତଫୁଲିତ ହୋଇଉଠେ। ଏହିପରି ଦିନଗୁଡିକ ବିତିଯାଏ କାମ କରି କରି।

କ୍ରମଶଃ-------

ବୁଢିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ–ଋଷିକୁଲ୍ୟା

କି ଭାଷିବେ ମୁନି ଜିହ୍ୱାସ୍ଥୁରେ ନାହିଁ ଇତସ୍ତତଃ ହୁଏ ପରାଣ
ଧୀର ଶାନ୍ତ ନମ୍ର ଉଦର ଦ୍ୱାରରୁ ଦୁଃଖିତେ ବୋଲନ୍ତି ବଚନ
ଧନ୍ୟ ନୃପ ତୁମେ ମହାନ
ଦିବ୍ୟ ଇକ୍ଷଣେ ମୁଁ ବିଲୋକି ସାରିଛି ଘଟାଇଲା କଳି ବୃଜିନ ।୧୬।

ମଣେ ନାହିଁ ଦୋଷୀ ତୁମ୍ଭକୁ ହେ ନୃପ ଅଟଇ ଦୋଷୀ ଆନଜନ
କାଳର ଗତିରେ ଘଟାଇଲା କଳି ଅମାନୁଷିକ ଆଚରଣ
ଋଷିଙ୍କ ଶାପ ତୀକ୍ଷ୍ଣବାଣ
ଏତେ ବଡଦଣ୍ଡ ନିରପରାଧିକୁ ଭାବି ମନେ ହୁଏ କଷଣ ।୧୭।

କାହାର ପ୍ରେରଣା ହେଉ ବା ନ ହେଉ ଆଚରିଛି ମନ୍ଦ କର୍ମକୁ
ହେ ମହାଭାଗ ନକର ଅନୁରାଗ ଯୋଗ୍ୟ ମୁଁ କଠୋର ଶାସ୍ତିକୁ
ସଂକୋଚ ମନୁ ପରିହାରି
କଳୁଷିତ ବକ୍ଷୁଁ ନିର୍ବାପିତ କର ଉଚିତ ଶାସ୍ତିକୁ ଆଚରି ।୧୮।

ଉଚିତ ନୁହଇ ଦଣ୍ଡ ବିଧାନକୁ ବଳଗିଲେ ବିଜ୍ଞ ପ୍ରବର
ତୁମ୍ଭକୁ ଦୋଷୀ ମୁଁ ମଣେନାହିଁ ଯେଣୁ ଦଣ୍ଡିବଇଁ କେଉଁ ପ୍ରକାର
ଥିଲେ ଯଦି ମୋର ବଶରେ
ମାନବ କଲ୍ୟାଣେ ସର୍ବ ଅପରାଧ ସ୍ୱୀକାରନ୍ତି ନିଜ ଶିରରେ ।୧୯।

ISSN NO.
2582-208X

ଏ କଳିକାଳରେ ଧର୍ମବନ୍ତ ନୃପ ଆସିବେ କେଉଁଠି ରସାକୁ
ପୁଣ୍ୟାତ୍ମା ଦଣ୍ଡଧାରୀ ଜୀବନରକ୍ଷା ଅଟଇ ଲୋକ କଲ୍ୟାଣକୁ
ହାତେ ନାହିଁ ଶକ୍ତି ସମର୍ଥ
ଲିହିଛି ବିଧାନ ଭାଗ୍ୟରେ ବିଧାତା ମେଣ୍ଟାଇବାକୁ ମୁଁ ବିଅର୍ଥ ।୨୦।

-: ଟୀକା :-
ଉଦର ଦ୍ୱାର – କଣ୍ଠଦେଶ
ରସା – ପୃଥିବୀ
ଲିହିଛି – ଲେଖିଛି
ଇକ୍ଷଣେ – ଚକ୍ଷୁରେ
ବିଧାନ – ଦଣ୍ଡ
କଳୁଷିତ – ପାପ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ପଥର ବାଣୀ



ନଲେଶ କୁମାର  ଭୋଇ

ପଥର ରୂପରେ ଅହଲ୍ୟା ନାରୀ
ଦୁର୍ବାସାଙ୍କ ରାଗ ତଥାପି  ଥମିନୀ
ରାମପାଦ ସ୍ପର୍ଶରେ ମୁକତି ଲଭୀ
ପାଷାଣ  ଅହଲ୍ୟା ହେଲେ ପାରୀ
ନୁହେଁ ସେତ ନାରୀ ପାଷାଣଚଣ୍ଡୀ
ବ୍ରହ୍ମା ଅଭିସପ୍ତ ଥିଲି ପଥେ ଜନ୍ମୀ
ପଥର ହୋଇ କଳିଯୁଗେ ଜନ୍ମୀ
ପୂଜା ପାଉଛି ଶକ୍ତି ପୀଠେମନ୍ତ୍ରୀ
ମୋ ତନ୍ତ୍ର ବଳେ ସଂହରୀ ପାପୀ
ମୁକ୍ତି ଦେବି ଦେବୀ ଶବ୍ଦକୁ ବ୍ରାହ୍ମୀ
ଦେବୀ ଦେବତା ଭୁଲି ବୈଜ୍ଞାନୀ
ହୋଇଛି ତ୍ରିପୁର ବିଜେତା ମହୀ
ମହୀର କ୍ରନ୍ଦନ ନପାରେ ସହୀ
ନିଷ୍ଠେ ନାଶିବି ମୁଁ ହିଁ କାଦମ୍ବିନୀ
କାଦମ୍ବିନୀ ଶବ୍ଦ ଶୁଣୀ ପିସାଚୀ

ISSN NO.
2582-208X

ପିସାଚୀ ନୁହେଁ ମୁଁ ଗୁଣ ମାନବୀ
ମାନବୀ ମାନିବି ମୋର ଶ୍ରୀମତୀ
ଶ୍ରୀମତୀ ନୁହେଁଇ ମୁଁ କାଦମ୍ବିନୀ
ନିଲେଶ ରଚିବ କବିତା କଦମ୍ବ
ସେହି ହିଁ ଧ୍ୱଂସୀ ସମାଜ ମାନବ
ଶାରଳା ପାଦ ପଦ୍ମେ ସଦାଧ୍ୟାୟୀ
ମୁର୍ଖ ନିଲେଶ ରଚେ ପଥରବାଣୀ

ବାଣୀକ୍ଷେତ୍ର ଭୁବନେଶ୍ୱର

ISSN NO.
2582-208X

# ଇନ୍ଦ୍ର ଦେବତାମାନଙ୍କ ମଧ୍ୟରେ କପରି ଶ୍ରେଷ୍ଠ ସ୍ଥାନ ଅଧିକାର କଲେ



ନରେନ୍ଦ୍ର ପ୍ରସାଦ ବେହେରା

ଦିନେ ପ୍ରଜାପତି ବ୍ରହ୍ମାଙ୍କ ମୁଖରୁ ନିସୃତ ହେଲା--ଆତ୍ମା ହେଉଛି ଅଜର, ଅମର ଓ କ୍ଷୁଧା-ତୃଷାର ଅତୀତ । ସେହି ଆତ୍ମାକୁ ଜାଣିଲେ ସମସ୍ତ ଜ୍ଞାନ ପ୍ରାପ୍ତ ହୁଏ । ଯେଉଁମାନେ ଗୁରୁଙ୍କ ନିକଟରୁ ଆତ୍ମଜ୍ଞାନ ଲାଭ କରନ୍ତି, ସେମାନେ ଶ୍ରେୟବସ୍ତୁ ପ୍ରାପ୍ତ ହୋଇଥାନ୍ତି । ସେମାନେ ତିନିଲୋକର ଅଧିକାରୀ ହୋଇଥାନ୍ତି । ବ୍ରହ୍ମାଙ୍କର ଏହି ବାଣୀ ଉଭୟ ଦେବତା ଓ ଅସୁରମାନଙ୍କର କର୍ଣ୍ଣଗୋଚର ହେଲା । ଦେବତାମାନେ ବହୁ ଗୁଣରେ ଅଧିକାରୀ ସତ, କିନ୍ତୁ ସେମାନେ ଭୋଗ ଚାହିଁଥାନ୍ତି । ସେମାନେ ଭାବିଲେ, ଯଦି ଆତ୍ମାକୁ ଜାଣିଲେ ତିନିଲୋକ ଓ ସବୁ କାମ୍ୟ ବସ୍ତୁ ଆମର ହସ୍ତଗତ ହୋଇପାରିବ, ତାହେଲେ ଆତ୍ମଜ୍ଞାନ ଲାଭ ହେବା ନିତାନ୍ତ ଆବଶ୍ୟକ । ଏହା ଭାବି ସେମାନେ ଆତ୍ମବିଦ୍ୟା ପ୍ରାପ୍ତ କରିବା ନିମନ୍ତେ ଜଣେ ବିଦ୍ୟାର୍ଥୀ ରୂପରେ ପ୍ରଜାପତି ବ୍ରହ୍ମାଙ୍କ ନିକଟକୁ ଯାଇ ଶିକ୍ଷା ଗ୍ରହଣ କରିବାକୁ ଇନ୍ଦ୍ରଙ୍କୁ ଅନୁରୋଧ କଲେ ।

ଏଣେ ଅସୁରମାନେ ମଧ୍ୟ ବ୍ରହ୍ମା କହିଥିବା କଥାର ଅନ୍ୟ ଅର୍ଥ କରି ଆତ୍ମଜ୍ଞାନ ଲାଭ କରିବା ପାଇଁ ସେମାନଙ୍କ ପକ୍ଷରୁ ବିରୋଚନଙ୍କୁ ବିଦ୍ୟାର୍ଥୀ ରୂପରେ ବ୍ରହ୍ମାଙ୍କ ନିକଟକୁ ପଠାଇବା ପାଇଁ ସ୍ଥିର କଲେ । ଅସୁରମାନେ ଇନ୍ଦ୍ରିୟତୃପ୍ତି ଛଡା ଅନ୍ୟ କିଛି ଜାଣନ୍ତି ନାହିଁ । ଇନ୍ଦ୍ରିୟ ଭୋଗ୍ୟ ବସ୍ତୁ ପ୍ରାପ୍ତ ହେବା ପାଇଁ ସେମାନେ ଜଗତର ବିଲୋପ ସାଧନ କରିବାକୁ ମଧ୍ୟ କେବେ ହେଲେ ପଶ୍ଚାତପଦ ହୁଅନ୍ତି ନାହିଁ । ଅସୁରମାନେ ଭାବିଲେ ଯେ ଯଦି ଆତ୍ମାକୁ ଜାଣିଲେ ସବୁ ଭୋଗ୍ୟବସ୍ତୁ ହସ୍ତଗତ ହୋଇପାରିବ, ତା' ହେଲେ ସେହି ବିଦ୍ୟା କରାୟତ୍ତ ହେବା ଉଚିତ୍ ।

ISSN NO.
2582-208X

ଇନ୍ଦ୍ର ଓ ବିରୋଚନ ଦୁହେଁ ବିଦ୍ୟାର୍ଥୀ ବେଶରେ ଯାଇ ପ୍ରଜାପତି ବ୍ରହ୍ମାଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ତାଙ୍କୁ ସେମାନଙ୍କର ଅଭିଳାଷ ଜଣାଇଲେ । ଏହା ଶୁଣି ବ୍ରହ୍ମା ଦୁହିଁଙ୍କୁ ନିଜର ଶିଷ୍ୟରୂପେ ଗ୍ରହଣ କଲେ । ଯଦି ଇନ୍ଦ୍ର ଓ ବିରୋଚନ ନିଜ ନିଜର ସ୍ୱଭାବଜାତ ଗୁଣ ଦୃଷ୍ଟିରୁ ଦୁହେଁ ଦୁହିଁଙ୍କର ବିପରୀତ ଧର୍ମୀ ଥିଲେ, ତଥାପି ସଦଗୁରୁଙ୍କର ସାନ୍ନିଧ୍ୟ ଲାଭ କରି ଦୁହିଁଙ୍କ ମନରୁ ବୈରୀଭାବ ଦୂର ହୋଇ ଯାଇଥିଲା । ଦୁହେଁ ମିଳିମିଶି ଗୁରୁଙ୍କ ନିକଟରେ ରହିଲେ । ବ୍ରହ୍ମା ସେମାନଙ୍କୁ ଶିକ୍ଷାଦାନ କରିବା ପୂର୍ବରୁ ପ୍ରଥମେ ବତିଶ ବର୍ଷ କାଳ ବ୍ରହ୍ମଚର୍ଯ୍ୟ ପାଳନ କରିବା ପାଇଁ ଆଦେଶ ଦେଲେ । ଗୁରୁଙ୍କର ଉପଦେଶ ଅନୁସାରେ ଦୁହେଁ ବ୍ରହ୍ମଚର୍ଯ୍ୟ ପାଳନର ଅବଧି ଶେଷ କରି ଗୁରୁଙ୍କ ନିକଟକୁ ଫେରି ଆସିଲେ । ସେମାନଙ୍କୁ ଦେଖି ବ୍ରହ୍ମା ପ୍ରଶ୍ନ କଲେ,ତୁମେମାନେ କି ଉଦ୍ଦେଶ୍ୟ ନେଇ ମୋ ନିକଟକୁ ଆସିଛ ? ଦୁହେଁ ଉତ୍ତର ଦେଲେ, ହେ ଗୁରୁଦେବ, ଆପଣ ଆତ୍ମା ସମ୍ବନ୍ଧରେ ଯାହାସବୁ କହିଥିଲେ, ତାହା ଶ୍ରବଣ କରି ଆତ୍ମଜ୍ଞାନ ଲାଭ କରିବା ପାଇଁ ଆମେ ଆପଣଙ୍କ ନିକଟକୁ ଆସିଛୁ ।

ଏହା ଶୁଣି ପ୍ରଜାପତି ବ୍ରହ୍ମା କହିଲେ, ତୁମ ଚକ୍ଷୁରେ ଯେଉଁ ପୁରୁଷ ରହିଛନ୍ତି, ସେ ହିଁ ହେଉଛନ୍ତି ଆତ୍ମା । ତାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ସେ ହେଉଛନ୍ତି ବ୍ରହ୍ମ । ତୁମେ ଗୋଟିଏ ଜଳକୁଣ୍ଡ ନିକଟକୁ ଯାଇ ସେଥିରେ ନିଜର ପ୍ରତିବିମ୍ବ ଦେଖ । ପ୍ରତିବିମ୍ବକୁ ଦେଖି ଯଦି କିଛି ବୁଝି ନ ପାରିବ, ମୋତେ ପଚାରିଲେ ମୁଁ ବୁଝାଇ ଦେବି । ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଦୁଇ ଶିଷ୍ୟ ଏକ ଜଳକୁଣ୍ଡ ନିକଟକୁ ଯାଇ ନିଜର ପ୍ରତିବିମ୍ବକୁ ଦେଖିବାକୁ ଲାଗିଲେ । ବ୍ରହ୍ମା ପ୍ରଶ୍ନ କଲେ, କ'ଣ ଦେଖୁଛ ? ଶିଷ୍ୟମାନେ ଉତ୍ତର ଦେଇ କହିଲେ, ଚୁଳଠାରୁ ଆରମ୍ଭ କରି ପାଦ ପର୍ଯ୍ୟନ୍ତ ସମଗ୍ର ଶରୀରର ପ୍ରତିବିମ୍ବ ଆମେ ଦେଖି ପାରୁଛୁ । ତା' ପରେ ବ୍ରହ୍ମା ପଚାରିଲେ, ଆଉ କ'ଣ ଦେଖୁଛ ? ଶିଷମାନେ କହିଲେ, ଆମର ଶରୀର ଛଡା ଆଉ କିଛି ଦେଖି ପାରୁ ନାହୁଁ ।

ଏହା ଶୁଣି ବ୍ରହ୍ମା କହିଲେ, ବର୍ତ୍ତମାନ ତୁମେ ଦୁହେଁ ଯାଅ ଆଉ ତୁମର ଚୁଳଗୁଡିକୁ କାଟି ଛୋଟ କରିଦିଅ । ତା' ପରେ ସୁନ୍ଦର ସୁନ୍ଦର ପୋଷାକମାନ ପିନ୍ଧି ଜଳକୁଣ୍ଡ ନିକଟକୁ ଆସି ପୁଣି ନିଜ ପ୍ରତିବିମ୍ବକୁ ଅନାଇ ଦେଖ । ଗୁରୁଙ୍କ ଆଦେଶମାନି ବିଦ୍ୟାର୍ଥୀଦ୍ୱୟ ନିଜ ଚୁଳକୁ କାଟି ଛୋଟ କରିଦେଇ ସୁନ୍ଦର ପୋଷାକ ପରିଚ୍ଛଦ ଧାରଣ କରି ଜଳକୁଣ୍ଡ ନିକଟରେ ପହଞ୍ଚି

ISSN NO.
2582-208X

ନିଜର ପ୍ରତିବିମ୍ବକୁ ଅନାଇ କହିଲେ, ହେ ଗୁରୁଦେବ, ଆମରି ପରି ଆମ ପ୍ରତିବିମ୍ବ ମଧ୍ୟ ସୁନ୍ଦର ଦେଖାଯାଉଛି ।

ବ୍ରହ୍ମା ଭାବିଲେ, ବର୍ତ୍ତମାନ ବୋଧହୁଏ ଏ ଦୁହେଁ ଆତ୍ମସ୍ୱରୂପର ଜ୍ଞାନ ପାଇ ପାରିଛନ୍ତି । ତେଣୁ ସେ କହିଲେ, ସେଇ ତୁମର ନିଜ ସ୍ୱରୂପ ଆତ୍ମା । ତତ୍ତ୍ୱମସି । ତୁମେ ହିଁ ତାହା । ଏହା ଶୁଣି ବିଦ୍ୟାର୍ଥୀ ଦ୍ୱୟ ଖୁସି ହୋଇଗଲେ । ସେମାନେ ସବୁକିଛି ବୁଝି ପାରିଛନ୍ତି ବୋଲି କହି ଗୁରୁଙ୍କ ନିକଟରୁ ବିଦାୟ ନେଇ ଫେରି ଗଲେ ।

ଆଳଦା, ଖଇର୍‌,ବାଲେଶ୍ୱର

ISSN NO.
2582-208X

# ମହୁ



ଅଳକା ବାରିକ୍

ମହୁ ତ ମଧୁର ଅମୃତର ଝର ଗ୍ରାମ ନାମଟି ଆମର ।
ମହୁ ମଧୁନୀ ମଧୁନୀ ଉଚ୍ଚାରାନ୍ତ ଶବଦର ସମାହାର ।୧ ।
ମହୁ ଗ୍ରାମ ଆମ ମଧୁର ମୂର୍ଚ୍ଛନା ତୋଳେ ସଭିଙ୍କ ହୃଦର ।
ଏ ଗ୍ରାମ ମାଧୁରୀ ରୂପ ଗୁଣ ଶିରୀ ତୁଳନା ନାହିଁ ଯାହାର ।୨ ।
ଗ୍ରାମ ଆରମ୍ଭରେ ତ୍ରିଦେବୀ ମନ୍ଦିର ନିବାସ ମଙ୍ଗଳାଙ୍କର ।
କ୍ରମେ ଅନୁପ୍ରବେଶ କରିଲେ ତହୁ ପଡଇ ରାମ ମନ୍ଦିର ।୩ ।
ରାମଚରିତ ମାନସ ପାରାୟଣ ପାଳିତ ହୁଏ ଏଠାର ।
ବହୁଜନ ମିଳି ପାଳନ କରନ୍ତି ସମ୍ବସ୍ବରୁ ସମସ୍ବର ।୪ ।
ମଧ୍ୟ ଭାଗରେ ପୁନଶ୍ଚ ଶୋଭାବନ ଶ୍ରୀରାଧାକୃଷ୍ଣ ମନ୍ଦିର ।
ଗୋବିନ୍ଦ ଗୋସ୍ୱାମୀ ସିଦ୍ଧ ପୁରୁଷଙ୍କ ଅଟଇ ଏଠି ଆସର ।୫ ।
ପ୍ରତିବର୍ଷ ମହାପ୍ରୟାଣ ଦିବସ ପାଳିତ ହୁଏ ତାଙ୍କର ।
ଏହିଦିନ ବାବା ଜୀବନ୍ତ ସମାଧି ନେଇଣ ଥିଲେ ମଠର ।୬ ।
ମାହ କୃଷ୍ଣ ପଞ୍ଚମୀ ତିଥିରେ ପଡେ ମହୋତ୍ସବ ପର୍ବ ବର ।
ବହୁ ଲୋକଙ୍କର ସମାଗମ ଏଥି ହୁଏ ଦିବସ ନିଶିର ।୭ ।
ପୁନଶ୍ଚ ଗ୍ରାମର ମଧ୍ୟ ଭାଗେ ଶୋହେ ଗ୍ରାମ ଦେବୀଙ୍କ ମନ୍ଦିର ।
ମାଥା ଆନପତିଙ୍କର ଲୀଳାସ୍ଥଳୀ ପାରୁଶେ ଶିବ ମନ୍ଦିର ।୮ ।
ବୁଢା ମହାଦେବ ବସିଣ ଅଛନ୍ତି ଗ୍ରାମର ପ୍ରାନ୍ତଭାଗର ।
ବେନି ଶିବାଳୟେ ଘଣ୍ଟାଘଣ୍ଟି ସ୍ୱନ ଶୁଭେ ସାୟଂ ପ୍ରତ୍ୟୁଷର ।୯ ।

ISSN NO.
2582-208X


ଏକ ପାରୁଶେ ଅଲେଖ ମହିମାର ପ୍ରତୀକ ଏକଇ ଘର ।
ବ୍ରାହ୍ମଣୀ ଖରସ୍ରୋତାର ସମ୍ମିଳନ ଏହି ଗ୍ରାମ ପାରୁଶର ।୧୦।
ବେନି ସ୍ରୋତସ୍ୱିନୀଙ୍କ ମହାମିଳନ ଅଟେ ଏହି ଗ୍ରାମ ସାର ।
ବନ ଉପବନ ପୂତ ପୁଷ୍କରିଣୀ ମାନଙ୍କର ସମାହାର ।୧୧।
ଗାଆଁ ତୋଟାମାଳ ମଧୁରେ ଅନୀଳ ମଧୁରିମା ଭରପୁର ।
ଏଣୁ ମହୁଗ୍ରାମ ନାମଟି ଏହାର ସୃଷ୍ଟି ବିଶ୍ୱାମିତ୍ରଙ୍କର ।୧୨।
ମଧୁ ମାଳତୀର ଗନ୍ତାଘର ଏଠି ମାଧୁର୍ଯ୍ୟ ମୟ ଏ ପୁର ।
ସେ ନିମନ୍ତେ ଆମ ଗ୍ରାମର ନାମଟି ମହୁ ଗ୍ରାମ ଶୋଭକର ।୧୩।
ପ୍ରାର୍ଥମିକ ମଧ୍ୟ ଇଂରାଜୀ ଆବର ଉଚ୍ଚ ବିଦ୍ୟାଳୟ ଘର ।
ଏକ ଗ୍ରାମ ଏକ ପଞ୍ଚାୟତ ଆମ ଅଛି ଶାଖା ଡାକଘର ।୧୪।
ନାନା ବର୍ଣ୍ଣ ଜାତି ଛତିଷ ପାଟକ ନାହିଁ ଭେଦାଭେଦ କାର ।
ସଭିଏଁ ତ ଏଠି ଏକ ପରିବାର ନାହିଁ କାହିଁ ପରାପୃର ।୧୫।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ମୋ ମନ କହୁଛି



ସଙ୍ଗୀତା ମହାନ୍ତ

ମୋ ମନ କହୁଛି, ତୁମକୁ ମୁଁ ପ୍ରେମ କରିବି, କ ପୂଜିବି
ଦେବତା ତୁମକୁ କରିବି ନା
ମନର ମଣିଷ କହିବି .....
ଦେବତା ତ ବୁଝେ ନାହିଁ ମନ କଥା କଛି,
କହୁଥିଲେ ଶୁଣୁଥାଏ ଖାଲି କହେନାହିଁ କଛି
ମନର ମଣିଷ ପାଖେ ମନ ସିନା ଥାଏ,
ମନ କଥା ବୁଝି ସିଏ ମନ ତାର ଦିଏ
ମୋ ମନେ ଦେଇଛ ଭରି ପ୍ରେମର ସମ୍ଭାର
ଏତେ କ କେ ଦେଇପାରେ ମଣିଷ ମାଟିର
ସେ ପାଇଁ ଭାବୁଛି ତୁମକୁ ମୁଁ
ପ୍ରେମ କରିବି କ ପୂଜିବି ....
ପ୍ରେମ ଏକ ପୂଜା ପର୍ବ ପୁଜାରିଣୀ ପ୍ରେମିକା,
ଅଢେଇ ଅକ୍ଷର ପ୍ରେମ ଜୀବନର ପରୀକ୍ଷା
ପ୍ରେମ ଖାଲି ଦେଇଜାଣେ ମାଗେନାହିଁ କଛି
ନମାଗି ବି କିଛି ସତେ କେତେ ମୁଁ ପାଇଛି
ମନର ମନ୍ଦିରେ ମୁଁ ଯେ ଦେବତା ରଖିବି,
ମନ ଦେଇ ତୁମକୁ ମୁଁ ପ୍ରେମରେ ପୂଜିବି,
ସେ ପ୍ରେମ ଚନ୍ଦନ ନେଇ ମୁଁ
ମଥାରେ ମୋହର ବୋଳିବି ॥

ତୁଳସୀପୁର, ମଠସାହି

ISSN NO.
2582-208X

# ଶାନ୍ତି, ଏକ ପର୍ବ



ଧୀରେନ୍ଦ୍ର କୁମାର ପ୍ରଧାନ

ଗୋଟିଏ କଥା ମନକୁ ଆସିଲା।

ଏଇ ଜନ୍ମ ଦିନ, ବିବାହ ବାର୍ଷିକୀ ରେ, ବିଭିନ୍ନ ପର୍ବପର୍ବାଣୀ ରେ ଆମେ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ତଥା ଦୁଃଖ ସମୟରେ ସାଥୀରେ ଠିଆ ହୋଇ ଏକୁଟିଆର ଅନୁଭବ ହେବାକୁ ଦିଅନ୍ତିନ। ବହୁତ ସୁନ୍ଦର ସଂସ୍କାର ଅଟେ। ଆମେ ଆପଣା ଲୋକର ମନ ଜାଣି, ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଉଛନ୍ତି। ଏହାଦ୍ୱାରା ଯାହାର ଜନ୍ମଦିନ ବା ବାହାଘର ଦିନ ଥିବ ତାଙ୍କୁ ଖୁସି ମିଳବ, ଏହା ହିଁ ଉଦ୍ଦେଶ୍ୟ।

ହଁ ନା ନାହିଁ ? ହଁ ନିଶ୍ଚିତ ଭାବେ। ଆମେ ଶୁଭେଚ୍ଛା ଜଣେଇ ବହୁତ ଖୁସି ବି ହୁଅନ୍ତି ।

କିନ୍ତୁ ପ୍ରକୃତ କଥା ହେଲା ସେ ମଣିଷ କୁ ଆମେ ବହୁତ ଆପଣାର ଭାବନ୍ତି ତଥା ତାର ଭଲମନ୍ଦ ବୁଝନ୍ତି ବା କେୟାର କରନ୍ତି। ତେଣୁ ଆମେ ଖୁସିରେ ତାହାର ସହଭାଗୀ ହୁଅନ୍ତି। ତାଙ୍କୁ ଜଣାନ୍ତି ଆମେ ତୁମ ନିଜର ବୋଲି।

ତାପରେ ? ଅନ୍ୟ ଦିନ ଗୁଡିକରେ ?

କହିବା କଥା ହେଲା ଆମେ ବିଭିନ୍ନ କାରଣରୁ ବିଭିନ୍ନ ପରିସ୍ଥିତିରେ ମନୋମାଳିନ୍ୟ, କଥା କଟାକଟି, ଯୁକ୍ତିତର୍କ, କଡାକଥା, ଚଡିଚଡା କଥା, ଅସନ୍ତୁଷ୍ଟତା, ନିଜକୁ ନ୍ୟୁନ ଭାବିବା, କିଏ ଭୁଲ କିଏ ଠିକ ର ଆକ୍ଷେପ ଲଗାଇବା ଭଳି ପରିସ୍ଥିତି ର ସାମନା କରନ୍ତି। ଅସମ୍ମାନ କଲାଭଳି କଥାବାର୍ତ୍ତା କରିଦିଅନ୍ତି, କ୍ରୋଧ କରିଦେଇ ଅସମ୍ଭାଳ ହୋଇ କହିଯାଆନ୍ତି। ଭାବନ୍ତିନି ବି ଟିକେ। ଆକ୍ଷେପ ପ୍ରତ୍ୟାକ୍ଷେପ ଚାଲେ। କେବେ ଏହାର ସମାଧାନ ପାଇଛନ୍ତି କି??? ଯଦି ଆପଣ ଠିକ୍ ଆପଣ ଖୁସି ଓ ଜିତିଲେ ବୋଲି ଭାବିବେ ।

ISSN NO.
2582-208X

ଯଦି ସାମନା ଲୋକ ଠିକ୍ ଆପଣ ଅଶାନ୍ତ ରେ ରହିବେ। ତୃତୀୟ ଲୋକ ପାଖକୁ ଯିବେ, ତାକୁ ଜଣେଇବେ। ଏହାଦ୍ୱାରା ସେଇ ଲୋକଟି ମନରେ ଆଗରୁ ଥିବା ଭଲ ଭାବନାରେ ପୂର୍ଣ୍ଣଚ୍ଛେଦ ପଡିଯାଏ କାରଣ ତୃତୀୟ ଲୋକ ଆପଣାର ହୋଇନଥାଏ।ଏଇଠି ଭୁଲ ହୋଇଥାଏ। ଏହା ସମସ୍ତେ ସାମ୍ନା କରିଥିବେ।

ଏବେ କ୍ରୋଧ ଉପରକୁ ଯିବା।

ମଣିଷ ଯେବେ କ୍ରୋଧ କରେ, ସେ କଣ କହେ କ'ଣ କରେ କାହାକୁ କ୍ରୋଧ କରେ କିଛି ଜାଣିପାରେନ, ହୁଏତ ସେ ଠିକ୍ ହୋଇପାରେ ବା ଭୁଲ ହୋଇଥାଇପାରେ। ଆଉ ସେ ସମୟ ଗଲାପରେ କେବେ ବି ଶାନ୍ତ ହୋଇପାରେ ନାହିଁ। କିଛି ସମୟ ଅସ୍ଥିର ରହେ ପୁଣି ଭୁଲିଯାଏ।

ଆଉ ମଣିଷ ପରେ ଏମିତି ଭାବେ ଯେ ସେ ଯାହାକୁ ବେଶୀ ଭଲପାଏ ଭରସା କରେ ତାକୁ ରାଗିଯାଏ ବା ଯାହାକିଛି ମନକୁ ଆସେ କହିପକାଏ। ଓ ନିଜକୁ ଠିକ୍ ବୋଲି ଭାବେ।

ଆଶ୍ଚର୍ଯ୍ୟ ନୁହେଁ କି?

ବାସ୍ତବରେ ମଣିଷ ଯେଉଁଠି ଇଜ୍ଜତ ନଷ୍ଟ ହେବାର ଡର ନଥାଏ ସେଇଠି ମନଇଚ୍ଛା କଥା କହିଯାଏ। ଉଦାହରଣ ସାଙ୍ଗ ସାଥୀ, ନିଜ ଘରଲୋକ।।

ଗୋଟେ କାମ କରନ୍ତୁ। କେବେ ଦିନେ ବହୁତ ଖୁସିର ଦିନରେ ରାଗିବାର ଅଭିନୟ କରନ୍ତୁ। ମିଛରେ ରାଗନ୍ତୁ। ଆପଣ ଯେପରି ରାଗ ସମୟରେ କରନ୍ତୁ ଆପଣ ଙ୍କ ରୁକ୍ଷ କଠୋର ବାଧିଲା ଭଳି କଥା,, ଲାଲ ହୋଇଥିବା ମୁହଁ,, ସେଇପରି କରି ଅଭିନୟ କରନ୍ତୁ ଯେମିତି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯିବେ, ଦେଖିବେ ଖୁସିର ସମୟ ଟି ବଦଳିଯିବ ଏକ ଅସ୍ଥିର ବାତାବରଣରେ। ଆଉ ସେଇ ଅବସ୍ଥାରେ ନିଜକୁ ଦର୍ପଣରେ ଦେଖନ୍ତୁ। ଦେଖିବେ ନିଜକୁ ଘୃଣା ଲାଗିବ।

ଜାଣିପାରିବେ ଆପଣ ସେ ସମୟ କୁ କେମିତି ଖରାପ କରିଦେଲେ। ପୁଣି ଆପଣ ହସିହସି ସମସ୍ତ ଙ୍କୁ ବୁଝେଇ ଦିଅନ୍ତୁ ଆପଣ କେବଳ ଅଭିନୟ କରୁଥିଲେ ବୋଲି। ଦେଖିବେ

ISSN NO.
2582-208X

ସମସ୍ତେ ହଠାତ୍ ସ୍ୱାଭାବିକ ହୋଇପାରିବେନ। ବିଶ୍ୱାସ ବି କରିପାରିବେନ ଯେ ଅଭିନୟ ଥିଲା।

ଭାବନ୍ତୁ ଥରେ ସତକୁ ସତ ରାଗିଲା ବେଳେ ଆପଣଙ୍କ ରୂପ ଏଇପରି ବା ଏହାଠାରୁ ଅଧିକ କଠୋର ହୋଇଯାଉଥିବ। ଆପଣଙ୍କ କଥା ଚଡିଚଡା ହୋଇଯାଉଥିବ।

ହୃଦୟ ର ଗତି ହଠାତ୍ ବଢିଯାଏ। ନଜର ବି ସାମ୍ନା ଲୋକର ବି। ଭାବନା ଆସେନ ଯେ,,, ଏଇ ସେଇ ଲୋକ ଯାହାକୁ ପର କେହି କଥା ପଦେ କହିଦେଲେ ମୋ ଛାତି ଫାଟିଯିବ,, ମୁଁ ତାଙ୍କୁ ଏତେ କ୍ରୋଧରେ ଫାଟିପଡୁଛି। ସେ ତ ବିଶ୍ୱାସ ବି କରି ପାରିବନ ସେ ଯେ, ଏଇ, ସେଇ ମୋର ଆପଣାର ଲୋକ ମୋତେ ଏତେ ରାଗିକି କହି ପକେଇଲା ଯାହା କହିବା ବି ଅନୁଚତ। ଆଉ ଚନ୍ତାକରିକି ଦେଖନ୍ତୁ ଆମେ ଯାହାକୁ ଭଲପାଆନ୍ତୁ ବା ଯାହାକୁ ଦୁର୍ବଳ ଭାବନ୍ତୁ ବାଃ ଯେଉଠି ଆମ ଇଜ୍ଜତ ନଷ୍ଟ ହେବାର ନାହିଁ ସେଠି ରାଗନ୍ତୁ।

ଆମଠାରୁ ଶକ୍ତିଶାଳୀ ମଜବୁତ ତଥା ଯେଉଁ ଠାରେ ଇଜ୍ଜତ ନଷ୍ଟ ହେବାର ଆଶଂକା ଥାଏ ସେଠି ଆମେ ରାଗିବା ଛାଡ଼ନ୍ତୁ ଉଚ୍ଚ ସ୍ୱରରେ କଥା ବି କହନ୍ତୁ ନାହିଁ। ଆଉ ଆମେ ଯେଉଠି ରାଗିକି ଚଲେଇ କହନ୍ତୁ, ଆଉ ସାମନା ଲୋକ ଚୁପ ରହିଯାଏ, ଆମେ ଆମର ବିଜୟ ଭାବନ୍ତୁ।

କ୍ରୋଧ କାଳବୈଶାଖୀ ବାତ୍ୟା ପରି। ଗଲାପରେ ଜଣାପଡେ କ୍ଷତି କ'ଣ ? ଆଉ କ୍ଷତି କେବଳ ନଜର।

ଆଉ ତାପରେ ହଠାତ୍ ଫେରିପାରିବା ବହୁତ କଷ୍ଟ।କାରଣ ଲାଜ ଲାଗେ।

ତେଣୁ ,,, ଓଲଟା ନୁହଁ କ?

ଆମେ ଯାହାକୁ ଭଲପାଆନ୍ତୁ, ତାଙ୍କର କେଉଁ କଥାରେ କ୍ରୋଧ କରିବା କେତେଦୂର ଯୁକ୍ତିଯୁକ୍ତ? ସାମନା ଲୋକ ଯଦି ଚୁପ ରହେ ସେ ତୁମକୁ କେୟାର କରୁଥିବ ବା ଭଲପାଉଥିବ ।ଯ ଦି ଡରୁଥିବ ତେବେ ତା ମନରେ ସମ୍ମାନ ନଥିବ ଡର ହିଁ ଥିବ।

ଆଉ ଭଗବାନ ରାଗୀ ଲୋକକୁ କେବଳ ଦୟା ର ପାତ୍ର ବୋଲି ଭାବୁଥିବେ। କ୍ରୋଧୀଟିଏ ରୋଗୀଟିଏ ଅଟେ।

ISSN NO.
2582-208X

ଜୀବନର ପ୍ରତି ମୂହୁର୍ତ୍ତ ରେ ଆମେ ପରସ୍ପର ଆପଣା ଲୋକ ସହ ଏଇ ଜନ୍ମ ଦିନ ବା ବିବାହ ବାର୍ଷିକୀ ରେ ଶାନ୍ତମଧୁର ଅଭିନନ୍ଦନ ଶୁଭେଚ୍ଛା ଜଣେଇଲା ଭଳ ଯଦି ବିରକ୍ତ ରହିତ କ୍ରୋଧମୁକ୍ତ କଥାବାର୍ତ୍ତା ହୋଇ ପାରିଲେ ତେବେ ଯେଉଁ ଶାନ୍ତର ବାତାବରଣ ତିଆରି ହୋଇଯିବ, ସେଇଥିରେ ଜୀବନର ଆନନ୍ଦ ଅସୀମିତ ପ୍ରେମ ଭରା ହୋଇପାରିବ।

ମଣିଷ କଣ ଗ୍ଭହେଁ? ଶାନ୍ତିରେ ବଞ୍ଚିବାକୁ। ଆମ ସୁବିଧା ରେ କଣ ସବୁ ହୋଇପାରିବ କ? ପରୀକ୍ଷା ରେ ଆମକୁ ଜଣାଥିବା ପ୍ରଶ୍ନ ସବୁ ପଡେ କ? ଠିକ୍ ଜୀବନ ର ସବୁ ପରିସ୍ଥିତି ସମାନ ନୁହେଁ। ସମାନ କରିବା ଆମ ହାତରେ।

ବିପରୀତ ପରିସ୍ଥିତିରେ ଅଶାନ୍ତ କଥା ଶୁଣିଲେ ବା ରାଗ ଆସିଲା ବେଳେ ,,,, ମୂହୁର୍ତ୍ତେ ପାଇଁ ରହିଯିବା, ଟିକେ ଭାବିବା, ଇଏ କଏ? ସେଇ ,, ଯିଏ ମୋ'ର ଅତି ଆପଣାର ଶୁଭଚନ୍ତକ, ଯାହାଙ୍କ ସହ ମୋର ସବୁ ସୁଖଦୁଃଖ ବାଣ୍ଟିଛି, କେତେ ଜନ୍ମଦିନ ଭୋଜିଭାତ ସୁଖଦୁଃଖ ର ସମୟ ବିତେଇଛି।। ନା ନା ମୁଁ ରାଗିପାରିବିନ।

ଆଉ ସେ ଯଦି ଆପଣା ନହୋଇ କେହି ପର ଶତ୍ରୁ ହୁଏ ଆଉ ରାଗେ, ସେ ରୋଗୀଟିଏ ଭାବି ଦୂରେଇ ଯିବା ଶ୍ରେୟସ୍କର। ରୋଗୀଟିଏକୁ କେହି ରାଗିପାରେକ? ସେ ଦୟାର ପାତ୍ର ଅଟେ। ବାସ୍ ମନ କଣ୍ଟ୍ରୋଲ। କଥା ଆମର ଶାନ୍ତପୂର୍ଣ୍ଣ ଆସିବ। ଯାହାଦ୍ୱାରା ସମସ୍ୟାଟି ନବଢି ସମାଧାନ ହୋଇଯିବ।ଆଉ ଆମଠାରୁ କଛି ଅଶାନ୍ତ କଥା ବାହାରିବ ନାହିଁ।

କହିପାରିବେ ଆଜି ପର୍ଯ୍ୟନ୍ତ କେହି କ୍ରୋଧ କରି ଶାନ୍ତିରେ ରହିପାରିଛି କ???କେବେ ନୁହାଁ। ସମସ୍ତେ ଶାନ୍ତି ଗ୍ଭହାନ୍ତି। ଯାହା କେବଳ ଓ କେବଳ ନଜେ ହିଁ ସମ୍ଭବ କରିପାରିବ।ସବୁ ସମୟ ମହୋତ୍ସବ।

ଶାନ୍ତି ଏକ ପ୍ରସ୍ତାବ ନୁହେଁ, ଏକ ଆବଶ୍ୟକତା (ଭଗବାନ ଶ୍ରୀକୃଷ୍ଣ ମହାଭାରତ ରେ ପାଞ୍ଚଟି ଗାଁ ମାଗିବା ପୂର୍ବରୁ ଧୃତରାଷ୍ଟ୍ର ଙ୍କୁ କହିଥିଲେ)। ଭଗବାନ ଙ୍କ ସ୍ୱରୂପ ପ୍ରଶାନ୍ତ ଅଟେ ହସମୁଖ ଅଟେ । ଶାନ୍ତି ଏକ ସଂସ୍କାର ଅଟେ ଏଇ ସଂସ୍କାର କୁ ଧାରଣ କରିବା । ଶାନ୍ତି ଏକ ପର୍ବ ଅଟେ। ଗ୍ଭଲନ୍ତୁ ପ୍ରତି ମୁହୂର୍ତ୍ତକୁ ପାଳବା।

ଝଜିରୀ ବାହାଲ। ଅନୁଗୋଳ।୯୪୮୮୧୦୮୫୯୭।

ISSN NO.
2582-208X

# ଜୀବନ

ଅନନ୍ତ କୁମାର

ଜୀବନଟା ମୋର କାଚର ଆଇନା
ଥରେ ଭାଙ୍ଗି ଗଲେ ହେଇ ଯାଏ ଚୁନା,

ଜୀବନଟା ମୋର  ଚଢେଇର ନୀଡ଼
ଭାଙ୍ଗି ଦେଇଯାଏ ଅଦିନଆ ଝଡ,

ଜୀବନଟା  ଶୂନ୍ୟ ପୋଖରୀର କଇଁ,
ତୋଳବାକୁ ମୋର ହାତ ପାଏ ନାହିଁ,

ଜୀବନଟା ଦୁଃଖର ଅଥଳ ନଈ
ଅଳ୍ପ ହସରେ ଯାଏ ଶୁଖିଲା ହେଇ,

ଜୀବନଟା ଏକ ଛୋଟ ବାଲି ଘର
ଢେଉ ଆସି ଭାଙ୍ଗି ଦିଏ ବାର ବାର,

ଜୀବନଟା ମୋର କାଗଜର ଗୁଡି
ଫୁର୍ କନା କେତେବେଳେ ଯିବ ଉଡି,

ଭଦ୍ରକ, ତିହିଡି,
ଯୋଗାଯୋଗ–୮୩୩୯୯୩୯୯୨୯

ISSN NO.
2582-208X

# ପାହାନ୍ତି ପ୍ରେମର ବିଳାପ



ବିଜ୍ଞାନ ରଞ୍ଜନ ସାହୁ

ସତ କି ସ୍ୱପ୍ନ ମୁଁ ଜାଣିନି ହେଲେ ସପନ ଗ୍ଲାଇଜେ ମନ ମୋ ଖୋଜୁଥାଏ ତାକୁ
ବାହାନା ଲୋଡୁଥାଏ ତା ଓଠ ହସ ବଗିଗ୍ଲରେ ନିଜକୁ ହଜେଇ ଦେବାକୁ
ଗ୍ଲାତିର ଗହମ ନିଦରେ ସେ ଆସି ପାଇନ୍ତର୍ ମାରେ ମୋ ମନ ଅଗଣାରେ
ନିରବୀ ହୃଦୟ ମୋ ଶିହରୀ ଉଠଇ ତା ଶିଥିଳ ଅଶରିରୀ ସ୍ୱର୍ଶରେ ।

ଫିକା ବାଦଲର ଆଢୁଆଳରେ ଲାଜର ଗହଣା ନାଇଁ କଣେଇ ଗ୍ଲାଉଁଥିବା ସେ ଜହ୍ନ
ସେ ଗ୍ଲହାଣିର ନିଶାଣ ସାଜି ମୁରୁକି ହସି ଉଠୁ ଥିବା ମୋ ମନ
ପାହାନ୍ତି ସ୍ୱପ୍ନର ଅପେରା ରାଇଯେ ଖୋଜେ ତାକୁ  ମନ ପ୍ରେମର ପରସ ପିନ୍ଧି
ହେଲେ ନିଦ ଭାଙ୍ଗିବାର ଅପରାଧେ, ସ୍ୱପ୍ନ କାରାଗାରେ ହେଇଯାଏ ମୁଁ ବନ୍ଦୀ ।

ତା ତନୁ ମନ ଛୁଇଁ ଅଙ୍ଗେ ଅଙ୍ଗେ ଭରି ମଧୁର ପୁଲକ ଉନ୍ମାଦିଯାଏ
ଭାଙ୍ଗେ ମୋ ନିଦ ନିଃଶ୍ୱାସେ ତା ଦେହର ମହକ ଲହରୀ ଖେଳିଯାଏ,
ଖୋଜି ବୁଲେ ମନ ପାଇବାକୁ ସେ ଉଷୁମ ସ୍ୱର୍ଶ ପରର ସିହରଣକୁ
ତା ଲାଜୁଆ ଫୁଲର ଅତର ଭିତରେ  ନିଜକୁ ଭିଜେଇ ଦେବାକୁ ।

ଖେଳୁଥାଏ ହସ ତା କୋମଳ ଓଠରେ ଝାପ୍ସା  ଅବିର ବୋଳି
କେବେ ବୈଶାଖ କୃଷ୍ଣ ଚୁଡ଼ାର ନାୟିକା ତ କେବେ ଶ୍ରାବଣୀ ବଧୂ ଟିଏ ଭଳି,
ଗଭୀର ନିଶୀଥେ ମୋ ପ୍ରେମ ପ୍ରଣୟିନୀ ଖୋଜେ ସେ ନୀଳ ନୟନାର ତୃଷ୍ଣା,
ମହୁଆ ମାଦକ ସଂଜୁଆ ବେଳର ସେଇ ସଜ ଶେଫାଳୀର ବାସ୍ନା ।

ISSN NO.
2582-208X

ମୋ ହୃଦୟ ସାଗରେ ଅସରନ୍ତ ପ୍ରଶ୍ନ ଢେଉ ତା ଉତ୍ତରର ଅପେକ୍ଷାରେ
ଅମାନଆ ମନ ତଥାପି ଇଚ୍ଛାରେ ହଜିଯିବାକୁ ତା ଶାଶ୍ୱତ ପ୍ରେମ ଆଲିଙ୍ଗନରେ,
କେମିତି ଭାବିବି ସେ ମୋ ପାଇଁ କ'ଣ , କବିର କବିତା ନା ଶିକାରୀ ନଶାଣ
ନଦ ଭାଙ୍ଗିବାର ଅପରାଧେ ବନ୍ଦୀ ହୋଇ ସହେ ଆଜି ମୁଁ କେତେ କଷଣ ।

ଓୟୁଏଟି,
ଭୁବନେଶ୍ୱର,୯୫୫୬୨୫୯୯୧୯

ISSN NO.
2582-208X

# ଦୂତୀ ଚାନ୍ଦ



ରାମ ଚନ୍ଦ୍ର ପ୍ରଧାନ

ଦୂତୀ ଚାନ୍ଦ.. ଏମିତି ଏକ ସଂଘର୍ଷର ନାଁ.. ଏକ ସଂଗ୍ରାମୀ କ୍ରୀଡ଼ାବିତର ପରିଚୟ । ଯିଏ ଇଣ୍ଡୋନେସିଆର ଜାକର୍ତ୍ତାରେ ଉଭୟ 100 ଓ 200 ମିଟର ଦୌଡ଼ରେ ରୌପ୍ୟ ପଦକ ହାସଲ ଏବଂ ଅଷ୍ଟାଦଶ ଏସିଆ କ୍ରୀଡ଼ାରେ ଦୁଇ ଦୁଇଟି ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି । ଏଭଳି ସଫଳତା ହାସଲ କରିବାରେ ଦୂତୀ ଚାନ୍ଦ ହେଉଛନ୍ତି ପ୍ରଥମ ଓଡ଼ିଆ ଆଥଲେଟ୍ । ସେ ଯାଜପୁର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ଚକ ଗୋପାଳପୁରରେ ଏକ ଗରିବ ବୁଣାକାର ପରିବାରରେ 1996 ମସିହା ଫେବୃଆରୀ 3 ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚକ୍ରଧର ଆନନ୍ଦ ଓ ମାତାଙ୍କ ନାମ ଆଖୁଜା ଆନନ୍ଦ । ପିଲାଟି ବେଳୁ ଦୂତୀ ଅଭାବ ଅନାଟନ ମଧ୍ୟରେ ବଢ଼ିଥିଲେ । ଏମିତି କି ଦୌଡ଼ ଅଭ୍ୟାସ କରିବା ପାଇଁ ତାଙ୍କ ପାଖରେ ଖଣ୍ଡେ ଭଲ ଜୋତା ନ ଥିଲା । ଗରମ ପୋଷାକ ନ ଥିବାରୁ ହାଡ଼ଭଙ୍ଗା ଶୀତରେ ବି ଖାଲି ଫ୍ରକଟିଏ ପିନ୍ଧି ତାଙ୍କୁ ଦୌଡ଼ିବାକୁ ପଡୁଥିଲା । ଭଉଣୀ ସରସ୍ୱତୀ ଚାନ୍ଦଙ୍କ ପ୍ରେରଣାରେ ସେ କେବେ ଗାଁ ଦାଣ୍ଡରେ ତ ଆଉ କେବେ ବ୍ରାହ୍ମଣୀ ନଇପଠାରେ ଦୌଡ ଅଭ୍ୟାସ ଜାରି ରଖିଥିଲେ । ଦୂତୀ ଚାନ୍ଦଙ୍କୁ ଗାଁର ଅନେକ ଲୋକ ସମାଲୋଚନା କରିବା ସହ କେହି କେହି ତାଙ୍କୁ ପାଗଳ ବୋଲି କହୁଥିଲେ । ଦାରିଦ୍ର୍ୟତା ଓ ଅନିୟମିତ ତାଲିମ ସତ୍ତ୍ୱେ ନିଜର ଦୃଢ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ଦୂତୀ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ି ଚାଲିଥିଲେ ଏବଂ ବହୁ ଆନ୍ତର୍ଜାତୀୟ ପଦକ ହାସଲ କରିଥିଲେ । ଦୂତୀଙ୍କ ପାଇଁ ଯାଜପୁରରୁ ଜାକର୍ତ୍ତା କେବଳ ସଂଘର୍ଷ ହିଁ ସଂଘର୍ଷ ।

ଧାବିକା ଦୂତୀ ଚାନ୍ଦ ହେଉଛନ୍ତି ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରିଣୀ । ସେ କୋଚ୍ ରମେଶ ନାଗପୁରୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ 2012 ମସିହାରେ ଜାତୀୟ ଚମ୍ପିୟାନସିପ୍ ଏବଂ 2013 ମସିହାରେ ପ୍ରଥମ ଭାରତୀୟ ଭାବେ ୱାର୍ଲଡ ୟୁଥ ଚମ୍ପିୟାନସିପର ଫାଇନାଲରେ

ISSN NO.
2582-208X

ପ୍ରବେଶ କରିଥିଲେ । 2018 ଜାକର୍ତ୍ତା ଏସିଆନ୍ ଗେମ୍ସରେ ରୌପ୍ୟ ଏବଂ 2019 ମସିହାରେ ଇଟାଲୀର ନେପୋଲିରେ ଅନୁଷ୍ଠିତ ସମର ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲେ । ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ଦୂତୀ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ଧାବିକା । କ୍ରୀଡ଼ା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଁ ତାଙ୍କୁ ଓଡିଶା ସରକାର ଅର୍ଜୁନ ପୁରସ୍କାର ଏବଂ ବିଜୁ ପଟ୍ଟନାୟକ ଖେଳରତ୍ନ ପୁରସ୍କାର ପ୍ରଦାନ କରିଛନ୍ତି। ଏଥିପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କୁ 3କୋଟି ଟଙ୍କା ପୁରସ୍କାର ସ୍ୱରୂପ ଦେଇଛନ୍ତି । ଏପରିକି ଟାଇମ୍ସ ମାଗାଜିନରେ ବିଶ୍ୱର 100 ଜଣ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ଦୂତୀ 35ତମ ସ୍ଥାନ ଅଧିକାର କରି ଉଭୟ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଦୂତୀ ନିଜ ଅନନ୍ୟ ତଥା ବଳିଷ୍ଠ ପ୍ରତିଭାର ଚମକରେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି ।

ଶିକ୍ଷକ
ସାନ୍ତରାପଲ୍ଲୀ,ଗଞ୍ଜାମ
ମୋ:9861638736

ISSN NO.
2582-208X

# ଟ୍ରେନ ଯାତ୍ରା



ସନ୍ତୋଷ କୁମାର ବେହେରା

ଅନେକ ଦିନର ଅଭିଳାଷ ଘେନ
ଯାଉଛି ଶଶୁଙ୍କ ଘର
ମନ ମୋ ଉଦ୍ ବେଗ ଶୀଘ୍ର ପହଞ୍ଚିବି
ନାହିଁ ତା'ର ପଟାନ୍ତର (୧)
କେଡେ ସରାଗରେ ଡାକଛନ୍ତୁ ଶଶୁ
କେତେ ଦିନ ଧରି କେତେ
ଆଜି ତାଙ୍କ ସ୍ନେହ ମମତାର ଡୋରି
ବାନ୍ଧି ନେଉଅଛି ମୋତେ (୨)
ବଲାଙ୍ଗିର ଠାରୁ ରୁପ୍ରାରୋଡ ଯାଏ
ଟ୍ରେନ ଯାତ୍ରା ଦୁଇ ଘଣ୍ଟା
ହେଲେ ଆଜି କିଆଁ ଏତିକି ବିଳମ୍ବ
ଲାଗେ ମନେ ଘଣ୍ଟା ଘଣ୍ଟା (୩)
ଆଗେ ମନ ଗାଡି ପଛେ ରେଳ ଗାଡି
କ୍ରମାଗତ ଭାବେ ଚାଳେ
ରେଳ ଗାଡି ଯେତେ ଯେତେ ଦ୍ରୁତ ହେଲେ
ପହୁଞ୍ଚାଇ ନାହିଁ ପାରେ (୪)
ଦ୍ରୁତ ଗତି ଗାଡି ଦିଏ ପଛଘୁଞ୍ଚା
ନ ପହୁଞ୍ଚେ କେବେ ସେତ
ମନ ଗାଡି ଗତି ଦେଖି  ରେଳ ଗାଡି
ନମିଷେ ହୋଇଲା ସ୍ତବ୍ଧ (୫)

ISSN NO.
2582-208X

ଲେଖନୀର ମୂନ ଲେଖି ଗ୍ଧୁଲୁଅଛି
ନାହିଁ ତା'ର ଅବସର
ଶତ୍ରୁଙ୍କର ଘର ପାଖ ଆସିଲାଣି
ଶୀଘ୍ର ଲେଖା ଶେଷ କର (୨)
କ ଲେଖି କରିବି କବିତାର ଶେଷ
ଭ୍ଷା ଖୋଜି ପାଉ ନାହିଁ
କେସିଙ୍ଗା ଡେଇଁଲା କାଣ୍ଡେଳ ଆସିଲା
ଆଉ ଲେଖି ପାରୁନାହିଁ (୨)

କପସିଲା, ତୁଷୁରା, ବଲାଙ୍ଗିର
ଫୋନ:-- ୭୭୩୫୧୫୧୦୭

ISSN NO.
2582-208X

# ହଁ କିଛି କଥା ଥିଲା......



ଶ୍ରୀ ସତ୍ୟରଞ୍ଜନ ଘିଓ୍ୱାଲ୍

ହଁ ହଁ କିଛି କଥା ଥିଲା
ଯାହା ହୁଏ ତ ମୁଁ କହିପାରିନଥିଲି
ମୋ ମନ ଖୋଲି,,
ଯେଉଁ ଫୁଲେଇ,, ଅଭିମାନିନି
ଆଜି ବି ମୋ ହୃଦୟେ ବସା ବାନ୍ଧିଛି
ସିଏ ତୁମେ ବୋଲି......।

ହଁ କରିଥିଲି ପୂର୍ବେ ତୁମକୁ
ମୋ ହୃଦୟ ରୁ ପ୍ରେମ ନିବେଦନ,,
କିନ୍ତୁ ସେ ଅସମୟ ହିଁ ଥିଲା
ଯାହା ତୁମେ କରିଥିଲ ମୃଦୁ୍ୟ ପ୍ରତ୍ୟାଖ୍ୟାନ......।

ମନ ତ ମୋ ଆଜିବି ବୁଝେନା
କି ଏପରି ପରିସ୍ଥିତି କାହିଁ ସୃଷ୍ଟି ହେଲା,,
ଚାନ୍ଦିନୀ ର ପ୍ରତି କିରଣ ରେ ବିକଶିତ
ହେଉଥିବା ଦୁଇ କଢ଼ି ଆଜି କାହିଁ ମଉଳି ଗଲା......।

ISSN NO.
2582-208X

ହଁ ଆଜି ନୀରବି ଯାଇଛି ଓଠ ସହ
ମୋ ହୃଦୟ ବି,,
ମନେ ପଡେ ସବୁ ସ୍ମୃତି ଆଜି
ଯେତେ ଭୁଲିବାକୁ ଶତଚେଷ୍ଟା କଲେବି......।

ଅନେକାଂଶ ସମୟେ ବସି ଭାବେ ମୁଁ
ଏ ପ୍ରେମ କଣ ମୋର ବୃଥା ଥିଲା,,
ତୁମକୁ ନିଜର କରିବା ଆଶାରେ,,
ଏହା ଆମ ପବିତ୍ର ବନ୍ଧୁତା କୁ ହରାଇଲା......।

ISSN NO.
2582-208X

# ଅମାନିଆ ପ୍ରଶ୍ନ ?



ଚୈତନ୍ୟ ବାଗ

ବେଳେବେଳେ ସବୁ ଥାଇ ମଧ୍ୟ କିଛି ନ ଥିଲ ବୋଲି ମନେ ହୁଏ । ଶରୀର ଏକ ଜିଅନ୍ତା ଶବ ପରି ପଡିରହିଥାଏ ଏକ ଅନ୍ଧକାର କୋଣରେ । ଏକାକୀ ଚାରିକାନ୍ଥ କଳା କୋଠରୀ ମଧ୍ୟରେ ନିଜ କୁ ନିଜେ ବନ୍ଦ କରିକି ରହିଥାଏ । ଦିନରାତି କେବଳ ଆଖିର ଧାର ଧାର ଲୁହ ଗଡ଼ାଇ ସେହି ଲୁହ କୁ ସାତ ଜନ୍ମ ର ତୃଷ୍ଣା କୁ ଅଧର ମେଣ୍ଟାଉଛି ପରି ସବୁକୁ ଚୁପ ଚାପ ନୀରବରେ ପିଇ ଚାଲୁଥାଏ ।

କେବଳ ମନରେ ଗୋଟିଏ ପ୍ରଶ୍ନ? ସେ ଏମିତି କାହିଁକି କଲା, ମେଘ ପରି ସେ କାହିଁକି ବଦଳି ଗଲା । ମନରେ ଉଙ୍କି ମାରୁଥାଏ ଅସୁମାରୀ ଏମିତି ଅନେକ ପ୍ରଶ୍ନ? ସବୁ ପ୍ରଶ୍ନର ଉତ୍ତର ହେଉଛି କେବଳ ସେ । ଉତ୍ତର ଖୋଜୁ ଖୋଜୁ ଏମିତି ସମୟ ର କାଳଚକ୍ରରେ ବହୁତ ସମୟ ଅତିବାହିତ ହୋଇସାରିଛି । ସମୟ ସାଥେ ସାଥେ ମଣିଷ, ସମ୍ପର୍କ, ଚେହେରା ର ମଧ୍ୟ ପରିବର୍ତ୍ତନ ଘଟି ସରିଛି । କିନ୍ତୁ ଆଜିବି ସେହି ନିରୀହ ହୃଦୟ ତାହାକୁ ଖୋଜୁଛି ଯିଏ କି ଦୁଃଖ, କଷ୍ଟ, ଲୁହ, ଯନ୍ତ୍ରଣା ର ଉପହାର ଦେଇ ଚାଲିଯାଇଛି ।

ରାସ୍ତା କଡ଼ ର ସାମାନ୍ୟ ପଥର କୁ ସାଉଁଟି ନେଇ ଅତି ଯତ୍ନ ସହକାରେ ଦେଉଳରେ ରଖି ପୂଜା କରୁଥିଲି, ହେଲେ ସେହି ପଥର ପୂଜା ପାଇବାର ଯୋଗ୍ୟ ମନେ ନ କରି ପୋଖରୀ, ବନ୍ଧ ରେ ଗାଧୋଇବା ସମୟ ରେ ଲୋକ ମାନେ ଯେଉଁ ପଥର ଉପରେ ଗୋଡ଼ ଘସି ସାନ୍ନ କରନ୍ତି ସେ ସେୟା ହେଲା । ମୁଁ ତାକୁ ମନ ଉପବନ ର ସୁନ୍ଦର ବଗିଚାରେ ଫୁଟି ଥିବା ଏକ ସୁନ୍ଦର ଫୁଲ ମନେ କରୁଥିଲି, ଯେଉଁ ଫୁଲ କି ପ୍ରତି ଦିନ ଠାକୁର ଙ୍କ ପୂଜା ରେ ନିତ୍ୟ ପୂଜା ପାଉଥିବ । ହେଲେ ସେ ତା ନ ହୋଇ ଶବ ଉପରେ ପଡି ଥିବା ଏକ ଫୁଲ ହେବ ପାଇଁ ନିଜକୁ ନିଜେ ଯୋଗ୍ୟ ବିବେଚିତ କଲା ।

ISSN NO.
2582-208X

ସେ କାହିଁକି ଏମିତି କଲା  ଜାଣିବା ପାଇଁ ସେହିଁ ଅଭିଳାଷ ରେ ଆଜି ବଞ୍ଚି ରହିଛି । ବିବେକ ହୃଦୟ କୁ ବାରମ୍ବାର ବୁଝାଇବାକୁ ଚେଷ୍ଟ କରେ  ଆରେ ଯିଏ ତୋ ହୃଦୟ କଥା ବୁଝି ପାରିଲାନି, ତୋ ଆଖିର ଲୁହ କୁ ଦେଖି ପାରିଲାନି, ତୋ ଅଜସ୍ର ଭଲ ପାଇବାକୁ ଅନୁଭବ କରିପାରିଲାନି, ତା ପାଇଁ ଆଜି ଏତେ ବ୍ୟସ୍ତ ବହୁଳତା କାହିଁକି ?

ହୃଦୟ ହସି ହସି ଉତ୍ତର ଦିଏ ହଁ ମୁଁ ଜାଣିଛି ସେ ମୋ ପ୍ରେମ ଭଲପାଇବାକୁ, ଲୁହକୁ ବୁଝିପାରିଲାଣି କିନ୍ତୁ ମୁଁ ତା ଭଲ ପାଇବା, ପ୍ରେମ କୁ ସଦା ସର୍ବଦା ଅନୁଭବ କରି ପାରିଛି, ତା ପ୍ରେମ ତା ସ୍ୱର୍ଶ କୁ ଅନୁଭବ କରୁଛି  ।

ସେ ହୁଏତ ମୋ ଠାରୁ ଦୁରେଇ ଯାଇଛି  କିନ୍ତୁ ମୁଁ  ତାଠାରୁ  ନୁହେଁ  । ମତେ କାହିଁକି ଏମିତି ଲାଗୁଚି କେ ଜାଣି ସେ ମୋ ଠୁ ଦୁରେଇ ଯାଇଛି ସତ  ହେଲ ମତେ ଭୁଲି ପାରି ନ ଥିବ  ।

ଜୀବନ ରେ ମୋର ଶେଷ ଇଛା ହେଲା ଯେ ସେ ଏମିତି କାହିଁକି କଲା ଓ ମୋ ଠୁ କାହିଁକି ଦୂରେଇ ଗଲା  । ମନ କୁ ମୋର ସଦା ସର୍ବଦା ବ୍ୟାକୁଳ କରୁଛି ଓ କରୁ ଥିବ ଏକ ଅମାନିଆ ପ୍ରଶ୍ନ ?

ଏମିତ କାହିଁକି କଲା.....
ପ୍ରିୟା ମୋ ବଦଳି ଗଲା......

ଚଚଆ, କଳାହାଣ୍ଡି

ISSN NO.
2582-208X

# ନିରୁଦ୍ଦିଷ୍ଟ ଶାନ୍ତି



ଶୁଭ ପଧାନ୍

କେଉଁ ତିଥି କେଉଁ ତାରିଖ ରେ ସେ ନିରୁଦ୍ଦିଷ୍ଟ ହେଲା
କ୍ୟାଲେଣ୍ଡର ରେ  ଗୋଲ୍ ବୁଲାଇ ରଖିଛି
ଅଥଚ ତାର ସ୍ଥିତି ଅବସ୍ଥିତି ଅକ୍ଷାଂଶ ଦ୍ରାଘିମା କିଛି ବି ଜଣା ନାହିଁ
ସେ କ'ଣ ପାଟ କି ପଲାଯୋ ପିନ୍ଧେ
ତା ଦେହର ରଂଗ କଣ ମାଗୁର ଗୋରୀ କି ଗ୍ରାନାଇଟ୍ ଗ୍ରେ
ଧାନନାକି କି ପାନମୁହିଁ
ସୁକେଶିନି ସୁନୟନା
ବାଂଗିରି ଧାଂଗିରି
ଲାଜକୁରି ହସକୁରି
କାନ୍ଦୁରି ଦାନ୍ତୁରି
ଇତ୍ୟାଦି ଇତ୍ୟାଦି....
ଯେ ତା ରୂପରେଖ ର ବିଜ୍ଞାପନ ଦେଇ
ତାକୁ ଖୋଜିହେବ !
ଫୁଲର ପାଖୁଡ଼ା ରେ
ଗଜଲର ମୁଖୁଡ଼ା ରେ

ନଈ ର ଶୀତଳତା ରେ
ଛାଇର ନୀରବତା ରେ

ISSN NO.
2582-208X

ନିଦ ର ନିଭୃତ ଗୁମ୍ଫା ରେ
ନିଶା ର ନିର୍ବିକାର ମୁଦ୍ରାରେ
ଝଲ୍ ମଲ୍ ହୀରା ଖଣି ରେ
ମାର୍ବଲ୍ ବଂଗଳା ର ବାଲ୍ କୋନୀ ରେ
ମନ୍ଦିର ମନ୍ଦାର, ଜହ୍ନ ଜହ୍ନି ଫୁଲ, ଓଠଫୋଠ,
କଜଲଫଜଲ , ରଙ୍ଗଫଙ୍ଗ, ପର୍ବତ ଶୃଂଗ ,
ବସନ୍ତ ଫସନ୍ତ, ଧାନ କ୍ଷେତ, ମେଳା ମହୋଛବ,
ଜଂଗଲ ମଂଗଲ, ଇତ୍ୟାଦି ଇତ୍ୟାଦି.....
କଉଣସି ଠାରେ ତାର ଅତାପତ୍ତା ନାହିଁ
ଥାଉ ଥାଉ.....
ସନ୍ଧାନ ଫନ୍ଧାନ ବନ୍ଦ ହେଉ
ସେ ଯଉଁଠି ଅଛି ଶାନ୍ତି ରେ ଥାଉ
ମୋ ପାଇଁ ଅଶାନ୍ତି ଠିକ୍ ଠାକ୍ ଅଛି ।

ISSN NO.
2582-208X

# ମୁଁ ମଲାପରେ



ଶୁଭ୍ରାଂଶୁ ଶେଖର ପାଢ଼ୀ

ମୁଁ ଜାଣିଛି ତୁମେ ନିଶ୍ଚୟ ଆସିବ
ମୁଁ ମରିଗଲା ପରେ ।
ସାନ୍ତ୍ୱନା ଦେବାକୁ ମୋ ପରିବାରକୁ
ଦେଖିବାକୁ ମୋତେ ଥରେ ।
ଶେଷ ଦେଖା ପାଇଁ ଆସିଅଛ ବୋଲି
ଜାଣି ପାରିବିନି ମୁହିଁ ।
ସେତେବେଳ ଯାଏଁ ଅପେକ୍ଷା କାହିଁକି
ଏବେ ଚାଲିଆସ ଧାଇଁ ।
ଜାଣିଛି ମୁଁ ମଲେ ମୋ ସବୁ ଦୋଷକୁ
କରିଦେବ ତୁମେ କ୍ଷମା ।
ହେଲେ ମୋତେ ତୁମେ କ୍ଷମା କଲ ବୋଲି
ଜାଣି ପାରିବିନି ଜମା ।
ମୃତ୍ୟୁ ପରେ ସବୁ ଦୋଷ ମରିଯାଏ
ଛୁଟେ ପ୍ରଶଂସାର ସୁଅ ।
ମୋ ମୃତ୍ୟୁ ଯାଏଁ ଅପେକ୍ଷା କାହିଁକି
ଆଜି କ୍ଷମା କରିଦିଅ ।
ମୁଁ ମଲାପରେ ମୋ'ରି ପ୍ରଶଂସାରେ
ଶତମୁଖ ହେବ ତୁମେ ।

ISSN NO.
2582-208X


ଶୁଣି ପାରିବିନି ତୁମରି ମୁହଁରୁ
ପ୍ରଶଂସା ମୋହରି ନାମେ ।
ମୁଁ ମଲା ପରେ ମୋ ଦୋଷକୁ ଭୁଲି
ସୁମରିବ ଭଲ ଗୁଣ ।
ଭାବିବ ନିଶ୍ଚୟ ଏ ମଣିଷ ସହ
କାଟିଥାନ୍ତୁ କିଛି ଦିନ ।
ତୁମେ ମୋତେ ମନେ ପକାଉଛ ବୋଲି
ଜାଣି ପାରିବିନି ମୁହିଁ ।
ଚାଲିଆସ ଥରେ ମୋ ସାଙ୍ଗରେ କିଛି
ସମୟ କାଟିବା ପାଇଁ ।
ଅପେକ୍ଷା କରନି ସେହି ସମୟକୁ
ହୋଇଯିବ କାଳେ ଡେରି ।
ମୁଁ ମଲାପରେ ଯେତେ ଝୁରିଲେ ବି
ଆଉ କି ଆସିବି ଫେରି ।
ଆସ ଥରେ ମୋତେ ଦେଖା କରିବାକୁ
ଏବେ କ୍ଷମା କରିଦିଅ ।
ଯେତିକି ଜାଣିଛ ମୋ ଭଲ ଗୁଣକୁ
ମୋ ଆଗରେ କହିଦିଅ ।
କିଏ ବା ଜାଣିଛି କାହାରି ସମୟ
ଲେଖା ଅଛି କେତେ ଦିନ ।
ଆମେ ଯେତେ ଭାବୁ ସେତେ ଦୂର ଯାଏଁ
ଲମ୍ବା ନୁହେଁ ଏ ଜୀବନ ।

ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# କଠଉ



ସୁବ୍ରତ କୁମାର ପ୍ରଧାନ

ପଦ ଯୁଗଳ କୁ ଦେଇଣ ସୁରକ୍ଷା
ପ୍ରାଚୀନ କାଳରୁ ରହି
କାଠରେ ନିର୍ମିତ ଅତି ଶୋଭାବନ
ନାମଟି କଠଉ ସେହି ।

କେତେ ନରପତି ମୁନି ଋଷି ଗଣ
ଯତନରେ ବ୍ୟବହାର
ପଦ ବ୍ରଜେ ଗଲେ କ୍ଲେଶ ଦୂର ହୁଏ
ଅଶେଷ ମହିମା ତାର ।

ଅନୁଜ ଭରତ ଶ୍ରୀରାମ ପାଦୁକା
ପୂଜି ନେଲେ ରାଜ୍ୟ ଭାର
କଠଉ କୁ ଦେଖି ପୂରୁ ଥିଲା ହୃଦ
ଭାତୃ ପ୍ରିତି ସମାହାର ।

ISSN NO.
2582-208X

ଗୋପାଳ କୁମର ଶ୍ରୀକୃଷ୍ଣ ଦଶିଲେ
କାଳୀ କି କଠଉ ପିନ୍ଧି
ସେଦିନୁ ନାଗର ମଥା ରେ ରହିଛି
କଠଉ ଚିହ୍ନ ଅବଧି ।

ସେ ସଂସ୍କୃତି ଆଜି ବିଲିନ ହୋଇଛି
ତଥାପି ସ୍ମୃତିରେ ଜାଗେ
କଠଉ ମାହାତ୍ମ୍ୟ ଦେଇଛି ସୁଶିକ୍ଷା
ସମାଜ ର ଚଉଦିଗେ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ଆଳାପ – ୯୮୬୧୯୭୦୪୧୮

ISSN NO.
2582-208X

# ରତ୍ନ ବେଦୀ ରୁ ଜନ୍ମ ବେଦୀ- ଦୀର୍ଘ ଦିନର ଯାତ୍ରା



ପ୍ରତାପ ଚନ୍ଦ୍ର ସାହୁ

ଶ୍ରୀ ମନ୍ଦିର ମଧ୍ୟ ରେ ଶ୍ରୀ ଜୀଉ ମାନଙ୍କର ଅଧିଷ୍ଠିତ ମଣ୍ଡପ ହେଉଛି "ରତ୍ନ ବେଦୀ" ଓ ଶ୍ରୀ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଅଧିଷ୍ଠିତ ମଣ୍ଡପ ହେଉଛି "ଜନ୍ମ ବେଦୀ"। ଆଷାଢ ମାସ ଶୁକ୍ଳ ପକ୍ଷ୍ୟ ଦିତୀୟା ତିଥି ରେ "ଶ୍ରୀ ଗୁଣ୍ଡିଚା" ନାମରେ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ରେ ବିଶ୍ୱ ନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁ ବଡ ଭାଇ ବଳଭଦ୍ର, ସୁନାନାକି ଭଉଣି ସୁଭଦ୍ରା ଓ ଆୟୁଧ ଶ୍ରେଷ୍ଠ ସୂଦର୍ଶନ ଆଦି ଚତୁର୍ଧା ମୂର୍ତ୍ତୀ ମାନେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥରେ ରଥାରୁଢ ହୋଇ ବଡ ଦାଣ୍ଡରେ ରଥ ଚକ ମାନଙ୍କର ଘୋର ଘର୍ଘର ନିନାଦ ରେ ପ୍ରକମ୍ପିତ କରି ଘୋଷ ଯାତ୍ରା ବର୍ହିଗତ ହୋଇ ଯାଇ ଗୁଣ୍ଡିଚା ମନ୍ଦିର ରେ ପହଞ୍ଚିଥାନ୍ତି। ସେହି ଦିନ ରଥ ଉପରେ ରହି ପୂଜା ପାଇ ତା ପର ଦିନ ପହଣ୍ଡି ରେ ଓହ୍ଲାଇ ଯାଇ ଜନ୍ମ ବେଦୀ ରେ ଉପବିଷ୍ଟ ହୁଅନ୍ତି । ଆପଣ ମାନଙ୍କ ମନ ରେ ସଂଶୟ ଉପୁଜିଥିବ ଯେ ଏହି ଯାତ୍ରାକୁ ଦୀର୍ଘ ଦିନର ଯାତ୍ରା କାହିଁକି କୁହାଗଲା ? ଦେଖନ୍ତୁ ଶୁଦ୍ଧିବୃନ୍ଦ ମା ଲକ୍ଷ୍ମୀ ସାଆନ୍ତାଣୀ ଙ୍କୁ ନକହି ସାଆନ୍ତ ବଡ ଭାଇ ଓ ଭଉଣି ଙ୍କୁ ନେଇ ପଳେଇ ଗଲେ ମାଉସୀଙ୍କ ଘରକୁ। ତା ପୁଣି ଛ ଦିନ ରେ ପଳାଇଆସିବାକୁ କହି ନ ଦିନ ପରେ ଆସିବା - ଏ ସବୁ ଦେଖିଲେ ପ୍ରଭୂ ଓ ମା ଙ୍କ ର ଏଇ ଯେଉଁ ମାନବୀୟ ଲୀଳାକୁ ଦେଖିଲେ ଦୀର୍ଘ ଦିନର ଯାତ୍ରା (ମା ଲକ୍ଷ୍ମୀ) କୁହାଯାଇ ପାରେ।

ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମ ଙ୍କୁ ପାଇ ଦେଉଳ ତୋଳାଇବା ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କୁ ତିନିଗୋଟି ବର ମାଗିଥିଲେ। ପ୍ରଥମ ବର-- ତୁମକୁ ପ୍ରତିଷ୍ଠା କରିବାର ଗଉରବ ନେଇ ଗର୍ବ କରିବାକୁ ମୋ ବଂଶରେ କେହି ନରୁହନ୍ତୁ। ଦିତୀୟ ବର-- ମୋ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ଅନୁଗ୍ରହିତ କରିଥିବାରୁ ମୋତେ ମାର୍ଜନା ହସ୍ତରେ ଆପଣଙ୍କ ଉତ୍ସବରେ (ରଥ ଯାତ୍ରା ଓ ବାହୁଡା ଯତ୍ରା ତଥା ସ୍ନାନ ପୂର୍ଣ୍ଣିମା) ରଥ ପରିଷ୍କାର ବା ମାର୍ଜନା କରିବା

ISSN NO.
2582-208X

(ଛେରା ପହଂରା) କରିବାକୁ ଅନୁମତି ଦିଅନ୍ତୁ । ତୃତୀୟ ବର -- ଆପଣ ଜଗତ କଲ୍ୟାଣ ପାଇଁ ନୀଳାଞ୍ଚଳ ରେ ଆବିର୍ଭୂତ ହୋଇ ତ୍ରୀଜଗତ କୁପାଳନ କଲେ ହେଁ ନୀଳାଦ୍ରୀ ମଣ୍ଡପ ରେ କେବେ ପ୍ରସାଦ, ପ୍ରତିମା ଙ୍କ ର ଅଭାବ ଘଟିଲେ ସୁଧା ନୀଳାଚଳ ଛାଡି କରି ଅନ୍ୟତ୍ର ଯିବେ ନାହିଁ।

ଇନ୍ଦ୍ରଦ୍ୟୁମ୍ନ ଙ୍କ ତ୍ୟାଗ, ନିଷ୍ଠା ଓ ଭକ୍ତି ତୁଷ୍ଟ ହୋଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ଅଭୟବାଣୀ ଶୁଣାଇ କହିଲେ "ସତ୍ୟ ସତ୍ୟ ପୁନହ ପୁନହ ସତ୍ୟ ମେବ ପୁନହ ପୁନହ, ପ୍ରାସାଦ ପ୍ରତୀମା ହୀନେ ନ ତେଜାମି କଦାଚନ ।" ମହାପ୍ରଭୁ ଇନ୍ଦ୍ରଦ୍ୟୁମ୍ନ ଙ୍କ ପ୍ରାର୍ଥିତ ବର ଗୁଡିକ କରି ନିଜ ଉପରକୁ ଦାୟିତ୍ୱ ମଧ୍ୟ ନେଲେ ମହାପ୍ରଭୁ। ଘୋଷ ଯାତ୍ରା ରେ ସାଆନ୍ତେ ଯାଇ ଛ ଦିନକୁ କଷ୍ଟ କରି ନଅ ଦିନ ରହି ଦଶମି ଦିନ ରେ ବାହୁଡା ବିଜୟ କରି ସେଇ ବଡ ଦାଣ୍ଡରେ ଘର୍ଘର ନିନାଦ ରେ ରଥ ଚକା ଗଡାଇ ଆସି ଅର୍ଧପଥରେ ଦେବୀ ଅର୍ଧଶଢୀ ବା ମାଉସୀ ମା ଙ୍କ ଠାରୁ ପୋଡ ପିଠା ଖାଇଥାନ୍ତି। କଥାରେ ଅଛି ରତ୍ନ ବେଦୀ ରେ ଶହେ ଦିନର ଦର୍ଶନ ଜନ୍ମବେଦୀର ଗୋଟିଏ ଦିନର ଦର୍ଶନରେ ସେତିକି ପୂଣ୍ୟ ମିଳିଥାଏ। ଦଶମି ତିଥିରେ ଝୁଲି ଝୁଲି ନାଚି ନାଚି ଆସି ଅଗଣିତ ନର ନାରୀଙ୍କୁ ଦର୍ଶନ ଦେଇଥାନ୍ତି। ରଥେ ତୁ ବାମନ ଦୃଷ୍ଟ୍ୟା ପୁନରଜନ୍ମ ନଲଭ୍ୟନ୍ତେ। ଆସି ସିଂହ ଦ୍ୱାର ଠାରେ ଅବସ୍ଥାନ କରନ୍ତି। ରଥ ଉପରେ ଏକାଦଶୀ କରି ରାତ୍ରରେ ରାଜାଧିରାଜ ବେଶ ତଥା ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଦୂର୍ଲଭ ସେଇ ଦର୍ଶନ। ଯେଉଁମାନେ ମନ୍ଦିର ଭିତର କୁ ପ୍ରବେଶ କରିନ ପାରି ଦର୍ଶନ ରୁ ବଞ୍ଚିତ ହୋଇଥାନ୍ତି, ସେଇମାନଙ୍କୁ ଦର୍ଶନ ଦେବାକୁ ନିଜେ ପ୍ରଭୁ ବଡ ଦାଣ୍ଡ କୁ ଓହ୍ଲାଇ ଆସିଥାନ୍ତି। ଗୁଣ୍ଡୀଚା ମନ୍ଦିର ତଥା ଜନ୍ମ ବେଦୀ ରେ ପ୍ରଭୁ ଥିବା ସମୟରେ ମା ଲକ୍ଷ୍ମୀ ସାଆନ୍ତାଣୀ ହେରା ପଞ୍ଚମୀ ତିଥୀରେ ଯାଇ ରାଗରେ ନନ୍ଦିଘୋଷ ରଥ ଭାଙ୍ଗି ଆସିଥାନ୍ତି। ଜଗନ୍ନାଥ ମହାପ୍ରଭୁ କଥାଦିଅନ୍ତି, ଶିଘ୍ର ଫେରିଆସିବେ ବୋଲି। ଠିକ୍ ତା ପରଦିନ ରଥ ଦକ୍ଷିଣ ମୋଡ ହୋଇଥାଏ। ପ୍ରଭୁଙ୍କର ଓ ମା ଙ୍କର ଲୀଳା ବୈଚିତ୍ରମୟ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥ ଉପରେ ସିଂହଦ୍ୱାର ନିକଟରେ ଉପବିଷ୍ଠ ଥିବା ବେଳେ ଗଜପତି ମହାରାଜ ଓ ଦୈତାପତି ମାନଙ୍କ ସହାୟତା ଲକ୍ଷ୍ମୀ ନାରାୟଣଙ୍କର ଭେଟ କରାଇଥାନ୍ତି। ଜଗନ୍ନାଥ ମହାପ୍ରଭୂ ଭାଇ ଭଉଣୀଙ୍କୁ ନେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟତ ହୁଅନ୍ତେ, ମା ଲକ୍ଷ୍ମୀ ସାଆନ୍ତାଣୀ ବାଟ ଓଗାଳନ୍ତି।ଏ ହା ପୂର୍ବରୁ ମା ଲକ୍ଷ୍ମୀ ସାଆନ୍ତାଣୀ ଙ୍କ ର ମାନ ଭଞ୍ଜନକରିବା ନିମନ୍ତେ ରସଗୋଲା ଖୁଆଇଥାନ୍ତି। ତଥାପି ବାଟ ଓଗାଳିଥାନ୍ତି ଏଇଥି ପାଇଁ ଯେ କଥା ଦିଅ ଆଉ କେବେ ବି ଏମିତି ନକହି ନପୋଛି ମୋତେ

ISSN NO.
2582-208X

ନ ନେଇ ତୁମେ କୁଆଡେବି ଯିବନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ମା ଲକ୍ଷ୍ମୀ ସାଆନ୍ତାଣୀ ଙ୍କ ସବୁକଥାରେ ରାଜି ହେବାରୁ ଭିତରକୁ ଜିବାକୁ ଅନୁମତି ମିଳିଲା।

ଇନ୍ଦ୍ରଦ୍ୟୁମ୍ନ ନିର୍ବଂଶ ହେବାର ବର ମାଗିଥିବାରୁ ପ୍ରତ୍ୟେକ ବର୍ଷ ଦେବ ଦୀପାବଳୀ ରେ ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ବି କରିଥାନ୍ତି। ଗଜପତି ମହାରାଜ ଅଦ୍ୟାବଧି ସ୍ନାନ ମଣ୍ଡପରେ, ରଥ ଯାତ୍ରାରେ ଓ ବାହୁଡା ଯାତ୍ରା ରେ ରଥ ଉପରେ ଛେରା ପହଂରା କରନ୍ତି। ତୃତୀୟ ବର ଦେଇଥିବା ଯୋଗୁ ମହାପ୍ରଭୁ ନିଜେ ସେ ଧର୍ମ ପାଳନ କରିଥାନ୍ତି। ବିଭିନ୍ନ ସମୟ ରେ ବିଭିନ୍ନ କାରଣରୁ ବିଦେଶୀ, ବିଧର୍ମୀ ଓ ଆତଙ୍କୀ ଙ୍କ ଆକ୍ରମଣ ରୁ ରଖ୍ୟା ପାଇବାପାଇଁ ହୁଏତ କିଛି ସମୟ ପାଇଁ ସାମୟିକ ଭାବେ ଅନ୍ୟତ୍ର ଚାଲିଯାଇଥିଲେହେଁ ପୁନଶ୍ଚ ଶ୍ରୀ ମନ୍ଦିରକୁ ଫେରି ଆସିଛନ୍ତି ମହାପ୍ରଭୁ । ଇଛାମୟ ପ୍ରଭୁଙ୍କର ଇଛା ନ ହେଲେ ସୃଷ୍ଟି ଲୀଳା ର ବିଧାନ କରିବାକୁ କାହାର ବା ସାମର୍ଥ୍ୟ ଅଛି ? ସେ ନ ଚାହିଁଲେ ରଥ ର ଚକା ଇଞ୍ଚେ ବି ଆଗକୁ ଗଡି ପାରିବ ନାହିଁ। ସେ ତ ଇଛା ମୟ, ଲୀଳାମୟ ସ୍ୱୟ।

ଗୁଣ୍ଡିଚା ମନ୍ଦିର ଗୁଣ୍ଡିଚା ନବର ନାମରେ ଖ୍ୟାତ। ମନ୍ଦିରର ଅନ୍ୟ ନାମ କନକପୂରୀ। ଏହିଠାରୁ ଦାରୁଦେବତା ପ୍ରଥମେ ଗଠିତ ହୋଇଥିବାରୁ ସ୍ଥାନକୁ କନକପୂରୀ ବୋଲି କୁହାଯାଏ। ଇନ୍ଦ୍ରଦ୍ୟୁମ୍ନ ଯଦି ରାଣୀ ଗୁଣ୍ଡୀଚାଙ୍କୁ ଏଠାକୁ ଆସିବାକୁ ପ୍ରତିଶ୍ରୁତି ଦେଇଥାନ୍ତେ ତେବେ ପ୍ରାର୍ଥିତ ବର ତିନୋଟି ମଧ୍ୟରେ ତାହା କହିଥାନ୍ତେ। ଏଣୁ ରାଣୀ ଗୁଣ୍ଡିଚା ଦେବୀ ନିଜେ ମହାପ୍ରଭୁ ଙ୍କୁ ପ୍ରାର୍ଥନା କରିଥିଲେ ବର୍ଷରେ ଥରୁଟିଏ ବି ଯେମିତି ହେଲେ ଜନ୍ମ ବେଦୀ କୁ ଆସିବା ପାଇଁ। କିଛି ଦିନ ଆସି ଏଠି ରହିବା ପାଇଁ । ପ୍ରଭୁ କଥା ରଖୀ ଘୋଷ ଯାତ୍ରା ରେ ରତ୍ନ ବେଦୀ ରୁ ନିଜ ଜନ୍ମ ବେଦୀ କୁ ଆସି ଲୀଳାମୟ ପ୍ରଭୁ ଭକ୍ତ ର ମନବାଞ୍ଛା ପୂରଣ କରିଥାନ୍ତି। ଇନ୍ଦ୍ରଦ୍ୟୁମ୍ନ ଙ୍କ ସ୍ମୃତି ରେ ଇନ୍ଦ୍ରଦ୍ୟୁମ୍ନ ସରୋବର ଓ ବିଶ୍ୱ ପ୍ରସିଦ୍ଧ ଗୁଣ୍ଡିଚା ମନ୍ଦିର ରାଣୀ ଗୁଣ୍ଡିଚା ଦେବୀ ଙ୍କ ସ୍ମୃତି ରେ।

ନବରଙ୍ଗପୁର
୯୪୩୭୭୮୮୮୭୦

ISSN NO.
2582-208X

# ପୃଥିବୀ



ସୁଜ୍ଞାନ ବାଘ

ତିନୋଟି ଅକ୍ଷରେ ନାଆଯେ ତୋହର
ନାଆଟି ତୋର ପୃଥିବୀ
କଏ ଡାକେ ତୋତେ ଧରଣୀ, ବାସୁକ
କଏ ଡାକେ ମାଁ ଧରିତ୍ରୀ ।।

ସାର୍ା ସଂଶାରକୁ କୋଳରେ ଧରିଣ
ରହିଅଛୁ ନୀରବରେ
ସବୁ ଯନ୍ତ୍ରଣାକୁ ସହ୍ୟ କରି ମାଗୋ
ହସୁ କେଡେ ଆନନ୍ଦରେ ।।

ତରୁ ଗଛ ଲତା ପାହାଡ ଝରଣା
ତୋ ଠାରୁ ସବୁ ଜନ୍ମତ
କେଡେ ମନୋହର ଦିଶଇ ମାଗୋ
ତୋର ଏ ପ୍ରାଣୀ ଜଗତ ।।

ସବୁବେଳେ ତୁହି ଘୁର୍ଣ୍ଣନ କରୁ ମାଁ
ଥିରି ଥିରି ତୋର ଗତି
ଋତୁ ପରେ ଋତୁ ପାଗ ବଦଳାଉ
ଦୀନ ପରେ କରୁ ରାତି ।।

ISSN NO.
2582-208X

ତୋର ଦୟା ବଳେ କୃଷକ ଭାଇନା
ବିଲରେ କରଇ ଚାଷ
ସାରା ଜଗତ କୁ ଆହାର ଯୋଗାଇ
ନିଜ ମୁହଁରେ ଫୁଟାଏ ହସ ।।

ଗ୍ରାମ-ତେତେଲେଙ୍ଗା
ଜିଲ୍ଲା-ବୌଦ୍ଧ
7749971276

ଜୁଲାଇ – ୨୦୨୨
www.vedantimagazine.com
ISSN NO. 2582-208X

# ଗଜଲ୍-ଦିନେ ହୋଇଗଲୁ ମୁହାଁମୁହିଁ



ତାର୍‌ପ୍ରସାଦ ଜେନା

ମୋର କଥା କଏ ପଗ୍ଗୁରି ବସିଲେ
କହୁଥିଲା ସିଏ ଚହ୍ନିନାହିଁ,
ଭାଗ୍ୟ ଭଲ ମୋର ନଛାଟିଆ ବେଳେ
ଦିନେ ହୋଇଗଲୁ ମୁହାଁମୁହିଁ ! ୦ !

'ଯାହା ପଗ୍ଗୁରୁଛ, ବେଗେ ସାରିଦିଅ
କାମ ଅଛି ମୋର କେତେ କାହିଁ,'
ତାର ହାତ ଟଣା ଛାଟିପିଟି ଖେଳେ
ଦିନେ ହୋଇଗଲୁ ମୁହାଁମୁହିଁ ! ୧ !

ଲାଜେ ନାଲି ପଡ଼ି ଆହା ଉହୁ ହେଲା
ଆଗପଛ ସବୁ କେତେ ଗୁହିଁ
ତାର ଲମ୍ବାବେଣୀ ଭିଡ଼ିନେଲି ଛଳେ
ଦିନେ ହୋଇଗଲୁ ମୁହାଁମୁହିଁ ! ୨ !

ଅଜଣାକୁ କାହିଁ ମିଶିଗଲୁ ଏତେ
ପ୍ରେମ ସୁଆଗକୁ ଡର ନାହିଁ
ଲୋକ ଭିଡ଼ ଦେଖି ଖସିଗଲା ହେଲେ
ଦିନେ ହୋଇଗଲୁ ମୁହାଁମୁହିଁ ! ୩ !

ISSN NO.
2582-208X

କେମିତିକା 'ତାଗ୍' ପାଖେ ପାଇଥିଲ୍
ଚୁମା ଗୋଟେ ହେଲେ ଦେଲ୍‌ନାହିଁ
ଆଜି ଗଲେ କାଲି ମୋର ହେବ ବଲେ
ଦିନେ ହୋଇଗଲୁ ମୁହାଁମୁହିଁ ! ୪ !

ଖାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକ ନାୟକ

### ୪୧. ଈଶ୍ୱର ବଡ ନା ବିଜ୍ଞାନ ?

ଆଜିକାଲି ବହୁତ ସ୍ଥାନରେ ସି.ସି. ଟିଭି କ୍ୟାମେରା ଲାଗିଛି । ସତର୍କ କରିବାପାଇଁ ବୋର୍ଡରେ ଲେଖାଥାଏ – ଆପଣ ସି.ସି. ଟିଭି କେମେରା ନଜରରେ ଅଛନ୍ତି" ଯଦିଓ ଏହା ମଣିଷମାନଙ୍କ ଦ୍ୱାରା ତିଆରି ଗୋଟିଏ ବୈଦ୍ୟୁତିକ ଉପକରଣ ମାତ୍ର, ତଥାପି ଏହା ପଢି ଲୋକମାନେ କୌଣସି ଅନୈତିକ କାମ କରିବାକୁ ଭୟ କରନ୍ତି ।

ଆସ୍ତିକମାନେ କୁହନ୍ତି –"ଆମେ ସର୍ବଦା ଈଶ୍ୱରଙ୍କ ନଜରରେ ଅଛୁ । ଈଶ୍ୱରଙ୍କ ନଜର କେବେ ଖରାପ ହୁଏନାହିଁ କିମ୍ବା ବନ୍ଦ ହୁଏନାହିଁ, ତେଣୁ ଦୋଷୀ ବା ଅପରାଧୀ ବଞ୍ଚି ଯିବାର କୌଣସି ବାଟ ନାହିଁ ।"

ତଥାପି ଲୋକମାନେ ସି.ସି. ଟିଭିର ନଜରକୁ ଯେତିକି ଡରନ୍ତି, ଈଶ୍ୱରଙ୍କ ନଜରକୁ ଜମା ଡରୁନାହାନ୍ତି । କାରଣ ମଣିଷ ବୁଝି ସାରିଲାଣି ଯେ ଈଶ୍ୱରଙ୍କ ଏଭଳି କୌଣସି ଅସ୍ତିତ୍ୱ ଓ ଶକ୍ତି ନାହିଁ । କିନ୍ତୁ ସି.ସି. ଟିଭି କାହାରିକୁ ଛାଡିବ ନାହିଁ ।

ମଜା କଥା ହେଉଛି ଆଜିକାଲି ମନ୍ଦିର ଓ ସମସ୍ତ ଧର୍ମସ୍ଥଳ ମାନଙ୍କରେବି ସି.ସି. ଟିଭି କେମେରା ଲାଗିଗଲାଣି । ସେଥିପାଇଁ ମନେ ରଖନ୍ତୁ ଆପଣ ବର୍ତ୍ତମାନ ପାଷାଣ ଯୁଗରେ ନୁହେଁ, ଅତ୍ୟାଧୁନିକ ବୈଜ୍ଞାନିକ ଯୁଗରେ ବାସ କରୁଛନ୍ତି ।

**୪୨. ଈଶ୍ୱର ବିଶ୍ୱାସ** – ମୁଁ ତଥାକଥିତ ଈଶ୍ୱରକୁ ବିଶ୍ୱାସ କରିପାରୁନି କିନ୍ତୁ ମୁଁ ଈଶ୍ୱର ବିଶ୍ୱାସୀ ମଣିଷମାନଙ୍କୁ ବହୁତ ବିଶ୍ୱାସ କରୁଛି, ଯେତେବେଳେ ସେହି ଈଶ୍ୱର ବିଶ୍ୱାସୀ ମଣିଷମାନେ ମୋତେ ଠକିବାକୁ ଚେଷ୍ଟା କରୁଛନ୍ତି କିମ୍ବା ଠିକ ସମୟରେ ଧୋକା ଦେଉଛନ୍ତି, ସେତେବେଳେ ଈଶ୍ୱର ପ୍ରତି ମୋର ଅବିଶ୍ୱାସ ଆହୁରି ଦୃଢ ହୋଇଯାଉଛି ।

ISSN NO.
2582-208X

ବିଜ୍ଞାନ ଆଜି ମଣିଷର ରୁଗଣ ହୃଦୟ ପ୍ରିବର୍ତ୍ତନ କରିପାରୁଛି କିନ୍ତୁ ସର୍ବଶକ୍ତିମାନ ଇଶ୍ୱର(?) ଆଧାରିତ ଆଧ୍ୟାତ୍ମିକ ଧର୍ମ ମଣିଷର ରୁଗଣ ମନ ଓ ମସ୍ତିଷ୍କକୁ ସତକର୍ମ ପାଇଁ ପରିବର୍ତ୍ତନ କରୁପାରୁନି । ଇଶ୍ୱରକୁ ଅସ୍ୱୀକାର କରିବା ପାଇଁ ପ୍ରମାଣ କଣ ଯଥେଷ୍ଟ ନୁହେଁ?

### ୪୩. ଉପଲବ୍ଧି

ଯଦି ଆପଣଙ୍କୁ ଭୂଗୋଳ, ଇତିହାସ, ଗଣିତ କିମ୍ବା ବିଜ୍ଞାନ ପାଠ ପଢିବାକୁ ବିରକ୍ତ ଲାଗୁଛି ଏବଂ ପ୍ରକୃତିର ରହସ୍ୟ ବା ସତ୍ୟ କଣ ଜାଣିବାପାଇଁ ରୁଚି ନାହିଁ । ଯଦି ଗର୍ବ କଲାଭଳି କୌଣସି ସାଂସାରିକ ଉପଲବ୍ଧି ମଧ୍ୟ ହାସଲ କରିନାହାନ୍ତି, ତାହେଲେ ଆପଣଙ୍କପାଇଁ ସବୁଠୁ ସହଜ ଓ ସୁଖଦ ଉପାୟ ହେଉଛି – ଇଶ୍ୱରଙ୍କ ଆରାଧନା ଓ ଆଧ୍ୟାତ୍ମିକ ଚିନ୍ତନ । ଏହାଦ୍ୱାରା ଆପଣ ବହୁତ କମ ଦିନରେ ଧର୍ମଗୁରୁ ବାବା ସାଜି ଗର୍ବ କଲାଭଳି ଏକ ବ୍ୟକ୍ତିତ୍ୱର ଅଧିକାରୀ ହୋଇଯିବେ । ସମାଜରେ ମାନ-ସମ୍ମାନ ସହିତ ଅଜସ୍ର ଧନ ବି ପ୍ରାପ୍ତ କରିପାରିବେ ।

### ୪୪. ଏକ ବିଚନ୍ର ରୋଗ ଅନ୍ଧବିଶ୍ୱାସ

ଦୁନିଆରେ ସମସ୍ତ ଜୀବଜଗତ ଭିତରୁ ମଣିଷ ହିଁ ଏକ ବିଚିତ୍ର ରୋଗର ଶିକାର ହେଉଛି । ସେ ନିଜେ ଏକ ନିର୍ଜୀବ କାଠ ବା ପଥରର ମୂର୍ତ୍ତି ଗଢେ, ନିଜେ ତାକୁ ପୂଜାକରେ ଏବଂ ନିଜେ ତାକୁ ଭୟ ବି କରେ । ସେ କାଠ ପଥରର ଠାକୁର ମୂର୍ତ୍ତିକୁ ପବିତ୍ର ବା ଶୁଦ୍ଧ ବୋଲି କୁହେ କିନ୍ତୁ ପ୍ରକୃତି ସୃଷ୍ଟି କରିଥିବା ଜୀବନ୍ତ ମଣିଷକୁ ଅପବିତ୍ର ବା ଅଶୁଦ୍ଧ ବୋଲି କୁହେ । ସେ ବସ୍ତୁବାଡୀ ଜିନିଷ ଗ୍ରହଣ କରିବା ପୂର୍ବରୁ ହଜାରେ ଏକ ପ୍ରଶ୍ନ କରେ କିନ୍ତୁ କାଳ୍ପନିକ ଇଶ୍ୱର ସମ୍ପର୍କରେ ଗୋଟିଏ ବି ପ୍ରଶ୍ନ ନକରି ବିଶ୍ୱାସ କରେ ।

### ୪୫. ଐଶ୍ୱରୀୟ ନ୍ୟାୟ

ଯେ କୌଣସି ଜଘନ୍ୟ ଅପରାଧ, ଅତ୍ୟାଚାର, ବ୍ୟଭିଚାର ଆଦି ଦୋଷ (ପାପ) କଲେ ମଧ୍ୟ ତୁମେ କ୍ଷମା ଯାଚନା କରି, ଦାନ ଦକ୍ଷିଣା ଦେଇ ପ୍ରାୟଶ୍ଚିତ କଲେ ଇଶ୍ୱର ନିଶ୍ଚିତ ଭାବେ କ୍ଷମା କରିଦିଅନ୍ତି ବୋଲି ଧର୍ମଗୁରୁମାନେ ଆଶ୍ୱାସନା ଦିଅନ୍ତି ଏବଂ ଦାବି କରନ୍ତି ।

କିନ୍ତୁ ତୁମେ ଯଦି ଭଲ କାମ କରୁଥିବା ସତ୍ତ୍ୱେ ଇଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବ, ପ୍ରଶ୍ନ କରିବ, ସନ୍ଦେହ କରିବ, ତେବେ ତୁମକୁ କୌଣସି କ୍ଷମା ନୁହେଁ, ସିଧା ନର୍କ ଭୋଗ ଦଣ୍ଡ

ISSN NO.
2582-208X

ମିଳିବ । ଅର୍ଥାତ ତୁମେ ଯେତେ ଯାହା ପାପ କର ଚିନ୍ତା ନାହିଁ, କିନ୍ତୁ ଈଶ୍ୱରଙ୍କ ଉପରେ ବିଶ୍ବାସ ରଖିଥାଅ ।

## ୪୬. କଟ୍ଟରପନ୍ଥୀଙ୍କ ଧର୍ମ ରକ୍ଷା

ଦୁନିଆର ପ୍ରତ୍ୟେକ ଧର୍ମର କଟ୍ଟରପନ୍ଥୀମାନେ ଅନ୍ୟ ଧର୍ମର ନିରୀହ, ନିର୍ଦ୍ଦୋଷ ଲୋକମାନଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରିବାକୁ ପଛାନ୍ତି ନାହିଁ । ଏହାର କାରଣ ହେଉଛି – ନିଜର ସ୍ଥିତି ମଜବୁତ କରିବାପାଇଁ ସେହି ଧର୍ମର କେତେକ ସ୍ୱାର୍ଥପର ଆଧ୍ୟାତ୍ମିକ ଗୁରୁ ଏବଂ ରାଜନୈତିକ ନେତାମାନେ ଏହି କାମ କରାଇଥାନ୍ତି । ସେମାନେ ନିଜେ କାହାକୁ ହତ୍ୟା କରନ୍ତି ନାହିଁ, କେବଳ କଟ୍ଟରପନ୍ଥୀମାନଙ୍କୁ ଧର୍ମ ରକ୍ଷା ନାମରେ ମାନସିକ ଭାବେ ଉତ୍ତେଜିତ କରିଥାନ୍ତି । ସେମାନଙ୍କୁ "ମର" କିମ୍ବା "ମାର" କହି ମାନସିବ ଭାବେ ପ୍ରସ୍ତୁତ କରିଦିଅନ୍ତି । "ମାନବ ବମ୍" ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ ।

## ୪୭. କରୋନା ମହାମାରୀ ର ବାସ୍ତବିକତା

କରୋନା ମହାମାରୀର ଦ୍ୱିତୀୟ ଲହର କମ ହେବାପରେ ଧୀରେ ଧୀରେ ଦେଶର ଅନେକ ଧର୍ମାଳୟ ଗୁଡିକ ଦେବ ଦର୍ଶନ ପାଇଁ ବିକଳ ହେଉଥିବା ଭକ୍ତଙ୍କ ପାଇଁ ଖୋଲିବା ଆବଶ୍ୟକ ପଡିଯାଇଛି ।

କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଦେବ ଦର୍ଶନର ପାରମ୍ପରିକ ନୀତିର ବିପରୀତ, ସର୍ବଶକ୍ତିମାନ ଈଶ୍ୱରଙ୍କୁ ଅପମାନ କରୁଥିବା ନୀତି – ନିୟମ ମଣିଷ ପାଳନକରୁଛି କାହିଁକି? ନୂତନ ନିୟମ ହେଉଛି – ଚିକିତ୍ସା ବୈଜ୍ଞାନିକ ମାନଙ୍କ ନିର୍ଦ୍ଦେଶ ଅନୁଯାୟୀ, ମନ୍ଦିର ଭିତରକୁ ପ୍ରବେଶ କରିବା ପୂର୍ବରୁ ମୁହଁରେ ମାସ୍କ ପିନ୍ଧିବ, ହାତରେ ସାନିଟାଇଜର ଲଗାଇବ, ପରସ୍ପରଙ୍କ ଠାରୁ ଦୂରତା ରଖିବ, ତାପରେ ମନ୍ଦିର ଦ୍ୱାରଦେଶରେ ଭେକସିନେସନ ନେଇଥିବା ସାର୍ଟିଫିକେଟ ବି ଦେଖାଇବ । ପ୍ରଶ୍ନ ଉଠୁଛି – ସର୍ବ ଶକ୍ତିମାନ ଈଶ୍ୱର ବି କଣ ସାମାନ୍ୟ କରୋନା ଭୂତାଣୁକୁ ଭୟ କରୁଛନ୍ତି ?

କ୍ରମଶଃ.....

Mob:9482016260

ISSN NO.
2582-208X

# ମାୟା ସଂସାର



ସୁରେଶ କୁମାର ସାହୁ

ବ୍ରହ୍ମ, ଜୀବ ଆଉ ପ୍ରକୃତି ହେଉଛି
ସଂସାର ସୃଷ୍ଟିର ମୂଳ
ଏପରି ସଂସାର ଗଢ଼ିଛନ୍ତି ବ୍ରହ୍ମ
ଜୀବ ଭୋଗେ କର୍ମଫଳ ।

ସଂସାର ଟା ପରା ଛଳନରେ ଗଢା
ନିନ୍ଦା କେତେ ଅହଙ୍କାର
ମିଛ, ମୋହ, ମାୟା ଏଇ ସଂସାରେ
ବାନ୍ଧିଛି ମୋ ବସାଘର ।

ସଂସାର ଏକ ମାୟା ମରୀଚିକା
ଜାଣେ ସିନା ଏହି ମନ
କେଉଁ ଖୁସି ପାଇଁ ଏଇ ସଂସାରେ
ଧାଏଁ ସେ ରାତି ଦିନ ।

ଜନମ ବି ଏକା ମରଣ ବି ଏକା
ସଙ୍ଗରେ ଯିବେ ନି କେହି
କର୍ମ ଏକତାର ଜୀବନର ବନ୍ଧୁ
ତା ସଙ୍ଗରେ ଜୀବ ପାଇଁ ।

ISSN NO.
2582-208X

ଜାଣେ ଏ ସଂସାର କେନୁହେଁ କାହାର
 ମିଛ ଛଳନାର ଖେଳ ଘର
କେଉଁ ସ୍ୱାର୍ଥ ଲୋଭରେ ପଡ଼ିସେ
 ଏ ଦୁନିଆକୁ କରେ ପର ।

ମୃତ୍ୟୁ ସମୟରେ ରଖିଦେଇ ସବୁ
 ଚାରି କାନ୍ଧରେ ଜୀବ
ଭଲ ମନ୍ଦ ସବୁ ବିଚାର ନକରି
 କାହିଁ କରେ ଏତେ ଲୋଭ ।

ପିପଲକାନ
+୩ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ, ପାଟଣାଗଡ଼
ଜିଲ୍ଲା – ବଲାଙ୍ଗୀର

ISSN NO.
2582-208X

# କଲପୁ ଅଛି ମୋ ହୃଦୟ



କୁମର ଲାଲ ରଣା

ଲେଖିଛି କ ଭାଗ୍ୟ ତୋହର ମୋହର
ଜୀବନୀ ପ୍ରତି ଫଳନ ।
ହୃଦୟ ବିମ୍ବରେ ପ୍ରେମ ବସିଅଛି
ଲୋଭ ପାଇବକ ମନ ।
କରୁଣା ପାଇଁକ ମୋ ହୃଦେ ବସନ୍ତ
ହେଇ ମୋର ଭାଗ୍ୟ ବତୀ
ସୁଖ ସମ୍ଭୋଗରେ ଖୋଜେ ମନ ଲୋଭ
ଦେଇଯାଅ କ୍ଷଣେ ମୋତି ।
ହାଏ ମୋ ଜୀବନ ତୋ ପାଇଁ ଯାଉଛି
ରଖ ମୋ ଜୀବନ ରଖ
ଅସ୍ଥିର ସଂସାର ପାର କରି ଦିଅ
ମୋ ହୃଦେ ହୁଅ ଯେ ସାକ୍ଷ

ନୂଆପଡା, ମହୁଆ ଭଟା

ISSN NO.
2582-208X

# ସ୍ୱପ୍ନ



ଟଙ୍କଧର ସାହୁ (ବବ୍ଲୁ)

ମଧ୍ୟାହ୍ନ ୧୨ ଟା ପାଖାପାଖି, ବୈଶାଖ ମାସର ଅଗ୍ନି ବର୍ଷା ଟାଣ ଖରା ଯୋଗୁଁ ମାଟିରେ ପାଦ ପକାଇ ହେଉନ। ଅସହ୍ୟ ତାତି ସହ ଗୁଳୁଗୁଳ ଯୋଗୁଁ ରାସ୍ତାଘାଟ ଶୁନଶାନ୍। ମୁଣ୍ଡ ଉପରେ ଥିବା ବୋଝକୁ ଟିକେ ବିଶ୍ରାମ ଦେଇ ପାଣି ପିଇ ମଥାର ଝାଳକୁ ପୋଛିବା ଭିତରେ ଶୁଭି ଆସୁଥିଲା ଏକ କର୍କଶ ସ୍ୱର "ଆରେ ସେଠି ବସି ପଡିଲୁ କଣ ଯାଉନୁ କାମ କରିବୁ, ମୁଁ କଣ ତୋତେ ଏଠାକୁ ବସିବାକୁ ଆଣିଥିଲି। ପଇସା କ'ଣ ଗଛରେ ଫଳୁଛି ଯେ ବସି ବସି ଦରମା ଦେବି, ହଠାତ୍ ଏହି ଗମ୍ଭୀର ଶବ୍ଦ ଶୁଣି ଚମକ ପଡ଼ିଥିଲା ଚମ୍ପା। ତା ଆଗରେ ଠିଆ ହୋଇଥିଲେ ଠିକାଦାର ବାବୁ।

ଚମ୍ପାର ପରିବାର କହିଲେ ତା ମାଁ ଏବଂ ତାର ତିନ ବର୍ଷର ଦୁଇଟି ଭଉଣୀ। ଏକ ଛୋଟ ଗରିବ ପରିବାର, ମାଟିଘର ଛପର ସବୁ ଭାଙ୍ଗି ଯାଇ ରାତିରେ ଜହ୍ନ ଦିଶୁଛି, ଅସରାଏ ବର୍ଷା ହେଲେ ଛପରରୁ ପାଣି ଗଳିପଡୁଛି, ଘର ସଜାଡିବାକୁ ସାମର୍ଥ୍ୟ ନାହିଁ ତା ମାଁ ପାଖରେ। ଓଳଏ ଖାଇଲେ ଓଳଏ ଉପାସ। ଏତେବଡ଼ ମହରଗ ଦୁନଆରେ କଏ ବା ତାଙ୍କୁ ମାଗଣାରେ ଖାଇବାକୁ ଦେବ। ନଜେ ରୋଜଗାର ନକଲେ ଏଥି ବଞ୍ଚିବାଟା କାଠିକର ପାଠ। ଚମ୍ପାକୁ ସାତ ବର୍ଷ ବୟସ ହେଉଥିବା ସମୟରେ ତା ବାପା ସ୍ୱର୍ଗ ବାସି ହେଲେ। ସେହିଦିନ ଠାରୁ ତାଙ୍କ ମୁଣ୍ଡ ଉପରେ ଦୁଃଖର ପାହାଡ଼ ଲଦିହେଇଛି ଯେ ତାକୁ ଓତାରିବା ତାଙ୍କ ପକ୍ଷେ ସହଜ ନୁହେଁ। ଚମ୍ପା ଘରର ବଡ ଝିଅ ହୋଇଥିବାରୁ ଛୋଟ ବେଳରୁ ହିଁ ତା ଉପରେ ପରିବାରର ସବୁ ଦାୟିତ୍ୱ ଲଦି ହୋଇଯାଇଥିଲା।

ଏମିତି ଘରେ ବସି ରହିଲେ କଛି ହେବ ନାହିଁ ବୋଲି ଭାବି ତା ମାଁ ଏବେ ଘର ଘର ଯାଇ ପାଇଟି କରୁଛନ୍ତି। ଏବେ ଚମ୍ପାକୁ ମଧ ଗୋଟେ ଇଟାଭାଟିର ଠିକାଦାର କାମ ପାଇଁ

ISSN NO.
2582-208X

ନେଇଯାଇଛି। ସକାଳ ହେଲେ ମାଁ ଝିଅ ଦୁହେଁ ବାହାରି ପଡ଼ନ୍ତୁ କାମକୁ। ଠିକାଦାର ଚମ୍ପାକୁ ଦିନକର ମଜୁରୀ ଦେଉଛି ଦେଢ଼ଶହ ଟଙ୍କା ଏପଟେ ତା ମାଁ ମଧ ଘର ପାଇଟି ସାରି ଫେରିଲା ବେଳକୁ ଘର ମାଲିକ ସାଙ୍ଗରେ କଛି ଖାଇବା ଦେଇଦିଅନ୍ତୁ। ଏବେ ଟିକେ ତା ପରିବାରର ପରିସ୍ଥିତି ସ୍ୱଚ୍ଛଳ ହୋଇଛି, ଆଗପରି ଆଉ ସେତିକ ଅସୁବିଧା ହେଉନାହିଁ।

ଚମ୍ପା ମଧ୍ୟ ଦେଖୁଥିଲା ଅନେକ ସ୍ୱପ୍ନ ସେ ବି ସ୍କୁଲ ଯିବ ଅନ୍ୟ ପିଲାଙ୍କ ପରି ନୂଆଁ ପୋଷାକ ପିନ୍ଧିବ। ତା'ର ସବୁ ସ୍ୱପ୍ନ ଭାଙ୍ଗି ଯାଉଥାଏ, ମରିଯାଉଥାଏ ତାର ସବୁ ଅଭିଳାଷ। କଲମ ଖେଳଣା ଧରିବା ବୟସରେ ତା କୋମଳ ହାତ ଉଠାଉଥିଲା ଶକ୍ତ ଇଟା।କାର୍ଯ୍ୟରେ ଅବହେଳା ହେଲେ ଠିକାଦାର ଠାରୁ ପାଉଥିଲା ଅନେକ ଗଞ୍ଜଣା ସହ ମାଡ଼। ପାଂଚ ଗୋଟି ଇଟାର ବୋଝ ସହିନପାରି ଥରି ଉଠୁଥିଲା ତା ଦେହ। ଅସହ୍ୟ ଖରାରେ ତା ଦେହ ଝାଳରେ ଭିଜି ଯାଉଥିଲା । ଭୋକିଲା ପେଟକୁ ଦାନା ମୁଠେ ଦେବାପାଇଁ ସେ ସହୁଥିଲା ଅନେକ ଯନ୍ତ୍ରଣା। ଆଖି ଦୁଇଟି ତା କହୁଥିଲା ତାର ଭଙ୍ଗା ହୃଦୟର କଥା କିନ୍ତୁ କେହି ନ ଥିଲେ ତା ପାଖରେ ତାର ସେହି ହୃଦୟର କଥା ପଢିବାକୁ।ସେ ମଧ୍ୟ ପାଠ ପଢ଼ି ବଡ଼ ମଣିଷ ହେବାର ଦେଖିଥିଲା ଅନେକ ସ୍ୱପ୍ନ, ମୁକ୍ତ ଆକାଶରେ ବିସ୍ତୃ ତଡେଣା ମେଳାଇ ଉଡିବାକୁ ଚାହୁଁଥିଲା ତାର ମନ।

କିନ୍ତୁ ପରିସ୍ଥିତି ଆଜି ତା ରାସ୍ତାରେ କଣ୍ଟା ସାଜିଛି, ତାର ଭାଗ୍ୟ ବାଟବଣା ହୋଇ ପଡ଼ିରହିଛି। ତାର ଭବିଷ୍ୟତ ଅମାବାସ୍ୟାର କଳା କଟ୍ କଟ୍ ରାତିରେ ହଜିଯାଇଛି, ତାର ପରିଚୟ ଆଜି କଛି ନାହିଁ। ତା' ଭଙ୍ଗା ହୃଦୟରେ ଗୋଟେ ପରେ ଗୋଟେ ନୂତନ ପ୍ରଶ୍ନ ଉଙ୍କି ମାରୁଥିଲା ଏବଂ ସେହି ପ୍ରଶ୍ନରେ ତାର ଅବ୍ୟକ୍ତ ଯନ୍ତ୍ରଣା ଲୁହ ହୋଇ ଝରି ପଡୁଥିଲା। ସେ ଲୁହର ପ୍ରତ୍ୟେକ ବୁନ୍ଦା ଭଗବାନଙ୍କୁ ଧିକ୍କାର କରି କହୁଥିଲା ସବୁ ଦୁଃଖ ନେଇ ଶାନ୍ତିରେ ଥରେ ମୋତେ ତୁ ବଞ୍ଚିବାକୁ ଦେ। ମୁଁ ନିଜେ ହସି ଏ ମାଟି ମାଆଁକୁ ହସାଇବି ମୁଁ ଏ ମାଟି ମାଆଁର ସୁନା ଝିଅ। ଏହି ସୁନ୍ଦର ସୃଷ୍ଟିର ଫୁଲ କଢ଼ିଟେ ମୁଁ, ମୋତେ ଫୁଟିବାକୁ ଦିଅ.... ମୋତେ ଫୁଟାଇବାକୁ ଦିଅ.... ।

+୩ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ, ପାଟଣାଗଡ଼
ଜିଲ୍ଲା – ବଲାଙ୍ଗୀର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ସ୍ୱାସ୍ଥ୍ୟ ପାଇଁ ହିତକାରକ "ଯୋଗ"



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

### ବିଶ୍ୱ ଯୋଗ ଦିବସ ଅବସରରେ

ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରରେ ବିଭିନ୍ନ ଖାଇବା ପ୍ରଣାଳୀ, ଉପାଦେୟ, ଶୋଇବା ସମୟ ଓ ବଞ୍ଚିବାର ବିଭିନ୍ନ ରକମର ଜୀବନ ଶୈଳୀ (Life Style) ଦ୍ୱାରା ମନୁଷ୍ୟ ଦୈନନ୍ଦିନ ଜୀବନ ଅତିବାହିତ କରିଥାନ୍ତି, କିନ୍ତୁ ପୃଥିବୀର ସମସ୍ତ ବର୍ଗର ମନୁଷ୍ୟ ସମାଜର ଜୀବନ ଶୈଳୀ ଯାହା ଥାଉନା କାହିଁକି ସମସ୍ତଙ୍କର ଗୋଟିଏ ସର୍ବଶ୍ରେଷ୍ଠ ଲକ୍ଷ ହେଲା ବିଭିନ୍ନ ସଂକ୍ରାମକ, ଆଗନ୍ତୁକ ରୋଗ ଓ ଦୈବୀ ଦୁର୍ବିପାକରୁ ନିଜକୁ ରକ୍ଷାକରି ନିରୋଗୀ ଭାବେ ଦୀର୍ଘାୟୁ ଜୀବନ ଯାପନ କରି ସୁସ୍ଥ ରେ ଜୀବନ ବିତାଇବା। ଏହି ସ୍ୱାସ୍ଥ୍ୟ ରକ୍ଷା ପାଇଁ ଗୋଟିଏ ଶାସ୍ତ୍ର ହେଲା ଚିକିତ୍ସା ଶାସ୍ତ୍ର, ଉକ୍ତ ଶାସ୍ତ୍ରରେ ବର୍ଣ୍ଣିତ ସୁସ୍ଥ ଜୀବନ ଧାରଣ ପାଇଁ ବିଭିନ୍ନ ନିଆୟମାବଳୀ ଦ୍ୱାରା ଔଷଧୀୟ ପ୍ରୟୋଗ ଏବଂ ବିନା ଔଷଧ ପ୍ରୟୋଗରେ ଶାରୀରିକ ଓ ମାନସିକ ସ୍ତର କୁ ସନ୍ତୁଳିତ, ଏକାଗ୍ରତା ଦ୍ୱାରା ଶରୀରକୁ ସୁସ୍ଥ, ନିରୋଗ ଓ ଦୀର୍ଘାୟୁ ରଖାଯାଇପାରିବା ଭଳି ଉପାଦେୟ ବର୍ଣନା କରାଯାଇଛି, ଯାହାକୁ "ଯୋଗ" ଭାବେ ବିବେଚନା କରାଯାଇଥାଏ। ଆୟୁର୍ବେଦ ଶାସ୍ତ୍ର ରେ "ଯୋଗ"କୁ ଚିକିତ୍ସା ଶାସ୍ତ୍ର ର ଏକ ଅଙ୍ଗ ଭାବେ ଗ୍ରହଣ କରାଯାଇଛି। ସରଳ ଭାଷାରେ "ଯୋଗ" ର ଅର୍ଥ ହେଲା ଶରୀରକୁ ସନ୍ତୁଳିତ ରଖି ମନକୁ ଏକାଗ୍ରତା ରଖିବା, ମନର ଆବେଗକୁ, ମନର ଚିନ୍ତା ଓ ବିଚାର ଶକ୍ତିକୁ ସନ୍ତୁଳିତ କରି ରଖିବା କୁ "ଯୋଗ" କୁହାଯାଏ ।

ମହାକବି କାଳିଦାସ ଙ୍କ ମତରେ "ଶରୀର ମାଦ୍ୟଂ ଖଳୁ ଧର୍ମ ସଧାନଂ" ଅର୍ଥାତ ଧର୍ମ ରକ୍ଷା କରିବା ନିମନ୍ତେ ଶରୀର ପ୍ରଥମେ ସୁସ୍ଥ ରହିବା ଆବଶ୍ୟକ। ପ୍ରତ୍ୟେକ ମନୁଷ୍ୟ ଙ୍କ ଶରୀରରେ କିଛି ନା କିଛି ରୋଗ ରହିଥାଏ। ତେଣୁ ଶରୀର ବ୍ୟାଧି ମନ୍ଦିର ବୋଲି

ISSN NO.
2582-208X


କୁହାଯାଇଥାଏ। ଯୋଗାଭ୍ୟାସ ଦ୍ୱାରା ଶରୀରର ବ୍ୟାଧିକୁ ଦୂର କରିବା ଏକ ପ୍ରକ୍ରିୟା ଅଟେ। ଆୟୁର୍ବେଦ ଶାସ୍ତ୍ରରେ ପାତଞ୍ଜଳି ନାମକ ଜଣେ ଋଷି ଉକ୍ତ "ଯୋଗ" ବିଷୟରେ ବିଷଦ ଭାବେ ବର୍ଣନା କରିଛନ୍ତି । ଯାହାକି "ପାତଞ୍ଜଳି" ଯୋଗ ଶାସ୍ତ୍ର ଭାବେ ଆୟୁର୍ବେଦ ଶାସ୍ତ୍ର ରେ ଉଲେଖ ଅଛି, ଯୋଗାଭ୍ୟାସ ଦ୍ୱାରା ମନୁଷ୍ୟ ସୁସ୍ଥ, ତେଜସ୍ୱି ଓ ଦୀର୍ଘଜୀବି ହୋଇଥାଏ। ଯୋଗାଭ୍ୟାସ ନିମନ୍ତେ ସର୍ବ ପ୍ରଥମେ ଆହାର, ବିହାର, ଶୟନ, ଶର୍ଯ୍ୟାତ୍ୟାଗ ଆଦି ଦୈନନ୍ଦିନ ନିତ୍ୟକର୍ମ ସଠିକ ଭାବେ କରିବା ଉଚିତ। ଯଦ୍ୱାରା ଯୋଗ କରିବା ନିମନ୍ତେ ପ୍ରତିବନ୍ଧକ ଦୂର ହୋଇଥାଏ। ଯୋଗ ଶରୀରର ଅନେକ ଜଟିଳ ତଥା ଦୁରାରୋଗ୍ୟ ଉପଶମ ନିମନ୍ତେ ଏକ ମାଧ୍ୟମ ଅଟେ। ଯୋଗ ଦ୍ୱାରା ମାନସିକ ଓ ଶାରୀରିକ ସ୍ତରରେ ଶାନ୍ତି ତଥା ଚେତନା ଶକ୍ତିର ବିକାଶ ରେ ସହାୟକ ହୋଇଥାଏ। ଯୋଗାଭ୍ୟାସ ଦ୍ୱାରା ଶରୀରର ମାଂସ ପେଶୀ ଗୁଡିକ ସଙ୍କୋଚନ, ପ୍ରସାରଣ,ଉତ୍ତମ ରକ୍ତ ସଞ୍ଚାଳନ, ଶ୍ୱାସକ୍ରିୟା ନିୟନ୍ତ୍ରିତ ହେବାସହ ଏକାଗ୍ର ଚିତ ଓ ମନକୁ ଶାନ୍ତି ମିଳିଥାଏ।

ଭାରତୀୟ ସଂସ୍କୃତି, ପରମ୍ପରା ଅନୁଯାୟୀ ଯୋଗ ଏକ ବହୁପୁରାତନ ଶାସ୍ତ୍ର ଅଟେ। ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ର ମତରେ ଯୋଗ ଏକ ଆସନ, ଏକ ବିଜ୍ଞାନ ଏବଂ ଏକ ଚିକିତ୍ସା ର ମାର୍ଗ ଅଟେ। ଯୋଗ ଦ୍ୱାରା ଶରୀରର ଗଛିତ ରୋଗକୁ ଚିକିତ୍ସା କରାଯିବା ସହ ଶରୀର ଭିତରକୁ ରୋଗକୁ ପ୍ରତିରୋଧ କରିବାର ଏକ ମାଧ୍ୟମ ଅଟେ। "ଆବାଳ ବୃଦ୍ଧବନିତା" ଅର୍ଥାତ ବାଳକ, ବୟସ୍କ, ମହିଳା, ପୌଢ଼, ବୃଦ୍ଧ ଙ୍କ ସମେତ ଯୋଗୀ, ରୋଗୀ ଏବଂ ଭୋଗୀ ସମୂହ ଯୋଗାଭ୍ୟାସ କରିବାର ଆବଶ୍ୟକତା ରହିଛି।

ଆବାହନ କାଳରୁ ଯୋଗୀ, ମୁନି ଋଷି ମାନେ ଯୋଗାଭ୍ୟାସ କରି ସୁସ୍ଥ, ସବଳ, ନିରୋଗ ଓ କର୍ମଠ ସହ ଦୀର୍ଘାୟୁ ହୋଇପାରୁଥିଲେ। ଯୋଗାଭ୍ୟାସ ଦ୍ୱାରା ମନୁଷ୍ୟ ଔଷଧ ବିନା ନିରୋଗ, ପରିଣତ ବୟସ ପର୍ଯ୍ୟନ୍ତ କାର୍ଯ୍ୟଦକ୍ଷତା ଓ ଶ୍ରବଣ ଶକ୍ତି, ଦୃଷ୍ଟି ଶକ୍ତି, ସ୍ମରଣ ଶକ୍ତି ସଠିକ ଭାବେ କାର୍ଯ୍ୟକ୍ଷମ ହେବାସହ ଦୀର୍ଘଜୀବି ହୋଇପାରିବାର ସୁଯୋଗ ସୃଷ୍ଟି ହୋଇଥାଏ। ଯୋଗାଭ୍ୟାସ ଶାସ୍ତ୍ର ଅନୁମୋଦିତ ଏବଂ ଯେକୌଣସି ଗୁରୁଙ୍କ ଠାରୁ ଶିକ୍ଷା ଲାଭ କରିବା ଉଚିତ।

ମହିଳା ମାନେ ଯୋଗାଭ୍ୟାସ କରିବା ଦ୍ୱାରା ବହୁ ସୁଫଳ ମିଳିଥାଏ। ସେଗୁଡିକ ହେଲା ଗର୍ଭାବସ୍ଥା ସମୟର କଷ୍ଟର ଲାଘବ, ମାସିକ ରତୁସ୍ରାବ ସଠିକ ଭାବେ ହେବା, ସ୍ତନ କର୍କଟ

ISSN NO.
2582-208X

କୁ ପ୍ରତିରୋଧ କରିବା, ଯୌନ କ୍ଷମତା ସଠିକ ହେବା, ହଜମ କ୍ରିୟା ସଠିକ ହେବା, ଶରୀରର ମୋଟାପଣ କମେଇବା, ଉଚ୍ଚ ରକ୍ତ ଚାପ ଓ ମଧୁମେହ ଜନିତ ରୋଗକୁ ସନ୍ତୁଳିତ ରଖିବା ସହ ମାନସିକ ଅବସାଦ ଦୁରହୋଇ ମନରେ ଏକାଗ୍ରତା ସୃଷ୍ଟି ହୋଇ ମନକୁ ଶାନ୍ତି ମିଳିଥାଏ। ଯଦ୍ୱାରା ଶରୀର ନିରୋଗ ହେବାରେ ସହାୟକ ହୋଇଥାଏ।

ଭାରତର ବିଭିନ୍ନ ବଡ଼ବଡ଼ ଶିକ୍ଷାନୁଷ୍ଠାନ ମାନଙ୍କରେ ଯୋଗ କୁ ଏକ ପାଠ୍ୟକ୍ରମ ଭାବେ ଗ୍ରହଣ କରାଯାଇ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରୁଛନ୍ତି ଯାହାକି ଆଗାମୀ ପିଢ଼ିଙ୍କ ଭବିଷ୍ୟତ ପାଇଁ "ଯୋଗ"ର ବହୁଳ ପ୍ରଚାର, ପ୍ରସାର ହେବାସହ ଏହା ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୋଇପାରିବ।

ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ସମାଜ ସୁସ୍ଥ, ନିରୋଗ ଓ ଦୀର୍ଘାୟୁ ନିମନ୍ତେ ଯୋଗାଭ୍ୟାସ ର ନିତାନ୍ତ ଆବଶ୍ୟକତା ରହିଛି । ଯଦ୍ୱାରା ମନୁଷ୍ୟ ସର୍ବଦା ସତେଜ, କ୍ରିୟାଶୀଳ, ଚଳଚଞ୍ଚଳ, ନିରୋଗ ହେବାସହ ଦୀର୍ଘଦିନ ବଞ୍ଚି ରହିପାରିବର ମାର୍ଗ ସୃଷ୍ଟି ହୋଇପାରିବ ।

ଆମ ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ରକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଏକ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା "ଆୟୁଷ (AYUSH)" ଭାବେ ଏକ ବିଭାଗ ଗଠନ କରାଯାଇଛି। ସେହିପରି ଦେଶର ସବୁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ, ସ୍ୱତନ୍ତ୍ର "ଆୟୁଷ"ବିଭାଗ ଖୋଲାଯାଇଛି:

A– ଅର୍ଥାତ "ଆୟୁର୍ବେଦ ଚିକିତ୍ସା" "Y"- ଅର୍ଥାତ "ଯୋଗ ପାଠ୍ୟ କ୍ରମ, "U'–ଅର୍ଥାତ "ୟୁନାନୀ ଚିକିତ୍ସା, 'S"- ଅର୍ଥାତ "ସିଦ୍ଧ ଚିକିତ୍ସା, 'H" - ଅର୍ଥାତ "ହୋମିଓ୍ୟୋ ପ୍ୟାଥି" ଚିକିତ୍ସା ବିଜ୍ଞାନ ଭାବେଜାତୀୟ ସ୍ତରରେ ଗ୍ରହଣ କରାଯାଇ ଥିବା ବେଳେ "ଯୋଗ"କୁ ଏକ ଚିକିତ୍ସା ଶାସ୍ତ୍ର ର ମାନ୍ୟତା ଦିଆଯାଇଛି।

ଭାରତ ସରକାର ସର୍ବ ପ୍ରଥମେ, ଡିସେମ୍ବର ୧୧ ତାରିଖ ୨୦୧୪ ମସିହାରେ "ଯୋଗ" ଶାସ୍ତ୍ରକୁ ପ୍ରାଧାନ୍ୟ ଦେଇ "ଯୋଗ" ର ଉପଯୋଗୀତା, ଆବଶ୍ୟକତା, ଶରୀର ସୁସ୍ଥତାକୁ ପ୍ରାଧାନ୍ୟ, ଦେଇ ଏହାର ପ୍ରଚାର, ପ୍ରସାର ଓ ଲୋକ ପ୍ରିୟତା ନିମନ୍ତେ ବିଶ୍ୱ ସ୍ତରରେ "ଯୋଗ" ର ଉପଲବ୍ଧିତା ପହଞ୍ଚାଇବା ନିମନ୍ତେ ଏକ ଚିଠା ପ୍ରସ୍ତାବ ନିର୍ଦ୍ଧାରିତ କରି ଏହାକୁ ବିଶ୍ୱସ୍ତରରେ ଉପସ୍ଥାପନା କରାଯାଇଥିଲା। ତାହା ବିଶ୍ୱର ରାଷ୍ଟ୍ର ସମୂହଙ୍କ ଦ୍ୱାରା

ISSN NO.
2582-208X

ଅନୁମୋଦିତ ହୋଇ "ଜୁନ ୨୧" କୁ "ଆନ୍ତର୍ଜାତିକ ଯୋଗ ଦିବସ ଭାବେ" ପାଳନ କରାଯିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସରକାରୀ ଭାବେ ଘୋଷଣା କରାଯାଇ' ୨୧/ଜୁନ' କୁ "ବିଶ୍ୱ "ଯୋଗ" ଦିବସ"ଭାବେ ୨୦୧୫ ମସିହା ଠାରୁ ଭାରତ ସମେତ ସାରା ବିଶ୍ୱ ସ୍ତରରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସ ୨୧/ଜୁନ/୨୦୨୨ ନିମନ୍ତେ ବାର୍ତ୍ତା ଏହିକି-"YOGA FOR HUMANITY" ଅର୍ଥତ "ମାନବ ଜାତି ପାଇଁ ଯୋଗ" ର ଆବଶ୍ୟକତା ।

"ଜୁନ ୨୧" କୁ ବିଶ୍ୱ ସ୍ତରରେ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଆମ ଦେଶର ପ୍ରତି ରାଜ୍ୟ ତଥା ସବୁ ସରକାରୀ ଓ ବେସରକାରୀ ସ୍ତରରେ ଏହି ଦିବସକୁ ଯୋଗ ଦିବସ ରୂପେ ୨୦୧୫ ଠାରୁ ପାଳନ କରାଯାଇଆସୁଅଛି। ଏହି ଦିବସ କୁ ସଠିକ ଢଙ୍ଗରେ ପାଳନ ନିମନ୍ତେ ଯୁବ ପିଢ଼ି ତଥା ସବୁ ବର୍ଗର ବ୍ୟକ୍ତି ବିଶେଷ ହାତକୁ ହାତ ମିଶାଇ ପାଳନ କରିବା ଆବଶ୍ୟକତା ରହିଛି, ଯଦ୍ୱାରା ବିଶ୍ୱ "ଯୋଗ" ଦିବସ ପାଳନର ଅସଲ ଉଦେଶ୍ୟ ସାଧିତ ହୋଇ ପାରିବ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ସାହି ମୁଂଗ୍ ଡାଲ୍


ଦେବଯାନୀ ସ୍ୱାଇଁ

## ଆବଶ୍ୟକ ସାମଗ୍ରୀ

ଅଧକପ୍ ମୁଗ ଡାଲି, ୧ କପ୍ କଟା ଫୁଲ କୋବି, ୧ କପ୍ ଗ୍ରୀନ୍ ମଟର, ୧ଟି ବଡ ପିଆଜ ଓ ଟମାଟୋ, ୨ ଚାମଚ ଅଦା ରସୁଣ ବଟା, ୧୦୦ ଗ୍ରାମ୍ ପନିର୍, କିଛି କାଜୁ କିସ୍ ମିସ୍, ୧ ଚାମଚ ଜିରା, ୨ଟି ତେଜ ପତ୍ର ଓ ଛୋଟ ଖଣ୍ଡେ ଡାଲଚିନି, ଆବଶ୍ୟକ ଅନୁଯାୟୀ ତେଲ, ସ୍ୱାଦ ଅନୁସାରେ ଲୁଣ ଓ ଲଂକା ପାଉଡର୍ ।



ISSN NO.
2582-208X

ପ୍ରଣାଳୀ

ପ୍ରଥମେ ମୁଗ ଡାଲିକୁ ହାଲକା ଭାଜି ସେଥିରେ ୨କପ୍ ପାଣି, ଟିକେ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ। କଡେଇ ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେଇଗଲେ ସେଥିରେ ଜିରା, ତେଜପତ୍ର, ଡାଲଚିନି ଫୁଟାଇ ପିଆଜ ଓ ଟମାଟୋ ପକାଇ ଭାଜନ୍ତୁ। ଟମାଟୋରୁ ଭଲ ଭାବେ ପାଣି ଛାଡି ଆସିଲେ ଅଦା ରସୁଣ ବଟା, ଲଂକା ପାଉଡର୍ ଦେଇ କଷି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା କୋବି, ମଟର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଲୁଣ, ହଳଦୀ ଦେଇ ପରିବା ଗୁଡିକ ସିଝିବା ପାଇଁ କିଛି ସମୟ ଘୋଡଣି ଦେଇ ରାନ୍ଧନ୍ତୁ। ପରିବା ସିଝି ଗଲେ ସେଥିରେ କାଜୁ, କିସ୍ ମିସ୍ ଓ ପନିର୍ ପକାଇ ଟିକେ ରାନ୍ଧି ଦିଅନ୍ତୁ ଓ ଶେଷରେ ସିଝା ହେଇ ରହିଥିବା ମୁଗ ଡାଲିକୁ ମିଶେଇ ଦିଅନ୍ତୁ। ସ୍ୱାଦ ବଢାଇବା ଲାଗି ଏବେ ଏହା ଉପରେ କଂଚା ଲଂକା, ଗରମ ମସଲା ଗୁଣ୍ଡ ଓ ଗୁଆ ଘିଅ ଦେଇ ଗରମ ଗରମ ରୋଟି ସହିତ ପରଷନ୍ତୁ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# କେକ୍


ଜୟନ୍ତୀ ଦେବୀ

ସାମଗ୍ରୀ:

ମଇଦା - ୮ ଚାମଚ

ଚିନି -ଆବଶ୍ୟକ ପରିମାଣରେ

ବେକିଂ ପାଉଡର - ଅଳ୍ପ

ଭ୍ୟାନିଲା ଏସେନ୍ସ - ଅଳ୍ପ,

ଚା ମସଲା ଗୁଣ୍ଡ - ଅଳ୍ପ

ଲୁଣ - ସାମାନ୍ୟ, ଅଣ୍ଡା - ୧ ଟି

ମାଇକ୍ରୋୱେଭ ରେ ରହିବା ଭଳି ଛୋଟ ଛୋଟ କପ୍

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ମଇଦା, ଚିନି, ବେକିଙ୍ଗ ପାଉଡର୍, ଲୁଣକୁ ଭଲଭାବେ ମିଶାଇ ଦିଅନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ଅଣ୍ଡା ଏବଂ ଭ୍ୟାନିଲା ଏସେନ୍ସ, ଚା ମସଲା ଗୁଣ୍ଡ ମିଶାନ୍ତୁ । ଏହାପରେ ଦୁଇଟି ମିଶ୍ରଣ ଏକାଠି କରି ଭଲ ଭାବେ ମିଶାନ୍ତୁ ଏବଂ ଛୋଟ ଛୋଟ କପ୍ ରେ ଏହି ମିଶ୍ରଣକୁ ପକାଇ ମାଇକ୍ରୋୱେଭ ରେ ୪ ମିନିଟ୍ ରଖିଦିଅନ୍ତୁ । ୪ ମିନିଟ୍ ପରେ ଏହାକୁ ବାହାରକୁ କାଢି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ନୂତନ ଶୈଳୀରେ ସ୍ୱାଦିଷ୍ଟ କେକ୍ ।

ମଦ୍ଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଚଣା ସୁନ୍ଦଲ



ଅଧ୍ୟାପିକା ରୋଜାଲିନ୍ ବାରିକ୍

**ସାମଗ୍ରୀ:**

କାବୁଲି ଚଣା – ୧ କପ୍

କୋରା ହୋଇଥିବା ନଡିଆ – ୧/୪କପ୍

ଛୁଙ୍କ ପାଇଁ: ସୋରିଷ-୧ ଗ୍ରାମଚ, ବିରିଡାଲି ୧ ୧/୨ ଗ୍ରାମଚ

ଶୁଖିଲା ଲଙ୍କା – ୨ ଟା, ଅଳ୍ପ ହେଙ୍ଗୁ, ତେଲ – ୨ ଗ୍ରାମଚ

**ପ୍ରଣାଳୀ:**

କାବୁଲି ବୁଟକୁ ରାତିରେ ଭିଜାଇ ରଖିଦିଅନ୍ତୁ । ସକାଳୁ ତାକୁ ପାଣିରୁ ଛାଣି ପ୍ରେସର କୁକରରେ ଅଳ୍ପ ଲୁଣ, ହଳଦୀ ଦେଇ ସିଝାଇ ଦିଅନ୍ତୁ । ସିଝିଗଲା ପରେ ଏହାକୁ ପ୍ରେସର କୁକରରୁ କାଢି ଦିଅନ୍ତୁ । ଏହାପରେ କଡାଇରେ ତେଲ ପକାନ୍ତୁ, ତେଲ ପକାଇବା ପରେ ଅଳ୍ପ ସୋରିଷ ଫୁଟାନ୍ତୁ । ପୁଣି ସେଥିରେ ବିରିଡାଲି, ଶୁଖିଲା ଲଙ୍କା, ହେଙ୍ଗୁ ଏବଂ ଭୃସଙ୍ଗ ପତ୍ର ପକାଇ ଛୁଙ୍କ କରନ୍ତୁ । ଯେତେବେଳେ ବିରିଡାଲି ଗୋଲ୍ଡେନ୍ କଲର ହୋଇଯିବ, ସେତେବେଳେ ସିଝା ହୋଇଥିବା କାବୁଲି ଚଣା, ଅଳ୍ପ ଲୁଣ ଏବଂ କୋରା ହୋଇଥିବା ନଡିଆ ପକାଇ ଘାଣ୍ଟନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ଚଣା ସୁନ୍ଦଲ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X



# ପଞ୍ଜାବି କଢ଼ି



ଅଳକା ବାରିକ୍

**ସାମଗ୍ରୀ:**

ଦହି ୨ କପ୍, ବେସନ - ୪ ଟେବଲ ଚାମଚ
ଜିରା - ୨ ଚାମଚ, ସୋରିଷ - ୨ ଚାମଚ,
ହଳଦୀ - ଅଧ ଚାମଚ, ହେଙ୍ଗୁ - ଚିମୁଟାଏ,
ଅସୁରୀ ମେଥି -ଅଳ୍ପ, ଲଙ୍କା ପାଉଡର - ଅଧ ଚାମଚ
ଚାଟ ମଅଲା - ୨ ଚାମଚ, ରସୁଣ - ୧ଟି, ଅଦା - ୨ ଇଞ୍ଚ
ପିଆଜ - ୧ ଟି, ଧନିଆ ପତ୍ର ଅଳ୍ପ,
ରିଫାନ୍ ତେଲ - ୨ ଟେବଲ ଚାମଚ, ଲୁଣ-ସ୍ୱାଦ ଅନୁସାରେ

**ପ୍ରସ୍ତୁତି:**

ଏକ ପାତ୍ରରେ ଦହି ଏବଂ ବେସନ ଏକାଠି କରି ଭଲଭାବେ ଫେଣ୍ଟାନ୍ତୁ ଯେମିତି ସବୁ ମିଶିଯିବ । ଏହାପରେ କଡେଇରେ ତେଲ ଗରମ କରି କଟା ପିଆଜ, ରସୁଣ ଓ ଅଦା ପକାଇ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ସେଥିରେ ବାକିସବୁ ମସଲା ପକାଇ ଏକ ମିନିଟ୍ ଭାଜନ୍ତୁ । ଏହା ପରେ ସେଥିରେ ଦହି ଓ ବେସନର ମିଶ୍ରଣ ଢାଳି ହାଲୁକା ଆଞ୍ଚରେ ଅଧଘଣ୍ଟା ପର୍ଯ୍ୟନ୍ତ ଫୁଟାନ୍ତୁ । ବହଳିଆ ହୋଇ ଆସିଲେ ଉପରେ କଟା ଧନିଆପତ୍ର ପକାଇ ପରିବେଷଣ କରନ୍ତୁ । ଏହାକୁ ଭାତ କିମ୍ବା ରୁଟି ସହିତ ଖାଇପାରିବେ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଚଇତି ମିଲନ୍



ସତ୍ୟନାରାୟଣ ମିଶ୍ର

ଖମନ୍ ଭିତିରେ ଝୁପୁରୀ ଝାପରି ହେଇ ଏଡ଼େ ଟିକେ ଗାଁ ଟେ  ସୁଲେନ୍ । ପୁସପୁନ ସଏଲା ଉତରୁ ତାମିଲନାଡୁ ର୍ ଦଲାଲ ଆସିଛେ । ବଏନା ଦଉଛେ ଧଙ୍ଗର୍ ମାନକେ ଗେଛା ଗେଛା ନମରି । କହୁଛେ "ଦାଦନ ଖଟି ଯିବରେ ବାବୁ ମାନେ ! ଗାଡି ଲାଗବା । ଯିବ ଦେଖ, ତମକେ ଖାନା ପିନା ମାଲ ପାନୀ ସବୁ ମିଲିବା । ଧର, ଛୀନ ରୂପିଆ ଡାବୁ"।

ତାର୍ ମନ୍ତର ଯନ୍ତର୍ ପେଚ କୁଟ କଥା ଥି ଭୁଲି କରି ସଭେ ଧଙ୍ଗର ମାନେ ବାହାରିଗଲେ ତାମିଲନାଡୁ କେ। ସେମାନେ ଜବାବ କରି ଜେଇଛନ୍ ଯେ ଚଇତ୍ ପରବ ବେଲେ ଅବେସ୍ ଆସବେ, ନାଇଁ ଆସିକରି କଏ ହେଲେ ହେନେ ରହି ପାରବେ କେଁ! ଇନ ର୍ ଡଙ୍ଗର ଖମନ ଗଛ ପତର ନଏଦ୍ ନଲିଆ ସବୁ ନେଜୁରିଛେ ସେ ଆଦିବାସୀ ପିଲେ ଙ୍କ ର୍ ଜୀବନ୍ । ଇଁନ ପରୁହା  ପରବ ଚଏତର୍ କେ ତ ଢଙ୍ଗର୍ ଧାଙ୍ଗିରିମନେ ଜୁଗି କରି ଦିନ ଗନୁ ଥିସନ୍ । ସେମାନଙ୍କର୍ ମନ ଦିଆ ନଆ ପରବ ଇଟା ଯେ । ମହୁଲି ସଲପ୍ ପିଇ କରି ଧଙ୍ଗର୍ ମାନ କର୍ କୁରେଫୁଲ୍ ସଂଗେ ଯଉବନ ର୍ କହଁର ଥି ଆରୁ ଆରୁ ମତୁଆଲ୍ ହେଇ ଯେସନ୍ ଧଙ୍ଗର୍ ଯେତେ । ଢୋଲ ମାଦଲ୍ ପିକାଲି ଘୁଡକା ର୍ ବଜନା ସୁରେ ଧାଙ୍ଗିରି କ ର୍ ହାତ ଧରି କରି ନାଚବା ର୍ ମଜା ଭିଲ୍ ଗୁଟେ ଅଲଗା ।ହେମାନେ ଇଟା ଚଇତ୍ ପରବ କେ ଫିରି ଅସମୁ ବୋଲି ଧଙ୍ଗିରି ମନକୁ ବୁଝେଇ ମନେଇ ଦାଦନଖଟି ଜେଇଛନ୍ ।  ଫଗୁନୁ ବି ଇମାନକର୍ ଭିତିରେ ଝନେ । ତାର୍ ଛଏଲି  ଝୁମୁରି ଆଘେ କରିଆ ପାରି କରି କହି ଜେଇଛେ ପରବ ବେଲେ ଆସିମି ବୋଲି ।

ISSN NO.
2582-208X

ଆରୁ ଦୁଇ ମାସ ଗଲେ ତ ପରବ । ଆସଲା ବେଲେ ତୋର ଲାଗି ବାଲ ଚେପେନା, ଅଲତା, ଚୁରି, ନଖ ପାଲିସ, ରିବନ୍ ଆରୁ କେତେ କାଣ ଆଣି ଦେମି ବୋଲି କହିଛେ ।

ମାଟି ର୍ କାଁ ଥି ନେ ଖପରି ଗୁଟେ ଥି ଗାର କାଟି କାଟି ଦିନ ଗନୁଛେ ଝୁମୁରି । ହିସାବ କରୁଛେ ଆରୁ କେତେ ଦିନ ରହେଲା ଚେତର୍ । କେଭେଁ ଆସବା ତାର ମନର ରଜା ସପନ ର୍ ବେପାରୀ, ଜୀବର ଜୀବନ୍ ଫଗୁନୁ ?? ଏକେଲା ଏକେଲା ଲାଗୁଛେ ତାକେ । ହେତଉଛେ ଗଲା ଦିନର ବିଷେ ମାନେ।

ଝୁମୁରି ଛ ବଛରର୍ ଥିଲା ବେଲେ ଦେବତା ଖାଇ ଦେଲା ତାର ମା କେ । ନିଷ୍ଠୁର ବୁଆ ଯେ ଅପଟ ପଟ୍ ଘୁଡା ମଦୁଆ ।କମାନ ଧମାନ ଯାହା କରେ ସବୁ କେ ଦାରୁ ପି ପି ସାରେ । ବଡା କଲବଲ ହେଇ ବଢିଛେ ଝୁମୁରି ।ଜୁଆନ ବେଲେ ଝାରୁ  କେନ୍ଦୁ, ମହୁଲ ଗୁର୍, ତେତେଲ, ହରଡା, ଅଁଲା  ବେଟି ଝାରି କରି ଘରକେ ଆନୁଥେ । ପାସ ର୍ ଗାଁ ହାଟେ ବିକ ବିକ ଦୁଇ ଗୁର ପଏସା ଆନେ, ସେଟା କେ ଛଞ୍ଚି ରଖିଛେ ଏବ୍ ଯା ।

ଦିନ ଟେ ମହୁଲ ଗଛର ତଲେ ସାପ ଗୁବି ଦେଲା ଯେ ଗରଲ୍ ଉକୁଳେଇ ମରି ଥିଲା ନା। ଫଗୁନୁ କେନୁ ଜାନ କରି ରପତି ଆସଲା ଆରୁ ବିଷ ଘିଚ କରି ନୁଆଁ ଜୀବନ ଟେ ଦେଲା ତାକେ । ଏଁ ଖ୍  ଖୁଲି କରି ଝୁମୁରି ପର୍ଥମ ଥର ଲାଗି ଦେଖିଥିଲା ସେଦିନ ସେ ଫଗୁନୁ କେ। ଛ ଫୁଟ ଉଁଚ୍ କଚା ଧଙ୍ଗର୍ । ମୁଣ୍ଡର ଇନ୍ତୁ ରୁଖା ରୁଖା ଗୋଡ଼ ହାତ । କୁଲା ଏଢ଼େ ଓସାର ପିସାର୍ ବାଲ୍ ସରସର ଛାତି । ଗାଲେ କଁଟା କଁଟା ଦାଢ଼ି ଅଙ୍କିରିଛେ । ଗୁହାନ ଥି ତାର୍ ମହନ ପୁରିଛେ। ଦେଖି ଦେଲା କେ ସେଦିନୁ ଏକା ଭଲ ପାଇଛେ । ଫଗୁନୁ ବି ଛ ନେନ ଦେଖଲେ ଝୁମୁରି ଝୁମରି ବଲି ବଅର୍ ହେଇ ଯାଏସି । ଝୁମୁରି ହଜେଇ ଦେଇଛେ ତାର ଆଖିର ଝୁମୁର୍ । ଫଗୁନୁ କଥା ଦେଇଛେ ଝୁମୁରି କେ । ବିହା ହେବା  । ଇ ବଛର ତାର ବୁଆ ମଦ ପିଆ ଟଙ୍କା ଦେବା ଆରୁ  ବହ କରି ଘର୍କେ ନେବା  ।  ଝୁମୁରି ଭାବୁଛେ "ବିହା ସିନେ ନାଇଁ ହେବାର ତା ଏଲ୍ । ହେଲେ, ଆମର ମନର୍ ମିଲନ୍ ଆତ୍ମା ର୍ ମିଳନ୍ ତ ହେଇ ସାରିଛେ । ନାମ୍ କେଖାଲି ଜାତି ଭାଇ କେ ଶିକାର ଭାତ ଖୁଆବା ର୍ ବାକ । ଏତେ ସବୁ ଭାବନା ଥି ହଜିକରି ସୋର୍ କରୁ ଥେ ଫଗୁନୁ କେ । ପରବ ପାସ ହେଲା ବେଳେ ଗହ ଗହ ଲାଗୁଛେ ମନ୍ । ହମେସା ଆଖି ଆଗେ ଝୁଲି ହଲି ଯାଉଛେ ମନ ର୍

ISSN NO.
2582-208X

ରଜା ର୍ ମୁହୁ । ଭବନା ରଏଜେ ହଜିଛେ କାଁଏନ, ହେଲେ କାଁ କରବ । ମୁନୁସ ଟେ ଭବସି ପାଖେ ତ ଦଇବ ଘିଚସି ପାଖେ । ଦି ପହର କେ ଗାଁ ଚୌକିଦାର ରଡି ରଡି ଡାକଲା, ତାର ଡାକେ ଚେରେ ମାନେ ଫର୍ କରି ଉଡ଼ିଗଲେ । ପବନ ଅଟକି ଗଲା । କାନ୍ଦି କରି ଚୌକିଦାର କହେଲା "ସୁନ ହୋ ଗାଁ ବାଲେ ! ଆମର ଗାଁ ର୍ ଟେକାରୁ, ମିଲୁ, ମିଛୁ, ଫଗୁନୁ ଇମାନେ ଆରୁ କିହେ ନାଇଁ ଫିରନ୍ ନ, ସୌକାର ର୍ ପଥର ଟ୍ରକ୍ ପଲଟି ମାରିଦେଲା କେଇ ଚାରେ ଯାକ ପଥର ତଲେ ଚାପି ହେଇ କରି ମରିଗଲେ । ସୁନି କରି ପଥର ପାଲଟି ଗଲା ଝୁମୁରି, ଭବଲା, ସେ ତ ଗଲା ମୁଇ ଆରୁ କାହିଁ ବଚମି !!

ଇ ଚଇଟ୍ ପରବ ଥି ଇନେ ସିନା ମିଲନ୍ ନାଇଁ ହୁଏ ପଗୁଣୁ ସଂଗେ, ମୁଇ ତାର ପାସକେ ଗଲେ ତ ମିଲ ହେବା ହିଁ ହେବା । ଏତେ ଭବି କରି ତାର ପାସେ ରଖିଥିବା ମହୁଲ୍ ଉସ ଜଡି ବୁଟି କେ ବାଟଲା କ ପିଇ ଦେଲା ଢକ ଢକ ।

ବଲାଙ୍ଗୀର

ISSN NO.
2582-208X

# ମୋର୍ ମାତୃଭାଷା



ଶ୍ୟାମସୁନ୍ଦର କୁମ୍ଭାର

ମାଆର୍ ମୁହୁନୁ ଝରି ଆଏଲା
ମୋର୍ ମୁହୁନେ ଫୁଟି ଉଠଲା
କହି ଶିଖୁ କଥା
ଭାଷାର୍ ଭିତରେ ଅସଲି ହୀରା
ଚହଲ୍ ପଡ଼େ ଦୁନଆଁ ସାରା
ମୋର୍ କୋଶଲି ଭାଷା ।୧।
ଭାବରସ୍ ଆର୍ ପ୍ରେମରସ୍
ଚଉପଦୀ ସାଙ୍ଗେ ଭକ୍ତିରସ୍
ମୋର୍ ଭାଷା ରସ୍ ମଏ
ଡାଲଖାଇ, ରସର୍କେଳି
ଚୁଟ୍କୁଚୁଟା, ହୁମୋବୋଉଳି
ମନ୍ କେ ମୁହି ନଏ ।୨।
ମିତ୍ରଭାନୁ ଲେଖେଲେ ଭାଳି
ରଙ୍ଗବତୀ ଗୀତର୍ ବୁଲି
ଜିତେନ୍ଦର୍ ଆର୍ କୃଷ୍ଣା
ରସେଇ ବସେଇ ଯେନ୍ତା ଗାଏଲେ
ଦୁନଆଁ ନାଚେ ଗୀତର୍ ତାଳେ
ଜଗତେ୍ ରଖେଲେ ନାଁ।୩।
ରଙ୍ଗବତୀ ଗୀତର୍ ଭାଉ
ଜଳ ଉଠଲା ଦାଉ ଦାଉ

ISSN NO.
2582-208X

ପାଏଲା କେତେ ମାଏନ୍
ଡକ୍ଟର ଡିଗ୍ରୀ ପଦ୍ମଶ୍ରୀ ସମ୍ମାନ୍
ଜିତେନ୍ଦ୍ରିୟଙ୍କୁ କଲା ମହାନ୍
ମୋର୍ (କୋଶଲି)ମାତୃଭାଷା ଧଏନ୍ ।୪।
ଗୁର୍ବାରି ନାନୀ ଡାଲଖାଇ ଗାଇ
ଇନ୍ଦିରା ଗାନ୍ଧିକେ ଦେଲା ନଚେଇ
କୀର୍ତ୍ତି ଯାଇଛେ ରହି
ମୋର୍ ଭାଷାର୍ ଛନ୍ଦ ଉପମା
ବ୍ୟାକରଣର୍ ନେଇଁ ତୁଳନା
ନୁର୍ଲେ ପାଏବ କାହିଁ ।୫।
କାବ୍ୟ, କବିତା, ଗୀତ୍, କଥାନ
ଲୋକ୍ ଗୀତ କେତେ ଢଗ୍, ଢମାଳ
ହଳଧର୍ ଦେଲେ ଲେଖି
ପଦ୍ମଶ୍ରୀ ପାଏଲେ ସମ୍ମାନ୍
କୋଶଲି ଭଷାର୍ ବଢାଲେ ମାଏନ୍
ଇତିହାସ୍ ଦେଲେ ରଚ ।୬।
ମୋର୍ ମାତୃଭଷାର୍ କେତ୍ନି ଲେଖା
ଅନୁବାଦ୍ ହେଇ ଦେଉଛେ ବାର୍ତ୍ତା
ନୁହେଁସେ ଉପଭଷା
ଆସ ସଭେ ହାତ୍ ମିଲାମା
କୋଶଲି ଭଷା କେ ଆଗେଇ ନେମା
ସମ୍ବିଧାନେ ହେବା ଲେଖା ।୭।

ନି-ସନ୍ଧିବାହାଲ,ପୋ-ଅ- ଜମୁଟବାହାଲ,ଗାଇସିଲେଟ, ବରଗଡ଼,
ମୋ-ନଂ-୯୯୩୮୯୦୨୫୩୬

ISSN NO.
2582-208X

# ମୋର୍ ଗାଁ ର୍ ନାଁ ଟେମ୍ରା



ଚନ୍ଦ୍ରହାସ୍ୟ ସତ୍ନାମୀ

ଡୋଂଗର୍ ତଲେ ବସା ଆମର୍
ଗାଁ ର୍ ନାଁ ଆମର୍ ଟେମ୍ରା
ଜିଲ୍ଲା ହେଉଛେ କଲ୍ହାଣ୍ଡି
ବ୍ଲକ୍ ହେଲା କୋକ୍ସରା ।୧

ଗାଁ ର୍ କଥାକେ ଗାଁ ର୍ ପରିବେଶ୍ କେ
କହେବି ଗୋଟେ ଗୋଟେ କରି
କେନ୍ ପାଖେ କେଁଟା ଅଛେ
ଲେଖିବି ବୁଝେଇ କରି ।୨

ପୁରୁବ୍ ଦିଗେ ଦେଉଲ୍ ଅଛେ
ମାଁ ଠାକୁରାଣୀ ର୍ ଗୁଡ଼ି
ପୂଜା ପାଏସି ଚଇତ୍ ମାସେ ନାମେ ପଂଚମି ତିଥି
ଗାଁ ର୍ ଇଷ୍ଟଦେବୀ ହେଇକରି ।୩

ଗାଁ ର୍ ମଝିରେ ସ୍ଥାପିତ୍ ଅଛେ
ମାଁ ଲଙ୍କେଶ୍ୱରୀ

ISSN NO.
2582-208X


ବିଜୟ ଦଶ୍‌ମୀ' ରେ ହେସି ପୁଜା ତାର୍
କର୍‌ସନ୍ ପୁଜା ପୁଝାରୀ ।୪

ଇଶାନ୍ କୋଣେ ଅଛେ ମାଉଲି
ମାଁ ବସ୍ତର୍‌ଣୀ ବୋଲି
ତାର୍ ସଂଗେ ପାଖେ ଅଛେ ବୁଢ଼ାରଜା
ପୁଜା ଖାଏସି ମାଁ ର୍ ମନ୍‌କେ ଜାଣି ।୫

ଉତର୍ ଦିଗେ ମାଁ ମହାକାଲି ନାମେ
ବୁଝ୍‌ସନ୍ ଭକ୍ତର୍ ଗୁହାରୀ
ମାଁ ର୍ ପାଖେ ଯିଏବି ଯାଏସନ୍
ନାଇଁ ଆସନ୍ ଖାଲି ହାତେ ଫେରି ।୬

ଗାଁ ର୍ ମଝିରେ ଡେଂଗର୍ ଅଛେ
ନାଁ ଟା ହେଲା୍ ସୀତା ଡେଂଗ୍‌ରୀ
ଡେଂଗର୍ ଉପ୍‌ରେ ଅଛେ ମାଁ ଭଂଡାର୍ ଘରେ୍‌ଣୀ
ମାଁ ମୋର୍ ସର୍ବେସରୀ ।୭

ଗାଁ ଭିତ୍‌ରେ ଆଉ ଗୋଟେ ମଂଦିର୍
କଳଂଗର୍ କଲା୍ ଠାକୁର୍
ତୋର୍ କରୁଣା ସବୁବେଲେ ଥାଉ
ହେ ଜଗନ୍ନାଥ୍ ପର୍‌ଭୁ ମୋର୍ ।୮

ଦକ୍ଷ୍ଣ୍ ଦିଗେ ଶୋଭା ପାଉଛେ
ଗୁରୁଂକର୍ ବୈଠକ୍ ସ୍ଥାନ୍

ISSN NO.
2582-208X

ସତ୍ ନାମ୍ ଧର୍ମର୍ ଅଟେ ପ୍ରତିଷ୍ଠାତା
ଗୁରୁ ଘାସିଦାସ୍ ତାକର୍ ନାମ୍ ।୯

୧୮ ଡିସେମ୍ବର୍ ଜନମ୍ ଗୁରୁଂକର୍
ଗିରୋଦ୍ ହେଲା ବାସସ୍ଥାନ୍
ବର୍ ପାଏଲେ ଛାତା ପାହାଡ଼େ
ନାଁ ଧରି ସତ୍ ନାମ୍ ।୧୦

ବିଷ୍ଣୁ ବର୍ଦାନେ ବର୍ ପାଇ
କରିଥିଲେ ଚମତ୍କାର୍
ତେଲିଛୁଆ, ବାଛୁରୀ ଆଉ ସଫୁର୍ ମାଁ କେ
ଜୀବନ୍ ଦେଲେ ପୁନର୍ବାର୍ ।୧୧

ସତ୍ନାମ୍ ଧର୍ମର୍ ସତ୍ ନାମ୍ ପିତା
ବାବା ଗୁରୁ ଘାସିଦାସ୍
ତାର୍ ପାଦେ ମୋର୍ ମଥା ରହିଥାଉ
କହେ ଦୀନ ଚଂଦ୍ରହାସ୍ ।୧୨

ଟେମ୍ରୁ, କୋକ୍ସର୍ (କଲାହାଣ୍ଡି)
ମୋ-82498 42648

ISSN NO.
2582-208X

# ଆଏତା କାଏଁ ଫିରି



ବାଙ୍କାବିହାରୀ ମହାକୁର

ଫୁର୍'ସତ୍ ବେଲେ ସୋର୍ ପଡ୍'ଲେ
ଛୁଆବେଲର୍ ସମିଆର୍ କଥା
ଝଲ୍'ଝଲ୍ ହେଇ ଯାଏସି ଝଲ୍'ସି
ଠହ୍'ରି ନାଇପାରେ ଆଖିଁପତା ।

ମନର୍ ଭବ୍'ନା କର୍'ସି ତନାଭିନା
ପାସ୍'ରି ହେଇଯାଏସି ଶୁଶ୍'ଭୁକ୍
ଜନା ନ ପଡେ ଭଗ୍'ସି ସମିଆ
ଦିହେ ଉଠ୍'ସି ଘଡ୍'କେ ଛନ୍'କେ ପୁଲକ୍ ।

ମନ୍ ନୁର୍'ସି ଛୁଆବେଲ୍'ଟା
ଆଏତା ଆର୍ ଥରେ କାଏଁ ଫିରି
ପାସ୍'ରି ପକାଁତି ସବ୍ ଦୁଖ୍'କେ
ସାଁଗ୍'ସର୍'ସାମେଲେ ବୁଲଁତି ହେଇ ଘିରି ଘିରି ।

ଗାଁ ତର୍‌ର୍ ଫଲ୍ ବାରିନୁ
ଆମ୍ ଜାମ୍ ଝାରଁତି ଢେକାଲ୍ ପଥର୍ ମାରି
ସାଗଁମେଲେ ତାକେ ଖାଏଁତି
ନୁନ୍'ମିର୍'ଗ୍ଚ ଲଗାଇକରି ।

ISSN NO.
2582-208X

ଗାଁ ଡାଁଡର୍ ଧୁଏଲ୍ ଦିହେ
ବନାଇ ପକାଁତି କେତ୍'ନ ଘର୍
ରକମ୍ ରକମ୍ ଖେଲେ ମାତିକରି
ଗୁଟା ଦିହ୍ ହେଉଥିତା ଧୁଏଲ୍ ସର୍'ସର୍ ।

ମନ୍ ନୁରୁଥିତା ଭାବ୍ ଦିଆନଆ
ସାଗ୍'ରିଷ୍'ମି ଘଡ୍'କେ ଭାଗି ଯାଏତା
ଦୁସ୍'ସା ଆଖିଁର୍ ଲୁହ୍ ନାକର୍ ସିଁଗେନ୍
ଦିହେ ଲେସିହେଇ ନଜର୍ ବାଗିର୍ ଲାଗ୍'ତା ।

ତିହାର୍ ବାହାର୍ ଜାନଯାତ୍'ସାନେ
କେତ୍'ନ ଗହ୍'ଗହ୍ ଲାଗୁଥିତା
ଅଜାଆଇଠାନୁ କଥାନ ସୁନ୍'ବାକେ
ମନ୍'ଟା ଲାଡେଗେଲେ ଆତୁର ହେଉଥିତା ।

ବୁଆମାଁଆର୍ କଥାକେ ମାନକରି
ପାଠ୍'ପଢଁତି ବହିବସ୍'ତାନକେ ଧରି
ଅଧାନେ ଅଟ୍'କ ଥିବା ସପନ୍'ଟାକେ
ଝଟ୍'କେ ଫିରି ଆଏଁତି ଭର୍'ନା କରି ।

ମନ୍ ଜାନ୍'ସି ମନର୍ କଥା
ଦିହ୍ ଜାନ୍'ସି ଉର୍'ଘା ବଥା
ସଁସାର୍ ରୁଡର୍ ଚଲା ବାଟ୍'ନେ
କେନ୍'ତା ହେଉଛେ ଘିଗ୍ଗୁରଁପା ।

ISSN NO.
2582-208X

ହଜ୍'ଲା ଦର୍'ବ୍ ମିଲ୍'ସି ନୁରି
ଭୁଗ୍'ଲା ସମିଆ ନ ଆସେ ଫିରି
ସବ୍ କଥାକେ ଜାନକରି ଭି
ହୁରୁଦ୍'ନେ ସାଏତା ଗଲା କଥାକେ
ମନ୍ ନୁରି ନୁରି କହିପକାସି
ଆଏତା କାଏଁ ଫିରି.....
ଆଏତା କାଏଁ ଫିରି ।

ବୁରୁବୁଡ଼ା,ବୀରମହାରାଜପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଶିକ୍ଷା ଆର୍ ସାହିତ୍ୟ



ସୁନୀଲ କୁମାର ଅଗସ୍ତି

ଆଏ ଦରପନ୍ "ସାହିତ୍ୟ''
ଅସଲ୍ ମୁନୁଷ୍ ପନର୍,
ଇତାର୍ ସଙ୍ଗେ 'ଶିକ୍ଷା' ଅସଲ୍
ସାହିତ୍ୟ କା' ଯେ ଯବର୍,,
ଅନ୍ଧାର୍ ନୁ ଉକଆ କେ
ଶିକ୍ଷା ବାଟ୍ କଢଉ,
ସାହିତ୍ୟ ଆଏ ସମାଜର୍
ନୁକୋ ବାଟ୍ ବନଉ,,
ଆଏ ଜୀବନର୍ ସତ୍
ଦୁସର୍ ନା' ସାହିତ୍ୟ,
ଇତାର୍ ବଲେ ସମାଜ୍
ହେସି ତ' ବରକସ୍,,

ଶିକ୍ଷା ଆର୍ ସାହିତ୍ୟ
ସାଙ୍ଗର୍ ଆ'ନ୍ ଜୁଲି,
ଇ' ଜୁଲିର୍ ମହକେନେ
ସଂସାର୍ ଯାଉଥିସି ମହକ,,
ଅବଗା ମହୁ "ଅମୃତ୍" ସତେ
"ଶିକ୍ଷା ସାହିତ୍ୟ"ର୍ ରସେ,
ଆ'ସ ସଭେଁ ବୁଡମା,
ଅମୃତ୍ ରସେ ଉଧଲି ଉଧଲି
"ଉଁଆଁଲୁ ମୁନୁଷ"ର୍ ଜୀବନେ
ଜୁଏ ଧରେଇ ଦେମା
ଜୁଏ ଧରେଇ ଦେମା,,

ଟିଟିଲାଗଡ଼,ବଲାଙ୍ଗୀର
ମୋ/୯୪୩୭୨୧୦୮୮୭

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପଦ୍ମପୋଖରୀର ସଂରକ୍ଷଣ



ଡ଼ଃ ରଞ୍ଜିତ କୁମାର ସାହୁ

ତନ୍ମୟ ପୋଖରୀ କୂଳରେ ବସି ଚାହିଁଥାଏ ସ୍ଥିର ଜଳ ଆଡ଼କୁ । ବହୁତ ଦିନ ପରେ ସେ ପୋଖରୀ ଆଡ଼କୁ ଯିବାର ସୁଯୋଗ ପାଇଥିଲା । ନିଜର ସାଇକେଲଟିକୁ ଗୋଟିଏ ଗଛ ତଳେ ଥୋଇ ଦେଇ ପୋଖରୀର ପାହାଚ ଉପରେ ବସି ଚାହିଁବାକୁ ଲାଗିଲା । ପୋଖରୀରେ ଏ ବର୍ଷ ବହୁତ ପଦ୍ମ ଫୁଲ ଫୁଟିଛି । ବିଗତ ଦୁଇ ବର୍ଷ ହେଲା ପୋଖରୀକୁ ବିଶେଷ କରି ଲୋକ ମାନେ ଆସୁ ନଥିବାରୁ ପୋଖରୀର ଫୁଲ ଭରି ରହିଥିଲା । ନଚେତ ଅନେକ ସମୟରେ ଗାଆଁର ଟୋକା ମାନେ ସବୁ ଫୁଲ ତୋଳି ନେଇ ଯାଇ ଥାଆନ୍ତି । ଅନେକ ଦିନପରେ ତାହାର ବାଲ୍ୟ ବନ୍ଧୁ ଗାଆଁକୁ ଆସିଥିଲା ଏବଂ ଦୁହେଁ ସ୍ଥିର କରିଥିଲେ ସେମାନେ ସେହି ପୋଖରୀ ପାଖରେ ଭେଟ ହେଇ କଥା ବାର୍ତ୍ତା ହେବେ ଏବଂ ପିଲା ଦିନର କଥା ସବୁ ମନେ ପକେଇବେ । ତନ୍ମୟର ସାଙ୍ଗ ସୁଶାନ୍ତ ଏବେ ସହରରେ ପଢୁଛି ଏବଂ ବହୁତ ଦିନ ପରେ ଆସିଛି । ତେଣୁ ତନ୍ମୟର ମନରେ ଅନେକ ଉତ୍ସାହ । ତନ୍ମୟ ଦେଖିଲା ଜଣେ ମହିଳା ପଦ୍ମଫୁଲ ଆଉ ପତ୍ର ତୋଳିବାକୁ ଲାଗିଥିଲେ, ଏବଂ ନିଜର ବାଉଁଶ ପାଛିଆରେ ତାକୁ ଭରିବାକୁ ଲାଗିଥିଲେ । ତାଙ୍କ ପାଖକୁ ଯାଇ ତନ୍ମୟ ପଚାରିଲା ସେ ଫୁଲ ଆଉ ପତ୍ର କଣ କରିବେ ।

ମହିଳା ଜଣଙ୍କ ତାକୁ କହିଲେ ସେହି ପତ୍ରରେ ସିଏ ଧରିଥିବା ପାଣି ଚିଙ୍ଗୁଡିକୁ ପସରାରେ ରଖିବେ ବିକିବା ଲାଗି ବଜାରରେ ଆଉ ଫୁଲ ସବୁ କୁ ମଧ୍ୟ ବିକିବେ ।

"ଏହି ପୋଖରୀକୁ ଆଉ ଆଜି କାଲି କେହି ଆସୁ ନାହାନ୍ତି ତେଣୁ ଫୁଲ ଆଉ ପତ୍ର ଭରି ରହିଛି ଏବଂ କିଛି ଚିଙ୍ଗୁଡ଼ି ମଧ୍ୟ ମିଳିଲା ମୋତେ । ନ ହେଲେ ଆଜି କାଲି ପେଟ

ISSN NO.
2582-208X

ପାଟଣା ପାଇଁ ବହୁତ କଷ୍ଟ କରିବାକୁ ପଡୁଛି, ଅଧିକାଂଶ ପୋଖରୀ ସବୁ ପୋତା ହୋଇ ସାରିଲାଣି," ମହିଳା ଜଣଙ୍କ ପୁଣି କହିଲେ ।

"ହଁ ବାପା ମଧ୍ୟ କହୁଥିଲେ, ଆମକୁ ଆମର ଆଖ ପାଖରେ ଥିବା ପୋଖରୀ ଗୁଡିକର ଯତ୍ନ ନେବାକୁ ପଡ଼ିବ । ପୋଖରୀ କେବଳ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ, ଏହା ପରିବେଶର ଅନେକ ଉପକାର କରେ," ତନ୍ମୟ କହିଲା ।

"ହଁ, ଆଗରୁ ବହୁତ ପୋଖରୀ ଥିଲା ତେଣୁ ଗାଆଁରେ ପାଣିର ଅସୁବିଧା ନଥିଲା, ଏବେ କିନ୍ତୁ ପୋଖରୀ କମିବାରୁ ଗାଆଁରେ ଖରା ଦିନେ ମଝିରେ ମଝିରେ ପାଣିର ଅସୁବିଧା ଦେଖା ହେଲାଣି । ମୁଁ ଯାଉଛି ମୋର ଡେରି ହେଲାଣି " ମହିଳା ଜଣଙ୍କ କହିଲେ ।

ଟିକିଏ ମଜା କରିବା ଉଦ୍ଦେଶ୍ୟରେ ତନ୍ମୟ କହିଲା, "ଯଦି ଫୁଲ ସବୁ ବିକ୍ରି ନ ହେଲା ତାହା ହେଲେ ?"

"ଏହି ଫୁଲର ପାଖୁଡ଼ାକୁ ଭଜା କରିକି ଖାଇଦେବି," ହସି କି ମହିଳା ଜଣଙ୍କ କହିଲେ ଏବଂ ଚାଲିଗଲେ ।

ତନ୍ମୟ ଭାବିବାକୁ ଲାଗିଲା ମହିଳା ଜଣଙ୍କର କଥାକୁ । ସତରେ କଣ ସେ ପଦ୍ମ ଫୁଲକୁ ଭଜା କରିକି ଖାଇବେ ?

ଏତିକି ବେଳକୁ ତାହାର ସାଙ୍ଗ ସୁଶାନ୍ତ ଆସିଗଲା । ସୁଶାନ୍ତ ପାଠରେ ଯେତିକି ପାରଙ୍ଗମ ଶାଠରେ ଆଉ ସାଧାରଣ ଜ୍ଞାନରେ ସେତିକି ଦକ୍ଷ । ତନ୍ମୟ ସୁଶାନ୍ତକୁ ପଦ୍ମ ଫୁଲ ଭଜା କଥା କହିଲା । ସୁଶାନ୍ତ କହିଲା, "ତୁ ସିନା ଏଠି ଖାଲି ଏହି ଧଳା ଆଉ ଗୋଲାପୀ ରଙ୍ଗର ଫୁଲ ଦେଖୁଛୁ, ପଦ୍ମ ଫୁଲ ଅନେକ ରଙ୍ଗର ହୋଇଥାଏ, ଧଳା, ଗୋଲାପୀ ଆଉ ଲାଲ ସାଧାରଣରେ ଦେଖିବାକୁ ମିଳେ କିନ୍ତୁ ହଳଦିଆ ରଙ୍ଗର ମଧ୍ୟ ହୋଇଥାଏ । ବିଶେଷ କରି ଉତ୍ତର ଆମେରିକାରେ ଏହି ହଳଦିଆ ରଙ୍ଗର ପଦ୍ମ ଫୁଲ ଦେଖା ଯାଏ । ସୌନ୍ଦର୍ଯ୍ୟ କରଣ ପାଇଁ ଅନେକ ପ୍ରକାର ଉନ୍ନତ କିସମର ପଦ୍ମ ଫୁଲ ଉତ୍ପନ କରା ଯାଇଛି । ଦକ୍ଷିଣ ପୂର୍ବ

ISSN NO.
2582-208X

ଏସିଆରେ ଏହାର ତନ୍ତୁ ବସ୍ତ୍ରଶିଳ୍ପରେ ବ୍ୟବହୃତ ହୁଏ ଯାହାର ଚାହିଦା ବହୁତ ଏବଂ ଅଧିକ ମୂଲ୍ୟବାନ ମଧ୍ୟ!

କଅଁଳିଆ ମଞ୍ଜିକୁ ଖିଆ ଯାଇ ପାରେ କଞ୍ଚାରେ  କିମ୍ବା ସିଝେଇ । ଶୁଖିଲା ମଞ୍ଜିରୁ ଅଟା କରିକି ସେଥିରୁ ବିଭିନ୍ନ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇ ପାରେ ।  ଏହା ବ୍ୟତୀତ ଏହାର ଫୁଲର ପାଖୁଡାକୁ ଭଜା ଭାବରେ ମଧ୍ୟ ଖିଆ ଯାଇ ପାରେ  । କିଛି ଲୋକ ଶୁଖିଲା ମଞ୍ଜିକୁ ଜପମାଳାରେ ମଧ୍ୟ ବ୍ୟବହାର କରନ୍ତି ପଦ୍ମନାଡ଼ କୁ ମୃର୍ଣ୍ଣାଳ ଏକ ଲୋକପ୍ରିୟ ପରିବା ଭାବରେ ପରିଚିତ । ପଦ୍ମ ପୋଖରୀଟିଏ ଅନେକ ଜଳଚର ପ୍ରାଣୀଙ୍କୁ ଆଶ୍ରୟ ପ୍ରଦାନ କରିଥାଏ । ପ୍ରାଚୀନ ଯୁଗରୁ ପଦ୍ମଫୁଲକୁ ଔଷଧୀୟ ତତ୍ୱ ରୂପରେ ବ୍ୟବହାର କରା ଯାଇଛି।"



"ଓଃ ତାହା ହେଲେ ତ ପଦ୍ମ ଫୁଲ ପୋଖରୀ ସମସ୍ତଙ୍କ ପାଇଁ ବହୁତ ଲାଭକାରୀ ହେଇ ପାରିବ, ଏହାର ସଂରକ୍ଷଣ ବହୁତ ଆବଶ୍ୟକ, ବାପା ମଧ୍ୟ ଏହି କଥା କହୁଥିଲେ," ତନ୍ମୟ କହିଲା ।

ତାହା ପରେ ଦୁହେଁ ବସି ଗପ ସପ କରିବାକୁ ଲାଗିଲେ ଏବଂ ପଦ୍ମ ପୋଖରୀରେ ପିଲା ଦିନ ଭଳି ଛୋଟ ଛୋଟ ପଥର ଫୋପାଡ଼ି ଭଉଁରୀ ଗଢ଼ିବାକୁ ଲାଗିଲେ !

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଏକ ନଆର୍
# ମଧାହ୍ନ ଭୋଜନ



ନୀଳମାଧବ ସାହୁ

ବୋଲେରୋ ଗାଡ଼ିରେ କଟକରୁ ବାହାରି ସମ୍ବଲପୁର ଅଭିମୁଖେ ପାଞ୍ଚ ଜଣ ସାଙ୍ଗ ବାହାରିପଡିଲେ । ସମୟ ପ୍ରାୟ ଅପରାହ୍ନ ୨ ଟା ବାଜିବାକୁ ଯାଉଥାଏ । ଗାଡିଟି ଅନୁଗୁଳ ସହର ପାର କରିସାରି ରାଜରାସ୍ତାରେ ଆଗକୁ ବଢୁଥାଏ । ସେ ଭିତରୁ ଜଗା ଓ ଟିକୁ ଦୁହେଁ ପ୍ରଥମେ ଜଣାଇଦେଲେ ଯେ ସେମାନଙ୍କୁ ପ୍ରବଳ ଭୋକ ଲାଗିଲାଣି, ଆଗରେ ଯେଉଁଠି ବି ହୋଟେଲ କିମ୍ବା ଢ଼ାବା ଦେଖିବେ ଗାଡି ଅଟକାଇ ପ୍ରଥମେ ମଧ୍ୟାହ୍ନ ଭୋଜନ ସାରିବେ ତା ପରେ ସେମାନଙ୍କ ଯାତ୍ରା ପୁଣି ଆରମ୍ଭ କରିବେ । ଅନ୍ୟ ତିନିଜଣ ବି ଜଗା ଓ ଟିକୁର କଥାକୁ ସମର୍ଥନ ଜଣାଇ କହିଲେ ଆଗରେ ଯେଉଁ ସହର କିମ୍ବା ଗାଁ ଆସିବ ସେଠି ମଧ୍ୟାହ୍ନ ଭୋଜନ କରି ଆଗକୁ ଆଗେଇବା ।

କିଛି ସମୟ ପରେ ଏକ ଛୋଟ ସହର ଆଠମଲ୍ଲିକରେ ଗାଡି ପହଁଚିଲା ଓ ସମସ୍ତେ ମଧ୍ୟାହ୍ନ ଭୋଜନ ପାଇଁ ଓହ୍ଲାଇ କେଉଁ ହୋଟେଲକୁ ଯିବେ ନିଷ୍ପତି କରୁଥାନ୍ତି । ତିନି-ଚାରୋଟି ହୋଟେଲ ପାଖାପାଖି ଥାଏ । ଶେଷରେ ଜଗା ସେହି ଛକରେ ଥିବା ଏକ ପୁରୁଣା ହୋଟେଲଟିକୁ ଯିବା ପାଇଁ ସମସ୍ତଙ୍କୁ କହିଲା ଓ ତା କଥା ମାନି ସବୁ ସେଠାକୁ ହିଁ ଗଲେ । ହୋଟେଲଟି ବାହାରକୁ ଦେଖିବାକୁ ଏତେ ଚକାଚକ ନଥିଲା ଓ ପ୍ରବେଶ ପଥରେ ସାମ୍ନାରେ ହିଁ ଏକ ବଡ ଚୁଲି ଥିଲା ଯେଉଁଥିରେ କି ସେ ସବୁ ଖାଇବା ବନାଉଥିଲା ସମସ୍ତଙ୍କ ସାମ୍ନାରେ। ଜଗା ଓଡିଶାରୁ ହିଁ ଥିଲା ତେଣୁ ଓଡ଼ିଶାର ଖାଦ୍ୟ, ପରମ୍ପରା ଓ ସଂସ୍କୃତି ବିଷୟରେ ଠିକ ରୂପେ ଅବଗତ ଥିଲା, କିନ୍ତୁ ଅନ୍ୟ ଚାରି ଜଣ ସାଙ୍ଗ ଓଡିଶା ବାହାରୁ ଥିଲେ ଓ ଓଡିଶା ବିଷୟରେ ସବୁକିଛି ଧୀରେ ଧୀରେ ଅବଗତ ହେଉଥିଲେ । ଜଗା ମଧ୍ୟ ସମସ୍ତଙ୍କୁ ଓଡିଶାର ଲୋକକଥା ଓ ଖାଦ୍ୟ ବିଷୟରେ କହୁଥାଏ । ଆଜି ଖାଇବା କଣ

ISSN NO.
2582-208X

ହୋଇଛି ଭାଇ, ଜଗା ହୋଟେଲ ବାଲାଙ୍କୁ ପଚାରିଲା । ସେପଟୁ ଉତ୍ତର ଦେଲେ ଥାଳିରେ ପୁରା ଓଡ଼ିଆ ଖାଇବା ଅଛି ଯାହା କହିବେ ତାହା ପରଶିଦେବି । ସେତିକି କଥାବାର୍ତ୍ତା ହେବା ଭିତରେ ସମସ୍ତେ ନିଜନିଜ ସ୍ଥାନ ଗ୍ରହଣ କରିସାରିଥିଲେ । ବିନା ଚାକଚକ୍ୟରେ ଦଶନ୍ଧି ଦଶନ୍ଧି ଧରି ବ୍ୟବସ୍ଥିତ ଥିବା ହୋଟେଲର ପୁରୁଣା ପରମ୍ପରା ସମସ୍ତଙ୍କ ମନରେ ଏକ ନିଆରା ଅନୁଭବ ସୃଷ୍ଟି କରାଇଲା ।

ହୋଟେଲର ଭାଇ ଜଣେ ଧୋତି ପିନ୍ଧିଥିଲେ ଓ ସମସ୍ତଙ୍କ ଟେବୁଲରେ ପଦ୍ମ ପତ୍ର ଆଣି ରଖିଦେଲେ ଓ ସେଥିରେ ପରଷିଦେଲେ ଭାତ ଆଉ ଲୁଣ ଲଙ୍କା ସହ କଞ୍ଚା କାକୁଡି। ସବୁଜ ତକତକ କୋମଳ ପଦ୍ମ ପତ୍ରକୁ ଦେଖି ସମସ୍ତଙ୍କ ମୁହଁରେ ଏକ ମୁରୁକି ହସ ଆସୁଥାଏ । ତାପରେ ଶାଳପତ୍ରର ଗିନାରେ ପରସାଗଲା ଡାଲି, ଦେଶୀ ପରିବାରେ ତିଆରି ଘାଣ୍ଟ ଓ ଟମାଟୋ ଖଟା । ସମସ୍ତେ ଖୁସି ମନରେ ଖାଇବା ଆରମ୍ଭ କଲେ । ଖାଇବା ସହ ପାଞ୍ଚ ସାଙ୍ଗଙ୍କ ମଧ୍ୟରେ ଆଲୋଚନା ମଧ୍ୟ ଆରମ୍ଭ ହୋଇଗଲା ଖାଦ୍ୟ ଓ ଖାଦ୍ୟ ପରଶାକୁ ନେଇ।



ISSN NO.
2582-208X

ପାଞ୍ଚ ସାଙ୍ଗଙ୍କ ମଧ୍ୟରୁ ନକୁଳ ଓ ସମୀର କହୁଥାନ୍ତି ଯେ ଏହିଭଳି ପଦ୍ମ ପତ୍ରରେ ସେମାନେ ଆଗରୁ କେବେ ଖାଇନାହାନ୍ତି । ତାଙ୍କ ପରେ ପରେ ଟିକୁ, ଅମି ବି ସେହି ସମାନ କଥା କହିଲେ । ଶେଷରେ ଜଗା ମତ ରଖିଲା ଯେ ସେ ୩-୪ ଦଶନ୍ଧି ପୂର୍ବେ ଓଡ଼ିଶାର ଗାଁ ଗହଳି ଓ ସହରରେ ଥିବା ଅନେକ ହୋଟେଲରେ ଖାଦ୍ୟ ପରଶିବା ପାଇଁ ପଦ୍ମ ପତ୍ରର ବହୁଳ ବ୍ୟବହାର ହେଉଥିଲା ତା ସହ ଶିଆଳି ଓ ଶାଳ ଖଲିର ବି ଚାହିଦା ଥିଲା । ଘରେ ପୂଜା ପର୍ବରେ କଦଳୀ ପତ୍ରରେ ଖାଦ୍ୟ ପରଶା ଯାଉଥିଲା । କାଳକ୍ରମେ ପଦ୍ମ ପତ୍ରର ବ୍ୟବହାର କମିକମି ଆସିଲା ଓ ଶିଆଳି, ଶାଳ ଖାଲିର ବ୍ୟବହାର ଏବେ ବି ଚାଲୁଅଛି । ସମୀର ପୁଣି ପଦ୍ମ ପତ୍ର ବ୍ୟବହାର କମିବାର କାରଣ ବିଷୟରେ କିଛି କହିବାକୁ ଲାଗିଲା । ଏତେ ସାରା ଲୋକଙ୍କୁ ପରଶିବାକୁ ପର୍ଯ୍ୟାପ୍ତ ପଦ୍ମ ପତ୍ର ବି ଦରକାର ଯାହାରକି ଅଭାବ ଦେଖାଯିବା ବି ସ୍ୱାଭାବିକ । ପୋଖରୀ ଗାଡ଼ିଆର ପାଣି ଦୂଷିତ ହେବା ଓ ପଦ୍ମର ବଂଶ ବିସ୍ତର କମିବା ବି ଏକ କାରଣ ହୋଇପାରେ । ପୂର୍ବରୁ ଗାଁ ଗହଳିରେ ଲୋକମାନେ ପୋଖରୀ ଗାଡ଼ିଆର ପାଣି ବ୍ୟବହାର କରୁଥିଲେ, ତେଣୁ ତାହାକୁ ସଫା ସୁତୁରା ରଖୁଥିଲେ। ବର୍ତ୍ତମାନ ସବୁ ଭୂତଳ ଜଳ ବ୍ୟବହାର କରୁଛନ୍ତି, ପୋଖରୀ ଗାଡ଼ିଆରେ ଅଳିଆ ଆବର୍ଜନା ଆଣି ପକାଉଛନ୍ତି ଫଳରେ ସେଥିରେ ବଂଚୁଥିବା ଉଦ୍ଭିଦ, ଜଳଜ ପ୍ରାଣୀ ଉପରେ ବହୁତ କୁପ୍ରଭାବ ପକାଏ, ସେମାନଙ୍କ ବଂଶବିସ୍ତାର ମଧ୍ୟ ହୁଏ ନାହିଁ । ସମୀରର କଥାକୁ ସମସ୍ତେ ଶୁଣି ଠିକ କହିଲୁ ବୋଲି କହିଲେ ।

ପୁଣି ନକୁଳ କହିବାକୁ ଲାଗିଲା ଯେ ଏବେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ଆବରଣ ଥିବା ଓ ସୋଲ ଥାଳି, ଗିନା, କପ, ଗ୍ଲାସ, ଇତ୍ୟାଦି ପ୍ରାକୃତିକ ପତ୍ରର ଜାଗା ନେଲାଣି, ଯାହାକି ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ଅଟେ । ଲୋକମାନେ ଓ ଦୋକାନୀ ବେଶୀ ଲାଭ ଆଶା ଓ ଶସ୍ତା କାରଣରୁ ସେଗୁଡାକ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେବା ସତ୍ୱେ ବି ତାର କିଣାବିକା ଓ ବ୍ୟବହାର କରୁଛନ୍ତି । ଲୋକମାନଙ୍କ ମଧ୍ୟରେ ସେତିପ୍ରତି ସଚେତନତା ହେବା ଦେଖାଯାଉନାହିଁ ।

ଲୋକମାନଙ୍କୁ ପରିବେଶ ଓ ସ୍ୱାସ୍ଥ୍ୟ ଉପଯୋଗୀ ପତ୍ର ଥାଳି ଓ ଗିନାର ସଚେତନତା କରିବାର ସମୟ ଆସିଯାଇଛି । ଲୋକଙ୍କୁ ପ୍ଲାଷ୍ଟିକ ଓ ସୋଲରେ ତିଆରି ଥାଳି, ଗିନା, କପକୁ ଯଥା ସମ୍ଭବ ବ୍ୟବହାର ନ କରିବାକୁ ବୁଝାଇବାକୁ ହେବ ଏବଂ ଏହାର ପରିବେଶ

ISSN NO.
2582-208X

ଓ ସ୍ୱାସ୍ଥ୍ୟ ପ୍ରତି ପକାଉଥିବା କୁପ୍ରଭାବ ବି ସଚେତନ କରାଇବାକୁ ହେବ। ଆଧୁନିକ ଢାଞ୍ଚାରେ ପୁରାତନ କାଳରୁ ଚାଲି ଆସୁଥିବା ପ୍ରାକୃତିକ ପତ୍ରର ବ୍ୟବହାର କରି ଆବଶ୍ୟକୀୟ ଖାଇବା ସାଜ ବନାଇବା ଦିଗରେ କାମକଲେ ତାହା ଲୋକାଭିମୁଖୀ ହେବା ସହ ଉଭୟ ଲୋକ ଓ ପରିବେଶ ପାଇଁ ଉପକାର ସାବ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ ବୋଲି ଜଗା କହିଲା । ଏହି ସବୁ ବିଷୟ ଆଲୋଚନା କରୁ କରୁ ସେମାନଙ୍କ ମଧ୍ୟାହ୍ନ ଭୋଜନ ସରିଲା ଓ ଶେଷରେ ସମସ୍ତେ ଗୋଟିଏ ଗୋଟିଏ ରସଗୋଲା ଖାଇ ନିଜ ଯାତ୍ରାକୁ ଚାଲୁ ରଖିଲେ ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# ଟିକେ ହସ କଥା



ଅମରନାଥ ବାରିକ

ଜ୍ୱାଇଁ ଗଲେ ବୁଲି ଶଶୁର ଘର
ବାଡ଼ି ପରିବାରୁ ବୁଝାଏ ଧରି
ବାଟରେ କୁକୁର ଭୋକି ଗୋଡ଼ାଇଲେ
ଧୋତି ଖୁଣ୍ଟିକାନି ଗଲା ବାହାରି ।

ପାଣି ଲୋଟା ଲୁଙ୍ଗି ଗାମୁଛା ଆଣି
ଗୋଡ଼ ଧୋଇବାକୁ ଡ଼ାକନ୍ତେ ଶଳା
ପାନଖିଆ ନାଲି ପାଟିକୁ ହଲାଇ
ଭିଣୋଇ ମାଗନ୍ତି ଗୁଡ଼ାଖୁ ଟେଳା ।

ଧାଇଁ ଆଣି ଦେଲା ଝାମ୍ପୁରି ଶାଳୀ
ନୁଖୁରା ବାଳକୁ କୁଣ୍ଡେଇ ହୋଇ
ବତିଶି ଦାନ୍ତକୁ ଦେଖାଇ ହସିଲା
ଆସିଛନ୍ତି ବୋଲି ଭିଣୋଇ ଭାଇ ।

ପୋଇ ଶାଗ ମାଳ ଚିଙ୍ଗୁଡ଼ି ମାଛ
ସୋରିଷ ରସୁଣ ବେସର ଦେଇ
ଶାଶୁ କରିଥିଲେ ସ୍ୱାଦୁ ତରକାରୀ
ହାତ ଚାଟି ତାଙ୍କ ଖାଇଲେ ଜ୍ୱାଇଁ ।

ISSN NO.
2582-208X

ପେଟ ହୋଇଗଲା ଖରାପ ଜ୍ୱାଇଁର
ବାଡ଼ିପଟେ ଲୁଚି ବସିଲେ ଯାଇ
ତିନି ଘଣ୍ଟା କାଳ ନମିଳିବା  ପରେ
ଘରସାରା ଲୋକ ଖୋଜନ୍ତି ଧାଇଁ ।

ସରିନି ଏତିକି ଆହୁରି କଥା
ଶଳା ଶାଳୀ ମିଶି ଏଗାର ଜଣ
ହସରେ ଉଡ଼ିବ ଯିଏବି ଶୁଣିବ
ଶଶୁର ଘରର ହାସ୍ୟ ପୁରାଣ ।

ଫୁଙ୍ଗୁଳା ଲଙ୍ଗଳା ଶଳାର ପୁଅ
ନାକ ସଢସଢ ସିଂଘାଳି ଚାଖେ
କୁଣିଆ ଆସିଲେ ଘରକୁ କେହି
ବଲବଲ କରି ମୁହଁକୁ ଦେଖେ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ISSN NO.
2582-208X

# ଗାଆଁକୁ ଯିବା ବୁଲି



ନୀଳମଣି ଗୁନ୍ଧ

ହୁଉଁକୁ ଭାଇ ହାକୁମ ଭାଇ
ଗାଆଁକୁ  ଯିବା ବୁଲି
ଅଛନ୍ତି ସେଠି କେଲୁ, କାଳିଆ
ନୁଖୁରୀ, ନାଣ୍ଟୁ, ଜୁଲି ।

ଝୁଲୁଥିବରେ ବର ଓହଳ
ଖେଳିବା ଆମେ ଦୋଳି
ବୁଲିବୁଲିକା ଖାଇବା ତୋଳି
ଭଇଁଚ, ବରକୋଳି ।

ଭାରି ବଢିଆ ଡୁବିଗଡିଆ
ପହଁରିବାରେ ଯାଇ
ଦେଖିବା ତୋଟା, କ୍ଷେତ,ଅମାର
ମଇଁଷି, ମେଣ୍ଢା, ଗାଇ ।

ଗାଆଁ ମୁଣ୍ଡରେ ଆଖୁକିଆରି
ଖାଇବା ଆମେ ଆଖୁ
ଦେଖିବା ଗ୍ରାମଦେବତୀଙ୍କୁରେ
ଥାଇ ଗମ୍ଭୀରା ପାଖୁ ।

ISSN NO.
2582-208X

ଖାଇବା କାଞ୍ଜି, ପଖାଳ, ମୁଆଁ
ଶୋଇବା ପାରି ସପ
ଆଈ କହିବେ ରାଜା ମନ୍ତିରୀ
ଭୂତ ଡାଆଣି ଗପ।

ଆମରି କଥା ଶୁଣିକି ବାପା
ଶୁଖେଇ ଦେଲେ ମୁହଁ
କହିଲେ ଆଗ ପରି ସୁନ୍ଦର
ଗାଆଁଟି ଆଜି ନୁହଁ।

କହିଲୁ ଆମେ ଯେତିକି ଅଛି
ଆସିବୁ ଦେଖି ଥରେ
କହିବୁ ଗାଆଁ ପ୍ରକୃତି ଦାନ
ଯହିଁ ସୁଷମା ଝରେ।

ମଣିଷ ସିନା ସହର ଗଢି
ଗାଆଁକୁ ଗଲା ଭୁଲି
ପୁରୁଣା ଦିନ ଗାଆଁର ସ୍ମୃତି
ରହେରେ ମନେ ଝୁଲି।

ଯେତିକି ଅଛି ସେମିତି ଥାଉ
ଆସିବା ଥରେ ଦେଖି
ଖୁସି ମନରେ ଜଣେଇ ଦେବା
ପତ୍ରବନ୍ଧୁଙ୍କୁ ଲେଖି।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ପ୍ରାକୃତିକ ଥର୍ମୋମିଟର



ରାଧାମୋହନ ପୂଜାହାରୀ

ଟିକି ଚଢେଇ ମୁଁ ନାଆଁ ମୋ ଚଟିଆ
ରହିଥାଏ ଘର କୋଣେ,
ସାରା ସଂସାରରେ ପକ୍ଷୀ ଜଗତର
ବିଲୁପ୍ତ ପ୍ରାଣୀ ମୁଁ ଜଣେ । (୧)

କେବେ ଖୋପେ କେବେ କାନ୍ଥ ସନ୍ଧିରେ ମୁଁ
ବସାଟି ମୋ ନିଜ ତୋଳେ,
ପରିବାର ସାଥେ ରହେ ବତୀଖୁଣ୍ଟ
କେବୁଲ୍ ବାକ୍ସର କୋଳେ । (୨)

ଗାଆଁ ହେଉ ଅବା ହେଉ କି ସହର
ସବୁଠି ମୁଁ ରହିଥାଏ,
କେବେ କୋଠାଘର ସ୍କାଇ ଲାଇଟ୍‌ରେ
ଦୁଃଖ ପୁଣି ସହିଥାଏ । (୩)

ଠିକ୍ ସମୟେ ମୁଁ ବସା ବାନ୍ଧୁଥିଲି
ଅଣ୍ଡା ଦେଉଥିଲି ଯେବେ,
ପରିବେଶ ସନ୍ତୁଳିତ ଅଛି ବୋଲି
ଲୋକେ କହୁଥିଲେ ତେବେ । (୪)

ISSN NO.
2582-208X

ଗାଆଁର ପୁରୁଖା ଲୋକେ ଏ ଉକ୍ତିକୁ
ବହୁ ପୂର୍ବେ ମାନୁଥିଲେ,
ଏ ପରିବେଶ ର ଥରମୋମିଟର
ନାମେ ମୋତେ ଜାଣୁଥିଲେ । (୫)

କିନ୍ତୁ କାଳକ୍ରମେ ଲୋପ ପାଇଲୁଣି
ଏ ସଂସାରୁ ଆମେ ଆଜି,
ମଣ୍ଡନ କରିଛୁ ଇତିହାସ ପୃଷ୍ଠା
ବିରଳ ପ୍ରଜାତି ସାଜି । (୬)

କୃଷିକ୍ଷେତ୍ରେ କୀଟନାଶକ ପ୍ରୟୋଗେ
ଖାଦ୍ୟ ଆମ ନଷ୍ଟ ହେଲା,
ପ୍ରାକୃତିକ ଖାଦ୍ୟାଭାବେ ଜୀବନର
ବୁଡ଼ିଲାଣି ଆମ ଭେଳା । (୭)

ଗାଡ଼ି ମଟରର ବିଷାକ୍ତ ଇନ୍ଧନେ
ପ୍ରଦୂଷିତ ହେଲା ବାୟୁ,
ସେ ବିଷାକ୍ତ ବାୟୁ ସଂସ୍ପର୍ଶରେ ଆସି
କ୍ଷୀଣ ହେଲା ଆମ ଆୟୁ । (୮)

ସେ ରସାୟନିକ ବିଷାକ୍ତ ପଦାର୍ଥେ
ଶରୀରର କ୍ଷତି ହେଲା,
କାଳକ୍ରମେ ପ୍ରଜନନ କ୍ଷମତାକୁ
ଆମ ହ୍ରାସ କରିଦେଲା । (୯)

ISSN NO.
2582-208X


ଆଜି ଅତି ଆଧୁନିକ ଶଇଳୀରେ
ହେଉଛି କୋଠା ନିର୍ମାଣ,
ମୋର ସଂରକ୍ଷଣ ପାଇଁ ସେ କୋଠାରେ
ରହୁନାହିଁ ଆଉ ସ୍ଥାନ । (୧୦)

ମୋବାଇଲ୍ ଟାୱାରରୁ ସୃଷ୍ଟ ବିକିରଣେ
ଲୁପତ ହେଉଛୁ ଆମେ,
ସୁରକ୍ଷା ଅଭାବେ ଧରା ସନ୍ତୁଳନେ
ଆଉ ନ ଆସିବୁ କାମେ । (୧୧)

ବିଭାଗୀୟ ବନାଧିକାରୀଗଣ ଏ
ସଂକେତ ଦିଅନ୍ତି ଆଜି,
ଆମ ବିନା ଧରା ତାଣ୍ଡବ ରଚିବ
ଦିନେ ବିଭୀଷିକା ସାଜି । (୧୨)

ଲୁପ୍ତପ୍ରାୟ ଆଜି ଆମରି ଅସ୍ତିତ୍ୱ
ନାନା ଘାତେ ପ୍ରତିଘାତେ,
ସ୍ୱାର୍ଥାନ୍ଧ ମଣିଷ କର ତୁହି ଏବେ
ନିଜ ରକ୍ଷା ନିଜ ହାତେ । (୧୩)

ହିନ୍ଦୀ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହୁଲପାଳ (ତାଳଚେର)

ISSN NO.
2582-208X

# ଲଗାଅ ଗଛ



ବିଜୟ କୁମାର ଛାଟୋଇ

ହେ ସୂରୁଜ ଦେବ !
ଗୁହାରୀ ଘେନ
ଅୟୁତ ଦଣ୍ଡବତ,
ତୁମରି ବିନା
ଜୀବ ଜଗତ
ହେବ କି ଆତଯାତ।।

ସକଳ ଶକ୍ତି
ତୁମରି ଠାରେ
ହୋଇଛି ପରାବୃତ,
ଅବୋଧ ଆମେ
ନ ବୁଝି ପାରି
ଲଭିଛୁ କର୍ମକୃତ ।।

ଗହିର ବିଲ
ମଟାଳ ମାଟି
ଶୁଖିଛି ତାର ଛାତି,

ISSN NO.
2582-208X

କୃଷକ ଭାଇ
ଆଖିରେ ଲୁହ
ଝରଇ ଦିନରାତି ।।

କଥାରେ ଅଛି
କୃଷକ ଭାଇ
ପୋଷଇ ଲକ୍ଷେ ଜୀବ,
ଦୁଇଟି ଋତୁ
କରିଲେ କାମ
ଅମାର ପୂରିଥିବ ।।

ବଣ ପାହାଡ଼
ଝରଣା କୋଳେ
ପଶୁପକ୍ଷୀଏ ଥାଇ,
ବିକଳ ମନେ
ଆହାର ପାଇଁ
ଡାକନ୍ତି ତ୍ରାହି ତ୍ରାହି ।।

ଗଛ ଲତାରେ
ପତର ନାହିଁ
ଲାଗଇ ଖାଆଁଖାଆଁ,
ବାଘ ଓ ସିଂହ
ଭାଲୁ ଓ ସାପ
ବୁଲନ୍ତି ଗାଆଁଗାଆଁ ।।

ସମୁଦ୍ର ନଈ
ନାଳ ତଡ଼ାଗ

ISSN NO.
2582-208X

ଶୁଖିଛି ଠୋଓ ଠୋଓ,
କଇଁ କମଳ
ମାଛ ଧବଳ
କାନ୍ଦନ୍ତି ଭୋଓ ଭୋଓ ।।

ଗୋରୁ ଗାଈଏ
ଛେଳି ମେଣ୍ଢାଏ
ଅକାଳେ ଯାନ୍ତି ମରି,
ସହନଶୀଳା
ଧରତୀ ମାଆ
ଉଠଇ ଆପେ ଥରି ।।

ଗରିବ ଘରେ
ଚୁଲି ଅଜଳା
ଦାନା ଦି ମୁଠା ନାହିଁ,
ଆହେ ସୂରୁଜ
ଦେବତା ତୁମେ
ସାହା ତ ଆମପାଇଁ ।।

କୁପିତ ମନେ
ସୂରୁଜ ଦେବ
କହିଲେ ରାଗିପାଚି,
ଏ ନରାଧମ
ପାଇଁକି ଆଜି
ବିପଦ ମାଡ଼ିଅଛି ।।

ISSN NO.
2582-208X

ସକଳେ ତୁମେ
ଲଗାଅ ଗଛ
   ବଢ଼ାଅ ତାର କାୟା ,
ତେବେ ଜାଣିବ
ବରଷା ବାଆ
      ମିଳିବ ଚାରୁ ଛାୟା  ।।

ସଭିଏଁ ଶୁଣି
କଥାକୁ ମାନି
  ରୋଇଲେ ବର, କସି,
ଅଳପ ଦିନ
ଗଲାରୁ ବିତି
     ଧରଣୀ ଦେଲା ହସି।।

ମହୁର୍, ପୁରୀ

ଜୁଲାଇ - ୨୦୨୨
www.vedantimagazine.com
ISSN NO. 2582-208X

# ବ୍ୟଞ୍ଜନ ବର୍ଣ୍ଣମାଳା



ମୀନାକ୍ଷି ପାଢ଼ୀ

କାଖେ ଧରି ଭରା ପାଣି ମାଠିଆ,
ଖରାଟାରେ କିଆଁ ହୋଇଛୁ ଠିଆ ?
ଗପ ଶୁଣି ଶୁଣି ଆସିବ ନିଦ,
ଘଣ୍ଟ, ଘଣ୍ଟି ଦେଉଳରେ ଶବଦ ।
ଚଟିଆ ଚୁଟକି ଚଅଟ କରି,
ଛପର କରୁଛି ଘର ତାହାରି ।
ଜଳରେ ମାଛ, ଗଛରେ କଇଁଆ,
ଝୁମୁରୁ ଝୁଣ୍ଟିଆ ଗୋଡ଼ରେ ନାଆ ।
ଟମକ ବାଜୁଛି ସାହି ଭିତରେ,
ଠାକୁରାଣୀ ବିଜେ ଉଭା ଯାତରେ ।
ଡାଆଣୀ ଆଲୁଅ ଚଅକମକ,
ଢଗଢ଼ମାଳିଆ କଥାକୁ ଲେଖ ।
ତୋ କଥା ମୋ କଥା କାନରେ କୁହା,
ଥାଉ କେବେ ତା'ର ସାଙ୍ଗେ ନ ଯାଆ ।
ଦେଉଳିଆ ପାରା ଘୁମୁଘୁମୁରୁ,
ଧିନି ଧିନି ନାଚ ନାଇ ଘୁଙ୍ଗୁରୁ ।
ନଈରେ ବହୁଛି ଉଜାଣି ଜଳ,
ପାଠ ପଢ଼ ବସି ଯାଉଛି ବେଳ ।
ଫଳ ପାଚିଲା ହେଲେ ସୁଆଦିଆ,
ବଉ କଥା ମାନି ଇସ୍କୁଲ ଯାଆ ।

ISSN NO.
2582-208X

ଭାନୁ ଉଦେ ଦେଖ ପୂରୁବ ଦିଗେ,
ମାଇଁ ଦେଲେ ପିଠା ବଡ଼ ସରାଗେ।
ଯାନି ଯାତରାରେ କେତେ ପସରା,
ରାତି ହେଲା ଦୀପ ଜାଳିବା ପରା ।
ଶରତ ଆକାଶେ ଚାନ୍ଦ ସୁନ୍ଦର,
ଷଷ୍ଠ ଅଟଇ ପୂରଣ ଛଅର।
ସଜନା ଶାଗର ଗୁଣ ଅପାର,
ହରିଣ ଡିଅଁଇ ବନ ମଝିର।
କ୍ଷଣକେ ପୃଥିବୀ ଆନ ହୁଅଇ,
ଯ୍ଯା'ଙ୍କ ତାଙ୍କ କଥା ସତ ନୁହଁଇ।
ଲାଉ ଲଟେଇଛି ଚାଳ ଉପରେ,
'କ ' ଠାରୁ 'ଳ' ଶିଖିଲ ପିଲେ।

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# କହିଲ ଦେଖି ?



ଦୀନବନ୍ଧୁ ପୋଇ

୧)

ବାଉଁଶକୁ ଡାଳେ ଦେଇ ଝୁଲାଇ
ପଟା ଖଣ୍ଡେ ଦେଲେ ଯୋଡି
ବରଷକେ ଥରେ ଖେଲିବାକୁ ନରେ
ଆନନ୍ଦେ ଲଗାନ୍ତି ଧାଡି
ଖୁସିରେ ଖୁସିରେ କୁଆଁରୀଏ ବସି
ମୋତେ ଦେଇଥାନ୍ତି ବାହି
ଦଳେ ଓହ୍ଲାଇଲେ ଆରେ କ ବସିବେ
ରହିଥାନ୍ତି ମୋତେ ଚାହିଁ
କିଏ ଯଦି ମୋର ନାମ ଜାଣି ଅଛ
ସଭିଙ୍କୁ ଦିଅରେ କହି ?

ଉତ୍ତର_ପଟା ଦୋଳି

୨)

ନାନା ମସଲାରେ ଭରି
ଆଇକରିଦିଏ ତା ହାତେ ତିଆରି
ବାଣ୍ଟୁଥାଏ ସିଏ ଘର ଘର ବୁଲି
ବାନ୍ଧେ ସମ୍ପର୍କର ଡୋରି

ISSN NO.
2582-208X

ବରଷକୁ ଥରେ ଆସିଥାଏ ଇଏ
ଖିଲ ପରି ଦିଶୁଥାଇ
କଳେ ଭରିଦେଇ ଦେଲେ ତା ଚୋବେଇ
ଓଠ ନାଲି ଦିଶୁଥାଇ
କେ ଜାଣିଛ ପିଲେ ଏ ଦରବ ନାମ
ଦିଅ ଆମକୁ ବତାଇ ?

ଉତ୍ତର_ରଜପାନ

୩)

ଚୂନା ସଙ୍ଗେ ଗୁଡ଼ ଗୋଳାଇ ଦେଇ
ଖଣ୍ଡ ନଡ଼ିଆ ପକାଇ
ଯନ୍ତି ଦେଇ ହାଣ୍ଡି ଶାଳେ
ପଲମରେ ଭରି ରଡ଼ ଦେଲେ ଥୋଇ
ପାଗିଯାଏ ବଳେ ବଳେ
ପାଗିଗଲା ପରେ ମାଆ ଖୋଲିଘରେ
ବାଢ଼ି ଥୋଇ ଦିଏ ତଳେ
ରଜ ପରବର ମୁଖ୍ୟ ପିଠା ଇଏ
ନାମ କହି ଦିଅ ପିଲେ ?

ଉତ୍ତର_ପୋଡ଼ପିଠା

ଗୋରଡାପାଳ, କରମୂଳ, ମହିମାଗାଦି
ଢେଙ୍କାନାଳ, ଦୂରଭାଷ -୯୯୩୮୦୨୪୧୨

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



କ୍ଲାସ ଉନ୍ନୟନ, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ– ଜୁନ୍ ସମୀକ୍ଷା

ବେଦାନ୍ତୀ ଏକ ପାଠକ ଉପଲବ୍ଧ ଓଡିଆ ଇ- ପତ୍ରିକା। ଯଦିଓ ବହୁତ ଗୁଡିଏ ଇ-ପତ୍ରିକା ଆମ ଓଡିଆରେ ପ୍ରକାଶିତ ହେଉଚ ତଥାପି ଏହାର ନିୟମିତତା ସବୁଠୁ ନିଆରା। ଠିକ୍ ମାସର ୧ ତାରିଖ, କ୍ୟାଲେଣ୍ଡର ପୃଷ୍ଠା ବଦଳାଇବା ପୂର୍ବରୁ ମୋବାଇଲ୍ ପରଦାରେ 'ବେଦାନ୍ତୀ'ର ନୂତନ ସଂଖ୍ୟା ଉଙ୍କି ମାରେ, ଆଉ ପ୍ରଚ୍ଛଦରେ ପ୍ରକୃତିର ସୌନ୍ଦର୍ଯ୍ୟ ଭଣ୍ଡାରରୁ ସାଉଁଟି ଆଣିଥାଏ ଏକ ମୁଦ୍ରା।

ଏଥର ଜୁନ୍ ସଂଖ୍ୟାରେ ପ୍ରଚ୍ଛଦ ପୃଷ୍ଠାରେ ପ୍ରକାଶିତ ଆଦ୍ୟ ବର୍ଷାରେ ଆର୍ଦ୍ର ପକ୍ଷୀଟି ଆଚମ୍ବିତ ହୋଇ ଧରା ପୃଷ୍ଠକୁ ଦେଖୁଥିବାର ଦୃଶ୍ୟ ବେଶ ମନୋହର।

ପର ପୃଷ୍ଠାରେ ପ୍ରତିଷ୍ଠାତା ଅରବିନ୍ଦ ମିଶ୍ର, ସେ ତାଙ୍କ ଲେଖାରେ ଅଧୁନା ଦେଶ ଓ ବିଶ୍ୱର ପରିସ୍ଥିତିକୁ ନେଇ ଏକ ସୁନ୍ଦର ମତାମତ ଦେଇଛନ୍ତି– "ପ୍ରତି ଦେଶର ସରକାରଙ୍କୁ ତାଙ୍କ ନାଗରିକଙ୍କ ହିତ ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ନିହାତି ଆବଶ୍ୟକ"।

ISSN NO.
2582-208X

ଭିତର ପୃଷ୍ଠାରେ ଗଳ୍ପ ଓ କବିତାର ଅପୂର୍ବ ମେଳା। ମିଳାମିଳ ହେଇ ଏକ ଶହ ଷୋହଳଟି ଗଳ୍ପ, କବିତା ଓ ନାଟକ ସେମାନଙ୍କର ଉପସ୍ଥିତି ଜାହିର କରିଛନ୍ତି।

"ପ୍ରଥମ ଭେଟ" ରେ, ଅନୁପ ଓ ମଧୁସ୍ମିତା ଙ୍କ ର ସଂଯୋଗ ଏକ ମୂଲଗ୍ଭଲରୁ ହେଇଥିଲା ବେଳେ "ପୁନଆ ବାରିକ" ରେ ବାରିକ ମାନଙ୍କ ମ୍ୟାନେଜମେଣ୍ଟ ଜ୍ଞାନ ଖୁବ୍ ସୁନ୍ଦର। ଅଭିମନ୍ୟୁର ସଂଘର୍ଷମୟ ଜୀବନ କାହାଣୀର ଧାରାବାହିକ "ଉଠ୍ ପୁଟୁର୍" ମୋର ସବୁଠୁ ପ୍ରିୟ। ହେଲେ ଦୀର୍ଘଦିନରୁ ପାଓଲି ଆଉ ତାଙ୍କ ଦଳ "ଅସାଧାରଣ ସୁନ୍ଦରବନ" ରେ ବାଘ ସହିତ ସେମାନଙ୍କର ଯେଉଁ ଗଭୀର ଅଭିଜ୍ଞତା ବାଣ୍ଟି ଆସୁଥିଲେ ତାହା ସମାପ୍ତ ହେଇ ଯାଇ ଥିବାରୁ ମନଟା ମୋର ଦୁଃଖ। "ଅକ୍ଷୟ ରହୁ ପୂଣ୍ୟ ଏ ଜଗତେ" ରେ ଗାଳ୍ପିକ ଅକ୍ଷୟ ତୃତୀୟା ର ପାଳନ ସୁନା ଗହଣା କିଣିବାରେ ନୁହେଁ ବରଂ ସ୍ନେହ ସହାନୁଭୂତି ବାଣ୍ଟିବାରେ ରହିଚ ଦର୍ଶାଇଥିବା ବେଳେ "ଦିବସ ମାନଙ୍କର ପ୍ରାଚୁର୍ଯ୍ୟ ଓ ଆମେ" ରେ ଦିବସ ମାନଙ୍କ ପାଳନ ଓ ତାହାର ଗମ୍ଭୀରତା ବିଷୟରେ ଆଲୋଚନା କରାଯାଇଚ।

ସଫଳତାର ସିଢି ଚଢିବାକୁ ହେଲେ ଆମକୁ ଆମ ନଜର ଅସଲି ଲିପି ବା ସ୍ୱରୂପ ନେଇ ଆଗକୁ ବଢିବାକୁ ହେବ। କାହାକୁ କପି କରି ନକଲି ରାସ୍ତାରେ ଆଗକୁ ବଢିବା ସହଜ ସିନା ହେଲେ ଭବିଷ୍ୟତ ଧ୍ୱଂସାତ୍ମକ- ଏହି ଶିକ୍ଷା ଆମକୁ "ଅସଲି ନକଲି" ରେ ମିଳୁଥିବା ବେଳେ ପ୍ରେମ ହେଉଚ ଅଜୟ, ଅବିନଶ୍ୱର, ଜିତେନ୍ଦ୍ରୀୟ ଏହା "ହୃଦୟ ଜୟ ହିଁ ପ୍ରକୃତ ଜୟ" ରେ ପ୍ରମାଣିତ।

ଇତିହାସର ପୃଷ୍ଠାରେ ଅଛନ୍ତି "ଯୁଗେ ଯୁଗେ ନାରୀ" ଓ "ଭାରତରେ ପର୍ତୁଗୀଜ ମାନଙ୍କ ଚାରିଶହ ତେଷଠି ବର୍ଷ"।

ଉତ୍କଳର ଗୌରବକୁ ଟୋଳ ଆଣିଛନ୍ତି "ଓଡିଶାର ନବଜାଗରଣ ବ୍ୟକ୍ତିତ୍ୱ ମଧୁ ବାରିଷ୍ଟର"। ଆମ ରାଜ୍ୟର ବିଭିନ୍ନ ଅଂଚଳର ବୈଶିଷ୍ଟତା, ରାଜା ମହାରାଜାଙ୍କ ଗୁଣ ଗାରିମାକୁ ଉଲ୍ଲେଖ କରିଛନ୍ତି- "ବିଚ୍ଛିନ୍ନାଚଂଳ ସିଂହଭୂମି", "ପଶ୍ଚିମ ଓଡିଶାର ଲୋକକାହାଣୀ", "ବ୍ରଜରାଜ ସିଂହଦେବ"।

ISSN NO.
2582-208X

"ରାମ ରାବଣ ରାମାୟଣ" ନାଟକ ମଂଚରେ ଦରିଦ୍ର ଦଳିତ ଜଟା, ଧନୀ ବଳଶାଳୀ ରାବଣ ରୂପି ରାଣାର ଅତ୍ୟାଚାରରେ ନିଷ୍ପୀଡିତ। ଆହୁରି ବହୁତ୍ କିଛି ଗଳ୍ପ ରହି ଯାଇଛି ଯାହାକୁ ମୁଁ ପଢିପାରିନି।

ଜୁନ୍ ମାସର ଆକାଶରେ ଖୁନ୍ଦାଖୁନ୍ଦି ହେଇ ରହିଥିବା ବାଦଲ ମାନଙ୍କ ଭଳି କବିତା ମାନେ ସବୁ ସେମିତି ଖୁନ୍ଦି ହେଇ ରହିଛନ୍ତି। କିଏ କେତେବେଳେ କୋଉ ପାଠକ ଉପରେ ବର୍ଷିଯିବ କହି ହେବନାହିଁ। ମୋ ଉପରେ ଛିଟା ମାରିଦେଲା "ମୁଁ ବଧୂଲି" ର ମଖମଲି ଦେହ ଆଉ ରଂଗ। ଦୌଡିଗଲି ପିଲାଦିନରେ ଖୁଦୁରୁକୁଣୀ ପୂଜା ଲାଗି କାହା ବାଡିରୁ ଚୋରାଇଥିବା ରଂଗଣୀ ଫୁଲର ସ୍ମୃତି ପଟକୁ।

"ସ୍ମୃତି"– ଏକ ଅଭୁଲା ଅନୁଭୂତି। ସେ ଅନୁଭୂତି କେତେବେଳେ "ଗାଁ ରୁ ସହର" ତ ପୁଣି "ଜୀବନ ଖରା ଛାଇ ଖେଳ"।

"ହେ ପ୍ରିୟତମା" ତୁମ ପରଶର ଅନୁଭୂତି ସବୁଠୁ ମିଠା। "ଆସ ତୁମେ ସାଥୀ", ତୁମ "ପାଦଚିହ୍ନ" ରେ ସଜୀବ ହୋଇ ଉଠୁ "ନିଝୁମ୍ ରାତି" ର "ପାନ୍ଥଶାଳା"। ଅଭୁଲା ସେଇ "ରୂପସୀ ସଂଜ" ର "ମଧୁର ମଂଜୁଳ କ୍ଷଣ"। କେତେବେଳେ ଏକ "ପ୍ରତିଶୃତି" ତ ପୁଣି କେତେବେଳେ ଏକ "କଳୁଷିତ ପ୍ରେମ"।

ଏଥରକ ଏତିକି ଥାଉ ପ୍ରେମ ପ୍ରୀତିର ବରଷା। ଚାଲ ଟିକେ "ସରଗ ସମ ମୋ ଗାଁ" ଆଡେ ବୁଲି ଆସିବା। "ଯେଉଁ ଗାଁ ଟିରେ ଜନମ ମୋର" ସେଇଠି ମରଣ ହେଉ ହେ ମହାବାହୁ!!, କବିତାଟି ମୋତେ କନ୍ଦାଇ ଦେଲା। ହେ ସୃଷ୍ଟି କର୍ତ୍ତା! "ତୁମ ଏ ସୁନ୍ଦର ସର୍ଜନା" ଭରି ଗଲାଣି ବହୁତ ଆବର୍ଜନା– ଖୁବ୍ ଭାବାବେଗ କବିତାଟି ସତରେ। ଉଚ୍ଚକୋଟୀର ଭାଷାରେ ପରିପୂର୍ଣ୍ଣ "କ୍ଷମା" ଓ "ରାଧାମୋହନ ଚଉତିଶା"। ରେ ମନ — "ଭଜ ଶ୍ରୀ ହରି" ଜୟ "ଶ୍ରୀ ରଘୁନନ୍ଦନ ରାମ", ବାକି ରହିଲା କେତେ ବା ଆଉ ଦିନ। "ଜାଗିଉଠ" ବନ୍ଧୁ!!

ISSN NO.
2582-208X

"ସିଗାରେଟ୍ ଧୂଆଁର କୁଣ୍ଡଳୀ" ଭଳ ନ ହରାଇ ନଜର ସତ୍ତା, ମନେପକାଅ ସେଇ "ଉତ୍କଳ ଗୌରବ" ଙ୍କୁ, ଦେଇଥିଲେ ଯିଏ ଏ ଜାତିକୁ ମହାଶିକ୍ଷା, ସ୍ୱାବଲମ୍ବୀ ହୋଇ ଗର୍ବର ସହିତ କୁହ, ମୁଁ ଜଣେ "ସ୍ୱାଭିମାନୀ ଓଡିଆ"। ବାସ୍....ହେଇଗଲା ମୋର କବିତା ପଢା !!

ଏଥରକ ସ୍ୱାସ୍ଥ୍ୟ ବିଭାଗରେ "ଭାରତୀୟ ପରମ୍ପରା ଓ ଆୟୁର୍ବେଦ ଶାସ୍ତ୍ର" ର ଖୁବ୍ ସୁନ୍ଦର ଚର୍ଚ୍ଚା।

ହେଲେ "ଆମ ହାଣ୍ଡିଶାଳ" ର ଏ କ ଦୁର୍ଦଶା ! ଛପନ ପ୍ରକାର ବ୍ୟଂଜନ ପ୍ରସ୍ତୁତ ହେଉଥିବା ହାଣ୍ଡିଶାଳରେ କେବଳ ଦୁଇଟି ପ୍ରସ୍ତୁତି ପ୍ରକ୍ରୟା !

ମନୋରଂଜନ ଭରା "ଆଂଚଳକ" ଓ "ଶିଶୁ ବିଭାଗ" ସହିତ "ଚନ୍ଦ୍ର" ଓ "ଚନ୍ଦ୍ର କଥା କହେ" ଖୁବ୍ ଆକର୍ଷକ। ଏଥରକ କନ୍ତୁ "ଆପଣଙ୍କ ମତାମତ" ବିଭାଗଟିକୁ ମୁଁ ପାଇଲି ନାହିଁ।

ସେ ଯାହା ବି ହେଉ...ଏମିତି ଆମ ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ରହିଥାଉ... "ବେଦାନ୍ତୀ" ଦୀର୍ଘାୟୁ ହେଉ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

ସମ୍ମାନନୀୟ ଅରବିନ୍ଦ ବାବୁ ;

ଶୁଭ ପ୍ରଭାତ । ସଂଯୋଗ ବଶତଃ ଆପଣଙ୍କ ପ୍ରକାଶିତ ମାସିକ ପତ୍ରିକା "ବେଦାନ୍ତ" ର soft copy କୁ ନୟାଗଡ଼ ର ମୋର ଜଣେ ଲେଖକ ବନ୍ଧୁ ଙ୍କ ଠାରୁ whatsappମାଧ୍ୟମରେ ବର୍ତ୍ତମାନ ପାଇଲି । ସମ୍ପୂର୍ଣ୍ଣ ପାଠ କରି ନଥିଲେ ବି ମଧ ପତ୍ରିକାର ବୃହତ କଳେବର ମୋତେ ବହୁତ ଆନନ୍ଦ ଦେଲା ।  ମୋର ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ଅନୁରାଗ ବଶତଃ କେତେକ ଲେଖା ବେଳେବେଳେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥାଏ । UCO Bank ରୁ ଅବସର ପ୍ରାପ୍ତି ପରେ ମୁଁ ଏବେ ଜଗତସିଂହପୁର ରେ ରହୁଛି ।

ଶେଷରେ ଆପଣଙ୍କର ସୁସ୍ଥ ଜୀବନ କାମନା ସହିତ ବେଦାନ୍ତ ର ଉତ୍ତରୋତ୍ତର ପ୍ରଗତି ପାଇଁ କାମନା କରୁଛି ।

ଅଦ୍ୱୈତ କୁମାର ସାମନ୍ତରାୟ
୭୯୭୮୧୩୩୮୦୮

ମନ୍ୟପ୍ରିୟ ଅରବିନ୍ଦ ବାବୁ

ଆନ୍ତରିକତା ଜାଣିବେ। ବ୍ୟସ୍ତତା ଯୋଗୁଁ ମତାମତ ଦେବାରେ ବିଳମ୍ବ ହେଲା। ପତ୍ରିକା ପୂର୍ବବତ୍ ସ୍ୱକୀୟତା ବଜାୟ ରଖିଛି। ଆପଣଙ୍କର ନିରବଚ୍ଛିନ୍ନ ସତତ ଉଦ୍ୟମର ପଟାନ୍ତର ନାହିଁ। ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ନୂଆ/ପ୍ରତିଷ୍ଠିତ, ଯୁବକ/ପ୍ରୌଢ଼ ଓ ମା ମାନଙ୍କୁ ଏକାଠି କରି ସୀମିତ ସମୟ ମଧ୍ୟରେ ସମ୍ପାଦନା/ପ୍ରକାଶନ ଆପଣଙ୍କ ପ୍ରତିବଦ୍ଧତାର ଲେଖାଯୋଖା। ଓଡ଼ିଆ ଭାଷା ସାହିତ୍ୟ ଆପଣଙ୍କୁ ଚିରକାଳ ମନେରଖିବ । ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ସୃଜନୀର କ୍ରମବର୍ଦ୍ଧିଷ୍ଣୁ ବିକାଶ ପାଇଁ ପ୍ରାର୍ଥନା କରୁଛି।

ସଦିଚ୍ଛା ସହ

ବଦ୍ରୀ ମହାନ୍ତ

ISSN NO.
2582-208X

# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୭/୨୦୨୨ | ଶ୍ରୀ ଗୁଣ୍ଡିଚା (ରଥଯାତ୍ରା) |
| ୦୫/୦୭/୨୦୨୨ | ବିପତ୍ତାରିଣୀ ବ୍ରତ ଓ ହେରା ପଞ୍ଚମୀ |
| ୦୭/୦୭/୨୦୨୨ | ପର୍ଶୁରାମାଷ୍ଟମୀ |
| ୦୮/୦୭/୨୦୨୨ | ନବମୀର ସନ୍ଧ୍ୟା ଦର୍ଶନ |
| ୦୯/୦୭/୨୦୨୨ | ବାହୁଡା ଯାତ୍ରା |
| ୧୦/୦୭/୨୦୨୨ | ଶ୍ରୀ ଜୀଉଙ୍କ ରଥ ଉପରେ ସୁନାବେଶ, ରବିନାରାୟଣ ବ୍ରତ, ଇଦୁଜୁହା |
| ୧୧/୦୭/୨୦୨୨ | ଗରୁଡ ଶୟନ |
| ୧୩/୦୭/୨୦୨୨ | ବ୍ୟାସ ପୂର୍ଣ୍ଣିମା |
| ୧୭/୦୭/୨୦୨୨ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି |
| ୧୮/୦୭/୨୦୨୨ | ବୋଲବମ ଆରମ୍ଭ |
| ୨୪/୦୭/୨୦୨୨ | କାମଦା ଏକାଦଶୀ ଉପବାସ |
| ୨୭/୦୭/୨୦୨୨ | ଶିବ ଚତୁର୍ଦ୍ଦଶୀ |
| ୨୮/୦୭/୨୦୨୨ | ଚିତାଲାଗି ଅମାବାସ୍ୟା |
| ୩୦/୦୭/୨୦୨୨ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ISSN NO.
2582-208X

ରୂପ ରସ ଭରା ଏ ଲିଚୁ ପସରା, ମନକୁ ନେଉଛି ମୋହି,
ପ୍ରକୃତି ମାଆର ବିସ୍ମୟ ଦାନ ଏ ନଷ୍ଟ ନଦାଘ ପାଇଁ।
ରାଜ ରାସ୍ତା ପରେ ଲିଚୁର ହାଟ,
ଯେତେ ତାତି ବଢୁ ଦୋକାନୀ ଭାଇଟି ରୁହିଁ ବସିଅଛି ଗରାଖ ବାଟ।
ଏ ଲିଚୁ ପସରା ଦେଖି,
ମନ ଧାଇଁ ଯାଏ ଲିଚୁ କଣିବାକୁ ପକେଟ ପଇସା ନଏ ପରଖି ।

ସୁମିତ୍ରା ପଣ୍ଡା, ଶ୍ରୀବିହାର, ପଟିଆ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**
**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ ।  ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**